## ସଡ଼କ ସୁରକ୍ଷା

ସଡ଼କ ଦୁର୍ଘଟଣାଯୋଗୁଁ ଆମ ଦେଶରେ ପ୍ରତିବର୍ଷ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରୁଛନ୍ତି ଏବଂ ଲକ୍ଷାଧିକ ଲୋକ ଚିରଦିନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି । ସେହିପରି ସଡ଼କ ସୁରକ୍ଷା ବିଷୟରେ ଅଜ୍ଞତାଯୋଗୁଁ ଅନେକ ପିଲା ମଧ୍ୟ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି । ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ କେତେକ ତଥ୍ୟ :

### କଣ କରିବା ଉଚିତ

- ସ୍କୁଲ ବସ୍‌ରେ ଚଢ଼ିବା ବେଳେ, ଧାଡ଼ିରେ ଠିଆ ହୋଇ ଶୃଙ୍ଖଳିତ ଭାବେ ବସ୍‌ରେ ଚଢ଼ ।
- ଚାଲିଚାଲି ଯାଉଥିବାବେଳେ ପାଦଚଲା ରାସ୍ତା (ଫୁଟ୍‌ପାଥ) ଥିଲେ, ଏହା ବ୍ୟବହାର କର ।
- ରାତ୍ରୀ କାଳରେ ସାଇକେଲ ଚଳାଉଥିଲେ, ସାଇକେଲ୍‌ରେ ପ୍ରତିଫଳକ ପଟି ଲାଗିବା ଆବଶ୍ୟକ ।
- ଚାଲିଚାଲି ରାସ୍ତା ପାର ହେଉଥିଲେ, ଜେବ୍ରାକ୍ରସିଂ, ଫୁଟ୍ ଓଭର ବ୍ରିଜ ବ୍ୟବହାର କର ।
- ଜେବ୍ରାକ୍ରସିଂ ଉପଲବ୍ଧ ନ ଥିଲେ, ଯେଉଁ ସ୍ଥାନରୁ ଚାରି ପାର୍ଶ୍ୱ ଠିକ୍ ଭାବେ ଦେଖି ହେବ, ସେହିଠାରେ ପ୍ରଥମେ ବାମ ଦିଗକୁ ତାପରେ ଡାହାଣ ଦିଗକୁ ଦେଖି, କୌଣସି ଯାନ ବାହାନ ଆସୁ ନ ଥିଲେ ରାସ୍ତା ପାର ହୁଅ ।

### କଣ କରିବା ଅନୁଚିତ

- ଚଳନ୍ତା ଯାନରେ ଚଢ଼ ନାହିଁ କିମ୍ବା ଚଳନ୍ତା ଯାନରୁ ଓହ୍ଲାଅ ନାହିଁ ।
- ରାସ୍ତାରେ ସାଙ୍ଗମାନଙ୍କ ସହ ଚାଲିଚାଲି କିମ୍ବା ସାଇକେଲରେ ଯାଉଥିବା ବେଳେ ଗପସପ କରି ସମ୍ପୂର୍ଣ୍ଣ ରାସ୍ତାକୁ ଅକ୍ତିଆର କର ନାହିଁ ।
- କୌଣସି ମୋଡ଼ ଜାଗାରେ ରାସ୍ତା ପାର ହୁଅ ନାହିଁ ।
- ରାସ୍ତା ଉପରେ ଖେଳାଖେଳି କର ନାହିଁ ।
- ରାସ୍ତା ଉପରେ କଦଳୀ ଚୋପା ଆଦି ଖସଡ଼ା ଜିନିଷ ପକାଅ ନାହିଁ ।
- ରାସ୍ତାରେ ଲଗା ଯାଇଥିବା ଲୁହା ବାଡ଼ରେ ଗଳି କିମ୍ବା ଏହା ଉପରେ ଚଢ଼ି ରାସ୍ତା ପାର ହୁଅ ନାହିଁ ।



**ଏତିକି ନିୟମ ପାଳିଲେ ନିତି,**
**ରହିବ ନାହିଁଟି ସଡ଼କ ଭୀତି ।**



Akshara Foundation — CENTRAL SQUARE FOUNDATION — Language and Learning Foundation

# ବିଦ୍ୟାପ୍ରବେଶ
# ଶିକ୍ଷକ ସହାୟକ ପୁସ୍ତିକା

## (ତିନିମାସିଆ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ)



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ବିଦ୍ୟାପ୍ରବେଶ
# ଶିକ୍ଷକ ସହାୟକ ପୁସ୍ତିକା

(ତିନିମାସିଆ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ)

ପରୀକ୍ଷାମୂଳକ ସଂସ୍କରଣ

ପ୍ରଥମ ସଂସ୍କରଣର ପ୍ରସ୍ତୁତି (୨୦୨୨)

ପ୍ରକାଶକ : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ସଂଯୋଜନା : ଶ୍ରୀମତୀ ଚନ୍ଦ୍ରିକା ନାୟକ, ସହ ନିର୍ଦ୍ଦେଶକ

ପ୍ରସ୍ତୁତି : ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର


## ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

ସୁସ୍ଥ ଶରୀରରେ ସୁସ୍ଥମନ,
ବଢ଼ିବ ଏକାଗ୍ରତା ଜାଣ ।

ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ
ଖେଳୁଥାଏ ଯିଏ ଖେଳ,
ସାହସ ଶୃଙ୍ଖଳା ଦଳୀୟ ଭାବନା
ବଢ଼େ ମାନସିକ ବଳ ।

ଖେଳ ମାଧ୍ୟମରେ ପଢ଼ିଲେ ପାଠ,
ଜୀବନ ସଂଗ୍ରାମେ ଫିଟିବ ବାଟ ।

ସରସ ସୁନ୍ଦର ରହିବ ମନ,
କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।

ନିତିଦିନ କ୍ରୀଡ଼ା ଅଭ୍ୟାସ କର,
ଜୀବନ ହୋଇବ ଚିର ସୁନ୍ଦର ।

ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ
ସୁଠାମ ରଖିପାରିଥାଏ ।

# ମୁଖବନ୍ଧ

ପ୍ରାଥମିକ ସ୍ତର ହେଉଛି ପିଲାର ବୃଦ୍ଧି, ସାମଗ୍ରିକ ବିକାଶ ଓ ଶିକ୍ଷଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୌଳିକ ଦକ୍ଷତା ଯଥା: ସ୍ୱାସ୍ଥ୍ୟ, ଭାଷା ସାକ୍ଷରତା, ଗାଣିତିକ ଚିନ୍ତାଧାରା, ପରିବେଶ ପ୍ରତି ସଚେତନତା ଇତ୍ୟାଦିର ବିକାଶ ହେଉଛି ଗୁଣାତ୍ମକ ଶିକ୍ଷାର ମୁଖ୍ୟ ଉପାଦାନ । ସେଥିପାଇଁ ଜାତୀୟ ଶିକ୍ଷାନୀତି - ୨୦୨୦ରେ ପ୍ରାଥମିକ ସ୍ତରରେ ଏହିସବୁ ବିଷୟବସ୍ତୁକୁ ବେଶି ଗୁରୁତ୍ୱ ଦିଆଯାଇଛି । ଯଦି ପିଲାଟିର ଏହିସବୁ ମୌଳିକ ଦକ୍ଷତା ଥିବ ତେବେ ସେ ପରବର୍ତ୍ତୀ ଦକ୍ଷତାଗୁଡ଼ିକୁ ଅତି ଶୀଘ୍ର ହାସଲ କରିବାକୁ ସମର୍ଥ ହୋଇପାରିବ । ପ୍ରଥମରୁ ପିଲାଟିର ବିଦ୍ୟାଳୟ ଜୀବନ ବା ଶ୍ରେଣୀଗୃହ ପରିବେଶ ଅତି ସୁନ୍ଦର, ସହଜ ଓ ଆନନ୍ଦଦାୟୀ ହେବା ଉଚିତ ଯାହା ପରବର୍ତ୍ତୀ ସ୍ତରରେ ତାଙ୍କୁ ବିଦ୍ୟାଳୟ ସହିତ ଖାପଖୁଆଇ ଚଳିବା ପାଇଁ ସାହାଯ୍ୟ କରିବ । ପ୍ରାଥମିକ ସ୍ତରରେ ପଢୁଥିବା ପିଲାମାନେ ବିଭିନ୍ନ ପ୍ରକାରର ଶିକ୍ଷଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାହାଦ୍ୱାରା ସେମାନେ ସର୍ବନିମ୍ନ ଦକ୍ଷତାଗୁଡ଼ିକ ମଧ୍ୟ ହାସଲ କରିପାରୁନାହାନ୍ତି । ଏହାଛଡ଼ା ପ୍ରଥମ ଶ୍ରେଣୀକୁ ଆସିବା ପୂର୍ବରୁ କେତେକ ପିଲାଙ୍କର ଅଙ୍ଗନବାଡ଼ିର ଅଭିଜ୍ଞତା, କେତେକ ପିଲାଙ୍କର ନିଜ ଘରର ଶିକ୍ଷା ଓ ପରିବେଶର ଅଭିଜ୍ଞତା ଥିବାବେଳେ କିଛି ପିଲା ସିଧାସଳଖ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥାନ୍ତି । କୌଣସି ପ୍ରକାରର ପୂର୍ବ ଅଭିଜ୍ଞତା ନଥାଇ ବା ଏହିଭଳି ଭିନ୍ନ ଭିନ୍ନ ଅଭିଜ୍ଞତା ଥିବା ପିଲାମାନଙ୍କୁ ସମାନ ଅଭିଜ୍ଞତା ଦେବା ପାଇଁ ଏକ ଅଭିନବ ପ୍ରୟାସ ହେଉଛି 'ବିଦ୍ୟାପ୍ରବେଶ' । ତେଣୁ ଏହି ପରିପ୍ରେକ୍ଷୀରେ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT) ଗୋଟିଏ ୩ ମାସିଆ ବିଦ୍ୟାଳୟ ପ୍ରସ୍ତୁତି ଖେଳ ଆଧାରିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି ଯାହାର ନାମ ହେଉଛି 'ବିଦ୍ୟାପ୍ରବେଶ' । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଆକୃତି, ଆକାର, ରଙ୍ଗ ଦେବା କାର୍ଯ୍ୟ, କଳାଶିକ୍ଷା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଛି ଯାହାକି ପିଲାମାନଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ, ଆନନ୍ଦଦାୟୀ ଓ ନମନୀୟ ଅଟେ । ଏହି କାର୍ଯ୍ୟକ୍ରମରେ ମଧ୍ୟ ଉତ୍ତମ ବ୍ୟବହାର, ନୀତିଶିକ୍ଷା, ପରୋପକାର, ପରିଷ୍କାର ଓ ପରିଚ୍ଛନ୍ନତା, ସହନଶୀଳତା, ଭାବ ବିନିମୟ ଇତ୍ୟାଦି ଗୁଣର ବିକାଶ ହେବା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଦିଆଯାଇଛି ।

ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ସହାୟକ ଏବଂ ଏହା ମଧ୍ୟ ସେମାନଙ୍କର ବୟସ ଉପଯୋଗୀ ଅନୁଭୂତି ଉପରେ ଆଧାରିତ । ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ 'ନିପୁଣ ଭାରତ ମିଶନ' (NIPUN BHARAT MISSION) ର ଏକ ଅଂଶ ଯାହାକି ପ୍ରଥମ ଶ୍ରେଣୀରେ ପ୍ରବେଶ କରୁଥିବା ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏହା ପ୍ରଥମ ୩ ମାସ ପର୍ଯ୍ୟନ୍ତ, ଦିନକୁ ୪ ଘଣ୍ଟାର ସମୟ ଅବଧି ଭିତରେ ଶିକ୍ଷକମାନଙ୍କ ଦ୍ୱାରା ଶେଷ କରାଯିବ ବୋଲି କୁହାଯାଇଛି । ଏହା ଜାତୀୟ ଶିକ୍ଷା ନୀତି-୨୦୨୦ର ଖେଳ ଆଧାରିତ ପାଠଯୋଜନା ଅନୁସାରେ ପ୍ରସ୍ତୁତ ହୋଇଛି ଏବଂ ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଛି । ପିଲାମାନଙ୍କର ଶିକ୍ଷଣ ପାଇଁ ଗୋଷ୍ଠୀ ଓ ଅଭିଭାବକ ମାନଙ୍କର ଭୂମିକାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

ଆମ ରାଜ୍ୟ ପରିପ୍ରେକ୍ଷୀରେ ଏନ୍.ସି.ଇ.ଆର୍.ଟି (NCERT) ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମକୁ ଦୁଇ ଭାଗରେ ପ୍ରସ୍ତୁତ କରାଯାଇଛି ।

ଭାଗ-୧ : ବିଦ୍ୟାପ୍ରବେଶ - ଶିକ୍ଷକ ସହାୟକ ପୁସ୍ତିକା ଏବଂ

ଭାଗ-୨ : ବିଦ୍ୟାପ୍ରବେଶ କାର୍ଯ୍ୟପୁସ୍ତିକା । ଭାଗ - ୧ ଶିକ୍ଷକମାନଙ୍କ ପାଇଁ ଏବଂ ଭାଗ-୨ ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଶିକ୍ଷକ ସହାୟକ ପୁସ୍ତିକାରେ ତିନୋଟି ବିଭାଗ ରହିଛି ।

ବିଭାଗ- ୧ ରେ ବିଦ୍ୟାପ୍ରବେଶ ସମ୍ପର୍କରେ ସ୍ଥୂଳ ଧାରଣା, ଯୋଜନା ଓ ଶ୍ରେଣୀ ପରିଚାଳନା, ଦୈନିକ କାର୍ଯ୍ୟ, ଶିକ୍ଷାର୍ଥୀମାନଙ୍କର ମାନ ନିର୍ଦ୍ଧାରଣ, ସ୍ୱତନ୍ତ୍ର ବର୍ଗର ପିଲାମାନଙ୍କ ପାଇଁ କାର୍ଯ୍ୟଯୋଜନା, ଅଭିଭାବକ ଓ ଗୋଷ୍ଠୀ ସମ୍ପୃକ୍ତି, ଶିକ୍ଷାଧିକାରୀମାନଙ୍କର ତଦାରଖ ଓ ସହାୟତା ଇତ୍ୟାଦି ରହିଛି । ବିଭାଗ- ୨ରେ ତିନୋଟି ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ଏବଂ ବିଭାଗ- ୩ରେ ସାପ୍ତାହିକ କାର୍ଯ୍ୟ ଦିଆଯାଇଛି ଓ ୧୨ ସପ୍ତାହ ପାଇଁ ଶିକ୍ଷଣକାର୍ଯ୍ୟଗୁଡ଼ିକ ପ୍ରସ୍ତୁତ କରାଯାଇ କ୍ରମରେ ରଖାଯାଇଛି । ଭାଗ- ୨ରେ ଏହା ବ୍ୟତୀତ ଶିକ୍ଷାର୍ଥୀମାନଙ୍କର ଅଭ୍ୟାସ ନିମନ୍ତେ ବିଭିନ୍ନ ପ୍ରକାର ଆକର୍ଷଣୀୟ କାର୍ଯ୍ୟ ପ୍ରସ୍ତୁତ କରାଯାଇଛି ।

ଏହି ପୁସ୍ତିକାଦ୍ୱୟ ପିଲାମାନଙ୍କୁ ଆନନ୍ଦଦାୟୀ ଶିକ୍ଷଣ ଅନୁଭୂତି ପ୍ରଦାନ କରିବାରେ ଶିକ୍ଷକମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ହିସାବରେ ସାହାଯ୍ୟ କରିବ ଯେଉଁଥିରେ ଶିକ୍ଷକମାନେ ସେମାନଙ୍କ ନିଜ ଅଞ୍ଚଳର ଲୋକକଥା, ଖେଳ, ଗପ, ଧନ୍ଦା, ଚିତ୍ର, କବିତା ଇତ୍ୟାଦିକୁ ସ୍ଥାନ ଦେଇପାରିବେ । ଯାହାଦ୍ୱାରା ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ସମସ୍ତ ଶିକ୍ଷାର୍ଥୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର କୌଶଳଗୁଡ଼ିକରେ ନିପୁଣତା ହାସଲ କରିପାରିବେ ।

ଏହି ପୁସ୍ତିକାଦ୍ୱୟ ଶିକ୍ଷକମାନଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଶିକ୍ଷାର୍ଥୀମାନଙ୍କ ତିନି ମାସର ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବା ନିମନ୍ତେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ । ଏହାର ଫଳପ୍ରଦ ବ୍ୟବହାର ଏବଂ ଉନ୍ନତିକରଣ ନିମନ୍ତେ ଆପଣମାନଙ୍କର ମତାମତ ସ୍ୱାଗତଯୋଗ୍ୟ ।

# ସୂଚୀପତ୍ର

## ବିଷୟବସ୍ତୁ


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| | **(ବିଭାଗ - ୧)** | |
| ୧. | ଉପକ୍ରମ | ୧-୫ |
| ୨. | ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମର ଯୋଜନା ଓ ପରିଚାଳନା | ୬-୧୫ |
| ୩. | ଶ୍ରେଣୀ ପରିଚାଳନା | ୧୬-୨୩ |
| ୪. | ଦୈନିକ କାର୍ଯ୍ୟ | ୨୪-୩୨ |
| ୫. | ସାପ୍ତାହିକ ଯୋଜନା ( ୧୨ ସପ୍ତାହ ନିମନ୍ତେ) | ୩୩-୪୪ |
| | **(ବିଭାଗ - ୨)** | |
| ୬. | ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳ | ୪୫-୫୦ |
| | **(ବିଭାଗ - ୩)** | |
| ୭. | ୧୨ ସପ୍ତାହ ପାଇଁ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ | |
| | ବିକାଶାତ୍ମକ ଲକ୍ଷ୍ୟ – ୧ | ୫୨-୧୧୪ |
| | ବିକାଶାତ୍ମକ ଲକ୍ଷ୍ୟ – ୨ | ୧୧୫-୧୭୫ |
| | ବିକାଶାତ୍ମକ ଲକ୍ଷ୍ୟ – ୩ | ୧୭୬-୨୪୫ |
| **ପରିଶିଷ୍ଟ** | | |
| **ମାସିକ ମାନ ନିର୍ଦ୍ଧାରଣ ଫର୍ଦ୍ଦ :-** | | **୨୪୬ - ୨୬୦** |
| | • ପ୍ରଥମ ମାସ | ୨୪୭-୨୫୧ |
| | • ଦ୍ବିତୀୟ ମାସ | ୨୫୨-୨୫୫ |
| | • ତୃତୀୟ ମାସ | ୨୫୬-୨୬୦ |

# ଶିକ୍ଷକଙ୍କ ପାଇଁ ସୂଚନା

ପ୍ରତ୍ୟେକ ପିଲା ନିମନ୍ତେ ପ୍ରାରମ୍ଭିକ ଶିକ୍ଷଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଅଟେ । ପିଲାମାନଙ୍କର ଶିଖିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ ତଥା ବିକାଶୋନ୍ମୁଖୀ କରିବାର ଲକ୍ଷ୍ୟ ରଖି 'ବିଦ୍ୟାପ୍ରବେଶ' କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି । ଏହା ଏକ ଖେଳ ଆଧାରିତ ତ୍ରୟମାସିକ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ । ଏଥି ନିମନ୍ତେ -

- ପରିଶିଷ୍ଟରେ ଦିଆଯାଇଥିବା ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକୁ ପ୍ରଥମେ ବୁଝିବେ ।
- ବିକାଶାତ୍ମକ ଲକ୍ଷ୍ୟ ଆଧାରରେ ଦୈନିକ ଓ ସାପ୍ତାହିକ କାର୍ଯ୍ୟ ନିମନ୍ତେ ଯୋଜନା ପ୍ରସ୍ତୁତ କରିବେ ।
- ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ ତିନି ମାସ ବା ବାର ସପ୍ତାହ ପାଇଁ ବାରଟି ପ୍ରସଙ୍ଗ (Theme) ଆଧାରିତ ନମୁନା କାର୍ଯ୍ୟ ଦିଆଯାଇଛି । ସେଗୁଡ଼ିକୁ ଭଲ ଭାବରେ ବୁଝି ସେହି ଅନୁସାରେ ଶିକ୍ଷଣ କାର୍ଯ୍ୟ / କାର୍ଯ୍ୟଗୁଡ଼ିକୁ ପରିଚାଳନା କରିବେ ।
- ସାଧାରଣତଃ ଆଞ୍ଚଳିକ ଗୀତ, ଗଳ୍ପ, ଖେଳକୁ ଶିକ୍ଷଣ କାର୍ଯ୍ୟରେ ସମନ୍ୱୟ କରାଗଲେ ପିଲାମାନଙ୍କ ଶିକ୍ଷଣ ସୁଦୃଢ଼ ହୋଇଥାଏ । ତେଣୁ ଏହି ଦିଗରେ ଯତ୍ନଶୀଳ ହେବେ ।
- ଦୈନିକ କାର୍ଯ୍ୟସୂଚୀ ଅନୁଯାୟୀ ଆବଶ୍ୟକ ସାମଗ୍ରୀଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ ରଖିବେ । ଏଥିନିମନ୍ତେ ସ୍ଥାନୀୟ ସମ୍ବଳ ଓ ବିନା ମୂଲ୍ୟ ବା ସ୍ୱଳ୍ପ ମୂଲ୍ୟର ସାମଗ୍ରୀ ବ୍ୟବହାର କରିପାରିବେ ।
- କୋମଳମତି ପିଲାମାନଙ୍କ ମନସ୍ତତ୍ତ୍ୱ, ପରିବେଶ ଓ ଘରର ଭାଷାକୁ ଗୁରୁତ୍ୱ ଦେଇ ଦୈନିକ ଶିକ୍ଷଣ କାର୍ଯ୍ୟକୁ ପରିଚାଳନା କରିବେ ଓ ସମୟାନ୍ତରରେ ସେମାନଙ୍କ ଅଭିଭାବକମାନଙ୍କ ସହ ଆଲୋଚନା କରିବେ ।
- ଦିବ୍ୟାଙ୍ଗ ପିଲାମାନଙ୍କୁ ଅନୁକୂଳ ପରିବେଶ ଓ ଶିକ୍ଷଣ କାର୍ଯ୍ୟ ଯୋଗାଇଦେବେ ।
- ପଞ୍ଚଟି କାର୍ଯ୍ୟ ଦିବସ ପାଇଁ ଉଦ୍ଦିଷ୍ଟ ଶିକ୍ଷଣ କାର୍ଯ୍ୟ ଓ ଷଷ୍ଠ କାର୍ଯ୍ୟ ଦିବସର ପୁନରାଲୋଚନା କରିବା ସମୟରେ ଅନୌପଚାରିକ ଢଙ୍ଗରେ ପ୍ରତ୍ୟେକ ପିଲାର ଶିକ୍ଷଣ ସ୍ଥିତିର ମାନ ନିର୍ଦ୍ଧାରଣ କରିବେ ।
- ପିଲାମାନଙ୍କର ଅଭ୍ୟାସ ପାଇଁ ପ୍ରତ୍ୟେକ ପିଲାଙ୍କୁ କାର୍ଯ୍ୟପୁସ୍ତିକା ଦିଆଯାଇଛି । ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଆଧାରରେ ଥିବା ଶିକ୍ଷଣକାର୍ଯ୍ୟ କରିସାରିବା ପରେ ପିଲାମାନଙ୍କୁ କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ ଶ୍ରେଣୀରେ ପୂରଣ କରିବା ପାଇଁ ଦେବେ । କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ ବ୍ୟତୀତ ଆବଶ୍ୟକ ଅନୁଯାୟୀ ଅନ୍ୟ କାର୍ଯ୍ୟଫର୍ଦ୍ଦ ମଧ୍ୟ ପିଲାଙ୍କୁ ଯୋଗାଇ ଦେଇପାରିବେ ।
- ପ୍ରତ୍ୟେକ ମାସର ସମାପ୍ତି ପରେ ଔପଚାରିକ ରୂପେ ପ୍ରତ୍ୟେକ ପିଲାର ଶିକ୍ଷଣ ସ୍ଥିତିର ମାନ ନିର୍ଦ୍ଧାରଣ କରିବେ ଓ ଏହା ସମ୍ପର୍କରେ ଅଭିଭାବକମାନଙ୍କ ସହ ଆଲୋଚନା କରିବେ ।

ଜାତୀୟ ଶିକ୍ଷାନୀତି - ୨୦୨୦ରେ ପିଲାମାନଙ୍କର ମୌଳିକ ଭାଷାର ବିକାଶ ପଠନ, ଲିଖନ ଓ ଗଣନର ମୂଳଦୁଆକୁ ଏକ ରାଷ୍ଟ୍ରୀୟ ମିଶନରୂପେ ଗ୍ରହଣ କରାଯାଇଛି । ତେଣୁ ପିଲାମାନଙ୍କର ଶିକ୍ଷଣକୁ ପ୍ରାସଙ୍ଗିକ ତଥା ଅର୍ଥପୂର୍ଣ୍ଣ କରିବା ନିମନ୍ତେ ସମସ୍ତେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ।

# ବିଭାଗ - ୧

# ଉପକ୍ରମ

ବିଦ୍ୟାପ୍ରବେଶ - ମାର୍ଗଦର୍ଶିକା ଏକ ତିନି ମାସିଆ ଖେଳ ଆଧାରିତ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଅଟେ । ଏହି କାର୍ଯ୍ୟକ୍ରମ ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ ଜାତୀୟ ଶିକ୍ଷାନୀତି- ୨୦୨୦ (NEP-2020)ର ଅନୁମୋଦନ କ୍ରମେ ପ୍ରସ୍ତୁତ କରାଯାଇଛି । କୋଭିଡ ମହାମାରୀ ଯୋଗୁଁ ଆମ ପିଲାମାନଙ୍କ ପାଠପଢ଼ା ବିଗତ ଦୁଇଟି ଶିକ୍ଷାବର୍ଷରେ ପ୍ରଭାବିତ ହୋଇଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀକୁ ଆସୁଥିବା ପିଲାମାନଙ୍କୁ ଠିକ୍ ଭାବରେ ବିଦ୍ୟାଳୟ ପାଠ ସହ ଯୋଡ଼ିବା ଓ ସେମାନଙ୍କପାଇଁ ଏକ ସ୍ୱାଗତଯୋଗ୍ୟ ବାତାବରଣ ତିଆରି କରିବା ପାଇଁ ବିଦ୍ୟାପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକାରେ ଗୁରୁତ୍ୱ ଦିଆଯାଇଛି । ଏଥିରେ ପିଲାଙ୍କ ପାଇଁ ଏକ ଆନନ୍ଦମୟ, ସୁରକ୍ଷିତ ଓ ଆବେଗିକ ନିରାପତ୍ତା ଶିକ୍ଷଣ ପରିବେଶ ସୃଷ୍ଟି କରିବା ଉପରେ ଦୃଷ୍ଟି ଦିଆଯାଇଛି । ତତ୍‌ସହିତ ପିଲାଟି ଘରେ ଓ ବିଦ୍ୟାଳୟରେ କିପରି ଭାବରେ ଅଧିକରୁ ଅଧିକ ସହଯୋଗ ପାଇପାରିବ ସେ ଉପରେ ଜୋର ଦିଆଯାଇଛି । ଚାପମୁକ୍ତ ରହି ଆନନ୍ଦମୟ ପରିବେଶ ଭିତରେ ପିଲାଟି ଯେପରି ଶିଖିପାରିବ ଓ ତା'ର ଶିକ୍ଷଣ ଆବଶ୍ୟକତା ପୂରଣ କରିହେବ ସେ ଉପରେ ନଜର ଦିଆଯାଇଛି । ଏହି ପୁସ୍ତିକାରେ ଦିବ୍ୟାଙ୍ଗ ପିଲାଙ୍କ ଉପରେ ଗୁରୁତ୍ୱ ଦେବା ସହ ଶ୍ରେଣୀରେ ପିଲାଟିର ମାତୃଭାଷା ଓ ସାଙ୍କେତିକ ଭାଷା (sign language)ବ୍ୟବହାର ଉପରେ ଜୋର ଦିଆଯାଇଛି ।

ତିନିମାସ ଅର୍ଥାତ୍ ୧୨ ସପ୍ତାହର ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କର ଗୁଣାତ୍ମକ ଶିକ୍ଷା, ଯତ୍ନ ଓ ବିକାଶ କଥା କୁହାଯାଇଛି ଯାହାଦ୍ୱାରା ୨୦୩୦ ମସିହା ସୁଦ୍ଧା ପ୍ରଥମ ଶ୍ରେଣୀକୁ ଆସୁଥିବା ସମସ୍ତ ପିଲାଙ୍କର ବିଦ୍ୟାଳୟ ପ୍ରସ୍ତୁତିକୁ ନିଶ୍ଚିତ କରିହେବ । ବିଦ୍ୟାପ୍ରବେଶ ନିପୁଣ ଭାରତ ତଥା ଜାତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ । ବିଦ୍ୟାପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକାରେ ବାଲବାଟିକାର ବିକାଶାତ୍ମକ ଲକ୍ଷ୍ୟ ଅନ୍ତର୍ଭୁକ୍ତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ଉପରେ ଗୁରୁତ୍ୱ ଦିଆଯାଇଛି ।

ମୌଳିକ ସ୍ତର
୬ ବର୍ଷ (୩-୯ବର୍ଷ)

| ପ୍ରାକ୍ ବିଦ୍ୟାଳୟ ୧ (୩-୪ ବର୍ଷ) | ପ୍ରାକ୍ ବିଦ୍ୟାଳୟ ୨ (୪-୫ ବର୍ଷ) | ପ୍ରାକ୍ ବିଦ୍ୟାଳୟ ୩ ବାଲବାଟିକା (୫-୬ ବର୍ଷ) | ଶ୍ରେଣୀ - ୧ (୬-୭ ବର୍ଷ) | ଶ୍ରେଣୀ - ୨ (୭-୮ ବର୍ଷ) | ଶ୍ରେଣୀ - ୩ (୮-୯ ବର୍ଷ) |
|---|---|---|---|---|---|

ପ୍ରଥମ ଶ୍ରେଣୀ ପିଲାଙ୍କ ତ୍ରୟମାସିକ ଖେଳ ଆଧାରିତ କାର୍ଯ୍ୟକ୍ରମ

ଭଲ ଭାବରେ ବୁଝି କରି ପଢ଼ିବା ଓ ଉତ୍ତର ଦେଇପାରିବା, ବୁଝିବା ସହ ଲେଖିପାରିବା ପାଇଁ ପିଲାମାନଙ୍କୁ ସକ୍ଷମ କରିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନର ମୂଳ ଲକ୍ଷ୍ୟ ଅଟେ । ତାହା ସହିତ ସଂଖ୍ୟାଜ୍ଞାନ, ମାପ, ଆକାର ଆଦିର ତାତ୍ତ୍ୱିକ ଧାରଣାକୁ ବୁଝିବା ଓ ନିଜେ ସମସ୍ୟାର ସମାଧାନ କରିବା ପାଇଁ ପିଲାଟିକୁ ସକ୍ଷମ କରିବାକୁ ମଧ୍ୟ ଏହି ମିଶନର ଲକ୍ଷ୍ୟ ସହ ସାମିଲ କରାଯାଇଛି । ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ଦେଶର ସବୁପିଲା ଭାଷା ଓ ସଂଖ୍ୟାଜ୍ଞାନର ମୌଳିକ ଦକ୍ଷତାଗୁଡ଼ିକ ହାସଲ କରିବାକୁ ନିଶ୍ଚିତ କରାଇବା ଏହି ମିଶନର ପ୍ରମୁଖ ଉଦ୍ଦେଶ୍ୟ ଅଟେ ।


ପିଲାମାନଙ୍କର ଭିନ୍ନଭିନ୍ନ ଶିକ୍ଷଣ ଅନୁଭୂତି ଯଥା – ଖେଳ, ଆଲୋଚନା ଓ କାର୍ଯ୍ୟପୁସ୍ତିକାର ବ୍ୟବହାର ପାଇଁ ଏହି ପୁସ୍ତିକାରେ ସୂଚନା ଦିଆଯାଇଛି । ଜାତୀୟ ଶିକ୍ଷାନୀତି – ୨୦୨୦ର ପରାମର୍ଶ ଅନୁଯାୟୀ ପ୍ରଥମ ଶ୍ରେଣୀର ବାର୍ଷିକ ପାଠ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ୩ ମାସ ୧୨ ସପ୍ତାହର ଖେଳ ଆଧାରିତ ଶ୍ରେଣୀକାର୍ଯ୍ୟ ପାଇଁ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମରେ ଉଲ୍ଲେଖ ରହିଛି । ଆମକୁ ଧ୍ୟାନ ରଖିବାକୁ ହେବ ଯେ, ବିଦ୍ୟାପ୍ରବେଶ କାର୍ଯ୍ୟପୁସ୍ତିକାରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ ପ୍ରଥମ ଶ୍ରେଣୀ ପାଇଁ କେବଳ ସୀମିତ ନୁହେଁ । ଆଗକୁ ମଧ୍ୟ ଏହି ପୁସ୍ତିକାର ଶିକ୍ଷଣ କାର୍ଯ୍ୟଗୁଡ଼ିକ ବିଦ୍ୟାଳୟ ଆସିବା ପାଇଁ ପ୍ରସ୍ତୁତ ହେଉଥିବା ପିଲାଙ୍କ ପାଇଁ ବ୍ୟବହାର କରି ଆମେ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିବା ।

ଯଦି ଆମେ ଦେଖିବା, ବର୍ତ୍ତମାନ ଭାରତରେ ଅଧିକ ସଂଖ୍ୟକ ପିଲା ଶିକ୍ଷଣ ସଙ୍କଟ ଦେଇ ଗତି କରୁଛନ୍ତି । ଆକଳନ ଅନୁଯାୟୀ ୫ କୋଟିରୁ ଅଧିକ ପିଲା ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ଯଥା – ବୁଝିକରି ପଢ଼ିବା, ମିଶାଣ ଓ ଫେଡ଼ାଣ କରିବାର ଦକ୍ଷତା ଠିକ୍ ଭାବେ ହାସଲ କରିପାରିନାହାନ୍ତି । ଆମ ଦେଶରେ କିଛି ପିଲା ସିଧା ପ୍ରଥମ ଶ୍ରେଣୀରେ ନାମ ଲେଖାନ୍ତି, ଆଉ କିଛି ଅଙ୍ଗନବାଡ଼ି ଓ ବେସରକାରୀ ପ୍ରାକ ବିଦ୍ୟାଳୟରୁ (Pre-school) ଆସିଥାନ୍ତି । ତେଣୁ ଅଧିକାଂଶ କ୍ଷେତ୍ରରେ ପିଲାମାନେ ଗୁଣାତ୍ମକ ଓ ଉପଯୁକ୍ତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇନଥାନ୍ତି । ଫଳସ୍ୱରୂପ ପିଲାମାନେ ପର୍ଯ୍ୟାପ୍ତ ଧାରଣା ଏବଂ ଭାଷାଗତ ପ୍ରାକ୍ ଦକ୍ଷତା ନଥାଇ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମ ପାଇଁ ପ୍ରଥମ ଶ୍ରେଣୀରେ ପ୍ରବେଶ କରିଥାନ୍ତି ।

ଗବେଷଣାର ତଥ୍ୟ ଅନୁଯାୟୀ ଯେଉଁ ପିଲାମାନେ ୫ ରୁ ୬ ବର୍ଷ ବୟସରେ ସିଧାସଳଖ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି ସେମାନଙ୍କ ପାଖରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତାଗୁଡ଼ିକ ହାସଲ କରିବା ପାଇଁ ଭାଷା ଓ ବୌଦ୍ଧିକ କୌଶଳର ସୀମିତ ଧାରଣା ରହିଥାଏ । ଏହି ଶିକ୍ଷଣ ବ୍ୟବଧାନ ପିଲାଟିର ଭବିଷ୍ୟତରେ ଶିଖିବା ଓ ଉଚ୍ଚତର ଦକ୍ଷତା ହାସଲ କରିବାରେ ପ୍ରଭାବ ପକାଇଥାଏ । ତେଣୁ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରଥମ ଶ୍ରେଣୀର ପାଠ୍ୟକ୍ରମ ପାଇଁ ପିଲାଟିକୁ ପ୍ରସ୍ତୁତ କରିବାକୁ ନିଶ୍ଚିତ କରିବା ପାଇଁ ମିଶନ ଢଙ୍ଗରେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ଦକ୍ଷତା ହାସଲ କରିବାରେ ଶିକ୍ଷଣ ଅଭିଜ୍ଞତାକୁ ଆଧାର କରି ଶିକ୍ଷଣ କାର୍ଯ୍ୟର ଢାଞ୍ଚା ପ୍ରସ୍ତୁତ ହେବା ଆବଶ୍ୟକ, ଯାହାକି ପ୍ରାଥମିକ ଶ୍ରେଣୀରେ ଶିଖିବା ପାଇଁ ଏକ ଦୃଢ଼ ମୂଳଦୁଆ ତିଆରି କରିବାକୁ ସକ୍ଷମ ହେବ । ଅନ୍ୟକୁ ସାହାଯ୍ୟ କରିବା, ଅଂଶୀଦାର ହେବା, ଅନ୍ୟ ସହିତ ମିଶିପାରିବା, ବିଦ୍ୟାଳୟ କାର୍ଯ୍ୟସୂଚୀକୁ ଅନୁସରଣ କରିବା, ନୂଆ ପରିବେଶରେ ଖାପଖୁଆଇ ଚଳିବା ଓ ଶ୍ରେଣୀକାର୍ଯ୍ୟରେ ଅଧିକ ଏକାଗ୍ରତା ରଖିବା ଭଳି ଦକ୍ଷତାଗୁଡ଼ିକ ବିକଶିତ କରିବା ପାଇଁ ବିଦ୍ୟାପ୍ରବେଶର କାର୍ଯ୍ୟଗୁଡ଼ିକରେ ସୁଯୋଗ ଦେବା ଦରକାର । ଯଦି ଥରେ ପିଲାଟି ବିଷୟ ଉପରେ ସ୍ୱତଃପ୍ରବୃତ୍ତ ଭାବରେ ଧ୍ୟାନ ଦେବା ଶିଖିଯାଏ ତେବେ ତା'ର ଶିଖିବା ଅଧିକ ଫଳପ୍ରଦ ହୁଏ । ପିଲାଟିକୁ ପରୀକ୍ଷଣ, ଅନୁସନ୍ଧାନ, ସମସ୍ୟା ସମାଧାନ, ଜଟିଳ ଚିନ୍ତନ, ସାଂସ୍କୃତିକ ବିବିଧତା, ନୈତିକ ମୂଲ୍ୟବୋଧ ଓ ଅନ୍ୟମାନଙ୍କ ସହିତ ପାରସ୍ପରିକ ସମ୍ପର୍କକୁ ସମୃଦ୍ଧ କରିବା ପାଇଁ ମଧ୍ୟ ସୁଯୋଗ ଦିଆଯିବା ଉଚିତ । ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଜରିଆରେ ପିଲାଟିର ସୂକ୍ଷ୍ମ ମାଂସପେଶୀର ବିକାଶ ସହ ସେମାନଙ୍କ ଶାରୀରିକ ସ୍ଫୂର୍ତ୍ତି, ମାନସିକ ସୁସ୍ଥତା, ବୁଦ୍ଧିର ବିକାଶ ଓ ଆବେଗିକ ସନ୍ତୁଳନ ବଜାୟ ରଖିବା ପାଇଁ ନିୟମିତ ଯୋଗ, ନୃତ୍ୟ, ବ୍ୟାୟାମ ଏବଂ ଖେଳ ଆଦି ବିଦ୍ୟାଳୟରେ ହେବା ଆବଶ୍ୟକ । ପିଲାଟିର ଆତ୍ମବିଶ୍ୱାସ ବଢ଼ାଇବା ଓ ପ୍ରେରଣା ଦେବା ଦ୍ୱାରା ପ୍ରାରମ୍ଭିକ ସ୍ତରରେ ପିଲାଟି ଅଧିକ ଶିଖିବା ପାଇଁ ସୁଯୋଗ ପାଇଥାଏ । ଶିକ୍ଷକଙ୍କ ପ୍ରେରଣା ପ୍ରାଥମିକ ସ୍ତରରେ ଅଧାରୁ ପିଲାଙ୍କ ପାଠ ଛାଡ଼ିବା ଓ ବିଦ୍ୟାଳୟରେ ପିଲାଙ୍କ ଅନୁପସ୍ଥିତି କମାଇବାରେ ସାହାଯ୍ୟ କରେ । ସେବାର ଗୁରୁତ୍ୱ ବୁଝିବା ଓ ଦାୟିତ୍ୱବୋଧ ଭବିଷ୍ୟତରେ ପିଲାମାନଙ୍କୁ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ ।

ବିଦ୍ୟାପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକାରେ ଦୈନିକ ଶିକ୍ଷଣ ଯୋଜନା ପ୍ରସ୍ତୁତି, ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଇବା, ପିଲାମାନଙ୍କର ଶୈକ୍ଷିକ ପ୍ରଗତିକୁ ମାପିବା, ପିଲାଙ୍କ ଶିକ୍ଷଣ କାର୍ଯ୍ୟରେ ଅଭିଭାବକ ଓ ଗୋଷ୍ଠୀକୁ ଯୋଡ଼ିବା, ସାପ୍ତାହିକ ଯୋଜନା ପ୍ରସ୍ତୁତି ସହ ଶିକ୍ଷକ ଓ ଅଭିଭାବକଙ୍କୁ ଦୈନିକ କାର୍ଯ୍ୟରେ ଯୋଡ଼ିବା ଭଳି କାର୍ଯ୍ୟଗୁଡ଼ିକ ସାମିଲ ଅଛି । ପିଲା, ବିଦ୍ୟାଳୟ, ଏବଂ ପରିବାର ମଧ୍ୟରେ ଉତ୍ତମ ଯୋଗାଯୋଗ ସ୍ଥାପନ କରି ଘରଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ପିଲାମାନଙ୍କର ସୁଗମ ପରିବର୍ତ୍ତନକୁ ସୁନିଶ୍ଚିତ କରିବା ପାଇଁ ଧ୍ୟାନ ରଖିବା ଉଚିତ ।



# ଶିକ୍ଷାର୍ଥୀମାନଙ୍କର ବିକାଶ ଓ ଶିକ୍ଷଣ ପାଇଁ ମୂଳଦୁଆକୁ ଦୃଢ଼ୀକରଣ କରିବା ।

ନିପୁଣ ଭାରତ ମାର୍ଗଦର୍ଶିକାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନରେ ୩ ରୁ ୯ ବର୍ଷ ବୟସର ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ଥିବା ଦକ୍ଷତାଗୁଡ଼ିକୁ ବିକାଶାତ୍ମକ ଲକ୍ଷ୍ୟରେ ସୂଚିତ କରାଯାଇଛି । ତିନି ବର୍ଷର ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସହିତ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ଥିବା ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ପ୍ରଗତି କ୍ରମରେ ରଖାଯାଇଛି । କାର୍ଯ୍ୟଫର୍ଦ୍ଦ, ଶିକ୍ଷଣ ଯୋଜନା ପ୍ରସ୍ତୁତ କଲାବେଳେ ଶିକ୍ଷକ ବିକାଶାତ୍ମକ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ଆଦିକୁ ନଜରରେ ରଖିବା ଉଚିତ ।

ବିକାଶାତ୍ମକ ଲକ୍ଷ୍ୟ ( The Developmental Goals)

ବିକାଶାତ୍ମକ ଲକ୍ଷ୍ୟ - ୧ : ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବେ ।

- ପିଲାଟି ପାଇଁ ଶାରୀରିକ, ମାଂସପେଶୀୟ, ସାମାଜିକ ଓ ଆବେଗିକ ବିକାଶ ସହ ନିରାପଦ ପରିବେଶ, ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ପରିମଳର ବ୍ୟବସ୍ଥା କରିବା ଦରକାର ।

ବିକାଶାତ୍ମକ ଲକ୍ଷ୍ୟ - ୨ : ପିଲାମାନେ ସଫଳ ଯୋଗାଯୋଗକାରୀ / ଭାବ ବିନିମୟକାରୀ ହେବେ

- ପିଲାର ଭାଷା ଓ ସାକ୍ଷରତାର ମୂଳଦୁଆ ଗଢ଼ିବା ।

ବିକାଶାତ୍ମକ ଲକ୍ଷ୍ୟ - ୩ : ପିଲାମାନେ ସକ୍ରିୟ ଶିକ୍ଷାର୍ଥୀ ହେବେ ତଥା ସେମାନଙ୍କର ନିକଟ ପରିବେଶ ସହ ଜଡ଼ିତ ହେବେ ।

- ସଂଖ୍ୟାଜ୍ଞାନର ମୂଳଦୁଆ ନିର୍ମାଣ କରିବା ଓ ପିଲାଟିକୁ ସିଧାସଳଖ ଶାରୀରିକ, ସାମାଜିକ ଓ ପ୍ରାକୃତିକ ପରିବେଶ ସହ ଯୋଡ଼ିବା ।

ଏହି ବିକାଶାତ୍ମକ ଲକ୍ଷ୍ୟଗୁଡ଼ିକ ପରସ୍ପର ସହ ସମ୍ପର୍କିତ । ପିଲାଟିର ସାମଗ୍ରିକ ଯଥା: ବୌଦ୍ଧିକ, ଶାରୀରିକ, ସାମାଜିକ, ଆବେଗିକ, ଭାଷା ଓ ସୃଜନାତ୍ମକ ବିକାଶ ପାଇଁ ଏହି ବିକାଶମୂଳକ ଲକ୍ଷ୍ୟର ମୁଖ୍ୟ ଭୂମିକା ରହିଛି । ପିଲାମାନଙ୍କ ପାଇଁ ଶିଖିବାର ସୁଯୋଗ ଓ ନୂତନ ଶିକ୍ଷଣ ଯୋଜନା ପ୍ରସ୍ତୁତ ପାଇଁ ଶିକ୍ଷକ ଏହି ତିନୋଟି ବିକାଶାତ୍ମକ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଦରକାର ।




(ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ଦକ୍ଷତାସମୂହ)

## କାର୍ଯ୍ୟକ୍ରମର ଅବଧି -

ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ପିଲାଙ୍କ ପାଇଁ ତିନି ମାସ ଅର୍ଥାତ ୧ ୨ ସପ୍ତାହ ପାଇଁ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଶିକ୍ଷାବର୍ଷ ଆରମ୍ଭରୁ ପ୍ରଥମ ତିନିମାସ ପିଲାଙ୍କ ପାଇଁ ପ୍ରତି ସପ୍ତାହରେ ପାଞ୍ଚ ଦିନ ଓ ଦୈନିକ ୪ ଘଣ୍ଟା ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ କରାଯିବ । ଆବଶ୍ୟକତାକୁ ଦେଖି ଦୈନିକ ୪ ଘଣ୍ଟାର ସମୟକୁ ଶିକ୍ଷକ କମ୍ ବେଶି କରିପାରିବେ । ସପ୍ତାହର ପ୍ରଥମ ପାଞ୍ଚଦିନର କାର୍ଯ୍ୟଗୁଡ଼ିକୁ ଷଷ୍ଠଦିବସ (ଶନିବାର) ଦିନ ପୁନରାଲୋଚନା କରାଯିବ । ଏହାସହିତ ଶିକ୍ଷକ ପରବର୍ତ୍ତୀ ସପ୍ତାହ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରିବେ ।

### ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମର ରୂପରେଖ

ପ୍ରଥମ ଶ୍ରେଣୀରେ ପ୍ରବେଶ କରୁଥିବା ପିଲା

ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ
ତିନି ମାସିଆ ଖେଳ ଆଧାରିତ ବିଦ୍ୟାଳୟ ପ୍ରସ୍ତୁତି
କାର୍ଯ୍ୟକ୍ରମ

ଅବଧି
ତିନି ମାସ ବା ୧ ୨ ସପ୍ତାହ

ପରିଚାଳନା
ସପ୍ତାହରେ ପାଞ୍ଚଦିନ (ସୋମବାର ଠାରୁ ଶୁକ୍ରବାର) ପର୍ଯ୍ୟନ୍ତ କିଛି ନୂଆକାର୍ଯ୍ୟ (ଦିନକୁ ୪ ଘଣ୍ଟା) କରିବେ ଏବଂ ଷଷ୍ଠ ଦିନ (ଶନିବାର ଦିନ) ସାପ୍ତାହିକ କାର୍ଯ୍ୟର ପୁନରାଲୋଚନା କରିବେ ।

### କାର୍ଯ୍ୟକ୍ରମର ମୁଖ୍ୟ ବୈଶିଷ୍ଟ୍ୟ

**କାର୍ଯ୍ୟକ୍ରମର ଉଦ୍ଦେଶ୍ୟ -**

**ତିନି ମାସର ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି:**

୧. ବିଭିନ୍ନ ପୃଷ୍ଠଭୂମିରୁ ପ୍ରଥମ ଶ୍ରେଣୀକୁ ଆସୁଥିବା ସମସ୍ତ ପିଲାଙ୍କୁ ବିଦ୍ୟାଳୟ ପ୍ରସ୍ତୁତି ପାଇଁ ପ୍ରୋତ୍ସାହିତ କରିବା ।

୨. ପ୍ରଥମ ଶ୍ରେଣୀ ପିଲାମାନଙ୍କର ସୁଗମ ପରିବର୍ତ୍ତନକୁ ସୁନିଶ୍ଚିତ କରିବା ।

୩. ପିଲାଟିର ସାମଗ୍ରିକ ବିକାଶ ପାଇଁ ତା'ର ବୟସ ଓ ବିକାଶ ଉପଯୋଗୀ ଆନନ୍ଦମୟ ଶିକ୍ଷଣ ପରିବେଶ ମଧ୍ୟରେ ଖେଳ ଆଧାରିତ ଶିକ୍ଷା ପ୍ରଦାନ କରିବା ।

୪. ଖେଳ ଆଧାରିତ ଶିକ୍ଷା ମାଧ୍ୟମରେ ପିଲାଟିର ବୌଦ୍ଧିକ ଓ ଭାଷାଗତ ଦକ୍ଷତା ବଢ଼ାଇବା ଯାହାକି ପିଲାଟିର ପଢ଼ିବା, ଲେଖିବା ଓ ସଂଖ୍ୟା ସମ୍ବନ୍ଧୀୟ ଶିକ୍ଷଣ ଦକ୍ଷତା ହାସଲ କରିବାରେ ସହାୟକ ହେବ ।

# ବିଦ୍ୟାପ୍ରବେଶ

# କାର୍ଯ୍ୟକ୍ରମର ଯୋଜନା ଓ ପରିଚାଳନା

ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ ପାଇଁ ତିନିମାସିଆ ଖେଳ ଆଧାରିତ ଶିକ୍ଷଣ କାର୍ଯ୍ୟର ଯୋଜନା ଏବଂ ପ୍ରସ୍ତୁତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ବିଭିନ୍ନ ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କୁ ଶିକ୍ଷଣ ସୁଯୋଗ ପ୍ରଦାନ ଓ ଶିକ୍ଷଣ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମରେ ବ୍ୟାପକ ଯୋଜନା କରାଯାଇଛି । ଏହି କାର୍ଯ୍ୟଯୋଜନାର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ପାଇଁ ବୟସ ଉପଯୋଗୀ ଏବଂ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଶିକ୍ଷଣ ସୁଯୋଗ ସୃଷ୍ଟି କରିବା ଏବଂ ଶିକ୍ଷଣ ପ୍ରକ୍ରିୟାରେ ଉନ୍ନତି ଆଣିବା । ଏହି କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରିବାବେଳେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ବିଚାରକୁ ନିଆଯାଇଛି ।

- ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରାଯାଇଥିବା ପୁସ୍ତିକାର ପ୍ରଥମ ଭାଗରେ ପୃଷ୍ଠଭୂମି, ବିକାଶାତ୍ମକ ଲକ୍ଷ୍ୟ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ସମୟ ଅବଧି, ଯୋଜନା, ଶିକ୍ଷଣ ପ୍ରକ୍ରିୟା, ଅଭିଭାବକ/ଗୋଷ୍ଠୀ ସମ୍ପୃକ୍ତି ଉପରେ ଆଲୋକପାତ କରାଯାଇଛି ।
- ଦ୍ୱିତୀୟ ଭାଗରେ ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଏବଂ ସେହି ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକ ସ୍ଥିରୀକୃତ ହୋଇଛି ।
- ତୃତୀୟ ଭାଗରେ ମାସ / ସପ୍ତାହ / ଦିବସ ପାଇଁ ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ କାର୍ଯ୍ୟସୂଚୀ / ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତିକାରେ ପ୍ରତ୍ୟେକ ଦିନର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସାପ୍ତାହିକ କାର୍ଯ୍ୟସୂଚୀ, ଶିକ୍ଷଣ କାର୍ଯ୍ୟ ଦିଆଯାଇଛି ।
- ସାପ୍ତାହିକ କାର୍ଯ୍ୟସୂଚୀର ପ୍ରଥମ ପାଞ୍ଚ ଦିନ ପାଇଁ ଶିକ୍ଷଣ କାର୍ଯ୍ୟ ଦିଆଯାଇଛି । ଷଷ୍ଠ ଦିନ ସେହି ସପ୍ତାହର ପ୍ରତ୍ୟେକ ଦିନର କାର୍ଯ୍ୟକୁ ଆଧାର କରି ପୁନରାଲୋଚନା କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି ।
- ଦୈନିକ କାର୍ଯ୍ୟସୂଚୀ ଅନୁଯାୟୀ ସୁଚାରୁରୂପେ ଓ ସୁରୁଖୁରୁରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଶିକ୍ଷାଦାନ ସାମଗ୍ରୀକୁ ଶିକ୍ଷକ ପୂର୍ବରୁ ସଜାଡ଼ି ରଖିବେ । ସେ ସ୍ଥାନୀୟ ସମ୍ବଳ, ଆଞ୍ଚଳିକ ସାମଗ୍ରୀ, ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ସାମଗ୍ରୀ ବ୍ୟବହାର କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିପାରିବେ । କିଛି ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ମଧ୍ୟ କିଣି ପାରିବେ । ପରିବେଶ ଉପଯୋଗୀ ଖେଳନା କିମ୍ବା ସାମଗ୍ରୀ ବ୍ୟବହାର କରିବେ ଏବଂ ଯଥା ସମ୍ଭବ ପ୍ଲାଷ୍ଟିକ ସାମଗ୍ରୀ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବେ ।
- ଯଥାସମ୍ଭବ ପିଲାର ମାତୃଭାଷା / ସ୍ଥାନୀୟ ଭାଷା ବ୍ୟବହାର କରିବେ ।

- ମୁକ୍ତ ଖେଳ ପାଇଁ ଆବଶ୍ୟକୀୟ କାର୍ଯ୍ୟ ଓ ଆଗ୍ରହ କ୍ଷେତ୍ର/କୋଣ ପ୍ରସ୍ତୁତ କରିବେ ଏବଂ ଏହି କ୍ଷେତ୍ର/କୋଣଗୁଡ଼ିକୁ ବିଭିନ୍ନ ଖେଳ ସାମଗ୍ରୀ/ଅନ୍ୟାନ୍ୟ ସାମଗ୍ରୀ ଦ୍ୱାରା ଏପରି ସଜାଡ଼ି ରଖିବେ, ଯାହାଦ୍ୱାରା ପିଲାମାନେ ସ୍ୱାଧୀନ ଭାବେ ସାମଗ୍ରୀ ଆଣି କାର୍ଯ୍ୟ କରିବା ପାଇଁ ଆଗ୍ରହୀ ହେବେ ।

- ଭିନ୍ନକ୍ଷମ ପିଲାମାନଙ୍କ (ଦିବ୍ୟାଙ୍ଗ) ପାଇଁ ଶିକ୍ଷଣ କାର୍ଯ୍ୟ, ଉପଯୁକ୍ତ ବସିବା ବ୍ୟବସ୍ଥା, ସାମଗ୍ରୀରେ ଅନୁକୂଳନ କରାଯାଇ ସେମାନଙ୍କୁ କାର୍ଯ୍ୟରେ ସାମିଲ କରାଯିବାକୁ ନିଶ୍ଚିତ କରିବେ । ପିଲାମାନଙ୍କର ବସିବା ବ୍ୟବସ୍ଥା ଅନୁକୂଳ ହେବା ଆବଶ୍ୟକ ।

- ପିଲାମାନଙ୍କୁ ବାଲି, ବଲ୍, ଦଉଡ଼ି, ମାଟି, ପତ୍ର, ବାଡ଼ି, ପୁରୁଣା ଟାୟାର, ବାଦ୍ୟଯନ୍ତ୍ର ପରି ଯନ୍ତ୍ରପାତି/ସାମଗ୍ରୀ ଇତ୍ୟାଦି ଆଧାରିତ ମୁକ୍ତ ଖେଳ (free play) ଏବଂ ନିର୍ଦ୍ଦେଶିତ ଖେଳ (guided play)ରେ ନିୟୋଜିତ କରିବା ପାଇଁ ପର୍ଯ୍ୟାପ୍ତ ସୁଗମ, ନିରାପଦ, ବୟସ ଅନୁକୂଳ ଏବଂ ପରିଷ୍କାର (ଘର ଭିତର ଏବଂ ବାହାର) ସ୍ଥାନ ନିଶ୍ଚିତ କରିବେ ।

- ପିଲାମାନଙ୍କ କାର୍ଯ୍ୟକୁ ନିୟମିତ ଭାବେ ପର୍ଯ୍ୟବେକ୍ଷଣ କରିବା ଏବଂ ମାନ ନିର୍ଦ୍ଧାରଣ କରିବା ପାଇଁ ଯୋଜନାବଦ୍ଧ ଭାବେ ମାନନିର୍ଦ୍ଧାରଣ ଫର୍ମଗୁଡ଼ିକୁ ବ୍ୟବହାର କରିବେ । ପ୍ରତ୍ୟେକ ମାସର ଶେଷରେ 'Monthly Tracker' ବ୍ୟବହାର କରି ମାନନିର୍ଦ୍ଧାରଣ କରିବେ ଓ ପିଲାଙ୍କ ଫଳାଫଳକୁ ବିଶ୍ଳେଷଣ କରି ଏକ ସାମଗ୍ରିକ ଏବଂ ପର୍ଯ୍ୟାୟ ଅନୁଯାୟୀ ପ୍ରଗତି ପତ୍ରର ବିବରଣୀ ପ୍ରସ୍ତୁତ କରିବେ । ତିନି ମାସ ଶେଷରେ ପ୍ରତ୍ୟେକ ପିଲାର ଉପଲବ୍ଧିକୁ ଆଧାର କରି ଏକ ପ୍ରଗତିପତ୍ର ବା ରିପୋର୍ଟକାର୍ଡ଼ ପ୍ରସ୍ତୁତ କରିବେ ଓ ଏହାକୁ ପିତାମାତାମାନଙ୍କୁ ବଣ୍ଟନ କରି ଓ ପିଲାର ପ୍ରଗତି ବିଷୟରେ ଆଲୋଚନା କରିବେ ।

## ଶିକ୍ଷକଙ୍କ ପାଇଁ ଆବଶ୍ୟକୀୟ ସୂଚନା

ମନେରଖିବା:

- କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ପ୍ରତ୍ୟେକ ପିଲାର ପୃଷ୍ଠଭୂମି ଓ ଆବଶ୍ୟକତାକୁ ବୁଝିବା ।
- ଯଥାସମ୍ଭବ ପ୍ରତ୍ୟେକ ପିଲାର ଘରକୁ ବୁଲିବା ପାଇଁ ଯିବା ଓ ଘରର ସଦସ୍ୟମାନଙ୍କ ସହିତ ସକାରାତ୍ମକ ସମ୍ପର୍କ ସ୍ଥାପନ କରିବା ।
- ପ୍ରତ୍ୟେକ ପିଲା ନିଜସ୍ୱ ଢଙ୍ଗରେ ଶିଖିଥାଆନ୍ତି । ଶିକ୍ଷକମାନଙ୍କର ଦାୟିତ୍ୱ ହେଉଛି ପିଲାମାନଙ୍କୁ ଆଦର ଓ ସ୍ନେହ ଦେଇ ଶିଖିବା ପ୍ରତି ଆଗ୍ରହ ସୃଷ୍ଟି କରିବା ।
- ଆବଶ୍ୟକ ସ୍ଥଳେ ପରିସ୍ଥିତି ଓ ପିଲାମାନଙ୍କର ଆଗ୍ରହକୁ ଆଧାର କରି କାର୍ଯ୍ୟ ଯୋଜନାରେ ପରିବର୍ତ୍ତନ ଅଣାଯାଇପାରେ । ସେଥିପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ସମୟରେ ଆବଶ୍ୟକ ସ୍ଥଳେ ନମନୀୟ ହେବା ।
- କାର୍ଯ୍ୟଗୁଡ଼ିକ ପରିଚାଳନା କରିବା ସମୟରେ ଶିକ୍ଷକ ନିର୍ଦ୍ଦେଶିତ ଓ ପିଲାଙ୍କ ଦ୍ୱାରା ନିର୍ଦ୍ଦେଶିତ କାର୍ଯ୍ୟ, ବଡ଼ ଓ ଛୋଟ ଦଳଭିତ୍ତିକ କାର୍ଯ୍ୟ, ଶ୍ରେଣୀ ଭିତର ଓ ବାହାର କାର୍ଯ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ।

## ଏହି କାର୍ଯ୍ୟକ୍ରମ ପାଇଁ ତିନି ପ୍ରକାରର ଯୋଜନା କରାଯାଇଛି:

__ମାସିକ ଯୋଜନା:__ ଏହି କାର୍ଯ୍ୟକ୍ରମରେ ତିନି ମାସ ବାର ସପ୍ତାହ ପାଇଁ ଯୋଜନା କରାଯାଇଛି । ଏହି ତିନି ମାସରେ ପିଲାମାନଙ୍କୁ ସାମଗ୍ରିକ ଭାବେ ବିଦ୍ୟାଳୟ ପାଇଁ ପ୍ରସ୍ତୁତ କରାଯିବାର ଉଦ୍ଦେଶ୍ୟ ରହିଛି । ସେଥିନିମନ୍ତେ 'ବାଳବାଟିକା'ରେ ଥିବା ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟର ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ ପାଇଁ କାର୍ଯ୍ୟ ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ ଆରମ୍ଭରୁ ଦିଆଯାଇଛି । ପ୍ରତ୍ୟେକ ମାସ ଶେଷରେ ପିଲାମାନେ ସେହି ମାସ ପାଇଁ ସ୍ଥିରୀକୃତ ଦକ୍ଷତା ଓ ଶିକ୍ଷଣ ଫଳାଫଳ କେତେ ଦୂର ହାସଲ କରିଛନ୍ତି ଜାଣିବା ପାଇଁ 'Monthly Tracker'ର ବ୍ୟବହାର କରାଯିବ ।

***ସାପ୍ତାହିକ ଯୋଜନା :*** ବାର ସପ୍ତାହ ପାଇଁ ଯୋଜନା କରାଯାଇଥିବା ଏହି କାର୍ଯ୍ୟକ୍ରମରେ, ପ୍ରତ୍ୟେକ ସପ୍ତାହର ପାଞ୍ଚ / ଛଅ ଦିନ ପାଇଁ କାର୍ଯ୍ୟସୂଚୀ ଦିଆଯାଇଛି । ସେହି କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କାର୍ଯ୍ୟଗୁଡ଼ିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରଥମ ପାଞ୍ଚ ଦିନ ଏହି ପୁସ୍ତିକାରେ ନିର୍ଦ୍ଧାରିତ କାର୍ଯ୍ୟ କରାଯିବ ଓ ଷଷ୍ଠ ଦିନ ପୂର୍ବ ପାଞ୍ଚ ଦିନର କାର୍ଯ୍ୟ ପୁନରାଲୋଚନା କାର୍ଯ୍ୟ କରାଯିବ । ଷଷ୍ଠ ଦିନ ପରେ ପୁଣି ତା'ପର ସପ୍ତାହର ଯୋଜନା ଅନୁଯାୟୀ କାର୍ଯ୍ୟ କରାଯିବ ।

## ସାପ୍ତାହିକ ଯୋଜନାର ନମୁନା

| କାର୍ଯ୍ୟ ସମୟ<br>ଦିବସ | ସର୍କଲ ସମୟ/ ପ୍ରାତଃ ବୈଠକ ଓ ମୁକ୍ତ ଆଲୋଚନା (୧୦.୩୦-୧୧.୦୫ ମିନିଟ) | ବିକାଶାତ୍ମକ ଲକ୍ଷ୍ୟ -୧ (୧୧.୧୫-୧୧.୫୦ ମିନିଟ) | ବିକାଶାତ୍ମକ ଲକ୍ଷ୍ୟ - ୨ (୧୨.୦୦ - ୧୨.୪୦ ମିନିଟ) | ବିକାଶାତ୍ମକ ଲକ୍ଷ୍ୟ - ୩ ୧୨.୫୦ - ୧.୨୦ମିନିଟ) | ଭୋଜନ ସମୟ (୧.୨୦ - ୨.୦୦ ମିନିଟ) | ମୁକ୍ତ ଓ ନିର୍ଦ୍ଦେଶିତ ଖେଳ ଓ କଳା ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ ୨.୧୦ - ୩.୧୦ ମିନିଟ) | ବିଦାୟ ସମୟର କାର୍ଯ୍ୟ (୩.୨୦ - ୩.୫୦ ମିନିଟ) |
|---|---|---|---|---|---|---|---|
| ପ୍ରଥମ ଦିବସରୁ ପଞ୍ଚମ ଦିବସ | ମୁକ୍ତ ଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟପତ୍ର | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟପତ୍ର | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟପତ୍ର | | ମୁକ୍ତଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ | ମୁକ୍ତଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ |
| ଷଷ୍ଠ ଦିବସ | ମୁକ୍ତ ଆଲୋଚନା | ପ୍ରଥମ ରୁ ପଞ୍ଚମ ଦିବସ କାର୍ଯ୍ୟର ପୁନରାଲୋଚନା | | | | | |

__ଦୈନିକ ଯୋଜନା:__ ପ୍ରତ୍ୟେକ ଦିନର କାର୍ଯ୍ୟ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ଦୈନିକ କାର୍ଯ୍ୟରେ ସର୍କଲ ସମୟ / ପ୍ରାତଃ ବୈଠକ ଓ ମୁକ୍ତ ଆଲୋଚନା, ମୁକ୍ତ ଖେଳ/ନିର୍ଦ୍ଦେଶିତ ଖେଳ / କଳା ଏବଂ ହସ୍ତକର୍ମ ଓ ବିଦାୟ ସମୟ କାର୍ଯ୍ୟ ସ୍ଥାନିତ କରାଯାଇଛି । ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ଆଧାର କରି ପ୍ରତ୍ୟେକ କାର୍ଯ୍ୟର ଯୋଜନା କରାଯାଇଛି । ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ ପିଲାମାନେ କେତେ ଶିଖି ପାରୁଛନ୍ତି, କେଉଁଠାରେ ଅସୁବିଧା ରହିଛି ଜାଣିବା ପାଇଁ ପ୍ରକ୍ରିୟାଭିତ୍ତିକ ମାନ ନିର୍ଦ୍ଧାରଣ କରିବେ । ଆବଶ୍ୟକସ୍ଥଳେ ଶିକ୍ଷକ ସେହି ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ଭିନ୍ନ ପ୍ରକାରର କାର୍ଯ୍ୟ କରିପାରିବେ ।

## କାର୍ଯ୍ୟକ୍ରମର ପରିଚାଳନା:

ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ କାର୍ଯ୍ୟ ସହିତ ସର୍କଲ ସମୟ / ପ୍ରାତଃ ବୈଠକର କାର୍ଯ୍ୟ, ପ୍ରକୃତି ଭ୍ରମଣ, ମୁକ୍ତ ଓ ନିର୍ଦ୍ଦେଶିତ ଖେଳ ଆଦି କାର୍ଯ୍ୟ କରାଯିବ । ତେଣୁ, କାର୍ଯ୍ୟକ୍ରମର ପରିଚାଳନା ବିଭାଗରେ ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟ ହାସଲ ପାଇଁ ଏକ ଅନୁକୂଳ ଓ ଆନନ୍ଦଦାୟକ ଶିକ୍ଷଣ ପରିବେଶରେ ଏବଂ ଖୋଲା ଆଲୋଚନା ମାଧ୍ୟମରେ ଶିକ୍ଷଣ ଅଭିଜ୍ଞତା ହାସଲ କରିବା ନିମିତ୍ତ ଏଥିରେ ମୁଖ୍ୟ ଦିଗଗୁଡ଼ିକୁ ଆଲୋଚନା କରାଯାଇଛି । କାର୍ଯ୍ୟଗୁଡ଼ିକ ପରିଚାଳନା କରିବା ପୂର୍ବରୁ ଆମକୁ ସେଗୁଡ଼ିକ ବୁଝିବା ଆବଶ୍ୟକ ।

- ସର୍କଲ ସମୟ / ପ୍ରାତଃ ବୈଠକର କାର୍ଯ୍ୟ ସହିତ ଦିନ ଆରମ୍ଭ କରନ୍ତୁ ଯେଉଁଥିରେ ସାମୂହିକ ପ୍ରାର୍ଥନା ସହିତ ଦେଶମାତୃକା ପ୍ରତି କୃତଜ୍ଞତା ଓ ବୟସ୍କଙ୍କୁ ସମ୍ମାନ ଏବଂ ଭଲ କାମ ପାଇଁ ପ୍ରଶଂସା ପରି କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ଏଥିସହିତ ପିଲାମାନଙ୍କୁ କୌଣସି ମଜାଦାର ଖବର କହିବାକୁ ମଧ୍ୟ ଉତ୍ସାହିତ କରନ୍ତୁ ।
- କାର୍ଯ୍ୟକଳାପଗୁଡ଼ିକ କରିବା ସମୟରେ ଶିକ୍ଷକ ନିର୍ଦ୍ଦେଶିତ ଓ ପିଲାଙ୍କ ଦ୍ୱାରା ନିର୍ଦ୍ଦେଶିତ, ଶ୍ରେଣୀ ଭିତର ଓ ବାହାର କାର୍ଯ୍ୟ, ବଡ଼ ଓ ଛୋଟ ଦଳଭିତ୍ତିକ କାର୍ଯ୍ୟ ମଧ୍ୟରେ ସନ୍ତୁଳନକୁ ନିଶ୍ଚିତ କରନ୍ତୁ ।
- ପ୍ରତ୍ୟେକ ପିଲାର ଅଂଶଗ୍ରହଣକୁ ନିଶ୍ଚିତ କରିବା ପାଇଁ ବିଭିନ୍ନ ସ୍ତରର କାର୍ଯ୍ୟ ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ କାର୍ଯ୍ୟକଳାପରେ ପିଲାମାନେ ପରସ୍ପରକୁ ସାହାଯ୍ୟ ଏବଂ ସହଯୋଗ କରିବାକୁ ଉତ୍ସାହିତ କରନ୍ତୁ ।
- ପିଲାମାନେ ସହଜରେ ଶିଖିବା ପାଇଁ ସେମାନଙ୍କ ପରିବେଶରେ ଉପଲବ୍ଧ ହେଉଥିବା ବସ୍ତୁଗୁଡ଼ିକର ବ୍ୟବହାର କରନ୍ତୁ, ଯାହାକୁ ଦେଖି, ଛୁଇଁ, ଅନୁଧ୍ୟାନ କରି ଓ ସାମାନ୍ୟ ପରିବର୍ତ୍ତନ କରି ସେମାନେ ବିଭିନ୍ନ ଧାରଣା ଏବଂ କୌଶଳଗୁଡ଼ିକୁ ଶୀଘ୍ର ହାସଲ କରିବେ ।
- ପିଲାମାନେ ଗୋଟିଏ ଲକ୍ଷ୍ୟ ଆଧାରିତ କାର୍ଯ୍ୟ କରିବା ପରେ ଗୀତ, ଗପ, ଖେଳ ଆଧାରିତ କିଛି କାର୍ଯ୍ୟ କରାନ୍ତୁ, ତା'ପରେ ଅନ୍ୟ ଏକ ଲକ୍ଷ୍ୟ ଆଧାରିତ କାର୍ଯ୍ୟ କରାନ୍ତୁ ।
- ପିଲାମାନଙ୍କ ମଧ୍ୟରେ ଉତ୍ତମ କାର୍ଯ୍ୟ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ ଖେଳ ଏବଂ ଭୋଜନ ସମୟର ସୁଯୋଗକୁ ବ୍ୟବହାର କରନ୍ତୁ ଯେପରି ଖେଳିବା ପରେ ସାମଗ୍ରୀକୁ ଉପଯୁକ୍ତ ସ୍ଥାନରେ ସଜାଡ଼ି ରଖିବା ଓ କୋଠରିକୁ ଯଥା ସମ୍ଭବ ସଫା ରଖିବା, ଖାଦ୍ୟ ଖାଇବା ପୂର୍ବରୁ ଓ ପରେ ହାତକୁ ଭଲ ଭାବରେ ଧୋଇବା ଇତ୍ୟାଦି ।
- ପିଲାମାନଙ୍କ ସମସ୍ୟାର ସମାଧାନ କୌଶଳକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିବା, ଚିନ୍ତା କରିବା ଏବଂ ଚେଷ୍ଟା କରିବା ପାଇଁ ସମୟ ପ୍ରଦାନ କରନ୍ତୁ ଓ ପ୍ରଶ୍ନ ମାଧ୍ୟମରେ ସେମାନଙ୍କର ଚିନ୍ତାଧାରା, କଳ୍ପନା ଏବଂ ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରନ୍ତୁ ।

- ପିଲାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରନ୍ତୁ । ପ୍ରତ୍ୟେକ ପିଲାର ଅନ୍ତର୍ନିହିତ ଗୁଣାବଳୀ ଚିହ୍ନିବାକୁ ଚେଷ୍ଟା କରନ୍ତୁ ଓ ଆତ୍ମବିଶ୍ୱାସର ଭାବନାକୁ ଉତ୍ସାହିତ କରି ପ୍ରଶଂସା କରନ୍ତୁ ।
- ପିଲାମାନଙ୍କର ଅଗ୍ରଗତିକୁ ନିୟମିତ ଅନୁଧ୍ୟାନ କରନ୍ତୁ । ଏହା ପିଲାମାନେ କ'ଣ କରିପାରୁଛନ୍ତି, ପିଲାମାନେ କ'ଣ କରିପାରିବେ ଏବଂ ସେମାନଙ୍କ କାର୍ଯ୍ୟ କରିବା ସାମର୍ଥ୍ୟରେ ଉନ୍ନତି ଆଣିବା ପାଇଁ କ'ଣ କରାଯିବା ଆବଶ୍ୟକ ଜାଣିବାରେ ସାହାଯ୍ୟ କରିବ । ଏହା ମଧ୍ୟ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଆବଶ୍ୟକ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ ।
- ପିଲାମାନଙ୍କର ଶିକ୍ଷଣ ଅଗ୍ରଗତି ସମ୍ପର୍କରେ ସେମାନଙ୍କ ପିତାମାତାଙ୍କ ସହିତ ନିୟମିତ ଭାବରେ ଆଲୋଚନା କରିବେ, (ଯେପରିକି-ସେମାନଙ୍କ ପିଲାମାନଙ୍କର ଶିକ୍ଷଣ ସ୍ତର, ସଫଳତା ଓ ଉନ୍ନତି ପାଇଁ ଆବଶ୍ୟକ ଥିବା କ୍ଷେତ୍ରଗୁଡ଼ିକ ଇତ୍ୟାଦି) । ପିତାମାତା / ଅଭିଭାବକଙ୍କ ମତାମତକୁ ଆଧାର କରି ପିଲାମାନଙ୍କର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବେ ।
- ଶିକ୍ଷଣ ଅଭିଜ୍ଞତାର ଧାରାବାହିକତାକୁ ନିଶ୍ଚିତ କରିବାକୁ ଏବଂ ଶ୍ରେଣୀଗୃହରେ ଶିଖାଯାଉଥିବା ବିଷୟଗୁଡ଼ିକ ଘରେ ଦୃଢ଼ୀକରଣ କରିବାକୁ ପିତାମାତାଙ୍କ ସହିତ ନିୟମିତ ଆଲୋଚନା କରିବେ ।

## ଶିକ୍ଷଣ ପ୍ରକ୍ରିୟାର ଉପାଦାନ:

ପିଲାମାନଙ୍କର ଶିକ୍ଷଣ ଆବଶ୍ୟକତା ଓ ଆଗ୍ରହକୁ ଦୃଷ୍ଟିରେ ରଖି ଖେଳ, ପାରସ୍ପରିକ କ୍ରିୟା ଏବଂ ପରିବେଶ ଆଧାରିତ କାର୍ଯ୍ୟଗୁଡ଼ିକୁ କରିବାକୁ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି ।

## (କ) ଖେଳ:

ସାଧାରଣତଃ ପିଲାମାନେ ଖେଳିବାକୁ ଭଲ ପାଆନ୍ତି ଓ ଖେଳ ମାଧ୍ୟମରେ ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ଏହି କାର୍ଯ୍ୟକ୍ରମରେ ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦୁଇପ୍ରକାର ଖେଳ ଉପରେ ଗୁରୁତ୍ୱ ଦିଆଯାଇଛି ଯଥା:- ମୁକ୍ତ ଖେଳ ଓ ନିର୍ଦ୍ଦେଶିତ ଖେଳ । ଏଥିସହିତ ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟକୁ ଆଧାର କରି ଦକ୍ଷତା ଅନ୍ତର୍ଗତ ଶିକ୍ଷଣ ଫଳାଫଳକୁ ହାସଲ କରିବା ପାଇଁ କରାଯାଉଥିବା କାର୍ଯ୍ୟ ଯୋଜନାସବୁକୁ ମଧ୍ୟ ଖେଳଆଧାରିତ କରାଯାଇଛି ।

## ଦୁଇପ୍ରକାରର ଖେଳ -

- ***ମୁକ୍ତ ଖେଳ :*** ପିଲାମାନେ ମୁକ୍ତ ଭାବରେ ଖେଳିବାକୁ ପସନ୍ଦ କରନ୍ତି ଏବଂ ଖେଳ ସେମାନଙ୍କୁ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବା, ଅନ୍ୟମାନଙ୍କର ଦୃଷ୍ଟିକୋଣକୁ ବୁଝିବା ଓ ଅନ୍ୟର ମତାମତକୁ ସମ୍ମାନ ଦେବାର ଶିକ୍ଷା ପ୍ରଦାନ କରିଥାଏ । ଏହି କାର୍ଯ୍ୟ ପାଇଁ ଏପରି ଏକ ସ୍ଥାନ ବାଛିବା ଆବଶ୍ୟକ ଯେଉଁଠାରେ ପିଲାମାନେ ନିରପେକ୍ଷ ଭାବରେ ନିଜ ପସନ୍ଦର ଖେଳ ସାମଗ୍ରୀ ବାଛି ସାଙ୍ଗମାନଙ୍କ ସହିତ ଖେଳିବାରେ ନିଜକୁ ନିୟୋଜିତ କରିବେ ।

- ***ନିର୍ଦ୍ଦେଶିତ ଖେଳ:*** ପିଲାମାନଙ୍କୁ ସୁକ୍ଷ୍ମ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ, ମୁକ୍ତ ଖେଳ ସହିତ ଶିକ୍ଷକମାନଙ୍କଦ୍ୱାରା ନିର୍ଦ୍ଦେଶିତ ଖେଳ ଆୟୋଜନ କରାଯିବା ଆବଶ୍ୟକ । ଏହା ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ହାସଲ କରିବାରେ ମଧ୍ୟ ସାହାଯ୍ୟ କରିବ ।

**(ଖ) ପାରସ୍ପରିକ କ୍ରିୟା:** ଖେଳ ଆଧାରିତ ଶିକ୍ଷଣ ପ୍ରକ୍ରିୟାରେ ପରିବାରର ବୟସ୍କ ସଦସ୍ୟ, ଶିକ୍ଷକ, ସାଙ୍ଗସାଥୀ, ବଡ଼ ପିଲା ଏବଂ ଭାଇଭଉଣୀଙ୍କ ସହିତ ପାରସ୍ପରିକ କ୍ରିୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରେଣୀଗୃହରେ ଶିକ୍ଷଣକୁ ନିଶ୍ଚିତ କରିବା ପାଇଁ ତିନି ପ୍ରକାରର ପାରସ୍ପରିକ କ୍ରିୟା ଉପରେ ଧ୍ୟାନ ଦେବା ଆବଶ୍ୟକ ।

- ***ସାଙ୍ଗମାନଙ୍କ ସହିତ ପାରସ୍ପରିକ କ୍ରିୟା:*** ଖେଳ ଖେଳିବା ସମୟରେ ପିଲାମାନେ ତାଙ୍କ ସାଙ୍ଗପିଲାମାନଙ୍କୁ ଅନୁଧ୍ୟାନ କରି ଓ ଅନୁକରଣ କରି ଶିଖିଥାନ୍ତି ।

- ***ସାମଗ୍ରୀ ସହିତ ପାରସ୍ପରିକ କ୍ରିୟା:*** ପିଲାମାନେ ବିଭିନ୍ନ ସାମଗ୍ରୀ ବ୍ୟବହାର କରି ମୁକ୍ତ ଓ ନିର୍ଦ୍ଦେଶିତ ଖେଳ ଖେଳିଥାନ୍ତି ଏବଂ ଏହାଦ୍ୱାରା ସେମାନଙ୍କର ସମସ୍ୟାର ସମାଧାନ ଓ ଆବିଷ୍କାରମୂଳକ ଚିନ୍ତନ କୌଶଳର ବିକାଶ ହୋଇଥାଏ ।

- ***ଗୁରୁଜନ କିମ୍ବା ଶିକ୍ଷକଙ୍କ ସହିତ ପାରସ୍ପରିକ କ୍ରିୟା:*** ପିଲାମାନେ ଶ୍ରେଣୀରେ ଶିକ୍ଷକମାନଙ୍କ ସହିତ, ଘରେ ଅଭିଭାବକ/ ପରିବାରର ସଦସ୍ୟମାନଙ୍କ ସହିତ ଏବଂ ବାହାରେ ଗୁରୁଜନମାନଙ୍କ ସହିତ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପାରସ୍ପରିକ କ୍ରିୟାକଳାପ କରିଥାନ୍ତି ଯାହା ପିଲାମାନଙ୍କୁ ପୂର୍ବରୁ ହାସଲ କରିଥିବା ଦକ୍ଷତା ଏବଂ ନୂତନ ଭାବରେ ପ୍ରାପ୍ତ ହୋଇଥିବା ଦକ୍ଷତା ମଧ୍ୟରେ ସଂଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ । ଏହିପରି ଗୁରୁଜନ ଓ ଶିକ୍ଷକମାନେ ପିଲାମାନଙ୍କୁ ମାର୍ଗଦର୍ଶନ କରିପାରିବେ ଏବଂ ଶିକ୍ଷଣ ପ୍ରକ୍ରିୟା ପରିଚାଳନା କରିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିପାରିବେ ।

**(ଗ) ପରିବେଶ:** ପିଲାମାନେ ସ୍ୱାଭାବିକ ଭାବରେ ସେମାନଙ୍କ ଚାରିପାଖର ପରିବେଶରେ ଘଟୁଥିବା ଘଟଣା ସମ୍ପର୍କରେ ଜାଣିବାକୁ ଆଗ୍ରହୀ ହୋଇଥାନ୍ତି । ବିଭିନ୍ନ କାର୍ଯ୍ୟକଳାପ ଏବଂ ସାମଗ୍ରୀ ମାଧ୍ୟମରେ ପିଲାମାନେ ପ୍ରଶ୍ନ ପଚାରି, ପରୀକ୍ଷଣ, ଅନୁମାନ ଏବଂ ଅନୁସନ୍ଧାନ କରି ଭୌତିକ, ସାମାଜିକ ଏବଂ ପ୍ରାକୃତିକ ପରିବେଶକୁ ବୁଝିଥାଆନ୍ତି ।

**ସାମଗ୍ରୀ ସମ୍ବଳ:**

ପିଲାମାନଙ୍କୁ ଶିକ୍ଷଣ ପ୍ରତି ଆକୃଷ୍ଟ କରିବା ପାଇଁ ସଂଗଠିତ ଖେଳ, ପାରସ୍ପରିକ କ୍ରିୟା ଓ ପରିବେଶ ଆଧାରିତ କାର୍ଯ୍ୟପାଇଁ ଉପଯୁକ୍ତ ଆକର୍ଷଣୀୟ ସାମଗ୍ରୀ ବ୍ୟବହାର କରିବା ଆବଶ୍ୟକ । ଏହି ବୟସର ପିଲାମାନେ ଚିତ୍ର କରିବା, ରଙ୍ଗ ଦେବା, ଚିତ୍ର ଅନୁଧ୍ୟାନ କରିବା, ଖେଳଣାରେ / କଣ୍ଢେଇରେ ଖେଳିବା, ପରିବେଶରୁ ସଂଗୃହୀତ ସାମଗ୍ରୀ ଯଥା:- ବାଲି, ପତ୍ର, କାଠି, ଗୋଡ଼ି ବ୍ୟବହାର କରି ଖେଳିବା, ନିଜ ଚାରିପାଖ ପରିବେଶକୁ ଅନୁଧ୍ୟାନ କରିବା ପାଇଁ ଆଗ୍ରହୀ ହୋଇଥାଆନ୍ତି । ପିଲାମାନଙ୍କୁ ଆମେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ମଧ୍ୟ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ କରିପାରିବା ।

- ***ଖେଳଣା:*** ପିଲାମାନେ ଖେଳିବା ପାଇଁ ଆମକୁ ବିଭିନ୍ନ ପ୍ରକାରର ଖେଳ ଉପକରଣଗୁଡ଼ିକୁ ଯୋଗାଇବାକୁ ପଡ଼ିବ । ଏହା ଆମେ ବଜାରରୁ କିଣିପାରିବା ଓ ନିଜେ ମଧ୍ୟ ପ୍ରସ୍ତୁତ କରିପାରିବା । ଆମେ ନିଜେ ଖେଳ ଉପକରଣ ପ୍ରସ୍ତୁତ କରିବା ପାଇଁ କପଡ଼ା, ଉଲ, କାଗଜ ଓ ଅଦରକାରୀ ବସ୍ତୁ ବ୍ୟବହାର କରିବା । ପ୍ଲାଷ୍ଟିକ ପ୍ରସ୍ତୁତ ଖେଳ ଉପକରଣଠାରୁ ପିଲାମାନଙ୍କୁ ଯଥାସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରିବା । ଏହା ସହିତ ଆମେ କଣ୍ଢେଇ ଖେଳ ପାଇଁ, କପଡ଼ା, ଉଲ, କାଗଜ ଓ ଅଦରକାରୀ ବସ୍ତୁ ବ୍ୟବହାର କରି ବିଭିନ୍ନ ପ୍ରକାର କଣ୍ଢେଇ ପ୍ରସ୍ତୁତ କରିବା ଓ କଣ୍ଢେଇ ଖେଳ ମାଧ୍ୟମରେ ବିଷୟବସ୍ତୁକୁ ଉପସ୍ଥାପନ କରିବା । ଏହା ସହିତ ବିଭିନ୍ନ ମୁଖା (puppet) ବ୍ୟବହାର କରି ଭିନ୍ନଭିନ୍ନ ଚରିତ୍ର ଓ ପଶୁପକ୍ଷୀର ଅଭିନୟ କରିବା ।

- ***ଆଞ୍ଚଳିକ ଖେଳ ପାଇଁ ପରିବେଶରୁ ସଂଗୃହିତ ବସ୍ତୁ:*** ପିଲାମାନେ ନିଜ ପରିବେଶ ସହିତ ବିଭିନ୍ନ ସମୟରେ କ୍ରିୟା ପ୍ରତିକ୍ରିୟା କରିଥାଆନ୍ତି । ଏହି ପରିବେଶର ସାମଗ୍ରୀକୁ ବ୍ୟବହାର କରି ବିଭିନ୍ନ ଆଞ୍ଚଳିକ ଖେଳ ଖେଳିଥାଆନ୍ତି । ଯେପରିକି ବାଡ଼ିକୁ ବ୍ୟବହାର କରି ପିଲାମାନେ ବାଡ଼ିଖେଳ, ପାଇକଖେଳ ଆଦି ଖେଳିଥାଆନ୍ତି ।

- ***ରଙ୍ଗ ସାମଗ୍ରୀ:*** ପିଲାମାନେ ଚିତ୍ର କରିବାକୁ ଓ ରଙ୍ଗ ଦେବାକୁ ଭଲ ପାଆନ୍ତି । ସେମାନେ ଦେଖୁଥିବା ଜିନିଷର ଚିତ୍ର କରି ନିଜ ଅନୁସାରେ ରଙ୍ଗ ଦେବା ଦ୍ୱାରା ସେମାନଙ୍କ ସୃଜନଶୀଳ ଗୁଣାବଳୀର ବିକାଶ ହୋଇଥାଏ ଓ ସେମାନେ ଏହି ସବୁ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଇଲେ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ।

- ***ବାଦ୍ୟଯନ୍ତ୍ର:*** ନୃତ୍ୟ ଓ ସଂଗୀତ ପ୍ରତ୍ୟେକ ପିଲାଙ୍କୁ ଭଲ ଲାଗିଥାଏ । ଏହାଦ୍ୱାରା ସେମାନଙ୍କର କଳା ପ୍ରତି ଆଗ୍ରହ ବଢ଼ିଥାଏ ଓ ସୃଜନାତ୍ମକ ଚିନ୍ତନର ବିକାଶ ଘଟିଥାଏ । ତେଣୁ ଏହିପରି କାର୍ଯ୍ୟ ଆମେ ବିଦ୍ୟାଳୟରେ ଆୟୋଜନ କରିବା ପାଇଁ ବାଦ୍ୟଯନ୍ତ୍ର ରଖିବା ଓ ବ୍ୟବହାର କରିବା, ଯାହାଦ୍ୱାରା ପିଲାମାନେ ବିଦ୍ୟାଳୟ ପାଇଁ ଆକୃଷ୍ଟ ହେବେ ଓ ସାଙ୍ଗମାନଙ୍କ ସହ ମିଶି ଶିଖିବା ପାଇଁ ଆଗ୍ରହୀ ହେବେ ।

- ***ପରିବେଶରୁ ସଂଗୃହୀତ ବସ୍ତୁ:*** ପରିବେଶର ବିଭିନ୍ନ ବସ୍ତୁ ଯଥା: ବାଲି, କାଠି, ଗୋଡ଼ି, ପତ୍ର, ଫୁଲ, ମଞ୍ଜିକୁ ସଂଗ୍ରହ କରି ପିଲାମାନେ ଗଣନ, ବର୍ଗୀକରଣ, ସଂରଚନା, ଗାଣିତିକ ପ୍ରକ୍ରିୟା ଆଦି ଶିଖିପାରିବେ, ମୁକ୍ତ ଭାବେ କଥାବାର୍ତ୍ତା କରିପାରିବେ ଓ ସେଗୁଡ଼ିକୁ ଆଧାର କରି ଛୋଟ ଗପ ଓ ଗୀତ ତିଆରି କରିପାରିବେ ।

- ***ପ୍ରଯୁକ୍ତି ବିଦ୍ୟାର ବ୍ୟବହାର:*** ପିଲାମାନଙ୍କୁ ଶିକ୍ଷଣ ପାଇଁ ଆଗ୍ରହୀ କରିବା ପାଇଁ ଓ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବା ପାଇଁ ଆମେ ବିଭିନ୍ନ ସମୟରେ Youtube ରେ ଉପଲବ୍ଧ ଉପଯୁକ୍ତ Video ସମୂହକୁ ବ୍ୟବହାର କରିବା । ଏହା ସହିତ ଆମେ ନିଜେ ମଧ୍ୟ ଭିଡିଓ ସମୂହ ପ୍ରସ୍ତୁତ କରିପାରିବା । ଯଦି ICT ର ସୁବିଧା ନାହିଁ ତେବେ ଚିତ୍ର ଓ ଅଭିନୟ ମାଧ୍ୟମରେ ଶିକ୍ଷଣ କାର୍ଯ୍ୟ କରିବା ।

**ଶିକ୍ଷଣ କୋଣ:**

ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ପାଇଁ ବ୍ୟବହାର କରିବାକୁ ଥିବା ସାମଗ୍ରୀଗୁଡ଼ିକୁ ଶ୍ରେଣୀର ବିଭିନ୍ନ କୋଣରେ ସଜାଡ଼ି ରଖିପାରିବା । ସମସ୍ତ ଜିନିଷ ପିଲାମାନଙ୍କ ବୟସ ଓ ସ୍ତରଭିତ୍ତିକ ହୋଇଥିବ ଓ ଶ୍ରେଣୀରେ ହାତପାହାନ୍ତାରେ ରଖାଯିବ । ଯେପରିକି:

- **<u>ପୁସ୍ତକ କୋଣ:</u>** ବିଭିନ୍ନ ବୟସ ଓ ସ୍ତରର ପିଲାମାନଙ୍କ ପାଇଁ ଉପଯୋଗୀ ପତ୍ରିକା, ସୂଚନା ପୁସ୍ତକ, ଚିତ୍ର ପୁସ୍ତକ, କାହାଣୀ ପୁସ୍ତକ, ବଡ଼ ପୁସ୍ତକ, ସ୍ଥାନୀୟ ଲୋକକଥା, ବିଷୟବସ୍ତୁ ପୁସ୍ତକ, ସ୍ଲେଟ୍, ଚକ୍ ଇତ୍ୟାଦି ଏହି କୋଣରେ ସଜାଇ ରଖାଯିବ ।

- **<u>କଣ୍ଢେଇ ଓ ଖେଳ ଉପକରଣ କୋଣ:</u>** ବିଭିନ୍ନ ପ୍ରକାରର କଣ୍ଢେଇ, କଣ୍ଢେଇ ଆକୃତିର ଆସବାବପତ୍ର ଏବଂ ପୋଷାକ, ଖେଳ ପାଇଁ ରୋଷେଇ ସାମଗ୍ରୀ (ହାଣ୍ଡି, କଡ଼େଇ, ଚାମଚ), ଖାଦ୍ୟ ସାମଗ୍ରୀ (ମାଟିରେ ତିଆରି ପନିପରିବା କିମ୍ବା ଫଳ), ପୁରୁଣା ଓ ଅଚଳ ଟେଲିଫୋନ୍ କିମ୍ବା କ୍ୟାମେରା, ବାକ୍ସ ଇତ୍ୟାଦି ଏହି କୋଣରେ ରଖାଯିବ ।

- **<u>ଅନୁସନ୍ଧାନ କୋଣ/ବୈଜ୍ଞାନିକ ଚିନ୍ତନ କୋଣ:</u>** ଚୁମ୍ବକ, ଲୁହା ବସ୍ତୁ, ଓଜନ ମାପ, ଲମ୍ବ ମାପିବା ଟେପ୍ କିମ୍ବା ଅନ୍ୟାନ୍ୟ ସ୍ଥାନୀୟ ସାମଗ୍ରୀ ଯାହା ପିଲାମାନଙ୍କୁ ଆବିଷ୍କାର କରି ଶିଖିବା ପାଇଁ ଆବଶ୍ୟକ ସେଗୁଡ଼ିକ ପ୍ରସ୍ତୁତ / ସଂଗ୍ରହ କରି ରଖାଯିବ । ବିଭିନ୍ନ ରଙ୍ଗ ଆକୃତି ଏବଂ ଆକାରରେ ବିଭିନ୍ନ ପ୍ରକାରର ବ୍ଲକ୍ ଯେପରି ଛିଦ୍ର ଥିବା ବ୍ଲକ୍, ସଂଯୋଗ କରିବା ବ୍ଲକ୍, ଫୋମ୍ ବ୍ଲକ୍, କାଠ ବ୍ଲକ୍ ଇତ୍ୟାଦି ଏହିଠାରେ ରଖାଯିବ । ପ୍ରହେଳିକା ସାମଗ୍ରୀ ଯେପରିକି ପଜଲ୍, ମେଳକ କାର୍ଡ଼, କ୍ରମିକ ଆକୃତି, ଛୋଟ ଖେଳନା (ଯେପରିକି କାର, ଟ୍ରକ୍, ପଶୁ) ଆବାକସ୍ ଏବଂ ପରିବେଶରୁ ଅନ୍ୟାନ୍ୟ ବସ୍ତୁ ଯେପରିକି ପତ୍ର, ପଥର, ଡାଳ, ଫୁଲ ଇତ୍ୟାଦିକୁ ଏହି କୋଣରେ ରଖାଯିବ ।

- **<u>କଳା, ସୌନ୍ଦର୍ଯ୍ୟ, ନୃତ୍ୟ ଓ ସଂଗୀତ କୋଣ:</u>** ବିଭିନ୍ନ ପ୍ରକାରର ରଙ୍ଗୀନ କାଗଜ, ରଙ୍ଗ ପେନସିଲ, (କ୍ରେୟନ) ପେନ୍ସିଲ, ମାର୍କର, ସ୍ଲେଟ୍, ରଙ୍ଗୀନ ଚକ, କପଡ଼ା ଖଣ୍ଡ, ରଙ୍ଗ, ବ୍ରସ୍, ଟେପ, ପିନ୍, ବୋର୍ଡ଼, ପୁରୁଣା ଖବରକାଗଜ, ମାଟି, ଆଇସ୍କ୍ରିମ୍ କାଠି ଓ ଅନ୍ୟାନ୍ୟ ସ୍ଥାନୀୟ ସାମଗ୍ରୀ ଏଠାରେ ରଖାଯିବ । ଘଣ୍ଟି, ବଂଶୀ, ବାଦ୍ୟଯନ୍ତ୍ର ପରି ବାଜିବା ପାଇଁ ବିଭିନ୍ନ ପ୍ରକାରର ଧାତୁର ବାସନ, ସ୍ଥାନୀୟ ବାଦ୍ୟଯନ୍ତ୍ର, ସ୍ଥାନୀୟ ଗୀତ ଲେଖିବା ପୁସ୍ତକ ଏବଂ ଗୀତର DVD ଆଦି ସାମଗ୍ରୀ ଏହି କୋଣରେ ରଖାଯିବ ।

**ଦୈନିକ କାର୍ଯ୍ୟସୂଚୀ:** ଏହି କାର୍ଯ୍ୟକ୍ରମରେ ଆମେ ପ୍ରତିଦିନର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦୈନିକ କାର୍ଯ୍ୟସୂଚୀ ଓ ଯୋଜନା ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଦିନ ପ୍ରାତଃ ବୈଠକ ଓ ମୁକ୍ତ ଆଲୋଚନା, ସ୍ୱାସ୍ଥ୍ୟ ଓ ସୁସ୍ଥତା ଆଧାରିତ କାର୍ଯ୍ୟ, ଭାଷାଗତ କୌଶଳ, ସଂଖ୍ୟାଜ୍ଞାନ, ପରିବେଶ ସଚେତନତା ଓ ବୈଜ୍ଞାନିକ ଚିନ୍ତନର ସୁଯୋଗ ଥିବା କାର୍ଯ୍ୟ, ମୁକ୍ତ ଓ ନିର୍ଦ୍ଦେଶିତ ଖେଳ ସହ ବିଦାୟ ସମୟର କାର୍ଯ୍ୟ କରାଯିବ ।

## ପ୍ରାତଃ ବୈଠକ ଓ ମୁକ୍ତ ଆଲୋଚନା / କଥାବାର୍ତ୍ତା:

ପ୍ରତ୍ୟେକ ଦିନର କାର୍ଯ୍ୟ 'ପ୍ରାତଃ ବୈଠକ'ରୁ ଆରମ୍ଭ କରିବେ । ତାପରେ ପିଲାମାନଙ୍କୁ ଶ୍ରେଣୀକୁ ସ୍ୱାଗତ କରିବେ; ପ୍ରତ୍ୟେକ ପିଲାକୁ ସେମାନଙ୍କ ନାମରେ ଡାକିବେ ଏବଂ ସେମାନଙ୍କ ମଧ୍ୟରେ ସ୍ନେହ ଏବଂ ଭୟଶୂନ୍ୟ ଭାବନା ବଢ଼ାଇବା ପାଇଁ ସାଙ୍ଗ ଓ ଶିକ୍ଷକଙ୍କ ସହ ମୁକ୍ତ ଭାବେ କଥାବାର୍ତ୍ତା ପାଇଁ ସୁଯୋଗ ଦେବେ । ପିଲାମାନେ ନିଜ ବିଷୟରେ, ନିଜ ଘର, ପରିବାର, ଚାରିପାଖର ପରିବେଶରେ ଦେଖୁଥିବା ଜିନିଷ, ଭଲ ଲାଗୁଥିବା ଜିନିଷ ଓ ବ୍ୟକ୍ତି, ସାଙ୍ଗସାଥୀ, ପର୍ବପର୍ବାଣି, ଜାଣିଥିବା ଗପ, ଖେଳୁଥିବା ଖେଳ, ଭଲ ଲାଗୁଥିବା ଖାଦ୍ୟ ଆଦି ବିଷୟରେ କଥାବାର୍ତ୍ତା କରିବେ ।

### ଦୈନିକ କାର୍ଯ୍ୟସୂଚୀ

ପ୍ରାତଃ ବୈଠକ ଓ ମୁକ୍ତ ଆଲୋଚନା

↓

ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ବନ୍ଧୀୟ କାର୍ଯ୍ୟ

↓

ଭାଷାଗତ କୌଶଳ ସମ୍ବନ୍ଧୀୟ କାର୍ଯ୍ୟ

↓

ସଂଖ୍ୟାଜ୍ଞାନ, ପରିବେଶ ସଚେତନତା ଓ ବୈଜ୍ଞାନିକ ଚିନ୍ତନ ସମ୍ବନ୍ଧୀୟ କାର୍ଯ୍ୟ

↓

ମୁକ୍ତ ଓ ନିର୍ଦ୍ଦେଶିତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ ବିକାଶ ପାଇଁ କାର୍ଯ୍ୟ

↓

ବିଦାୟ ସମୟର କାର୍ଯ୍ୟ

ଏହି କାର୍ଯ୍ୟ ପିଲାମାନେ ଗୋଲାକୃତି କିମ୍ବା ଅର୍ଦ୍ଧ-ଗୋଲାକୃତିରେ ବସି କରିବେ ଓ ସମସ୍ତ ପିଲା ଏଥିରେ ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ଧ୍ୟାନ ଦିଆଯିବ । ଏଗୁଡ଼ିକ ଉଭୟ ମୁକ୍ତ ଏବଂ ନିର୍ଦ୍ଦେଶିତ ବାର୍ତ୍ତାଳାପ ମାଧ୍ୟମରେ ହେବା ଉଚିତ । ପ୍ରତି ସପ୍ତାହର ନିର୍ଦ୍ଦେଶିତ ବାର୍ତ୍ତାଳାପ ପାଇଁ କାର୍ଯ୍ୟସୂଚୀରେ କେତେକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଦିଆଯାଇଛି ଓ ମୁକ୍ତ ବାର୍ତ୍ତାଳାପରେ ପିଲାମାନେ ସେମାନଙ୍କର ଦୈନନ୍ଦିନ ଅନୁଭୂତି ସହିତ ଜଡ଼ିତ କିଛି ବିଷୟରେ କଥାବାର୍ତ୍ତା କରିବା ପାଇଁ ଉତ୍ସାହିତ କରିବେ । ବାର୍ତ୍ତାଳାପରେ ଅଂଶଗ୍ରହଣ କରି ପିଲାମାନେ ଅନ୍ୟମାନଙ୍କ କଥା ଶୁଣିବା, ଉପଯୁକ୍ତ ପ୍ରତିକ୍ରିୟା କରିବା, ଧାରଣା ଗଠନ କରିବା ଏବଂ ନିଜକୁ ପ୍ରକାଶ କରିବା ଶିଖନ୍ତି ।

***ସ୍ୱାସ୍ଥ୍ୟ ଓ ସୁସ୍ଥତା ଆଧାରିତ କାର୍ଯ୍ୟ:*** ପ୍ରତ୍ୟେକ ପିଲାର ସାମଗ୍ରିକ ବିକାଶ ପାଇଁ ସୁସ୍ଥ ରହିବା ନିତାନ୍ତ ଆବଶ୍ୟକ । ସୁସ୍ଥ ରହିବା ସହିତ ସୁସ୍ଥତା ପାଇଁ ଭଲ ଅଭ୍ୟାସ କରିବା, ନିଜର ଓ ଅନ୍ୟମାନଙ୍କର ସ୍ୱାସ୍ଥ୍ୟର ଦାୟିତ୍ୱ ନେବା, ଅନ୍ୟମାନଙ୍କୁ ସହଯୋଗ କରିବା, ଦଳରେ ଅନ୍ୟମାନଙ୍କ ସହିତ ମିଶି ଆଗ୍ରହର ସହିତ କାମ କରିବା ଦ୍ୱାରା ପ୍ରଥମ ବିକାଶାତ୍ମକ ଲକ୍ଷ୍ୟର ଦକ୍ଷତାଗୁଡ଼ିକ ହାସଲ ହୋଇପାରିବ । ବୟସ ଅନୁଯାୟୀ ଶାରୀରିକ ଓ ମାଂସପେଶୀୟ କାର୍ଯ୍ୟ କରି ଶାରୀରିକ ସୁସ୍ଥତା ଓ ମାଂସପେଶୀୟ ଦୃଢ଼ତା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ସେଥିପାଇଁ ଏଥିରେ ବିଭିନ୍ନ କାର୍ଯ୍ୟ ପ୍ରସ୍ତୁତି କରାଯାଇଛି ଯେପରିକି: ଚିତ୍ର କରିବା, ରଙ୍ଗ ଦେବା, ରାସ୍ତା ଖୋଜିବା, ବିନ୍ଦୁ ଯୋଡ଼ିବା, ଖେଳିବା, ଅଭିନୟ କରିବା, ଇତ୍ୟାଦି ।

**ଭାଷାଗତ କୌଶଳ:** ପିଲାମାନଙ୍କ ମଧ୍ୟରେ ଭାଷାଗତ କୌଶଳର ବିକାଶ ଦ୍ୱିତୀୟ ବିକାଶାତ୍ମକ ଲକ୍ଷ୍ୟ ଅନ୍ତର୍ଭୁକ୍ତ । ଭାଷାଗତ କୌଶଳର ବିକାଶ ହେବା ଦ୍ୱାରା ପିଲାମାନେ ଅନ୍ୟମାନଙ୍କ ସହିତ ଆତ୍ମବିଶ୍ୱାସର ସହିତ ମୁକ୍ତ ବାର୍ତ୍ତାଳାପ କରିପାରିବେ, ନିଜର ଭାବନାକୁ ପରିପ୍ରକାଶ କରିପାରିବେ ଓ କଳ୍ପନା କରିପାରିବେ । ସେଥିପାଇଁ ଏହି କାର୍ଯ୍ୟ ଯୋଜନାରେ ପିଲାମାନଙ୍କୁ କଥାବାର୍ତ୍ତାର ସୁଯୋଗ ଦେବା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରାଯାଇଛି । ପ୍ରାକ୍ ପଠନ ଓ ଲିଖନ ଆଧାରିତ କାର୍ଯ୍ୟ ଯୋଜନା ମଧ୍ୟ କରାଯାଇଛି ଯାହା ସେମାନଙ୍କୁ ଅକ୍ଷର, ଶବ୍ଦ ସହିତ ପରିଚିତ କରାଇବା ସହିତ ଛପା ଓ ଲେଖାର ବ୍ୟବହାର କରି ଭାଷାଗତ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ ।

**ସଂଖ୍ୟାଜ୍ଞାନ, ପରିବେଶ ସଚେତନ ଓ ବୈଜ୍ଞାନିକ ଚିନ୍ତନ:** ଏହି କାର୍ଯ୍ୟ ତୃତୀୟ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ । ଏଥିରେ ପିଲାମାନେ ନିଜ ପରିବେଶ ସହିତ କ୍ରିୟା ପ୍ରତିକ୍ରିୟା କରି ସେଥି ସହ ପରିଚିତ ହେବା, ସଂଖ୍ୟାଜ୍ଞାନ ସମ୍ପର୍କିତ ଦକ୍ଷତା ହାସଲ କରିବା ଓ ବୈଜ୍ଞାନିକ ଚିନ୍ତନର ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ସବୁ କାର୍ଯ୍ୟ ଦ୍ୱାରା ପିଲାମାନଙ୍କର ବୌଦ୍ଧିକ ଦିଗର ବିକାଶ ହୋଇଥାଏ । ସେଥିପାଇଁ ଏହି କାର୍ଯ୍ୟକ୍ରମରେ ସଂଖ୍ୟାଜ୍ଞାନ ଆଧାରିତ କାର୍ଯ୍ୟ ଯଥା: ବସ୍ତୁକୁ ବ୍ୟବହାର କରି ଗଣନା ଶିଖିବା, ସଂଖ୍ୟା ଚିହ୍ନିବା, ସଂଖ୍ୟା ମଧ୍ୟରେ ଥିବା ସମ୍ପର୍କ ବୁଝିବା, ଦୈନନ୍ଦିନ ଜୀବନରେ ସଂଖ୍ୟା ବ୍ୟବହାର କରିବା, ଗାଣିତିକ ପ୍ରକ୍ରିୟା ମାଧ୍ୟମରେ ସଂଖ୍ୟା ଆଧାରିତ ସମସ୍ୟା ସମାଧାନ କରିବା ଆଦି ଦକ୍ଷତାକୁ ଆଧାର କରି କାର୍ଯ୍ୟ ଯୋଜନା କରାଯାଇଛି । ପରିବେଶରୁ ମିଳୁଥିବା ବସ୍ତୁକୁ ବ୍ୟବହାର କରି ଏହି କାର୍ଯ୍ୟ ସମ୍ପାଦନ କରାଗଲେ ପିଲାମାନଙ୍କୁ ବୁଝିବା ପାଇଁ ସହଜ ହେବ, ସେଥିପାଇଁ ବସ୍ତୁ ଆଧାରିତ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା ବେଳେ ବସ୍ତୁକୁ ନେଇ ଗଣନ ଓ ବର୍ଗୀକରଣ, ସଂଖ୍ୟା କାର୍ଡ ଖେଳ, ଆଞ୍ଚଳିକ ଖେଳ, ପ୍ରକୃତି ଭ୍ରମଣ ଆଦି କାର୍ଯ୍ୟ କରିବାର ଯୋଜନା କରାଯାଇଛି । ଅଭ୍ୟାସ ପାଇଁ ଆବଶ୍ୟକ ଅନୁଯାୟୀ କାର୍ଯ୍ୟପତ୍ର କାର୍ଯ୍ୟପୁସ୍ତିକାରେ ମଧ୍ୟ ଦିଆଯାଇଛି । ପିଲାମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟପତ୍ରରେ କରିବେ ଓ ସେଗୁଡ଼ିକ ସଂଶୋଧନ କରାଯିବ । ନିଜ ଚାରିପାଖ ପରିବେଶକୁ ଭ୍ରମଣରେ ଯାଇ, କାମ ଅନୁଧ୍ୟାନ କରି, ତା' ସହିତ କ୍ରିୟାପ୍ରତିକ୍ରିୟା କରି, ପରିବେଶର ବିଭିନ୍ନ ଉପାଦାନ ଓ ପରିବେଶରୁ ମିଳୁଥିବା ସାମଗ୍ରୀ ସମ୍ପର୍କରେ ପିଲାମାନେ ଧାରଣା ପାଇବେ ଓ ସେମାନଙ୍କର ବୈଜ୍ଞାନିକ ଚିନ୍ତାଧାରା ବିକଶିତ ହେବ ।

**ମୁକ୍ତ ଓ ନିର୍ଦ୍ଦେଶିତ ଖେଳ:** ଏହି କାର୍ଯ୍ୟକ୍ରମରେ ଦୁଇ ପ୍ରକାର ଖେଳର ଯୋଜନା କରାଯାଇଛି: ମୁକ୍ତ ଖେଳ ଓ ନିର୍ଦ୍ଦେଶିତ ଖେଳ । ମୁକ୍ତ ଖେଳ ଆଧାରିତ କାର୍ଯ୍ୟ ପିଲାମାନଙ୍କୁ ନିଜ ପସନ୍ଦ ଅନୁସାରେ କାର୍ଯ୍ୟ କରିବା, ନିଷ୍ପତ୍ତି ନେବା ଏବଂ ଅନ୍ୟମାନଙ୍କ ଅଧିକାର ଏବଂ ଦୃଷ୍ଟିକୋଣ ବୁଝିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରେ । ଏହା ପିଲାମାନଙ୍କୁ ସେମାନଙ୍କର ଭାବନାକୁ ମୁକ୍ତ ଭାବରେ ପ୍ରକାଶ କରିବାରେ ସାହାଯ୍ୟ କରେ । ମୁକ୍ତ ଖେଳ ସମୟରେ ସେମାନଙ୍କର ଅଂଶଗ୍ରହଣ ଦ୍ୱାରା ନିୟମ ମାନି ଖେଳିବା ଏବଂ ସାଙ୍ଗମାନଙ୍କ ସହିତ ଉତ୍ତମ ବୁଝାମଣା ରଖିବା ଆଦି ସାମାଜିକ କୌଶଳ ଶିଖନ୍ତି । ମୁକ୍ତ ଖେଳ ପାଇଁ ନିମ୍ନରେ ଦିଆଯାଇଥିବା ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେବେ ।

- ପିଲାମାନଙ୍କୁ ନିଜ ପସନ୍ଦର ଖେଳ ଉପକରଣ ନେଇ ଖେଳିବାକୁ ସୁଯୋଗ ଦେବେ ଓ ସେମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଆଲୋଚନା କରିବେ ।
- ଶିକ୍ଷକ ନିଜେ ସମସ୍ତ ପିଲାଙ୍କ ଖେଳକୁ ଅନୁଧ୍ୟାନ କରିବେ ଓ ଆବଶ୍ୟକସ୍ଥଳେ ସେମାନଙ୍କ ସହ ଆଲୋଚନା କରିବେ ।
- ଖେଳିବା ପରେ ପିଲାମାନଙ୍କୁ ଖେଳ ଉପକରଣକୁ ପୁଣି ତା' ସ୍ଥାନରେ ସଜାଡ଼ି ରଖିବା ଓ ଖେଳିସାରିବା ପରେ ହାତ ଧୋଇ ସଫା କରିବାକୁ ଶିଖାଇବେ ।

**ବିଦାୟ ସମୟର କାର୍ଯ୍ୟ:-** ପ୍ରତ୍ୟେକ ଦିନର କାର୍ଯ୍ୟ ସମାପ୍ତି ହେବା ପରେ ପିଲାମାନଙ୍କୁ ପୁଣି ଥରେ ଏକାଠି କରି ଦିନ ସାରା କରିଥିବା କାର୍ଯ୍ୟ ସମ୍ପର୍କରେ ଖୋଲା ଆଲୋଚନା କରିବେ, କିଛି ମଜାଳିଆ କଥା କହିବେ ଓ ପରଦିନ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ କରିବେ । ସେମାନେ କରିଥିବା କାର୍ଯ୍ୟ ସମ୍ପର୍କରେ ଘରେ ପିତାମାତାଙ୍କ ସହିତ ଆଲୋଚନା କରିବା ପାଇଁ ମଧ୍ୟ ସେମାନଙ୍କୁ କହିବେ ଓ ପରଦିନ ପିତାମାତାଙ୍କ ସହ କ'ଣ କଲେ ତାହା ପ୍ରଥମେ ପଚାରି ବୁଝିବେ ।

# ଶ୍ରେଣୀ ପରିଚାଳନା

ପ୍ରତ୍ୟେକ ପିଲାର ଶିକ୍ଷଣ ନିମନ୍ତେ ଉପଯୁକ୍ତ ଶିକ୍ଷଣ ପରିବେଶ ଓ ଶିଖିବା ପାଇଁ ସୁଯୋଗ ସୃଷ୍ଟି କରିବା ଶିକ୍ଷକଙ୍କର ପ୍ରମୁଖ କାର୍ଯ୍ୟ ଅଟେ । ଏହାଦ୍ୱାରା ପିଲାମାନେ ଶିକ୍ଷଣ ପ୍ରତି ଆକୃଷ୍ଟ ହେବା ସଙ୍ଗେସଙ୍ଗେ ସେମାନଙ୍କର ଶିକ୍ଷଣ ଉପଲବ୍ଧି ବୃଦ୍ଧି ହୋଇଥାଏ । ତେଣୁ ଶିକ୍ଷକଙ୍କୁ ଉପଯୁକ୍ତ ଶିକ୍ଷଣ ପଦ୍ଧତି ଓ ଶିକ୍ଷଣସାମଗ୍ରୀ ବ୍ୟବହାର କରି ଶିକ୍ଷଣକୁ ଆନନ୍ଦଦାୟକ ଓ ଫଳପ୍ରଦ କରିବା ପାଇଁ ଠିକ୍ ଢଙ୍ଗରେ ଶ୍ରେଣୀ ପରିଚାଳନା କରିବା ଆବଶ୍ୟକ । ନଚେତ ସବୁ ପିଲା ଆଶାନୁରୂପେ ବିଦ୍ୟାପ୍ରବେଶର ଉଦ୍ଦେଶ୍ୟ ଓ ସେଥିରେ ବର୍ଣ୍ଣିତ ଶିକ୍ଷଣ ଫଳାଫଳଗୁଡ଼ିକୁ ହାସଲ କରିପାରିବେ ନାହିଁ । ଶ୍ରେଣୀ ପରିଚାଳନା ପାଇଁ ଆମକୁ ନିମ୍ନ ଚାରୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯଥା:-

୧ ) ସମୟ ପରିଚାଳନା

୨ ) ଶିକ୍ଷଣ ସାମଗ୍ରୀର ପରିଚାଳନା

୩) ବସିବା ବ୍ୟବସ୍ଥାର ପରିଚାଳନା

୪ ) ଶିକ୍ଷଣକାର୍ଯ୍ୟ ପରିଚାଳନା

**ସମୟ ପରିଚାଳନା:**

ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ସମୟରେ ପିଲାମାନଙ୍କ ଶିକ୍ଷଣ କେତେଦୂର ଫଳପ୍ରଦ ହୋଇପାରିଛି ତାହା ଶ୍ରେଣୀ ପରିଚାଳନା ଉପରେ ନିର୍ଭର କରେ । ପିଲାମାନେ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କଲେ ଶିକ୍ଷଣ ଉପଲବ୍ଧି ବୃଦ୍ଧି ଘଟିଥାଏ । ଏଥିପାଇଁ ସମୟ ପରିଚାଳନା ବେଳେ ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଯେପରି-

- ଫଳପ୍ରଦ ଶିକ୍ଷଣ ପାଇଁ ଶ୍ରେଣୀରେ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରର କୌଶଳ ବ୍ୟବହାର କରିବା ଆବଶ୍ୟକ । ପିଲାଙ୍କୁ ଯଦି ଶିକ୍ଷଣ କାର୍ଯ୍ୟଟିକୁ କରିବା ପାଇଁ ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ ତେବେ ତାହା ଠିକ୍ ନୁହେଁ । ଏହାଦ୍ୱାରା ସେମାନଙ୍କ ସମୟ ଅପଚୟ ହୋଇଥାଏ ଓ ଶିଖିବାର ଧାରା ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ସବୁବେଳେ ଆମକୁ ଧ୍ୟାନ ଦେବା ଆବଶ୍ୟକ ଯେ କିପରି ପିଲାମାନେ ଅଧିକରୁ ଅଧିକ ସମୟ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ହେବେ ।
- ସମୟ ଠିକ୍ ଭାବରେ ବିନିଯୋଗ ପାଇଁ ଶିକ୍ଷକ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଦୈନିକ କାର୍ଯ୍ୟ ଯୋଜନା ମଧ୍ୟ ସମୟକୁ ଆଧାର କରି ହେବା ଆବଶ୍ୟକ ।
- ବହୁସ୍ତର ଓ ବହୁଶ୍ରେଣୀ ପରିପ୍ରେକ୍ଷୀରେ ସମୟକୁ ସନ୍ତୁଳନ କରି ବ୍ୟବହାର କରିବା ଏକ ଆହ୍ୱାନ । ଶିକ୍ଷକ ଏହି ସମୟରେ ଗୋଟିଏ ଶ୍ରେଣୀରେ ଶ୍ରେଣୀକାର୍ଯ୍ୟ ପରିଚାଳନାରେ ମୁଖ୍ୟ ଭୂମିକା ନେବା ବେଳେ ଅନ୍ୟ ଶ୍ରେଣୀରେ ଏପରି ଶିକ୍ଷଣ କାର୍ଯ୍ୟ ଦେବା ଆବଶ୍ୟକ ଯାହା ପିଲାମାନେ ନିଜେ ସ୍ୱତନ୍ତ୍ର ଭାବେ କରିପାରିବେ ବା ସାଙ୍ଗମାନଙ୍କ ସହିତ ଆଲୋଚନା କରିପାରିବେ । ଏଥିରେ ଶିକ୍ଷକଙ୍କ ଉପସ୍ଥିତିର ଆବଶ୍ୟକତା ଅଧିକ ନଥାଇ କାର୍ଯ୍ୟ ହେଉଥିବା ଦରକାର ।
- ଶିକ୍ଷକ ନମୁନା ଅନୁଯାୟୀ ଶିକ୍ଷଣକାର୍ଯ୍ୟ ପିଲାଙ୍କ ସହ କରାଇବେ ।

**ଶିକ୍ଷଣ ସାମଗ୍ରୀର ପରିଚାଳନା:**

- ପିଲାମାନଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଶିକ୍ଷକ ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ଯଥା- କାର୍ଯ୍ୟପୁସ୍ତିକା, ଶିକ୍ଷକ ମାର୍ଗଦର୍ଶିକା ଓ ସେଥିରେ ବର୍ଣ୍ଣିତ କାର୍ଯ୍ୟ ଅନୁଯାୟୀ ସମସ୍ତ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିବେ । ଶିକ୍ଷକ ଶିକ୍ଷଣ ସାମଗ୍ରୀର ବ୍ୟବସ୍ଥା, ବ୍ୟବହାର ଓ ସଂରକ୍ଷଣ ପାଇଁ ପିଲାମାନଙ୍କ ସହ ମିଳିମିଶି ଯୋଜନା କରିବା ଆବଶ୍ୟକ ।
- ଉପଲବ୍ଧ ଶିକ୍ଷଣ ସାମଗ୍ରୀ ବ୍ୟତୀତ ଆବଶ୍ୟକ ପଡ଼ିଲେ ଶିକ୍ଷକ ବିଷୟବସ୍ତୁ ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବେ ।
- ଶିକ୍ଷଣ ସାମଗ୍ରୀର ସଂରକ୍ଷଣ ପାଇଁ ଶିକ୍ଷକ ପିଲାମାନଙ୍କ ସହ ମିଶି କିଛି ନିୟମ ପ୍ରସ୍ତୁତ କରିବେ ଓ ପିଲାମାନଙ୍କୁ ଏହାର ଦାୟିତ୍ୱ ମଧ୍ୟ ଦେବେ । ପ୍ରତ୍ୟେକ ପିଲାଙ୍କୁ ଏହି ଦାୟିତ୍ୱ ନେବାରେ ପର୍ଯ୍ୟାୟ ଅନୁସାରେ ସୁଯୋଗ ଦେବେ ।

**ବସିବା ବ୍ୟବସ୍ଥାର ପରିଚାଳନା:**

- ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟ ପାଇଁ ବସିବା ବ୍ୟବସ୍ଥା ଭିନ୍ନଭିନ୍ନ ହୋଇଥାଏ । ସାମୂହିକ ଶିକ୍ଷଣ କାର୍ଯ୍ୟ ଯେପରିକି ଗପ କହିବା ସମୟରେ ପିଲାମାନେ ଶିକ୍ଷକଙ୍କ ଚାରିପଟେ ଗୋଲାକାର ବା ଅର୍ଦ୍ଧ ଗୋଲାକାରରେ ବସିବେ । ଅନ୍ୟ କାର୍ଯ୍ୟ କରିବା ସମୟରେ ଯୋଡ଼ି ବା ଛୋଟ ଦଳରେ ବସି କରିପାରିବେ ।
- ଦଳଗତ କାର୍ଯ୍ୟ କରିବା ସମୟରେ ଶିକ୍ଷକ ସାମାଜିକ ବିବିଧତା ଥିବା ପିଲାମାନଙ୍କୁ ଗୋଟିଏ ଦଳରେ ମିଶିକରି ବସି ଶିଖିବାର ସୁଯୋଗ ଦେବେ । ବାଳିକାମାନଙ୍କୁ ମଧ୍ୟ ସମାନ ସୁଯୋଗ ଦେବେ । କାଳ କରୁଥିବା ପିଲା ବା ପଛରେ ବସୁଥିବା ପିଲାମାନଙ୍କୁ ଆଗ ଧାଡ଼ିରେ ବସିବା ପାଇଁ ପ୍ରୋତ୍ସାହିତ କରିବେ ।
- ବହୁଶ୍ରେଣୀ ପରିପ୍ରେକ୍ଷୀରେ ଶିକ୍ଷକ ପିଲାଙ୍କୁ ଏପରି ବ୍ୟବଧାନରେ ବସାଇବେ ଯେପରି ଶ୍ରେଣୀ କାର୍ଯ୍ୟ ସମ୍ପାଦନ କରିବାରେ କୌଣସି ଅସୁବିଧା ହେବ ନାହିଁ ।
- ଶ୍ରେଣୀରେ ବିଭିନ୍ନ ସ୍ତରର ପିଲାଙ୍କୁ ନେଇ ଏହିପରି ଦଳ ଗଠନ କରିବେ ଯାହାଦ୍ୱାରା ସବୁ ଦଳରେ ଭିନ୍ନଭିନ୍ନ ସ୍ତରର ପିଲାମାନେ ମିଶିକରି ଥିବେ । ଏହାଦ୍ୱାରା ପିଲାମାନେ ଅନ୍ୟ ସାଙ୍ଗମାନଙ୍କଠାରୁ ଶିଖିବାର ସୁଯୋଗ ପାଇଥାନ୍ତି ଓ ଶିକ୍ଷକଙ୍କୁ ଶ୍ରେଣୀ କାର୍ଯ୍ୟ ସମ୍ପାଦନରେ ସୁବିଧା ହୋଇଥାଏ ।
- ଶ୍ରେଣୀରେ ସମୟ ବ୍ୟବଧାନରେ ପିଲାମାନଙ୍କର ଦଳ ଓ ବସିବା ସ୍ଥାନ ବଦଳିବା ଆବଶ୍ୟକ ଯାହାଦ୍ୱାରା ପ୍ରତ୍ୟେକ ପିଲା ପ୍ରତ୍ୟେକ ପିଲାଠାରୁ ଶିଖିବାର ସୁଯୋଗ ପାଇଥାଏ । କିଛି ନିର୍ଦ୍ଦିଷ୍ଟ ପିଲା ସବୁବେଳେ ଆଗଧାଡ଼ିରେ ବସିବା ପରିବର୍ତ୍ତେ ସମସ୍ତ ପିଲା ଆଗରେ ବସିବାକୁ ସୁଯୋଗ ପାଇଥାନ୍ତି ।
- ବସିବା ବ୍ୟବସ୍ଥା ଏହିପରି ହେବା ଆବଶ୍ୟକ ଯାହାଦ୍ୱାରା ଶିକ୍ଷକ ଓ ପିଲାମାନେ ଶ୍ରେଣୀରେ ବିନା ବାଧାରେ ଯାତାୟାତ କରିପାରିବେ ।
- ପିଲାମାନେ ମୁକ୍ତ ଓ ନିର୍ଦ୍ଦେଶିତ ଖେଳ ଖେଳିବା ସମୟରେ ସେମାନଙ୍କ ନିରାପତ୍ତା ପ୍ରତି ଶିକ୍ଷକ ଧ୍ୟାନ ଦେବେ ।

## ଶିକ୍ଷଣ କାର୍ଯ୍ୟ ପରିଚାଳନା:

ଶିକ୍ଷଣ କାର୍ଯ୍ୟ ସମୟରେ ଶିକ୍ଷକ ପିଲାମାନଙ୍କ ସହିତ ମିଶି କାର୍ଯ୍ୟ କରିବା ଆବଶ୍ୟକ । ଯଦି ପିଲାମାନେ ତଳେ ଦରିରେ ବସିଥାନ୍ତି ତେବେ ଶିକ୍ଷକ ମଧ୍ୟ ଦରିରେ ବସି ପିଲାଙ୍କ ସହ କାର୍ଯ୍ୟ କରିବେ । ଏହିପରି କରାଗଲେ ଶିକ୍ଷକ ଓ ପିଲାମାନଙ୍କ ଭିତରେ ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ, ଓ ପିଲାମାନେ ଶିକ୍ଷଣ ପ୍ରକ୍ରିୟାରୁ ଅଧିକରୁ ଅଧିକ ଶିଖିଥାଆନ୍ତି । ଏହା ବ୍ୟତୀତ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି ଯେପରି -

- ସମସ୍ତ ପିଲାଙ୍କୁ ବ୍ୟକ୍ତିଗତ, ଯୋଡ଼ି ଓ ଛୋଟଛୋଟ ଦଳରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ।
- ଭାଷା ଶିକ୍ଷଣ ସମୟରେ ମୌଖିକ ଭାଷା ବିକାଶ, ପ୍ରାକ୍ ଲିଖନ, କଳା, ଖେଳ, ପ୍ରାକ୍ ପଠନ ଓ ସଂଖ୍ୟାଜ୍ଞାନ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ଆବଶ୍ୟକ ।
- ପିଲାମାନଙ୍କୁ ନିଜ ଘର ଭାଷାରେ ଭାବ ବିନିମୟ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ।
- ଶ୍ରେଣୀଗୃହକୁ ଲେଖା ଓ ଛପା ସାମଗ୍ରୀରେ ସଜ୍ଜୀକରଣ କରାଯିବା ଆବଶ୍ୟକ । ସମୟ ବ୍ୟବଧାନରେ ଏହି ସବୁ ସାମଗ୍ରୀକୁ ବଦଳାଇବା ଉପରେ ଧ୍ୟାନ ଦେବାକୁ ପଡ଼ିବ ।
- ଶିକ୍ଷକ ଶ୍ରେଣୀରେ ଭୟମୁକ୍ତ ପରିବେଶ ସୃଷ୍ଟି କରିବେ, ଯେଉଁଠାରେ ପିଲାମାନେ ଶିକ୍ଷଣ ପ୍ରକ୍ରିୟାରେ ମୁକ୍ତ ଓ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ ।
- ଶିକ୍ଷକ ପିଲାମାନଙ୍କର ଶିକ୍ଷଣ ଉପଲବ୍ଧିକୁ ପ୍ରଶଂସା କରିବେ ।
- ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷଣ ପାଇଁ ବନ୍ଧାଯାଇଥିବା ଶିକ୍ଷକ ହିଁ ବିଦ୍ୟାପ୍ରବେଶକୁ କାର୍ଯ୍ୟକାରୀ କରିବେ ।

## ଦଳଗତ କାର୍ଯ୍ୟ କିପରି କରିବା:

- ଦଳଗତ କାର୍ଯ୍ୟ ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଶିକ୍ଷଣ ପ୍ରକ୍ରିୟାରେ ପିଲାମାନଙ୍କର ଶିକ୍ଷଣ ସହ ସାମାଜିକ ଦିଗର ବିକାଶ ହୋଇଥାଏ । ପରସ୍ପର ସହ ଅନୁଭୂତି ବିନିମୟ ନୂତନ ଧାରଣା ଗଠନ ଓ ଧାରଣାର ଦୃଢ଼ୀକରଣ କରିବା ଆଦି ଦଳଗତ କାର୍ଯ୍ୟ ଦ୍ୱାରା ସମ୍ଭବପର ହୋଇଥାଏ । ଏହା ବ୍ୟତୀତ ସମସ୍ୟା ସମାଧାନ, ନିଷ୍ପତ୍ତି ନେବା, ସହଯୋଗୀ ମନୋଭାବ ଆଦି କୌଶଳର ମଧ୍ୟ ବିକାଶ ହୋଇଥାଏ । ଏହା ପିଲାମାନଙ୍କର ବିକ୍ଷିପ୍ତ ଚିନ୍ତନକୁ ପ୍ରୋତ୍ସାହିତ କରିଥାଏ । ଦଳରେ କାର୍ଯ୍ୟ କରିବା ସମୟରେ ଭାବ ବିନିମୟ ହେବା ଯୋଗୁଁ ଜ୍ଞାନ, ଅଭିଜ୍ଞତା ଓ କୌଶଳର ପରିସୀମା ବ୍ୟାପକ ହୋଇଥାଏ । ସମ୍ବଳ ଓ ସମୟର ବିନିଯୋଗ ମଧ୍ୟ ଠିକ୍ ଭାବରେ ହୋଇଥାଏ । ସମସ୍ତଙ୍କ ଅଂଶଗ୍ରହଣ ଯୋଗୁଁ ସଂଶୋଧନ କାର୍ଯ୍ୟ ସହଜରେ ହୋଇଥାଏ ଓ ଯେକୌଣସି କାର୍ଯ୍ୟ ସମାପନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଏ । ଦଳଗତ କାର୍ଯ୍ୟର ଉପଯୋଗିତା ଅଧିକ ରହିବା ବେଳେ ଏହାର ପରିଚାଳନା ଦୃଷ୍ଟିରୁ ଆମକୁ ଦଳଗଠନ କରିବା ବେଳେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଯଥା-

- ଦଳଗତ ଶିକ୍ଷଣ ନିମନ୍ତେ ପ୍ରତ୍ୟେକ ଦଳରେ ପିଲା ସଂଖ୍ୟା କମ୍ ରହିବା ଆବଶ୍ୟକ । ଦଳରେ ପିଲାମାନଙ୍କ ସଂଖ୍ୟା ୫-୬ ରହିଲେ ଭଲ । ଦଳରେ ଅଧିକ ସଂଖ୍ୟାରେ ସଦସ୍ୟ ରହିଲେ ଶିକ୍ଷକଙ୍କୁ ଶ୍ରେଣୀ ପରିଚାଳନା ତଥା ଶିକ୍ଷଣ କାର୍ଯ୍ୟରେ ଦୃଷ୍ଟି ଦେବା, ପିଲାମାନଙ୍କର କାର୍ଯ୍ୟକୁ ତଦାରଖ କରିବା ଓ ଆବଶ୍ୟକ ସହଯୋଗ ଦେବାରେ ଅସୁବିଧା ହୋଇଥାଏ । ବଡ଼ ଦଳରେ ସମସ୍ତ ପିଲାଙ୍କୁ ଶିକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ସମାନ ସୁଯୋଗ ମିଳି ନଥାଏ ।
- ଶ୍ରେଣୀରେ ଦଳଗଠନ ସମୟରେ ଶିକ୍ଷକ ଜାଣିରଖିବା ଉଚିତ ଯେ ଶିକ୍ଷଣ ଦକ୍ଷତା ଦୃଷ୍ଟିରୁ ଗୋଟିଏ ଶ୍ରେଣୀରେ ବିଭିନ୍ନ ସ୍ତରର ପିଲାମାନେ ଥାଆନ୍ତି । ଭିନ୍ନଭିନ୍ନ ଦକ୍ଷତା ସ୍ତରର ପିଲା ଗୋଟିଏ ଦଳରେ ସାମିଲ ହୋଇ କାର୍ଯ୍ୟ କଲେ ପିଲାମାନଙ୍କ ମଧ୍ୟରେ ସହଭାଗୀ ମନୋଭାବର ବିକାଶ ହେବା ସଙ୍ଗେସଙ୍ଗେ ନିମ୍ନ ଦକ୍ଷତା ସମ୍ପନ୍ନ ଶିକ୍ଷାର୍ଥୀ, ମେଧାବୀ ଶିକ୍ଷାର୍ଥୀଠାରୁ ଶିଖିବାର ସୁଯୋଗ ପାଇଥାନ୍ତି ।
- ଦଳଗତ କାର୍ଯ୍ୟ ସମୟରେ ଭିନ୍ନଭିନ୍ନ ସ୍ତରର ପିଲାମାନଙ୍କୁ ନେଇ ଶିକ୍ଷଣ କାର୍ଯ୍ୟ କରାଗଲେ ଶିକ୍ଷକଙ୍କୁ ଶ୍ରେଣୀ ପରିଚାଳନା ପାଇଁ ସୁବିଧା ହୋଇଥାଏ ଓ ପିଲାମାନଙ୍କ ପାଇଁ ଶିଖିବା ସହଜ ହୋଇଥାଏ ।

## ମାନ ନିର୍ଦ୍ଧାରଣର ଆବଶ୍ୟକତା ଓ ପ୍ରକ୍ରିୟା:

ପିଲାମାନଙ୍କର ଶିକ୍ଷଣ ପଦ୍ଧତିର ନିୟମିତ ତଦାରଖ ଓ ମାନ ନିର୍ଦ୍ଧାରଣ ଶିକ୍ଷକଙ୍କୁ ନିଜର ଶିକ୍ଷଣ ପ୍ରକ୍ରିୟାରେ ଆବଶ୍ୟକୀୟ ପରିବର୍ତ୍ତନ ଆଣି ଶିକ୍ଷଣ ପ୍ରକ୍ରିୟାକୁ ଶିକ୍ଷାର୍ଥୀ କୈନ୍ଦ୍ରିକ କରିବାରେ ସାହାଯ୍ୟ କରେ । ଏହା ଶିକ୍ଷକଙ୍କୁ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟକୁ ବୁଝି ନିଜ ଶିକ୍ଷାଦାନ ପ୍ରକ୍ରିୟାରେ ପିଲାଙ୍କ ଆବଶ୍ୟକତା ମୁତାବକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରେ । ନିୟମିତ ମାନ-ନିର୍ଦ୍ଧାରଣ ଦ୍ୱାରା ଶିକ୍ଷକ ଜାଣିପାରିଥାନ୍ତି ଯେ ବ୍ୟକ୍ତିଗତ ସ୍ତରରେ ପିଲାମାନେ କ'ଣ ଶିଖିଛନ୍ତି ଓ କେଉଁଥିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପିଲାଙ୍କର ଶୈକ୍ଷିକ ପ୍ରଗତିର ନିରନ୍ତର ମାନ ନିର୍ଦ୍ଧାରଣ ଶିକ୍ଷକଙ୍କୁ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା, ଖେଳ ସାମଗ୍ରୀ (Play material), ଶିକ୍ଷଣ କାର୍ଯ୍ୟ ପରିସର (Activity areas) ଇତ୍ୟାଦିରେ ଆବଶ୍ୟକ ପରିବର୍ତ୍ତନ ଆଣି ଶିକ୍ଷଣ ପ୍ରକ୍ରିୟାକୁ ସକ୍ରିୟ ଫଳପ୍ରଦ କରିବାରେ ସାହାଯ୍ୟ କରେ । ଏହି ସମୀକ୍ଷା ଓ ପ୍ରତିଫଳନ ବ୍ୟବସ୍ଥା ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିକ୍ଷଣ ଫଳାଫଳକୁ ଆୟତ୍ତ କରିବାରେ ସାହାଯ୍ୟ କରେ ।

ପ୍ରତ୍ୟେକ ଶିଶୁର ମାସିକ ପ୍ରଗତି ଉପରେ ନଜର ରଖିବା ପାଇଁ ସମସ୍ତ ତିନିମାସ ନିମିତ୍ତ ମାସ ଅନୁସାରେ ଏକ ମାନ-ନିର୍ଦ୍ଧାରଣର ଢାଞ୍ଚା ତିଆରି କରାଯାଇଛି । ପିଲାଙ୍କ ବିଦ୍ୟାଳୟ ପ୍ରସ୍ତୁତିର ପ୍ରଗତିକୁ ମାପିବା ପାଇଁ ଏକ ପ୍ରାକ୍‌ପରୀକ୍ଷଣ ଏବଂ ଏକ କାର୍ଯ୍ୟକ୍ରମ ପରବର୍ତ୍ତୀ ପରୀକ୍ଷଣ କରାଯିବ ।

## ମାନ ନିର୍ଦ୍ଧାରଣ ପାଇଁ ନିମ୍ନଲିଖିତ ପ୍ରକ୍ରିୟା ଅବଲମ୍ବନ କରାଯିବା ଉଚିତ:

- ପ୍ରତ୍ୟେକ ଶିଶୁର ପୋର୍ଟଫୋଲିଓ ତିଆରି କରନ୍ତୁ । ଏହା ଶିକ୍ଷକଙ୍କୁ ପ୍ରତ୍ୟେକ ଶିଶୁର ପ୍ରଗତିକୁ ଜାଣିବାରେ ଏବଂ ରେକର୍ଡ଼ କରିବାରେ ସାହାଯ୍ୟ କରିବ ।
- ପିଲାମାନେ ଭିନ୍ନଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ହେବା ସମୟରେ ସେମାନଙ୍କୁ ଧ୍ୟାନର ସହିତ ପର୍ଯ୍ୟବେକ୍ଷଣ (Observe) କରନ୍ତୁ ।

- ପିଲାଙ୍କର କେଉଁ ଦିଗଗୁଡ଼ିକ ପର୍ଯ୍ୟବେକ୍ଷଣ କରାଯିବ ତାହା ଉପରେ ସ୍ପଷ୍ଟତା ରହିବା ନିହାତି ଆବଶ୍ୟକ ।
- ପିଲାମାନଙ୍କର ଛୋଟଛୋଟ ଦଳ ତିଆରି କରି ଶିକ୍ଷଣ କାର୍ଯ୍ୟ ପରିଚାଳନା କରାଯିବ, ଯଦ୍ୱାରା ପ୍ରତ୍ୟେକ ପିଲାଙ୍କ ଉପରେ ଧ୍ୟାନ ଦେଇ ପାରିବେ ।
- ପର୍ଯ୍ୟବେକ୍ଷଣ କରିଥିବା ତଥ୍ୟର ବିବରଣୀ ଲେଖନ୍ତୁ (Anecdote) ।
- ନିଜର ପର୍ଯ୍ୟବେକ୍ଷଣକୁ ନିରପେକ୍ଷ ଓ ବସ୍ତୁନିଷ୍ଠ କରନ୍ତୁ । ଏହା ନିଶ୍ଚିତ କରନ୍ତୁ ଯେ ଆପଣଙ୍କର ବ୍ୟକ୍ତିଗତ ମତ ଏବଂ ଧାରଣା ପର୍ଯ୍ୟବେକ୍ଷଣ ଉପରେ ଯେପରି କୌଣସି ପ୍ରଭାବ ପକାଇବ ନାହିଁ । ମାନ ନିର୍ଦ୍ଧାରଣର ଲକ୍ଷ୍ୟ ପିଲାଙ୍କ ମୂଲ୍ୟାଙ୍କନ ନୁହେଁ, ଏହାର ଏକମାତ୍ର ଲକ୍ଷ୍ୟ ହେଉଛି ଶିକ୍ଷଣ କାର୍ଯ୍ୟରେ ଜଡ଼ିତ ଥିବା ସମୟରେ ପିଲାଙ୍କ ଆଚରଣକୁ ବର୍ଣ୍ଣନା କରିବା ଓ ଶିକ୍ଷାର୍ଥୀଙ୍କ ପ୍ରଗତିକୁ ନିଶ୍ଚିତ କରିବା ।
- ସବୁ ପିଲା ମାନ-ନିର୍ଦ୍ଧାରଣ ପ୍ରକ୍ରିୟାର ପରିସରଭୁକ୍ତ ହେବେ । ଆମେ ସବୁବେଳେ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀର ପୂର୍ବ ଓ ପର ମାନ-ନିର୍ଦ୍ଧାରଣର ଫଳାଫଳକୁ ତୁଳନା କରିବା । କଦାପି ଗୋଟିଏ ପିଲାର ଶିକ୍ଷଣ ଫଳାଫଳକୁ ଅନ୍ୟ ପିଲା ସହ ତୁଳନା କରିବା ନାହିଁ, ଏପରି କଲେ ପିଲାଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି ହୋଇଥାଏ ଯାହା ତାଙ୍କୁ ପାଠ ଠାରୁ ଦୂରେଇ ନେଇଥାଏ ।
- ତୃତୀୟ ମାସର ମାନ ନିର୍ଦ୍ଧାରଣ ସଂପୂର୍ଣ୍ଣ ହେଲାପରେ, ପିଲାମାନଙ୍କର ତିନି ମାସର ମାନ ନିର୍ଦ୍ଧାରଣ ଫର୍ମକୁ ଭଲ ଭାବରେ ବିଶ୍ଳେଷଣ କରି ପାଠ୍ୟ ଯୋଜନା ଓ ଶିକ୍ଷଣ କାର୍ଯ୍ୟରେ ଆବଶ୍ୟକ ମୁତାବକ ପରିବର୍ତ୍ତନ କରନ୍ତୁ । ପିଲାଙ୍କର ପ୍ରଗତି ପତ୍ରକୁ ମଧ୍ୟ ସମସ୍ତ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ସହ ବିନିମୟ କରନ୍ତୁ ।

**ପର୍ଯ୍ୟବେକ୍ଷଣ / ତଦାରଖ (Observation) :** ପିଲାମାନଙ୍କର କାର୍ଯ୍ୟ / କ୍ରିୟା କଳାପ, ସେମାନଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଓ ଶିକ୍ଷଣ ପ୍ରକ୍ରିୟାକୁ ତଦାରଖ କରିବା ।

**ଲିଖିତ ବିବରଣ (Anecdotal Record) :** ପିଲାଙ୍କ ଦ୍ୱାରା ବ୍ୟବହୃତ ଭାଷା, ସାମାଜିକ ସମ୍ପର୍କ, ପାରସ୍ପରିକ ଆଲୋଚନା ଇତ୍ୟାଦିକୁ ନିରୀକ୍ଷଣ କରି ଏହାର ଏକ ସଂକ୍ଷିପ୍ତ ବିବରଣୀ ଲେଖି ରଖିବା ।

**ପୋର୍ଟଫୋଲିଓ (Portfolios):** ପ୍ରତ୍ୟେକ ଶିଶୁର କାର୍ଯ୍ୟ ନମୁନା ସଂଗ୍ରହ କରି ପୋର୍ଟଫୋଲିଓ ତିଆରି କରିବା । ଯେପରିକି ପିଲାଙ୍କଦ୍ୱାରା କରାଯାଇଥିବା ଚିତ୍ର, କଳା, ହସ୍ତକର୍ମ, କୋଲାଜ୍ ଆଦିର ନମୁନା ପୋର୍ଟଫୋଲିଓରେ ରଖିବା ।

**ତନଖି ତାଲିକା (Checklist) :** ଶିକ୍ଷଣ ଫଳାଫଳର ତାଲିକା ଓ ପ୍ରତ୍ୟେକ ବିକାଶମୂଳକ ଲକ୍ଷ୍ୟରୁ ପିଲାଙ୍କଠାରୁ ଆଶା କରାଯାଉଥିବା କୌଶଳର ସୂଚୀ ।

**ଫୋଟୋଗ୍ରାଫ୍ ଏବଂ ଭିଡ଼ିଓ କ୍ଲିପ୍ସ (Photograph & Video Clips) :** ପିଲାଙ୍କ କାର୍ଯ୍ୟର ଫଟୋ ଉଠାଇବା ଓ ଭିଡ଼ିଓ ରେକର୍ଡିଂ କରିବା ଓ ପରେ ସେଗୁଡ଼ିକୁ ଭଲଭାବରେ ଲକ୍ଷ୍ୟ କଲେ ଶିକ୍ଷଣ କାର୍ଯ୍ୟରେ ପିଲାଙ୍କ ପ୍ରଗତିକୁ ଜାଣିବାରେ ସାହାଯ୍ୟ କରିବ ।

## ପିଲାଙ୍କର ଶିକ୍ଷଣ ପ୍ରକ୍ରିୟାରେ ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କ ସଂପୃକ୍ତି:

ପିଲାମାନେ ବିଦ୍ୟାଳୟ ଆସିବା ପୂର୍ବରୁ ଅଭିଭାବକ ହିଁ ସେମାନଙ୍କ ପ୍ରଥମ ଶିକ୍ଷକ ଅଟନ୍ତି । ପରିବାର ଓ ଗୋଷ୍ଠୀର ସାହାଯ୍ୟ ଓ ପ୍ରେରଣା ପିଲାଙ୍କ ଶିକ୍ଷା ଓ ଭବିଷ୍ୟତ ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଥିପାଇଁ ଶିକ୍ଷକ ସର୍ବଦା ପିଲାଙ୍କର ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କ ସହ କିପରି ଯୋଗାଯୋଗ ସ୍ଥାପନ କରିବେ ଓ ସେମାନଙ୍କୁ ପିଲାଙ୍କ ଶିକ୍ଷଣ ସମ୍ପର୍କିତ ଆଲୋଚନାରେ ବିଦ୍ୟାଳୟ ସହ ଯୋଡ଼ିବେ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ । ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବା ପାଇଁ ନିମ୍ନଲିଖିତ କୌଶଳ ବା ଯୋଜନା ଅବଲମ୍ବନ କରାଯାଇପାରେ ।

- ଅଭିଭାବକଙ୍କୁ 'ବିଦ୍ୟା ପ୍ରବେଶ' ଉଦ୍ଦେଶ୍ୟ ବିଷୟରେ ଭଲ ଭାବେ ଅବଗତ କରାଇବା ଓ ତିନି ମାସ ମଧ୍ୟରେ ହେବାକୁ ଥିବା ଶିକ୍ଷଣ କାର୍ଯ୍ୟର ବିସ୍ତୃତ ବିବରଣ ଦେବା ଯେ ଏହି କାର୍ଯ୍ୟକ୍ରମ ପିଲାଙ୍କୁ କିପରି ସାହାଯ୍ୟ କରିବ ।
- ଶିକ୍ଷକ ଅଭିଭାବକଙ୍କ ପାଇଁ କିଛି ଶିକ୍ଷଣ କାର୍ଯ୍ୟ ଚୟନ କରି ତାକୁ ସେମାନଙ୍କ ପିଲାଙ୍କ ସହ କରିବାକୁ କହିବେ । ଏହାଦ୍ୱାରା ଅଭିଭାବକ ଅନୁଭବ କରିପାରିବେ ଯେ ସେମାନେ ପିଲାଙ୍କ ଶିକ୍ଷାଦାନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ।
- ପିଲାମାନେ ବିଦ୍ୟାଳୟରୁ ଘରକୁ ଆସିବା ପରେ ଅଭିଭାବକ କେଉଁ ବିଷୟରେ ପିଲାଙ୍କ ସହ ଆଲୋଚନା କରିପାରିବେ ତାହା ସେମାନଙ୍କୁ ଅବଗତ କରାନ୍ତୁ: (ଯେପରି)
  - ବିଦ୍ୟାଳୟରେ ସବୁଠାରୁ ଆନନ୍ଦଦାୟକ ଘଟଣା କ'ଣ ଥିଲା ?
  - ଶିକ୍ଷକ ଘର ପାଇଁ କେଉଁ କାର୍ଯ୍ୟ ଦେଇଛନ୍ତି ?
  - ଶିକ୍ଷକ ବିଦ୍ୟାଳୟରେ କ'ଣ ଆଲୋଚନା କଲେ ?

ଯଦି ପିଲାମାନେ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେଇ ପାରୁନାହାନ୍ତି, ସେହି ପରିସ୍ଥିତିରେ ଅଭିଭାବକଙ୍କୁ ତାଙ୍କ ପିଲାଙ୍କ ବଡ଼ ଭାଇଭଉଣୀ, ସାଙ୍ଗ ବା ଶିକ୍ଷକଙ୍କ ସାହାଯ୍ୟ ନେବା ପାଇଁ କୁହନ୍ତୁ ।

- ପ୍ରତ୍ୟେକ ଶିଶୁ ଅନନ୍ୟ ଓ ସ୍ୱତନ୍ତ୍ର ଅଟେ, ତେଣୁ ପିଲାଙ୍କ ମଧ୍ୟରେ ତୁଳନା କରନ୍ତୁ ନାହିଁ ।
- ପିଲାଙ୍କ ସହ ଯଥେଷ୍ଟ ସମୟ ଅତିବାହିତ କରନ୍ତୁ । ସେମାନଙ୍କ ସମ୍ମୁଖରେ ଏପରି ଆଚରଣ, ବ୍ୟବହାର ଓ ଉଦାହରଣ ପ୍ରସ୍ତୁତ କରନ୍ତୁ, ଯେପରି ସେହି ମୂଲ୍ୟବୋଧଗୁଡ଼ିକୁ ଆପଣ ସେମାନଙ୍କ ମଧ୍ୟରେ ବିକାଶ କରିପାରିବେ ।
- ପିଲାଙ୍କୁ ସକାଳ ଓ ରାତ୍ରି ସମୟରେ ଗଳ୍ପ ପଢ଼ି ବା କହି ଶୁଣାଇବେ । ଗଳ୍ପ ପଠନ / କଥନ ପରେ ପିଲାଙ୍କ ସହ ଗପ ଉପରେ ଆଲୋଚନା କରିବେ । ଅଭିଭାବକ ନିମ୍ନଲିଖିତ ପ୍ରଶ୍ନ ପଚାରି ପାରନ୍ତି, ଯେପରି:
  - ଗଳ୍ପରେ କେତୋଟି ପାତ୍ର / ଚରିତ୍ର ଥିଲେ ?
  - ସିଏ ସେମିତି କାହିଁକି କଲା ?
  - ତୁମକୁ ଗଳ୍ପ କେମିତି ଲାଗିଲା, ଯଦି ଭଲ ଲାଗିଲା ତେବେ କାହିଁକି ଭଲ ଲାଗିଲା ଓ ଯଦି ଭଲ ଲାଗିଲା ନାହିଁ ତେବେ କାହିଁକି ଭଲ ଲାଗିଲା ନାହିଁ ?
  - ତୁମେ ସେହି ଚରିତ୍ର ସ୍ଥାନରେ ଥିଲେ କ'ଣ କରିଥାଆନ୍ତ ?
- ପିଲାଙ୍କୁ ନାଟକ, ଅଭିନୟ ଓ କଣ୍ଢେଇ ଖେଳ ଇତ୍ୟାଦି ଶିକ୍ଷଣ କାର୍ଯ୍ୟରେ ସାମିଲ ହେବା ପାଇଁ ଉତ୍ସାହିତ କରନ୍ତୁ ।

- ପିଲାମାନଙ୍କୁ ଘରେ ଉପଲବ୍ଧ ଥିବା ଜିନିଷ ଉପରେ ସଚେତନ କରିବା । ଉଦାହରଣ ସ୍ୱରୂପ, ପିଲାଙ୍କୁ ରୋଷେଇ ଘର ଜିନିଷ ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ କାର୍ଯ୍ୟ ଯୋଜନା ତିଆରି କରିବା । (ଅଲଗାଅଲଗା ରଙ୍ଗର ଡାଳି ସଜାଡ଼ିବା, ପନିପରିବାର ନାମ ଜାଣିବା, ବାସନ-କୁସନର ନାମ ଓ ବ୍ୟବହାର ଜାଣିବା, ବସ୍ତୁର ଆକୃତି ବିଷୟରେ ଜାଣିବା (ଟେବୁଲ୍, ଆଲମାରୀ, ଚଷମା, ପାତ୍ର ଓ ପ୍ଲେଟ୍ ଇତ୍ୟାଦି), ବିଭିନ୍ନ ରଙ୍ଗର ବସ୍ତୁକୁ ଦେଖିବା, ଅଲଗାଅଲଗା ବସ୍ତୁର ପ୍ରକୃତି (ଓଜନିଆ, ହାଲୁକା, ଥଣ୍ଡା, ଗରମ  ଇତ୍ୟାଦି) ଜାଣିବା, ଖାଦ୍ୟ ପଦାର୍ଥର ସ୍ୱାଦ ଚାଖିବା (ପିତା, ମିଠା, ଖଟା ଇତ୍ୟାଦି) ଯାନବାହାନ ଓ ପଶୁପକ୍ଷୀଙ୍କ ଧ୍ୱନି ଜାଣିବା ଓ ବସ୍ତୁର ଗଣନ କରିପାରିବା ଇତ୍ୟାଦି ।
- ପିଲାଙ୍କ କାର୍ଯ୍ୟପୁସ୍ତିକା, ଖାତା ଓ ଡାଇରିକୁ ନିୟମିତ ଭାବେ ପରଖି ସେମାନଙ୍କୁ ଆବଶ୍ୟକ ମୁତାବକ ସାହାଯ୍ୟ କରିବା । ପିଲାଙ୍କର ଭଲ କାର୍ଯ୍ୟ ପାଇଁ ସେମାନଙ୍କୁ ପ୍ରଶଂସା କରିବା ଓ ପ୍ରେରଣା ଦେବା ।

## ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କୁ ପିଲାଙ୍କ ଶିକ୍ଷଣରେ ସାମିଲ କରିବାର କିଛି ଉପାୟ:

- ପ୍ରତ୍ୟେକ ଶିଶୁର ଆଗ୍ରହ ଜାଣିବା ପାଇଁ ପରିବାର ସଦସ୍ୟଙ୍କ ସହିତ ସମ୍ପର୍କ କରନ୍ତୁ ଓ ସେମାନେ ପିଲାମାନଙ୍କ ସହିତ ଘରେ କେଉଁ ଶିକ୍ଷଣ କାର୍ଯ୍ୟ କରିବେ ତାହାର ପରାମର୍ଶ ଦିଅନ୍ତୁ ।
- ପିଲାମାନଙ୍କର ପ୍ରଥମ ଶ୍ରେଣୀରେ ନାମ ଲେଖା ପୂର୍ବରୁ ପିଲା ଓ ଅଭିଭାବକଙ୍କ ପାଇଁ ଏକ ବିଦ୍ୟାଳୟ ପ୍ରସ୍ତୁତି ମେଳାର ଆୟୋଜନ କରିବା । ଏହି ମେଳାରେ ପିଲାଙ୍କ ବୌଦ୍ଧିକ, ଆବେଗିକ, ଶାରୀରିକ, ସାମାଜିକ ବିକାଶ ପାଇଁ ଅନେକ ଶିକ୍ଷଣ କାର୍ଯ୍ୟ କରାଯିବ । ଅଭିଭାବକ ଓ ଗୋଷ୍ଠୀ ସଦସ୍ୟମାନେ ଏହି ମେଳାରେ ଅଂଶ ଗ୍ରହଣ କରି ପିଲାଙ୍କ ବିକାଶରେ ନିଜ ଭୂମିକା ପ୍ରତି ସଚେତନ ହେବେ ।
- ପିଲାଙ୍କ ଶୈକ୍ଷିକ ପ୍ରଗତିକୁ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ସହିତ ପ୍ରତି ମାସରେ ବିନିମୟ କରନ୍ତୁ । ପ୍ରଧାନ ଶିକ୍ଷକ ପିଲାଙ୍କ ପ୍ରଗତି ପତ୍ର ବିଦ୍ୟାଳୟ କାନ୍ଥରେ ମଧ୍ୟ ପ୍ରଦର୍ଶିତ କରିପାରିବେ ।
- ଅଭିଭାବକଙ୍କୁ ଗଳ୍ପ କଥନ, ଖେଳ, ନାଟକ, କବିତା ଆବୃତ୍ତି, ମୌଖିକ ଆଲୋଚନା, କଳା ଆଦି ଶିକ୍ଷଣ କାର୍ଯ୍ୟ ପିଲାଙ୍କ ସହିତ କରିବା ପାଇଁ ପରାମର୍ଶ ଦିଅନ୍ତୁ ।
- ବିଦ୍ୟାଳୟ ପରିଚାଳନା କମିଟି (SMC) ସଦସ୍ୟଙ୍କୁ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମିତ୍ତ କିଛି ଦାୟିତ୍ୱ ଦିଅନ୍ତୁ ।
- ଗୋଷ୍ଠୀ ସଦସ୍ୟଙ୍କ ସହ ନିୟମିତ ସମ୍ପର୍କରେ ରୁହନ୍ତୁ ଓ ଆବଶ୍ୟକସ୍ଥଳେ ସେମାନଙ୍କର ସାହାଯ୍ୟ (ଯେପରି ପାନୀୟ ଜଳ, ବସିବା ପାଇଁ ସ୍ଥାନ ଓ ଅନ୍ୟ ସ୍ୱଚ୍ଛ ପାଇଁ) ନିଅନ୍ତୁ ।

## ଭିନ୍ନକ୍ଷମ ପିଲାମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି କାର୍ଯ୍ୟ କରିବାର କିଛି ଉପାୟ:

- ଭିନ୍ନକ୍ଷମ ପିଲାମାନଙ୍କର ଶୈକ୍ଷିକ ସ୍ତରକୁ ଦୃଷ୍ଟିରେ ରଖି ଶିକ୍ଷଣ ଯୋଜନା ପ୍ରସ୍ତୁତ କରନ୍ତୁ । ଏହାଦ୍ୱାରା ପିଲାମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ ବଢ଼ିବ ।
- ନିଜର ସମସ୍ୟା ନିଜେ ସମାଧାନ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।
- ସୂଚନାଗୁଡ଼ିକ ସରଳ ବାକ୍ୟରେ କୁହନ୍ତୁ ଓ ଏହାର ପୁନରାବୃତ୍ତି କରନ୍ତୁ ।
- କାର୍ଯ୍ୟରେ ଭିନ୍ନକ୍ଷମ ପିଲାମାନଙ୍କର ଅଂଶଗ୍ରହଣ ନିମନ୍ତେ କାର୍ଯ୍ୟର ସ୍ୱରୂପ, ସୂଚନାରେ ପରିବର୍ତ୍ତନ କରନ୍ତୁ ।
- ପ୍ରତ୍ୟେକ କାର୍ଯ୍ୟର ଉଦାହରଣ ଦେଇ କାର୍ଯ୍ୟକରିବାର ସୂଚନାକୁ ସହଜ ଓ ସରଳ କରନ୍ତୁ ।
- କୌଣସି କୌଶଳକୁ ଉତ୍ତମ ରୂପେ ଶିଖିବା ପାଇଁ ପିଲାଙ୍କୁ ନିୟମିତ ଅଭ୍ୟାସ, ସୁଯୋଗ ଓ ସମୟ ପ୍ରଦାନ କରନ୍ତୁ ।
- ପିଲାଙ୍କୁ ସକାରାତ୍ମକ ଏବଂ ବର୍ଣ୍ଣନାତ୍ମକ ଢଙ୍ଗରେ ତୁରନ୍ତ ପ୍ରତିପୁଷ୍ଟି (Feedback) ପ୍ରଦାନ କରନ୍ତୁ ।
- ପିଲାଙ୍କୁ ତାଙ୍କ ପସନ୍ଦର ଖେଳ ଓ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ବିକଳ୍ପ ଓ ସ୍ୱାଧୀନତା ଦିଅନ୍ତୁ ।
- ପିଲାଙ୍କୁ ବାସ୍ତବ ବସ୍ତୁର ଉଦାହରଣ ଦେଇ କାର୍ଯ୍ୟରେ ନିୟୋଜିତ କରନ୍ତୁ ।
- ଶ୍ରେଣୀରେ ବସିବା ବ୍ୟବସ୍ଥା ଏପରି କରନ୍ତୁ ଯେପରି ଭିନ୍ନକ୍ଷମ ପିଲାମାନେ ଶିକ୍ଷକଙ୍କ ପାଖରେ ବସିବେ । ସେମାନଙ୍କୁ କବାଟ, ଝରକା ଓ ଅନ୍ୟମନସ୍କ କରାଉଥିବା ପିଲାଙ୍କଠାରୁ ଦୂରେଇ ବସାନ୍ତୁ ।
- ପିଲାଙ୍କୁ କୌଣସି କୌଶଳ ଶିଖିବା ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀର ବ୍ୟବହାର କରନ୍ତୁ (ଯେପରି -ଦୃଶ୍ୟ ସାମଗ୍ରୀ (visuals), କଥୋପକଥନ, ଗୀତ, ବାସ୍ତବବସ୍ତୁ ଇତ୍ୟାଦି) ।
- ଶ୍ରେଣୀଗୃହରେ ପିଲାଙ୍କ ଅନୁଭୂତି ଆଧାରିତ ଆଲୋଚନା କରନ୍ତୁ ଓ ସବୁ ପିଲାଙ୍କୁ ସମାନ ଧ୍ୟାନ ଦିଅନ୍ତୁ ।
- ପିଲାମାନେ ଯାହା ବୁଝିଛନ୍ତି ତାକୁ ଅନେକ ଉପାୟରେ ଅଭିବ୍ୟକ୍ତ କରିବା ପାଇଁ ସୁଯୋଗ ପ୍ରଦାନ କରନ୍ତୁ ।
- ପରସ୍ପରକୁ ସାହାଯ୍ୟ କରିବା ପାଇଁ ପିଲାଙ୍କ ମଧ୍ୟରେ ସଚେତନତା ଆଣନ୍ତୁ ।

## ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା:

ଉତ୍ତମ ମାନସିକ ସ୍ୱାସ୍ଥ୍ୟ ପିଲାମାନଙ୍କର ସାମଗ୍ରିକ ବିକାଶକୁ ସକାରାତ୍ମକ ରୂପେ ପ୍ରଭାବିତ କରିଥାଏ । ଏହା ସେମାନଙ୍କୁ ଉତ୍ତମ ସାମାଜିକ, ଆବେଗିକ, ସର୍ଜନାତ୍ମକ ଏବଂ ଭାବ ବିନିମୟ ଦକ୍ଷତା ବିକାଶ କରିବାରେ ସାହାଯ୍ୟ କରିଥାଏ । ଏହା ପରବର୍ତ୍ତୀ ଜୀବନରେ ଉନ୍ନତ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଏକ ମୂଳଦୁଆ ରୂପେ କାର୍ଯ୍ୟ କରେ । ତେଣୁ, ଜୀବନର ଏହି ମହତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ସହ ଶିକ୍ଷକ ଏବଂ ପିତାମାତାଙ୍କ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଦୈନିକ କାର୍ଯ୍ୟ

## ୧. ସର୍କଲ ସମୟ

ଶ୍ରେଣୀକାର୍ଯ୍ୟ ଆରମ୍ଭରେ ପ୍ରାତଃ ବୈଠକ / ସର୍କଲ୍ ସମୟ (ଗୋଲାକୃତିରେ ପ୍ରାରମ୍ଭିକ କାର୍ଯ୍ୟ) କରାଯାଇଥାଏ । ଏଥିରେ ଶିକ୍ଷକମାନେ ପିଲାମାନଙ୍କୁ ଶ୍ରେଣୀଗୃହରେ ସ୍ୱାଗତ କରିବା ଉଚିତ; ପିଲାଙ୍କୁ ସେମାନଙ୍କ ନାଁ ଧରି ଡାକନ୍ତୁ । ପିଲାଙ୍କ ମଧ୍ୟରେ ସ୍ନେହ, ନିରାପତ୍ତା ଓ ଆବେଗିକ ଭାବନା ବିକାଶ କରିବା ପାଇଁ ସେମାନଙ୍କୁ କଥୋପକଥନ କାର୍ଯ୍ୟରେ ସାମିଲ ନିମନ୍ତେ ଯଥେଷ୍ଟ ସୁଯୋଗ ଦିଅନ୍ତୁ । ପ୍ରାତଃ ବୈଠକ / ସର୍କଲ ସମୟରେ ପିଲାଙ୍କୁ ଗୋଲାକାର ବା ଅର୍ଦ୍ଧ ଗୋଲାକାରରେ ବସାନ୍ତୁ ଯେପରି ସେମାନେ ମୁକ୍ତ କଥୋପକଥନ କରିବାର ସୁଯୋଗ ପାଇବେ ।

### ଶିକ୍ଷଣ କାର୍ଯ୍ୟ ୧ – ପରିଷ୍କାର ପରିଚ୍ଛନ୍ନତାକୁ ଆଧାର କରି ମୁକ୍ତ କଥୋପକଥନ

**ଉଦ୍ଦେଶ୍ୟ :** ପିଲାମାନେ ପରିଷ୍କାର ପରିଚ୍ଛନ୍ନତାର ମହତ୍ତ୍ୱକୁ ବୁଝିବାରେ ସକ୍ଷମ ହେବେ । ଏହା ଆଗାମୀ ବର୍ଷଗୁଡ଼ିକରେ ସେମାନଙ୍କୁ ବିଦ୍ୟାଳୟରେ କିମ୍ବା ବିଦ୍ୟାଳୟ ବାହାରେ ଉତ୍ତମ ରୂପେ ନିଜକୁ ଉପସ୍ଥାପନା କରିବାରେ ସାହାଯ୍ୟ କରିବ ।

**ଆବଶ୍ୟକ ସମାଗ୍ରୀ ଓ ପ୍ରସ୍ତୁତି:** ଏହି ଶିକ୍ଷଣ କାର୍ଯ୍ୟ ପାଇଁ ଦର୍ପଣ, ପାନିଆ, ନେଲକଟର୍ ଇତ୍ୟାଦି ସାମଗ୍ରୀର ଦରକାର ହୋଇପାରେ । ଶିକ୍ଷକ ପିଲାମାନଙ୍କ ସ୍ୱଚ୍ଛତାକୁ ଧ୍ୟାନରେ ରଖିବେ (ଯେପରି ସେମାନେ ନଖ କାଟିଛନ୍ତି, କେଶ କୁଣ୍ଡେଇଛନ୍ତି, ସଫା ପୋଷାକ ପିନ୍ଧିଛନ୍ତି, ଦାନ୍ତ ଘଷିଛନ୍ତି ଇତ୍ୟାଦି) । ଏଠାରେ ଗୋଟିଏ କଥା ଧ୍ୟାନ ଦେବା ଉଚିତ୍ ଯେ ପିଲାମାନେ ଦେଖିକରି ବହୁତ କିଛି ଶିଖନ୍ତି ।

**ଶିକ୍ଷଣ କାର୍ଯ୍ୟର ପ୍ରଣାଳୀ:**

- ପିଲାମାନଙ୍କୁ ଗୋଲାକୃତିରେ ବସାନ୍ତୁ – ଜଣକ ପରେ ଜଣଙ୍କର ଅର୍ଥାତ୍ ସମସ୍ତ ପିଲାମାନଙ୍କର ନଖ, କେଶ ଏବଂ ପୋଷାକ ନିରୀକ୍ଷଣ କରନ୍ତୁ । ଯଦି କୌଣସି ପିଲା କେଶ କୁଣ୍ଡେଇ ନାହିଁ ବା ନଖ କାଟିନାହିଁ, ସେଠାରେ ଶିକ୍ଷକ ପିଲାଙ୍କ କେଶ କୁଣ୍ଡେଇ ଦେବେ ଓ ତାଙ୍କ ନଖ କାଟିଦେବେ ।
- ପିଲାମାନଙ୍କ ନଖ କାଟିବା ଓ କେଶ ସଜାଡ଼ିବା ପରେ ସେମାନଙ୍କୁ ନିଜକୁ ଦର୍ପଣରେ ଦେଖିବାପାଇଁ ସେମାନଙ୍କୁ କୁହନ୍ତୁ, ଏହାଦ୍ୱାରା ସଫାସୁତୁରା ରହିବା ପାଇଁ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେବ ।
- ପିଲାଙ୍କ ସହିତ ସଫାସୁତୁରା ରହିବାର ମହତ୍ତ୍ୱ ଉପରେ ଆଲୋଚନା କରନ୍ତୁ । ସେମାନଙ୍କୁ ନିଜର ମତାମତ ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦେବେ ।
- ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ ପିଲାମାନେ ନିଜେ କରିବେ ଓ ତାଙ୍କ ସାଥୀମାନେ ଏହାକୁ ନିରୀକ୍ଷଣ କରି ତାଙ୍କୁ ପରାମର୍ଶ ଦେବେ ।

**ସର୍କଲ ଟାଇମ ସମୟରେ ନିମ୍ନଲିଖିତ ଦିଗଗୁଡ଼ିକ ଧ୍ୟାନରେ ରଖିବା ଆବଶ୍ୟକ:**

- ଉଭୟ ମୁକ୍ତ ଉତ୍ତରମୂଳକ ଓ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରନ୍ତୁ । ଏହି ପ୍ରଶ୍ନଗୁଡ଼ିକ ପିଲାଙ୍କ ଚିନ୍ତନ ଦକ୍ଷତାର ବିକାଶ ନିମନ୍ତେ ସାହାଯ୍ୟ କରିଥାଏ ।
- କବିତା ଆବୃତ୍ତି ଓ ଗଳ୍ପକଥନ କରିବେ ।
- ପିଲାଙ୍କ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବେ ।
- ସର୍କଲ ଟାଇମର ଆରମ୍ଭ ପ୍ରାର୍ଥନାରୁ କରନ୍ତୁ ।

## ଶିକ୍ଷଣ କାର୍ଯ୍ୟ ୨ : ପିଲାମାନେ ପରସ୍ପରକୁ ଜାଣିବା

ଉଦ୍ଦେଶ୍ୟ : ପିଲାମାନେ ପରସ୍ପର ନାମ, ପସନ୍ଦ ଓ ନାପସନ୍ଦକୁ ଜାଣିବେ ।

ଆବଶ୍ୟକ ସାମଗ୍ରୀ ଓ ପ୍ରସ୍ତୁତି: ଏହି କାର୍ଯ୍ୟ ପାଇଁ କୌଣସି ଉପକରଣ ବା ସାମଗ୍ରୀର ଆବଶ୍ୟକତା ନାହିଁ ।

ଶିକ୍ଷଣ କାର୍ଯ୍ୟର ପ୍ରକ୍ରିୟା:

୧. ପ୍ରଥମେ ପିଲାଙ୍କୁ ନିଜର ନାମ କୁହନ୍ତୁ ଓ ଏହି ସମୟରେ କୌଣସି ଗୋଟିଏ କାର୍ଯ୍ୟ କରନ୍ତୁ । ଉଦାହରଣସ୍ୱରୂପ ନିଜର ନାମ କହି ତାଳି ବଜାଇ ପାରିବେ । ଏହା ସହ ନିଜର ମନପସନ୍ଦ ଜିନିଷର ନାମ କହି ତାର ଉପଯୋଗିତା କହିପାରିବେ ବା ନାପସନ୍ଦ ଜିନିଷ ନାମ କହିପାରିବେ ଓ ତାହା କାହିଁକି ନାପସନ୍ଦ ତାହା କହିବେ । ଉଦାହରଣସ୍ୱରୂପ - ଶିକ୍ଷକ ଏହା କହିପାରିବେ ମୋତେ ଗୀତ ଗାଇବାକୁ ଭଲ ଲାଗେ ଓ ଗାଡ଼ି ଚଳାଇବାକୁ ଖରାପ ଲାଗେ ।

୨. ଉପର ଉଦାହରଣ ପରି ବର୍ତ୍ତମାନ ପିଲାଙ୍କୁ ମଧ୍ୟ ନିଜର ପରିଚୟ କୌଣସି ଏକ କାର୍ଯ୍ୟଦ୍ୱାରା କରିବାକୁ କୁହନ୍ତୁ । ପିଲାମାନେ ନିଜ ପସନ୍ଦ ଓ ନାପସନ୍ଦକୁ ନିଜ ଭାଷାରେ କହିବାକୁ ପ୍ରେରଣା ଦିଅନ୍ତୁ ।

୩. ସବୁ ପିଲାଙ୍କୁ ସାମିଲ କରନ୍ତୁ ।

## ଶିକ୍ଷଣ କାର୍ଯ୍ୟ ୩ - ମୁଁ ହସିଲି, ମୁଁ କାନ୍ଦିଲି

ଉଦ୍ଦେଶ୍ୟ:- ପିଲାମାନେ ବିଭିନ୍ନ ପରିସ୍ଥିତିକୁ ଶୁଣି ଓ ଦେଖି ଭାବନାକୁ ବୁଝିବେ ଓ ଉପସ୍ଥାପନା କରିବେ ।

ଆବଶ୍ୟକ ସାମଗ୍ରୀ ଓ ପ୍ରସ୍ତୁତି: ବିଭିନ୍ନ ସଙ୍କେତ ଓ ପରିସ୍ଥିତିକୁ ବୁଝିବା ଓ ତାହାକୁ ଅଭିବ୍ୟକ୍ତ କରିବା ।

ପ୍ରକ୍ରିୟା:

୧. ପିଲାଙ୍କୁ କୁହନ୍ତୁ ଯେ ଏହି ଶିକ୍ଷଣ କାର୍ଯ୍ୟରେ ଆପଣ ସେମାନଙ୍କୁ କିଛି ସଙ୍କେତ, ବିଭିନ୍ନ ପରିସ୍ଥିତି ବା କୌଣସି କଥା କହିବେ । ଶିକ୍ଷକ ପିଲାମାନଙ୍କୁ ଦେଖାଇବେ ଯେ ସଙ୍କେତ, ପରିସ୍ଥିତି ବା କଥାକୁ ଭିତ୍ତିକରି କିପରି ପ୍ରତିକ୍ରିୟା ଦେବେ ।

୨. ପିଲାଙ୍କୁ ଗୋଲାକାରରେ ବସାନ୍ତୁ ଓ ସେମାନଙ୍କୁ ଗୋଟିଏ ଲେଖାଏଁ ସଙ୍କେତ, ପରିସ୍ଥିତି ବା ବାକ୍ୟ କୁହନ୍ତୁ,
ଉଦାହରଣ ସ୍ୱରୂପ:

- ମାଆ ଆଜି ରସଗୋଲା ତିଆରି କରିଛନ୍ତି ଓ ତୁମକୁ ଅନ୍ୟମାନଙ୍କଠାରୁ ଅଧିକ ରସଗୋଲା ଦେଇଛନ୍ତି ।
- ଆଜି ସିଡ଼ିରୁ ଆସୁଥିବା ସମୟରେ ତମେ ପଡ଼ିଗଲ ।
- ତୁମ ସାଙ୍ଗ ତୁମ ଟିଫିନରୁ ସବୁ ଖାଇବା ଜିନିଷ ଖାଇଦେଲା ।
- ତୁମ ଜେଜେମାଆ ଖେଳନା କିଣିବା ପାଇଁ ତୁମକୁ ଟଙ୍କା ଦେଲେ ।
- ତୁମେ ଖେଳିବା ଆରମ୍ଭ କରିବା ସମୟରେ ବର୍ଷା ଆରମ୍ଭ ହୋଇଗଲା ।
- ତୁମ ବାପା ତୁମ ପାଇଁ ନୂଆ ସାଇକେଲ କିଣିକରି ଆଣିଲେ ।

ଶିକ୍ଷକ ସବୁ ପିଲାଙ୍କ ପ୍ରତିକ୍ରିୟା ଧ୍ୟାନରେ ଶୁଣି ତାଙ୍କୁ ଆବଶ୍ୟକତା ଅନୁଯାୟୀ ସହାୟତା ପ୍ରଦାନ କରିବେ ।

# ମୁକ୍ତ ଖେଳ (Free Play)

## ମୁକ୍ତ ଖେଳ କ'ଣ ଏବଂ ସେଗୁଡ଼ିକ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ମୁକ୍ତ ଖେଳ ସମୟରେ, ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟ କୋଣକୁ ଯାଇ ନିଜ ଇଚ୍ଛା ଅନୁଯାୟୀ ବିଭିନ୍ନ ଖେଳ ଖେଳିବାର ସୁଯୋଗ ମିଳେ । ମୁକ୍ତ ଖେଳ କାର୍ଯ୍ୟକଳାପଗୁଡ଼ିକ ପିଲାମାନଙ୍କୁ ନିଜର ଇଚ୍ଛା ଅନୁସାରେ ବାଛିବା ଏବଂ ନିଷ୍ପତ୍ତି ନେବାର ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରେ । ଏହି କାର୍ଯ୍ୟକଳାପଗୁଡ଼ିକ ଦ୍ୱାରା ଅନ୍ୟମାନଙ୍କର ଅଧିକାର ଏବଂ ଦୃଷ୍ଟିକୋଣଗୁଡ଼ିକୁ ବୁଝିବାରେ ମଧ୍ୟ ସାହାଯ୍ୟ ମିଳିଥାଏ ।

ମୁକ୍ତ ଖେଳ ପିଲାମାନଙ୍କୁ ନିଜର ଭାବନାଗୁଡ଼ିକୁ ବୁଝିବା ଏବଂ ବ୍ୟକ୍ତ କରିବାରେ ସାହାଯ୍ୟ କରିଥାଏ । ସେମାନେ ମୁକ୍ତ ଖେଳ ସମୟରେ ଅନ୍ୟମାନଙ୍କ ସାଥିରେ ଖେଳନାଗୁଡ଼ିକୁ ମିଶିକରି ବ୍ୟବହାର କରିବା, ନିଜର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଏବଂ କଥାବାର୍ତ୍ତା ଭଳି ସାମାଜିକ କୌଶଳ ମଧ୍ୟ ଶିଖିଥାଆନ୍ତି । ଅଲଗାଅଲଗା କାର୍ଯ୍ୟକଳାପ କୋଣଗୁଡ଼ିକରେ ବିଭିନ୍ନ ପ୍ରକାରର ସାମଗ୍ରୀ ରଖାଯାଇଥାଏ, ଯାହାଦ୍ୱାରା ପିଲାମାନଙ୍କୁ ବିଭିନ୍ନ ସାମଗ୍ରୀଗୁଡ଼ିକ ବିଷୟରେ ଜାଣିବା ଏବଂ ସେଗୁଡ଼ିକର ଗୁଣଗୁଡ଼ିକୁ ଖୋଜିବାରେ ଅବସର ମିଳିଥାଏ ।

ସେମାନେ କଳ୍ପନାଶୀଳ ହୋଇ ଖେଳିବା ପାଇଁ ସାମଗ୍ରୀଗୁଡ଼ିକ ବିଷୟରେ ନିଜର ଜ୍ଞାନକୁ ଉପଯୋଗ କରନ୍ତି । ଏହି ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷକଙ୍କୁ ପିଲାମାନଙ୍କର ବ୍ୟବହାର ପର୍ଯ୍ୟବେକ୍ଷଣ କରିବା, ସମସ୍ତେ ବିଦ୍ୟାଳୟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ନିୟୋଜିତ ରଖିବା ଏବଂ କମ୍ ବୟସର ପିଲାମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବାରେ ସାହାଯ୍ୟ କରେ ।

## ଶ୍ରେଣୀରେ ମୁକ୍ତ ଖେଳ ପାଇଁ ପ୍ରସ୍ତୁତି କିପରି କରିବା ?

ଶ୍ରେଣୀକକ୍ଷରେ ଖେଳିବା ଓ ଶିଖିବା ପାଇଁ ବ୍ୟବସ୍ଥିତ ଶିକ୍ଷଣ କାର୍ଯ୍ୟ କୋଣ ରହିବା ଦରକାର । କାର୍ଯ୍ୟକଳାପ କୋଣଗୁଡ଼ିକୁ ଏପରି ପରିଚାଳନା କରିବା ଯେପରି ସେଗୁଡ଼ିକ ଶ୍ରେଣୀର ସବୁ ଦିଗରୁ ଦୃଶ୍ୟମାନ ହେବ । ଏହାଦ୍ୱାରା ଶିକ୍ଷକ ସମସ୍ତ ପିଲାଙ୍କୁ ଦେଖି

ପାରିବେ ଏବଂ ସେମାନେ ସୁରକ୍ଷିତ ଅଛନ୍ତି ବୋଲି ନିଶ୍ଚିତ କରିପାରିବେ । ଯଦି ଶ୍ରେଣୀରେ କମ୍ ସ୍ଥାନ ଅଛି ତେବେ କୋଣଗୁଡ଼ିକୁ ପାଳି କରି କରାଯାଇପାରେ, ଯାହା ଫଳରେ ପିଲାମାନେ ସମସ୍ତ ପ୍ରକାର କୋଣଗୁଡ଼ିକୁ ଉପଯୋଗ କରିବା ପାଇଁ ସମୟ ପାଇପାରିବେ ।

## ମୁକ୍ତ ଖେଳ ନିମିତ୍ତ ନିମ୍ନଲିଖିତ ଉକ୍ତିଗୁଡ଼ିକ ପ୍ରତି ଧ୍ୟାନ ଦେବା:

- ପିଲାମାନଙ୍କୁ ସେହି ଶିକ୍ଷଣ କାର୍ଯ୍ୟ, କୋଣଗୁଡ଼ିକୁ ବାଛିବାରେ ବା ଚୟନ କରିବାରେ ସାହାଯ୍ୟ କରନ୍ତୁ, ଯେଉଁଠିକୁ ସେମାନେ ଯିବାକୁ ଚାହୁଁଛନ୍ତି । ସେମାନଙ୍କୁ ଆପଣ ପ୍ରତ୍ୟେକ କାର୍ଯ୍ୟକଳାପ କୋଣଗୁଡ଼ିକ ବିଷୟରେ କୁହନ୍ତୁ ଏବଂ ସେମାନଙ୍କ ମନ ପସନ୍ଦର ଶିକ୍ଷଣ କାର୍ଯ୍ୟ ବିଷୟରେ ପ୍ରଶ୍ନ ପଚାରନ୍ତୁ ।
- ସମସ୍ତ କୋଣଗୁଡ଼ିକୁ ପରିଦର୍ଶନ କରନ୍ତୁ, ପିଲାମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ଏବଂ ପିଲାମାନଙ୍କୁ ଖେଳିବା ସମୟରେ ପର୍ଯ୍ୟବେକ୍ଷଣ କରନ୍ତୁ ।
- ଖେଳିସାରିବା ପରେ ପିଲାମାନଙ୍କୁ ସମସ୍ତ ସାମଗ୍ରୀଗୁଡ଼ିକୁ ଠିକ୍ ସ୍ଥାନରେ ରଖିବା ପାଇଁ ଶିଖାନ୍ତୁ । ପିଲାମାନଙ୍କୁ ହାତ ଧୋଇବା ବା ସଫା କରିବା ପାଇଁ କୁହନ୍ତୁ ।
- ଶେଷରେ ପିଲାମାନଙ୍କ ଦ୍ୱାରା ବାର୍ତ୍ତାଳାପ କରାନ୍ତୁ କିମ୍ବା ସେମାନଙ୍କର ଖେଳିବା ସାମଗ୍ରୀଗୁଡ଼ିକର ପ୍ରଦର୍ଶନ କରାନ୍ତୁ । ପରବର୍ତ୍ତୀ ଭାଗରେ ପରିବର୍ତ୍ତିତ ଯୋଜନା ଏକ ଗୀତ ବା ସଂକେତ ମାଧ୍ୟମରେ କରାଯାଇପାରେ ।

**ପ୍ରତ୍ୟେକ ପର୍ଯ୍ୟବେକ୍ଷଣ କୋଣ ସହ ସମ୍ବନ୍ଧିତ ପିଲାମାନଙ୍କ ପାଇଁ କିଛି ସାମଗ୍ରୀର ଉଦାହରଣ ନିମ୍ନରେ ଦିଆଯାଇଛି:**

**କଳା (Art), ସଂଗୀତ ଓ ନୃତ୍ୟ କୋଣ**

ବିଭିନ୍ନ ପ୍ରକାର କାଗଜ, ରଙ୍ଗ, ପେନସିଲ, ସ୍କେଚ୍, ମାର୍କର, ରଙ୍ଗୀନ ଚକ୍, ସମାଚାର ପତ୍ର, ଆଇସକ୍ରିମ କାଠି, ମାଟି, ରଙ୍ଗତୂଳୀ, ଟେପ୍ ଆଦି । ଘଣ୍ଟି, ଘୁଙ୍ଗୁର, ବିଭିନ୍ନ ପ୍ରକାରର ଧାତୁ ନିର୍ମିତ ବାସନ, ବିଭିନ୍ନ ପ୍ରକାରର ତାର ଥିବା ବାଦ୍ୟଯନ୍ତ୍ର, ବଂଶୀ ଆଦି ।

**ପୁସ୍ତକ କୋଣ**

ଶିଶୁମାନଙ୍କ ନିମନ୍ତେ ପୁସ୍ତକ, ଚିତ୍ର ପୁସ୍ତକ, ବଡ଼ ବହି, ଲୋକ କଥା ଓ କବିତା ପୁସ୍ତକ, ପୋଷ୍ଟର ଆଦି ।

**ଖେଳନା / କଣ୍ଢେଇ / ଅଭିନୟ କୋଣ**

କାଗଜ କଣ୍ଢେଇ, କପଡ଼ା କଣ୍ଢେଇ, ହାତ କଣ୍ଢେଇ, ଖେଳନା ରୋଷେଇ ସାମଗ୍ରୀ ଆଦି ।

**ଅନୁସନ୍ଧାନ କୋଣ**

ଟାରା ରଙ୍ଗ, ଚୁମ୍ବକ, ଲୁହା ନିର୍ମିତ ବସ୍ତୁ, ନିକିତି, ମାପ ସମ୍ବନ୍ଧୀୟ ବସ୍ତୁ ଆଦି । ପଜଲ, ମ୍ୟାଚିଙ୍ଗ୍ କାର୍ଡ, ପଥର, ମଞ୍ଜି, ବର୍ଗୀକରଣ ପାଇଁ ସାମଗ୍ରୀ, ଖେଳନା ଗାଡ଼ି ଏବଂ ପଶୁପକ୍ଷୀଙ୍କ ଖେଳନା । ବିଭିନ୍ନ ରଙ୍ଗ, ଆକାର ଏବଂ ମାପ ଆଧାରିତ ବ୍ଲକ୍, କାଠି ଏବଂ ପ୍ଲାଷ୍ଟିକରେ ନିର୍ମିତ ବ୍ଲକ୍ ଆଦି ।

# ୩. କଳା ଓ ସୌନ୍ଦର୍ଯ୍ୟ ଧାରଣା ବିକାଶ ପାଇଁ ଶିକ୍ଷଣ କାର୍ଯ୍ୟ

## (Arts and Aesthetic Development Activities)

ଅଭିନୟ, ସଙ୍ଗୀତ, ନୃତ୍ୟ, ଚିତ୍ର କରିବା, କ୍ରାଫ୍ଟ ଆଦି ଶିକ୍ଷଣ କାର୍ଯ୍ୟଗୁଡ଼ିକ ପିଲାଙ୍କ ଭିତରେ କଳା ଓ ସୌନ୍ଦର୍ଯ୍ୟାନୁଭୂତିକୁ ବିକଶିତ କରାଇଥାଏ ଓ ତାହାର ଭାବନାକୁ ପରିପ୍ରକାଶ କରିବା ପାଇଁ ଅବସର ପ୍ରଦାନ କରିଥାଏ । ଏହି ଶିକ୍ଷଣ କାର୍ଯ୍ୟ-ଗୁଡ଼ିକ ପିଲାର ମାଂସପେଶୀୟ କୌଶଳକୁ ବିକଶିତ କରାଇ ତା'ର ଚିନ୍ତନ ଓ ଲିଖନ ଦକ୍ଷତାକୁ ବଢ଼ାଇଥାଏ । ପିଲାଙ୍କ ମଧ୍ୟରେ ଏହି ଦକ୍ଷତାର ବିକାଶ ପାଇଁ ମାଟି ଓ ପାଣିରେ ଖେଳିବା, ଚିତ୍ର କରିବା, ରଙ୍ଗ ଦେବା, କାଗଜ କାଟିବା, ଯୋଡ଼ିବା ଓ ଛପେଇବା ଆଦି କାମ ହେବା ଦରକାର ।

## କେତେକ ଶିକ୍ଷଣ କାର୍ଯ୍ୟର ଉଦାହରଣ

### ଶିକ୍ଷଣ କାର୍ଯ୍ୟ - ୧ - ଗାର ଟାଣିବା ଓ ଚିତ୍ର କରିବା

ଉଦ୍ଦେଶ୍ୟ - ରଚନା ଓ କଳ୍ପନା ଶକ୍ତିର ବିକାଶ

**ଆବଶ୍ୟକ ସାମଗ୍ରୀ ଓ ପୂର୍ବ ପ୍ରସ୍ତୁତି - କାଗଜ, ପେନସିଲ୍, କ୍ରେୟନ, ରବର, ଚାର୍ଟ ପେପର, ରଙ୍ଗ ପେନ୍‌ସିଲ୍ ଆଦି । ଏହି ସମସ୍ତ ଆବଶ୍ୟକ ସାମଗ୍ରୀ ପୂର୍ବରୁ ଶିକ୍ଷକ ଶ୍ରେଣୀଗୃହରେ ରଖିବେ ।**

ଶିକ୍ଷଣ କାର୍ଯ୍ୟର ସୋପାନ -

୧. ପିଲାଙ୍କୁ ପ୍ରଥମେ ଦଳରେ ଭାଗ କରନ୍ତୁ । ସମସ୍ତ ଦଳରେ ସମାନ ଭାବରେ ସାମଗ୍ରୀ ବାଣ୍ଟି ଦିଅନ୍ତୁ ।

୨. ପିଲାଙ୍କୁ କୁହନ୍ତୁ ଯେଉଁ ବସ୍ତୁ, ସ୍ଥାନ ଓ କାମ ସେମାନଙ୍କ ପସନ୍ଦ ତାହା ଉପରେ ଚିତ୍ର କରିବା ସହ ରଙ୍ଗ ଦିଅନ୍ତୁ ।

୩. ଧ୍ୟାନ ରଖିବେ ଯେ ସବୁ ପିଲା ଯେପରି କିଛି ନା କିଛି ଚିତ୍ର ଅବଶ୍ୟ କରିବେ । ସବୁ ପିଲାଙ୍କ ପାଖକୁ ଯାଇ ସେମାନଙ୍କ ଉତ୍ସାହ ବଢ଼ାନ୍ତୁ ।

୪. ପିଲାଟି କ'ଣ କରିଛି ତାକୁ ପଚାରନ୍ତୁ । ସେ ଯାହା କହିଲା ତାହା ମଧ୍ୟରୁ କିଛି ଶବ୍ଦ ସେ ଆଙ୍କିଥିବା ଚିତ୍ର ପାଖରେ ଲେଖନ୍ତୁ ।

୫. ପିଲାମାନେ କରିଥିବା ଚିତ୍ରକୁ ଶ୍ରେଣୀଗୃହରେ ସମସ୍ତଙ୍କ ଦେଖିଲା ଭଳି ସ୍ଥାନରେ ଶିକ୍ଷକ ଟାଙ୍ଗି ଦିଅନ୍ତୁ ।

## ଶିକ୍ଷଣ କାର୍ଯ୍ୟ ୨ - ମୋ ମ୍ୟାଜିକ୍ ନାମ

**ଆବଶ୍ୟକ ସାମଗ୍ରୀ** – ଧଳା ଚାର୍ଟ ପେପର, ଧଳା ମହମବତୀ କିମ୍ବା ଧଳା କ୍ରେୟନ, କଳା ରଙ୍ଗ, ତୁଳା

**ଶିକ୍ଷଣ କାର୍ଯ୍ୟର ସୋପାନ** –

୧. ଶିକ୍ଷକ ପିଲାଙ୍କ ନଜାଣିଲା ଭଳି ଧଳା ଚାର୍ଟ ପେପରରେ ଦୁଇ ବା ତିନି ଜଣ ପିଲାଙ୍କ ନାମ ଧଳା ମହମବତୀରେ ଲେଖିବେ ।

୨. ସବୁ ପିଲାଙ୍କୁ ଗୋଲରେ ବସିବାକୁ କହିବେ ।

୩. ଏହାପରେ ପିଲାଙ୍କୁ କହିବେ ଯେ, ଏବେ ଏମିତି ଗୋଟେ ମ୍ୟାଜିକ କରିବା ଯାହା ଫଳରେ, ଏହି ଧଳା କାଗଜରେ କିଛି ପିଲାଙ୍କ ନାମ ଲେଖି ହୋଇଯିବ ।

୪. ଶିକ୍ଷକ ପୂର୍ବରୁ ମହମରେ କାଗଜର ଯେଉଁ ଯାଗାରେ ନାମ ଲେଖିଥିବେ, ସେଠାରେ ତୁଳାରେ ରଙ୍ଗ ନେଇ ଲଗାଇବେ । ପୂର୍ବରୁ ଲେଖାଯାଇଥିବା ନାମଟି ଅଧିକ ଉଜ୍ଜ୍ୱଳ ଦିଶିବ ଓ ଶିକ୍ଷକ ସେହି ନାମ ସବୁ ପଢ଼ିବେ ।

୫. ଶିକ୍ଷକ ପିଲାଙ୍କୁ କହିବେ ତୁମେମାନେ କଣ ମ୍ୟାଜିକ୍ ଶିଖିବାକୁ ଚାହୁଁଛ କି ? ପିଲାଙ୍କ ଆଗ୍ରହକୁ ଦେଖି ସମସ୍ତଙ୍କୁ ଗୋଟିଏ ଗୋଟିଏ ଚାର୍ଟ ପେପର, ଧଳା କ୍ରେୟନ, ରଙ୍ଗ ବା ତୁଳୀ ଦେବେ । ସେହି ଚାର୍ଟ ପେପରରେ ଧଳା କ୍ରେୟନ ଜରିଆରେ କୌଣସି ଏକ ଚିତ୍ର କରିବାକୁ ପିଲାଙ୍କୁ କୁହନ୍ତୁ । ଏହାପରେ ତୁଳାରେ ରଙ୍ଗ ନେଇ ସେଥିରେ ଦେବାକୁ କୁହନ୍ତୁ ।

୬. ଯେତେବେଳେ ସମସ୍ତ ପିଲା କାମ ସାରିଦେବେ ଶିକ୍ଷକ ସମସ୍ତଙ୍କ କାର୍ଡ଼କୁ ଗୋଟେ ଜାଗାରେ ରଖିବାକୁ କହିବେ । କାର୍ଡଗୁଡ଼ିକ ଶୁଖିଲା ପର୍ଯ୍ୟନ୍ତ ଶିକ୍ଷକ ଅପେକ୍ଷା କରିବେ । ତାଳି ମାରି ସମସ୍ତ ପିଲାଙ୍କୁ ଉତ୍ସାହିତ କରିବେ ।

୭. କାର୍ଡଗୁଡ଼ିକ ଶୁଖିଯିବା ପରେ ଶିକ୍ଷକ ପିଲାମାନଙ୍କୁ ସେମାନଙ୍କ କାର୍ଡ଼ ଚିହ୍ନିବା ପାଇଁ କହିବେ ।

## ଶିକ୍ଷଣ କାର୍ଯ୍ୟ - ୩ - ଫୁଲତୋଡ଼ା

**ଉଦ୍ଦେଶ୍ୟ** – ବିଭିନ୍ନ ରଙ୍ଗ ସହ ପରିଚିତ ହେବେ ଓ ଏହାର ବ୍ୟବହାରକୁ ବୁଝିବେ ।

**ଆବଶ୍ୟକ ସାମଗ୍ରୀ ଓ ପୂର୍ବ ପ୍ରସ୍ତୁତି** – ବିଭିନ୍ନ ରଙ୍ଗର ରଙ୍ଗୀନ କାଗଜ, କ୍ରେୟନ, ଚାର୍ଟ ପେପର ଓ ଅଠା

**ଶିକ୍ଷଣ କାର୍ଯ୍ୟର ସୋପାନ**–

୧. ଶିକ୍ଷକ ପିଲାମାନଙ୍କୁ ଚାରୋଟି ଦଳରେ ଭାଗକରି ଦଳର ନାମ ଦିଅନ୍ତୁ । ସେମାନଙ୍କୁ ରଙ୍ଗୀନ କାଗଜ ଦିଅନ୍ତୁ ।

୨. ପ୍ରଥମେ ଶିକ୍ଷକ ନିଜେ ରଙ୍ଗୀନ କାଗଜରେ ଫୁଲର ପାଖୁଡ଼ା ଓ ପତ୍ର ଆଦି କାଟି ପିଲାଙ୍କୁ ଦେଖାନ୍ତୁ । ଏହାପରେ ପିଲାଙ୍କୁ ସେହି ଭଳି କାଗଜ କାଟିବାକୁ କୁହନ୍ତୁ । ସେଥିରେ ଶିକ୍ଷକ ପିଲାମାନଙ୍କୁ ସହାୟତା କରନ୍ତୁ ।

୩. ଏହାପରେ ଶିକ୍ଷକ ପିଲାମାନେ କାଟିଥିବା ପାଖୁଡ଼ାକୁ ଅଠାରେ ଯୋଡ଼ି ଫୁଲ ତିଆରି କରନ୍ତୁ । ଏକ କାଗଜରେ ଫୁଲର ନାଡ଼ ତିଆରି କରନ୍ତୁ । ଏହା ଉପରେ ଫୁଲ ରଖନ୍ତୁ । ନାଡ଼ରେ ପତ୍ର ଯୋଡ଼ନ୍ତୁ । ଦୁଇଚାରିଟି ଅଲଗାଅଲଗା ଫୁଲ ତିଆରି ହୋଇଗଲା ପରେ ସବୁ ଫୁଲକୁ ଏକାଠି ଯୋଡ଼ି ଦିଅନ୍ତୁ ।

୪. ଏବେ ଶିକ୍ଷକ ସବୁ ପିଲାଙ୍କୁ ଫୁଲତୋଡ଼ା ଦେଖାନ୍ତୁ । ଏବେ ପିଲାମାନେ କିପରି ଫୁଲତୋଡ଼ା ତିଆରି କରିବେ ତା'ର ସୋପାନ ସେମାନଙ୍କୁ କୁହନ୍ତୁ ।

୫. ପିଲାମାନଙ୍କୁ ନିଜ ଦଳରେ ଫୁଲତୋଡ଼ା ତିଆରି କରିବା ପାଇଁ ଦିଅନ୍ତୁ ।

୬. ଦଳଗୁଡ଼ିକ କାମ କରୁଥିବା ସମୟରେ ସେମାନଙ୍କ କାମକୁ ଶିକ୍ଷକ ଧ୍ୟାନ ଦିଅନ୍ତୁ ।

୭. ଫୁଲତୋଡ଼ା ହୋଇଯିବା ପରେ କିଛି ପିଲାଙ୍କୁ ନେଇ ତୋଡ଼ା ବିଆନିଆ କାମ ଶିକ୍ଷକ କରନ୍ତୁ ।

୮. ଏହାପରେ ଶିକ୍ଷକ ପିଲାମାନେ ତିଆରି କରିଥିବା ତୋଡ଼ାରେ ଦଳର ନାମ ଲେଖି ଶ୍ରେଣୀରେ ରଖନ୍ତୁ ।

## ଶିକ୍ଷଣ କାର୍ଯ୍ୟ - ୪ ଚିହ୍ନ ଦିଅନ୍ତୁ ଓ ଚିତ୍ର କରନ୍ତୁ ।

ଆବଶ୍ୟକ ସାମଗ୍ରୀ ଓ ପୂର୍ବ ପ୍ରସ୍ତୁତି -

ଚାର୍ଟ ପେପର, ପାଣି ରଙ୍ଗ, କଟାଯାଇଥିବା ପିଆଜ ଓ ଭେଣ୍ଡିର ଉପର ଅଂଶ, ସ୍କେଚ ପେନ୍

ସୋପାନ -

୧. ଶିକ୍ଷକ ପିଲାଙ୍କୁ ନେଇ ତିନୋଟି ଦଳ କରନ୍ତୁ । ସମସ୍ତ ପିଲାଙ୍କୁ ଭେଣ୍ଡିର ଭୁଣ୍ଡି, ପିଆଜର ଉପର କଟା ଅଂଶ ଓ ପାଣି ରଙ୍ଗ ଦିଅନ୍ତୁ ।

୨. ପ୍ରଥମେ ଶିକ୍ଷକ ଭେଣ୍ଡିର ଭୁଣ୍ଡିରେ ରଙ୍ଗ ଲଗାଇ କାଗଜରେ ଲଗାଇବେ । ଏହାପରେ ପିଆଜରେ ରଙ୍ଗ ଲଗାଇ କାଗଜରେ ଲଗାନ୍ତୁ ।

୩. ଭେଣ୍ଡି ଓ ପିଆଜରେ ଲଗାଯାଇଥିବା ଛାପ ଶୁଖିଗଲେ ଶିକ୍ଷକ ସେହି ଛାପକୁ ଯୋଡ଼ି ଗୋଟିଏ କିମ୍ବା ଦୁଇଟି ଚିତ୍ର ଅଙ୍କନ କରନ୍ତୁ ।

୪. ଏହାପରେ ଦଳଗୁଡ଼ିକୁ କାମ କରିବାକୁ ଦିଅନ୍ତୁ । ସେହି ସମୟରେ ଦଳର କାମକୁ ଶିକ୍ଷକ ନିରୀକ୍ଷଣ କରନ୍ତୁ ।

୫. ସମସ୍ତ ଦଳର କାମ ସରିବା ପରେ ପିଲାମାନେ କରିଥିବା କାମକୁ ଶିକ୍ଷକ ଶ୍ରେଣୀରେ ଲଗାଇ ଦିଅନ୍ତୁ । ସବୁ ଦଳକୁ କରତାଳି ଦେଇ ଉତ୍ସାହିତ କରନ୍ତୁ ।

## ଶିକ୍ଷଣ କାର୍ଯ୍ୟ - ୫ ଖବରକାଗଜରେ ଟୋପି ତିଆରି କରିବେ ।

ଉଦ୍ଦେଶ୍ୟ - ହାତ ଓ ଚକ୍ଷୁ ମଧ୍ୟରେ ସମନ୍ୱୟ ରଖିବା । ରଚନାତ୍ମକ ଭାବର ବିକାଶ କରିବା

ଆବଶ୍ୟକ ସାମଗ୍ରୀ - ପିଲାଙ୍କ ସଂଖ୍ୟା ଅନୁଯାୟୀ ପୁରୁଣା ଖବରକାଗଜ

ସୋପାନ - ୧ - ଚାରି ପୃଷ୍ଠା ବିଶିଷ୍ଟ ଖବରକାଗଜକୁ ମଝି ଭାଙ୍ଗରୁ ଚିରି ଦିଅନ୍ତୁ । ଚିରାଯାଇଥିବା କାଗଜକୁ ପୁଣି ଥରେ ଭାଙ୍ଗି ଦିଅନ୍ତୁ ।

୨. ଏହାପରେ ତ୍ରିଭୁଜ ପରି କାଗଜର ଉପର ମୁଣ୍ଡରୁ ମୋଡ଼ି ଆଣନ୍ତୁ ।

୩. କାଗଜଟିର ତଳେ ଥିବା ବଳକା ଅଂଶକୁ ଦୁଇ ପଟକୁ ମୋଡ଼ନ୍ତୁ ।

୪. ପୁଣି ଏହାପରେ ସେହି କାଗଜଟିକୁ ତା'ର କୋଣ ଭାଗରୁ ମୋଡ଼ି ଦୁଇପଟକୁ ଦବେଇ ଦେଇ ଧୀରେଧୀରେ ଖୋଲନ୍ତୁ ।

୫. ଟୋପିର ଆକାର ଆସିବା ପରେ ବାହାର ପଟୁ ଖୋଲନ୍ତୁ ।

୬. ଏହାପରେ ପିଲାଙ୍କୁ ଟୋପି ପିନ୍ଧିବାକୁ ଦିଅନ୍ତୁ ।

୭. ପିଲାଙ୍କୁ ନିଜେ ଟୋପି କରିବାକୁ ଦେଇ ସେମାନଙ୍କ କାମକୁ ନିରୀକ୍ଷଣ କରନ୍ତୁ ।

# ୪. ନିର୍ଦ୍ଦେଶିତ ଖେଳ (Guided Play)

ପିଲାଙ୍କୁ ପ୍ରତିଦିନ ୩୦ ମିନିଟ୍ ପାଇଁ ବାହାରେ ଖେଳିବାର ସୁଯୋଗ ଦିଅନ୍ତୁ । ଏହାଦ୍ୱାରା ପିଲାଙ୍କର ପରିବେଶ ଜ୍ଞାନ, ପରସ୍ପର ମଧ୍ୟରେ କଥୋପକଥନ ଓ ଶାରୀରିକ ବିକାଶ ହୋଇଥାଏ । ଏହି ଶିକ୍ଷଣ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସ୍ଥାନ ଉପଲବ୍ଧ କରିବା ଆବଶ୍ୟକ । ବାହାର ଖେଳ (Outdoor Games) ରେ ପିଲାଙ୍କୁ ସ୍ୱାଧୀନତା ସହ ଖେଳିବା ସୁଯୋଗ ମିଳିବା ଦରକାର (FREE CHOICE OF PLAY) । ପିଲାଙ୍କୁ ଦୌଡ଼ିବା ଓ ଖେଳିବା ପାଇଁ ବିଭିନ୍ନ ଉପକରଣ ମଧ୍ୟ ଦିଆଯାଇପାରେ । କିଛି ଶିକ୍ଷଣ କାର୍ଯ୍ୟ ଏପରି ମଧ୍ୟ ହୋଇପାରେ ଯେଉଁଥିରେ ଶିକ୍ଷକ ଓ ପିଲା ଉଭୟ ମିଳିମିଶି କାର୍ଯ୍ୟ କରିବେ । ଯେପରି କୌଣସି ନିୟମ ପାଳନ କରି ଖେଳିବା । ପିଲାଙ୍କ ସହ ବଗିଚା କାର୍ଯ୍ୟ, ମାଟି ଖୋଳିବା ଓ ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟ କରାଯାଇପାରେ ।

**ଶିକ୍ଷଣ କାର୍ଯ୍ୟ ୧ : ଆସ ଚିହ୍ନିବା**

ଉଦ୍ଦେଶ୍ୟ: ପିଲାଙ୍କ ମଧ୍ୟରେ ଚିହ୍ନିବା ଓ ଏକାଗ୍ରତା କୌଶଳର ବିକାଶ କରିବା ।

ଆବଶ୍ୟକ ସାମଗ୍ରୀ ଓ ପ୍ରସ୍ତୁତି: ବିଭିନ୍ନ ସଂକେତ ଯେପରି ତାଳି ମାରିବା, ହାତ ଉଠାଇବା, କାନ ଧରିବା, ଚଢ଼େଇ ଭଳି ଉଡ଼ିବା ଇତ୍ୟାଦି କାର୍ଯ୍ୟ ।

**ଶିକ୍ଷଣ କାର୍ଯ୍ୟର ପ୍ରକ୍ରିୟା :**

୧. ପିଲାଙ୍କୁ U ବା O ଆକୃତିରେ ଛାଡ଼ିଛାଡ଼ି ବସାନ୍ତୁ । ସମସ୍ତ ପିଲାଙ୍କୁ ଭଲ ଭାବରେ ବୁଝାନ୍ତୁ ଯେ ଏହି ଖେଳରେ ଜଣେ ଦଳପତି ବଛାଯିବ ଓ ସେହି ସମୟରେ ଗୋଟିଏ ପିଲା ଶ୍ରେଣୀଗୃହର ବାହାରକୁ ଯିବ । ଏହାପରେ ଦଳପତିଙ୍କ ନିର୍ଦ୍ଦେଶ ଅନୁସାରେ ପିଲାମାନେ କାର୍ଯ୍ୟ କରିବେ (ଯେପରି ଯେତେବେଳେ ଦଳପତି ହସିବେ - ସବୁ ପିଲା ହସିବେ, କାନ୍ଦିବେ - ସବୁ ପିଲା କାନ୍ଦିବେ, ତାଳି ମାରିବେ - ସବୁ ପିଲା ତାଳି ମାରିବେ, ଦଳପତି ହାତ ଉଠାଇଲେ - ସବୁପିଲା ହାତ ଉଠାଇବେ ଇତ୍ୟାଦି । ଏହି କ୍ରିୟା କରିବା ସମୟରେ ସବୁ ପିଲା ଦଳପତି ! ଦଳପତି ! କହି ଗୀତ ଗାଇବାକୁ ହେବ । ବାହାରେ ଠିଆ ହୋଇଥିବା ପିଲା ଅନ୍ୟ ପିଲାଙ୍କ ମଧ୍ୟରୁ ଦଳପତି କିଏ ଖୋଜିବ ।

**ଦଳପତି ... ଦଳପତି ... ଆମେ କ'ଣ କରିବୁ**

୨. ଶିକ୍ଷକ ପ୍ରଥମେ ନିଜେ ଦଳପତି ହୋଇ ଉଦାହରଣ ପ୍ରସ୍ତୁତ କରିବେ ଓ ପିଲାଙ୍କୁ ସେମାନଙ୍କ ମଧ୍ୟରୁ ଦଳପତି ଖୋଜିବା ପାଇଁ ସୁଯୋଗ ଦେବେ ।

୩. ଏହା ସୁନିଶ୍ଚିତ କରନ୍ତୁ ଯେ ସବୁ ପିଲାଙ୍କୁ ଅତିକମରେ ଗୋଟିଏ ଥର ଦଳପତି ହେବାର ସୁଯୋଗ ମିଳିପାରିବ ।

**୨. ଶିକ୍ଷଣ କାର୍ଯ୍ୟ - ପଶୁପକ୍ଷୀର ଅଭିନୟ କରିବା**

ଉଦ୍ଦେଶ୍ୟ - ପିଲାମାନଙ୍କର ଧ୍ୟାନ ସହିତ ଶୁଣିବା ଓ ବୁଝିବାର ଦକ୍ଷତା ବିକାଶ ହେବ ।

ଶିକ୍ଷଣ କାର୍ଯ୍ୟର ପ୍ରକ୍ରିୟା :

୧) ପିଲାଙ୍କୁ ବଡ଼ ଗୋଲାରେ ଛିଡ଼ା କରନ୍ତୁ ଓ ଶିକ୍ଷକ ନିଜେ ମଧ୍ୟ ସେହି ଗୋଲରେ ଛିଡ଼ା ହୁଅନ୍ତୁ ।

୨) ଶିକ୍ଷକ ପିଲାଙ୍କୁ ନିର୍ଦ୍ଦେଶ ଦେବେ ଯେ ସେ ଯେତେବେଳେ କହିବେ - ମାଙ୍କଡ଼ ଭଳି ନାଚିବା, ଜାଉ ଭଳି ରାବିବା ଓ ହାତୀ ଭଳି ଚାଲିବା ଇତ୍ୟାଦି, ସେହି ସମୟରେ ସେହି ପଶୁପକ୍ଷୀର ଅଭିନୟ ପିଲାମାନେ କରିବେ ।

୩) ଏହି ପ୍ରକ୍ରିୟାଟି ସପ୍ତାହରେ ଅତି କମରେ ଥରେ କରାନ୍ତୁ ଓ ୪-୫ଟି ପଶୁପକ୍ଷୀର ଚାଲିବା ଓ ଦୌଡ଼ିବା ଓ ଅଭିନୟ କରାନ୍ତୁ । ଏହି ଖେଳଟି ଶ୍ରେଣୀ ଭିତରେ ଓ ବାହାରେ କରାଯାଇପାରେ ।

**୩. ଶିକ୍ଷଣ କାର୍ଯ୍ୟ - ରେଳଗାଡ଼ି ଚାଲେ - ଛୁକ୍-ଛୁକ୍-ଛୁକ୍**

ଉଦ୍ଦେଶ୍ୟ : ଧ୍ୟାନର ସହିତ ଶୁଣିବା ଓ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବା କୌଶଳର ବିକାଶ କରିବା ।

ଆବଶ୍ୟକ ସାମଗ୍ରୀ ଓ ପ୍ରସ୍ତୁତି : ସବୁଜ, ଲାଲ୍ ଓ ହଳଦିଆ ରଙ୍ଗର ପତାକା ପାଖରେ ରଖନ୍ତୁ ।

୧. ପିଲାଙ୍କୁ ସେମାନଙ୍କ ଉଚ୍ଚତା ଅନୁଯାୟୀ ଛୋଟରୁ ବଡ଼ କ୍ରମରେ ମୁଣ୍ଡରେ ହାତ ରଖି ଛିଡ଼ା ହେବାକୁ କୁହନ୍ତୁ ।

୨. ଶିକ୍ଷକ ରେଳଗାଡ଼ିର ଗାର୍ଡ଼ ଭୂମିକାରେ ସବୁଜ, ଲାଲ୍ ଓ ହଳଦିଆ ରଙ୍ଗର ପତାକା ଧରି ଛିଡ଼ା ହୁଅନ୍ତୁ ଓ ପିଲାଙ୍କୁ କୁହନ୍ତୁ ଯେ ସେ ସବୁଜ ପତାକା ଦେଖାଇଲେ ପିଲାମାନେ ଜୋରରେ ଚାଲିବେ, ହଳଦିଆ ପତାକା ଦେଖାଇଲେ ଧୀରେଧୀରେ ଚାଲିବେ ଓ ଲାଲ୍ ରଙ୍ଗର ପତାକା ଦେଖାଇଲେ ଧୀର ଗତିରେ ଅଟକି ଯିବେ ।

୩. ପ୍ରଥମେ ଶିକ୍ଷକ ପିଲାଙ୍କୁ କିଛି ସମୟ ବ୍ୟବଧାନରେ ଗୋଟିଏ ପତାକା ପରେ ଅନ୍ୟ ପତାକାଟି ଦେଖାଇବେ । ପରବର୍ତ୍ତୀ ସମୟରେ ପିଲାମାନେ ଅଭ୍ୟସ୍ତ ହୋଇଗଲେ, ଶିକ୍ଷକ ପତାକାଗୁଡ଼ିକ ପିଲାଙ୍କୁ ଜଲଦି-ଜଲଦି ଦେଖାଇପାରିବେ ।

୪. ଏହା ଧ୍ୟାନ ରଖନ୍ତୁ ଯେପରି କୌଣସି ପିଲା ତଳେ ପଡ଼ି ନଯାଏ ।

୫. ପରବର୍ତ୍ତୀ ସମୟରେ ଗାର୍ଡ଼ ଭୂମିକା ପିଲାମାନେ ମଧ୍ୟ ନିର୍ବାହ କରିପାରନ୍ତି ।

## ୫. ବିଦାୟ ସମୟ

ବିଦାୟ ସମୟ ହେଉଛି ସ୍କୁଲ ଛୁଟିହେବା ପୂର୍ବ ସମୟ । ବିଦାୟ ସମୟରେ ଶିକ୍ଷକ ପିଲାଙ୍କ ସହ ଦିନତମାମ ହୋଇଥିବା ଶିକ୍ଷଣ କାର୍ଯ୍ୟର ପୁନରାଲୋଚନା କରିବେ । ପିଲାଙ୍କୁ ପରବର୍ତ୍ତୀ ଦିନର କାର୍ଯ୍ୟ ପାଇଁ ପ୍ରସ୍ତୁତ କରିବା ଉଚିତ, ଯଦି ଆବଶ୍ୟକ ପଡ଼େ ତାହାହେଲେ ପିଲାଙ୍କୁ ନିଜ ଘରୁ କିଛି ଜିନିଷ ଆଣିବା ପାଇଁ କୁହନ୍ତୁ । ଶିକ୍ଷକ ଓ ପିଲାମାନେ ପ୍ରତିଦିନ ଶ୍ରେଣୀ ଛାଡ଼ିବା ପୂର୍ବରୁ ଶ୍ରେଣୀ ଗୃହର ପର୍ଯ୍ୟବେକ୍ଷଣ କରିବେ, ଯଦି କୌଣସି ଜିନିଷ ତାହାର ନିର୍ଦ୍ଧାରିତ ସ୍ଥାନରେ ନାହିଁ, ତେବେ ପିଲାଙ୍କୁ ସେହି ଜିନିଷଗୁଡ଼ିକ ତାହାର ନିର୍ଦ୍ଧାରିତ ସ୍ଥାନରେ ରଖିବା ପାଇଁ କୁହନ୍ତୁ । ଶେଷରେ ପିଲାଙ୍କୁ ନିଜ ପରିବାର ସଦସ୍ୟ ଓ ସାଙ୍ଗମାନଙ୍କୁ ସେମାନେ ବିଦ୍ୟାଳୟରେ ଯାହା ସବୁ କରିଛନ୍ତି ସେଗୁଡ଼ିକୁ କହିବା ପାଇଁ ସୂଚନା ଦିଅନ୍ତୁ । ଏହି ବିଦାୟ ସମୟ କାର୍ଯ୍ୟପାଇଁ ଦୈନିକ ୩୦ ମିନିଟ୍ ସମୟ ଉପଯୋଗ କରାଯିବ ।

**ଏହି ଶିକ୍ଷଣ କାର୍ଯ୍ୟ ସମୟରେ ନିମ୍ନଲିଖିତ ଦିଗଗୁଡ଼ିକପ୍ରତି ଧ୍ୟାନ ଦେବା ଉଚିତ**

୧. ସମସ୍ତ ପିଲାଙ୍କୁ ଦରି ବା ସମାନ ସ୍ତରରେ ବସାଇବା ।

୨. ପ୍ରତ୍ୟେକ ପିଲାଙ୍କୁ ଆଲୋଚନାରେ ସାମିଲ କରନ୍ତୁ ଓ ସେମାନଙ୍କୁ ନିଜ ଅନୁଭୂତି କହିବାକୁ ସୁଯୋଗ ଦିଅନ୍ତୁ ।

୩. ପ୍ରତ୍ୟେକ ପିଲାଙ୍କ ପାଇଁ ଗୋଟିଏ ଦିନଲିପି (ଡେଲି ଡାଇରି) କରିବେ ଓ ସେଥିରେ ପିଲାଙ୍କ ଶିକ୍ଷଣ ପ୍ରଗତିକୁ ଲେଖିବେ । ଏହି ଦିନଲିପିକୁ ଅଭିଭାବକଙ୍କ ସହ ବିନିମୟ କରିବେ ।

# ସାପ୍ତାହିକ ଯୋଜନା ( ୧୨ ସପ୍ତାହ)

ପ୍ରଥମ ମାସ / ପ୍ରଥମ ସପ୍ତାହ - ଘର

| | ସର୍କଲ ସମୟ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'ଚଢା ଚଢା ଲଇଁରୀ' | ଶୀର୍ଷକ - ନାମ ଖେଳ (ମୋ ନାମ ମୁଁ କହିବି) | ଶୀର୍ଷକ - ମୋ ଘର<br>କାର୍ଯ୍ୟପର୍ବ ନଂ- ୧ | | | |
| ଦିବସ-୨ | | ଶୀର୍ଷକ - ମୋ ପସନ୍ଦ | ଶୀର୍ଷକ - 'ଆସ ଆମ ଘର ଜିନିଷ ଚିହ୍ନିବା'<br>କାର୍ଯ୍ୟପର୍ବ ନଂ- ୨୦୩ | ଶୀର୍ଷକ - ଘର ଓ ବାହାର<br>କାର୍ଯ୍ୟପର୍ବ ନଂ- ୪ | | | |
| ଦିବସ-୩ | | ଶୀର୍ଷକ - 'ମୋ ଘରେ କିଏ କିଏ'<br>କାର୍ଯ୍ୟପର୍ବ ନଂ-୫ | ଶୀର୍ଷକ - ନାମ ଓ କାମ | ଶୀର୍ଷକ - ପଡ଼ିଶା ଘର | | | |
| ଦିବସ-୪ | | ଶୀର୍ଷକ - 'ସମସ୍ତେ ମୋର ଅତି ନିକର' | ଶୀର୍ଷକ -ମୁଁ, ମୁଁ ନୁହେଁ | ଶୀର୍ଷକ - କିଏ କେଉଁଠି<br>କାର୍ଯ୍ୟପର୍ବ ନଂ- ୬ | | | |
| ଦିବସ-୫ | | ଶୀର୍ଷକ -ମୁଁ ବି ପାରିବି | ଶୀର୍ଷକ - 'ଚାଲ ବଲ ଖେଳିବା' | ଶୀର୍ଷକ - 'କିଏ କିପରି ଶବ୍ଦ କରେ' | | | |
| ଦିବସ ୬ | | ସାପ୍ତାହିକ କାର୍ଯ୍ୟଗୁଡ଼ିକର ପୁନରାଲୋଚନା<br>ପ୍ରଥମ ଦିବସରୁ ପଞ୍ଚମ ଦିବସ । | | | | | |

## ପ୍ରଥମ ମାସ / ଦ୍ୱିତୀୟ ସପ୍ତାହ - ମୋ ଶରୀର

| | ସର୍ବଭ ସମୟ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'ଭାଇ କହିଲେ'<br>କାର୍ଯ୍ୟପତ୍ର ନଂ- ୭ | ଶୀର୍ଷକ - 'ଆସ ଗୀତ ଗାଇବା' | ଶୀର୍ଷକ - 'ଅସଂପୂର୍ଣ୍ଣକୁ ସଂପୂର୍ଣ୍ଣ କରିବା'<br>କାର୍ଯ୍ୟପତ୍ର ନଂ- ୮ | | | |
| ଦିବସ-୨ | | ଶୀର୍ଷକ - 'ମୁଁ କଥା ମାନୁଛି' | ଶୀର୍ଷକ - 'ବଲ ତୋର କଥା ମୋର' | ଶୀର୍ଷକ - 'ରଙ୍ଗରଙ୍ଗିଆ ଖେଳ ଖେଳିବା'<br>କାର୍ଯ୍ୟପତ୍ର ନଂ- ୯ | | | |
| ଦିବସ-୩ | | ଶୀର୍ଷକ - 'ଆ...ରେ ମେଘ' | ଶୀର୍ଷକ - 'ଗୀତରେ ଗୀତରେ' | ଶୀର୍ଷକ - 'ଆଗ ପଛ'<br>କାର୍ଯ୍ୟପତ୍ର ନଂ- ୧୦, ୧୧, ୧୨ | | | |
| ଦିବସ-୪ | | ଶୀର୍ଷକ - 'ଧଳା-କଳା' | ଶୀର୍ଷକ - 'ଚିତ୍ରଟିଏକୁ ଧାଡ଼ିଟିଏ' | ଶୀର୍ଷକ - 'ଉପର ତଳ'<br>କାର୍ଯ୍ୟପତ୍ର ନଂ- ୧୩ | | | |
| ଦିବସ-୫ | | ଶୀର୍ଷକ - ମୋ ଅନୁଭବ | ଶୀର୍ଷକ - 'ତାଳ ଖୋଜିବା' କାର୍ଯ୍ୟପତ୍ର- ନଂ- ୧୪, ୧୫, ୧୬ | ଶୀର୍ଷକ - 'ଆମ ପାଖରେ କିଏ କୁହ' | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

ପ୍ରଥମ ମାସ / ତୃତୀୟ ସପ୍ତାହ - ବାଡ଼ିବଗିଚା

| | ସର୍ବଭ ସଭା/ପ୍ରାରମ୍ଭିକ ବୈଠକ | DG - ୧ | DG - ୨ | DG - ୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୫୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'କାଗଜ ଭଙ୍ଗାର ମଜା' | ଶୀର୍ଷକ - 'ଖାଇଥିଲେ ବିଢ଼ିବା' | ଶୀର୍ଷକ - 'ଆସ ସଜାଇବା'<br>କାର୍ଯ୍ୟପତ୍ର ନଂ- ୧୭ | | | |
| ଦିବସ-୨ | | ଶୀର୍ଷକ - 'ଉଡ଼ାଜ କାଗଜର କରାମତି' | ଶୀର୍ଷକ-'ଉହୁ ପାଖରେ ଅଛି କି (ଭାଇ/ଭଉଣୀ)' | ଶୀର୍ଷକ - 'ଆସ ସଜାଇବା'<br>କାର୍ଯ୍ୟପତ୍ର ନଂ- ୧୮ | | | |
| ଦିବସ-୩ | | ଶୀର୍ଷକ - 'ମୋ ସାଙ୍ଗଟି ଅତି ନିଜର'<br>କାର୍ଯ୍ୟପତ୍ର ନଂ-୧୯ | ଶୀର୍ଷକ - 'ଶୁଣ ଓ କୁହ' | ଶୀର୍ଷକ - 'ଆସ ସଜାଇବା'<br>କାର୍ଯ୍ୟପତ୍ର ନଂ-୨୦ | | | |
| ଦିବସ-୪ | | ଶୀର୍ଷକ - 'ଚିହ୍ନିଚିହ୍ନିବା' | ଶୀର୍ଷକ - 'ଚାଲ ବୁଲିବା ଓ ଦେଖିବା'<br>କାର୍ଯ୍ୟପତ୍ର ନଂ- ୨୧ | ଶୀର୍ଷକ - 'ଆସ ଖେଳି ଖେଳି ଜାଣିବା' | | | |
| ଦିବସ-୫ | | ଶୀର୍ଷକ - 'ହାତରେ ହାତ ମିଶାଇ ଦେବା' | ଶୀର୍ଷକ - 'ଗାଇ ଗାଇ ଶିଖିବା' | ଶୀର୍ଷକ - 'ଆସ ଖେଳିଖେଳି ଜାଣିବା' | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ପ୍ରଥମ ମାସ / ଚତୁର୍ଥ ସପ୍ତାହ - ମୋ ଗାଁ

| | ସର୍ବଭ ସଭା/ପ୍ରାତଃବୈଠକ | DG - ୧ | DG - ୨ | DG - ୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସଭା |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ଣ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ- ୧ | | ଶୀର୍ଷକ - 'ବେଙ୍ଗ ଡିଏଁ ଗପଖାପ୍' | ଶୀର୍ଷକ - 'ମୋ ଗାଆଁ' କାର୍ଯ୍ୟପତ୍ର ନଂ- ୨୨ | ଶୀର୍ଷକ - 'ଚାଲ ବୁଲିଯିବା ଗାଆଁକୁ' | | | |
| ଦିବସ- ୨ | | ଶୀର୍ଷକ - 'ଘର ଭିତରେ ବର୍ଷା' | ଶୀର୍ଷକ-'କହିଲ ଦେଖି' | ଶୀର୍ଷକ - 'ଆସ ଗପ ଶୁଣିବା' | | | |
| ଦିବସ- ୩ | | ଶୀର୍ଷକ - 'ଗାଆଁଟି ମୋର ଅତି ସୁନ୍ଦର' କାର୍ଯ୍ୟପତ୍ର ନଂ-୨୩ | ଶୀର୍ଷକ - 'ମୋ ଗାଁରେ ସକାଳ' | ଶୀର୍ଷକ - 'ଆସ ଖେଳ ଖେଳିବା' | | | |
| ଦିବସ- ୪ | | ଶୀର୍ଷକ - 'ସବୁ କାମ ଠିକ୍‌ଠିକ୍' | ଶୀର୍ଷକ - 'ଉ ନୋ ଲକି' | ଶୀର୍ଷକ - 'କିଏ ଅଧା କିଏ ପୁରା' | | | |
| ଦିବସ- ୫ | | ଶୀର୍ଷକ -'କାଠି କଲମ' | ଶୀର୍ଷକ - 'ଗାଆଁଟି ମୋର ଅତି ନିକର' | ଶୀର୍ଷକ - 'ଅଧା-ପୁରା କହିବା' | | | |
| ଦିବସ- ୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ଦ୍ୱିତୀୟ ମାସ / ପ୍ରଥମ ସପ୍ତାହ – ପର୍ବପର୍ବାଣୀ

| | ସର୍କଲ ସମୟ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'ସବୁଠି ସମାନ' କାର୍ଯ୍ୟପତ୍ର ନଂ- ୨୪ | ଶୀର୍ଷକ - 'ମୋ ଗାଆଁ ଯାତରା' | ଶୀର୍ଷକ - 'ଚିନି ମିଠା ଗୁଡ଼ ମିଠା' କାର୍ଯ୍ୟପତ୍ର ନଂ- ୨୫ | | | |
| ଦିବସ-୨ | | ଶୀର୍ଷକ - 'ହାଲୋ, ହାଏ' | ଶୀର୍ଷକ-'ମୋ ନାମ କହ' କାର୍ଯ୍ୟପତ୍ର ନଂ- ୨୬ | ଶୀର୍ଷକ - 'କ'ଣ ନାହିଁ ଖୋଜିବା' | | | |
| ଦିବସ-୩ | | ଶୀର୍ଷକ -'ରଙ୍ଗର ମଜା' କାର୍ଯ୍ୟପତ୍ର ନଂ-୨୭ | ଶୀର୍ଷକ - 'ନଚିଆର ଉଚ୍ଚ' | ଶୀର୍ଷକ - 'କ'ଣ ନାହିଁ ଖୋଜିବା' କାର୍ଯ୍ୟପତ୍ର ନଂ-୨୮ | | | |
| ଦିବସ-୪ | | ଶୀର୍ଷକ - 'ମୋ ଜନ୍ମଦିନ' | ଶୀର୍ଷକ -'ପରବଟିଏକୁ ଗୀତଟିଏ' | ଶୀର୍ଷକ - 'ଭାଗଭାଗ କର' | | | |
| ଦିବସ-୫ | | ଶୀର୍ଷକ - 'କଇଁଛ ଓ ଠେକୁଆ' | ଶୀର୍ଷକ - 'ମୋ ଗପ' | ଶୀର୍ଷକ - 'ଏକ-ଏକ ମେଳକ' କାର୍ଯ୍ୟପତ୍ର ନଂ-୨୯ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ଦ୍ୱିତୀୟ ମାସ / ଦ୍ୱିତୀୟ ସପ୍ତାହ - ହାଟ

| | ସର୍ବଭ ସମାଜ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'ମୁଁ ସାହାଯ୍ୟକାରୀ' | ଶୀର୍ଷକ - 'ଆସ ବୁଲିଯିବା ଆମରି ହାଟ' | ଶୀର୍ଷକ - 'ପାଖ ଦୂର ଖେଳ ଖେଳିବା'<br>କାର୍ଯ୍ୟପର୍ବ ନଂ- ୩୦ | | | |
| ଦିବସ-୨ | | ଶୀର୍ଷକ - 'ଆଳୁଖେଳ' | ଶୀର୍ଷକ-'ମାଙ୍କଡ଼ ସାଙ୍ଗରେ ବଜାର ଯିବା' | ଶୀର୍ଷକ - 'ଭିତର ବାହାର'<br>କାର୍ଯ୍ୟପର୍ବ ନଂ- ୩୧ | | | |
| ଦିବସ-୩ | | ଶୀର୍ଷକ -'ଆହାକି ସୁନ୍ଦର'<br>କାର୍ଯ୍ୟପର୍ବ ନଂ- ୩୨ | ଶୀର୍ଷକ - 'ପୁଡ଼ିଆ ଖୋଲ ଓ ନାମ ଲେଖ' | ଶୀର୍ଷକ - 'ବଡ଼ରୁ ସାନ ସାନରୁ ବଡ଼'<br>କାର୍ଯ୍ୟପର୍ବ ନଂ-୩୩ | | | |
| ଦିବସ-୪ | | ଶୀର୍ଷକ - 'ଓଲଟା ପାଲଟା' | ଶୀର୍ଷକ -'ଚିତ୍ର ଦେଖି କୁହ'<br>କାର୍ଯ୍ୟପର୍ବ ନଂ-୩୪ | ଶୀର୍ଷକ - 'ଆସ ସମାଧାନ କରିବା' | | | |
| ଦିବସ-୫ | | ଶୀର୍ଷକ -'ମୁଁ ଦଳପତି' | ଶୀର୍ଷକ - 'ଚିତ୍ର ଦେଖି କୁହ'<br>କାର୍ଯ୍ୟପର୍ବ ନଂ-୩୫,୩୬ | ଶୀର୍ଷକ - 'ଆସ ସମାଧାନ କରିବା'<br>କାର୍ଯ୍ୟପର୍ବ ନଂ-୩୭,୩୮ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ଦ୍ୱିତୀୟ ମାସ / ତୃତୀୟ ସପ୍ତାହ - ବର୍ଷା

| | ସର୍କଲ ସମୟ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ବ ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ -'ରିଙ୍ଗ ଖେଳ' | ଶୀର୍ଷକ - 'ମୁଁ କେଉଁଠି ଖୋଜ' | ଶୀର୍ଷକ - 'ଦେଖିବା ଓ ପ୍ରଶ୍ନ ପଚାରିବା' କାର୍ଯ୍ୟପର୍ବ ନଂ- ୩୯ | | | |
| ଦିବସ-୨ | | ଶୀର୍ଷକ - 'ବାଲିଖେଳ' | ଶୀର୍ଷକ - 'ଗୀତଟିଏ ଶଢଟିଏ' | ଶୀର୍ଷକ - 'ଦେଖିବା ଓ ପ୍ରଶ୍ନ ପଚାରିବା' | | | |
| ଦିବସ-୩ | | ଶୀର୍ଷକ -'ଫୁଟବଲ୍ ଖେଳର ମଜା' | ଶୀର୍ଷକ - 'କଥାଟିଏ କହୁଁ, କଥାଟିଏ' | ଶୀର୍ଷକ - 'ଦେଖିବା ଓ ପ୍ରଶ୍ନ ପଚାରିବା' | | | |
| ଦିବସ-୪ | | ଶୀର୍ଷକ - 'ଗାର ଛୁଇଁବା ମଜା' | ଶୀର୍ଷକ -'ଆସ ପଢ଼ି ଶୁଣିବା' | ଶୀର୍ଷକ - 'ଆସ, ବଡ଼-ସାନ ବାଛିବା' କାର୍ଯ୍ୟପର୍ବ ନଂ-୪୦,୪୧ | | | |
| ଦିବସ-୫ | | ଶୀର୍ଷକ-'କାଗଜଖେଳ' | ଶୀର୍ଷକ - 'ଆସ ଗଢ଼ିବା' କାର୍ଯ୍ୟପର୍ବ ନଂ-୪୨ | ଶୀର୍ଷକ - 'ଓଜନିଆ ବା ହାଲୁକା' କାର୍ଯ୍ୟପର୍ବ ନଂ-୪୩ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ଦ୍ୱିତୀୟ ମାସ/ ଚତୁର୍ଥ ସପ୍ତାହ - ପଶୁପକ୍ଷୀ

| | ସର୍କଲ ସମୟ/ପ୍ରାତଃବୈଠକ | DG - ୧ | DG - ୨ | DG - ୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ -'ପଶୁପକ୍ଷୀଙ୍କ ସଭା' | ଶୀର୍ଷକ - 'ଚିତ୍ର ନିଅ ଗପ କହ' | ଶୀର୍ଷକ - 'ଗୋ-ଗୋ ରାଣୀ' | | | |
| ଦିବସ-୨ | | ଶୀର୍ଷକ - 'ମୋ ଘର' | ଶୀର୍ଷକ - 'କହିଲ ଦେଖି ମୁଁ କିଏ' କାର୍ଯ୍ୟପତ୍ର ନଂ-୪୪ | ଶୀର୍ଷକ - 'କମ୍ ବେଶି ଖେଳ' | | | |
| ଦିବସ-୩ | | ଶୀର୍ଷକ -'ଆସ ବିନ୍ଦୁ ଯୋଡ଼ିବା' | ଶୀର୍ଷକ -'ଖୋଜି ଲେଖ' | ଶୀର୍ଷକ - 'ଆମ ପାଣି ପୁରାଇବା' କାର୍ଯ୍ୟପତ୍ର ନଂ-୪୫ | | | |
| ଦିବସ-୪ | | ଶୀର୍ଷକ - 'ମାଟିରେ ଗଢ଼ିବା' | ଶୀର୍ଷକ -'ପଶୁ ନା ପକ୍ଷୀ' | ଶୀର୍ଷକ -'ମୋ ଛୁଆକୁ ଖୋଜ' କାର୍ଯ୍ୟପତ୍ର ନଂ-୪୬,୪୭ | | | |
| ଦିବସ-୫ | | ଶୀର୍ଷକ-'ଆମ ଚିତ୍ର ଆମ କଥା' କାର୍ଯ୍ୟପତ୍ର ନଂ-୪୮ | ଶୀର୍ଷକ - 'ତାଳ ଆଗେଇ' | ଶୀର୍ଷକ - 'ଆସ ସ୍ୱରଗୁଡ଼ିକୁ ଜାଣିବା' | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

ତୃତୀୟମାସ / ପ୍ରଥମ ସପ୍ତାହ - କ୍ରିକେଟ

| | ସର୍କଲ ସମୟ/ପ୍ରାତଃବୈଠକ | DG - ୧ | DG - ୨ | DG - ୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ଦିବସ ସମାପ୍ତ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ -'ନମସ୍କାର ନମସ୍କାର' | ଶୀର୍ଷକ - 'କ୍ରିକେଟ ଖେଳ' | ଶୀର୍ଷକ - 'କିଏ ଚିକ୍କଣ କିଏ ଖଦଡ଼' କାର୍ଯ୍ୟପତ୍ର-୪୯ | | | |
| ଦିବସ-୨ | | ଶୀର୍ଷକ - 'ମୁଁ ସୁନାପିଲା' କାର୍ଯ୍ୟପତ୍ର - ୫୦ | ଶୀର୍ଷକ -'କରି ଦେଖ' | ଶୀର୍ଷକ - 'ମହକିଲା ଶ୍ରେଣୀଗୃହ' କାର୍ଯ୍ୟପତ୍ର-୫୧ | | | |
| ଦିବସ-୩ | | ଶୀର୍ଷକ -'ଭଲମନ୍ଦ ବାଛିବା' | ଶୀର୍ଷକ -'ଚିତ୍ର ଦେଖି ନାମ ଲେଖ' | ଶୀର୍ଷକ - 'ଆସ ଦେଖାଦେଖି କରିବା' କାର୍ଯ୍ୟପତ୍ର -୫୨,୫୩ | | | |
| ଦିବସ-୪ | | ଶୀର୍ଷକ - 'ମୋତେ ଚିହ୍ନିପାରିବ କି?' କାର୍ଯ୍ୟପତ୍ର -୫୪,୫୫ | ଶୀର୍ଷକ -'ମୋତେ ଖୋଜ' କାର୍ଯ୍ୟପତ୍ର -୫୬ | ଶୀର୍ଷକ -'ପାଖ-ଦୂର ଓ ଉପର ତଳ ଖେଳ ଖେଳିବା' କାର୍ଯ୍ୟପତ୍ର -୫୭,୫୮ | | | |
| ଦିବସ-୫ | | ଶୀର୍ଷକ-'ଚଉକା ଛକା' | ଶୀର୍ଷକ - 'ଚିତ୍ର ମୋର ନାମ ତୋର' | ଶୀର୍ଷକ - 'ଆସ ସଜାଇ ରଖିବା' | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

ତୃତୀୟମାସ / ଦ୍ୱିତୀୟ ସପ୍ତାହ – ଚାଷକାମ

| | ସର୍ବଭ ସମୟ/ପ୍ରାରମ୍ଭିକ ବୈଠକ | DG - ୧ | DG - ୨ | DG - ୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପର୍ବ ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ -'ପୋଖରୀ ଘୁଡ଼ା' | ଶୀର୍ଷକ - 'ଆସ ଚାଷ କରିବା' | ଶୀର୍ଷକ - 'ଗୀତ ଗାଇଗାଇ ଗଣିବା'<br>କାର୍ଯ୍ୟପର୍ବ-୫୯,୬୦,୬୧ | | | |
| ଦିବସ-୨ | | ଶୀର୍ଷକ - 'ନୀଳ ଆକାଶ' | ଶୀର୍ଷକ -'ଚିତ୍ର କଥା' | ଶୀର୍ଷକ -'ଆଗରୁ ଆଗ ପଛରୁ ପଛ'<br>କାର୍ଯ୍ୟପର୍ବ - ୬୨,୬୩ | | | |
| ଦିବସ-୩ | | ଶୀର୍ଷକ -'ଆସ ସଜାଇବା'<br>କାର୍ଯ୍ୟପର୍ବ -୬୪ | ଶୀର୍ଷକ -'ଶୁଣ ଓ କୁହ' | ଶୀର୍ଷକ -'ଆସ ଗଣିବା'<br>କାର୍ଯ୍ୟପର୍ବ -୬୫,୬୬,୬୭,୬୮ | | | |
| ଦିବସ-୪ | | ଶୀର୍ଷକ - 'ମୁଁ ତୁମ ପାଇଁ' | ଶୀର୍ଷକ -'ତୁମେ ଜାଣିଛ କି ?' | ଶୀର୍ଷକ -'କିଏ କମ୍ କିଏ ବେଶି'<br>କାର୍ଯ୍ୟପର୍ବ -୬୯ | | | |
| ଦିବସ-୫ | | ଶୀର୍ଷକ-'ରାଜୁର କମାଲ' | ଶୀର୍ଷକ - 'କାମ କୁହ'<br>କାର୍ଯ୍ୟପର୍ବ -୭୦ | ଶୀର୍ଷକ - 'ଅନୁମାନ କରି କହିବା'<br>କାର୍ଯ୍ୟପର୍ବ -୭୧ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

ତୃତୀୟ ମାସ / ତୃତୀୟ ସପ୍ତାହ - ମୋବାଇଲ୍ / ଘଣ୍ଟା

| | ସର୍କଲ ସମୟ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ଦ୍ଦ ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ଦ୍ଦ ନଂ- | ଶିକ୍ଷଣ କାର୍ଯ୍ୟର ନାମ କାର୍ଯ୍ୟପର୍ଦ୍ଦ ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ -'ବେଙ୍ଗଡିଆଁ' | ଶୀର୍ଷକ - 'ଆସ ଗୀତ ଶ୍ରୁଣି କହିବା' କାର୍ଯ୍ୟପର୍ଦ୍ଦ-୭୨ | ଶୀର୍ଷକ - 'ଆସ ଖେଳିବା' କାର୍ଯ୍ୟପର୍ଦ୍ଦ-୭୩ | | | |
| ଦିବସ-୨ | | ଶୀର୍ଷକ - 'ନୂଆ ନୂଆ କାମ' କାର୍ଯ୍ୟପର୍ଦ୍ଦ-୭୪ | ଶୀର୍ଷକ -'କଥା ଏକ କାମ ଅନେକ' | ଶୀର୍ଷକ -'ରଙ୍ଗ ଦେବା' କାର୍ଯ୍ୟପର୍ଦ୍ଦ-୭୫ | | | |
| ଦିବସ-୩ | | ଶୀର୍ଷକ -'ବିନ୍ଦୁ ଯୋଡ଼ିବା' କାର୍ଯ୍ୟପର୍ଦ୍ଦ-୭୬ | ଶୀର୍ଷକ -'ମୋ ସାଙ୍ଗରେ ଚାଲ | ଶୀର୍ଷକ -'ଖେଳିଖେଳି ଜାଣିବା କାର୍ଯ୍ୟପର୍ଦ୍ଦ-୭୭ | | | |
| ଦିବସ-୪ | | ଶୀର୍ଷକ - 'ମୋ କାମ କେଡ଼େ ସୁନ୍ଦର' କାର୍ଯ୍ୟପର୍ଦ୍ଦ -୭୮ | ଶୀର୍ଷକ -'ମୁଁ ମୋବାଇଲ୍' | ଶୀର୍ଷକ -'ଆସ ସଚେତନ ହେବା' | | | |
| ଦିବସ-୫ | | ଶୀର୍ଷକ - 'ଟିକ୍‌ଟିକ୍' | ଶୀର୍ଷକ - 'ଶବ୍ଦ ଗଢ଼' | ଶୀର୍ଷକ - 'ଆସ ଖେଳିବା' କାର୍ଯ୍ୟପର୍ଦ୍ଦ -୭୯ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

## ତୃତୀୟ ମାସ / ଚତୁର୍ଥ ସପ୍ତାହ - ମୋ ବିଦ୍ୟାଳୟ

| | ସର୍ବଜ୍ଞ ସମାଜ/ପ୍ରାତଃବୈଠକ | DG-୧ | DG-୨ | DG-୩ | ମଧ୍ୟାହ୍ନ ଭୋଜନ | ନିର୍ଦ୍ଦେଶିତ / ମୁକ୍ତ ଖେଳ / କଳା ଓ ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ | ବିଦାୟ ସମୟ |
|---|---|---|---|---|---|---|---|
| ସମୟ | ପ୍ରାତଃ ୧୦.୩୦ରୁ ୧୧.୦୫ | ୧୧.୧୫ରୁ ୧୧.୫୦ | ଅପରାହ୍ନ ୧୨.୦୦ରୁ ୧୨.୪୦ | ୧୨.୫୦ରୁ ୧.୧୫ | ୧.୨୦ରୁ ୨.୦୦ | ୨.୧୦ରୁ ୩.୧୦ | ୩.୨୦ରୁ ୩.୫୦ |
| ଦିବସ | | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | ଶିକ୍ଷଣ କାର୍ଯ୍ୟର ନାମ<br>କାର୍ଯ୍ୟପତ୍ର ନଂ- | | ଶିକ୍ଷଣ କାର୍ଯ୍ୟର ନାମ | ଶିକ୍ଷଣ କାର୍ଯ୍ୟର ନାମ |
| ଦିବସ-୧ | | ଶୀର୍ଷକ - 'ଅଙ୍କାବଙ୍କା ରାସ୍ତା' | ଶୀର୍ଷକ -'କ୍ୟୋଟିଗଲା ବିଦ୍ୟାଳୟ'<br>କାର୍ଯ୍ୟପତ୍ର -୮୦ | ଶୀର୍ଷକ - 'ଆସ ଆମେ ଯୋଡ଼ିବା'<br>କାର୍ଯ୍ୟପତ୍ର -୮୧ | | | |
| ଦିବସ-୨ | | ଶୀର୍ଷକ - 'ଆମ ବିଦ୍ୟାଳୟ' | ଶୀର୍ଷକ - 'କହିଲ ଦିକେ ଏଇଟା କ'ଣ ?' | ଶୀର୍ଷକ - 'ଥିଲା, ଗଲା, ରହିଲା'<br>କାର୍ଯ୍ୟପତ୍ର -୮୨ | | | |
| ଦିବସ-୩ | | ଶୀର୍ଷକ - 'ମୋ ଚିତ୍ର ମୋ କଥା' | ଶୀର୍ଷକ - 'ଆମ ବିଦ୍ୟାଳୟର କାର୍ଯ୍ୟ'<br>କାର୍ଯ୍ୟପତ୍ର -୮୩ | ଶୀର୍ଷକ - 'ଜିନିଷ କିଣିବା'<br>କାର୍ଯ୍ୟପତ୍ର -୮୪ | | | |
| ଦିବସ-୪ | | ଶୀର୍ଷକ - 'ହାତ ସଫା ତ ରୋଗ ସଫା' | ଶୀର୍ଷକ - 'କହି କହି ଆଗେଇ ଚାଲ' | ଶୀର୍ଷକ - 'ଜିନିଷ କିଣିବା' | | | |
| ଦିବସ-୫ | | ଶୀର୍ଷକ - 'ମିଳିମିଶି ଖେଳିବା' | ଶୀର୍ଷକ - 'ମୋ ବିଦ୍ୟାଳୟ'(ଶ୍ରେଣୀଗୃହ)<br>କାର୍ଯ୍ୟପତ୍ର -୮୬ | ଶୀର୍ଷକ - 'ପବନ କହେ ଅଛି ଅଛି'<br>କାର୍ଯ୍ୟପତ୍ର -୮୫,୮୬ | | | |
| ଦିବସ-୬ | | ସାପ୍ତାହିକ ପ୍ରଥମ ଦିବସଠାରୁ ପଞ୍ଚମ ଦିବସ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ପୁନରାଲୋଚନା | | | | | |

# ବିଭାଗ - ୨

# ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଦକ୍ଷତା ଓ ଶିକ୍ଷଣ ଫଳାଫଳ

## ବିକାଶାତ୍ମକ ଲକ୍ଷ୍ୟ - ୧

### ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବେ ।

ପ୍ରମୁଖ ଦକ୍ଷତା

- ଆତ୍ମ ସଚେତନତା
- ଆତ୍ମ ଅବଧାରଣାର ସକାରାତ୍ମକ ବିକାଶ
- ଆତ୍ମ ନିୟନ୍ତ୍ରଣ
- ନିଷ୍ପତ୍ତି ଗ୍ରହଣ ଓ ସମସ୍ୟା ସମାଧାନ
- ସମାଜ ଅନୁକୂଳ ବ୍ୟବହାରର ବିକାଶ
- ସୁସ୍ଥ ଅଭ୍ୟାସ ଓ ସ୍ୱଚ୍ଛତା ର ବିକାଶ, ଆତ୍ମ ସୁରକ୍ଷା ପ୍ରତି ସଚେତନତାର ବିକାଶ
- ସ୍ଥୂଳ ମାଂସପେଶୀୟ କୌଶଳର ବିକାଶ
- ସୂକ୍ଷ୍ମ ମାଂସପେଶୀୟ କୌଶଳର ବିକାଶ ଏବଂ ଆଖି, ହାତର ସମନ୍ୱୟରେ କାର୍ଯ୍ୟକରିବା କୌଶଳର ବିକାଶ ।
- ବ୍ୟକ୍ତିଗତ ଓ ଦଳଗତ ଖେଳରେ ଅଂଶଗ୍ରହଣ

**ଶିକ୍ଷଣ ଫଳାଫଳ**

HWଗ.୧ : ଶାରୀରିକ ଲକ୍ଷଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଓ ନାପସନ୍ଦ ଆଧାରରେ ନିଜକୁ ଓ ଅନ୍ୟମାନଙ୍କୁ ପରିପ୍ରକାଶ କରିବା ।

HWଗ.୨ : ସମ୍ପ୍ରସାରିତ ପରିବାର ସଦସ୍ୟ ମାନଙ୍କ ସହିତ ସମ୍ପର୍କକୁ ବୃଦ୍ଧି ବର୍ଣ୍ଣନା କରିବେ ।

HWଗ.୩ : ବିଭିନ୍ନ କାର୍ଯ୍ୟକୁ ସ୍ୱାଧୀନ ଭାବେ ପ୍ରଦର୍ଶନ କରିବେ ।

HWଗ.୪ : ଏକ ସମୟରେ ନିର୍ଦ୍ଦେଶାବଳୀ (ସୂଚନା) ଏବଂ ସରଳ ନିୟମ ଅନୁସରଣ କରିବେ ।

HWଗ.୫ : ରୁଟିନ୍ / ଦୈନିକ କାର୍ଯ୍ୟସୂଚୀରେ ଯେକୌଣସି ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇବେ ।

HWଗ.୬ : ଅନ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଧ୍ୟାନ ଦେବେ ।

HWଗ.୭ : ବାଚନିକ ଏବଂ ଅଣ-ବାଚନିକ ଢ଼ଙ୍ଗ (ଅଙ୍ଗଭଙ୍ଗୀ, ଚିତ୍ରାଙ୍କନ) ମାଧ୍ୟମରେ ଆବେଗକୁ ପ୍ରକାଶ କରିବେ ।

HWଗ.୮ : ନିଜର ଅନୁଭୂତି ଏବଂ ଆଗ୍ରହ ଆଧାରରେ ନିଜର ପସନ୍ଦ ଅନୁଯାୟୀ ଦାୟିତ୍ୱ ଗ୍ରହଣ କରିବେ ।

HWଗ.୯ : ବୟସ ଉପଯୋଗୀ ବିବାଦର ସମାଧାନ ପାଇଁ ପରାମର୍ଶ ଦେବେ ଏବଂ ସେଥିରେ ବୟସ ଉପଯୋଗୀ ପରିବର୍ତ୍ତନ ଆଣିବେ ।

HWଗ.୧୦ : ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ଧାରଣା ସାମିଲ କରିବାକୁ ଇଚ୍ଛା ପ୍ରଦର୍ଶନ କରିବେ ।

HWଗ.୧୧ : ବଡ଼ ଏବଂ ଛୋଟ ଦଳଗତ କାର୍ଯ୍ୟରେ ସହାୟତା ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରିବେ ।

HWଗ.୧୨ : ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ସହିତ ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀଙ୍କ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିବେ ଏବଂ ସେମାନଙ୍କୁ ଗ୍ରହଣ କରିବେ ।

HWଆ.୧୩ : ଅଧିକ ସ୍ୱାଧୀନ ଭାବରେ ମୌଳିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଅଭ୍ୟାସକୁ ବଜାୟ ରଖିବେ ଏବଂ ଉତ୍ତମ ଖାଦ୍ୟାଭ୍ୟାସର ପ୍ରଦର୍ଶନ କରିବେ ।

HWଆ.୧୪ : ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ ବିଷୟରେ ସଚେତନତା ପ୍ରଦର୍ଶନ କରିବେ ଏବଂ ଅଚିହ୍ନା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବେ ।

HWଆ.୧୫ : ଘରେ, ପ୍ରାକ୍-ବିଦ୍ୟାଳୟ ଏବଂ ଖେଳ ପଡିଆରେ ନିରାପତ୍ତାର ସାଧାରଣ ନିୟମଗୁଡ଼ିକୁ ଅନୁସରଣ କରିବେ ।

HWଆ.୧୬ : ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ସାମର୍ଥ୍ୟ ସହିତ ସ୍ଥୂଳ ମାଂସପେଶୀୟ ସଞ୍ଚାଳନର ପ୍ରଦର୍ଶନ କରିବେ, ଯେପରି ଦୌଡ଼ିବା, ଡେଇଁବା, ଫିଙ୍ଗିବା, ଗୋଇଠା ମାରିବା ଏବଂ ଧରିବା ଇତ୍ୟାଦି ।

HWଆ.୧୭ : ସଂଗୀତ ଏବଂ ଶିକ୍ଷଣ କାର୍ଯ୍ୟଗୁଡ଼ିକରେ ସକ୍ରିୟ ଏବଂ ସୃଜନଶୀଳ ଭାବରେ ଅଂଶଗ୍ରହଣ କରିବେ ଏବଂ ସେଥିରେ ନିଜର ଭୂମିକାକୁ ବୁଝିବେ ।

HWଆ.୧୮ : (କ) ନିର୍ଭୁଲ ଭାବେ ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀୟ କୌଶଳକୁ ପ୍ରଦର୍ଶନ କରିବେ ।

HWଆ.୧୮ : (ଖ) ନିର୍ଦ୍ଦିଷ୍ଟ ରେଖାରେ କାଟିବା, ଢାଳିବା, ବୋତାମ ଲଗାଇବା ଭଳି ଜଟିଳ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ସମନ୍ୱିତ ଭାବେ ଅଙ୍ଗ ଗୁଡ଼ିକୁ ବ୍ୟବହାର କରିବେ ।

HWଆ.୧୮ : (ଗ) ଚିତ୍ରାଙ୍କନ ଓ ଲେଖିବାପାଇଁ ଯନ୍ତ୍ରପାତିଗୁଡ଼ିକୁ ଠିକଣା ଭାବେ ଧରିବେ ଓ ଏଥିପାଇଁ ତର୍ଜନୀ ଓ ବୃଦ୍ଧାଙ୍ଗୁଠି ମଧ୍ୟରେ ସମନ୍ୱୟ ରକ୍ଷା କରିବେ ।

## ବିକାଶାତ୍ମକ ଲକ୍ଷ୍ୟ - ୨

## ପିଲାମାନେ ଫଳପ୍ରଦ ଭାବବିନିମୟକାରୀ ହେବେ

**ପ୍ରମୁଖ ଦକ୍ଷତା**

**କଥନ ଓ ଶ୍ରବଣ**

- ଶୁଣିବା ସହିତ ବୁଝିବା
- ସର୍ଜନାତ୍ମକ ଆତ୍ମ ଅଭିବ୍ୟକ୍ତି ଓ ବାର୍ତ୍ତାଳାପ
- ଭାଷା ଓ ସର୍ଜନାତ୍ମକ ଚିନ୍ତନ
- ଶବ୍ଦାବଳୀର ବିକାଶ
- ବାର୍ତ୍ତାଳାପ ଓ କଥନ କୌଶଳ
- ଭାଷାର ଅର୍ଥପୂର୍ଣ୍ଣ ବ୍ୟବହାର

**ପଢ଼ିବା ସହିତ ବୁଝିବା**

- ବହି ସହିତ ବନ୍ଧନ
- ଛପା ସଚେତନତା ଓ ଅର୍ଥ ପ୍ରସ୍ତୁତି
- କଳ୍ପନା କରି ପଢ଼ିବା
- ଧ୍ୱନିଗତ ସଚେତନତା
- ଧ୍ୱନି ସହ ପ୍ରତୀକର ସମ୍ପର୍କ ସ୍ଥାପନ
- ପୂର୍ବାନୁମାନ କରିବା ସହ ପୂର୍ବ ଅନୁଭୂତି ଓ ଜ୍ଞାନର ସଂଯୋଗ
- ଆନନ୍ଦ ପାଇଁ ସ୍ୱାଧୀନ ପଠନ

ଉଦ୍ଦେଶ୍ୟ ସହ ଲିଖନ

- ପ୍ରାକ୍ ସାକ୍ଷରତା କୌଶଳ
- ଆତ୍ମ ଅଭିବ୍ୟକ୍ତି ପାଇଁ ଲିଖନ
- ଅକ୍ଷର ଓ ଧ୍ୱନିର ପୂର୍ବଜ୍ଞାନ ବ୍ୟବହାର କରି ଶବ୍ଦ ଲିଖନ ।
- ପାରମ୍ପରିକ ପଦ୍ଧତିରେ ଲେଖିବା ପାଇଁ ପ୍ରୟାସ କରିବ ।
- ମିତ୍ରାକ୍ଷର ଛନ୍ଦ ଯୁକ୍ତ ଶବ୍ଦ ଲିଖନ
- ମିଶ୍ରିତ ଭାଷାର ଗୁପ୍ତ ସଂକେତ ବ୍ୟବହାର
- ବିଭିନ୍ନ କାରଣ ପାଇଁ ଲିଖନ ।

## ଶିକ୍ଷଣ ଫଳାଫଳ

ECL. ୧-୩.୧ : ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

ECL. ୧-୩.୨ : ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

ECL. ୧-୩.୩ : ନିଜ ଭାଷାରେ ପଠିତ କବିତା/ଗପଗୁଡ଼ିକରୁ ପାଇଥିବା ଅନୁଭୂତିକୁ ପରିପ୍ରକାଶ କରିବେ ଏବଂ ନିଜ ସାଙ୍ଗସାଥୀଙ୍କୁ କହିବେ ।

ECL. ୧-୩.୪(କ) : ପସନ୍ଦର କବିତା ଓ ଗୀତ ଗୁଡ଼ିକ ନିଜ ଭାଷାରେ ଆବୃତ୍ତି କରିବା ବେଳେ ସ୍ୱର ଉତ୍‌ଥାନ ପତନ ଏବଂ ସମତା ରକ୍ଷା କରିବେ ।

ECL. ୧-୩.୪(ଖ) : ନିଜ ଭାଷାର ପରିଚିତ କବିତାକୁ ଉପଯୁକ୍ତ ସ୍ୱରରେ ଉତ୍‌ଥାନ ପତନ ସହ ଅବିରତ ଭାବେ ଆବୃତ୍ତି କରିବେ ।

ECL. ୧-୩.୫(କ) : ଶିକ୍ଷକଙ୍କ ଠାରୁ ଗପ ଶୁଣିବା ପାଇଁ ନିଜ ପ୍ରିୟ ଗପବହି ଦେବେ ।

ECL. ୧-୩.୫(ଖ) : ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

ECL. ୧-୩.୬(କ) : ଛାପା ଲେଖାକୁ ବୁଝିକରି ପଢ଼ିବେ ।

ECL. ୧-୩.୬(ଖ) : ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ବୁଝିକରି ପଢ଼ିବ ।

ECL. ୧-୩.୭ : ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବ ।

ECL. ୧-୩.୮(କ) : ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

ECL. ୧-୩.୮(ଖ) : ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ECL. ୧-୩.୯ : ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

# ବିକାଶାତ୍ମକ ଲକ୍ଷ୍ୟ - ୩

## ଶିଶୁମାନେ ସକ୍ରିୟ ଶିକ୍ଷାର୍ଥୀ ହେବେ ଓ ନିକଟ ପରିବେଶ ସହ ଜଡ଼ିତ ହେବେ ।

## ପ୍ରମୁଖ ଦକ୍ଷତା

ଇନ୍ଦ୍ରିୟାନୁଭୂତିର ବିକାଶ
ଦୃଷ୍ଟି
ଶ୍ରବଣ
ସ୍ପର୍ଶ
ଗନ୍ଧ
ସ୍ୱାଦ

**ଜ୍ଞାନଗତ କୌଶଳ**
ପର୍ଯ୍ୟବେକ୍ଷଣ
ଚିହ୍ନଟୀକରଣ
ସ୍ମରଣ
ସମ୍ପର୍କ ନିର୍ଣ୍ଣୟ
ବର୍ଗୀକରଣ
ନମୁନା
କ୍ରମିକ ଚିନ୍ତନ
ସର୍ଜନାତ୍ମକ ଚିନ୍ତନ
ଜଟିଳ ଚିନ୍ତନ
ସମସ୍ୟା ସମାଧାନ
ଯୁକ୍ତିଯୁକ୍ତ ବିଚାର
ଅନ୍ୱେଷଣ
ପରୀକ୍ଷଣ

ପରିବେଶ ସମ୍ବନ୍ଧିତ ଧାରଣା
ପ୍ରାକୃତିକ - ପ୍ରାଣୀ, ଫଳ, ପନିପରିବା ଇତ୍ୟାଦି
ଭୌତିକ - ଜଳ, ବାୟୁ, ଋତୁ, ସୂର୍ଯ୍ୟ, ଚନ୍ଦ୍ର, ଦିନ ଓ ରାତି
ସାମାଜିକ - ମୁଁ ନିଜେ, ପରିବାର, ପରିବହନ, ପର୍ବପର୍ବାଣୀ, ଇତ୍ୟାଦି

**ପ୍ରତ୍ୟୟ ଗଠନ**
ରଙ୍ଗ
ଆକୃତି
ଦୂରତା
ମାପ
ଆକାର
ଦୈର୍ଘ୍ୟ
ଓଜନ
ଉଚ୍ଚତା
ସମୟ

**ସ୍ଥାନିକ ଧାରଣା**
ଏକ ଏକ ମେଳକ
ଗଣିବା ଓ କେତୋଟି ଅଛି କହିବା ।
ସଂଖ୍ୟା ଚିହ୍ନିବା
ସଂଖ୍ୟାର କ୍ରମ ଜାଣିବା ( ୧ ରୁ ୧୦ ପର୍ଯ୍ୟନ୍ତ ଗଣିପାରିବ)

**ତଥ୍ୟ ପରିଚାଳନା**

**କ୍ୟାଲେଣ୍ଡର, କାର୍ଯ୍ୟକଳାପ**

**ଶିକ୍ଷଣ ଫଳାଫଳ :**

IL ୩.୧ : ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

IL ୩.୨ : ନିକଟ ପରିବେଶରେ ଉପଲବ୍ଧ ସାଧାରଣ ବସ୍ତୁ, ଶବ୍ଦ, ବ୍ୟକ୍ତି ବିଶେଷ, ଚିତ୍ର, ପଶୁ, ପକ୍ଷୀ ମାନଙ୍କର ସୂକ୍ଷ୍ମ ବିବରଣୀକୁ ଲକ୍ଷ୍ୟ କରିବ ଓ ବର୍ଣ୍ଣନା କରିବେ ।

IL ୩.୩ (କ) : ଏକ ସମୟରେ ଦେଖିଥିବା ୪/୫ଟି ବସ୍ତୁକୁ ମନେରଖିବ ଓ ମନେ ପକାଇବେ ।

IL ୩.୩ (ଖ) : ପରିଚିତ ବସ୍ତୁର ଚିତ୍ରର ୩-୫ଟି ନିଖୋଜ ଅଂଶକୁ ଚିହ୍ନଟ କରିବେ ।

IL ୩.୪ : ଦୁଇ ପ୍ରକାରର ୫-୬ଟି ବସ୍ତୁକୁ ଏକ-ଏକ ମେଳକ କରି ସକେଇବେ ।

IL ୩.୫ : ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

IL ୩.୬ : ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ / ସଜେଇବେ ।

IL ୩.୭ : ଗୋଟିଏ ଗପ କୁହାଯାଉଥିବା ବେଳେ, ସେଥିରେ ଥିବା ସମୟ ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ବୁଝିପାରିବ, ଯେପରି-ପ୍ରଥମେ କ'ଣ ହେଲା, କିଏ ରାତିରେ ଆସିଲା ଇତ୍ୟାଦି ।

IL ୩.୮(କ) : ଉପଯୁକ୍ତ କାରଣ ସହିତ ସରଳ ସମସ୍ୟାର ସମାଧାନ କରିବେ ।

IL ୩.୮(ଖ) : ପରିବେଶରେ ଥିବା ବସ୍ତୁର ଅନ୍ୱେଷଣ କରିବେ ଏବଂ ତାକୁ ନେଇ କାର୍ଯ୍ୟ କରିବାରେ ଜଡ଼ିତ ହେବେ, ପ୍ରଶ୍ନ ପଚାରିବେ, ଅନୁସନ୍ଧାନ କରିବେ, ଆବିଷ୍କାର କରିବେ ଏବଂ ତା' ସମ୍ପର୍କରେ ନିଜସ୍ୱ ଧାରଣା ସୃଷ୍ଟି କରିବେ ଓ ଅନୁମାନ କରିବେ ।

IL ୩.୮(ଗ) : ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ସଚେତନତା ଓ ସମ୍ବେଦନଶୀଳତା ପ୍ରଦର୍ଶନ କରିବେ (ଯେପରି - ପାଣି ନଷ୍ଟ ନ କରିବା, ଆବଶ୍ୟକ ନଥିବା ବେଳେ ଲାଇଟ ଜଳାଇବା ନାହିଁ ଇତ୍ୟାଦି)

IL ୩.୯ : ୧୦ଟି ପର୍ଯ୍ୟନ୍ତ ବସ୍ତୁକୁ ଗଣିବେ ।

IL ୩.୧୦ : ୯ଟି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ପର୍ଯ୍ୟନ୍ତ ଅଧଃକ୍ରମ ଓ ଊର୍ଦ୍ଧ୍ୱକ୍ରମ ଗଣନ କରିବେ ।

IL ୩.୧୧ : ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡ଼ିକୁ ଚିହ୍ନଟ କରିବେ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବେ ।

IL ୩.୧୨ : ବସ୍ତୁଗୁଡ଼ିକ ସଂଖ୍ୟାରେ ହ୍ରାସ ହୋଇ ତାହା ଶୂନ ହୋଇଯାଏ - ଏ ସମ୍ପର୍କୀୟ ସଚେତନତା ପ୍ରଦର୍ଶନ କରିବେ । (ଯେପରି - ଗଛ ଡାଳରେ ତିନୋଟି ଚଢ଼େଇ ବସିଥିଲେ, ଗୋଟିକ ପରେ ଗୋଟିଏ ଉଡ଼ିଯିବା ପରେ ସେହି ଡାଳରେ କୌଣସି ଚଢ଼େଇ ରହିଲେ ନାହିଁ)

IL ୩.୧୩ : ୧୦ ମଧ୍ୟରେ କୌଣସି ଦୁଇଟି ସଂଖ୍ୟାକୁ ତୁଳନା କରିବେ ଓ "ଏଥିରୁ ଅଧିକ", "ଏଥିରୁ କମ" ଭଳି ଶବ୍ଦକୁ ବ୍ୟବହାର କରିବେ ।

IL ୩.୧୪ : ଦୁଇଟି ସମୂହର ବସ୍ତୁକୁ ମିଶାଇବେ ( ୯ ପର୍ଯ୍ୟନ୍ତ) ଓ ପୁନଃଗଣନ କରିବ ।

IL ୩.୧୫ : ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃଗଣନ କରିବେ ।

IL ୩.୨୦ : ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବେ ।

IL ୩.୨୧ : ସବୁଠାରୁ ଅଧିକ ଲମ୍ବା / ଛୋଟ, ସବୁଠାରୁ ଅଧିକ ଡେଙ୍ଗା / ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବ ।

IL ୩.୨୨ : ଦୁଇଟି ବସ୍ତୁର ଓଜନକୁ ତୁଳନା କରିବେ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବ ।

IL ୩.୨୩ : ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବେ ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି

IL ୩.୨୫ : ସମତଳ ପୃଷ୍ଠ ଉପରେ ତ୍ରି-ମାତ୍ରିକ ବସ୍ତୁର ପାର୍ଶ୍ୱକୁ ଥୋଇ ଦ୍ୱି-ମାତ୍ରିକ ଆକୃତି ଅଙ୍କନ କରି ଚିହ୍ନଟ କରିବ ।

IL ୩.୨୬ : ଦୈନନ୍ଦିନ ପରିସ୍ଥିତିରେ ଅଧା ରୁଟି / ଅଧା ଗ୍ଲାସ ପାଣି ଭଳି ଶବ୍ଦକୁ ବ୍ୟବହାର କରିବ ।

IL ୩.୨୭ : ଅଙ୍ଗୁଠି ଛାପାଦେଇ ବା ପତ୍ରରେ ରଙ୍ଗ ଦେଇ ନୂତନ ଢାଞ୍ଚା / ସଂରଚନା ତିଆରି କରିବ ।

IL ୩.୨୮ : ପିଲାର ଚତୁଃପାର୍ଶ୍ୱର ପରିସ୍ଥିତି / ଘଟଣାବଳୀରୁ ସିଦ୍ଧାନ୍ତ ନିର୍ଣ୍ଣୟ କରିବ, ଯେପରି - ମୋ ପାଖରେ ନୀଳରଙ୍ଗର ପେନସିଲ ଠାରୁ ନାଲିରଙ୍ଗର ପେନସିଲ ଅଧିକ ଅଛି ।

IL ୩.୨୯ : ଗୋଟିଏ ସପ୍ତାହର ଦିନଗୁଡ଼ିକର ନାମ ଓ ଗୋଟିଏ ବର୍ଷର ମାସ ଗୁଡ଼ିକର ନାମକୁ ଆବୃତ୍ତି କରିବେ ।

IL ୩.୩୦ : ତାଙ୍କ ଚାରିପାଖରେ ଉପଲବ୍ଧ ବୈଷୟିକ ଉପକରଣ ଗୁଡ଼ିକର ବ୍ୟବହାରକୁ ବର୍ଣ୍ଣନା କରିବେ ।

# ବିଭାଗ – ୩

## ୧୨ ସପ୍ତାହ ପାଇଁ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ

| | | |
|---|---|---|
| **Developmental Goal -1** | ବିକାଶାତ୍ମକ ଲକ୍ଷ୍ୟ – ୧ | **(DG - 1)** |
| **Developmental Goal -2** | ବିକାଶାତ୍ମକ ଲକ୍ଷ୍ୟ – ୨ | **(DG - 2)** |
| **Developmental Goal -3** | ବିକାଶାତ୍ମକ ଲକ୍ଷ୍ୟ – ୩ | **(DG - 3)** |

# ପ୍ରଥମ ମାସ

## ବିକାଶାତ୍ମକ ଲକ୍ଷ୍ୟ - ୧ (DG - 1)

## ସ୍ୱାସ୍ଥ୍ୟ ଓ ସୁସ୍ଥତା ଆଧାରିତ ଶିକ୍ଷଣ କାର୍ଯ୍ୟ

**ପ୍ରଥମ ସପ୍ତାହ / ପ୍ରଥମ ଦିନ**

**ଶୀର୍ଷକ - "ଚକା ଚକା ଭଉଁରୀ"**

ଶିକ୍ଷଣ ଫଳାଫଳ - **HW. 3.1:** ଶାରୀରିକ ଗୁଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଏବଂ ନାପସନ୍ଦ ଆଧାରରେ ନିଜକୁ ଓ ଅନ୍ୟମାନଙ୍କୁ ବର୍ଣ୍ଣନା କରିବ ।

କାର୍ଯ୍ୟ - ନାମ ଖେଳ (୧) - ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟସୂଚନା - ଶ୍ରେଣୀରେ ବିଭିନ୍ନ ପ୍ରକାରର ଘରର ଚିତ୍ର କରାଯିବ ।

- ପିଲାମାନେ 'U' ଆକୃତିରେ ଠିଆ ହେବେ ଓ ଶିକ୍ଷକଙ୍କ ସହ "ଚକା ଚକା ଭଉଁରୀ.... ଗୀତ ଗାଇବେ ।"
- ପିଲାଙ୍କ ଆଗରେ ଗୋଟିଏ ଚୌକି ରହିବ । ଶିକ୍ଷକ ସେହି ଚୌକିରେ ବସି କହିବେ ମୁଁ ଘରେ ରହେ । ମୋର ନାମ ...... । ଏହାପରେ ଜଣ ଜଣ କରି ପିଲାମାନେ ଆସି ଚୌକିରେ ବସିବେ ଓ ନିଜର ଡାକ ନାମ କହିବେ ।
- ଶିକ୍ଷକ ପିଲାର ନାମକୁ ଏକ ଛୋଟ ଷ୍ଟିକରରେ ଲେଖି ପିଲାର ପୋଷାକରେ ଲଗାଇବେ ।
- କାନ୍ଥରେ ଗୋଟିଏ ଘରର ଚିତ୍ର ଥିବ । ପିଲାମାନଙ୍କ ଡାକ ନାମ କାଗଜରେ ଲେଖି ସେହି ଘରେ ଲଗାଯିବ । ଏହି ଲେଖା ସପ୍ତାହ ସାରା ରହିବ ।

କାର୍ଯ୍ୟ - ନାମ ଖେଳ (୨) - ଯୋଡ଼ି କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା - ପିଲାମାନେ ଯୋଡ଼ି ଯୋଡ଼ି ହୋଇ ବସିବେ ।

- ପ୍ରଥମେ ନିଜ ନାମ କହିବେ ।
- ତାପରେ ନିଜ ସାଙ୍ଗର ନାମ କହିବେ ।

ସାମୂହିକ କାର୍ଯ୍ୟ :

- ଗୋଲାକାରରେ ହାତ ଧରାଧରି ହୋଇ ପିଲାମାନେ ଠିଆ ହେବେ ।
- ଗୋଟିଏ ପିଲା ତା' ପାଖ ପିଲାର ନାମ କହିବ ।

ସଂକ୍ଷେପଣ -

ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜର ନାମ କହିବା ସହ ନିଜ ସାଙ୍ଗମାନଙ୍କୁ ଚିହ୍ନି ପାରିବେ ତଥା ନାମ କହିବେ ।

ଆବଶ୍ୟକ ସାମଗ୍ରୀ - ଘରର ଚିତ୍ର / ମଡେଲ, ଚୌକି, ପିଲାଙ୍କ ନାମ ଲେଖିବା ପାଇଁ ଘର ଆକାରର କଟାଯାଇଥିବା କାଗଜ । ଛୋଟ ସେଫଟିପିନ୍ ପ୍ୟାକେଟ୍

## ପ୍ରଥମ ମାସ

**ପ୍ରଥମ ସପ୍ତାହ / ଦ୍ୱିତୀୟ ଦିନ**

**ଶୀର୍ଷକ - 'ମୋ ପସନ୍ଦ'**

**ଶିକ୍ଷଣ ଫଳାଫଳ - HW. 3.1 :** ଶାରୀରିକ ଗୁଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଏବଂ ନାପସନ୍ଦ ଆଧାରରେ ନିଜକୁ ଓ ଅନ୍ୟମାନଙ୍କୁ ବର୍ଣ୍ଣନା କରିବେ ।

**କାର୍ଯ୍ୟ - ଖେଳ (୧) - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା - ଶିକ୍ଷକ ପ୍ରଥମେ ଯେକୌଣସି ଆଞ୍ଚଳିକ ଭାଷାର ଗୀତ ଶୁଣାଇବେ ଓ ସେହି ଗୀତ ଅନୁଯାୟୀ ପିଲାମାନଙ୍କ ସହ ଅଙ୍ଗଭଙ୍ଗୀରେ ଅଭିନୟ କରିବେ ।

ପିଲାମାନେ (ଜଣେ ଜଣେ କରି) ଡେଇଁଡେଇଁ କଳାପଟା ବା କାନ୍ଥପାଖକୁ ଯିବେ । ସେଠାରେ ନିଜ ପସନ୍ଦର ଚିତ୍ର (କଳାପଟା ବା କାନ୍ଥରେ ଲଗାଯାଇଥିବା - ନାଚିବା ବା ଗାଇବା/ ଖେଳିବା) ଉପରେ ହାତ ପାପୁଲି ରଖିବେ ।

ଏହାକୁ ଶିକ୍ଷକ ପିଲାଙ୍କ ନାମ ଅନୁସାରେ ଲିପିବଦ୍ଧ କରିବେ ।

**କାର୍ଯ୍ୟ - ଆଲୋଚନା (୨) - ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟସୂଚନା - ପିଲାମାନେ ଜଣଜଣ କରି ସାମନାକୁ ଆସିବେ । ସେମାନେ ନିଜ ପସନ୍ଦର ନାଚ / ଗୀତ ବା ଖେଳ ସମ୍ପର୍କରେ କହିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜ ପସନ୍ଦର କାମକୁ କହି ପାରିବେ ଓ କରିପାରିବେ ।

ନିଜ ସାଙ୍ଗମାନଙ୍କୁ ଚିହ୍ନି ପାରିବେ ଓ ସେମାନଙ୍କର ନାମ କହିବେ ।

**ଆବଶ୍ୟକ ସାମଗ୍ରୀ** - ନାଚିବା, ଗାଇବା, ଖେଳିବାର ଚିତ୍ରକାର୍ଡ କଳାପଟା ବା କାନ୍ଥରେ ରହିବ ।

## ପ୍ରଥମ ମାସ

### ପ୍ରଥମ ସପ୍ତାହ / ତୃତୀୟ ଦିନ

**ଶୀର୍ଷକ - 'ମୋ ଘର, ତୁମ ଘର'**

**ମୋ ଘରେ କିଏ କିଏ**

**ଶିକ୍ଷଣ ଫଳାଫଳ - HW. 3.2 : ଯୌଥ ପରିବାର ସଦସ୍ୟଙ୍କ ସହିତ ନିଜର ସମ୍ପର୍କକୁ ବୁଝାଇବ ।**

କାର୍ଯ୍ୟ - ଅଭିନୟ - ଆଲୋଚନା (୧) ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା - ଅଭିନୟ ଗୀତ - ମାଆଟି ମୋର କେତେ ନିଜର ।...

ଯୋଡ଼ି କାର୍ଯ୍ୟ :

କାର୍ଯ୍ୟ ସୂଚନା - ପିଲାମାନେ ଆଲୋଚନା କରିବେ - ମୋ ଘରେ ...... ରହନ୍ତି । ତୁମ ଘରେ କିଏ ରହନ୍ତି ?

କାର୍ଯ୍ୟ - ଆଲୋଚନା (୨) ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା - ଗୋଟିଏ ଘର ଚିତ୍ରର ଦୁଇ ପଟରେ ଦୁଇଟି ଘର ଚିତ୍ର ରଖାଯିବ ।

ପ୍ରତି ପିଲା ଚିତ୍ର ପାଖକୁ ଆସିବେ । ମଝିଘରଟିକୁ ନିଜଘର ବୋଲି କହିବେ । ଏହାର ଦୁଇପଟ ଘରେ ରହୁଥିବା ପଡ଼ୋଶୀ ଲୋକଙ୍କ ବିଷୟରେ କହିବେ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜ ପରିବାରରେ ରହୁଥିବା ଲୋକମାନଙ୍କ ସହ ସାଙ୍ଗଙ୍କ ପରିବାରରେ କିଏ କିଏ ଅଛନ୍ତି କହିପାରିବେ ।
- ପିଲାମାନେ ନିଜ ପଡ଼ୋଶୀ ମାନଙ୍କ ବିଷୟରେ କହିପାରିବେ ।

ଆବଶ୍ୟକ ସାମଗ୍ରୀ - ଗୀତ ଚାର୍ଟ (କାନ୍ଥ / କଳାପଟାରେ ରହିବ)

- ମାଆ ଟି ମୋର କେତେ ନିଜର
ତା' ପରି କେହି ନାହିଁ
କୋଳଟି ତାର ସରଗପୁର
ତା'ସରି କିଛି ନାହିଁ ।
ଖାଇ ନଥିଲେ ଖୁଆଇଦିଏ
ଶୁଆଇ ଦିଏ ତା' କୋଳେ
ଆହା କି ମିଠା ତା ତୁଣ୍ଡ କଥା
ସଦା ମୁଁ ମନେ ଭାବେ ।

## ପ୍ରଥମ ମାସ

### ପ୍ରଥମ ସପ୍ତାହ / ଚତୁର୍ଥ ଦିବସ

### ଶୀର୍ଷକ :- ମୋର ଅତି ନିଜର

**ଶିକ୍ଷଣ ଫଳାଫଳ - HW. 3.2 : ଯୌଥ ପରିବାର ସଦସ୍ୟଙ୍କ ସହିତ ନିଜର ସମ୍ପର୍କକୁ ବୁଝାଇବେ ।**

**କାର୍ଯ୍ୟ - ଅଭିନୟ (୧) ସାମୂହିକ କାର୍ଯ୍ୟ :** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -** ଶିଶୁଗୀତ ଅଙ୍ଗଭଙ୍ଗୀ ସହ ଅଭିନୟ କରି ଗାଇବେ ।

ଆମ କୁନା ଯିବ ମାମୁଘର ।

କୁଡ଼େଇ କୁଣ୍ଡେଇ ସଜାକର,

ମାମୁଘରେ କିଏ ଅଛନ୍ତି... ଅଜା (ନୂଆ ଅରୁଣିମା, Page - 33)

**କାର୍ଯ୍ୟ - ଆଲୋଚନା (୨) - ବ୍ୟକ୍ତିଗତ କାର୍ଯ୍ୟ :** **ସମୟ ୧୫ ମିନିଟ୍**

କାର୍ଯ୍ୟ ସୂଚନା - ଗୋଟିଏ ପାତ୍ରରେ ମାମୁ/ମାଇଁ / ଅଜା-ଆଈ/ମାଉସୀ/ଦାଦା-ଖୁଡ଼ୀ... ଇତ୍ୟାଦି ପରିବାରରେ ରହୁଥିବା ଲୋକମାନଙ୍କ ନାମ ଲେଖା ହୋଇଥିବା ଚିରକୁଟ ଭାଙ୍ଗି ହୋଇ ରହିବ । ଜଣେ ଜଣେ ପିଲା ଆସି ଗୋଟିଏ ଲେଖାଏଁ ଚିରକୁଟି ଉଠାଇବେ । ଶିକ୍ଷକ ପିଲାମାନଙ୍କୁ ରୋଲ ନଂ ଅନୁସାରେ ନିଜ ସହ ଚିରକୁଟିରେ ଥିବା ବ୍ୟକ୍ତିଙ୍କ ସହ ସମ୍ପର୍କକୁ କହିବା ପାଇଁ ସୂଚନା ଦେବେ । ଯଦି କେହି ପିଲା ଆଗରେ କହିବାକୁ କହିବ, ଶିକ୍ଷକ ତାଙ୍କର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିବେ । ଏହି କାମ ଶେଷରେ କାର୍ଯ୍ୟପର୍ଦ୍ଧ କରିବାକୁ ଦିଆଯିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ବିଷୟରେ ଜାଣିପାରିବେ ।

**ଆବଶ୍ୟକ ସାମଗ୍ରୀ -**

- ଶିଶୁ ଗୀତ ଚାର୍ଟ କାନ୍ଥ/କଳାପଟାରେ ଲଗାଯିବ ।
- ନାଁ ଲେଖାଯାଇଥିବା ଚିରକୁଟି ।

## ପ୍ରଥମ ମାସ

**ପ୍ରଥମ ସପ୍ତାହ / ପଞ୍ଚମ ଦିନ**

**ଶୀର୍ଷକ - ମୁଁ ବି ପାରିବି**

ଶିକ୍ଷଣ ଫଳାଫଳ : **HW. 3.3:** କାର୍ଯ୍ୟକଳାପରେ ନିଜର ସ୍ୱାଧୀନତା ପ୍ରଦର୍ଶନ କରିବ ।

କାର୍ଯ୍ୟ - ଭିଡ଼ିଓ ପ୍ରଦର୍ଶନ (୧)

ସାମୂହିକ କାର୍ଯ୍ୟ : ସମୟ - ୧୫ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକ ICT ବ୍ୟବହାର କରି ଶିଶୁ କୈନ୍ଦ୍ରିକ ଭିଡ଼ିଓ ନାଚ, ଗୀତ, ଗପ, ଅଭିନୟକୁ ଦେଖାଇବେ ।

ବ୍ୟକ୍ତିଗତ କାର୍ଯ୍ୟ : ସମୟ - ୧୦ ମିନିଟ୍

**କାର୍ଯ୍ୟ ସୂଚନା** - ପିଲାଙ୍କୁ ଭଲ ଲାଗୁଥିବା କାର୍ଯ୍ୟ (ଗୀତ ଗାଇବା, ଗପ କହିବା, ନାଚ କରିବା... ଇତ୍ୟାଦି) ଗୋଟିଏ ପରେ ଗୋଟିଏ ରୋଲ ନମ୍ବର ଅନୁସାରେ ପିଲାମାନେ ପାଳି କରି ଦେଖାଇବେ ।

କାର୍ଯ୍ୟ - ଆଲୋଚନା (୨) - ବ୍ୟକ୍ତିଗତ କାର୍ଯ୍ୟ :

**କାର୍ଯ୍ୟ ସୂଚନା** - ପ୍ରତି ପିଲାଙ୍କୁ ମାଟି / ଅଟା ଚକଟା ଦେଇ ନିଜ ମନରୁ ଯେକୌଣସି ୨/୩ଟି ଜିନିଷ ତିଆରି କରିବା ପାଇଁ କୁହାଯିବ । ସେଗୁଡ଼ିକ ସେ ପ୍ରଦର୍ଶିତ କରିବ ଓ ତା'ର ନାମଗୁଡ଼ିକ କହିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପ୍ରତ୍ୟେକ ପିଲା ଦଳ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିପାରିବେ ।
ନିଜେ କରିଥିବା କାର୍ଯ୍ୟକୁ ପ୍ରଦର୍ଶିତ କରି ସେ ବିଷୟରେ ନିଜ ଭାବନା ବ୍ୟକ୍ତ କରି ପାରିବେ ।

**ଆବଶ୍ୟକ ସାମଗ୍ରୀ** - ଅଟା ଚକଟା / ମାଟି ଚକଟା

## ପ୍ରଥମ ମାସ

### ପ୍ରଥମ ସପ୍ତାହ / ଷଷ୍ଠ ଦିବସ

### ଶୀର୍ଷକ - ମୋ ଭିତରେ କେତେ କ'ଣ

ଶିକ୍ଷଣ ଫଳାଫଳ:-

-HW. ୩.୧ : ଶାରୀରିକ ଗୁଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଏବଂ ନାପସନ୍ଦ ଦୃଷ୍ଟିରୁ ନିଜକୁ ଏବଂ ଅନ୍ୟମାନଙ୍କୁ ବର୍ଣ୍ଣନା କରିବ ।

-HW. ୩.୨ : ଯୌଥ ପରିବାର ସଦସ୍ୟଙ୍କ ସହିତ ସମ୍ପର୍କର ବିଧିକୁ ପ୍ରଦର୍ଶନ କରିବ -

-HW. ୩.୩: କାର୍ଯ୍ୟକଳାପରେ ସ୍ୱାଧୀନତା ପ୍ରଦର୍ଶନ କରିବ

କାର୍ଯ୍ୟ - ମୁକ୍ତ ବାର୍ତ୍ତାଳାପ (୧) ସମୟ ୧୫ ମିନିଟ୍

- ଆମେ ଚଳିତ ସପ୍ତାହରେ କେଉଁସବୁ କାମ କରିଥିଲେ ?
- ଏହି କାମଗୁଡ଼ିକରୁ ଆମେ କ'ଣ ସବୁ ଶିଖିଲେ ?
- ତୁମକୁ ଚଳିତ ସପ୍ତାହରେ କରାଯାଇଥିବା କାମଗୁଡ଼ିକ ଭିତରୁ କେଉଁଟି ଭଲ ଲାଗିଲା ଓ କାହିଁକି ?

କାର୍ଯ୍ୟ - (୨) ସମୟ - ୧୫ ମିନିଟ୍

ବ୍ୟକ୍ତିଗତ କାର୍ଯ୍ୟ

- ତୁମକୁ ଭଲ ଲାଗିଥିବା ଗୀତ / ନାଚ / ଅଭିନୟଟି କର ।

ସଂକ୍ଷେପଣ -

- ନିଜ ସାଙ୍ଗମାନଙ୍କ ସହ ପରିଚିତ ହୋଇପାରିବ ।
- ନିଜ ପରିବାର ଓ ମାମୁଘର ପରିବାରର ବ୍ୟକ୍ତିଙ୍କ ନାମ କହିପାରିବ ।
- ପଡ଼ୋଶୀଙ୍କ ନାମ କହିପାରିବ ।
- ସ୍ଥାନୀୟ ଗୀତକୁ ଗାଇବା ସହ ଅଙ୍ଗଭଙ୍ଗୀ କରି ଅଭିନୟ କରିପାରିବ ।

## ପ୍ରଥମ ମାସ

### ଦ୍ୱିତୀୟ ସପ୍ତାହ / ପ୍ରଥମ ଦିବସ

**ଶୀର୍ଷକ - 'ଭାଇ କହିଲେ'**

**ଶିକ୍ଷଣ ଫଳାଫଳ - HW. 3.4 :** ଏକ ସମୟରେ ନିର୍ଦ୍ଦେଶାବଳୀ ଏବଂ ସରଳ ନିୟମ ଅନୁସରଣ କରିବ ।

କାର୍ଯ୍ୟ - (୧) - ଖେଳ - ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ ଗୋଲରେ ଠିଆ ହେବେ, ଶିକ୍ଷକ ସାମନାରେ ରହିବେ ।
- ଶିକ୍ଷକ 'ଭାଇ କହିଲେ' ଖେଳଟିର ସୂଚନା ଦେବେ ।
  ଯଥା: ଭାଇ କହିଲେ ମୁଣ୍ଡ ଛୁଅଁ / ନାକ / ହାତ ଛୁଅଁ । ଶେଷରେ ଭାଇ କହିଲେ ଆଙ୍ଗୁଠି ଦେଖାଅ ୧ , ୨ , ୪ ଆଦି ଆଙ୍ଗୁଠି ଦେଖାଇବାକୁ କହିବେ । (ସଂଖ୍ୟା ଗଣନ ହେବ ନାହିଁ, କେବଳ ଯେତିକିଟି ଆଙ୍ଗୁଠି ଦେଖାଇବେ ପିଲାମାନେ ସେତିକିଟି ଆଙ୍ଗୁଠି ଦେଖାଇବେ ।
- ଯେଉଁ ପିଲା ଭୁଲ୍ କରିବ ସେ ଆଗକୁ ଆସି ଖେଳଟି ଖେଳାଇବ ।

କାର୍ଯ୍ୟ - (୨) - ଖେଳ : ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା - ଘୋ ଘୋ ରାଣୀ ଗୀତ

- ପିଲାମାନେ ଗୋଲରେ ଠିଆ ହେବେ, ଶିକ୍ଷକ ସାମନାରେ ରହିବେ ।
- ପ୍ରଥମେ ଶିକ୍ଷକ ଗୀତ ଗାଇ ଅଭିନୟ କରିବେ ।
- ପିଲାମାନେ ଅଭିନୟ ସହ ଗୀତ ଗାଇବେ ଓ ଶରୀରର ବିଭିନ୍ନ ଅଂଶ ଛୁଇଁବେ (ପାଦ, ଆଣ୍ଠୁ, ଅଣ୍ଟା, ବେକ, ମୁଣ୍ଡ, ନାକ) ଏହି କାମ ଶେଷରେ କାର୍ଯ୍ୟପତ୍ର କରିବାକୁ ଦିଆଯିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଶରୀରର ବିଭିନ୍ନ ଅଂଶର ନାମ କହିପାରିବେ ।

**ଆବଶ୍ୟକ ସାମଗ୍ରୀ -**

ଗୀତ ଚାର୍ଟ - ଏତେ ଏତେ ପାଣି
ଘୋ ଘୋ ରାଣୀ
ପାଦେ ପାଦେ ପାଣି
ଘୋ ଘୋ ରାଣୀ
ଆଣ୍ଠୁଏ ଆଣ୍ଠୁଏ ପାଣି
ଘୋ ଘୋ ରାଣୀ
ଅଣ୍ଟେ ଅଣ୍ଟେ ପାଣି
ଘୋ ଘୋ ରାଣୀ
ଛାତିଏ ଛାତିଏ ପାଣି
ଘୋ ଘୋ ରାଣୀ
ବେକେ ବେକେ ପାଣି
ଘୋ ଘୋ ରାଣୀ

## ଦ୍ୱିତୀୟ ସପ୍ତାହ / ଦ୍ୱିତୀୟ ଦିବସ

## ଶୀର୍ଷକ - "ମୁଁ କଥା ମାନୁଛି"

**ଶିକ୍ଷଣ ଫଳାଫଳ - HW. 3.4:** ଏକ ସମୟରେ ନିର୍ଦ୍ଦେଶାବଳୀ ଏବଂ ସରଳ ନିୟମ ଅନୁସରଣ କରିବ ।

କାର୍ଯ୍ୟ - (୧) - ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା

- ଶିକ୍ଷକ ପିଲାମାନଙ୍କୁ ନିମ୍ନଲିଖିତ ସୂଚନା ଦେବେ । ପିଲାମାନେ ସେହି ଅନୁସାରେ କାର୍ଯ୍ୟ କରିବେ ।

ସୂଚନା - କଳାପଟା ପାଖକୁ ଯାଅ

- କାଗଜକୁ ସମାନ ଦୁଇ ଭାଗ କରି ଭାଙ୍ଗ ।
- ଝରକା ପାଖକୁ ଯାଅ ।
- ବସିପଡ଼ ।
- ଠିଆ ହୁଅ ।
- ଚପଲ ସଜାଡ଼ି ରଖ ।
- ଅଳିଆ ଉଠାଇ ଡଷ୍ଟବିନ୍‌ରେ ପକାଅ ।
- ଧାଡ଼ିରେ ଚାଲ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ

- କିଛି ସାଧାରଣ ବ୍ୟାୟାମ କରିବାରେ ସକ୍ଷମ ହେବେ - ଅଣ୍ଟା ନଇଁବା, ଡେଇଁବା, ଚକାମାଡ଼ି ବସିବା, ଗୋଡ଼ ଲମ୍ବାଇବା ଇତ୍ୟାଦି ।
- ସାଧାରଣ ସୂଚନା ବୁଝି ସେହି ଅନୁସାରେ କାମ କରିପାରିବେ ।

**ଆବଶ୍ୟକ ସାମଗ୍ରୀ** - କାଗଜ

## ପ୍ରଥମ ମାସ

**ଦ୍ୱିତୀୟ ସପ୍ତାହ / ତୃତୀୟ ଦିବସ**

**ଶୀର୍ଷକ - "ଆ ରେ ମେଘ"**

**ଶିକ୍ଷଣ ଫଳାଫଳ – HW. 3.5 : ରୁଟିନ୍ / ଦୈନିକ କାର୍ଯ୍ୟସୂଚୀରେ ଯେକୌଣସି ପରିବର୍ତ୍ତନ ସହିତ ଅନୁକୂଳତା ଦେଖାଇବାରେ ସକ୍ଷମ ହେବ ।**

**କାର୍ଯ୍ୟ - (୧) - ଆ' ରେ ମେଘ - ସାମୂହିକ କାର୍ଯ୍ୟ** **ସମୟ – ୧୦ ମିନିଟ୍**

କାର୍ଯ୍ୟ ସୂଚନା –

- ପିଲାମାନଙ୍କୁ ଗୋଲାକାରରେ ଠିଆ କରାଇ 'ଆ ରେ ମେଘ, କଳା ମେଘ' ଗୀତଟି ଶିକ୍ଷକ ବୋଲିବେ ଓ ପିଲାମାନେ ଅଙ୍ଗଭଙ୍ଗୀ କରି ବୋଲିବେ ।

**ଯୋଡ଼ି କାର୍ଯ୍ୟ :** **ସମୟ – ୧୦ ମିନିଟ୍**

କାର୍ଯ୍ୟ ସୂଚନା –

- ତୁମେ ଘରୁ ବାହାରି ସ୍କୁଲକୁ ଯିବା ବାଟରେ ବର୍ଷା ହେଲେ, ତୁମେ କ'ଣ କରିବ ?
- ପ୍ରତ୍ୟେକ ପିଲାଯୋଡ଼ିରେ ନିଜ ନିଜର ମତାମତ ଉପସ୍ଥାପନା କରିବେ ।

ଅଧିକ କାର୍ଯ୍ୟ – (୨)– ଆଲୋଚନା

**ବ୍ୟକ୍ତିଗତ କାର୍ଯ୍ୟ :** **ସମୟ – ୧୦ମିନିଟ୍**

କାର୍ଯ୍ୟ ସୂଚନା –

- ତୁମେ ସ୍କୁଲ ବାହାରିଲା ବେଳେ ବର୍ଷା ଆରମ୍ଭ ହେଲେ, ତୁମେ କଣ କରିବ ?
- ସେହିପରି, ମେଳାରେ ହଜିଗଲେ, ବାଟରେ ଚପଲ ଛିଣ୍ଡିଗଲେ... ଇତ୍ୟାଦି ପରିସ୍ଥିତି ପିଲାମାନଙ୍କୁ ଦିଆଯିବ ଓ ପ୍ରତ୍ୟେକ ପିଲାକୁ କହିବା ପାଇଁ ଉତ୍ସାହିତ କରାଯିବ ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନର ପଥ ବିଷୟରେ କହିପାରିବେ ।

**ଆବଶ୍ୟକୀୟ ସାମଗ୍ରୀ**– ଗୀତ ଚାର୍ଟ (କାନ୍ଥ / କଳାପଟାରେ ରହିବ)

ଆ ରେ ମେଘ, କଳା ମେଘ, ଆ ତୁ ଝୁମିଝୁମି
ତୋ ସାଥିରେ ଥଣ୍ଡା ପବନ ଆଣେ ଝୁମିଝୁମି ।
ଦୂରେ କାହିଁ ବଇଁଶୀର ସ୍ୱର ଶୁଣାଯାଏ
ମୋ ମନଟା ଧୀରେଧୀରେ ସେଣେ ଚାଲିଯାଏ ।

## ପ୍ରଥମ ମାସ

**ଦ୍ୱିତୀୟ ସପ୍ତାହ / ଚତୁର୍ଥ ଦିବସ**

**ଶୀର୍ଷକ - 'ଧଳାକଳା'**

**ଶିକ୍ଷଣ ଫଳାଫଳ – HW. 3.6:** ଅନ୍ୟମାନଙ୍କଦ୍ୱାରା ନ୍ୟସ୍ତ ହୋଇଥିବା କାର୍ଯ୍ୟ / ବିଷୟଗୁଡ଼ିକ ସଂପୂର୍ଣ୍ଣ କରିବାକୁ ଧ୍ୟାନ ଦେଇଥାଏ ।

କାର୍ଯ୍ୟ - (୧) ଧଳାକଳା ଖେଳ

ସାମୂହିକ କାର୍ଯ୍ୟ — ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ ଗୋଲାକାରରେ ଠିଆ କରାଯାଇ 'ଧଳା-କଳା' ଖେଳ କରାଯିବ ।
- ଶିକ୍ଷକ ପିଲାମାନଙ୍କୁ 'ଧଳାକଳା' ଗୀତ ବୋଲାଇବେ ।

ବ୍ୟକ୍ତିଗତ କାର୍ଯ୍ୟ : — ସମୟ - ୫ ମିନିଟ୍

- ଶିକ୍ଷକ ପ୍ରତିପିଲାକୁ ଗୋଟିଏ ଲେଖାଏଁ ଧଳା ବା କଳା ଜିନିଷର ନାମ ପଚାରିବେ ।

କାର୍ଯ୍ୟ- (୨) - ଆସ ରଙ୍ଗ କରିବା

ବ୍ୟକ୍ତିଗତ କାର୍ଯ୍ୟ

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଛୋଟଛୋଟ ଦଳରେ ଗୋଲରେ ବସାଇବେ ।
- ପ୍ରତିପିଲାଙ୍କୁ ଗୋଟିଏ ଲେଖାଏଁ ଚିତ୍ର କାର୍ଡ଼ ଓ ରଙ୍ଗ ଦେବେ । (ଏଥିରେ ମଣିଷର ଶରୀର ସହ ପୋଷାକର ଚିତ୍ର ଥିବ ।)
- ପିଲାମାନେ ଟିପ ଚିହ୍ନ / ଭେଣ୍ଡି ଆଦି ନେଇ ରଙ୍ଗରେ ବୁଡ଼ାଇ ସାର୍ଟ, ପ୍ୟାଣ୍ଟ / ଫ୍ରକ୍ ଆଦିରେ ରଙ୍ଗ କରିବେ ।
- ରଙ୍ଗ ହୋଇଥିବା କାର୍ଡ଼କୁ ପିଲାମାନେ ସଜାଡ଼ି କାନ୍ଥରେ ଲଗାଇବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ କିଛି ଧଳାକଳା ଜିନିଷର ନାମ କହି ପାରିବେ ।

- ଆଙ୍ଗୁଠି/ଅନ୍ୟ ଜିନିଷରେ ଛାପା କାମ କରିପାରିବେ । ଜିନିଷ/କାର୍ଡ଼କୁ ଯଥା ସ୍ଥାନରେ ସଜାଡ଼ି ରଖି ପାରିବେ ।

**ଆବଶ୍ୟକ ସାମଗ୍ରୀ** - ଶିଶୁ ଗୀତ ଚାର୍ଟ (କାନ୍ଥ / କଳାପଟାରେ ଲଗାଯିବ) ।

ଗୀତ -ଦାନ୍ତ ଧଳା କେଶ କଳା, ଧଳା କଳା ଧଳା କଳା,

ତୁମେ କୁହ ଭାଇ କ'ଣ ଧଳା ?

ଆଖି ଧଳା, ଡୋଳା କଳା, ଧଳା କଳା ଧଳା କଳା,

ତୁମେ କୁହ ଭାଇ କଣ କଳା ?

ଚିତ୍ର କାର୍ଡ଼, ପିଲାଙ୍କ ସଂଖ୍ୟା ଅନୁସାରେ, ରଙ୍ଗ, କଟା ଭେଣ୍ଡି, କ୍ଲିପ୍, ସୁତୁଲି

## ଦ୍ୱିତୀୟ ସପ୍ତାହ / ପଞ୍ଚମ ଦିବସ

**ଶୀର୍ଷକ - "ମୋ ଅନୁଭବ"**

**ଶିକ୍ଷଣ ଫଳାଫଳ - HW. 3.7:** ବାଚନିକ ଓ ଅଣ-ବାଚନିକ ଭାବକୁ (ଅଙ୍ଗଭଙ୍ଗୀ, ଚିତ୍ର) ମାଧ୍ୟମରେ ପ୍ରକାଶ କରେ

କାର୍ଯ୍ୟ - (୧) ମୁଁ କେବେବେଳେ ହସେ ବ କେବେବେଳେ କାନ୍ଦେ : ସାମୂହିକ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -ବାଘଛେଳି ଖେଳ

- ପିଲାମାନେ ଧାଡ଼ିରେ (ପଛକୁ ପଛ) ଜଣେ ଆଉ ଜଣଙ୍କୁ ଧରି ଠିଆ ହେବେ ଓ ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ନିଜ ଡାହାଣକୁ ବୁଲିବେ ।
- ଗୋଟିଏ ପିଲା ବାଘ ହୋଇ ଶେଷ ପିଲାକୁ ଧରିବାକୁ ଚେଷ୍ଟା କରିବ । ଧରି ପାରିଲେ ସେ ପିଲାଟି ବାଘ ହେବ । ଏହି ପରି ଖେଳଟି ଚାଲିବ ।

କାର୍ଯ୍ୟ - (୨) ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା – ତଳଲିଖିତ ପରିସ୍ଥିତି ଅନୁସାରେ କାର୍ଯ୍ୟ କରିସାରିବା ପରେ ଶିକ୍ଷକ ପଚାରିବେ – ତୁମକୁ କେମିତି ଲାଗିଲା/ଲାଗିବ ?

- ଗୋଟିଏ ପିଲା ବାଘ ମୁଖା ପିନ୍ଧି (ଗର୍ଜନ କରିବା ସହ) ଅଭିନୟ କରିବ ।
- ଭଲ ଅଭିନୟ ପାଇଁ ବାଚନିକ ପୁରସ୍କାର / ତାଳି / ଚକ୍ ଖଣ୍ଡେ ପିଲାକୁ ଦେବା ।
- ପ୍ରଶ୍ନ - ତୁମ ଗୋଡ଼ କାଦୁଅରେ ଖସି ଗଲା ଓ ତୁମେ ପଡ଼ିଗଲ ।
- ଚିତ୍ର ପଠନ – (ହସିବା/କାନ୍ଦିବା/ଆଶ୍ଚର୍ଯ୍ୟ ହେବା ମୁହଁର ଚିତ୍ର ଦେଖାଇବା ।)

ସଂକ୍ଷେପଣ – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ବିଭିନ୍ନ ଆବେଗଗୁଡ଼ିକ ଉପରେ ଧାରଣା ପାଇବେ ।

ଆବଶ୍ୟକ ସାମଗ୍ରୀ -

- ବାଘ ମୁହଁର ମୁଖା
- ହସିବା / କାନ୍ଦିବା/ ଆଶ୍ଚର୍ଯ୍ୟ ହେବା ମୁହଁର ଚିତ୍ର

## ପ୍ରଥମ ମାସ

**ତୃତୀୟ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ - "କାଗଜ ଭଙ୍ଗାର ମଜା"**

ଶିକ୍ଷଣ ଫଳାଫଳ - **HW. 3.S:** ନିଜର ପସନ୍ଦ ଏବଂ ଆଗ୍ରହ ଉପରେ ଆଧାର କରି ଦାୟିତ୍ୱ ବହନ କରିବ ।

କାର୍ଯ୍ୟ- (୧) - କାଗଜ ଭଙ୍ଗା ଖେଳ : ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ 'ଘ' ଆକୃତିରେ ବସିବେ ।
- ଶିକ୍ଷକ ସାମ୍ନାରେ ଠିଆ ହୋଇ / ବସି ପୁରୁଣା ଖବରକାଗଜରେ ଡଙ୍ଗା ତିଆରି କରିବା ଶିଖାଇବେ ।
- ପିଲାମାନେ ଶିକ୍ଷକଙ୍କ ସୂଚନା ଅନୁସାରେ କାଗଜ ଭାଙ୍ଗି ଡଙ୍ଗା ତିଆରି କରିବେ ।

କାର୍ଯ୍ୟ-(୨) - ତୁମେ କ'ଣ କରିବ ? ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ପ୍ରତ୍ୟେକ ପିଲାଙ୍କୁ ପୁରୁଣା ଖବରକାଗଜ ଦିଆଯିବ । ସେମାନେ ନିଜେ ଜାଣିଥିବା କିଛି ଜିନିଷ, ଯଥା: ଟୋପି, ଫୁଲ, ଆଦି ସେହି କାଗଜରୁ ତିଆରି କରିବେ ।
- ପିଲାମାନେ କାଗଜ ଚିରି ଅଠା ଦେଇ ବିଭିନ୍ନ ଚିତ୍ର, ଯଥା - ପତାକା / ଶିକୁଳି / ଶିକା ଆଦି କରିପାରିବେ ।
- କାମ ସାରିବା ପରେ ପିଲାମାନେ କିପରି ତିଆରି କଲେ ଜଣଜଣ କରି ସାମ୍ନାକୁ ଆସି କହିବେ ।
- ନିଜେ କରିଥିବା ଜିନିଷକୁ ଶ୍ରେଣୀଗୃହରେ ସଜାଡ଼ି ରଖିବେ ।

ସଂକ୍ଷେପଣ-

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ପୁରୁଣା ଖବରକାଗଜରେ ବିଭିନ୍ନ ଜିନିଷ ତିଆରି କରିବାରେ ସକ୍ଷମ ହେବେ ।
- ନିଜ ହାତତିଆରି ଜିନିଷକୁ ଶ୍ରେଣୀଗୃହରେ ସଜାଡ଼ି ରଖିବେ ।

ଆବଶ୍ୟକ ସାମଗ୍ରୀ- ପୁରୁଣା ଖବରକାଗଜ, ଅଠା

## ପ୍ରଥମ ମାସ

ତୃତୀୟ ସପ୍ତାହ / ଦ୍ୱିତୀୟ ଦିବସ

ଶୀର୍ଷକ - "ରଙ୍ଗୀନ କାଗଜର କରାମତି"

ଶିକ୍ଷଣ ଫଳାଫଳ - **HW. 3.8:** ନିଜର ପସନ୍ଦ ଏବଂ ଆଗ୍ରହ ଉପରେ ଆଧାର କରି ଦାୟିତ୍ୱ ବହନ କରିବ ।

କାର୍ଯ୍ୟ-(୧) - ଆମ କାମ (କୋଲାଜ): ଦଳଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଚାରିଟି ଦଳ କରି ପ୍ରତି ଦଳରେ ଆମ୍ବ / କଦଳୀ / ପଣସ... ଇତ୍ୟାଦି ଚିତ୍ର ଭିତରୁ ଗୋଟିଏ ଲେଖାଏଁ କେବଳ ଆଉଟ୍‌ଲାଇନ୍ ଥିବା ଚିତ୍ର ଦେବେ ।
- ପିଲାମାନେ ଶିକ୍ଷକଙ୍କ ସୂଚନା ଅନୁସାରେ ରଙ୍ଗୀନ କାଗଜକୁ ଛୋଟ ଛୋଟ ଖଣ୍ଡ କରି ଚିରିବେ ।
- ସେମାନେ ଛୋଟ ଛୋଟ କାଗଜ ଟୁକୁଡ଼ାକୁ ଅଠା ଦେଇ ଫଳର ଆକାର / ରଙ୍ଗ ଅନୁସାରେ ଲଗାଇବେ ।

କାର୍ଯ୍ୟ - (୨) - ଆମେ ନିଜେ କରିବା : ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

- ଶିକ୍ଷକ ପ୍ରତି ପିଲାଙ୍କୁ ଫଳ/ଫୁଲ ଚିତ୍ର (ଆଉଟ୍‌ଲାଇନ) ଥିବା ଖଣ୍ଡେ ଲେଖାଏଁ କାଗଜ ଦେବେ ।
- ପିଲା ନିଜର ପସନ୍ଦ ଅନୁସାରେ ରଙ୍ଗୀନ କାଗଜ ବାଛି ନେବେ । ତାକୁ ଚିରି ଅଠାଦେଇ ସେହି ଆକାର ଉପରେ ଲଗାଇବେ ।
- କାର୍ଯ୍ୟ ସମାପ୍ତି ପରେ ସେ ନିଜ କାମକୁ ପ୍ରଦର୍ଶିତ କରିବ (ଟଙ୍ଗାଇବ) ।

ସଂକ୍ଷେପଣ - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ -

- ସ୍ୱାଧୀନ ଭାବରେ କାଗଜ ଚିରି, ଅଠା ଦେଇ ବିଭିନ୍ନ ଆକୃତି କରିପାରିବେ ।
- ଶ୍ରେଣୀଗୃହରେ ନିଜେ କରିଥିବା କାମକୁ ସଜାଡ଼ି ରଖିବାରେ ସକ୍ଷମ ହେବେ ।

ଆବଶ୍ୟକ ସାମଗ୍ରୀ -

- ଧଳା କାଗଜରେ କେବଳ ଆଉଟ୍‌ଲାଇନ୍ ଥିବା ଆମ୍ବ, କଦଳୀ, ପଣସ ଆଦିର ଚିତ୍ର ।
- ଧଳା କାଗଜରେ ଫୁଲ, ଫଳ, ପରିବା ଆଦିର ଆଉଟ୍‌ଲାଇନ୍ ଥିବା ଚିତ୍ର ।
- ରଙ୍ଗୀନ କାଗଜ (ଲାଲ, ହଳଦିଆ, ସବୁଜ)
- ଅଠା

## ପ୍ରଥମ ମାସ

### ତୃତୀୟ ସପ୍ତାହ / ତୃତୀୟ ଦିବସ

### ଶୀର୍ଷକ -"ମୋ ସାଙ୍ଗଟି ଅତି ନିଜର"

**ଶିକ୍ଷଣ ଫଳାଫଳ – HW. 3.9:** ବିବାଦର ସମାଧାନ ପାଇଁ ପରାମର୍ଶ ଦେବ ଏବଂ ବୟସ ଉପଯୋଗୀ ବିବାଦର ଉପଯୁକ୍ତ ସମାଧାନ କରିବ ।

**କାର୍ଯ୍ୟ - ଅଭିନୟ ଗୀତ (୧): ସାମୂହିକ କାର୍ଯ୍ୟ** **ସମୟ – ୫ ମିନିଟ୍**

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇ 'ଗଛଟିଏ ମୁଁ ଗଛଟିଏ' ଗୀତଟି ଶିକ୍ଷକ ଅଭିନୟ ସହ ଆବୃତ୍ତି କରିବେ ।

**କାର୍ଯ୍ୟ - ଆମ ବଗିଚା (୨)**

ଗୀତ ଅନୁସାରେ -

- ଗଛର କେଉଁ କେଉଁ ଅଂଶ ବିଷୟରେ କୁହାଯାଇଛି ବୋଲି ପ୍ରଶ୍ନ ପଚାରିବେ ।
- ତୁମ ଗାଁ ଘରପାଖରେ, ସାହିରେ, ଗାଁରେ, ବିଦ୍ୟାଳୟ ହତା ମଧ୍ୟରେ କେଉଁ ସବୁ ଗଛ ଅଛି ତା'ର ନାମ କହ ।

**କାର୍ଯ୍ୟ-(୩) କ'ଣ କରିବା କୁହ ?: ଦଳଗତ କାର୍ଯ୍ୟ** **ସମୟ – ୧୦ ମିନିଟ୍**

**କାର୍ଯ୍ୟ ସୂଚନା -**

- ଶିକ୍ଷକ ପିଲାମାନଙ୍କୁ ଦଳରେ ବସାଇବେ । ପିଲାମାନଙ୍କୁ ଗୋଟିଏ ଲେଖାଏଁ ପରିସ୍ଥିତି ଦେଇ, ସେତେବେଳେ ସେମାନେ କ'ଣ କରିବେ ବୋଲି ଆଲୋଚନା କରିବେ ।
- ପିଲାମାନଙ୍କୁ ଜଣଜଣ କରି ପଚରା ଯିବ ଓ ସେମାନଙ୍କର ଉତ୍ତର ବିଷୟରେ ଆଲୋଚନା କରାଯିବ ।

  ପରିସ୍ଥିତି

  - ଯଦି ସବୁବେଳେ ଜଣେ ପିଲା ପ୍ରଥମ ଧାଡ଼ିରେ ବସୁଛି ଓ ତୁମେମାନେ ସେଠାରେ ବସିବାକୁ ଚାହୁଁଛି ।
  - ଖେଳିଲା ବେଳେ କୌଣସି କାରଣରୁ ତୁମ ସାଙ୍ଗ ରାଗିଯିବ ।
  - ବଗିଚା କାମ ବେଳେ ଜଣେ ପିଲା ବାରମ୍ବାର ଅନ୍ୟମାନଙ୍କୁ ଓଦା କରିଦେବ ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜ ବୟସ ଅନୁସାରେ ପରସ୍ପର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦର ସମାଧାନ ପାଇଁ ବାଟ ବାହାର କରିବାରେ ସକ୍ଷମ ହେବେ ।

**ଆବଶ୍ୟକ ସାମଗ୍ରୀ**– ଗୀତ ଚାର୍ଟ – ଗଛଟିଏ ମୁଁ ଗଛଟିଏ (କାନ୍ଥ/କଳାପଟାରେ) ରହିବ ।

ପ୍ରଥମ ମାସ

ତୃତୀୟ ସପ୍ତାହ / ଚତୁର୍ଥ ଦିବସ

**ଶୀର୍ଷକ - "ମିଛିମିଛିକା"**

**ଶିକ୍ଷଣ ଫଳାଫଳ - HW. 3.11:** ବଡ଼ ଏବଂ ଛୋଟ ଗୋଷ୍ଠୀ କାର୍ଯ୍ୟକଳାପ ସମୟରେ ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରେ ।

**କାର୍ଯ୍ୟ- (୧) - ଛାୟା ଅଭିନୟ : ସାମୂହିକ କାର୍ଯ୍ୟ** ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଶିକ୍ଷକ ପିଲାମାନଙ୍କ ସମ୍ମୁଖରେ ଛିଡ଼ାହେବେ ।
- ପିଲାମାନଙ୍କୁ ପରିସ୍ଥିତିର ସୂଚନା ପ୍ରଦାନ କରିବେ ।

ସୂଚନା - କବାଡ଼ି ଖେଳ ସମୟରେ ତୁମ ସାଙ୍ଗ ପଡ଼ିଗଲେ, ତୁମେ କଣ କରିବ ?

- ଗୋଟିଏ ପିଲା ପଡ଼ିଯାଇଥିବାର ଅଭିନୟ କରିବ ଓ ଅନ୍ୟ ୩/୪ ଜଣ ପିଲା ତାକୁ କିପରି ସାହାଯ୍ୟ କରିବେ ? ତାହାର ଅଭିନୟ କରିବେ ।

**କାର୍ଯ୍ୟ -(୨) : ସାମୂହିକ କାର୍ଯ୍ୟ** ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଜଣେ ପିଲା ଠିକ୍‌ଭାବରେ ଚାଲିପାରୁନାହିଁ । ତା'ର ସାଙ୍ଗ ହିସାବରେ ତୁମେ ତାକୁ କିପରି ସାହାଯ୍ୟ କରିବ ? (ଖେଳିବା ସମୟରେ, ଘରୁ ବିଦ୍ୟାଳୟକୁ ଆସିବା ସମୟରେ, ଶୌଚାଳୟ ଯିବା ସମୟରେ...)
- ଶିକ୍ଷକ ଏହି ଭଳି ଅଧିକ ପରିସ୍ଥିତି ଦେଇ ପିଲାମାନଙ୍କ ଦ୍ୱାରା ଛାୟା ଅଭିନୟ କରାଇବେ
- ଶେଷରେ ସେଇ ଅଭିନୟକୁ ବର୍ଣ୍ଣନା କରିବାକୁ କହିବେ ।
- ଏହିପରି ଅନ୍ୟ ପରିସ୍ଥିତିରେ ସେମାନଙ୍କର ଅନୁଭବକୁ ବର୍ଣ୍ଣନା କରିବାକୁ ସୁଯୋଗ ଦିଆଯିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସେମାନଙ୍କର ସାଥିଙ୍କୁ ବିଭିନ୍ନ କାର୍ଯ୍ୟରେ କିପରି ସାହାଯ୍ୟ କରିବେ ସେ ବିଷୟରେ ସଚେତନ ହେବେ ଓ ସେହି ଅନୁସାରେ କାର୍ଯ୍ୟ କରିବେ ।

## ପ୍ରଥମ ମାସ

**ତୃତୀୟ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ - "ହାତରେ ହାତ ମିଶାଇଦେବା"**

ଶିକ୍ଷଣ ଫଳାଫଳ - **HW. 3.10:** ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ଧାରଣା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛା ପ୍ରଦର୍ଶନ କରେ ।

କାର୍ଯ୍ୟ- (୧) ଏକତାର ବଳ ଗପ : ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'ଘ' ଆକୃତିରେ ବସାଇବେ ।
- "ଏକତାର ବଳ" ଚିତ୍ର ଦେଖାଇ ଶିକ୍ଷକ ଗପଟି କହିବେ ।
- ଶିକ୍ଷକ କହିବେ ଯେ ଏମିତି କିଛି କାମ ଅଛି ଯାହାକୁ ଆମେ ଏକା କରିପାରିବା ନାହିଁ । ସେହି କାମ ପାଇଁ ଆମେ ଏକାଠି ହେବା ଓ ପରସ୍ପରର ସାହାଯ୍ୟ ନେବା ।
- ଏହିପରି କିଛି କାମଗୁଡ଼ିକର ନାମ ପିଲାମାନଙ୍କୁ କହିବାକୁ କୁହାଯିବ ଯେଉଁଥିରେ ଅନ୍ୟର ସହଯୋଗ ଆବଶ୍ୟକ ।
- ପିଲାମାନେ କାମଗୁଡ଼ିକର ନାମ କହିବେ ।
- ଏହି କାମ ପାଇଁ କିପରି ଅନ୍ୟର ସାହାଯ୍ୟ ନେବେ ତାହା କହିବେ ।

କାର୍ଯ୍ୟ-(୨) : ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ କେତୋଟି ପରିସ୍ଥିତି ବିଷୟରେ କହିବେ ।

  ଯଥା:

- ପଡ଼ିଆରେ ଖେଳିବା ସମୟରେ ଖେଳର ନିୟମ ମାନିବା ନେଇ ସାଙ୍ଗମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲେ କ'ଣ କରିବା ?
- ମଧ୍ୟାହ୍ନ ଭୋଜନ ସମୟରେ କିପରି ବସିବା ?

- ଏହି ପରିସ୍ଥିତିର ସମାଧାନ ନେଇ ପିଲାମାନେ ନିଜ ନିଜର ମତାମତ ଦେବେ ।
- ଅନ୍ୟର ମତାମତକୁ ଗ୍ରହଣ କରିବା ପାଇଁ ଶିକ୍ଷକ ସେମାନଙ୍କୁ ଉତ୍ସାହିତ କରିବେ ।
- ଏହିପରି ଶିକ୍ଷକ ଆଉ କିଛି ପରିସ୍ଥିତି ଦେଇ ସେହି ପରିସ୍ଥିତିରେ ପିଲାମାନଙ୍କ ମତାମତ ଗ୍ରହଣ କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଅନ୍ୟଙ୍କ ମତାମତକୁ ସମ୍ମାନ ଦେବା ସହ ସମସ୍ତଙ୍କ ସହ ମିଶି କାମ କରିପାରିବେ ।

ଆବଶ୍ୟକ ସାମଗ୍ରୀ - କପୋତମାନେ ଜାଲ ଧରି ଉଡ଼ିଯାଉଥିବେ ଓ ଦୂରରେ ବାଡ଼ି ଧରି କପୋତମାନଙ୍କୁ ଚାହିଁଥିବା ଶିକାରୀର ଚିତ୍ର ।

## ପ୍ରଥମ ମାସ

**ଚତୁର୍ଥ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ - "ବେଙ୍ଗ ଡିଏଁ ଖପ୍‌ଖପ୍"**

**ଶିକ୍ଷଣ ଫଳାଫଳ - HW. 3.16:** ପିଲାମାନେ ନିଜ ଶରୀରର ଅଙ୍ଗଚାଳନା ଉପରେ ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ଶକ୍ତି ପ୍ରଦର୍ଶନ କରିବେ । ଯଥା - ଚାଲିବା, ଡେଇଁବା, ଫିଙ୍ଗିବା, ଗୋଇଠା ମାରିବା ଏବଂ ଧରିବା ଇତ୍ୟାଦି ।

କାର୍ଯ୍ୟ - (୧) - ଆସ ଆମେ ଖେଳିବା : ସାମୂହିକ କାର୍ଯ୍ୟ ସମୟ - ୨୫ ମିନିଟ୍

କାର୍ଯ୍ୟ ସୂଚନା-

- ଶିକ୍ଷକ -
  - ୧. ମଝିରେ କିଛିକିଛି ଜାଗା ଛାଡି ଇଟା ୯/୧୦ ଖଣ୍ଡ ଗୋଟିଏ ଧାଡ଼ିରେ ରଖିବେ ଓ ତା' ଉପରେ ପିଲାଙ୍କୁ ଜଣେ ଜଣକ ପରେ ଜଣେ ଚାଲିବା ପାଇଁ କହିବେ ।
  - ୨. ଗୋଟିଏ ଖାଲି ବାଲଟି ରଖିବେ । କିଛି ଦୂରରୁ ଜଣକ ପରେ ଜଣେ ପିଲା ସେହି ବାଲଟି ଭିତରକୁ ବଲ୍ ପକେଇବା ପାଇଁ କହିବେ ।
  - ୩. ବେଙ୍ଗ ଡିଆଁ ଖେଳ ଖେଳାଇବେ ।
  - ୪. ଆଳୁ ଚାମଚ ଦୌଡ଼ ପରି ଖେଳ ଖେଳାଇବେ ।
  - ୫. ଗୋଇଠି ବା ଟିପରେ ଚାଲିବା ପାଇଁ କହିବେ ।
- ଉପରେ ଲିଖିତ ଖେଳ ପରି ଖେଳମାନ ଶିକ୍ଷକ ଖେଳାଇବେ ।
- ପ୍ରତିଖେଳ ଶେଷରେ
  - ଖେଳ କିପରି ଲାଗିଲା ?
  - ଖେଳଟି କେମିତି ଖେଳିଲ ? ପ୍ରଶ୍ନ ପଚାରି ପିଲାମାନଙ୍କଠାରୁ ଉତ୍ତର ଆଦାୟ କରିବେ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କର ସ୍ଥୂଳ ମାଂସପେଶୀ ଯଥା - ଗୋଡ଼, ହାତ, ଜଙ୍ଘ, ଅଣ୍ଟା, ମେରୁଦଣ୍ଡ ଓ ଶରୀର ମଧ୍ୟଭାଗର ସଂଚାଳନ, ସମନ୍ୱୟ ହୋଇପାରିବ ।

ଆବଶ୍ୟକ ସାମଗ୍ରୀ - ୯/୧୦ ଖଣ୍ଡ ଇଟା, ବାଲଟି, ବଲ୍, ଚାମଚ, ଛୋଟ ଆଳୁ

## ପ୍ରଥମ ମାସ

**ଚତୁର୍ଥ ସପ୍ତାହ / ଦ୍ୱିତୀୟ ଦିବସ**

**ଶୀର୍ଷକ - "ଘର ଭିତରେ ବର୍ଷା"**

**ଶିକ୍ଷଣ ଫଳାଫଳ – HW. 3.16:** ସ୍ଥାନ ଅନୁସନ୍ଧାନ କରେ ଏବଂ ସଂଗୀତ ଓ ଅନ୍ୟାନ୍ୟ ଶିକ୍ଷଣ କାର୍ଯ୍ୟରେ ଏବଂ ସୃଜନଶୀଳ ଭାବରେ ଅଂଶଗ୍ରହଣ କରେ ।

**କାର୍ଯ୍ୟ- (୧) – ବର୍ଷା କହେ (ଶିଶୁଗୀତ) ନୂଆ ଅରୁଣିମା, ପୃ – ୪୮ : ସାମୂହିକ କାର୍ଯ୍ୟ** **ସମୟ – ୧୫ ମିନିଟ୍**

କାର୍ଯ୍ୟ ସୂଚନା –

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ଠିଆ କରାଇ ଅଙ୍ଗଭଙ୍ଗୀ ଓ ଅଭିନୟ ସହ 'ବର୍ଷା କହେ' ଗୀତଟି ଗାଇବେ ।
- ଶିକ୍ଷକଙ୍କ ସୂଚନା – 'ଆସ ଆମେ ବର୍ଷାର ଶବ୍ଦ କରିବା' ।
- ଶିକ୍ଷକ ପାପୁଲିରେ ଗୋଟିଏ ଆଙ୍ଗୁଠି, ଦୁଇଟି ଆଙ୍ଗୁଠି... ଏହିପରି ୩ଟି, ୪ଟି ଆଙ୍ଗୁଠିରେ ଶବ୍ଦ କରିବେ ଓ ପିଲାମାନଙ୍କୁ ସେହିପରି କରିବା ପାଇଁ ସୂଚନା ଦେବେ ।

ବ୍ୟକ୍ତିଗତ କାର୍ଯ୍ୟ – ପ୍ରତ୍ୟେକ ପିଲାକୁ ତାଳି ମାରିବା / ଆଙ୍ଗୁଠି ଟିପରେ ଚୁଟୁକି ମାରିବା, ବାଡ଼ିରେ ବାଡ଼ି ବଜାଇବା... ପରି ଶବ୍ଦ ସୃଷ୍ଟି ହେଉଥିବା କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯିବ ।

**କାର୍ଯ୍ୟ – (୨) – ମୂଷା ବିଲେଇର ଖେଳ : ବ୍ୟକ୍ତିଗତ କାର୍ଯ୍ୟ** **ସମୟ – ୧୫ ମିନିଟ୍**

କାର୍ଯ୍ୟ ସୂଚନା –

- ଶିକ୍ଷକ ପିଲାମାନଙ୍କୁ ମୂଷା ବିଲେଇର ଖେଳ ଖେଳାଇବେ ଓ ତା' ପରେ ପ୍ରଶ୍ନ ପଚାରିବେ । ଯେପରି –
  - ବିଲେଇ କାହିଁକି ମୂଷାକୁ ଧରି ପାରିଲା ବା ଧରି ପାରିଲା ନାହିଁ ?
  - ଆଉ କ'ଣ କରିଥିଲେ ମୂଷା (ତୁମେ) ବିଲେଇଠାରୁ ରକ୍ଷା ପାଇଥାନ୍ତ ? ...ଇତ୍ୟାଦି ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସୂକ୍ଷ୍ମ ଚିନ୍ତନ କରି ସମସ୍ୟାର ସମାଧାନର ଉପାୟ ସ୍ଥିର କରିପାରିବେ ।

**ଆବଶ୍ୟକ ସାମଗ୍ରୀ –**

– 'ବର୍ଷା କହେ...' (ଶିଶୁଗୀତ) ଲିଖିତ ଚାର୍ଟ

ବରଷା କହେ ମାଟିରେ — ତୁ ବତୁରି ବତୁରି ଯା,
ମାଟି କହେ ଗଛାରେ — ତୁ ଉଠୁରୁ ଉଠୁରି ଯା ।
ଗଛା କହେ ପତ୍ରରେ — ତୁ ପତୁରି ପତୁରି ଯା,
ପତ୍ର କହେ ଗଛରେ — ତୁ ଉଠି ଉଠି ଯା ।
ଗଛ କହେ ଫୁଲରେ — ତୁ ଫୁଟି ଫୁଟି ଯା,
ଫୁଲ କହେ ଫଳରେ — ତୁ କଷି ଧରି ଯା ।
ମା କହେ ଫଳରେ — ତୁ ବଢ଼ି ବଢ଼ି ଯା,
ବଢ଼ିଲେ ତୁ ଖାଇବେ ପିଲେ — କରି ଏଡ଼େ ଆଁ ।

## ଚତୁର୍ଥ ସପ୍ତାହ / ତୃତୀୟ ଦିବସ

## ଶୀର୍ଷକ - "ଗାଁଟି ମୋର ଅତି ସୁନ୍ଦର"

ଶିକ୍ଷଣ ଫଳାଫଳ - **HW. 3.18 (a):** ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀ କୌଶଳ ପ୍ରଦର୍ଶନ କରେ

କାର୍ଯ୍ୟ - ଆମ ଗାଁ (୧) : ଦଳଗତ କାର୍ଯ୍ୟ ସମୟ - ୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଦଳରେ ବସାଇବେ ।
- ପ୍ରତି ଦଳରେ ଡ୍ରଇଂସିଟ, ଅଠା, ରଙ୍ଗୀନ କାଗଜ ଦିଆଯିବ ।
- ଏହା ପରେ ପିଲାମାନେ ଗାଁ ଚିତ୍ର କରିବେ । କାଗଜକୁ ଚିରି ଅଠାଦେଇ ଚିତ୍ରରେ ଲଗାଇବାକୁ କୁହାଯିବ ।
- ଚିତ୍ର କରିବା ସମୟରେ ପିଲାମାନେ ପରସ୍ପର ସହ ଆଲୋଚନା କରି କରିବେ ।
- ଏହି କାମ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

ଆବଶ୍ୟକ ସାମଗ୍ରୀ :- ଗଛର ରେଖାଚିତ୍ର, ଘରର ରେଖାଚିତ୍ର, ଗାଈର ରେଖାଚିତ୍ର, ରଙ୍ଗୀନ କାଗଜ, ଅଠା

କାର୍ଯ୍ୟ -(୨) : ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -

- ପ୍ରତି ପିଲାକୁ ନିଜ ଇଚ୍ଛା ଅନୁସାରେ ଚିତ୍ରଟିଏ କରି ରଙ୍ଗ ଦେବାପାଇଁ ସୂଚନା ଦିଆଯିବ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନରେ ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀ ଚାଳନା ହୋଇପାରିବ ।
- ପିଲାମାନଙ୍କ ଭିତରେ ସୃଜନାତ୍ମକ ଭାବନା ବିକାଶ ହୋଇ ପାରିବ ।

ଆବଶ୍ୟକ ସାମଗ୍ରୀ - କ୍ରେୟନ, ସ୍କେଚ, ପେନସିଲ୍

## ପ୍ରଥମ ମାସ

**ଚତୁର୍ଥ ସପ୍ତାହ / ଚତୁର୍ଥ ଦିବସ**

**ଶୀର୍ଷକ - "ସବୁ କାମ ଠିକ୍‌ଠିକ୍"**

ଶିକ୍ଷଣ ଫଳାଫଳ – **HW. 3.18 (b):** ଜଟିଳ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ସମନ୍ୱିତ ଶିକ୍ଷଣକାର୍ଯ୍ୟକୁ ବ୍ୟବହାର କରେ ଯେପରିକି ଏକ ଧାଡ଼ିରେ ଚାଲିବା, ପାଣି ଭରିବା, ବୋତାମ ଉପଯୁକ୍ତ ଭାବରେ ଲଗାଇବା ଇତ୍ୟାଦି ।

କାର୍ଯ୍ୟ – (୧) ପାଣି ଢ଼ାଳିବା : ବ୍ୟକ୍ତିଗତ କାର୍ଯ୍ୟ — ସମୟ – ୧୫ ମିନିଟ୍

କାର୍ଯ୍ୟ ସୂଚନା –

- ଶିକ୍ଷକ ପିଲାମାନଙ୍କୁ ଧାଡ଼ିକରି ଠିଆ କରାଇବେ ।
- ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ବୋତଲ / ଗ୍ଲାସ ଦିଆଯିବ ।
- ପିଲାମାନେ କିଛିବାଟ ଯାଇ ସାମ୍ନାରେ ଥିବା ବାଲ୍‌ଟି / ଟ୍ୟାପରୁ ପାଣି ଭର୍ତ୍ତିକରି ପୁଣି ପୂର୍ବସ୍ଥାନକୁ ଫେରି ଆସିବେ । ସେମାନଙ୍କୁ ତାଳିମାରି ଉତ୍ସାହିତ କରାଯିବ ।

କାର୍ଯ୍ୟ–(୨) ନିଜ କାମ ନିଜେ କର : ସାମୂହିକ କାର୍ଯ୍ୟ — ସମୟ – ୧୫ ମିନିଟ୍

କାର୍ଯ୍ୟ ସୂଚନା –

- ଶିକ୍ଷକ ପିଲାମାନଙ୍କୁ ଧାଡ଼ିରେ ଠିଆ କରାଇବେ ।
- ପ୍ରତି ପିଲାଙ୍କ ସାମ୍ନାରେ ଗୋଟିଏ ସାର୍ଟ ରଖି ଦିଆଯିବ ।
- ସଂକେତ ଦିଆଯିବା ମାତ୍ରେ ପ୍ରତି ପିଲା ସାର୍ଟ ପିନ୍ଧି ଠିକ୍ ଭାବରେ ତା'ର ବୋତାମ ଲଗାଇ ଆଗକୁ ଦୌଡ଼ି ଦୌଡ଼ି ଯିବ ।

ସଂକ୍ଷେପଣ –

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ବାଲ୍‌ଟି/ଟ୍ୟାପରୁ ବୋତଲ/ଗ୍ଲାସରେ ଠିକ୍ ଭାବରେ ପାଣି ଭର୍ତ୍ତି କରି ଆଣିବାରେ ସକ୍ଷମ ହେବେ ।
- ନିଜ ସାର୍ଟ ନିଜେ ଠିକ ଭାବରେ ପିନ୍ଧିବା ଓ ବୋତାମ ଦେବା କାମ କରିପାରିବେ ।

ଆବଶ୍ୟକ ସାମଗ୍ରୀ –

- ବୋତଲ / ଗ୍ଲାସ, ପାଣିଭର୍ତ୍ତି ବାଲ୍‌ଟି
- ବୋତାମ ଥିବା ସାର୍ଟ

## ଚତୁର୍ଥ ସପ୍ତାହ / ପଞ୍ଚମ ଦିବସ

## ଶୀର୍ଷକ - "କାଠି କଲମ"

**ଶିକ୍ଷଣ ଫଳାଫଳ - HW. 3.18(e) :** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ତୂଳୀ, ପେନସିଲ୍ ଇତ୍ୟାଦି ଉପକରଣଗୁଡ଼ିକୁ ଧରି ରଖିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (ଏକ ବସ୍ତୁ ଧରିବା ପାଇଁ ଆଙ୍ଗୁଠି ଏବଂ ଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରେ ।

**କାର୍ଯ୍ୟ -(୧) ମୁଁ କହିବି ଯାହା ତୁମେ କରିବ ତାହା : ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ଏକ ସୂଚନା ଦେବେ । - 'ମୁଁ ଯେଉଁ ଜିନିଷର ନାମ କହିବି, ତୁମେମାନେ ତୁମ ଆଙ୍ଗୁଠି ବୁଲାଇ ପବନରେ ତା'ର ଚିତ୍ର କରିବ ।'

- ଚକୁଳି, ରସଗୋଲା, ବାଡ଼ି, ବରା,
- ବଙ୍କୁଲିବାଡ଼ି, ଚକ, ପେନସିଲ, ଆଙ୍ଗୁଠି, ...ଇତ୍ୟାଦି

**କାର୍ଯ୍ୟ - (୨) : ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୦ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ବାହାରକୁ ନେଇ ଉପରୋକ୍ତ ଜିନିଷଗୁଡ଼ିକର ଗୋଟିକ ପରେ ଗୋଟିଏ କାଠି ଧରି ବାଲିରେ ଚିତ୍ର କରିବା ପାଇଁ ସୂଚନା ଦେବେ ।
- ପ୍ରତ୍ୟେକ ପିଲାଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରାଯିବ ।
- ଚିତ୍ରଗୁଡ଼ିକ କରିସାରିବା ପରେ ପ୍ରତି ପିଲାଙ୍କୁ ସେ କରିଥିବା ଚିତ୍ର ନାମ କହିବା ପାଇଁ ସୁଯୋଗ ଦେବେ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀ ଚାଳନା ସହ ସେମାନେ ତିନି ଆଙ୍ଗୁଠି ଓ ବୁଢ଼ା ଆଙ୍ଗୁଠିକୁ ବ୍ୟବହାର କରି / ଯୋଡ଼ି କାଠି / ପେନସିଲ ଧରିବା ଶିଖିବେ ।

ଆବଶ୍ୟକ ସାମଗ୍ରୀ - କାଠି, ବାଲି

# ଦ୍ୱିତୀୟ ମାସ

## ପ୍ରଥମ ସପ୍ତାହ / ପ୍ରଥମ ଦିବସ

## ଶୀର୍ଷକ - "ସବୁଠି ସମାନ"

**ଶିକ୍ଷଣ ଫଳାଫଳ – HW. 3.17:** ସଂଗୀତ ଏବଂ ବିଭିନ୍ନ କାର୍ଯ୍ୟକଳାପରେ ନିଜେ ସକ୍ରିୟ ରହେ ଏବଂ ସୃଜନଶୀଳ ଭାବରେ ଅଂଶଗ୍ରହଣ କରେ ।

**HW. 3.11:** ବଡ଼ ଏବଂ ଛୋଟ ଗୋଷ୍ଠୀ କାର୍ଯ୍ୟକଳାପ ସମୟରେ ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରେ ।

**କାର୍ଯ୍ୟ- (୧): ଦଳଗତ କାର୍ଯ୍ୟ** **ସମୟ – ୧୫ ମିନିଟ୍**

କାର୍ଯ୍ୟ ସୂଚନା-

- ପିଲାମାନେ ଗୋଲରେ ବସିବେ ।
- ଶିକ୍ଷକ ଗୀତ ବୋଲିବେ, ପିଲାମାନେ ଅଙ୍ଗଭଙ୍ଗୀ ସହ ଗୀତ ବୋଲିବେ ।
- ଶିକ୍ଷକ ପର୍ବପର୍ବାଣିରେ ଗୀତ (ସମସ୍ତ ସମ୍ପ୍ରଦାୟକୁ ଗୁରୁତ୍ୱ ଦେଇ) ବୋଲିବେ । ଆବଶ୍ୟକ ସ୍ଥଳେ ସୂଚନା ଦିଆଯାଇଥିବା ଗୀତ ପରିବର୍ତ୍ତନ କରିପାରିବେ ।

| ୧. ବଡ଼ଦିନ ଗୀତ | ୨. ରଜଗୀତ | ୩. ଇଦ୍ |
|---|---|---|
| ଶୁଣ ହେ ଭାଇ ଭଉଣୀ ମୋର<br>ମନକଥା କହୁଛି ପୁଣ<br>ବରଷରେ ମୁଁ ଗୋଟିଏ ଦିନ,<br>ବଡ଼ଦିନ ମୋ ନାମଟି ଜାଣ ।<br>ଡିସେମ୍ବର ୨୫ ମୋ ଜନ୍ମଦିନ,<br>ମଙ୍ଗଳମୟରେ ସଭିଙ୍କ ମନ<br>ଯୀଶୁଙ୍କ ଜୀବନୀ ପଢ଼ି ସଭିଏଁ,<br>ବଡ଼ଦିନ କଥା ମନେ ପକାଏ । | ବନସ୍ତେ ଡାକିଲା ଗଜ,<br>ବରଷକେ ଥରେ ଆସିଛି ରଜ ।<br>ଆସିଛି ରଜଲୋ<br>ଘେନି ନୂଆ ସଜବାଜ । | ଇଦ୍ ମୁବାରକ୍, ଇଦ୍ ମୁବାରକ୍,<br>ସଭିଏଁ କହନ୍ତି ଏଠି,<br>ନୂଆ ବେଶଭୂଷା, ମୁଣ୍ଡରେ ଟୋପି<br>ଆଲ୍ଲାଙ୍କ ପାଇଁ ପ୍ରାର୍ଥନା କରନ୍ତି<br>ଭୂଇଁ ତଳେ ମୁଣ୍ଡ ଥାପି ।... |

ଏହି କାମ ଶେଷରେ କାର୍ଯ୍ୟପର୍ଦ୍ଦ ପୂରଣ କରାଯିବ ।

**କାର୍ଯ୍ୟ-(୨): ଦଳଗତ କାର୍ଯ୍ୟ**

କାର୍ଯ୍ୟ ସୂଚନା –

- ଏହି ଗୀତକୁ ଦଳରେ ବୋଲିବେ ।
- ଦଳରେ ବିଭିନ୍ନ ପର୍ବପର୍ବାଣିର ନାମ କହିବେ ଓ ପର୍ବପର୍ବାଣିରେ କ'ଣ ହୋଇଥାଏ କହିବେ ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ବିଭିନ୍ନ ପର୍ବପର୍ବାଣି ବିଷୟରେ କହି ପାରିବେ ।

## ଦ୍ୱିତୀୟ ମାସ

### ପ୍ରଥମ ସପ୍ତାହ / ଦ୍ୱିତୀୟ ଦିବସ

**ଶୀର୍ଷକ - "ହାଲୋ, ହାଏ"**

ଶିକ୍ଷଣ ଫଳାଫଳ - **HW. 3.3:** କାର୍ଯ୍ୟକଳାପରେ ସ୍ୱାଧୀନତା ପ୍ରଦର୍ଶନ କରେ

**HW. 3.13:** ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଅଭ୍ୟାସ ଏବଂ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ବଜାୟ ରଖେ ଏବଂ ସ୍ୱାଧୀନ ଭାବରେ ପ୍ରଦର୍ଶନ କରେ ।

କାର୍ଯ୍ୟ-(୧) : ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ଶିକ୍ଷକ କଳାପଟାରେ ଡୋଳି ଓ ଏକ୍-ମାସ ଗଛର ଚିତ୍ର ବିନ୍ଦୁରେ କରିବେ ।
- ପିଲାମାନେ ବିନ୍ଦୁକୁ ଯୋଡ଼ି କେଉଁ ଚିତ୍ର ହେଲା ତା'ର ନାମ କହିବେ ।

ମୁକ୍ତ କଥାବାର୍ତ୍ତା

- ପିଲାମାନେ ଯୋଡ଼ିରେ ବସିବେ । ସମସ୍ତଙ୍କୁ ମୋବାଇଲର ଏକ ଚିତ୍ର / ମଡ଼େଲ ଦିଆଯିବ । ଦୁଇଜଣ କିଛି ଦୂରରେ ବସି ମୋବାଇଲରେ ପର୍ବପର୍ବାଣି ବିଷୟରେ କଥାବାର୍ତ୍ତା ହେବେ ।

କାର୍ଯ୍ୟ-(୨) : ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଜଣେ ପିଲା, ଅନ୍ୟ ଜଣେ ପିଲାର ବାପା/ମା/ଶିକ୍ଷକ ହୋଇ ମୋବାଇଲରେ କଥାବାର୍ତ୍ତା ହେବେ ।
  ସମଗ୍ର ଶ୍ରେଣୀରେ ପିଲାଙ୍କୁ ଗୋଲାକାରରେ ବସାଇ ରଜଗୀତ / ଆଞ୍ଚଳିକ ଗୀତକୁ ଅଙ୍ଗଭଙ୍ଗୀ ସହ ଶିକ୍ଷକ ବୋଲିବେ ଓ ଅଭ୍ୟାସ କରାଇବେ । ପିଲାମାନେ ନିଜ ଘରେ ଏ ଗୀତଟିକୁ ସମସ୍ତଙ୍କ ସାମ୍ନାରେ ବୋଲି ଅଭ୍ୟାସ କରିବେ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ବିଭିନ୍ନ ପର୍ବପର୍ବାଣି ବିଷୟରେ ଆଲୋଚନା କରିପାରିବେ ।

ଆବଶ୍ୟକ ସାମଗ୍ରୀ- ମୋବାଇଲର ଚିତ୍ର / ମଡ଼େଲ

# ଦ୍ୱିତୀୟ ମାସ

## ପ୍ରଥମ ସପ୍ତାହ / ତୃତୀୟ ଦିବସ

## ଶୀର୍ଷକ - "ରଂଗର ମଜା"

ଶିକ୍ଷଣ ଫଳାଫଳ - **HW. 3.9:** ବିବାଦର ସମାଧାନ ପାଇଁ ପରାମର୍ଶ ଦେବେ ଏବଂ ସେଥିରେ ବୟସ ଉପଯୋଗୀ ପରିବର୍ତ୍ତନ କରିବେ ।

**HW. 3.18 (a):** ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ କ୍ରିୟାତ୍ମକ କୌଶଳର ପ୍ରଦର୍ଶନ କରିବ ।

**କାର୍ଯ୍ୟ-(୧) : ବ୍ୟକ୍ତିଗତ କାର୍ଯ୍ୟ** ସମୟ - ୧୫ମିନିଟ୍

କାର୍ଯ୍ୟ ସୂଚନା -

ତଳ ବାକ୍ସରେ ଯେଉଁ ଚିତ୍ର ଦିଆଯାଇଛି ତା'ର ରଙ୍ଗକୁ ପାଖ (ଡାହାଣ) କୋଠରୀରେ ରଙ୍ଗ ଦେଇ ପୂର୍ତ୍ତି କର । ଗୋଟିଏ ପିଲା ଗୋଟିଏ ରଙ୍ଗ କରିବେ ।

| | |
|---|---|
| ବାଇଗଣ ଚିତ୍ର | |
| ଲାଲ୍ ସେଓର ଚିତ୍ର | |
| ହଳଦିଆ ବଲର ଚିତ୍ର | |
| ମାଟିଆ ପ୍ୟାଣ୍ଟର ଚିତ୍ର | |
| କଞ୍ଚା ଆମ୍ବର ଚିତ୍ର | |
| ଛତାର ଚିତ୍ର | |
| ଶୁଆର ଚିତ୍ର | |

ଏହି କାମର କାର୍ଯ୍ୟଫର୍ଦ୍ଦ ପୂରଣ ହେବ ।

- ପିଲାମାନେ ୪/୫ଟି ଦଳରେ ବସିବେ ।
- ପ୍ରତ୍ୟେକ ଦଳକୁ ନିଜ ଇଚ୍ଛା ଅନୁସାରେ ଚିତ୍ର ଆଙ୍କି ରଙ୍ଗ ଦେବାକୁ ସୂଚନା ଦିଆଯିବ ।

**କାର୍ଯ୍ୟ- (୨) : ବ୍ୟକ୍ତିଗତ କାର୍ଯ୍ୟ** ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା - କାର୍ଯ୍ୟଫର୍ଦ୍ଦ - ୨

ତଳେ କେତୋଟି ଚିତ୍ର ଦିଆଯାଇଛି । ଚିତ୍ରରେ ତୁମ ମନପସନ୍ଦର ରଙ୍ଗ ଦିଅ ।

| ବଲର ଚିତ୍ର | ବହିର ଚିତ୍ର | ମୋବାଇଲର ଚିତ୍ର | ପତ୍ରର ଚିତ୍ର | ଫୁଲର ଚିତ୍ର | ସାଇକେଲର ଚିତ୍ର | ଛୋଟ ପିଲାର ଚିତ୍ର |
|---|---|---|---|---|---|---|
| | | | | | | |

କାର୍ଯ୍ୟଫର୍ଦ୍ଦ ପୂରଣ ହେବ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ରଙ୍ଗ ଚିହ୍ନି ପାରିବେ ଓ ନିଜ ପସନ୍ଦର ରଙ୍ଗ କରିପାରିବେ ।

## ଦ୍ୱିତୀୟ ମାସ

### ପ୍ରଥମ ସପ୍ତାହ / ଚତୁର୍ଥ ଦିବସ

### ଶୀର୍ଷକ -"ମୋ ଜନ୍ମଦିନ"

ଶିକ୍ଷଣ ଫଳାଫଳ - **HW. 3.7:** ମୌଖିକ ଓ ଅଣ ମୌଖିକ ଭାବକୁ ଅଙ୍ଗଭଙ୍ଗୀ / ଚିତ୍ର ମାଧ୍ୟମରେ ପ୍ରକାଶ କରିବ ।

**HW. 3.12:** ବିଶେଷ ପୃଷ୍ଠଭୂମି ଥିବା ପିଲାମାନଙ୍କ ସହିତ ଭିନ୍ନଭିନ୍ନ ପୃଷ୍ଠଭୂମିର ପିଲାମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଗ୍ରହଣୀୟତା ପ୍ରଦର୍ଶନ କରିବ ।

**HW. 3.14:** ଭଲ ସ୍ପର୍ଶ ଏବଂ ଖରାପ ସ୍ପର୍ଶ ବିଷୟରେ ସଚେତନତା ପ୍ରଦର୍ଶନ କରିବ ଏବଂ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବ ।

କାର୍ଯ୍ୟ - (୧) : ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଜନ୍ମଦିନର ଚିତ୍ର କଳାପଟରେ ଲଗାଯିବ ।
- ଶିକ୍ଷକ କହିବେ, ତୁମ ସମସ୍ତଙ୍କୁ ଜନ୍ମଦିନର ଶୁଭକାମନା..."
- ଏହା ପରେ ଦୁଇଜଣ ପିଲା ପରସ୍ପର ସହ ହାତ ମିଳାଇବେ । ପିଲାମାନେ ନିଜର ସାଙ୍ଗ ପରିବର୍ତ୍ତନ କରି ପାରନ୍ତି ।
- ପିଲାମାନେ ଗୋଲରେ ଠିଆ ହେବେ । ନିଜ ଜନ୍ମଦିନରେ କ'ଣ କ'ଣ କରାଯାଏ ପ୍ରତ୍ୟେକ ପିଲା କହିବେ ।
- ଶିକ୍ଷକ ସୂଚନା ଦେବେ - ମୁଁ ଗୋଟିଏ କାମ କହିବି, ତୁମକୁ ପସନ୍ଦ ଲାଗିଲେ ମୁଣ୍ଡ ହଲାଇ 'ହଁ' କରିବ ବା ପସନ୍ଦ ନଆସିଲେ 'ନା' କରିବ । କାମର ନାମ - ଅନ୍ୟର ମୁଣ୍ଡ ଉପରେ ହାତ ଦେବା, ଆଖିରେ ଆଙ୍ଗୁଠି ପୂରାଇବା, ନାକ ଚାପିଦେବା, ପିଠିକୁ ଥାପୁଡ଼ିବା... ନିଜର ଖେଳନା ସାଙ୍ଗମାନଙ୍କୁ ଦେବା, ନିଜର ଖାଇବା ଜିନିଷ ସାଙ୍ଗଙ୍କୁ ଦେବା, କୁକୁରକୁ ବାଡ଼ିରେ ମାରିବା ଇତ୍ୟାଦି ।

କାର୍ଯ୍ୟ- (୨) : ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

- ଯଦି ଶ୍ରେଣୀରେ କୌଣସି 'ଦିବ୍ୟାଙ୍ଗ' ପିଲା ଥାଏ, ତାକୁ ଏହି କାମରେ ମଧ୍ୟ ସାମିଲ କରିବେ ।
- ଭଲ କାମଗୁଡ଼ିକର ଅଭିନୟ କର ।

ସଂକ୍ଷେପଣ - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜ ମନ୍ତବ୍ୟ ଓ ପରିସ୍ଥିତି ଆଧାରିତ ମନୋଭାବ ପ୍ରକାଶ କରିପାରିବେ ।

ଆବଶ୍ୟକ ସାମଗ୍ରୀ - 'ଜନ୍ମଦିନର ଶୁଭେଚ୍ଛା' - ଲେଖା ଓ ଚିତ୍ର (ଜନ୍ମଦିନର)

## ଦ୍ୱିତୀୟ ମାସ

**ପ୍ରଥମ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ -"କଇଁଛ ଓ ଠେକୁଆ"**

**ଶିକ୍ଷଣ ଫଳାଫଳ -** **HW. 3.10:** ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ଚିନ୍ତାଧାରାକୁ ଗ୍ରହଣ କରିବାକୁ ଇଚ୍ଛା ପ୍ରଦର୍ଶନ କରିବ ।

**କାର୍ଯ୍ୟ- (୧) ଆସ ଗପ ଶୁଣିବା : ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -**

- ପିଲାମାନେ 'U' ଆକୃତିରେ ବସିବେ । ଶିକ୍ଷକ ମଝିରେ ପିଲାମାନଙ୍କୁ ସାମ୍ନାକରି ବସିବେ ।
- ଶିକ୍ଷକ ଗୋଟିଏ ଗପ କହିବେ, ଭିନ୍ନଭିନ୍ନ ସମୟରେ ପିଲାମାନଙ୍କର ଭାବନାକୁ ଲକ୍ଷ୍ୟ କରିବେ, ଆବଶ୍ୟକ ସ୍ଥଳେ ପ୍ରଶ୍ନ ପଚାରିବେ ।

ନମୁନା ଗପ:- ଠେକୁଆ କଇଁଛ - ଗୋଟିଏ ଦିନ କଇଁଛ ଓ ଠେକୁଆର ଦୌଡ଼ ପ୍ରତିଯୋଗିତା ଚାଲିଥାଏ । ଠେକୁଆ ଜୋରରେ ଦୌଡ଼ିଲା ଓ ବାଟରେ ଏକ ଗଛମୂଳେ ଶୋଇପଡ଼ିଲା । କଇଁଛ ଧୀରେଧୀରେ ଚାଲିଥାଏ । ଶେଷ ଗାରକୁ ଛୁଇଁବା ପୂର୍ବରୁ ଠେକୁଆ ପାଟିକରି କହିଲା, "କଇଁଛନାନୀ, ମୋର ଗୋଟେ କଥା ଶୁଣି ତା' ପରେ ଗାର ଛୁଅଁ ।" କଇଁଛ ଅଟକିଗଲା । ଠେକୁଆ ପାଖକୁ ଆସି କିଛି ନକହି ଡେଇଁପଡ଼ି ଗାର ଛୁଇଁ ଦେଲା । ଏହା ଦେଖି କଇଁଛ କାନ୍ଦି ପକାଇଲା ।

- ଶିକ୍ଷକ ନିମ୍ନ ପ୍ରଶ୍ନ ପିଲାଙ୍କୁ ପଚାରିବେ

- କଇଁଛ କାନ୍ଦିଲାବେଳେ ତୁମକୁ କିପରି ଲାଗୁଥିଲା ?
- ତୁମର ଜଣେ ସାଙ୍ଗ କାନ୍ଦୁଥିଲା ବେଳେ ତୁମେ ତାକୁ କ'ଣ କହିବ ?
- ତୁମେ ମନଦୁଃଖରେ ବସିଥିଲେ ତୁମ ମାଆ ତୁମକୁ କ'ଣ କହନ୍ତି ?
- ଗପଟିକୁ ଅଭିନୟ ମାଧ୍ୟମରେ ପ୍ରକାଶ କରିବା ପାଇଁ ଶିକ୍ଷକ ଉତ୍ସାହିତ କରିବେ ।

**କାର୍ଯ୍ୟ - (୨) : ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -**

- ଏହି ଚିତ୍ରକୁ ଦେଖ, ଏହି କାମରେ ତୁମେ କ'ଣ କରିବ କୁହ ।

**ସଂକ୍ଷେପଣ** - ଏହି କାର୍ଯ୍ୟ କରିବା ଦ୍ୱାରା ପିଲାମାନେ ନିଜର ଓ ଅନ୍ୟର ଭାବନାକୁ ଜାଣିପାରିବେ ।

**ଆବଶ୍ୟକୀୟ ସାମଗ୍ରୀ -**

ଚିତ୍ର - ୧ - ମାଙ୍କଡ଼ଟିଏ ମରିଯାଇଛି, ଅନ୍ୟ ମାଙ୍କଡ଼ମାନେ ତା' ଚାରିପଟରେ ମନଦୁଃଖରେ ବସିଛନ୍ତି ।

ଚିତ୍ର ୨- ଜନ୍ମଦିନ ପାଳନ, ସମସ୍ତେ ହସୁଥିବା ଚିତ୍ର ।

ଚିତ୍ର ୩ - ବଗିଚା / ପଡ଼ିଆରେ ସାପର ଚିତ୍ର

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ପ୍ରଥମ ଦିବସ

### ଶୀର୍ଷକ - "ମୁଁ ସାହାଯ୍ୟକାରୀ"

**ଶିକ୍ଷଣ ଫଳାଫଳ -** **HW. 3.2:** ବିସ୍ତାରିତ ପରିବାର ସଦସ୍ୟଙ୍କ ସହିତ ସମ୍ପର୍କର ବିଧିକୁ କହିବେ ।

**HW. 3.11:** ବଡ଼ ଏବଂ ଛୋଟ ଗୋଷ୍ଠୀ କାର୍ଯ୍ୟକଳାପ ସମୟରେ ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରିବ ।

**HW. ୩.୧୨ :** ବିଶେଷ ପୃଷ୍ଠଭୂମି ଥିବା ପିଲାମାନଙ୍କ ସହିତ ବିଭିନ୍ନ ପୃଷ୍ଠଭୂମିର ପିଲାମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଗ୍ରହଣୀୟତା ପ୍ରଦର୍ଶନ କରେ ।

**କାର୍ଯ୍ୟ - (୧) : ଦଳଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ସମସ୍ତ ପିଲା 'ଓ' ଆକୃତିରେ ଠିଆ ହେବେ ଓ ଶିକ୍ଷକଙ୍କ ସହ କବିତାଟିକୁ ଆବୃତ୍ତି କରିବେ ।

  ହାଟ ବଜାରକୁ ଯାଉଛି ମୁହିଁ, ଚକୋଲେଟ୍ ଗୋଟେ କିଣିବା ପାଇଁ,
  ମୋ ସାଥେ ଅଛନ୍ତି ଦାଦା ମୋହର, ମୋ ଦାଦା ମୋ ପାଇଁ ଅତି ନିଜର ।

- ପିଲାମାନେ ଏହି ଗୀତ ଗାଇବେ । ଗୋଟିଏ ଥର ଗାଇବା ପରେ ଜଣେ ପିଲା ଆସି ତା'ର କେତେଜଣ ଦାଦା କହିବ ଓ ସମ୍ପର୍କକୁ ବୁଝେଇବ । ଏହିଭଳି ଗୀତଟି ପୁଣିଥରେ ଗାଇବେ ଓ ଜଣଜଣ କରି କହିବେ, ଗୀତରେ 'ଦାଦା' ସ୍ଥାନରେ ଆଞ୍ଚଳିକ ସମ୍ପର୍କ ଓ ଅନ୍ୟ ସମ୍ପର୍କକୁ ନେଇ ଭିନ୍ନଭିନ୍ନ ସମ୍ପର୍କକୁ ଆଲୋଚନା କରାଯିବ । (ନିଜ ବାପାଙ୍କ ସାନଭାଇ ଦାଦା, ଅନ୍ୟ ସମ୍ପର୍କିତ ଦାଦା ପିଲା କହିଲେ, ତାଙ୍କୁ ମଧ୍ୟ ସମସ୍ତେ ମାନିବାକୁ ପଡିବ, ଯେପରି ବାପାଙ୍କ ସାଙ୍ଗକୁ ଅଙ୍କଲ / ଦାଦା ଡାକୁ । ବଡ଼ଭାଇକୁ ଦାଦା ଡାକୁ ଇତ୍ୟାଦି ।

**କାର୍ଯ୍ୟ - (୨) : ଦଳଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

- ନିଜ ଘରର ଜେଜେମା, ବାପା, ମାଆ, ଦାଦା, ଖୁଡ଼ୀ, ମାମୁ, ମାଇଁଙ୍କ ଚିତ୍ର ଓ ନାମ ଲେଖାଥିବା କାର୍ଡ଼ ।
- ଶିକ୍ଷକ କଳାପଟାରେ ମୋ ଘର ତଳେ ଜେଜେବାପାଙ୍କ ନାମ ଥିବା କାର୍ଡ଼ ଲଗାଇବେ । ପିଲାମାନଙ୍କୁ ଗୋଟିଏ ଗୋଟିଏ କାର୍ଡ଼ ଦେବେ ଓ ସେମାନଙ୍କୁ ଜେଜେଙ୍କ ପାଖରେ ଠିକ୍ ଭାବରେ ସଜାଇବାକୁ କହିବେ ।

କିମ୍ବା

- ହାତ ତିଆରି ଲୁଡୁର ୬ ପାର୍ଶ୍ୱରେ ଅଜା, ଜେଜେ, ଦାଦା... ଲେଖାଥିବ । ପିଲାମାନେ ଲୁଡୁ ଗଡ଼ାଇ ଯାହାଙ୍କ ନାମ ଆସିବ, ତାଙ୍କ ବିଷୟରେ କହିବେ । ଜେଜେ ଆସିଲେ ଜିତିବେ ଓ ନାତି ଆସିଲେ ହାରିବେ ବୋଲି କୁହାଯିବ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଅନ୍ୟ ବ୍ୟକ୍ତିଙ୍କ ସହ ନିଜ ସାମାଜିକ ସମ୍ପର୍କକୁ ଜାଣିବେ ଓ କହିବେ ।

ଆବଶ୍ୟକ ସାମଗ୍ରୀ -

- ଜେଜେମା, ବାପା, ମାଆ, ଦାଦା, ଖୁଡ଼ୀ, ମାମୁ, ମାଇଁ...ର ଚିତ୍ର ଓ ନାମ ଲେଖାଥିବ କାର୍ଡ଼
- ଲୁଡୁ (ଜେଜେ, ନାତି, ଦାଦା, ଖୁଡ଼ୀ, ଭାଇ, ବଡ଼ବାପା) ଲେଖାଥିବ ।

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦ୍ୱିତୀୟ ଦିବସ

### ଶୀର୍ଷକ - "ଆଳୁ ଖେଳ"

ଶିକ୍ଷଣ ଫଳାଫଳ - **HW. 3.4:** ଏକ ସମୟରେ ଏକାଧିକ ନିର୍ଦ୍ଦେଶାବଳୀ ଏବଂ ସରଳ ନିୟମ ଅନୁସରଣ କରି କାର୍ଯ୍ୟ କରିବେ ।

କାର୍ଯ୍ୟ - (୧) - ଆଳୁଖେଳ : ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପ୍ରତ୍ୟେକ ପିଲା ପାପୁଲି ଖୋଲି ରଖିବେ । ବାମ ହାତ ପାପୁଲିରେ ଗୋଟିଏ ଆଳୁ ରଖାଯିବ । ପିଲାମାନେ ପଡ଼ିଆରେ ୨୦ ମିଟର ଚାଲିବେ । ଯେଉଁ ପିଲା ପ୍ରଥମେ ପହଞ୍ଚିବ, ସେହି ପିଲା ଜିତିବ ।
- ଯାହାର ଆଳୁ ତଳେ ପଡ଼ିଯିବ ସେ ଆଉଥରେ ପ୍ରଥମ ସ୍ଥାନରୁ ଖେଳିବା ଆରମ୍ଭ କରିବ ।
- ଖେଳ ଶେଷରେ ସମସ୍ତେ ଖେଳର ନିୟମ କହିବେ । ନିଜେ ଜାଣିଥିବା ଖେଳର ନିୟମ କହିବେ ।

କାର୍ଯ୍ୟ - (୨) : ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ବ୍ୟାଟ୍, ବଲ୍, ପ୍ୟାଡ୍, କ୍ରିକେଟ୍ ପଡ଼ିଆ... ଚିତ୍ର କରି, ପିଲାମାନେ ମନ ପସନ୍ଦର ରଙ୍ଗ ଦେବେ ।

ସଂକ୍ଷେପଣ - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଖେଳର ନିୟମ ମାନି ଖେଳିବେ ।

ଆବଶ୍ୟକ ସାମଗ୍ରୀ - ବ୍ୟାଟ୍, ବଲ୍, ପ୍ୟାଡ୍, କ୍ରିକେଟ୍ ପଡ଼ିଆ, ... ଚିତ୍ର

- ଆଳୁ

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ତୃତୀୟ ଦିବସ

### ଶୀର୍ଷକ - "ଆହା କି ସୁନ୍ଦର"

**ଶିକ୍ଷଣ ଫଳାଫଳ - HW. 3.18 (a) : ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ କ୍ରିୟାତ୍ମକ କୌଶଳ ପ୍ରଦର୍ଶନ କରିବ ।**

**କାର୍ଯ୍ୟ - (୧): ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- RTE Anthem of Ministry, of Education, Govt. of India, 45s ର ଗୀତକୁ ୨/୩ ଥର ଶୁଣାଇବେ । ପରେ ଶିକ୍ଷକ କେତୋଟି କାଗଜ ଖଣ୍ଡରେ (ଚିତ୍ର ଓ ଲେଖା ସହ) ପିଲାଙ୍କୁ ଦେବେ ।
- ପ୍ରଥମେ ଶିକ୍ଷକ (ସ୍କୁଲରେ ପହଞ୍ଚିବା) ଚିଟ୍‌ଟିକୁ କଳାପଟରେ ଲଗାଇବେ । ପରେ ଅନ୍ୟ ଚିଟ୍‌ଗୁଡ଼ିକୁ ଶିକ୍ଷକ ପଢ଼ି ପିଲାଙ୍କୁ କହିବେ । ପିଲାମାନେ ଶିକ୍ଷକଙ୍କ ସହାୟତାରେ ଚିଟ୍ କ୍ରମରେ ସଜାଇବେ ।

  ଚିଟ୍ - ପ୍ରାର୍ଥନା ସମୟ, ମଧ୍ୟାହ୍ନ ଭୋଜନ, ଛୁଟି ସମୟ, ପାଠ ପଢ଼ା, ଖାଇବା ଛୁଟି

**କାର୍ଯ୍ୟ - (୨) ଖୋଲାବଥା**

**ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ପ୍ରତ୍ୟେକ ପିଲା - 'କ'ଣ କଲେ ଆମ ଶ୍ରେଣୀଟି ସୁନ୍ଦର ଦିଶିବ' କହିବେ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଶ୍ରେଣୀର ନିୟମ ମାନିବା ସହ ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ।

ଆବଶ୍ୟକ ସାମଗ୍ରୀ -

- RTE Anthem (Youtube ରେ ଉପଲବ୍ଧ)
- ଚିତ୍ରର ଚିଟ୍

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ଚତୁର୍ଥ ଦିବସ

**ଶୀର୍ଷକ - "ଓଲଟା-ପାଲଟା"**

ଶିକ୍ଷଣ ଫଳାଫଳ - **HW. 3.1:** ଶାରୀରିକ ଗୁଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଏବଂ ନାପସନ୍ଦ ଦୃଷ୍ଟିରୁ ନିଜ ଏବଂ ଅନ୍ୟମାନଙ୍କୁ ବର୍ଣ୍ଣନା କରିବେ ।

**HW. 3.4 :** ଏକ ସମୟରେ ନିର୍ଦ୍ଦେଶାବଳୀ ଏବଂ ସରଳ ନିୟମ ଅନୁସରଣ କରିବେ ।

କାର୍ଯ୍ୟ - (୧) : ଯୋଡ଼ି କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଦୁଇଜଣ କୋଖାଏଁ ଏକାଠି ହୋଇ ଜଣେ ଅନ୍ୟଠାରୁ କିପରି ଭିନ୍ନ କହିବ ।

ସାମୂହିକ କାର୍ଯ୍ୟ:-

- ପିଲାମାନେ 'U' ଆକୃତିରେ ଠିଆ ହେବେ । ଶିକ୍ଷକ ଯାହା କରିବାକୁ କହିବେ ପିଲାମାନେ ଓଲଟା କାର୍ଯ୍ୟ କରିବେ ।
- ଯଥା: ଶିକ୍ଷକ ବାମ ଗୋଡ଼ ଆଗକୁ ନିଅ କହିଲେ, ପିଲାମାନେ ଡାହାଣ ଗୋଡ଼ ଆଗକୁ ନେବେ । ଏଭଳି ଅନ୍ୟ କେତୋଟି କାର୍ଯ୍ୟ କରିବେ ।

କାର୍ଯ୍ୟ - ୨ ଖୋଲା କଥା - ଉତ୍ତର ଦିଅ

ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

ଶିକ୍ଷକ ନିମ୍ନଲିଖିତ ପ୍ରଶ୍ନ ପରି ପ୍ରଶ୍ନମାନ ପିଲାମାନଙ୍କୁ ପଚାରିବେ ।

- ରାମର ଭାଇ ରହିମ୍ । ରହିମ୍ ରାମର କ'ଣ ହେବ ?
- ତୁମ ଘରେ, ତୁମ ବାପାମାଆ ଓ ତୁମେ ଅଛ । ତୁମ ଘରେ କିଏ ସବୁ ପୁଅ / କିଏ ସବୁ ଝିଅ ?

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଏକାଧିକ ସୂଚନାକୁ ବୁଝି କାର୍ଯ୍ୟ କରିପାରିବେ ।

## ଦ୍ୱିତୀୟ ମାସ

**ଦ୍ୱିତୀୟ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ - "ମୁଁ ଦଳପତି"**

ଶିକ୍ଷଣ ଫଳାଫଳ - **HW. 3.3 :** କାର୍ଯ୍ୟକଳାପରେ ସ୍ୱାଧୀନତା ପ୍ରଦର୍ଶନ କରିବ ।

**HW. 3.8 :** ବିଭିନ୍ନ ଦାୟିତ୍ୱ ଗ୍ରହଣ କରିବ ଏବଂ ନିଜର ପସନ୍ଦ ଏବଂ ଆଗ୍ରହ ଉପରେ ଆଧାର କରି ନିଜ ମନ ପସନ୍ଦର କାର୍ଯ୍ୟର ପ୍ରଦର୍ଶନ କରିବ ।

କାର୍ଯ୍ୟ-(୧) : ସାମୂହିକ କାର୍ଯ୍ୟ — ସମୟ- ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ ଶ୍ରେଣୀର ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯିବ ।
- ଯଥା : ସଫା କରିବା, ମଧ୍ୟାହ୍ନ ଭୋଜନ, ଶାନ୍ତି ଶୃଙ୍ଖଳା ରକ୍ଷା, ଜଳ ବଣ୍ଟନ, ଜୋତା ସଜାଡିବା ଇତ୍ୟାଦି ଦାୟିତ୍ୱ ଦିଆଯିବ ଓ ନିଜ କାମର ଲେଖା କାଗଜ ପଟା ଦିଆଯିବ । ସେମାନଙ୍କର ଦାୟିତ୍ୱ ସବୁ ଆଲୋଚନା କରାଯିବ । ଅନ୍ୟମାନେ କାମରେ କିପରି ସାହାଯ୍ୟ କରିବେ ପିଲାମାନେ କହିବେ ।

କାର୍ଯ୍ୟ-(୨) : ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଗୋଟିଏ ପିଲା ଅନ୍ୟ ପିଲାମାନଙ୍କୁ ଖେଳାଇବା ।
- ଗୋଟିଏ ପିଲା ଅନ୍ୟମାନଙ୍କ ସହ ବଗିଚା ସଫା କରିବ ।
- ଗୋଟିଏ ପିଲା ଅନ୍ୟମାନଙ୍କ ସହ ଶ୍ରେଣୀଗୃହ ସାଜସଜ୍ଜା କରିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ କରିବାଦ୍ୱାରା ପିଲାମାନେ ଶ୍ରେଣୀଗୃହର କାର୍ଯ୍ୟରେ ନିଜର ଦାୟିତ୍ୱ ପ୍ରଦର୍ଶନ କରିବେ ।

**ଆବଶ୍ୟକ ସାମଗ୍ରୀ** - ସଫା କରିବା, ମଧ୍ୟାହ୍ନ ଭୋଜନ, ଶାନ୍ତି ଶୃଙ୍ଖଳା ରକ୍ଷା, ଜଳ ବଣ୍ଟନ, ଇତ୍ୟାଦି ନାମ ଲେଖା ପଟି ।

## ଦ୍ୱିତୀୟ ମାସ

### ତୃତୀୟ ସପ୍ତାହ / ପ୍ରଥମ ଦିବସ

### ଶୀର୍ଷକ - "ରିଙ୍ଗ୍ ଖେଳ"

**ଶିକ୍ଷଣ ଫଳାଫଳ : HW. 3.16 : ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ଶକ୍ତି ସହିତ ସମସ୍ତ ସ୍ଥୂଳ ମାଂସପେଶୀୟ କୌଶଳ ପ୍ରଦର୍ଶନ କରେ । ଯଥା, ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।**

କାର୍ଯ୍ୟ- (୧) : ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶ୍ରେଣୀଗୃହରେ ପିଲାମାନେ, ଗୋଲରେ ଠିଆ ହେବେ ।
- କାଗଜ ବା ରବର ବଲ୍ ନେଇ ଜଣେ ଅନ୍ୟ ଜଣେ ସାଙ୍ଗ ପାଖକୁ ଫିଙ୍ଗିବ ଓ ଅନ୍ୟ ଜଣଙ୍କ ବଲକୁ ଧରିବ ।
- କଳାପଟାରେ ଗୋଟିଏ 'O' ଦିଆଯିବ । ପିଲାମାନେ କିଛି ଦୂରରୁ ବଲ୍ ପକାଇବେ, ଯେପରି ଗୋଲରେ ବଲଟି ବାଜିବ ।

କାର୍ଯ୍ୟ - (୨) ପଡ଼ିଆରେ ଖେଳ : ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ ଦୁଇଟି ଦଳରେ ଭାଗ କରାଯିବ ଓ କିଛି ବ୍ୟବଧାନରେ ସାମନାସାମନି ଠିଆ ହେବା ପାଇଁ ସୂଚନା ଦିଆଯିବ ।
- ଗୋଟିଏ ଦଳର ଗୋଟିଏ ପିଲା ଅନ୍ୟ ଦଳର ଯେ କୌଣସି ପିଲା ପାଖକୁ ବଲ୍ ଫିଙ୍ଗିବ ।
- ଅନ୍ୟ ଦଳର ନିର୍ଦ୍ଦିଷ୍ଟ ପିଲା ବଲ୍ ଧରିଲେ ୧ ପଏଣ୍ଟ ପାଇବେ । ନ ଧରିପାରିଲେ କିଛି ପଏଣ୍ଟ ପାଇବେ ନାହିଁ ।
- ଏହିପରି ଉଭୟ ଦଳର ପ୍ରତ୍ୟେକ ପିଲା ବଲ୍ ଫିଙ୍ଗିବେ ଓ ଧରିବେ ।
- ଯେଉଁ ଦଳ ଜିତିବ ତାକୁ କରତାଳି ଦେଇ ଉତ୍ସାହିତ କରାଯିବ ।

ଆବଶ୍ୟକ ସାମଗ୍ରୀ - କାଗଜ ବା ରବର ବଲ୍

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ / ଦ୍ୱିତୀୟ ଦିବସ**

**ଶୀର୍ଷକ - "ବାଲି ଖେଳ"**

ଶିକ୍ଷଣ ଫଳାଫଳ - **HW. 3.16:** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ଶକ୍ତି ସହିତ ମାଂସପେଶୀୟ କୌଶଳ ପ୍ରଦର୍ଶନ କରିବ ।
ଯଥା- ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।

କାର୍ଯ୍ୟ- (୧) ଆସ ଖେଳିବା

ବ୍ୟକ୍ତିଗତ କାର୍ଯ୍ୟ : ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ବାଲି ଥିବା ସ୍ଥାନରେ ପିଲାମାନେ ଠିଆ ହୋଇ ଗୋଡ଼ର ଆଙ୍ଗୁଳିରେ ଶିକ୍ଷକଙ୍କ ସୂଚନା ଅନୁସାରେ □ ▭ ○ ଚିତ୍ର ପ୍ରସ୍ତୁତ କରିବେ ।
- ଓଦା ବାଲି ନେଇ ବାଲିରେ ଘର, ପାହାଡ଼, ପୋଖରୀ, ନଈର ନମୁନା ପ୍ରସ୍ତୁତ କରିବେ ।

କାର୍ଯ୍ୟ- (୨)

ବ୍ୟକ୍ତିଗତ କାର୍ଯ୍ୟ : ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ଅଧା ବାଲ୍ଟି ପାଣି ନେବେ । ବାଲ୍ଟି ଭିତରେ ଗୋଟିଏ ଚା କପ୍ ଉପରକୁ ମୁହଁ କରି ରଖିବେ ।
- ପିଲାମାନେ ଟଙ୍କା-ମୁଦ୍ରା ପକାଇବେ, ଯେପରି କପ୍‌ରେ ପଡ଼ିବ ।
- ପାଣି ନେଇ ବିଭିନ୍ନ ଡବା, କପ, ବୋତଲରେ ଭର୍ତ୍ତି କରିବେ କିମ୍ବା ବାଲ୍ଟିର ପାଣି ନେଇ ଗ୍ଲାସରେ, ଗ୍ଲାସରୁ ଚା କପ୍‌ରେ ଚା କପ୍ ରୁ ଅନ୍ୟ ଗ୍ଲାସରେ ରଖିବେ ।

ସଂକ୍ଷେପଣ -

ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜକୁ ବାଲି ଓ ପାଣି ଖେଳରେ ନିଜର ସଂପୃକ୍ତିକୁ ପ୍ରଦର୍ଶନ କରିପାରିବେ ।

ଆବଶ୍ୟକ ସାମଗ୍ରୀ - ବାଲି, କପ, ବାଲ୍ଟି, ଗ୍ଲାସ, ପାଣି, ଖେଳନା ଟଙ୍କିକିଆ ମୁଦ୍ରା

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ / ତୃତୀୟ ଦିବସ**

**ଶୀର୍ଷକ - "ଫୁଟବଲ୍ ଖେଳର ମଜା"**

**ଶିକ୍ଷଣ ଫଳାଫଳ - HW. 3.16:** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ଶକ୍ତି ସହିତ ମାଂସପେଶୀୟ କୌଶଳ ପ୍ରଦର୍ଶନ କରିବ ।

ଯଥା- ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।

**କାର୍ଯ୍ୟ- (୧)**

**ସାମୂହିକ କାର୍ଯ୍ୟ :** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -** ଶିକ୍ଷକ ଓ ପିଲାମାନେ ଅଙ୍ଗଭଙ୍ଗୀ ସହ ଗୀତ ଗାଇବେ । ଗୋଟିଏ ପଦ ଗୀତ ପରେ ପିଲାମାନଙ୍କ ଭିତରୁ ଜଣେ ଗୋଟିଏ ପାଦରେ ପଡ଼ିଆରେ ବଲ୍‌ଟି ମାରିବେ ।

ବରଷା ରାଣୀ, କହ କାହାଣୀ, କେତେରେ ପାଣି, କେତେରେ ପାଣି ?

ଆଣ୍ଠୁଏ ଆଣ୍ଠୁଏ ପାଣି - ୧

ବେକେ ବେକେ ପାଣି - ୨

ମୁଣ୍ଡେ ମୁଣ୍ଡେ ପାଣି ମୁଣ୍ଡେ ମୁଣ୍ଡେ ପାଣି - ୩

ଗୀତ ଶେଷରେ ଯେଉଁ ଅଂଶଟି ସମ୍ପର୍କରେ ଗୀତ ବୋଲାଗଲା, ସେହି ଅଂଶର ଚିତ୍ରକୁ ଲକ୍ଷ୍ୟ କରି ବଲ୍ ମାରିବେ ।




**କାର୍ଯ୍ୟ-(୨) ଅଙ୍ଗଭଙ୍ଗୀରେ ଅଭିନୟ**

**ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -**

- ଗୋଡ଼ରେ ବେଲୁନ୍, କାଗଜରେ ପ୍ରସ୍ତୁତ ବଲ, ସୋଲରେ ପ୍ରସ୍ତୁତ ବଲ, ଇତ୍ୟାଦିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଲକ୍ଷ୍ୟ କରି ମାରିବେ । ବାରମ୍ବାର ପ୍ରତ୍ୟେକ କାମର ଅଭ୍ୟାସ କରିବେ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗୋଡ଼ ଦ୍ୱାରା ବଲକୁ ମାରି ପାରିବେ ।

**ଆବଶ୍ୟକ ସାମଗ୍ରୀ -** ବେଲୁନ୍, କାଗଜରେ ପ୍ରସ୍ତୁତ ବଲ, ସୋଲରେ ପ୍ରସ୍ତୁତ ବଲ, ରବର ବଲ୍

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ / ଚତୁର୍ଥ ଦିବସ**

**ଶୀର୍ଷକ - "ଗାର ଛୁଇଁବା ମନା"**

ଶିକ୍ଷଣ ଫଳାଫଳ - **HW. 3.16 :** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ଶକ୍ତି ସହିତ ମାଂସପେଶୀୟ କୌଶଳ ପ୍ରଦର୍ଶନ କରିବ । ଯଥା- ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।

**HW. 3.13:** ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଅଭ୍ୟାସ ଏବଂ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ବଜାୟ ରଖିବ ଏବଂ ସ୍ୱାଧୀନ ଭାବରେ ନିଜ କାର୍ଯ୍ୟକୁ ପ୍ରଦର୍ଶନ କରିବ ।

କାର୍ଯ୍ୟ- (୧) : ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ଗାର ଟାଣିବେ । ପିଲାମାନେ ଗାର ଉପରେ ଚାଲିବେ (କ)
- ଶିକ୍ଷକ ଦୁଇଟି ଗାର ଟାଣିବେ । ପିଲାମାନେ ଗାର ମଝିରେ ଚାଲିବେ (ଖ)
- ଗାର ଛୁଇଁଲେ ଖେଳରୁ ବାହାରି ଯିବେ ।

(କ) ____x____x____x____x____x____x____x____

________________________________________

(ଖ) x x x x x x

________________________________________

କାର୍ଯ୍ୟ- (୨) ବ୍ୟାୟାମ

ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ ଗାର ମଝିରେ ରହିବେ ।
- ଶିକ୍ଷକ ବ୍ୟାୟାମ କରାଇବେ । ଯେପରି - ଡାହାଣ ହାତରେ ବାମ ଗୋଡ/ପାଦକୁ ଛୁଅଁ, ଓଲଟା, ଅଣ୍ଟାକୁ ଦୁଇହାତରେ ଧରି ପାଦ ଦୁଇକୁ ଖୋଲିବେ, ଏକାଠି କରିବେ, ଇତ୍ୟାଦି ।
- ସରଳ ଯୋଗାସନ କିଛି କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଯୋଗାସନ ଓ ନୃତ୍ୟ କାର୍ଯ୍ୟରେ ଅଂଶଗ୍ରହଣ ପାଇଁ ଉତ୍ସାହ ପ୍ରକାଶ କରିବେ ।

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ - "କାଗଜ ଖେଳ"**


**ଶିକ୍ଷଣ ଫଳାଫଳ - HW. 3.18(a): ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀୟ କୌଶଳର ପ୍ରଦର୍ଶନ କରିବେ ।**

କାର୍ଯ୍ୟ- (୧) : ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ପିଲାମାନଙ୍କୁ ବ୍ୟକ୍ତିଗତ ଭାବେ କାଗଜଖଣ୍ଡ (ପୁରୁଣା) ଦିଆଯିବ ।
- ସୂଚନା ଆଧାରରେ କାଗଜ ଭାଙ୍ଗିବେ ଓ ପତାକା ତିଆରି କରିବେ ।
- ପତାକାକୁ ନେଇ ଭାଙ୍ଗି, ସୂତୁଳିରେ ଅଠା ସାହାଯ୍ୟରେ ଲଗାଇବେ ।
- କାଗଜକୁ ଗୋଲ କରି ମୁହିଁ ଖାଇବା / ଝାଲମୁଢ଼ି ଖାଇବା ପାଇଁ ବିଭିନ୍ନ ଆକୃତିର (ଠୁଙ୍ଗା) କରିବେ ।

କାର୍ଯ୍ୟ - (୨) : ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍




- ଦଳରେ ପତଳା କାଗଜ ପଟିକୁ କାଠି ଚାରିପଟେ ଗୁଡ଼ାଇବେ ଓ ଖୋଲିବେ ।
- କାଗଜକୁ କାଟି / ଭାଙ୍ଗି □ △ ○ ଆକୃତି କରିବେ ।

▭ ନେବେ, ତା' ଉପରେ ଡବା ଖୋଳ ପକାଇ ଚାପି ରଖି କାଗଜକୁ ଚିରିଦେବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସରଳ କାଗଜ ଭଙ୍ଗା, କାଗଜରୁ ବିଭିନ୍ନ ଜିନିଷ ପ୍ରସ୍ତୁତି କରିପାରିବେ ।

**ଆବଶ୍ୟକ ସାମଗ୍ରୀ**- ପୁରୁଣା ଖବରକାଗଜ / ରଙ୍ଗୀନ କାଗଜ

## ଦ୍ୱିତୀୟ ମାସ

**ଚତୁର୍ଥ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ -"ପଶୁପକ୍ଷୀଙ୍କ ସଭା"**

**ଶିକ୍ଷଣ ଫଳାଫଳ - HW. 3.18 :** ଜଟିଳ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ସମନ୍ୱିତ ଗତିବିଧିକୁ ବ୍ୟବହାର କରିବ ଯେପରିକି ଏକ ଧାଡ଼ିରେ କାଟିବା, ପାଣି ଭରିବା, ବୋତାମ ଲଗାଇବା ଇତ୍ୟାଦି ।

କାର୍ଯ୍ୟ - (୧) ଗପ : ଦଳଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକ ଗୋଟିଏ ଗପ କହିବେ (ପଶୁପକ୍ଷୀଙ୍କ ଭୋଜି) ।
- ଗପ କହିସାରି ଶିକ୍ଷକ କେଉଁ ପଶୁପକ୍ଷୀ କ'ଣ କ'ଣ ଖାଉଥିବେ ବୋଲି ପ୍ରଶ୍ନ ପଚାରିବେ ।
- ପଶୁପକ୍ଷୀଙ୍କ ଚିତ୍ର ଦିଆଯିବ, ପିଲାମାନେ ଡ୍ରଇଂ ସିଟରେ ଅଠା ସାହାଯ୍ୟରେ ଲଗାଇବେ, ଯେପରି ଗୋଟିଏ ଜଙ୍ଗଲରେ "ପଶୁପକ୍ଷୀମାନଙ୍କର ସଭା ହେଉଥିବ ।"

କାର୍ଯ୍ୟ - (୨) : ଦଳଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ ପୁରୁଣା କାଗଜକୁ ପାଣିରେ ପକାଇ ଓଦା କରିବେ । ଏଗୁଡ଼ିକୁ ଚକଟି ଡ୍ରଇଂସିଟ / ମୋଟା ପଟା ଉପରେ ପାହାଡ଼, ନଈ, ଶ୍ରେଣୀଗୃହ, ଗଛ ଇତ୍ୟାଦି ତିଆରି କରିବେ ।
- ପେନସିଲ୍ ବ୍ୟବହାର କରି ପ୍ରସ୍ତୁତ ଜିନିଷର ଚିତ୍ର ଆଙ୍କିବେ ।
- ଚିତ୍ରଗୁଡ଼ିକର ଧାରରୁ କାଟି କାଗଜରୁ ଅଲଗା କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗୋଟିଏ ବଲକୁ ଫିଙ୍ଗିବା ଓ ଧରିବା କାର୍ଯ୍ୟ ପ୍ରଦର୍ଶନ କରିପାରିବେ ।

**ଆବଶ୍ୟକ ସାମଗ୍ରୀ** -

- କାଗଜ, ଅଠା, ପାଣି, ମୋଟା ପଟା

ଗପ - ପଶୁପକ୍ଷୀଙ୍କ ଭୋଜି

ଥରେ ଜଙ୍ଗଲରେ ପଶୁପକ୍ଷୀମାନେ ଭୋଜି କରିବାକୁ ଇଚ୍ଛା କଲେ । ଭୋଜିରେ କ'ଣ ସବୁ ଖାଇବା ଜିନିଷ ରନ୍ଧା ହେବ ତା'ର ଗୋଟିଏ ତାଲିକା ତିଆରି ହେଲା । ବାଘ କହିଲା, ଭୋଜିରେ ଖାଲି ଭାତ ଓ ମାଂସ ହେବ । ଠେକୁଆ ଏହାଶୁଣି ମନଦୁଃଖ କଲା ଓ କହିଲା ବାଘ ଭାଇ, ହରିଣ ଓ ମୁଁ କ'ଣ ଖାଇବୁ ? ସିଂହ ବଣର ରାଜା । ସେ କହିଲା ସମସ୍ତ ପଶୁପକ୍ଷୀ ଯାହାସବୁ ଖାଇବେ ସେହିସବୁ ଜିନିଷ ଭୋଜିରେ ହେବ । ଏକଥା ଶୁଣି ସମସ୍ତେ ଖୁସି ହୋଇ ତାଳି ମାରିଲେ ।

## ଦ୍ୱିତୀୟ ମାସ

### ଚତୁର୍ଥ ସପ୍ତାହ / ଦ୍ୱିତୀୟ ଦିବସ

**ଶୀର୍ଷକ - "ମୋ ଘର"**

ଶିକ୍ଷଣ ଫଳାଫଳ - **HW. 3.18 (ଏ):** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରିବ ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (ଜିନିଷ ଧରିବା ପାଇଁ ବିଶି ଆଙ୍ଗୁଠି ଏବଂ ବୁଢ଼ା ଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରିବ ।

କାର୍ଯ୍ୟ- (୧) - ଆସ ଖେଳିବା


ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

- ପିଲାମାନେ ଦଳରେ କଲମ, ଗ୍ଲାସ, ବଲ, ଫୁଲ, ପତ୍ର, ... ଚିତ୍ର ଅଙ୍କନ କରିବେ ।
- ରଙ୍ଗ ପେନ୍‌ସିଲ୍ ନେଇ ଚିତ୍ରଗୁଡ଼ିକୁ ରଙ୍ଗ କରିବେ ।
- ନିଜର ଚିତ୍ର ସମ୍ପର୍କରେ କଥାବାର୍ତ୍ତା ହେବେ । କ'ଣ ଭଲ ହୋଇଛି ? କ'ଣ କରିଥିଲେ ଚିତ୍ର ଅଧିକ ଭଲ ହୋଇଥାନ୍ତା ?
- ରଙ୍ଗ ଦେବେ ଓ ରଙ୍ଗ ଦେଇଥିବା ଚିତ୍ର ବିଷୟରେ ଦଳରେ ଆଲୋଚନା କରିବେ ।

କାର୍ଯ୍ୟ- (୨) : ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଡ୍ରଇଂସିଟ୍‌ରେ ୨/୩ଟି ବଡ଼ ଚିତ୍ର କରିବେ ।
- ଡ୍ରଇଂସିଟ୍‌ରେ ଡାଇନିଂ ହଲ୍ ଚିତ୍ର କରିବେ । (ନୀଳ ରଙ୍ଗର ଟାଇଲ) (ଲାଲ ରଙ୍ଗର ଟାଇଲ)



- ମୋଟା ତୂଳୀ ମାଧ୍ୟମରେ ରଙ୍ଗ ଦେବେ ଯେପରି ମଝି ଟାଇଲ୍ ଲାଲ୍ ରଙ୍ଗର ଓ ଚାରିପଟେ ନୀଳରଙ୍ଗ ରହିବ ।

ସଂକ୍ଷେପଣ - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଛୋଟ ସ୍ଥାନଗୁଡ଼ିକରେ ରଙ୍ଗ ଦେଇପାରିବେ ଓ ମୋଟା ବ୍ରଶ୍‌ରେ ରଙ୍ଗ ଦେଇ ପାରିବେ ।

ଆବଶ୍ୟକ ସାମଗ୍ରୀ -

- କଲମ, ଗ୍ଲାସ୍, ବଲ, ଫୁଲ, ପତ୍ର, ... ଚିତ୍ର
- ରଙ୍ଗ ଓ ବ୍ରଶ୍ (ତୂଳୀ)

## ଦ୍ୱିତୀୟ ମାସ

### ଚତୁର୍ଥ ସପ୍ତାହ / ତୃତୀୟ ଦିବସ

### ଶୀର୍ଷକ - "ଆସ ବିନ୍ଦୁ ଯୋଡ଼ିବା"

ଶିକ୍ଷଣ ଫଳାଫଳ - **HW. 3.18(c) :** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (ଜିନିଷ ଧରିବା ପାଇଁ ତିଶି ଆଙ୍ଗୁଠି ଏବଂ ବୁଢ଼ା ଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରିବା ।

କାର୍ଯ୍ୟ - (୧) : ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ପିଲାମାନେ ଦଳରେ ବସିବେ ।
- ପିଲାମାନଙ୍କୁ ଜଙ୍ଗଲ ଦୃଶ୍ୟର ବିନ୍ଦୁ ଯୋଡ଼ିବା ପାଇଁ କାଗଜ ଦିଆଯିବ ।
- ପିଲାମାନେ ବିନ୍ଦୁଗୁଡ଼ିକୁ ଯୋଡ଼ିବେ ଓ ଯେଉଁ ଚିତ୍ର ମିଳିବ, ତାକୁ ରଙ୍ଗ ଦେବେ ।

କାର୍ଯ୍ୟ- (୨) ଅଙ୍ଗଭଙ୍ଗୀରେ ଅଭିନୟ

ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ପିଲାମାନଙ୍କୁ ଛୋଟଛୋଟ ଦଳରେ ବସାଯିବ ।
- ପ୍ରତ୍ୟେକ ଦଳକୁ ଘରର / ବିଦ୍ୟାଳୟର ଜିନିଷ କିଛି ଦିଆଯିବ ।
- ପିଲାମାନେ ଜିନିଷଗୁଡ଼ିକୁ ସଜାଇବେ, ଯେପରି ଏକ ସୁନ୍ଦର ଘର/ବିଦ୍ୟାଳୟ ଦେଖାଯିବ ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ବିଭିନ୍ନ ବସ୍ତୁ ସହିତ ରଙ୍ଗ ଦେଇ ଶିଖିବେ ।

ଆବଶ୍ୟକ ସାମଗ୍ରୀ -

- ଜଙ୍ଗଲର ଦୃଶ୍ୟର ଆଉଟଲାଇନ୍ ଥିବା କାଗଜ (ବିନ୍ଦୁକୁ ଯୋଡ଼ିବ)
- କିଛି ବିଦ୍ୟାଳୟର ଜିନିଷ ଓ ମଣିଷର ଚିତ୍ର ।

ଚିତ୍ର - ଜଙ୍ଗଲର ଦୃଶ୍ୟ ବିନ୍ଦୁ ଯୋଡ଼ି କରିବା ପାଇଁ ଦିଆଯିବ ।

# ଦ୍ୱିତୀୟ ମାସ

## ଚତୁର୍ଥ ସପ୍ତାହ / ଚତୁର୍ଥ ଦିବସ

## ଶୀର୍ଷକ - "ମାଟିରେ ଗଢ଼ିବା"

**ଶିକ୍ଷଣ ଫଳାଫଳ - HW. 3.18 (a) : ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀୟ କୌଶଳ ପ୍ରଦର୍ଶନ କରିବ ।**

**କାର୍ଯ୍ୟ- (୧) : ବ୍ୟକ୍ତିଗତ କାର୍ଯ୍ୟ** ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ଚକଟାମାଟି ପିଲାମାନଙ୍କୁ ଦିଆଯିବ ।
- ଶିକ୍ଷକ ମାଟିକୁ ନେଇ ଯେକୌଣସି ଗୋଟିଏ ବସ୍ତୁ ପ୍ରସ୍ତୁତ କରିବେ ।
- ପିଲାମାନେ ସେହିପରି ମାଟିର ବିଭିନ୍ନ ବସ୍ତୁ ନିଜେ ପ୍ରସ୍ତୁତ କରିବେ ।
- ଜିନିଷଗୁଡିକର ମୂଲ୍ୟାୟନ ପିଲାମାନେ ନିଜେ କରିବେ ।

**କାର୍ଯ୍ୟ- (୨) : ବ୍ୟକ୍ତିଗତ କାର୍ଯ୍ୟ** ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ମାଟିରେ ତିଆରି କରିଥିବା ଜିନିଷଗୁଡ଼ିକୁ ରଙ୍ଗ ଦେବେ ।
- ତାକୁ ଘରକୁ ନେଇ ତାଲାରେ ରଖି ସଜାଇବେ ଓ ତା' ବିଷୟରେ କହିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ମାଟି ବା ଅଟାର ବିଭିନ୍ନ ବସ୍ତୁ ଗଢ଼ି ପାରିବେ ଓ ତାକୁ ରଙ୍ଗ ଦେଇ ପାରିବେ ।

**ଆବଶ୍ୟକ ସାମଗ୍ରୀ** - ମାଟି / ଅଟା ଚକଟା / ପୋଷ୍ଟର ରଙ୍ଗ / ବ୍ରସ

## ଦ୍ୱିତୀୟ ମାସ

**ଚତୁର୍ଥ ସପ୍ତାହ / ପଞ୍ଚମ ଦିବସ**


**ଶୀର୍ଷକ - "ଆମ ଚିତ୍ର, ଆମ କଥା"**


**ଶିକ୍ଷଣ ଫଳାଫଳ - HW. 3.18(c):** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (ଜିନିଷ ଧରିବା ପାଇଁ ତିଣି ଆଙ୍ଗୁଠି ଏବଂ ବୁଢ଼ା ଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରିବା ।

କାର୍ଯ୍ୟ- (୧)

ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

- ପିଲାମାନେ ବିନ୍ଦୁ ଯୋଡ଼ିବେ । ଚିତ୍ରରେ ରଙ୍ଗ ଦେବେ ।





କାର୍ଯ୍ୟ - (୨) ଦଳଗତ କାର୍ଯ୍ୟ — ସମୟ ୧୫ ମିନିଟ୍

କାର୍ଯ୍ୟ ସୂଚନା -

- କିଛି ଅକ୍ଷର ଲେଖାଯିବ ।
- ଅକ୍ଷରଗୁଡ଼ିକୁ ରଙ୍ଗ ଦେବେ କିମ୍ୱା ଡାଲକାଳଟର ମାରିବେ ।
- 'ଅ' ଅକ୍ଷର ତଳେ କାର୍ବନ କାଗଜ ରଖି ଉପରେ ଅକ୍ଷରର ଧାରରେ ପେନ୍‌ସିଲ୍‌ରେ ଲେଖିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଲେଖି ଶିଖିବେ ଏବଂ ରଙ୍ଗ ଦେବା, ଲିଖନ ସରଞ୍ଜାମକୁ ସଜାଇ ରଖିବେ ।

**ଆବଶ୍ୟକ ସାମଗ୍ରୀ** - ପୁରୁଣା ଖବରକାଗଜ / ରଙ୍ଗୀନ କାଗଜ

# ତୃତୀୟ ମାସ

## ପ୍ରଥମ ସପ୍ତାହ / ପ୍ରଥମ ଦିବସ

**ଶୀର୍ଷକ - "ନମସ୍କାର, ନମସ୍କାର"**

**ଶିକ୍ଷଣ ଫଳାଫଳ - HW. 3.2 : ଯୌଥ ପରିବାର ସଦସ୍ୟାଙ୍କ ସହିତ ସମ୍ପର୍କର ବୃଦ୍ଧିକୁ ପ୍ରଦର୍ଶନ କରିବ ।**

**କାର୍ଯ୍ୟ-(୧) ଖେଳ - ବୁଢ଼ା ଆଙ୍ଗୁଠି କାହିଁ ? (ଶିଶୁଗୀତ) - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇ ଆଗରେ ବସିବେ ।
- ଶିକ୍ଷକଙ୍କ ସହ ପିଲାମାନେ ଅଭିନୟ କରି ଗୀତଟି ଗାଇବେ ।

  "ବୁଢ଼ା ଆଙ୍ଗୁଠି କାହିଁ ? ... ବୁଢ଼ା ଆଙ୍ଗୁଠି କାହିଁ ? ଏହି ଆସିଲି ଧାଇଁ... ଏହି ଆସିଲି ଧାଇଁ ।

  ତୁମକୁ ମୋର ନମସ୍କାର । ତୁମେ ଟିକେ ଗୀତ ଗାଅ... ତୁମେ ଟିକେ ନାଚ କର...

  ତୁମକୁ ମୋର ଧନ୍ୟବାଦ । ତୁମ ଘରକୁ ତୁମେ ଯାଅ... ମୋ ଘରକୁ ମୁଁ ଯାଉଛି"
- ସେହିପରି ପ୍ରତି ଆଙ୍ଗୁଠିର ନାମ ନେଇ ଗୀତଟି ଅଭିନୟ ସହ ଗାଇବେ ।

**କାର୍ଯ୍ୟ- (୨) ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପ୍ରତି ପିଲାକୁ ପରିସ୍ଥିତି ଦେଇ ଅଭିନୟ କରିବା ପାଇଁ ଉତ୍ସାହିତ କରିବେ । ଯେପରି

  ପରିସ୍ଥିତି ( ୧ ) ତୁମ ଘରକୁ କୁଣିଆ ଆସିଛନ୍ତି । ତୁମେ କ'ଣ ସବୁ କରିବ, ଅଭିନୟ କରି ଦେଖାଅ ।

ଶିକ୍ଷକ ସୂଚନା ଦେବେ -

- ଅତିଥିଙ୍କୁ ଦେଖି ପ୍ରଣାମ କରିବା, ବସିବାକୁ ଜାଗା ଦେବା, ପିଇବାକୁ ପାଣି ଦେବା, ଜଳଖିଆ ଖାଇବାକୁ ଦେବା... ଇତ୍ୟାଦିର ଅଭିନୟ କରାଯିବ ।
- ପରିସ୍ଥିତି ( ୨ ) ତୁମେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଯିବ । କେଉଁସବୁ କାମ କରିବ, ଅଭିନୟ କରି ଦେଖାଅ ।
- ପରିସ୍ଥିତି (୩) ତୁମ ସାଙ୍ଗକୁ ଭଲ ଭାବରେ ଦେଖାଯାଏ ନାହିଁ । ସେ ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ ହାତ ଧୋଇବ ଓ ଶ୍ରେଣୀଗୃହକୁ ଆସିବ... ଇତ୍ୟାଦି ପାଇଁ ଅଭିନୟ କର ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଅନ୍ୟମାନଙ୍କୁ ସମ୍ମାନ ଜଣାଇବା ଓ ସାହାଯ୍ୟ କରିବା କଥା ଜାଣିବେ । ସେମାନଙ୍କର ସୂକ୍ଷ୍ମ ମାଂସପେଶୀ ଚାଳନର ବିକାଶ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ** - 'ବୁଢ଼ା ଆଙ୍ଗୁଠି କାଇଁ...' ଶିଶୁଗୀତ ଚାର୍ଟ

## ତୃତୀୟ ମାସ

### ପ୍ରଥମ ସପ୍ତାହ / ଦ୍ୱିତୀୟ ଦିବସ

### ଶୀର୍ଷକ - "ମୁଁ ସୁନାପିଲା"

**ଶିକ୍ଷଣ ଫଳାଫଳ -** **HW. 3.8:** ଦାୟିତ୍ୱ ଗ୍ରହଣ କରେ ଏବଂ ନିଜର ପସନ୍ଦ ଏବଂ ଆଗ୍ରହ ଆଧାରିତ କାମ କରିବାକୁ ପସନ୍ଦ କରିବ ।

**କାର୍ଯ୍ୟ- (୧) - ଯୋଡ଼ି କାର୍ଯ୍ୟ** **ସମୟ - ୧୦ ମିନିଟ୍**

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ ଯୋଡ଼ିରେ ବସାଯିବ ।
- ପିଲା ଦୁଇଜଣ ପରସ୍ପର ଭିତରେ ଭଲ କାମ ଓ ଖରାପ କାମ ଉପରେ କଥାବାର୍ତ୍ତା ହେବେ ।
- ପ୍ରତିପିଲା ଶ୍ରେଣୀର ସାମ୍ନାକୁ ଆସି ଗୋଟିଏ ଲେଖାଏଁ ଭଲ କାମ ବିଷୟରେ କହିବେ ।
- ପ୍ରତିପିଲାଙ୍କୁ କହିବା ପାଇଁ ସୁଯୋଗ ଦେବା ଓ ଧୈର୍ଯ୍ୟର ସହ ଅନ୍ୟର କଥାକୁ ଶୁଣିବା ।

**ବ୍ୟକ୍ତଗତ କାର୍ଯ୍ୟ:** **ସମୟ - ୧୦ ମିନିଟ୍**

କାର୍ଯ୍ୟ ସୂଚନା -

- ଭଲ କାମ ଓ ଖରାପ କାମର ଚିତ୍ର ଥିବା କାର୍ଯ୍ୟଫର୍ଦ୍ଦକୁ ଦେଖି ଭଲ କାମ ଉପରେ (✓) ଚିହ୍ନ ଦେବେ । କାର୍ଯ୍ୟଫର୍ଦ୍ଦ ପୂରଣ କରାଯିବ ।

**କାର୍ଯ୍ୟ - (୨) ବ୍ୟକ୍ତିଗତ କାର୍ଯ୍ୟ:** **ସମୟ - ୧୦ ମିନିଟ୍**

କାର୍ଯ୍ୟ ସୂଚନା-

- ଶିକ୍ଷକ ପିଲାମାନଙ୍କୁ କେତୋଟି ପରିସ୍ଥିତି ଦେବେ ଓ ସେହି ପରିସ୍ଥିତିରେ ପିଲାମାନେ କ'ଣ କରିବେ କହିବେ ।
  ପରିସ୍ଥିତି (୧) ତୁମେ ଗୋଟିଏ କଲମ ପାଇଲେ କ'ଣ କରିବ ?
  (୨) ଶ୍ରେଣୀ ବାହାରେ ଚପଲଗୁଡ଼ିକ ଅସଜଡ଼ା ହୋଇ ପଡ଼ିଥିବାର ଦେଖିଲେ କ'ଣ କରିବ ?
  (୩) ତୁମ ଶ୍ରେଣୀରେ ଚିରା କାଗଜ ପଡ଼ିଥିବାର ଦେଖିଲେ କ'ଣ କରିବ ?
  (୪) ତୁମ ସାଙ୍ଗ ଆଉ ଜଣେ ସାଙ୍ଗ ସହ ଗଣ୍ଡଗୋଳ କରୁଛି । ତୁମେ ସେତେବେଳେ କ'ଣ କରିବ ?
  (୫) ତୁମ ସାଙ୍ଗ ଶ୍ରେଣୀରୁ ଚକ୍ ଲୁଚାଇ ନେଇଯାଉଥିବାର ତୁମେ ଦେଖିଲେ କ'ଣ କରିବ ? ଏପରି ପରିସ୍ଥିତିମାନ କୁହାଯିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଭଲ କାମ ଓ ଖରାପ କାମ ଉପରେ ଧାରଣା ପାଇବେ, ଏବଂ ସଚେତନ ହେବେ ।

**ଆବଶ୍ୟକ ସାମଗ୍ରୀ** - କାର୍ଯ୍ୟଫର୍ଦ୍ଦ ପାଇଁ ନିମ୍ନଚିତ୍ର ଦିଆଯିବ ।

- ଗଛ ଲଗାଇବା, ଖଟେଇ ହେବା, ବାପାଙ୍କୁ ପ୍ରଣାମ କରିବା, ମାଡ଼ପିଟ କରିବା, ହାତ ଧୋଇବା, ଗଛରେ ପାଣି ଦେବା, ଭଉଣୀର ଚୁଟି ଟାଣିବା, ବୟସ୍କଙ୍କୁ ସାହାଯ୍ୟ କରିବା ।

# ତୃତୀୟ ମାସ

## ପ୍ରଥମ ସପ୍ତାହ / ତୃତୀୟ ଦିବସ

## ଶୀର୍ଷକ - "ଭଲମନ୍ଦ ବାଛିବା"

**ଶିକ୍ଷଣ ଫଳାଫଳ -** **HW. 3.14:** ଭଲ ସ୍ପର୍ଶ ଏବଂ ଖରାପ ସ୍ପର୍ଶ ବିଷୟରେ ସଚେତନତା ପ୍ରଦର୍ଶନ କରେ ଏବଂ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବ ।

କାର୍ଯ୍ୟ- (୧) ମୁଁ ବି ଚୁପିଆଉ - ସାମୂହିକ କାର୍ଯ୍ୟ                    ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ଶ୍ରେଣୀରେ ନିମ୍ନ ଲିଙ୍କକୁ କ୍ଲିକ୍ କରି ଭିଡ଼ିଓଟି ପିଲାମାନଙ୍କୁ ଦେଖାଇବେ ।
- ଭିଡ଼ିଓଟି ଦେଖି ସାରିବା ପରେ ତତ୍ ସମ୍ପର୍କିତ ପ୍ରଶ୍ନମାନ ପିଲାମାନଙ୍କ ସହ ଆଲୋଚନା କରିବେ ଯେପରି -

  ୧ - ଛୋଟ ଝିଅଟି ମୋଟରସାଇକେଲ ଚଳାଉଥିବା ଲୋକ ସହ କାହିଁକି ଗଲା ନାହିଁ ?

  ୨ - ଝିଅଟି ଟିଭି ଦେଖିବା ସମୟରେ ବାପାଙ୍କ ସାଙ୍ଗ ପାଖରେ ବସିବା ପାଇଁ ରାଜି ହେଲା ନାହିଁ କାହିଁକି ?

  ୩ - ତୁମେ ସେଇ ପରିସ୍ଥିତିରେ ଥିଲେ କ'ଣ କରିଥାନ୍ତ ?

- ଭିଡ଼ିଓର ବିଷୟବସ୍ତୁ ଉପରେ ଆଲୋଚନା କରି ଶିକ୍ଷକ ସମସ୍ତ ପୁଅ ଓ ଝିଅମାନଙ୍କୁ ଭଲ ଓ ମନ୍ଦ ସ୍ପର୍ଶ ସମ୍ପର୍କରେ ସଚେତନ କରାଇବେ ।

  (ଭିଡିଓ ଲିଙ୍କ - https://youtu.be/JCDzaYMZ85Y)

କାର୍ଯ୍ୟ- (୨) - ବ୍ୟକ୍ତିଗତ କାର୍ଯ୍ୟ                    ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କ ସହ କେତେଗୁଡ଼ିଏ ସମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ ।
- ସମସ୍ତ ପିଲାଙ୍କୁ କହିବାକୁ ସୁଯୋଗ ଦିଆଯିବ ।

  ପରିସ୍ଥିତି ୧ ) ତୁମକୁ ଜଣେ ଅଜଣା ଲୋକ ଚକୋଲେଟ୍ ଖାଇବାକୁ ଦେଲେ - କ'ଣ କରିବ ? କାହିଁକି ?

  ୨ ) ମେଳାରେ ଜଣେ ଅଜଣା ଲୋକ ତୁମକୁ ଖେଳନା କିଣିଦେଲେ - କ'ଣ କରିବ ?

  ୩) ବାପା ବଜାରରେ ଥାଇ ତୁମକୁ ଡାକୁଛନ୍ତି ବୋଲି ଜଣେ ଅଜଣା ଲୋକ ଖବର ଦେଲେ ଓ ତୁମକୁ ସାଥିରେ ନେଇଯିବାକୁ ବାହାରିଲେ... କ'ଣ କରିବ ଓ କାହିଁକି ?

  ୪ ) ତୁମକୁ କାହାର କଥା ବା ବ୍ୟବହାର ଖରାପ (ଅଶାଳୀନ) ଲାଗିଲେ... କ'ଣ କରିବ ?

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବେ ।

**ଆବଶ୍ୟକ ସାମଗ୍ରୀ** - youtube ଭିଡ଼ିଓ ଲିଙ୍କ - https://youtu.be/JCDzaYMZ85Y)

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଚତୁର୍ଥ ଦିବସ**

**ଶୀର୍ଷକ - "ମୋତେ ଚିହ୍ନି ପାରିବ କି ?"**

**ଶିକ୍ଷଣ ଫଳାଫଳ - HW. 3.9:** ବୟସ ଉପଯୋଗୀ ବିବାଦର ସମାଧାନ ପାଇଁ ପନ୍ଥା ନିରୂପଣ କରିବେ ଓ ଖାପଖୁଆଇ ଚଳିବେ ।

**କାର୍ଯ୍ୟ- (୧) ଆମେ ଚିତ୍ର କରିବା - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ପିଲାମାନଙ୍କୁ 'ଓ' ଆକୃତିରେ ଠିଆ କରାଇବେ ।
- ଶିକ୍ଷକ ପିଲାମାନଙ୍କ ଦ୍ୱାରା ପହେଳିକାଗୁଡ଼ିକର ସମାଧାନ କରାଇବେ ।
- ଅଧିକ ସରଳ ଓ ସହଜ ପହେଳିକାମାନ ପଚାରି ସମସ୍ତ ପିଲାଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବେ ।

ପହେଳିକା:-

୧ - ପବନ ମୋହର ଆହାର, ଖାଏ ଗୋଇଠା ପାହାର - (ଉତ୍ତର - ବଲ୍)

୨ - ପାଣିରେ ରହେ ମୁଁ ପାଣିରେ ଖେଳେ, ଯାହାକୁ ଦେଖିଲ ଲୁଚିଲ ହେଲେ । (ଉତ୍ତର - ମାଛ)

୩ - କାଠରେ ତିଆରି ଦେହଟି ମୋର, ବଲ୍ ବାଜିଗଲେ ଦିଏ ପାହାର । (ଉତ୍ତର - ବ୍ୟାଟ୍)

୪ - ହାତ ନାହିଁ ଗୋଡ଼ ନାହିଁ, ନାହିଁ ମୋର ମଥା, ମଣିଷକୁ ଗିଳି ଦେଉଛି, ବିଚିତ୍ର ଏ କଥା (ଉତ୍ତର - ଜାମା)

୫ - ମାମୁଘରେ ଗୋଟେ ଗାଈ, ଚାହିଁ ପାହିଲେ ମୋଟେ ନାହିଁ । (ଉତ୍ତର - ତାରା)

ଏହିପରି ସରଳ ଓ ସହଜ ପହେଳିକାମାନ ପିଲାମାନଙ୍କୁ ପଚାରିବେ । ଯଦି କୌଣସି ପିଲା ଏହିଭଳିଆ ପ୍ରହେଳିକା ଜାଣିଥିବ ସେ ମଧ୍ୟ ଶ୍ରେଣୀରେ ପଚାରିପାରିବ ।


**କାର୍ଯ୍ୟ - (୨) ଆସ ଚିତ୍ର କରି ରଙ୍ଗ ଦେବା - ଯୋଡ଼ି କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା-

- ପିଲାମାନେ ଯୋଡ଼ିରେ ବସିବେ ।
- ପ୍ରତ୍ୟେକ ଦଳକୁ ଅଧା ଚିତ୍ର, ଅଧା ବିନ୍ଦୁ ଥିବା ଚିତ୍ର ଯୋଡ଼ିରେ ଦିଆଯିବ ଓ ପିଲାମାନେ ଚିତ୍ରକୁ ପୂରା କରି ରଙ୍ଗ ଦେବେ ।
- ସମସ୍ତ ଚିତ୍ର ଶ୍ରେଣୀରେ ପ୍ରଦର୍ଶିତ ହେବ ଓ କାନ୍ଥରେ ଟଙ୍ଗା ଯିବ ।
- ପିଲାମାନେ ନିଜ କାର୍ଯ୍ୟପୁସ୍ତିକାରେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଚିନ୍ତନ କରିପାରିବେ ଓ ସେମାନଙ୍କର ସୂକ୍ଷ୍ମ ମାଂସପେଶୀ ଚାଳନ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ** - ଚିତ୍ରଥିବା କାଗଜ (ପିଲାଙ୍କ ସଂଖ୍ୟା ଅନୁସାରେ)



## ତୃତୀୟ ମାସ

**ପ୍ରଥମ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ - "ଚଉକା, ଛକା"**

**ଶିକ୍ଷଣ ଫଳାଫଳ - HW. 3.10:** ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ମତାମତ ଗ୍ରହଣ କରିବାକୁ ଇଚ୍ଛା ପ୍ରଦର୍ଶନ କରିବେ ।

କାର୍ଯ୍ୟ - (୧) କ୍ରିକେଟ ଖେଳ - ଯୋଡ଼ି କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ ଯୋଡ଼ିରେ ବସିବେ ।
- କ୍ରିକେଟ ଖେଳ କିପରି ହୁଏ - ବିଷୟରେ ପିଲାମାନେ ଯୋଡ଼ିରେ କଥାବାର୍ତ୍ତା ହେବେ ଓ ଶ୍ରେଣୀରେ ଉପସ୍ଥାପନା କରିବେ ।

ଦଳଗତ କାର୍ଯ୍ୟ:

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଦୁଇ ଦଳରେ (କ୍ରିକେଟ ଖେଳ ଅନୁସାରେ) ଭାଗ କରିବେ ।
- ପିଲାମାନେ ନିଜ ଭିତରୁ ଜଣକୁ ଅମ୍ପାୟାର ରୂପେ ବାଛିବେ ।
- କ୍ରିକେଟ ଖେଳ ସାମଗ୍ରୀ (ବ୍ୟାଟ, ବଲ, ଷ୍ଟମ୍... ଇତ୍ୟାଦି) ସହ ପିଲାମାନେ ଶ୍ରେଣୀ ବାହାରେ କ୍ରିକେଟ ଖେଳ ଖେଳିବେ ।
- ପିଲାମାନେ କ୍ରିକେଟ ଖେଳିସାରି ଶ୍ରେଣୀଗୃହକୁ ଆସିବା ପରେ ଶିକ୍ଷକ, ସେମାନଙ୍କ ସହ କ୍ରିକେଟ ଖେଳ ସମ୍ପର୍କରେ ଆଲୋଚନା କରିବେ ।

ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ତୁମ ଦଳରେ କେତେ ଜଣ ଖେଳାଳି / ପିଲା ଖେଳୁଥିଲେ ?
- ତୁମେ ଆଉ କ'ଣ କରିଥିଲେ ଅଧିକ ରନ୍ କରିପାରିଥାନ୍ତ ?
- ଅନ୍ୟ ଦଳରେ କିଏ ଅଧିକ ରନ୍ କରିଛି ? ସେ ତୁମଠାରୁ ଅଧିକ ରନ୍ କରିଛି କି ? ଯଦି ହଁ ତେବେ କାହିଁକି ? ଯଦି ନା ତେବେ କାହିଁକି ?

  ଏହିପରି ଅଧିକ ପ୍ରଶ୍ନ ପଚାରି ପିଲାଙ୍କ ଅଂଶଗ୍ରହଣକୁ ଶିକ୍ଷକ ସୁନିଶ୍ଚିତ କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ କରିବାଦ୍ୱାରା ପିଲାମାନଙ୍କ ଭିତରେ ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବା ଓ ଦଳରେ ଅନ୍ୟର କଥାକୁ ଗୁରୁତ୍ୱ ଦେବା ଭଳି ମାନସିକତା ବୃଦ୍ଧି ପାଇବ ।

ଆବଶ୍ୟକ ସାମଗ୍ରୀ - କ୍ରିକେଟ ଖେଳ ସାମଗ୍ରୀ (ବ୍ୟାଟ, ବଲ, ଷ୍ଟମ୍... ଇତ୍ୟାଦି)

## ତୃତୀୟ ମାସ

**ଦ୍ୱିତୀୟ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ - "ପୋଖରୀ ହୁଡ଼ା"**

**ଶିକ୍ଷଣ ଫଳାଫଳ - HW. 3.16: ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ସାମର୍ଥ୍ୟ ସହିତ ସ୍ଥୂଳ ମାଂସପେଶୀୟ କୌଶଳ ପ୍ରଦର୍ଶନ କରେ । ଯଥା- ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।**

**କାର୍ଯ୍ୟ - (୧) ଖେଳ - ପୋଖରୀ ହୁଡ଼ା : ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ପଡ଼ିଆକୁ ନେବେ । ଗୋଟିଏ ବଡ଼ ଗୋଲାକାର ଗାର ଟାଣି ପିଲାମାନଙ୍କୁ ତା' ଉପରେ ଠିଆ କରାଇବେ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ ଖେଳିବେ ।
- ଶିକ୍ଷକ 'ପୋଖରୀ' କହିଲେ ସବୁପିଲା ଗୋଲ ଭିତରକୁ ଓ ହୁଡ଼ା କହିଲେ ସବୁପିଲା ଗୋଲ ବାହାରକୁ ଡେଇଁବେ ।
- ପିଲାମାନେ ମଧ୍ୟ ଜଣଜଣ କରି ଏହିପରି ଖେଳ ଖେଳାଇବେ ।

**କାର୍ଯ୍ୟ- (୨) ବାସ୍କେଟବଲ୍ ଖେଳ - ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାଙ୍କ ଉଚ୍ଚତା ଅନୁସାରେ ବାସ୍କେଟ୍‌କୁ କାନ୍ଥରେ ଲଗାଇବେ ।
- ପିଲାମାନେ ଧାଡ଼ିରେ ଆସି କିଛି ଦୂରରୁ ବାସ୍କେଟ ଭିତରେ ବଲ ପକାଇବେ ।
- ଏହିପରି ପ୍ରତିପିଲା ତିନି ଥର ଲେଖାଏଁ ବଲ୍ ପକାଇ କାହାର କେତେ ଥର ବଲ, ବାସ୍କେଟ ଭିତରେ ପଡ଼ିଲା ତାହା କହିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କର ସ୍ଥୂଳ ମାଂସପେଶୀ ଚାଳନାର ବିକାଶ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ** - ବାସ୍କେଟ୍ ବଲ୍ ଖେଳର ବାସ୍କେଟ ଓ ବଲ୍

## ତୃତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦ୍ୱିତୀୟ ଦିବସ

### ଶୀର୍ଷକ - "ନୀଳଆକାଶ"

**ଶିକ୍ଷଣ ଫଳାଫଳ - HW.3.18(a):** ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀୟ ବିକାଶ କୌଶଳ ପ୍ରଦର୍ଶନ କରିବେ ।

**କାର୍ଯ୍ୟ - (୧) ନୀଳ ଆକାଶରେ - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ପଡ଼ିଆକୁ ନେଇ ବଡ଼ ଗୋଲରେ ଠିଆ କରାଇବେ ।
- ଶିକ୍ଷକଙ୍କ ସହ ପିଲାମାନେ 'ନୀଳ ଆକାଶରେ ସୂର୍ଯ୍ୟ ଯହିଁ ହସେରେ' (ନୂଆ ଅରୁଣିମା ପୃ - ୯୫) ଗୀତ ଆବୃତ୍ତି କରି ଅଭିନୟ କରିବେ ।
- ଏହାପରେ ଜଣଙ୍କ ପରେ ଜଣେ ପିଲା ଅଭିନୟ କରି ଗୀତକୁ ଆବୃତ୍ତି କରିବେ ।

**କାର୍ଯ୍ୟ - (୨) ବ୍ୟାୟାମ କରିବା ସୁସ୍ଥ ରହିବା - ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବା ଧାଡ଼ି କରି ଠିଆ କରାଇବେ ।
- ପ୍ରଥମେ କିଛି ସରଳ ଓ ପରେ ଅପେକ୍ଷାକୃତ ସାମାନ୍ୟ ଜଟିଳ ନିର୍ଦ୍ଦେଶ ଦିଆଯାଇ ପିଲାମାନଙ୍କୁ ତାହା କରିବାକୁ ଦିଆଯିବ । ଯେପରି - ଠିଆ ହୁଅ, ବସି ପଡ଼, ମୁଣ୍ଡ ଛୁଅଁ, ଉପରକୁ ଡିଅଁ, ଗୋଡ଼ ଲମ୍ବାଇ ବସ, କାନ୍ଧକୁ ଛୁଅଁ, ଚକାମାଡ଼ି ବସ, ଇତ୍ୟାଦି ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କ ସ୍ଥୂଳ ମାଂସପେଶୀୟ ଚାଳନ ସମ୍ଭବ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ** - ଗୀତ ଚାର୍ଟ - ନୀଳ ଆକାଶରେ

ନୀଳ ଆକାଶରେ　　ସୂର୍ଯ୍ୟ ଯହିଁ ହସେରେ
ଜନ୍ମମାଟି ଦେଶରେ　　ଆମେ ବୁଲିଯିବା ଆସରେ
ରକେଟ୍ ଚଢ଼ି ବସରେ ...
ଡାହାଣ ହାତ ଆଗକୁ ନିଅ ।　　ଡାହାଣ ହାତ ପଛକୁ ନିଅ ।
ଥରି ଥରି ହଲାଇ ଦିଅ ।　　ତୁମେ ଥରେ ଘୂରିଯାଅ ।
ଡାହାଣ ଗୋଡ଼ ଆଗକୁ ନିଅ ।　　ଡାହାଣ ଗୋଡ଼ ପଛକୁ ନିଅ ।
ଥରି ଥରି ହଲାଇ ଦିଅ ।　　ପୁଣି ଥରେ ଘୂରିଯାଅ ... (ନୂଆ ଅରୁଣିମା - ପୃ - ୯୫)

## ତୃତୀୟ ମାସ

### ଦ୍ୱିତୀୟ ସପ୍ତାହ / ତୃତୀୟ ଦିବସ

### ଶୀର୍ଷକ - "ଆସ ସଜାଇବା"

**ଶିକ୍ଷଣ ଫଳାଫଳ -** **HW. 3.18 (b):** ଜଟିଳ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ସମନ୍ୱିତ ଗତିବିଧିକୁ ବ୍ୟବହାର କରେ ଯେପରିକି ଏକ ଧାଡ଼ିରେ କାଟିବା, ପାଣି ଭରିବା, ବୋତାମ ଲଗାଇବା ଇତ୍ୟାଦି ।

**କାର୍ଯ୍ୟ- (୧) ସଜାଇବାର ମଜା – ଦଳଗତ କାର୍ଯ୍ୟ** **ସମୟ – ୧୫ ମିନିଟ୍**

କାର୍ଯ୍ୟ ସୂଚନା-

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ଗୋଲାକାରରେ ବସାଇବେ ।
- ପଢ଼ିଆକୁ ନେଇ ବଡ଼ ଗୋଲରେ ଠିଆ କରାଇବେ ।
- ପ୍ରତିଦଳରେ ତଳେ ଲେଖା ଯାଇଥିବା ଜିନିଷ ଦିଆଯିବ ।
  - ଡ୍ରଇଂ ସିଟ୍, ମଞ୍ଜି, ପତ୍ର, ଫୁଲ, ଅଠା
- ଦିଆଯାଇଥିବା ଜିନିଷଗୁଡ଼ିକୁ ବ୍ୟବହାର କରି ପିଲାମାନେ ବିଭିନ୍ନ ପ୍ୟାଟର୍ନ (ଡିଜାଇନ) କରିବେ ।
- ଆବଶ୍ୟକ ଅନୁଯାୟୀ ଶିକ୍ଷକ ପିଲାମାନଙ୍କ ପାଖକୁ ଯାଇ କିଏ କେଉଁ ପରି ସଜାଇବେ ତାହା ବୁଝାଇ ସାହାଯ୍ୟ କରିପାରିବେ ।

**କାର୍ଯ୍ୟ- (୨) କାଗଜ ସଜାଇବା – ଦଳଗତ କାର୍ଯ୍ୟ** **ସମୟ – ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରିବେ ।
- ପ୍ରତିଦଳକୁ ଭିନ୍ନଭିନ୍ନ ପ୍ୟାଟର୍ନ (ଡିଜାଇନ) ଅଙ୍କିତ କାଗଜ ଦିଆଯିବ ।
- ପିଲାମାନେ ସେଥିରେ ଛକ ଥିବା ଘରେ ଅଲଗା ରଙ୍ଗର କାଗଜ ଅଠା ଦେଇ ଲଗାଇବେ ।
- ସେଗୁଡ଼ିକ କରି ସାରିବା ପରେ, ପିଲାମାନେ ତାହା ପ୍ରଦର୍ଶିତ କରିବେ ଓ କିପରି କଲେ ତାହା ବର୍ଣ୍ଣନା କରିବେ ।


ପିଲାମାନେ ନିଜନିଜ କାର୍ଯ୍ୟପୁସ୍ତିକାରେ (ପୃଷ୍ଠା ନଂ..........) ଏହି କାମ କରିବେ ।


**ସଂକ୍ଷେପଣ –**

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କ ସୂକ୍ଷ୍ମ ମାଂସପେଶୀର ବିକାଶ ସମ୍ଭବ ହୋଇପାରିବ ।
- ପିଲାମାନେ ହାତ ଓ ଚକ୍ଷୁର ସମନ୍ୱୟରେ କାମ କରିପାରିବେ ।

**ଆବଶ୍ୟକ ସାମଗ୍ରୀ -**

- ମଞ୍ଜି, ପତ୍ର, ଫୁଲ, ଡ୍ରଇଂ ସିଟ୍, ଅଠା
- ଏହିପରି କାଗଜ
- ରଙ୍ଗୀନ କାଗଜ, ଅଠା, ପ୍ଲାଷ୍ଟିକ କଇଁଚି, ବାହାଘର କାର୍ଡ



ତୃତୀୟ ମାସ

## ଦ୍ୱିତୀୟ ସପ୍ତାହ / ଚତୁର୍ଥ ଦିବସ

## ଶୀର୍ଷକ - "ମୁଁ ତୁମପାଇଁ"

**ଶିକ୍ଷଣ ଫଳାଫଳ - HW. 3.12 :** ବିଶେଷ ପୃଷ୍ଠଭୂମି ଥିବା ପିଲାମାନଙ୍କ ସହିତ ବିଭିନ୍ନ ପୃଷ୍ଠଭୂମିର ପିଲାମାନଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ଗ୍ରହଣୀୟତା ପ୍ରଦର୍ଶନ କରିବେ ।

**କାର୍ଯ୍ୟ- (୧) ଅଭିନୟ - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

**କାର୍ଯ୍ୟ ସୂଚନା -**

- ଶିକ୍ଷକ ପିଲାମାନଙ୍କୁ ଗୋଲରେ ବସାଇବେ ।
- ସେ ପିଲାଙ୍କୁ "ଚାଷ କାମ ଯାହାର" ଗୀତ ଅଭିନୟ ସହ ବୋଲାଇବେ ।
- ଗୀତ ଗାଇସାରିବା ପରେ ପିଲାମାନଙ୍କ ସହ ଚାଷୀର ଦୁଃଖ/ଅସୁବିଧା ବିଷୟରେ ଆଲୋଚନା କରାଯିବ ।
- ଚାଷୀର ଦୁଃଖ ଦୂରପାଇଁ ଆମେ କ'ଣ କରିବା ତାହାର ଆଲୋଚନା କରିବେ ।

**'ଚାଷ କାମ ଯାହାର'**

ଚାଷ କାମ ଯାହାର, କେତେ ସୁଖ ତାହାର, ସେହି ସିନା ଦୁନିଆକୁ ଯୋଗାଉଛି ଆହାର ।

ଆସ ଚାଷ କରିବା, ଜଳହଳ ଧରିବା, ବେଳ ଦେଖି ମଞ୍ଜି ବୁଣି ରୁଆରୋଇ ସାରିବା

ଚାଷ କରେ ଯିଏରେ, ଅନ୍ନମୁଠି ଦିଏରେ । ତାହାଠାରୁ ଦୁନିଆଁରେ ବଡ଼ ଆଉ କିଏ ରେ ?

**କାର୍ଯ୍ୟ - (୨) - ଦଳଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

- ପିଲାମାନଙ୍କୁ ଦଳରେ ଭାଗ କରାଯାଇ ପ୍ରତି ଦଳକୁ ଗୋଟିଏ ଲେଖାଏଁ ପରିସ୍ଥିତି ଦିଆଯିବ ।
- ସେହି ପରିସ୍ଥିତିରେ ପିଲାମାନେ କ'ଣ କରିବେ ସେମାନଙ୍କର ମତାମତ ଦଳରେ ଆଲୋଚନା କରିବେ ।
- ପ୍ରତ୍ୟେକ ଦଳ ନିଜର ମତାମତ ଉପସ୍ଥାପନା କରିବେ ।

ପରିସ୍ଥିତି ୧ - ତୁମ ଶ୍ରେଣୀର ଜଣେ ପିଲା ବିଦ୍ୟାଳୟର କୌଣସି କାମରେ ଅଂଶଗ୍ରହଣ ନକରି ଚୁପଚାପ୍ ବସୁଛି ।

୨ - ଜଣେ ପିଲାର ପରିବାରର କେହି ସଦସ୍ୟ ଗୁରୁତର ଶାରୀରିକ ଅସୁସ୍ଥତା ଭୋଗୁଛନ୍ତି ।

୩ - ତୁମର ଜଣେ ସାଙ୍ଗ କିଛି ନଖାଇ ସ୍କୁଲକୁ ଆସିଛି

୪ - ତୁମ ସାଙ୍ଗ ବିଦ୍ୟାଳୟରେ ଶିକ୍ଷକ ପଢ଼ାଉଥିବା ପାଠ ଆଦୌ ବୁଝିପାରୁ ନାହିଁ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ଶେଷରେ ପିଲାମାନେ ଅନ୍ୟର ଅସୁବିଧା ବୁଝି ତାଙ୍କ ପ୍ରତି ସମ୍ବେଦନଶୀଳ ହେବେ ଓ ସେମାନଙ୍କୁ ଯଥାଶକ୍ତି ସାହାଯ୍ୟ କରିବେ ।

**ଆବଶ୍ୟକ ସାମଗ୍ରୀ -** ଗୀତ ଚାର୍ଟ (ଚାଷକାମ ଯାହାର)

## ତୃତୀୟ ମାସ

### ଦ୍ୱିତୀୟ ସପ୍ତାହ / ପଞ୍ଚମ ଦିବସ

### ଶୀର୍ଷକ - "ରାମୁର କମାଲ"

ଶିକ୍ଷଣ ଫଳାଫଳ - **HW. 3.9:** ବୟସ ଉପଯୋଗୀ ବିବାଦର ସମାଧାନ ପାଇଁ ପରାମର୍ଶ ଦିଅନ୍ତି ।

କାର୍ଯ୍ୟ- (୧) ମୋର ନିତିଦିନ କାମ - ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରିବେ ।
- ସକାଳୁ ଉଠି ମୁଁ ଘଷିବି ଦାନ୍ତ (ନୂଆ ଅରୁଣିମା, ପୃ - ୩୭) ଶିଶୁଗୀତ ଶିକ୍ଷକଙ୍କ ସହ ପିଲାମାନେ ସାମୂହିକ ଭାବେ ଅଭିନୟ କରି ଗାଇବେ ।

ବ୍ୟକ୍ତିଗତ କାର୍ଯ୍ୟ

- ତୁମେ ସକାଳୁ ଉଠିବା ପରଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ କେଉଁସବୁ କାମ କର କୁହ । ସମସ୍ତ ପିଲାଙ୍କୁ ଜଣଜଣ କରି ପ୍ରଶ୍ନ କରାଯିବ ।
  ଏହାପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

କାର୍ଯ୍ୟ - ୨

- ଶିକ୍ଷକ ନିମ୍ନଗଳ୍ପଟି କହିବେ ।

ଗଳ୍ପ :- ରାମୁର ଘର ପାଖରେ ବ୍ୟାଙ୍କ । ସେହି ବ୍ୟାଙ୍କରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ପ୍ରତିଦିନ ରାମୁ ଖାଇବା ଜିନିଷ ଟିଫିନରେ ନେଇ ଦିଏ । ସେଇଥିରେ ସେ ଚଳିଯାଏ । କିଛି ଦିନ ଧରି ସେ ଦେଖିଲା କେତେଗୁଡ଼ିଏ ଟିଫିନର ଖାଦ୍ୟ କିଏକିଏ ନଖାଇ ସେମିତି ଫେରାଇ ଦେଉଛନ୍ତି । ହେଲେ ସବୁ ଟିଫିନ ପାଇଁ ସେ ଠିକ୍ ପଇସା ପାଉଛି । ପଇସା ପାଇଲେ ବି ରାମୁର ମନଦୁଃଖ ହେଲା । ଏତେ କଷ୍ଟ କରି ସେ ରୋଷେଇ କରୁଛି । ନଖାଇବା ଦ୍ୱାରା ପରିବାପତ୍ର ଠାରୁ ଆରମ୍ଭ କରି କେତେ ଜିନିଷ ନଷ୍ଟ ହେଉଛି । ଦିନେ ସେ ବ୍ୟାଙ୍କ ଯାଇ କର୍ମଚାରୀମାନଙ୍କୁ ଗୁଡ଼ିଏ ନାଲି ଷ୍ଟିକର ଦେଲା ଓ ଅନୁରୋଧ କଲା - ଯେଉଁ ଟିଫିନର ଖାଦ୍ୟ ଖିଆଯାଇ ନଥିବ ତା' ଉପରେ ନାଲି ଷ୍ଟିକର ଲଗାଇ ଦେବେ । ଫଳରେ ସେହି ଖାଦ୍ୟକୁ ଖାଦ୍ୟ ପାଉନଥିବା ଲୋକଙ୍କ ଭିତରେ ବାଣ୍ଟିଦେଇ ହେବ । ବ୍ୟାଙ୍କ କର୍ମଚାରମାନେ ରାମୁର କଥାକୁ ବୁଝି ପାରିଲେ । ଯାହାଦ୍ୱାରା କି ଏଣିକି ଆଉ କୌଣସି ଜିନିଷ ନଷ୍ଟ ହେଲା ନାହିଁ । ସମସ୍ତେ ରାମୁକୁ ପ୍ରଶଂସା କରିଲେ ।

କାର୍ଯ୍ୟ- (୨) ପ୍ରଶ୍ନୋତ୍ତର - ବ୍ୟକ୍ତିଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଖାଦ୍ୟ ନଖାଇବା ଦ୍ୱାରା କ'ଣ ସବୁ ନଷ୍ଟ ହୁଏ ? ରାମୁ ନାଲି ଷ୍ଟିକର ଟିଫିନ ଉପରେ ଲଗାଇବାକୁ କାହିଁକି ଅନୁରୋଧ କଲା ? ସମସ୍ତେ ରାମୁକୁ କାହିଁକି ପ୍ରଶଂସା କଲେ ?
- ତୁମେ ଏହିଭଳି କିଛି କାମ କରିଛ କି ? ତୁମେ କାହାକୁ ଏମିତି ସାହାଯ୍ୟ କରିବା ବିଷୟରେ ଜାଣିଛ କି ? ଯଦି ହଁ, ତେବେ କୁହ । ଏହିପରି ଅଧିକ ପରିସ୍ଥିତି ଉପରେ ଶିକ୍ଷକ ଆଲୋଚନା କରିପାରିବେ ।

ସଂକ୍ଷେପଣ -

- ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସମୟ ଅନୁସାରେ ନିଜ କାମ କରିବା କଥା ଜାଣିବେ ।
- ଖାଇବା ଦ୍ରବ୍ୟ ବା ବଳୁଥିବା ଜିନିଷ ନଫୋପାଡ଼ି ତା'ର ସୁବିନିଯୋଗ କରିବା ବିଷୟରେ ଜାଣିବେ ।

ଆବଶ୍ୟକ ସାମଗ୍ରୀ -

- ଶିଶୁ ଗୀତ - ସକାଳୁ ଉଠି ମୁଁ
- ଗଳ୍ପକଥନ ନିମନ୍ତେ ଚିତ୍ର ପୋଷ୍ଟର


MANAGER
RAGHU



## ତୃତୀୟ ମାସ

**ତୃତୀୟ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ - "ବେଙ୍ଗ ଡିଆଁ"**

**ଶିକ୍ଷଣ ଫଳାଫଳ - HW. 3.16:** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ସାମର୍ଥ୍ୟ ସହିତ ସ୍ଥୂଳ ମାଂସପେଶୀ ଚାଳନା ଦକ୍ଷତା ପ୍ରଦର୍ଶନ କରେ । ଯଥା- ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।

 କାର୍ଯ୍ୟ- (୧) ଖେଳ - କାହାର କେତେ ଦମ୍ ? - ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀଗୃହ ବା ପଡ଼ିଆରେ ଠିଆ କରାଇବେ ।
- ହ୍ୱିସିଲ୍ ମାରିଲେ ବା ଗୋଟିଏ ତାଳି ମାରିଲେ ପିଲାମାନେ ନିଜନିଜ ସ୍ଥାନରେ ଠିଆ ହୋଇ ଉପରକୁ ଡେଇଁବା ଆରମ୍ଭ କରିବେ ।
- ଯେଉଁ ପିଲା ରହିଯିବ ସେ ଖେଳରୁ ବାହାରିଯିବ ।
- ଯେଉଁ ପିଲା ଅଧିକ ସମୟ ପର୍ଯ୍ୟନ୍ତ ଡେଇଁପାରିବ ତାକୁ ତାଳିମାରି ଉତ୍ସାହିତ କରାଯିବ ।

କାର୍ଯ୍ୟ- (୨) ଅଖା ଡିଆଁ / ବେଙ୍ଗ ଡିଆଁ - ବ୍ୟକ୍ତିଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ଶିକ୍ଷକ ପିଲାଙ୍କୁ ଧାଡ଼ିରେ ଠିଆ କରାଇବେ ।
- ପ୍ରତିପିଲା ଅଖାଡିଆଁ ବା ବେଙ୍ଗଡିଆଁ ଖେଳରେ ଭାଗ ନେବ ।
- ବିଜୟୀ ଶିକ୍ଷାର୍ଥୀଙ୍କୁ ତାଳିମାରି ଉତ୍ସାହିତ କରାଯିବ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପ୍ରତ୍ୟେକ ପିଲା ଭାରସାମ୍ୟ ରକ୍ଷାକରି ଡେଇଁବା ଓ ସ୍ଥୂଳ ମାଂସପେଶୀ ଚାଳନା କରିବାରେ ସକ୍ଷମ ହେବେ ।

**ଆବଶ୍ୟକ ସାମଗ୍ରୀ** - ଅଖା

## ତୃତୀୟ ମାସ

### ତୃତୀୟ ସପ୍ତାହ / ଦ୍ୱିତୀୟ ଦିବସ

### ଶୀର୍ଷକ - "ନୂଆନୂଆ କାମ"

ଶିକ୍ଷଣ ଫଳାଫଳ - **HW. 3.18(c):** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (ଗୋଟିଏ ଜିନିଷ ଧରିବା ପାଇଁ ତିଣି ଆଙ୍ଗୁଠି ଓ ବୁଢ଼ାଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରିବେ ।

କାର୍ଯ୍ୟ- (୧) ଆଙ୍ଗୁଠିରେ ରଙ୍ଗକାମ - ଦଳଗତ କାର୍ଯ୍ୟ ସମୟ - ୧୦ ମିନିଟ୍

- ଶିକ୍ଷକ ପିଲାମାନଙ୍କୁ ଦଳରେ ବସାଇବେ ।
- ପ୍ରତିଦଳରେ ପିଲାମାନଙ୍କୁ ଧଳା କାଗଜ, ସ୍କେଚ / ରଙ୍ଗ ଦିଆଯିବ ।
- ସୂଚନା ଅନୁସାରେ ପିଲାମାନେ ଦଳରେ କଥା ହୋଇ, ଆଙ୍ଗୁଠିରେ ରଙ୍ଗ ବୁଡ଼ାଇ ଛାପକାମ କରିବେ । - ଫୁଲ, ଅଙ୍ଗୁର, ପିମ୍ପୁଡ଼ି, ଗଛ, କୁକୁଡ଼ାଛୁଆ, ମୋବାଇଲ, ଇତ୍ୟାଦି ।

କାର୍ଯ୍ୟ - (୨) ସ୍ପ୍ରେ ପେଣ୍ଟିଂ କାମ - ଦଳଗତ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -

- ପୂର୍ବ ପରି ପିଲାମାନଙ୍କୁ ଦଳରେ ବସାଯିବ ।
- ପ୍ରତି ଦଳରେ ଚାଲୁଣି, ପୁରୁଣା ଦାନ୍ତଘଷା ବ୍ରଶ ଓ ରଙ୍ଗ ଦିଆଯିବ ।
- ପ୍ରଥମେ ଶିକ୍ଷକ ନିଜେ ସ୍ପ୍ରେ ପେଣ୍ଟିଂ କରି ଦେଖାଇବେ, (ଯେକୌଣସି ପତ୍ର/ଫୁଲ ଉପରେ ଚାଲୁଣି ଘୋଡ଼ାଇ ରଖିବେ । ଦାନ୍ତଘଷା ବ୍ରଶକୁ ରଙ୍ଗରେ ବୁଡ଼ାଇ ଚାଲୁଣି ଉପରେ ଘଷିବେ ।)
- ପିଲାମାନଙ୍କୁ ନିଜେ ଏପରି କରିବାକୁ ଦିଆଯିବ ।

ଏହି କାମଟିକୁ ପିଲାମାନେ କାର୍ଯ୍ୟଫର୍ଦ୍ଦରେ କରିବେ ।

କାର୍ଯ୍ୟ - (୩) - ଦଳଗତ କାର୍ଯ୍ୟ ସମୟ - ୧୦ ମିନିଟ୍

କାର୍ଯ୍ୟ ସୂଚନା -

- ପିଲାମାନେ ନିଜ ମନରୁ ଏହି ଦୁଇ ପ୍ରକାର କାର୍ଯ୍ୟ ମିଶାଇ କିଛି ନୂଆ ଚିତ୍ର କରି ଶ୍ରେଣୀରେ ପ୍ରଦର୍ଶିତ କରିପାରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାର ସୂକ୍ଷ୍ମ ମାଂସପେଶୀର ଚାଳନା ଓ ବିକାଶ ସମ୍ଭବ ହୋଇପାରିବ ।

ଆବଶ୍ୟକ ସାମଗ୍ରୀ -

- ଧଳା କାଗଜ / ଡ୍ରଇଂ ସିଟ୍
- ଯେକୌଣସି ରଙ୍ଗ
- ପୁରୁଣା ଦାନ୍ତଘଷା ବ୍ରସ୍
- ଚାଲୁଣି

## ତୃତୀୟ ମାସ

### ତୃତୀୟ ସପ୍ତାହ / ତୃତୀୟ ଦିବସ

### ଶୀର୍ଷକ - "ବିନ୍ଦୁ ଯୋଡ଼ିବା"

**ଶିକ୍ଷଣ ଫଳାଫଳ -** **HW. 3.18(c):** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରି ରଖିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ (କିଛିକୁ ଧରିବା ପାଇଁ ବିଶି ଆଙ୍ଗୁଠି ଓ ବୁଢ଼ା ଆଙ୍ଗୁଠିର ସମନ୍ୱୟ) ବ୍ୟବହାର କରିବେ ।

**କାର୍ଯ୍ୟ - (୧) ବିନ୍ଦୁ ଖେଳ ଖେଳିବା - ଯୋଡ଼ି କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ଶ୍ରେଣୀର ପିଲାମାନଙ୍କୁ ଦୁଇଜଣ ଲେଖାଏଁ କରି ବସାଇବେ ।
- ସେମାନଙ୍କୁ ପରସ୍ପର ସହ ବିନ୍ଦୁ ଖେଳ - ନାମ ଲେଖ ଖେଳ ଖେଳିବାକୁ କହିବେ ।

ପ୍ରଣାଳୀ - ଧାଡ଼ି ଧାଡ଼ି କରି ବିନ୍ଦୁ କରାଯିବ । ଗୋଟିଏ ପିଲା ଗୋଟିଏ ଗାର ଓ ଅନ୍ୟଜଣେ ଆଉ ଗୋଟିଏ କରି ଗାର ପକାଇବେ । ଯେତେବେଳେ ଗୋଟିଏ ଘର ହୋଇଯିବ, ଯେଉଁ ପିଲାଟି ଘର ସମ୍ପୂର୍ଣ୍ଣ କରିଥିବ ତା'ର ନାମ ଲେଖାଯିବ । ଶେଷରେ ଅଧିକ ଘର କରିଥିବା ପିଲାଟି ବିଜୟୀ ହେବ ।

**କାର୍ଯ୍ୟ - (୨) ବିନ୍ଦୁ ଯୋଡ଼ି ଚିତ୍ର କର ଓ ରଙ୍ଗ ଦିଅ - ଦଳଗତ / ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**


କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଦଳ ଓ ପରେ ବ୍ୟକ୍ତିଗତ ଭାବରେ କାର୍ଯ୍ୟପତ୍ର ଦେବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀ ଚାଳନା ସମ୍ଭବ ହୋଇପାରିବ ।

ଆବଶ୍ୟକ ସାମଗ୍ରୀ -

- ବିନ୍ଦୁ ଖେଳ କାଗଜ
- ବିନ୍ଦୁ ଯୋଡ଼ି ଚିତ୍ର କର ଓ କାର୍ଯ୍ୟପତ୍ର
- ରଙ୍ଗ



## ତୃତୀୟ ମାସ

### ତୃତୀୟ ସପ୍ତାହ / ଚତୁର୍ଥ ଦିବସ

### ଶୀର୍ଷକ - "ମୋ କାମ କେଡ଼େ ସୁନ୍ଦର"

**ଶିକ୍ଷଣ ଫଳାଫଳ -** **HW. 3.10 :** ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ମତାମତ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିବ ।

**କାର୍ଯ୍ୟ - (୧)** ଆସ ସଜାଇବା – ଦଳଗତ କାର୍ଯ୍ୟ **ସମୟ - ୧୦ ମିନିଟ୍**

- ଶିକ୍ଷକ ପିଲାମାନଙ୍କୁ ସେମାନଙ୍କ ସଂଖ୍ୟା ଅନୁସାରେ ୪/୫ଟି ଦଳରେ ବସାଇବେ । ସମାନ ସଂଖ୍ୟା ଟା'ପିଆ କାଗଜ କପ୍ ପ୍ରତି ଦଳକୁ ଦେବେ ।
- ଦଳରେ ଆଲୋଚନା କରି କପ୍‌ଗୁଡ଼ିକୁ ସୁନ୍ଦର ରୂପେ ସଜାଅ' ସୂଚନା ଦିଆଯିବ ।
- ପ୍ରତି ଦଳ କପ୍ ସଜାଇ ସାରିବା ପରେ ତାହା ଶ୍ରେଣୀରେ ପ୍ରଦର୍ଶିତ କରାଯିବ ।
- ଦଳ ଅନୁସାରେ କିପରି କପ୍ ସଜାଇଲେ ତାହା ପିଲାମାନେ କହିବେ ।


**କାର୍ଯ୍ୟ - (୨)** ଯୋଡ଼ି କାର୍ଯ୍ୟ **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ପିଲାମାନେ ଦୁଇଜଣ ଲେଖାଏଁ ଏକାଠି ବସି ବିନ୍ଦୁ ଯୋଡ଼ି ବିଭିନ୍ନ ଡିଜାଇନ୍ (ସଂରଚନା) ତିଆରି କରିବେ ଓ ସେଥିରେ ରଙ୍ଗ ଦେବେ ।
- ପିଲାମାନଙ୍କ କାମକୁ ଶ୍ରେଣୀରେ ପ୍ରଦର୍ଶିତ କରାଯିବ ।
- ସେମାନେ କିପରି ଡିଜାଇନ୍ (ସଂରଚନା) ତିଆରି କଲେ, ବର୍ଣ୍ଣନା କରିବେ ।
- ଏହି କାର୍ଯ୍ୟଟି ପିଲାମାନେ କାର୍ଯ୍ୟପତ୍ରରେ କରିବେ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ପରସ୍ପର ସହ ଆଲୋଚନା କରି ଦଳଗତ ଭାବରେ ଯୋଡ଼ିରେ କାମ କରିବାର ଗୁରୁତ୍ୱ ଜାଣିବେ ।

ଆବଶ୍ୟକ ସାମଗ୍ରୀ = ୧୦ x ୧୦ ବିନ୍ଦୁ ଥିବା ସିଟ୍ ୧୫/୧୬ଟି



## ତୃତୀୟ ମାସ

**ତୃତୀୟ ସପ୍ତାହ / ପଞ୍ଚମ ଦିବସ**

**ଶୀର୍ଷକ - "ଟିକ୍‌ଟିକ୍"**

**ଶିକ୍ଷଣ ଫଳାଫଳ - HW. 3.11 :** ବଡ଼ ଦଳ ଏବଂ ଛୋଟ ଦଳରେ କାର୍ଯ୍ୟ କରୁଥିବା ସମୟରେ ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରିବା ।

**କାର୍ଯ୍ୟ - (୧) ଘଣ୍ଟାର କରାମତି - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା-

- ଶିକ୍ଷକ ପିଲାମାନଙ୍କୁ 'ଘ' ଆକୃତିରେ ଠିଆ କରିବେ ।
- ନିମ୍ନ ଶିଶୁଗୀତଟିକୁ ଅଭିନୟ କରି ଗାଇବେ ଓ ପିଲାମାନେ ତାଙ୍କୁ ଅନୁସରଣ କରି ଗାଇବେ ।

  "ଘଣ୍ଟା ଚାଲେ ଟିକ୍‌ଟିକ୍, ସମୟ କହେ ମୁଁ ଠିକ୍‌ଠିକ୍ ।
  ଅଳସୁଆ ଦୁଃଖ ପାଏ ନିତି, କାମିକାର ସୁଖ ସଦା ସାଥୀ ।
  ସମୟ ସାଥିରେ ଚାଲେ ଯିଏ, ବିଜୟୀ ଜୀବନ ହୁଏ ସିଏ ।"

**ବ୍ୟକ୍ତିଗତ କାର୍ଯ୍ୟ - ପ୍ରଶ୍ନ**

- ସମୟ ଅନୁସାରେ କାମ କଲେ କ'ଣ ହୁଏ ?
- ଠିକ୍ ସମୟରେ କାମ ନ ସାରିବା ବା ନକରିବା ଦ୍ୱାରା ତୁମେ କୌଣସି ଅସୁବିଧାରେ ପଡ଼ିଛ କି ? ଘଟଣାଟି କୁହ ।
- ଘଣ୍ଟା ଆମକୁ କିପରି ସାହାଯ୍ୟ କରେ ?
- ଶିକ୍ଷକ ଏହିପରି ପ୍ରଶ୍ନ ପିଲାମାନଙ୍କୁ ପଚାରିବେ ଓ ପ୍ରତି ପିଲା ଯେପରି ସକ୍ରିୟ ଭାବେ ଉତ୍ତର ଦେଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବେ ।

**କାର୍ଯ୍ୟ - (୨) ଆସ ଘଣ୍ଟା ତିଆରି କରିବା - ଦଳଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳ କରି ନିମ୍ନ ସାମଗ୍ରୀଗୁଡ଼ିକୁ ଦେବେ ।
- ଗୋଲାକାରରେ କଟାଯାଇଥିବା ଡ୍ରଇଁ ସିଟ୍, ଦୁଇଟି ଆଇସ୍‌କ୍ରିମ୍ କାଠି, ପୁରୁଣା କ୍ୟାଲେଣ୍ଡରର ଗୋଟିଏ ପୃଷ୍ଠା ଓ ଅଠା ।
- ପିଲାମାନେ ଶିକ୍ଷକଙ୍କ ସୂଚନା ଅନୁସାରେ ଦଳଗତ ଆଲୋଚନା କରି ଘଣ୍ଟା ତିଆରି କରିବେ ।
- ପିଲାମାନଙ୍କର କାର୍ଯ୍ୟ ଶ୍ରେଣୀରେ ପ୍ରଦର୍ଶିତ ହେବ ।
- ବ୍ୟକ୍ତିଗତ କାର୍ଯ୍ୟ ଘଣ୍ଟା କିପରି ତିଆରି କଲେ, ପିଲାମାନେ କହିବେ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ସହଭାଗୀତାରେ କିପରି କାର୍ଯ୍ୟ କରାଯାଏ, ତାହା ଜାଣିବେ ।

- ସମୟ ଅନୁସାରେ ନିଜ କାର୍ଯ୍ୟ ଶେଷ କରିବାରେ ସୁଫଳକୁ ଜାଣିବେ ।

**ଆବଶ୍ୟକ ସାମଗ୍ରୀ -** ଆଇସ୍‌କ୍ରିମ୍ କାଠି, ପୁରୁଣା କ୍ୟାଲେଣ୍ଡରର ଗୋଟିଏ ପୃଷ୍ଠା, ଡ୍ରଇଁ ସିଟ୍ ଓ ଅଠା

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ପ୍ରଥମ ଦିବସ**

**ଶୀର୍ଷକ - "ଅଙ୍କାବଙ୍କା ରାସ୍ତା"**

**ଶିକ୍ଷଣ ଫଳାଫଳ - HW. 3.16:** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ସାମର୍ଥ୍ୟ ସହିତ ସ୍ଥୂଳ ମାଂସପେଶୀ ଚାଳନା ଦକ୍ଷତା ପ୍ରଦର୍ଶନ କରେ । ଯଥା - ଚାଲିବା, ଡେଇଁବା, ଫିଙ୍ଗିବା, ମାରିବା ଏବଂ ଧରିବା ଇତ୍ୟାଦି ।

**କାର୍ଯ୍ୟ - (୧) ଖେଳ - ଅଙ୍କେଇବଙ୍କେଇ ଚାଲ - ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ମିନିଟ୍**

କାର୍ଯ୍ୟ ସୂଚନା-

- ଶିକ୍ଷକ ଲମ୍ବା ରଶି ନେଇ ତାହାକୁ ଅଙ୍କେଇବଙ୍କେଇ ପକାଇବେ ।
- ପ୍ରଥମେ ରଶିଟି କମ୍ ଅଙ୍କାବଙ୍କା ଥିବ ।
- ଦ୍ୱିତୀୟ ରଶି ପ୍ରଥମ ରଶିଠାରୁ ଅଧିକ ଅଙ୍କାବଙ୍କା ଥିବ ।
- ତୃତୀୟ ରଶିଟି ସବୁଠାରୁ ଅଧିକ ଅଙ୍କାବଙ୍କା ଥିବ ।
- ପିଲାମାନେ ଜଣଜଣ କରି କ୍ରମାନ୍ୱୟରେ ରଶି ଉପରେ ଚାଲିବେ ।
- ଚାଲିବା ସମୟରେ ପିଲାମାନେ ଠିକ୍ ଭାବରେ ସନ୍ତୁଳନ ରକ୍ଷା କରି ଚାଲିବା ଉପରେ ଗୁରୁତ୍ୱ ଦିଆଯିବ ।

**କାର୍ଯ୍ୟ - (୨) ଖସଡ଼ା ଖେଳ - ବ୍ୟକ୍ତିଗତ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟସୂଚନା -

- ଶିକ୍ଷକ ପିଲାମାନଙ୍କୁ ବିଦ୍ୟାଳୟରେ /ବିଦ୍ୟାଳୟ ପାଖରେ ଥିବା ପାର୍କକୁ ନେଇ ଖସଡ଼ା ଖେଳ ଖେଳାଇବେ ।
- ଖସଡ଼ା ଖେଳିଲାବେଳେ ପିଲାମାନେ ଠିକ୍ ଭାବରେ ପାହାଚ / ସିଢ଼ି ଚଢ଼ିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପ୍ରତ୍ୟେକ ପିଲା ଶରୀରର ସନ୍ତୁଳନ ରକ୍ଷା କରି ଚାଲିବ ଓ ପାହାଚ ଚଢ଼ିବାରେ ସକ୍ଷମ ହେବେ ।

**ଆବଶ୍ୟକ ସାମଗ୍ରୀ-** ରଶି, ଖସଡ଼ା

## ତୃତୀୟ ମାସ

### ଚତୁର୍ଥ ସପ୍ତାହ / ଦ୍ୱିତୀୟ ଦିବସ

### ଶୀର୍ଷକ - "ଆମ ବିଦ୍ୟାଳୟ"

**ଶିକ୍ଷଣ ଫଳାଫଳ -** **HW. 3.18(a):** ସଠିକତା ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀ ଚାଳନା ଦକ୍ଷତା ପ୍ରଦର୍ଶନ କରେ

କାର୍ଯ୍ୟ - (୧) ଆମ ବିଦ୍ୟାଳୟକୁ ଜାଣିବା - ସାମୂହିକ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-



- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ବିଦ୍ୟାଳୟରେ କ'ଣସବୁ ଅଛି ତାହା ଆଲୋଚନା କରିବେ ।

  ଆମେ ଏହାକୁ କିପରି ବ୍ୟବହାର କରୁ ?
- ଶିକ୍ଷକ ନିଜେ ବା ପିଲାମାନଙ୍କ ଦ୍ୱାରା କଳାପଟାରେ ଚକରେ

  ଏହିସବୁ ଚିତ୍ର ଆଙ୍କି ଦେବେ (ରେଖାଚିତ୍ର) ।

କାର୍ଯ୍ୟ - (୨) ଆମ ବିଦ୍ୟାଳୟର ଚିତ୍ର କରିବା - ଦଳଗତ କାର୍ଯ୍ୟ ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଛୋଟଛୋଟ ୪/୫ଟି ଦଳରେ ବସାଇବେ ।
- ପ୍ରତି ଦଳରେ ଧଳାକାଗଜ/ ଡ୍ରଇଂସିଟ୍/ ଖବରକାଗଜ ଓ ରଙ୍ଗୀନ କାଗଜ / ପତ୍ରପତ୍ରିକାର ରଙ୍ଗୀନ କାଗଜ, ଅଠା ଦିଆଯିବ ।
- ପିଲାମାନେ ରଙ୍ଗୀନ କାଗଜ ଚିରି / କାଟି, ଅଠାଦେଇ ନିଜ ବିଦ୍ୟାଳୟର ଗୃହ, ଗଛ ଆଦି ଚିତ୍ର କରିବେ ।

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପ୍ରତ୍ୟେକ ପିଲାର ସୂକ୍ଷ୍ମ ମାଂସପେଶୀର ଚାଳନା ଓ ବିକାଶ ସମ୍ଭବ ହୋଇପାରିବ

ଆବଶ୍ୟକ ସାମଗ୍ରୀ -

- ଧଳାକାଗଜ / ପୁରୁଣା ଖବରକାଗଜ
- ରଙ୍ଗୀନ କାଗଜ ବା ପତ୍ରପତ୍ରିକାର ରଙ୍ଗୀନ କାଗଜ
- ଅଠା

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ତୃତୀୟ ଦିବସ**

**ଶୀର୍ଷକ - "ମୋ ଚିତ୍ର, ମୋ କଥା"**


**ଶିକ୍ଷଣ ଫଳାଫଳ - HW. 3.1୪(c):** ଚିତ୍ର ଆଙ୍କିବା, ଚିତ୍ର କରିବା ଏବଂ ଲେଖିବା ପାଇଁ ଉପକରଣଗୁଡ଼ିକୁ ଧରିବା ଏବଂ ପରିଚାଳନା କରିବା ପାଇଁ ପିନ୍ସର ଗ୍ରିପ୍ ବ୍ୟବହାର କରିବେ ।

**କାର୍ଯ୍ୟ - (୧) ସୂତା, ସୁତୁଲି, ଲେସ୍ ବ୍ୟବହାର କରି ବିଭିନ୍ନ ପ୍ୟାଟର୍ନ (ଡିଜାଇନ) ତିଆରି କରିବା ।**

ଦଳଗତ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା-

- ଶିକ୍ଷକ ପିଲାମାନଙ୍କୁ ଛୋଟଛୋଟ ଦଳରେ ବସାଇବେ ।
- ପ୍ରତିଦଳରେ ମୋଟା ସୂତା ଓ ଅଠା ଦିଆଯିବ ।



- ପିଲାମାନଙ୍କୁ ରଙ୍ଗୀନ ପେନ୍ସିଲ୍ / ସ୍କେଚରେ ବିଭିନ୍ନ ଆକାର ଆଙ୍କିବାକୁ କୁହାଯିବ ।
- ସେହି ଆକାର ଧାରରେ ଅଠା ଲଗାଇ ମୋଟା ସୂତା ଦେଇ ପିଲାମାନେ ବିଭିନ୍ନ ଆକୃତି ତିଆରି କରିବେ ।

**କାର୍ଯ୍ୟ - (୨) ମାଳି ଗୁନ୍ଥିବା - ଦଳଗତ କାର୍ଯ୍ୟ** — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ ଛୋଟଛୋଟ ଦଳରେ ବସାଇବେ ।
- ପ୍ରତିଦଳରେ ମୋଟା ସୂତା ବା ତାର ଓ ବଡ଼ବଡ଼ ଗୋଲି (ମାଟି/କାଠ/ପ୍ଲାଷ୍ଟିକରେ ତିଆରି) ଦିଆଯିବ । ଆବଶ୍ୟକ ସ୍ଥଳେ ପତ୍ରକୁ ଭାଙ୍ଗି ସୂତାରେ ଗୁନ୍ଥି ମାଳ କରାଯିବ ।
- ପିଲାମାନେ ରଙ୍ଗୀନ ଗୋଲିଗୁଡ଼ିକୁ ବିଭିନ୍ନ ଡିଜାଇନରେ ଗୁନ୍ଥି ମାଳ କରିବେ ।

**ସଂକ୍ଷେପଣ** – ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନଙ୍କ ସୂକ୍ଷ୍ମ ମାଂସପେଶୀର ବିକାଶ ଓ ହାତ ଆଖିର ସମନ୍ୱୟ ସହ କାର୍ଯ୍ୟ କରିବାର କ୍ଷମତା ବିକାଶ ହୋଇ ପାରିବ ।

ଆବଶ୍ୟକ ସାମଗ୍ରୀ-

- ଧଳା କାଗଜ, ମୋଟା ସୂତା, ଅଠା, ରଙ୍ଗୀନ ପେନ୍ସିଲ୍ / କ୍ରେୟନ
- ବଡ଼ବଡ଼ ରଙ୍ଗୀନ ମାଳି

## ତୃତୀୟ ମାସ

### ଚତୁର୍ଥ ସପ୍ତାହ / ଚତୁର୍ଥ ଦିବସ

### ଶୀର୍ଷକ - "ହାତ ସଫା ତ ରୋଗ ସଫା"

**ଶିକ୍ଷଣ ଫଳାଫଳ - HW. 3.15 : ଘରେ, ପ୍ରାକ୍-ବିଦ୍ୟାଳୟରେ ଏବଂ ଖେଳ ପଡ଼ିଆରେ ନିରାପତ୍ତାର ସାଧାରଣ ନିୟମ ଅନୁସରଣ କରିବେ ।**

**କାର୍ଯ୍ୟ - (୧) ଆସ ଗପ ଶୁଣିବା - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇ 'ହାତୀ ଓ ପିମ୍ପୁଡ଼ି' ଗପ କହିବେ ।
- ଗପ କହିବା ପୂର୍ବରୁ ଶିକ୍ଷକ ନିମ୍ନରେ ଦିଆଯାଇଥିବା ସୂଚନା ଦେବେ ।
  (ଗପରେ ହାତୀ ଶୁଣିଲେ 'ପେଁ' କହିବ ଓ ପିମ୍ପୁଡ଼ି ଶୁଣିଲେ ଛିଙ୍କିବ ।)
- ଶିକ୍ଷକ ଗପ କହିବେ ଓ ପିଲାମାନଙ୍କ ଅଭିନୟକୁ ଲକ୍ଷ୍ୟ କରିବେ ।

ଗପ - ବଣ ଭିତରେ ହାତୀଟିଏ ଥିଲା । କିଛି ଦୂରରେ ପିମ୍ପୁଡ଼ିମାନେ ରହୁଥିଲେ । ଦିନେ ହାତୀ ଯିବାବେଳେ ପିମ୍ପୁଡ଼ିଟିଏ ଆଗକୁ ଆସିଲା । ହାତୀ ତାକୁ ଦେଖିପାରିଲା ନାହିଁ । ପିମ୍ପୁଡ଼ି ହାତୀ ଗୋଡ଼ରେ ଚଢ଼ିଗଲା । ସେ ହାତୀର ଗୋଡ଼କୁ କାମୁଡ଼ିଦେଲା । ହାତୀକୁ ଭାରି କାଟିଲା, ସେ ରଡ଼ି ପକାଇଲା ।

- ହାତୀ କାହିଁକି ରଡ଼ି ପକାଇଲା ?
- କେଉଁସବୁ ପରିସ୍ଥିତିରେ ତୁମକୁ କଷ୍ଟ ହୋଇଥାଏ ?
- ଘରେ / ବିଦ୍ୟାଳୟରେ ତୁମେ କେଉଁସବୁ ଅସୁବିଧାର ସାମ୍ନା କରିଥାଅ ?
- ଏଥିରୁ ରକ୍ଷାପାଇବା ପାଇଁ ଆମେ କ'ଣ କରିବା ?

**କାର୍ଯ୍ୟ - (୨) ହାତ ଧୋଇବା - ସାମୂହିକ କାର୍ଯ୍ୟ** **ସମୟ - ୧୫ ମିନିଟ୍**

କାର୍ଯ୍ୟ ସୂଚନା -

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ଶିକ୍ଷକ ନିଜେ ସେମାନଙ୍କ ସାମ୍ନାରେ ଠିଆ ହେବେ ।
- ସେ ପିଲାମାନଙ୍କୁ ହାତ ଧୋଇବାର ବିଭିନ୍ନ ସୋପାନ ନିଜେ କରି ଦେଖାଇବେ ।
- ପିଲାମାନେ ଅଭିନୟ କରି ବିଭିନ୍ନ ସୋପାନ ଦେଖାଇବେ ।
- ପିଲାମାନଙ୍କୁ ଟ୍ୟାପ୍ ପାଖକୁ ନିଆଯିବ ଓ ସେମାନେ ଜଣେଜଣେ କରି ସାବୁନ୍ ବା handwash ଓ ପାଣି ନେଇ ହାତ ଧୋଇବେ ।
- ହାତ ଧୋଇବାର ଆବଶ୍ୟକତା ବିଷୟରେ ଶିକ୍ଷକ ଆଲୋଚନା କରିବେ ।

**ସଂକ୍ଷେପଣ** - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ନିରାପତ୍ତାର ନିୟମ ବୁଝି ସେହି ଅନୁସାରେ କାମ କରିବେ ।

ଆବଶ୍ୟକ ସାମଗ୍ରୀ -

- ପାଣି
- handwash / ସାବୁନ୍
- ଗପ ଚାର୍ଟ

## ଚତୁର୍ଥ ସପ୍ତାହ / ପଞ୍ଚମ ଦିବସ

## ଶୀର୍ଷକ - "ମିଳିମିଶି ଖେଳିବା"

ଶିକ୍ଷଣ ଫଳାଫଳ - **HW. 3.12 :** ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ସହିତ ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀଙ୍କ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିବେ ଏବଂ ସେମାନଙ୍କୁ ଗ୍ରହଣ କରିବେ ।

କାର୍ଯ୍ୟ - (୧) ସଭିଏଁ ମିଳିମିଶି ଖେଳିବା

ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶିକ୍ଷକ ପ୍ରତ୍ୟେକ ପିଲା (ଦିବ୍ୟାଙ୍ଗପିଲାଙ୍କୁ ମିଶାଇ) ଖେଳରେ ଭାଗନେଇ କେଉଁ ଖେଳ ଖେଳି ହେବ ପଚାରିବେ । ସେଥିପାଇଁ ପ୍ରତିପିଲାଙ୍କୁ ଚିନ୍ତା କରିବାକୁ କହିବେ ।
- ପିଲାମାନଙ୍କ ମତାମତ ନେଇ ଖେଳ କରାଯିବ ।
- ମ୍ୟୁଜିକ୍ ଚେୟାର ଖେଳ ପାଇଁ ଦୃଷ୍ଟିବାଧିତ / ଚଳନବାଧିତ ପିଲାଙ୍କୁ ଖେଳ ପରିଚାଳନା ପାଇଁ ଦାୟିତ୍ୱ ଦିଆଯିବ ।
- ସେହି ପିଲାଟି ମଝିରେ ରହି ହ୍ୱିସିଲ୍ ବଜାଇଲେ ଅନ୍ୟ ପିଲାମାନେ ଚାଲିବେ ଓ ଚୌକିରେ ବସିବେ ।
- ଏହିଭଳି ଦିବ୍ୟାଙ୍ଗ ପିଲାଟି ଖେଳରେ ଭାଗ ନେଇପାରିବ ।

କାର୍ଯ୍ୟ - (୨) ସାହାଯ୍ୟ କରିବା

ସାମୂହିକ କାର୍ଯ୍ୟ — ସମୟ - ୧୫ ମିନିଟ୍

କାର୍ଯ୍ୟ ସୂଚନା -

- ଶ୍ରେଣୀର କିଛି ପିଲାଙ୍କ ଆଖିରେ ପଟି ବାନ୍ଧି ଦିଆଯିବ ।
- ଅନ୍ୟ ପିଲାମାନେ ସେହି ପିଲାଙ୍କୁ ସାହାଯ୍ୟ କରି ମଧ୍ୟାହ୍ନ ଭୋଜନ ଗୃହ, ଶୌଚାଳୟ, ବିଦ୍ୟାଳୟର ଅନ୍ୟ ସ୍ଥାନକୁ ନେବାରେ ଓ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବାର ଅଭିନୟ କରିବେ ।
- ଏହି ଅଭିନୟ କ୍ରମାନ୍ୱୟରେ ପ୍ରତ୍ୟେକ ପିଲା କରିବେ ।

ସଂକ୍ଷେପଣ - ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାଙ୍କ ମନରେ ଦିବ୍ୟାଙ୍ଗ ପିଲାଙ୍କ ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଇବ ।

- ସେହି ପିଲାଙ୍କ ଆବଶ୍ୟକତା ଅନୁସାରେ ଅନ୍ୟମାନେ ତାଙ୍କୁ ସାହାଯ୍ୟ କରିବେ ।

ଆବଶ୍ୟକ ସାମଗ୍ରୀ -

- କପଡ଼ା ପଟି / ରୁମାଲ / ହ୍ୱିସିଲ୍
- ମ୍ୟୁଜିକ୍ ଚେୟାର ଖେଳ ପାଇଁ ଚେୟାର ବା ଇଟା ।

# ବିକାଶାତ୍ମକ ଲକ୍ଷ୍ୟ - ୨ (DG - 2)

### ପ୍ରଥମ ମାସ

**ସପ୍ତାହ - ୧ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ନାମ ଖେଳ"**

କାର୍ଯ୍ୟ:- ମୋ ନାମ ମୁଁ କହିବି - ସାମୂହିକ କାର୍ଯ୍ୟ ସମୟ : ୪୦ ମିନିଟ୍

ଶିକ୍ଷଣ ଫଳାଫଳ : **ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ଅର୍ଦ୍ଧଗୋଲାକାରରେ ଠିଆ କରାଇବେ ।
- ଶିକ୍ଷକ ନିମ୍ନରେ ଦିଆଯାଇଥିବା ଗୀତ ଗାଇବେ । ଶିକ୍ଷାର୍ଥୀମାନେ ଗୀତଟିକୁ ପାଳି ଧରି ଗାଇବେ ।
- ଗୀତ ସରିଲା ପରେ ଯେଉଁ ପିଲାକୁ ଡାକିବେ ସେ ନିଜ ନାମ କହିବ ।
- ଏହି କାର୍ଯ୍ୟ ଶ୍ରେଣୀର ସମସ୍ତଙ୍କ ପାଇଁ କରାଯିବ ।
- ମଝିରେ ମଝିରେ ପିଲାମାନେ ଶୁଣୁଛନ୍ତି କି ନାହିଁ ଜାଣିବା ପାଇଁ ଶୁଣିଥିବା ତାଙ୍କ ସାଥୀମାନଙ୍କ ନାମ କହିବା ପାଇଁ କହିବେ ।

ଆସରେ ପିଲାଏ ଆସ
ମୋ ପାଖକୁ ଆସ
ମୋ ନାମ ତୁମେ ନିଅ ଜାଣି
ସମସ୍ତଙ୍କୁ ଚିହ୍ନ ଶୁଣି ଶୁଣି

**ସଂକ୍ଷେପଣ** - ଶ୍ରେଣୀର ପ୍ରତ୍ୟେକ ପିଲା ପରସ୍ପରକୁ ଚିହ୍ନିବା ସହ ଶିକ୍ଷକଙ୍କୁ ଚିହ୍ନିବେ ।

## ପ୍ରଥମ ମାସ

**ସପ୍ତାହ - ୧ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : ଆସ ଆମ ଘର ଦେଖିବା ଓ ଘର ଜିନିଷ ଚିହ୍ନିବା**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

**ସାମୂହିକ କାର୍ଯ୍ୟ :-** ସମୟ : ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଏହା ପରେ ଶିକ୍ଷକ ଘରର ମଡ଼େଲ ଦେଖାଇବେ ଓ ଗୀତଟିଏ ଗାଇବେ ।

ଏଇଟି ଆମର ସୁନ୍ଦର ଘର,

ଏ ଘର ଭିତର ସଫା ସୁତର ।

ଏଇ ଘରେ ଆମେ ଏକାଠି ବସୁ, ଏକାଠି ହସୁ, ଏକାଠି ଖାଉ, ଏଇଠି ଶୋଉ

ବୁଢ଼ୀମା ପାଖେ, ଗପ ଶୁଣୁ ଶୁଣୁ ନିଦଟି ଆସେ ।

- ଶିକ୍ଷକ ତଳେ ଦିଆଯାଇଥିବା ପ୍ରଶ୍ନ ପଚାରିବେ ।
  - ଏହା କ'ଣ ଅଟେ (ଘରର ମଡ଼େଲ ଦେଖାଇ)
  - ତୁମ ଘରେ କିଏ ସବୁ ଅଛନ୍ତି ?
  - ଘରେ ତୁମକୁ କିଏ ଗପ କୁହନ୍ତି ?
  - ତୁମ ଘରେ କ'ଣ ସବୁ ଜିନିଷ ଅଛି ?
  - ତୁମ ଘରେ କେଉଁ ପଶୁ ଅଛନ୍ତି ?

(ଶିକ୍ଷକ ଏହି ଭଳି ଘର ସମ୍ପର୍କିତ ପ୍ରଶ୍ନ ପିଲାଙ୍କୁ ପଚାରିବେ)

**ସଂକ୍ଷେପଣ** – ଶ୍ରେଣୀର ପ୍ରତ୍ୟେକ ପିଲା ନିଜ ଘରେ ଥିବା ଜିନିଷ ଓ ରହୁଥିବା ଲୋକ ଓ ପଶୁପକ୍ଷୀଙ୍କ ନାମ କହିବେ ।

**ଆବଶ୍ୟକ ସାମଗ୍ରୀ** : ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଘରର ମଡ଼େଲ ।

## ପ୍ରଥମ ମାସ

**ସପ୍ତାହ - ୧ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ନାମ ଓ କାମ"**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

**ସାମୂହିକ କାର୍ଯ୍ୟ:** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ପ୍ରତ୍ୟେକ ପିଲାଙ୍କୁ ତଳେ ଦିଆଯାଇଥିବା ପ୍ରଶ୍ନ ପଚାରିବେ ।
  - ତୁମ ମାଆ ଘରେ କେଉଁ ସବୁ କାମ କରନ୍ତି ?
  - ତୁମ ବାପା ଘରେ କେଉଁ ସବୁ କାମ କରନ୍ତି ?
  - ତୁମ ଭାଇ ଘରେ କେଉଁ ସବୁ କାମ କରନ୍ତି ?
  - ତୁମ ଭଉଣୀ ଘରେ କେଉଁ ସବୁ କାମ କରନ୍ତି ?
  - ତୁମ ଦାଦା / ଖୁଡ଼ୀ ଘରେ କେଉଁ ସବୁ କାମ କରନ୍ତି ?
  - ତୁମେ ଘରେ କି କି କାମ କର ?

(ଶିକ୍ଷକ ଏହିଭଳି ଅନେକ ପ୍ରଶ୍ନ ପିଲାଙ୍କୁ ପଚାରିବେ ।)

**ସଂକ୍ଷେପଣ -** ଶ୍ରେଣୀର ପ୍ରତ୍ୟେକ ପିଲା ଘରେ ରହୁଥିବା ଲୋକଙ୍କ କାମ କହିବେ ।

## ପ୍ରଥମ ମାସ

ସପ୍ତାହ - ୧ / ଦିବସ - ୪

**ଶିକ୍ଷଣ କାର୍ଯ୍ୟ : ମୁଁ, ମୁଁ ନୁହେଁ**

**ଯୋଡ଼ି କାର୍ଯ୍ୟ: ଅଭିନୟ** **ସମୟ : ୪୦ ମିନିଟ୍**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

**ଯୋଡ଼ିକାର୍ଯ୍ୟ - ଅଭିନୟ**

**କାର୍ଯ୍ୟ ପ୍ରଣାଳୀ:**

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ନିଜର ସାଥୀ ଯୋଡ଼ି ବାଛିବା ପାଇଁ କହିବେ ।
- ଚରିତ୍ର ନାମ / ଚିତ୍ର ଥିବା କାର୍ଡ ପ୍ରତ୍ୟେକ ଯୋଡ଼ି ଚୟନ କରିବେ ।
- ଏହା ପରେ ପ୍ରତ୍ୟେକ ଯୋଡ଼ିକୁ ଶ୍ରେଣୀ ସମ୍ମୁଖରେ ନିଜ ପରିବାର ସଦସ୍ୟଙ୍କ ସହ କଥା ହେବାର ଅଭିନୟ କରିବା ପାଇଁ କହିବେ ।
- ଯେପରି ଜେଜେ-ନାତି, ମା-ପିଲା, ଭାଇ-ଭଉଣୀ (ପିଲା ନିଜ ଇଚ୍ଛା ଅନୁସାରେ ଚରିତ୍ର ଚୟନ କରିବେ)
- ଏହିଭଳି ପ୍ରତ୍ୟେକ ଯୋଡ଼ି ଅଭିନୟ କରିବେ ।

**ସଂକ୍ଷେପଣ** – ପିଲାମାନେ ନିଜ ପରିବାରର ସଦସ୍ୟମାନଙ୍କର ଅଭିନୟ କରିବେ ।

**ଆବଶ୍ୟକ ସାମଗ୍ରୀ :** ଚରିତ୍ର ନାମ / ଚିତ୍ର ଥିବା କାର୍ଡ ପରିବାର ସଦସ୍ୟଙ୍କ ନାମ (ବାପା, ମା, ଭାଇ, ଭଉଣୀ, ଜେଜେମା, ଜେଜେବାପା, କାକା, ଖୁଡ଼ୀ, ମାମୁ-ମାଇଁ ଇତ୍ୟାଦିଙ୍କ ନାମ ଲେଖାଥିବା)

## ପ୍ରଥମ ମାସ

ସପ୍ତାହ - ୧ / ଦିବସ - ୫

**ଶିକ୍ଷଣ କାର୍ଯ୍ୟ : ଚାଲ ବଲ୍ ଖେଳିବା**

ସାମୂହିକ କାର୍ଯ୍ୟ : ଖେଳ

ସମୟ : ୪୦ ମିନିଟ୍

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଗୋଲ ଆକୃତିରେ ବସାଇବେ ।
- ଗୋଟିଏ ପିଲାକୁ ବଲଟିଏ ଦେବେ । ସେହି ପିଲାଟି ବଲଟି ଜଣଙ୍କ ପାଖରୁ ଆଉ ଜଣଙ୍କ ପାଖକୁ ଦେବାକୁ କହିବେ ।
- ଶିକ୍ଷକ ତାଳି ବଜାଇଲେ ଯାହା ପାଖରେ ବଲଟି ଥିବ ସେହି ପିଲାଟି ଶିକ୍ଷକଙ୍କ ସୂଚନା ଅନୁଯାୟୀ କାର୍ଯ୍ୟ କରିବ ।

ସୂଚନା : ଶିକ୍ଷକ 'ତୁମ ଘରକୁ କିଏ ସବୁ ଆସନ୍ତି' ପ୍ରଶ୍ନ ପଚାରିବେ ଓ କଥାକୁ ଆଗେଇ ନେବେ । ଯେପରିକି; ତୁମ ଘରକୁ କିଏ ଆସନ୍ତି ? ତୁମ ପାଇଁ କ'ଣ ସବୁ ଆଣନ୍ତି ? ତୁମ ସହ କ'ଣ କଥା ହୁଅନ୍ତି ? ତୁମ ମା ତାଙ୍କୁ କ'ଣ ଖାଇବାକୁ ଦିଅନ୍ତି ?...

ଆବଶ୍ୟକ ସାମଗ୍ରୀ : ବଲ୍

## ପ୍ରଥମ ମାସ

ସପ୍ତାହ - ୨ / ଦିବସ : ୧

## ଶିକ୍ଷଣ କାର୍ଯ୍ୟ : "ଆସ ଗୀତ ଗାଇବା"


**ଶିକ୍ଷଣ ଫଳାଫଳ : ECL1 3.4 (a) :** ପସନ୍ଦର କବିତା ଓ ଗୀତ ଗୁଡ଼ିକ ନିଜ ଭାଷାରେ ଆବୃତ୍ତି କରିବା ବେଳେ ସ୍ୱରର ଉତ୍ଥାନ ପତନ ଏବଂ ସମତା ରକ୍ଷା କରିବ ।

ସାମୂହିକ କାର୍ଯ୍ୟ: ସମୟ : ୪୦ ମିନିଟ୍

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ଛିଡ଼ା କରାଇବେ ।
- ନିଜେ ଅଭିନୟ କରି ଶରୀର ଆଧାରିତ ଗୀତଟିଏ ଗାଇବେ ଓ ପିଲାମାନେ ତାଙ୍କୁ ଅନୁସରଣ କରିବେ ।
- ଗୀତ:

ଏକଟି ମୋର ଦେହ, ଦେହରେ ଗୋଟେ ମୁହଁ
ମୁହଁରେ ଦୁଇ ଆଖି, ନାକର ପାଖାପାଖି
କାନକୁ ଗଲେ ଶୁଭି, ମନରେ ହୁଏ ଭାବି
ଖାଇବା ବାସନା ବାରି, ପାଟିଟା ହୁଏ ଭାରି
ଦେହର ଭଳି ଭଳିକା କଥା, ଶୁଣିଲେ ଘୁରିବ ମଥା ।

- ପ୍ରତ୍ୟେକ ପିଲା ସେହି ଗୀତକୁ ଅଭିନୟ ସହ ଗାଇବେ ।
- ଶରୀରର ବିଭିନ୍ନ ଅଂଶର ନାମ ଓ ସେଗୁଡ଼ିକର କାମ ବିଷୟରେ ପ୍ରଶ୍ନ ପଚାରିବେ ।



## ପ୍ରଥମ ମାସ

**ସପ୍ତାହ - ୨ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ବଲ୍ ତୋର, କଥା ମୋର"**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

ସାମୂହିକ କାର୍ଯ୍ୟ : ଖେଳ                                        ସମୟ : ୪୦ ମିନିଟ୍

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଗୋଲ ଆକୃତିରେ ବସାଇବେ । ଗୋଟିଏ ପିଲାକୁ ବଲଟିଏ ଦେବେ । ସେହି ପିଲା ଶ୍ରେଣୀର ଯେ କୌଣସି ପିଲାକୁ ବଲଟି ପକେଇବ । ବଲ୍ ପାଇବା ପିଲାଟି ନିଜ ଶରୀରର କୌଣସି ଏକ ଅଙ୍ଗ ବିଷୟରେ କହିବ । (ଶିକ୍ଷକ ପିଲାମାନଙ୍କୁ ଶରୀରର ବିଭିନ୍ନ ଅଂଗ ବିଷୟରେ ପ୍ରଶ୍ନ ପଚାରିବେ । ଯେପରି : ତୁମ ଆଖି ବିଷୟରେ କୁହ ।

**ସଂକ୍ଷେପଣ :** ପିଲାମାନେ ନିଜ ଶରୀରର ଅଙ୍ଗ ବିଷୟରେ କହିବେ ।

## ପ୍ରଥମ ମାସ

**ସପ୍ତାହ - ୨ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଗୀତରେ ଗୀତରେ"**

ସାମୂହିକ କାର୍ଯ୍ୟ :                                        ସମୟ : ୪୦ ମିନିଟ୍

**ଶିକ୍ଷଣ ଫଳାଫଳ : ECL1 3.4 (a) :** ପସନ୍ଦର କବିତା ଓ ଗୀତ ଗୁଡ଼ିକ ନିଜ ଭାଷାରେ ଆବୃତ୍ତି କରିବା ବେଳେ ସ୍ୱରର ଉତ୍‌ଥାନ ପତନ ଏବଂ ସମତା ରକ୍ଷା କରିବ ।

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ଓ ଶରୀର ସମ୍ବନ୍ଧୀୟ ଗୀତ ଗାଇବେ ।

    ଏଇ ଯେ ମୋର ହାତ

    ଏଇ ହାତରେ ଖାଏ ମୁଁ ଭାତ ।

- ଏହିପରି ପିଲାଙ୍କୁ ନିଜ ଅନୁଭୂତିରୁ ଏକ ଗୀତ ଗାଇବା ପାଇଁ କହିବେ ।
- ପ୍ରତ୍ୟେକ ପିଲା ଗୀତକୁ ଅଭିନୟ ସହ ଗାଇବେ ।

  (ବି.ଦ୍ର : ପିଲାମାନେ ଶରୀରର କୌଣସି ଏକ ଅଙ୍ଗ ଆଧାରରେ ଗୀତ ଗାଇବେ ।)

**ସଂକ୍ଷେପଣ** - ପିଲାମାନେ ଶରୀରର ବିଭିନ୍ନ ଅଙ୍ଗର କାମ ବିଷୟରେ କହିବେ ।

## ପ୍ରଥମ ମାସ

**ସପ୍ତାହ - ୨ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଚିତ୍ରଟିକୁ ଧାଡ଼ିଟିଏ"**

**ଶିକ୍ଷଣ ଫଳାଫଳ : ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ: ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ:

ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଶିକ୍ଷଣ କୋଣରୁ ଶରୀର ସମ୍ପର୍କିତ ଗପ ବହି ବାଛି ଆଣିବା ପାଇଁ କହିବେ ଯେଉଁଥିରେ ଶରୀରର ଚିତ୍ର ସହ ବାକ୍ୟ ଥିବ (ଆବଶ୍ୟକ ସ୍ଥଳେ ଶିକ୍ଷକ ଚିତ୍ର ସଂଗ୍ରହ କରି ସେ ସମ୍ପର୍କିତ ବାକ୍ୟ ଲେଖି ଗପ ବହି ପ୍ରସ୍ତୁତ କରିବେ) । ପିଲାମାନେ ବହିର ଚିତ୍ର ଦେଖି ସେଥିରେ କ'ଣ ଲେଖା ହୋଇଥିବ ଅନୁମାନ କରି କହିବେ ।

ଯେପରି: ଆମ୍ବ ତୋଳିବା ପାଇଁ ହାତ ବଢ଼ାଉଛି, ହାତ ନପାଇବାରୁ ଡେଇଁଛି, ସିଡ଼ି ପକାଇ ଚଢୁଛି, ପାଇଲା ପରେ ଖୁସିରେ ହସୁଛି ।

**ସଂକ୍ଷେପଣ** - ପିଲାମାନେ ଗପଟିକୁ କ୍ରମ ଅନୁସାରେ କହିବେ ।

ଆବଶ୍ୟକ ସାମଗ୍ରୀ - ଗପ ବହି

## ପ୍ରଥମ ମାସ

**ସପ୍ତାହ - ୨ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଚାଲ ଖୋଜିବା"**

**ଶିକ୍ଷଣ ଫଳାଫଳ : ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ: ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଶିକ୍ଷଣ କୋଣରୁ ଶରୀର ସମ୍ପର୍କିତ ଗପ ବହି ବାଛି ଆଣିବା ପାଇଁ କହିବେ ଯେଉଁଥିରେ ଶରୀରର ଚିତ୍ର ସହ ବାକ୍ୟ ଥିବ ।
- ଶିକ୍ଷକ ସେହି ଗପରୁ ଶବ୍ଦ କହିବେ ଓ ପିଲାମାନେ ସେହି ଶବ୍ଦଗୁଡ଼ିକୁ ଖୋଜି ଦେଖାଇବେ । ଯେପରି : ହାତ, ପାଦ, କାନ, ଆଖି, ପାଟି ଇତ୍ୟାଦି ଶବ୍ଦ ଖୋଜି ଦେଖାଇବେ (ଅବନ୍ଧା ଅକ୍ଷର ଓ ମାତ୍ରା ଯୁକ୍ତ) ।

**ସଂକ୍ଷେପଣ** - ପିଲାମାନେ ଶବ୍ଦ ଖୋଜି ଦେଖାଇବେ ।

ଆବଶ୍ୟକ ସାମଗ୍ରୀ - ଗପ ବହି



ପିଲାଟି ଆମ୍ବ ତୋଳିବା ପାଇଁ ହାତ ବଢ଼ାଉଛି ।



ହାତ ନ ପାଇବାରୁ ଡେଉଁଛି ।



ସିଢ଼ି ପକାଇ ଆମ୍ବ ତୋଳୁଛି ।।

## ପ୍ରଥମ ମାସ

**ସପ୍ତାହ - ୩ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଖାଇଥିଲେ ଚିହ୍ନିବା"**

ଶିକ୍ଷଣ ଫଳାଫଳ : **ECL1 3.5 (b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

ଦଳଗତ କାର୍ଯ୍ୟ: ସମୟ : ୪୦ ମିନିଟ୍

କାର୍ଯ୍ୟପ୍ରଣାଳୀ

- ଶିକ୍ଷକ ପ୍ରଥମେ ପିଲାମାନଙ୍କୁ ଦଳରେ ଭାଗକରି ବସାଇବେ ।
- ପ୍ରତ୍ୟେକ ଦଳକୁ ବିଭିନ୍ନ ପ୍ରକାର ପରିବା ଓ ଫଳର ମଡେଲ ଦେବେ ।
- କଥା ହୋଇ ସେଗୁଡ଼ିକୁ ଚିହ୍ନିବା ପାଇଁ ସୂଚନା ଦେବେ ।
- ପରେ ଦଳରେ କହିବାକୁ କହିବେ ।
- ପ୍ରତ୍ୟେକ ପିଲାଙ୍କୁ କହିବାର ସୁଯୋଗ ଦିଆଯିବ ।

ଆବଶ୍ୟକ ସାମଗ୍ରୀ - ପରିବା ଓ ଫଳର ମଡେଲ

ସଂକ୍ଷେପଣ - ପିଲାମାନେ ନିଜ ଅନୁଭୂତିରୁ ପରିବା ଓ ଫଳ ଚିହ୍ନି କହିବେ ।

## ପ୍ରଥମ ମାସ

**ସପ୍ତାହ - ୩ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ତୁମ ପାଖରେ ଅଛି କି ଭାଇ ତୁମ ପାଖରେ ଅଛି"**

ଶିକ୍ଷଣ ଫଳାଫଳ : **ECL1 3.5 (b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ପିଲାଙ୍କୁ ଦଳରେ ବସାଇ ବିଭିନ୍ନ ପ୍ରକାର ପରିବା ଓ ଫଳର ମଡେଲ ଦେବେ ।
- ଗୋଟିଏ ଦଳର ଗୋଟିଏ ପିଲା ଏକ ପରିବା / ଫଳ ଦେଖାଇ ପଚାରିବ "ତୁମ ପାଖରେ ଅଛି କି ଭାଇ ତୁମ ପାଖରେ ଅଛି" ।
- ଯେଉଁ ଦଳ ପାଖରେ ସେହି ପରିବା / ଫଳଟି ଥିବ ସେ କହିବ "ମୋ ପାଖରେ ଅଛି ଭାଇ ମୋ ପାଖରେ ଅଛି" କହି ଦେଖାଇବେ ଓ ସେହି ଫଳର ନାମ କହିବେ ।

ସଂକ୍ଷେପଣ - ପିଲାମାନେ ବିଭିନ୍ନ ପ୍ରକାର ପରିବା ଓ ଫଳକୁ ଚିହ୍ନଟ କରିବେ ।

ଆବଶ୍ୟକ ସାମଗ୍ରୀ - ପରିବା ଓ ଫଳର ମଡେଲ

## ପ୍ରଥମ ମାସ

**ସପ୍ତାହ - ୩ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଶୁଣ ଓ କୁହ"**

**ଶିକ୍ଷଣ ଫଳାଫଳ : ECL1 3.7 :** ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବ ।

**ସାମୂହିକ କାର୍ଯ୍ୟ:** ସମୟ : ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ:**

- ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଶିକ୍ଷକ କାର୍ଡବୋର୍ଡ଼ରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିବା ଅନୁଚ୍ଛେଦଟିକୁ କାନ୍ଥରେ ଟାଙ୍ଗି ବାରମ୍ବାର ଆଙ୍ଗୁଳି ରଖି ପଢ଼ିବେ ।
- ପିଲାମାନେ ମଧ୍ୟ ଆଙ୍ଗୁଳି ରଖି ପଢ଼ିବେ ।
- ପଢ଼ି ସାରିବା ପରେ କେଉଁ ଅକ୍ଷର ବାରମ୍ବାର ବ୍ୟବହାର ହୋଇଅଛି ତାକୁ କହିବାକୁ କହିବେ ।

ଅନୁଚ୍ଛେଦ :

ଚମ୍ପା ଚପଲ ପିନ୍ଧି ଚମାର ସାହିକୁ ଚାଲିଚାଲି ଗଲା । ଚକରା ଘରେ ପହଞ୍ଚିଲା । ଚକରା ଚା' ପିଉଥାଏ । ଚମ୍ପାକୁ ଦେଖି ଚକରା ତା' ବାଡ଼ି ବଗିଚାରେ ଫଳିଥିବା ଅନେକ ପନିପରିବାକୁ ଦେଖାଇଲା । ଚମ୍ପା, ଚକରାର ବଗିଚା ଦେଖି ଖୁସି ହେଲା ।

**ଆବଶ୍ୟକ ସାମଗ୍ରୀ** – କାର୍ଡବୋର୍ଡ଼

**ସଂକ୍ଷେପଣ** – ପିଲାମାନେ ଏଠାରେ 'ଚ' ଅକ୍ଷରଟିକୁ ଚିହ୍ନିବେ ।

## ପ୍ରଥମ ମାସ

**ସପ୍ତାହ - ୩ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଚାଲ ବୁଲି ଦେଖିବା"**

**ଶିକ୍ଷଣ ଫଳାଫଳ : ECL1 3.5(b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ:** ସମୟ : ୪୦ ମିନିଟ୍

**କାର୍ଯ୍ୟ ସୂଚନା / ପ୍ରଣାଳୀ:**

- ଶିକ୍ଷକ ନିଜ ତତ୍ତ୍ୱାବଧାନରେ ପିଲାମାନଙ୍କୁ ନେଇ ବିଦ୍ୟାଳୟର ବାଡ଼ିବଗିଚା ବୁଲି ଦେଖାଇବା ପାଇଁ ଯିବେ ।
- ପରେ ଶ୍ରେଣୀଗୃହରେ ପିଲାମାନଙ୍କୁ U ଆକୃତିରେ ବସାଇବେ ଓ ବିଦ୍ୟାଳୟ ବାଡ଼ିବଗିଚାରେ ଦେଖିଥିବା ଫୁଲଫଳ ଓ ପରିବାର ନାମ କହିବାକୁ କହିବେ ।
- ଶିକ୍ଷକ ଉଦାହରଣ ସହ ଏକ ପୂର୍ଣ୍ଣ ବାକ୍ୟ କହିବେ ଓ ସେହିପରି କହିବା ପାଇଁ ପିଲାଙ୍କୁ ସୂଚନା ଦେବେ । ଯେପରି 'ମୁଁ ବାଡ଼ିରେ ପିଜୁଳିଗଛ ଦେଖିଲି ।'

**ସଂକ୍ଷେପଣ** – ପିଲାମାନେ ପୂର୍ଣ୍ଣ ବାକ୍ୟ କହିବେ ।

## ପ୍ରଥମ ମାସ

**ସପ୍ତାହ - ୩ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଗାଇ ଗାଇ ଶିଖିବା"**

**ସାମୂହିକ କାର୍ଯ୍ୟ:** **ସମୟ : ୪୦ ମିନିଟ୍**

**ଶିକ୍ଷଣ ଫଳାଫଳ : ECL1 3.8 (a) :** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

କାର୍ଯ୍ୟ ସୂଚନା

- ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଶିକ୍ଷକ ନିମ୍ନରେ ଦିଆଯାଇଥିବା ଗୀତଟିକୁ କାର୍ଡ୍‌ବୋର୍ଡ଼ରେ ଲେଖି କାନ୍ଥରେ ଟାଙ୍ଗିବେ ।
- ଶିକ୍ଷକ ଲେଖିଥିବା ଗୀତର ଧାଡ଼ି, ଶବ୍ଦ ଓ ଅକ୍ଷରରେ ପର୍ଯ୍ୟାୟକ୍ରମେ ଆଙ୍ଗୁଠି ଦେଇ ଗୀତଟି ଗାଇବେ ଓ ପିଲାମାନେ ତାଙ୍କୁ ଅନୁସରଣ କରି ଗୀତ ଗାଇବେ ।

"ଚାଲି ଘର ପଛ ପଟେ
 ଅଛି ଏକ ବଗିଚା ।
ବଗିଚାର ତଳେ ଅଛି
 ଦୁବଘାସ ଗାଲିଚା ।
ଚଉକି ଉପରେ ବସି
 ଚାଲି ଦେଲା ଅନେଇ
ବଗିଚାର ଫୁଲ ପରେ
 ପ୍ରଜାପତି ଝୁଲାଇ ।

- ଏହାପରେ ନିମ୍ନଲିଖିତ ପ୍ରଶ୍ନ ପଚାରିବେ ।
 - ପ୍ରଥମ ଧାଡ଼ିରେ କ'ଣ ଲେଖାଯାଇଛି ?
 - ଏହିପରି ସମସ୍ତ ଧାଡ଼ି ବିଷୟରେ ପଚାରିବେ ।
 - ଏହାପରେ ଶବ୍ଦଗୁଡ଼ିକ କେଉଁଠି ଲେଖା ହୋଇଛି ପଚାରିବେ । (ବଗିଚା, ଗାଲିଚା)
 - ଏହାପରେ 'ଚ' କେଉଁଠି ଲେଖା ହୋଇଛି ।
 - ପିଲାମାନେ ଅଙ୍ଗୁଳିରେ ପ୍ରତେକ ଧାଡ଼ି / ଶବ୍ଦ / ଅକ୍ଷର ଚିହ୍ନାଇବେ ।

**ସଂକ୍ଷେପଣ** – ପିଲାମାନେ ଶବ୍ଦ ଓ ଅକ୍ଷରକୁ ବାରମ୍ବାର ଦେଖି, ପଢ଼ି, ଚିହ୍ନିବେ ।

**ଆବଶ୍ୟକ ସାମଗ୍ରୀ** – କାର୍ଡ୍‌ବୋର୍ଡ଼ / ଡ୍ରଇଂସିଟ, ସ୍କେଚ ପେନ

**ସପ୍ତାହ - ୪ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଦେଖ ଓ କୁହ"**

**ଶିକ୍ଷଣ ଫଳାଫଳ : ECL1 3.5 (b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- 'ଗାଁ'ର ଚିତ୍ରଟି କାନ୍ଥରେ ଟାଙ୍ଗିବେ ।
- ପିଲାମାନଙ୍କୁ ଚିତ୍ରକୁ ଦେଖିବାକୁ କହିବେ ।
- ପରେ ତଳେ ଦିଆଯାଇଥିବା ଚିତ୍ର ଆଧାରିତ ପ୍ରଶ୍ନ ପଚାରିବେ ।
- ପ୍ରତ୍ୟେକ ପିଲାଙ୍କୁ ଉତ୍ତର ଦେବାକୁ କହିବେ ।

ପ୍ରଶ୍ନ :

- ଏହା କାହାର ଚିତ୍ର ?
- ପିଲାଟି ରାସ୍ତାରେ କ'ଣ କରୁଅଛି ?
- କୂଅ ପାଖରେ ଠିଆ ହୋଇଥିବା ପଶୁଟି କିଏ ?
- ରାସ୍ତାରେ ଯାଉଥିବା ଲୋକଟି ହାତରେ କ'ଣ ଧରିଛି ?

ଏହିଭଳି ଅନେକ ପ୍ରଶ୍ନ ପଚାରିବେ ।

**ସଂକ୍ଷେପଣ** - ପିଲାମାନେ ଗାଁର ଚିତ୍ରକୁ ଅନୁଧ୍ୟାନ କରି ପ୍ରାସଙ୍ଗିକ ଉତ୍ତର ଦେବେ ।

**ଆବଶ୍ୟକ ସାମଗ୍ରୀ** - ଗାଁର ଚିତ୍ର



## ପ୍ରଥମ ମାସ

**ସପ୍ତାହ - ୪ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "କହିଲ ଦେଖି"**

**ଶିକ୍ଷଣ ଫଳାଫଳ : ECL1 3.5 (b)** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ପ୍ରତ୍ୟେକ ପିଲାକୁ ନିଜ ଗାଁରେ କ'ଣ ସବୁ ଅଛି ଗୋଟିଏ ଗୋଟିଏ ଧାଡ଼ି କହିବାକୁ କହିବେ ।

ଯେପରିକି :

- ଆମ ଗାଁରେ ମନ୍ଦିର ଅଛି ।
- ଗାଁରେ ପୋଖରୀ ଅଛି ।
- କୁଡ଼ ଘର ଅଛି ।

**ସଂକ୍ଷେପଣ** - ପିଲାମାନେ ନିଜ ଗାଁରେ ଥିବା ବିଭିନ୍ନ ସ୍ଥାନର ନାମ କହିବେ ।

## ପ୍ରଥମ ମାସ

**ସପ୍ତାହ - ୪ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ମୋ ଗାଁରେ ସକାଳ"**

**ଶିକ୍ଷଣ ଫଳାଫଳ : ELC1 3.4(a) :** ପସନ୍ଦର କବିତା ଓ ଗୀତ ଗୁଡ଼ିକ ନିଜ ଭାଷାରେ ଆବୃତ୍ତି କରିବା ବେଳେ ସ୍ୱର ଉତ୍‌ଥାନ ପତନ ଏବଂ ସମତା ରକ୍ଷା କରିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ:**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ପରେ ଶିକ୍ଷକ ନିମ୍ନରେ ଦିଆଯାଇଥିବା ଗୀତଟି ଗାଇବେ ଓ ପିଲାମାନେ ସାମୂହିକ ଭାବରେ ଅନୁକରଣ କରିବେ ।

ଗାଁଟି ମୋର ଅତି ନିଜର
ତାପରି କିଏ ଆଉ ।
ସକାଳ ହେଲେ ଡାଳରେ ବସି
ଡାକଇ କାଆ କାଉ ।
ଘର ଦୁଆର କରଇ ସଫା
ଉଠଇ ଯେବେ ମାଆ
ଗାଈଗୁହାଳ କାମଟି ସାରି
ପିଅନ୍ତି ବାପା ଚାଆ ।

- ଏହାପରେ ପିଲାମାନଙ୍କୁ ସକାଳେ ଲୋକମାନେ କ'ଣ ସବୁ କରନ୍ତି ଜଣକ ପରେ ଜଣେ କହିବାକୁ କୁହାଯିବ ।

(ପ୍ରତ୍ୟେକ ପିଲା ଗୋଟିଏ ଲେଖା ବାକ୍ୟ କହିବେ)

**ସଂକ୍ଷେପଣ** - ପିଲାମାନେ ଗୀତଟିକୁ ସ୍ୱରରେ ବୋଲିବେ ଓ ସକାଳ ସମୟରେ ହେଉଥିବା କାମ ସବୁ କହିବେ ।

## ପ୍ରଥମ ମାସ

**ସପ୍ତାହ - ୪ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ତୁ ମୋ ଭଳି"**

**ଶିକ୍ଷଣ ଫଳାଫଳ : ECL1 3.8(a) : ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।**

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟପ୍ରଣାଳୀ:**

- ଶିକ୍ଷକ ପିଲାମାନଙ୍କୁ 'ପ' ଆକୃତିରେ ଠିଆ କରାଇବେ ।
- କାର୍ଡବୋର୍ଡରେ ଗୀତଟିକୁ ଲେଖି କାନ୍ଥରେ ଟାଙ୍ଗିବେ ।
- ତାପରେ ଶିକ୍ଷକ ଗୀତଟି ଗାଇବେ ଓ ପିଲାମାନେ ସାମୂହିକ ଭାବରେ ଅନୁସରଣ କରିବେ ।

ଗାଁରେ ବରଷେ ବରଷା ପାଣି
ହସି ଉଠେ ଆମ ଧରଣୀରାଣୀ ।
ଝୁମ୍ଝୁମ୍ ନାଚେ ବେଙ୍ଗୁଲୀନାନୀ
ସତେ କି ନାଚୁଛି ତା' ଧିନା ଧିନି ।

ବି.ଦ୍ର : ଏହିଭଳି କିଛି ଶବ୍ଦ ଶିକ୍ଷକ କହିବେ ଓ ଏକା ଭଳି ଶୁଣା ଯାଉଥିବା ଶବ୍ଦ କହିବା ପାଇଁ ପିଲାମାନଙ୍କୁ କହିବେ ।
ଯେପରି (ପାଣି – ରାଣୀ....)

**ସଂକ୍ଷେପଣ** – ପିଲାମାନେ ଗୀତଟିକୁ ସ୍ୱରରେ ବୋଲିବେ ଓ ସମତାନ ଶବ୍ଦ କହିବେ ।

## ପ୍ରଥମ ମାସ

**ସପ୍ତାହ - ୪ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଗାଁ ଟି ମୋର ଅତି ନିଜର"**


**ଶିକ୍ଷଣ ଫଳାଫଳ : ECL1 3.2 : ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।**

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ ଗୋଲ ଆକୃତିରେ ଠିଆ କରାଇବେ ।
- ଶ୍ରେଣୀ ଗୃହର ପଠନ କୋଣରେ ଗାଁ ସମ୍ପର୍କିତ କିଛି ଚିତ୍ରକାର୍ଡ ରଖିବେ ଓ ପିଲାଙ୍କୁ ଗୋଟିଏ ଗୋଟିଏ ଚିତ୍ର ଆଣିବା ପାଇଁ କହିବେ ।
- ପ୍ରତ୍ୟେକ ପିଲା ସେହି ଚିତ୍ର ସମ୍ପର୍କିତ ଗୋଟିଏ ଲେଖାଏଁ ବାକ୍ୟ କହିବେ ।

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ବାକ୍ୟ କହିବେ ।



## ଦ୍ୱିତୀୟ ମାସ

**ସପ୍ତାହ - ୧ /  ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ମୋ ଗାଁ ଯାତରା"**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

ସାମୂହିକ କାର୍ଯ୍ୟ : ସମୟ - ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- କାର୍ଡ୍ ବୋର୍ଡ୍‌ରେ ବିଭିନ୍ନ ପର୍ବପର୍ବାଣିର ରେଖାଚିତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଲେଖାଏଁ ମନ ପସନ୍ଦର ଚିତ୍ର ବାଛି ସେ ବିଷୟରେ କହିବାକୁ କହିବେ ।
- ସ୍କେଚ୍ ସାହାଯ୍ୟରେ ରଙ୍ଗ କରିବା ପାଇଁ ସୂଚନା ଦେବେ ।
- କାର୍ଯ୍ୟ ଶେଷରେ ପ୍ରତ୍ୟେକ ପିଲା ରଙ୍ଗ କରିଥିବା ପର୍ବପର୍ବାଣି ସମ୍ପର୍କରେ ଦୁଇ କିମ୍ବା ତିନୋଟି ବାକ୍ୟ କହିବେ ।

ସଂକ୍ଷେପଣ - ପିଲାମାନେ ପର୍ବପର୍ବାଣି ବିଷୟରେ କହିବେ ।

ଆବଶ୍ୟକ ସାମଗ୍ରୀ - କାର୍ଡ୍ ବୋର୍ଡ୍, ସ୍କେଚ, ରେଖା ଚିତ୍ର (ପର୍ବପର୍ବାଣି)



## ଦ୍ୱିତୀୟ ମାସ

**ସପ୍ତାହ - ୧ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ମୋ ନାମ କୁହ"**

**ଶିକ୍ଷଣ ଫଳାଫଳ : ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ମଝିରେ ପର୍ବପର୍ବାଣିର ଚିତ୍ର ଦେବେ । (ରଙ୍ଗୀନ ଚିତ୍ର)
- ଚିତ୍ରକୁ ଦେଖି ପର୍ବଟିର ନାମ ଅନୁମାନ କରି ଚିତ୍ର ତଳେ ଲେଖିବେ ଓ କହିବେ ।
- ଶିକ୍ଷକ ସଂକ୍ଷେପଣ କରି କଳାପଟାରେ ଲେଖିବେ ।

ପର୍ବପର୍ବାଣି ଚିତ୍ର (ହୋଲି, ମହରମ୍, ବଡ଼ଦିନ, ଗଣେଶ ପୂଜା, ଦୀପାବଳୀ)

**ସଂକ୍ଷେପଣ** - ପିଲାମାନେ ପର୍ବପର୍ବାଣିର ନାମ କହିବେ ଓ ଲେଖିବେ ।

**ଆବଶ୍ୟକ ସାମଗ୍ରୀ** - ଚିତ୍ର କାର୍ଡ (ପର୍ବପର୍ବାଣି)

## ଦ୍ୱିତୀୟ ମାସ

**ସପ୍ତାହ - ୧ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ନଟିଆର ରଜ"**

**ଶିକ୍ଷଣ ଫଳାଫଳ :ECL1 3.6 (b) : ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ବୁଝିକରି ପଢ଼ିବ ।**

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- କଳାପଟାରେ ଲେଖାଥିବା ଗପଟିକୁ କହିବେ ।
- ଶିକ୍ଷକ ଗପ କହିସାରିବା ପରେ ପିଲାମାନଙ୍କୁ ଜଣ ଜଣ କରି ଗପଟିକୁ କ୍ରମରେ କହିବାକୁ କହିବେ ।

ଗପ:

ଖରାଦିନ ହୋଇଥାଏ । ପ୍ରବଳ ଖରା ସାଙ୍ଗକୁ ବହୁତ ଗରମ ହେଉଥାଏ । ନଟିଆ ମାଆଙ୍କ ପାଖରେ ବସି କଥା ହେଉଥାଏ । ମାଆ ନଟିଆକୁ କହିଲେ ଆଉ ଅଳ୍ପ ଦିନ ପରେ ତୋର ବିଦ୍ୟାଳୟ ଖୋଲିଯିବ । କିନ୍ତୁ ଠିକ ସେହି ସମୟରେ ବାପା ଆସି କହିଲେ ରଜ ପରା ଆସନ୍ତା କାଲି ପଡୁଛି । କ'ଣ ସବୁ କିଣାଯିବ ?

ନଟିଆ କହିଲା, "ମୋ ପାଇଁ ନୂଆ ଜାମା ଆଣିବ, ଆଉ ପାଚିଲା ଆମ୍ବ ବି ଆଣିବ । ପୋଡ଼ପିଠା ତିଆରି ଜିନିଷ ଆଣିବ । ତୁମେ ତ ଜାଣିଛ ମୋତେ ପୋଡ଼ପିଠା ଖାଇବାକୁ କେତେ ଭଲ ଲାଗେ । ବାଡ଼ି ପଛପଟ ବରଗଛରେ ଦୋଳିଟିଏ ବି ବାନ୍ଧି ଦେବ । ନଟିଆର କଥା ଶୁଣି ବାପା ଅଳ୍ପ ହସି ବଜାରକୁ ଚାଲିଗଲେ ।

**ସଂକ୍ଷେପଣ** – ପିଲାମାନେ ଗପକୁ କ୍ରମ ଅନୁସାରେ କହିବେ ।

## ଦ୍ୱିତୀୟ ମାସ

**ସପ୍ତାହ - ୧ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ପରବଟିଏକୁ ଗୀତଟିଏ"**

**ଶିକ୍ଷଣ ଫଳାଫଳ : ECL1 3.4 (b) :** ନିଜ ଭାଷାର ପରିଚିତ କବିତାକୁ ଉପଯୁକ୍ତ ସ୍ୱରରେ ଉତ୍‌ଥାନ ପତନ ସହ ଅବିରତ ଭାବେ ଆବୃତ୍ତି କରିବେ ।

**ଦଳଗତ କାର୍ଯ୍ୟ :** ସମୟ - ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ । ହୋଲି ସମ୍ପର୍କିତ କୌଣସି ଆଞ୍ଚଳିକ ଗୀତ ବୋଲାଇବେ ।

ଆସିଛି ହୋଲିରେ ଆସିଛି ହୋଲି

ବରଷକେ ରଙ୍ଗ ପସରା ମେଲି ।

ଜଳାକାନ୍ଥୁର ପରବ ରଙ୍ଗ, ଅବିର

ପିଚକାରି ନେଇ ହୋଲି ଖେଳିବା ଚାଲ ।

ହୋଲି ରଙ୍ଗେ ରଙ୍ଗାଇବା ସହରୁ ଗାଆଁ

ନିଜେ ହସି ହସାଇବା ସାରା ଦୁନିଆ ।

- ଏହାପରେ ଶିକ୍ଷକ ପିଲାମାନଙ୍କୁ ୩/୪ଟି ଦଳରେ ଭାଗ କରି ଗୋଲାକାରରେ ବସାଇବେ ।
- ପ୍ରତ୍ୟେକ ଦଳରେ ପର୍ବ ଉପରେ ଚିତ୍ର (ଦୋଳି, ଇନ୍ଦ୍ର, ଡଙ୍ଗା ଇତ୍ୟାଦି) ଦେବେ ଓ ସେହି ଚିତ୍ର ଆଧାରିତ ପର୍ବପର୍ବାଣି ଉପରେ ଜାଣିଥିବା କବିତାଟିଏ ଆବୃତ୍ତି କରିବାକୁ କହିବେ ।

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ଜାଣିଥିବା ପର୍ବପର୍ବାଣି ସମ୍ପର୍କିତ ଗୀତ ଗାଇବେ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ର କାର୍ଡ଼

## ଦ୍ୱିତୀୟ ମାସ

**ସପ୍ତାହ - ୧ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ମୋ ଗପ"**

**ଶିକ୍ଷଣ ଫଳାଫଳ : ECL1 3.3 :** ନିଜ ଭାଷାରେ ପଠିତ କବିତା/ଗପଗୁଡ଼ିକରୁ ପାଇଥିବା ଅନୁଭୂତିକୁ ପରିପ୍ରକାଶ କରିବେ ଏବଂ ନିଜ ସାଙ୍ଗସାଥୀଙ୍କୁ କହିବେ ।

ବ୍ୟକ୍ତିଗତ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :


- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ଓ ଚିତ୍ର କାର୍ଡ଼ ଏକ ଟୋକେଇରେ ରଖିବେ ।
- ଏହାପରେ ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଚିତ୍ର କାର୍ଡ ବାଛି ସେହି ଚିତ୍ରକୁ ଦେଖି ଗପଟିଏ କହିବା ପାଇଁ ସୂଚନା ଦେବେ ।

  (ଦଶହରା, ଦୀପାବଳି, ବଡ଼ଦିନ, ଗଣେଶ ପୂଜା, ସରସ୍ୱତୀ ପୂଜା, ମହରମ ଇତ୍ୟାଦି)

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ପାଳନ ହେଉଥିବା ପର୍ବପର୍ବାଣି ବିଷୟରେ ଗପ କହିବେ ।


**ଆବଶ୍ୟକ ସାମଗ୍ରୀ** – ଚିତ୍ର କାର୍ଡ଼













## ଦ୍ୱିତୀୟ ମାସ

**ସପ୍ତାହ - ୨ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ - "ଆସ ବୁଲିଯିବା ଆମରି ହାଟ"**

**ଶିକ୍ଷଣ ଫଳାଫଳ : ECL1 3.5 (b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟପ୍ରଣାଳୀ :**

- ଶିକ୍ଷକ ଶ୍ରେଣୀରେ ପିଲାମାନଙ୍କୁ ଗୋଲାକାରରେ ବସାଇ ଏକ ହାଟର ଚିତ୍ର ଦେଖାଇବେ ।
- ଏହି ଚିତ୍ର ସଂପର୍କିତ ବାକ୍ୟ ବଡ଼ ଅକ୍ଷରରେ କାର୍ଡବୋର୍ଡ଼ରେ ଲେଖି ନେଇଥିବେ ।
- ଚିତ୍ର ଦେଖାଇବା ସହ ବାକ୍ୟଗୁଡ଼ିକୁ ପଢ଼ିବେ ।

ଯେପରି :

ହାଟରେ ଧାଡ଼ିଧାଡ଼ି ହୋଇ ଦୋକାନ ଅଛି ।

ହାଟରେ ମାଛ ବିକ୍ରି ହେଉଅଛି ।

ହାଟରେ ପରିବା ବିକ୍ରି ହେଉଅଛି ।

ଲୋକ ପରିବା କିଣୁଛନ୍ତି ।

- ପ୍ରତ୍ୟେକ ପିଲା ଚିତ୍ର ଦେଖି ଏହି ଭଳି ଗୋଟିଏ ଲେଖାଏଁ ବାକ୍ୟ କହିବେ ।

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ବାକ୍ୟ କହିବେ ।

**ଆବଶ୍ୟକ ସାମଗ୍ରୀ** – ହାଟର ଚିତ୍ର ଓ କାର୍ଡ଼ ବୋର୍ଡ଼ (ଏକ ହାଟର ଚିତ୍ର, ଦୀପାବଳି ଚିତ୍ର, ଗଣେଶ ପୂଜା ଚିତ୍ର, ହୋଲି ଚିତ୍ର, ରଜ ଚିତ୍ର, ମହରମ ପର୍ବ ଚିତ୍ର, ବଡ଼ଦିନ ଗଛ ଚିତ୍ର)

## ଦ୍ୱିତୀୟ ମାସ

**ସପ୍ତାହ - ୨ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ - "ମାଙ୍କଡ଼ ସାଙ୍ଗରେ ବଜାର ଯିବା"**

**ଶିକ୍ଷଣ ଫଳାଫଳ : ECL1 3.5 (b) :** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ଶ୍ରେଣୀରେ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇ ଏକ ଗୀତ ଅଭିନୟ ସହ ଗାଇବେ ।
- ଶିକ୍ଷାର୍ଥୀମାନେ ଅନୁକରଣ କରି ଗୀତଟିକୁ ଅଭିନୟ ସହ ଗାଇବେ ।

ମାଙ୍କଡ଼ ଯାଉଛି ବଜାର କରି

ଆଣିବା ପାଇଁକି ମଟର, ପୁରି

କିଏ ସବୁ ଯିବ ସାଥିରେ ଆସ

ନଯିବାର ଅଛି ଏଇଠୁ ଖସ ।

- ଏହାପରେ ଶିକ୍ଷକ ଖେଳ ବିଷୟରେ ସୂଚନା ଦେବେ ।
- ଶିକ୍ଷକ ମୁଣ୍ଡିଟିଏ ଧରି ମାଙ୍କଡ଼ ଭଳି ଅଭିନୟ ସହ ଗୀତ ଗାଇ ପ୍ରତ୍ୟେକ ପିଲା ପାଖରେ ପହଞ୍ଚିବେ ।
- "ତୁମେ ବଜାରରୁ କ'ଣ ନେବ" ପ୍ରଶ୍ନ ପଚାରିବେ ।
- ଯେଉଁ ପିଲା କିଛି କହିପାରିବ ନାହିଁ ସେ ଗୀତ ଗାଇ ମାଙ୍କଡ଼ର ଅଭିନୟ କରିବ । ଏହିପରି ଖେଳଟି ଆଗକୁ ଯିବ ।

**ସଂକ୍ଷେପଣ** - ପିଲାମାନେ ହାଟରେ ମିଳୁଥିବା ଜିନିଷଗୁଡ଼ିକର ନାମ କହିବେ ।

**ଆବଶ୍ୟକ ସାମଗ୍ରୀ** = କାର୍ଯ୍ୟଫର୍ଦ୍ଦ

## ଦ୍ୱିତୀୟ ମାସ

**ସପ୍ତାହ - ୨ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ପୁଡ଼ିଆ ଖୋଲ ଓ ନାମ ଲେଖ"**

**ଶିକ୍ଷଣ ଫଳାଫଳ : ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ୍**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ବଜାରରେ ମିଳୁଥିବା ବିଭିନ୍ନ ଜିନିଷର ଚିତ୍ରକୁ ଗୋଟିଏ ଲେଖାଏଁ ପୁଡ଼ିଆ କରି ଶ୍ରେଣୀର ପଠନ କୋଣରେ ରଖିବେ ।
- ଏହାପରେ ଶିକ୍ଷକ ୪/୫ଜଣ ପିଲାଙ୍କୁ ନେଇ ଦଳ ଗଠନ କରିବେ ।
- ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ପୁଡ଼ିଆ ବାଛି ଆଣିବେ ଓ ଚିତ୍ରକୁ ଦେଖି ସେଗୁଡ଼ିକର ନାମ କହିବେ ।
- ପରେ ଏହାକୁ ଦଳଗତ ଉପସ୍ଥାପନା କରିବେ ।

(ବି.ଦ୍ର : ଯଦି କୌଣସି ଦଳର ପିଲା କହି ନପାରିବ ତେବେ ଶିକ୍ଷକ ସେଠାରେ ସେହି ଚିତ୍ରର ମଡ଼େଲ ଯୋଗାଇ ଦେଇପାରନ୍ତି । ପିଲା ଏହାକୁ ଦେଖି କହିବ ।)

(ଯେପରି ପ୍ରତ୍ୟେକ ପିଲା କାର୍ଯ୍ୟରେ ଅଂଶଗ୍ରହଣ କରିବେ ସେଥିପ୍ରତି ଶିକ୍ଷକ ଧ୍ୟାନ ଦେବେ)

**ସଂକ୍ଷେପଣ** – ପିଲାମାନେ ଚିତ୍ରକୁ ଦେଖି ଚିତ୍ରର ନାମ ଲେଖିବେ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ର କାର୍ଡ଼, କାର୍ଯ୍ୟପର୍ଦ୍ଧ

## ଦ୍ୱିତୀୟ ମାସ

**ସପ୍ତାହ - ୨ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ - "ଚିତ୍ର ଦେଖି କୁହ"**

**ଶିକ୍ଷଣ ଫଳାଫଳ : ECL1 3.S (b) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ଶ୍ରେଣୀରେ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଶିକ୍ଷକ ଶ୍ରେଣୀ ଗୃହର କାନ୍ଥରେ ହାଟବଜାରର ବିଭିନ୍ନ ଦୃଶ୍ୟର ଚିତ୍ର ଲଗାଇବେ ।
- ପ୍ରତ୍ୟେକ ପିଲାଙ୍କୁ ଚିତ୍ର ଦେଖି ଗୋଟିଏ ଲେଖାଏଁ ବାକ୍ୟ କହିବାକୁ କହିବେ ।
- ଏହାପରେ ପିଲାମାନେ ଚିତ୍ର ଦେଖି ଏକ ଅକ୍ଷର କଳାପଟାରେ ଲେଖିବେ ।

(ବି.ଦ୍ର : ଯଦି କୌଣସି ପିଲା ନଲେଖି ପାରିବ ତେବେ ଶିକ୍ଷକ ସେଠାରେ ସେହି ଦୃଶ୍ୟର ଶବ୍ଦକାର୍ଡ଼ ଯୋଗାଇ ଦେବେ । ପିଲା ଏହାକୁ ଦେଖି ଲେଖିବ ।)

**ସଂକ୍ଷେପଣ** - ପିଲାମାନେ ଚିତ୍ର ଦେଖି ବାକ୍ୟ କହିବେ ଓ ଅକ୍ଷର ଲେଖିବେ ।

**ଆବଶ୍ୟକ ସାମଗ୍ରୀ** - ହାଟବଜାରର ଚିତ୍ର


SALOON
MAXIM
ANDY

## ଦ୍ୱିତୀୟ ମାସ

**ସପ୍ତାହ - ୨ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ - "ଆସ ଆମ ଘର ଖୋଜିବା"**

**ଶିକ୍ଷଣ ଫଳାଫଳ : ECL1 3.8 (b) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

**ଦଳଗତ କାର୍ଯ୍ୟ :** ସମୟ - ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ୪/୫ ଜଣ ପିଲାମାନଙ୍କୁ ନେଇ ଦଳରେ ଭାଗ କରିବେ ।

ସାନୁ ଓ ସନି ବଜାରକୁ ଯାଇଥିଲେ । ବଜାରରେ ସୁନପାମ୍ପୁଡ଼ି ଦେଖି ସନି ଖାଇବାକୁ କହିଲା । ସୁନପାମ୍ପୁଡ଼ି ଖାଇ ସୁଜି କିଣିଲେ । ସହଜରେ ବାଟ ପାଇଲେ ନାହିଁ । ସନାତନକୁ ଦେଖିଲେ । ସନାତନ ସର କିଣିଲା । ତିନିହେଁ ମିଶି ଘରକୁ ଫେରିଲେ ।)

(ଏହି କାର୍ଯ୍ୟକୁ ଶିକ୍ଷକ ଚିତ୍ର ମାଧ୍ୟମରେ ଦେଖାଇବେ ଯେଉଁଥିରେ ଚିତ୍ର ତଳେ ଲେଖାଥିବ ।)

- ଏହାପରେ ଶିକ୍ଷକ 'ସ' ଅକ୍ଷରରେ ଥିବା ଶବ୍ଦକୁ ଗୋଳ ବୁଲାଇବା ପାଇଁ ସୂଚନା ଦେବେ ।

**ସଂକ୍ଷେପଣ** – ପିଲାମାନେ ଚିତ୍ରର ଲେଖାକୁ ଦେଖି 'ସ' ଅକ୍ଷରକୁ ଚିହ୍ନିବେ ଓ ଶବ୍ଦ କହିବ ।

## ଦ୍ୱିତୀୟ ମାସ

**ସପ୍ତାହ - ୩ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ମୁଁ କେଉଁଠି ଖୋଜ"**

**ଶିକ୍ଷଣ ଫଳାଫଳ : ECL1 3.7 :** ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ ମିନିଟ୍

**କାର୍ଯ୍ୟ ପ୍ରଣାଳୀ:**

- ଶିକ୍ଷକ ପିଲାମାନଙ୍କୁ 'ପ' ଆକୃତିରେ ବସାଇବେ ।
- ଏହାପରେ ଶିକ୍ଷକ କାର୍ଡବୋର୍ଡରେ ବଡ଼ ଅକ୍ଷରରେ ଲେଖାଥିବା ଗପକୁ କାନ୍ଥରେ ଟାଙ୍ଗିବେ ।

ଗପ :

ବରଷାବେଳେ ବଗଟିଏ ବଣରେ ବୁଲୁଥିଲା । ବାଟରେ ବଗୁଲାକୁ ଦେଖିଲା । ବଗବଗୁଲୀ ବରଷାରେ ଭିଜିଗଲେ । ବଣୁଆଟିଏ ବଗବଗୁଲୀଙ୍କୁ ଦେଖିଲା । ବକ ଲଗାଇ ବାଣ ମାରିଲା । ବଗବଗୁଲୀ ଉଡ଼ିଗଲେ ।

ଏହାପରେ ଶିକ୍ଷକ ପିଲାମାନଙ୍କୁ ଗପରେ 'ବ'ରୁ ଆରମ୍ଭ ହୋଇଥିବା ଶବ୍ଦଗୁଡ଼ିକୁ କହିବା ପାଇଁ କହିବେ । ଏହାପରେ ୪/୫ ଜଣ ପିଲାଙ୍କୁ ନେଇ ଦଳ ଗଠନ କରିବେ ।

ପ୍ରତ୍ୟେକ ଦଳକୁ ଗପଟି ଲେଖା ଥିବା କାର୍ଡ ଦେବେ ଓ 'ବ' ଅକ୍ଷରରେ ଗୋଲ ବୁଲାଇବା ପାଇଁ ସୂଚନା ଦେବେ ।

**ସଂକ୍ଷେପଣ** - ପିଲାମାନେ 'ବ' ଅକ୍ଷରକୁ ଚିହ୍ନିବେ ଓ ଲେଖିବେ ।

**ଆବଶ୍ୟକ ସାମଗ୍ରୀ** - କାର୍ଡବୋର୍ଡ, କାର୍ଯ୍ୟଫର୍ଦ୍ଦ, ଗପକାର୍ଡ

## ଦ୍ୱିତୀୟ ମାସ

**ସପ୍ତାହ - ୩ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଗୀତଟିଏ ଶବ୍ଦଟିଏ"**

**ଶିକ୍ଷଣ ଫଳାଫଳ : ECL1 3.୪(ଖ) :** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

ସାମୂହିକ କାର୍ଯ୍ୟ :- ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ଏହାପରେ ଶିକ୍ଷକ କାର୍ଡ଼ବୋର୍ଡ଼ରେ ବଡ଼ ଅକ୍ଷରରେ ଲେଖାଥିବା ଗୀତଟିକୁ କାନ୍ଥରେ ଟାଙ୍ଗିବେ ।
- ଉପଯୁକ୍ତ ସ୍ୱର ଓ ଅଭିନୟ ସହ ଗୀତଟିକୁ ଗାଇବେ ଓ ପିଲାମାନଙ୍କୁ ଗାଇବା ପାଇଁ କହିବେ ।

ଗୀତ :

ଚକ୍ ଚକ୍ ଚକ୍ ବିଜୁଳି ମାରେ
ବହେ ଶୀତଳ ବାଆ
ଧୋବ ଫର୍ ଫର୍ ବଗବଗୁଲୀ
ଆକାଶେ ଉଡ଼ି ଯାଆ ।

- ଏହାପରେ ଶିକ୍ଷକ ଏହି ଗୀତରେ କେଉଁ ଶବ୍ଦ ବାରମ୍ବାର ବୋଲା ଯାଇଅଛି ପଚାରିବେ ।
- ଏକାଭଳି ଶୁଭୁଥିବା ଶବ୍ଦକୁ କହିବା ପାଇଁ କହିବେ ।
- ଏହାପରେ ଶିକ୍ଷକ ଚକ୍‌ଚକ୍ ଓ ଫର୍‌ଫର୍ ଭଳି ଆଉ କେତୋଟି ଶବ୍ଦ କହିବା ପାଇଁ କହିବେ । (ପ୍ରତ୍ୟେକ ପିଲା ଯେପରି କହିବେ ସେଥିପ୍ରତି ଧ୍ୟାନ ଦିଆଯିବ ।

ଯେପରି : ଧକ୍‌ଧକ୍, ନକ୍‌ନକ୍, ସକ୍‌ସକ୍, ସର୍‌ସର୍, ଘର୍‌ଘର୍

## ଦ୍ୱିତୀୟ ମାସ

**ସପ୍ତାହ - ୩ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "କଥାଟି କହୁଁ କଥାଟିଏ"**

ଶିକ୍ଷଣ ଫଳାଫଳ : **ECL1- 3.6 (a) :** ଛାପା ଲେଖାକୁ ଚିହ୍ନିକରି ପଢ଼ିବେ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ' U' ଆକୃତିରେ ବସାଇବେ ।
- ପ୍ରଥମେ ଶିକ୍ଷକ ଚିତ୍ରକାର୍ଡ଼ରେ ଲେଖାଥିବା ଗପଟିକୁ ଆଙ୍ଗୁଠି ଦେଇ ପଢ଼ିବେ ।
- ଏହାପରେ ଶିକ୍ଷକ ପଢ଼ିଲା ବେଳେ ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବେ ।
- ପରେ ବ୍ୟକ୍ତିଗତ ଭାବରେ ପିଲାଙ୍କୁ ପଢ଼ିବା ପାଇଁ ଶିକ୍ଷକ କହିବେ ଓ ପିଲାମାନେ ଆଙ୍ଗୁଠି ଚିପ ରଖି ପଢ଼ିବେ । (ପିଲାମାନେ ଚିତ୍ରରେ ଥିବା ଲେଖା ସହ ଯେପରି ପରିଚିତ ହେବେ ସେଥିପ୍ରତି ଶିକ୍ଷକ ସଚେତନ ହେବେ)

ଯେପରି :



ଝିପିଝିପି ବର୍ଷା



ଝିଅଟି ଛତା ଧରି ଯାଉଛି



ରାସ୍ତାରେ ପାଣି ଜମିଛି



ପାଣିରେ କାଗଜ ଡଙ୍ଗା ଭାସୁଛି

**ସଂକ୍ଷେପଣ** - ପିଲାମାନେ ଚିତ୍ରରେ ଥିବା ଲେଖାକୁ ପଢ଼ିବେ ଓ ଛାପା ଲେଖା ସହ ପରିଚିତ ହେବେ ।

**ଆବଶ୍ୟକ ସାମଗ୍ରୀ** - ଚିତ୍ରକାର୍ଡ଼

**ସପ୍ତାହ - ୩ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଆସ ପଢ଼ି ଶୁଣିବା"**

ଶିକ୍ଷଣ ଫଳାଫଳ : **ECL1- 3.6 (ଖ)** ଛାପା ଲେଖାକୁ ବୁଝିକରି ପଢ଼ିବେ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ବଡ଼ ଅକ୍ଷରରେ କାର୍ଡ଼ବୋର୍ଡ଼ରେ ଲେଖାଥିବା ଅନୁଚ୍ଛେଦଟିକୁ କାନ୍ଥରେ ଟାଙ୍ଗିବେ । ଆଙ୍ଗୁଠି ଟିପ ରଖି ପଢ଼ିବେ ଓ ପିଲାମାନେ ଶୁଣିବେ ।
- ଏହାପରେ ଶିକ୍ଷକ ପଢ଼ିଲାବେଳେ ପିଲାମାନେ ଶିକ୍ଷକଙ୍କ ସହ ସାମୂହିକ ଭାବରେ ପଢ଼ିବେ ।
- ପରେ ବ୍ୟକ୍ତିଗତ ଭାବରେ ପିଲାଙ୍କୁ ପଢ଼ିବା ପାଇଁ ଶିକ୍ଷକ କହିବେ ଓ ପିଲାମାନେ ଆଙ୍ଗୁଠି ଟିପ ରଖି ପଢ଼ିବେ ।
- ପରେ ପଢ଼ିଥିବା ସେହି ଅନୁଚ୍ଛେଦରୁ ଗୋଟିଏ ଲେଖାଏଁ ବାକ୍ୟ ବ୍ୟକ୍ତିଗତ ଭାବରେ ପିଲାଙ୍କୁ କହିବା ପାଇଁ କହିବେ ।
- ପିଲାମାନେ କହିଥିବା ବାକ୍ୟକୁ ଶିକ୍ଷକ କଳାପଟାରେ ଲେଖିବେ ।
- ପୁଣିଥରେ ପିଲାମାନଙ୍କୁ ଜଣ ଜଣ କରି ଡାକିବେ ଓ ଆଙ୍ଗୁଠି ଟିପ ରଖି ପଢ଼ିବା ପାଇଁ କହିବେ ।

(ପିଲାମାନେ ଚିତ୍ରରେ ଥିବା ଲେଖା ସହ ଯେପରି ପରିଚିତ ହେବେ ସେଥିପ୍ରତି ଶିକ୍ଷକ ସଚେତନ ହେବେ)

ଅନୁଚ୍ଛେଦ

ବର୍ଷା ହେଲେ ଟିପ୍‌ଟିପ୍ ପାଣି ପଡ଼େ । ଆକାଶରେ କଳା ବାଦଲ ଆସେ । ବିଜୁଳି ଚମକେ । ପବନ ବହେ । ମୟୂର ନାଚେ । ରାସ୍ତାଘାଟରେ ପାଣି ଜମେ । ରାସ୍ତା କାଦୁଅ ହୋଇଯାଏ । ଗଛପତ୍ର ସବୁଜ ଦିଶେ । କାଗଜ ଡଙ୍ଗା ଭସାଯାଏ । ବେଙ୍ଗ କେଁ କଟର କରେ । ବର୍ଷା ହେଲେ ଛତା ଧରି ବାହାରକୁ ଯିବା ।

ବି.ଦ୍ର: ପ୍ରତ୍ୟେକ ପିଲା ଯେପରି ଏହି କାର୍ଯ୍ୟରେ ଅଂଶଗ୍ରହଣ କରିବେ, ସେଥିପ୍ରତି ଶିକ୍ଷକ ଦୃଷ୍ଟି ଦେବେ ।

**ସଂକ୍ଷେପଣ** – ପିଲାମାନେ ଛାପାଲେଖାକୁ ପଢ଼ିବେ ଓ ଛାପାଲେଖା ସହ ପରିଚିତ ହେବେ ।

**ଆବଶ୍ୟକ ସାମଗ୍ରୀ** – କାର୍ଡ଼ବୋର୍ଡ଼ (ଅନୁଚ୍ଛେଦ ଲେଖା ହୋଇଥିବା)

## ଦ୍ୱିତୀୟ ମାସ

**ସପ୍ତାହ - ୩ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଆସ ଗଢ଼ିବା"**

ଶିକ୍ଷଣ ଫଳାଫଳ : **ECL1- 3.6 (a)** ଛାପା ଲେଖାକୁ ବୁଝିକରି ପଢ଼ିବେ ।

**ECL1- 3.8 (b) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ପରେ ବଡ଼ ଅକ୍ଷରରେ କାର୍ଡ଼ବୋର୍ଡ଼ରେ ଲେଖାଥିବା ବାକ୍ୟ କାନ୍ଥରେ ଟାଙ୍ଗିବେ । ଆଙ୍ଗୁଠି ଟିପ ରଖି ପଢ଼ିବେ ଓ ପିଲାମାନେ ଶୁଣିବେ ।

କଳା ବାଦଲ ଆସିଲା ।

ପବନ ବହିଲା ।

ବିଜୁଳି ଚମକିଲା ।

ମୟୂର ନାଚିଲା ।

ବରଷା ହେଲା ।

(ଏହିଭଳି କିଛି ବାକ୍ୟ ଲେଖିବେ)

- ଏହାପରେ ଶିକ୍ଷକ ପିଲାମାନଙ୍କୁ ଶୁଣିଥିବା ବାକ୍ୟରୁ ଶବ୍ଦ କହିବା ପାଇଁ କହିବେ ।
- ପିଲାମାନେ କହିଥିବା ଶବ୍ଦକୁ କଳାପଟାରେ ଲେଖିବେ ।
- ଲେଖିଥିବା ଶବ୍ଦକୁ ଭାଙ୍ଗିଯୋଡ଼ି କହିବେ ଓ ପିଲା ଅନୁସରଣ କରି କହିବେ ।

ଯେପରି :

ପ + ବ + ନ = ପବନ

**ସଂକ୍ଷେପଣ** – ପିଲାମାନେ ଛାପାଲେଖାକୁ ପଢ଼ିବେ ଓ ଶବ୍ଦକୁ ଭାଙ୍ଗି / ଯୋଡ଼ି କହିବେ ।

**ଆବଶ୍ୟକ ସାମଗ୍ରୀ** – କାର୍ଡ଼ବୋର୍ଡ଼ (ବାକ୍ୟ ଲେଖା ହୋଇଥିବା)

## ଦ୍ୱିତୀୟ ମାସ

**ସପ୍ତାହ - ୪ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ - "ଚିତ୍ର ନିଅ ଗପ କୁହ"**

**ଶିକ୍ଷଣ ଫଳାଫଳ : ECL1 3.6 (b) :** ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ବୁଝିକରି ପଢ଼ିବ ।

ଦଳଗତ କାର୍ଯ୍ୟ : ସମୟ – ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି "ବଗ ଓ କଙ୍କଡ଼ା" ଗପଟିର ଚିତ୍ରକାର୍ଡ଼ ଦଳରେ ଦେବେ ।
- ଚିତ୍ର ଦେଖି କ୍ରମଅନୁସାରେ ପିଲାମାନେ ଗପ ତିଆରି କରି ବାକ୍ୟରେ କହିବେ ।
- ପ୍ରତ୍ୟେକ ଦଳର ଉପସ୍ଥାପନ ପରେ ଶିକ୍ଷକ ଗପଟିକୁ ଠିକ୍ କ୍ରମରେ କହିବେ ।

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ଗପକୁ କ୍ରମଅନୁସାରେ ସଜାଡ଼ି କହିବେ ।

ଆବଶ୍ୟକ ସାମଗ୍ରୀ – ଗପଟିର ଚିତ୍ରକାର୍ଡ଼

## ଦ୍ୱିତୀୟ ମାସ

**ସପ୍ତାହ - ୪ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "କହିଲ ଦେଖି ମୁଁ କିଏ"**

**ଶିକ୍ଷଣ ଫଳାଫଳ : ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ୍

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳରେ ଗୋଟିଏ ଗପର ଚିତ୍ର ଦେବେ ।
- ଚିତ୍ର ଦେଖି ପିଲାମାନଙ୍କୁ ଗପରେ ଥିବା ଚରିତ୍ରର ନାମ ଲେଖିବା ପାଇଁ ଶିକ୍ଷକ ସୂଚନା ଦେବେ ।
- ପ୍ରତ୍ୟେକ ଦଳର ଉପସ୍ଥାପନ ପରେ ଶିକ୍ଷକ ସଂକ୍ଷେପଣ କରିବେ ।

  ଯେପରି: ଚାରି ସାଙ୍ଗ – ହରିଣ, କାଉ, ମୂଷା, କଇଁଛ

**ସଂକ୍ଷେପଣ** – ପିଲାମାନେ ଚିତ୍ର ଦେଖି ଗପରେ ଥିବା ଚରିତ୍ରମାନଙ୍କର ନାମ କହିବେ ।

ଆବଶ୍ୟକ ସାମଗ୍ରୀ – ଗପଟିର ଚିତ୍ରକାର୍ଡ଼

## ଦ୍ୱିତୀୟ ମାସ

**ସପ୍ତାହ - ୪ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଖୋଜି ଲେଖ"**

ଶିକ୍ଷଣ ଫଳାଫଳ : **ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

**ECL1 3.6 (b) :** ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ବୁଝିକରି ପଢ଼ିବ ।

ଦଳଗତ କାର୍ଯ୍ୟ : ସମୟ - ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳକୁ ପିଲାମାନେ ପୂର୍ବରୁ ଜାଣିଥିବା ଗପର ଲେଖା ଦେବେ ।
- ଗପ ମଝିରେ ଶୂନ୍ୟସ୍ଥାନ ରହିଥିବ ।
- ଶିକ୍ଷକ ଗପଟିକୁ ପଢ଼ିବେ ଓ ଶୂନ୍ୟସ୍ଥାନରେ କେଉଁ ଶବ୍ଦ ଲେଖାଯିବ ପିଲାଙ୍କୁ କହିବାପାଇଁ କହିବେ । (ପିଲାମାନେ କହି ନପାରିଲେ ଶିକ୍ଷକ ଲେଖିବେ)
- କାର୍ଯ୍ୟ ଶେଷରେ ଶିକ୍ଷକ ଗପଟିକୁ ସଂକ୍ଷେପଣ କରିବେ ।

ସଂକ୍ଷେପଣ - ପିଲାମାନେ ଅନୁମାନ କରି ଶବ୍ଦ, ଅକ୍ଷର କହିବେ ଓ ଲେଖିବେ ।

ଆବଶ୍ୟକ ସାମଗ୍ରୀ - ଗପଟିର ଚିତ୍ରକାର୍ଡ଼

## ଦ୍ୱିତୀୟ ମାସ

**ସପ୍ତାହ - ୪ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ପଶୁ ନା ପକ୍ଷୀ"**

ସାମୂହିକ କାର୍ଯ୍ୟ : ସମୟ - ୪୦ ମିନିଟ

ଶିକ୍ଷଣ ଫଳାଫଳ : **ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

**ECL1 3.7 :** ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବ ।

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ସେମାନଙ୍କୁ କ୍ରିକେଟ ଖେଳର ଭିଡ଼ିଓ ଦେଖାଇବେ ।
- ପଶୁପକ୍ଷୀ ଖେଳ ଖେଳିବା ପାଇଁ କହିବେ ।
- ଖେଳରେ ଶିକ୍ଷକ ପଶୁ ପକ୍ଷୀ କହିକହି ଚାଲିବେ । ଯେଉଁ ପିଲା ପାଖରେ ପଶୁ କହିବେ ସେହି ପିଲା ଏକ ପଶୁର ନାମ କହିବ ଓ ପକ୍ଷୀ କହିଲେ ପିଲା ପକ୍ଷୀର ନାମ କହିବ ।
- କାର୍ଯ୍ୟ ଚାଲୁଥିବାବେଳେ ପିଲା କହିଥିବା ପଶୁ / ପକ୍ଷୀର ନାମ ସହ ସେମାନେ କରୁଥିବା ଶବ୍ଦ / ଭାବଗୁଡ଼ିକ ଅଭିନୟ କରି କହିବେ ।

## ଦ୍ୱିତୀୟ ମାସ

**ସପ୍ତାହ - ୪ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଚାଲ ଆଗେଇ"**

ଶିକ୍ଷଣ ଫଳାଫଳ : **ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

**ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଏହାପରେ ପ୍ରତ୍ୟେକ ପିଲାଙ୍କୁ ଗୋଟିଏଗୋଟିଏ ପ୍ରଶ୍ନ ପଚାରିବେ ।
  (ଯେପରି : ଖେଳର ନାମ କ'ଣ ? ଯିଏ ବଲ୍ ପକାଉଛି ତାଙ୍କୁ କ'ଣ କୁହାଯାଏ ?)
- ପରେ ପିଲା ସେହିପରି ପ୍ରଶ୍ନ ଶିକ୍ଷକଙ୍କୁ ପଚାରିବେ ।

ସଂକ୍ଷେପଣ – ପିଲାମାନେ କ୍ରିକେଟଖେଳ ବିଷୟରେ କହିବେ ।

ଆବଶ୍ୟକ ସାମଗ୍ରୀ – କ୍ରିକେଟଖେଳର ଭିଡିଓ

## ତୃତୀୟ ମାସ

**ସପ୍ତାହ - ୧ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "କରି ଦେଖାଅ"**

ଶିକ୍ଷଣ ଫଳାଫଳ : **ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

ଯୋଡ଼ି କାର୍ଯ୍ୟ : ସମୟ ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ଯୋଡ଼ିରେ ଭାଗ କରିବେ ।
- ଏହାପରେ ପ୍ରତ୍ୟେକ ଯୋଡ଼ିକୁ ଶ୍ରେଣୀ ସମ୍ମୁଖକୁ ଡାକିବେ ଓ ଗୋଟିଏ ପିଲା ଅନ୍ୟ ପିଲାକୁ କ୍ରିକେଟଖେଳ ସମ୍ବନ୍ଧୀୟ କେତୋଟି କାମର ନାମ (ବୋଲିଂ, ବ୍ୟାଟିଂ, ଟସ୍, ଇତ୍ୟାଦି) କହିବ ଓ ଅନ୍ୟଜଣକ ଅଭିନୟ କରି ଦେଖାଇବ ।
- ଏହିପରି କାର୍ଯ୍ୟ ସମସ୍ତ ଯୋଡ଼ି କରିବେ ।
- ଶିକ୍ଷକ ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବେ ।

ସଂକ୍ଷେପଣ – ପିଲାମାନେ କ୍ରିକେଟ ସମ୍ବନ୍ଧୀୟ ଶବ୍ଦ କହିବେ ।

## ତୃତୀୟ ମାସ

**ସପ୍ତାହ - ୧ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଚିତ୍ର ଦେଖି ନାମ ଲେଖ"**

ଶିକ୍ଷଣ ଫଳାଫଳ : **ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ


କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳରେ କ୍ରିକେଟ ସମ୍ବନ୍ଧୀୟ ଚିତ୍ର ଦେବେ ।
- ପିଲାମାନେ ସେହି ଚିତ୍ରଗୁଡ଼ିକୁ ଦେଖି ସେହି ଚିତ୍ରର ନାମ କହିବେ ।
- ପରିଶେଷରେ ଶିକ୍ଷକ ସଂକ୍ଷେପଣ କରି କଳାପଟାରେ ସେହି ଶବ୍ଦଗୁଡ଼ିକୁ ଲେଖିବେ ।


**ସଂକ୍ଷେପଣ** - ପିଲାମାନେ କ୍ରିକେଟ ସମ୍ବନ୍ଧୀୟ ଶବ୍ଦ କହିବେ ଓ ଶବ୍ଦ ଲେଖା ଥିବା ଚିତ୍ରକାର୍ଡ଼କୁ ଦେଖି କରି ଲେଖିବେ ।

ଆବଶ୍ୟକ ସାମଗ୍ରୀ - କ୍ରିକେଟ ସମ୍ପର୍କିତ ଚିତ୍ର (ବଲ, ବ୍ୟାଟ, ଉିକେଟ, ବେଲ, ଷ୍ଟମ୍ପ ଇତ୍ୟାଦି)











## ତୃତୀୟ ମାସ

**ସପ୍ତାହ - ୧ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ମୋତେ ଖୋଜ"**

ଶିକ୍ଷଣ ଫଳାଫଳ : **ECL1 3.8 (a) :** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳରେ କାର୍ଯ୍ୟପତ୍ର ପ୍ରଦାନ କରିବେ ।
- ପିଲାମାନେ ସୂଚନା ଅନୁସାରେ କାର୍ଯ୍ୟ କରିବେ ।

ସଂକ୍ଷେପଣ – ପିଲାମାନେ ଚିତ୍ର ଦେଖି ଅକ୍ଷର ଓ ଧ୍ୱନିକୁ ଯୋଡ଼ି ଶବ୍ଦ କହିବେ ।

ଆବଶ୍ୟକ ସାମଗ୍ରୀ – କାର୍ଯ୍ୟପତ୍ର

## ତୃତୀୟ ମାସ

**ସପ୍ତାହ - ୧ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଚିତ୍ର ମୋର ନାମ ତୋର"**

ଶିକ୍ଷଣଫଳାଫଳ : **ECL1 3.8 (a) :** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

**ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳରେ ଚିତ୍ରପତ୍ର ପ୍ରଦାନ କରିବେ ।
- ଚିତ୍ରରେ 'ବ' ଅକ୍ଷରରୁ ଆରମ୍ଭ ହେଉଥିବା ଜିନିଷକୁ ଲେଖିବା ପାଇଁ କହିବେ ଓ ଲେଖିବେ ।
  (ଯେପରି ବଲ, ବ୍ୟାଟ, ବୋଲିଂ)
- ପରିଶେଷରେ ଶିକ୍ଷକ ସଂକ୍ଷେପଣ କରି ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ।

ସଂକ୍ଷେପଣ – ପିଲାମାନେ ଚିତ୍ର ଦେଖି 'ବ' ଅକ୍ଷର ଓ ଧ୍ୱନିକୁ ଯୋଡ଼ି ଶବ୍ଦ ବାଛି କହିବେ ଓ ଲେଖିବେ ।

ଆବଶ୍ୟକ ସାମଗ୍ରୀ – ଚିତ୍ରପତ୍ର

### ତୃତୀୟ ମାସ

**ସପ୍ତାହ - ୨ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ: "ଆସ ଚାଷ କରିବା"**

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ**

**ଶିକ୍ଷଣ ଫଳାଫଳ : ECL1 3.3 :** ନିଜ ଭାଷାରେ ପଠିତ କବିତା/ଗପଗୁଡ଼ିକରୁ ପାଇଥିବା ଅନୁଭୂତିକୁ ପରିପ୍ରକାଶ କରିବେ ଏବଂ ନିଜ ସାଙ୍ଗସାଥୀଙ୍କୁ କହିବେ ।

**ECL1 3.9 :** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇ ଗୀତଟିଏ ଅଭିନୟ କରି ଗାଇବେ ଓ ପିଲାଙ୍କୁ ତାଙ୍କ ସହ ଅଭିନୟ କରି ଗାଇବାକୁ କହିବେ ।

ଚାଷ କରେ ଯିଏରେ, ଅନ୍ନମୁଠି ଦିଏରେ
ତାହାଠାରୁ ଦୁନିଆରେ ବଡ଼ ଆଉ କିଏରେ
ଆସ ଚାଷ କରିବା, କଳହଳ ଧରିବା
ବେଳ ଦେଖି ସାର ଦେଇ ବୁଣାବୁଣି ସାରିବା
ଚାଷ କାମ ଯାହାର, କେତେ ସୁଖ ତାହାର
ସେହି ସିନା ଦୁନିଆକୁ ଯୋଗାଉଛି ଆହାର ।

- ଏହାପରେ ଶିକ୍ଷକ ପିଲାଙ୍କୁ ୪/୫ ଦଳରେ ଭାଗ କରି ଚାଷ ବିଷୟରେ କହିବେ ଓ ଲେଖିବେ ।

  ୧. ବିଲରେ କ'ଣ ସବୁ ଚାଷ ହୁଏ ?

  ୨. ଚାଷ ପାଇଁ କ'ଣ ସବୁ ଜିନିଷ ଲାଗେ ?

  ୩. ଚାଷ କାମରେ କେଉଁ କାମ ସବୁ କରାଯାଏ ?

- ପରିଶେଷରେ ଶିକ୍ଷକ ସଂକ୍ଷେପଣ କରିବେ ଓ କଳାପଟାରେ ଲେଖିବେ ।

**ସଂକ୍ଷେପଣ** – ପିଲାମାନେ ଚାଷକାମ ବିଷୟରେ କହିବେ ଓ ଲେଖିବେ ।

## ତୃତୀୟ ମାସ

**ସପ୍ତାହ - ୨ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଚିତ୍ର କଥା"**

**ଶିକ୍ଷଣ ଫଳାଫଳ : ECL1 3.8 (b) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରି ପ୍ରତି ଦଳରେ ଗୋଟିଏ ଲେଖାଏଁ ଚାଷ ସମ୍ପର୍କିତ ଚିତ୍ର ଦେବେ । (ଧାନ ଫଳିବାର ଚିତ୍ର, ଧାନ ବୁଣିବା ଚିତ୍ର, ଲଙ୍ଗଳ ଚଳାଇବା ଚିତ୍ର, ଧାନ କାଟିବା ଚିତ୍ର ଇତ୍ୟାଦି)
- ଶିକ୍ଷକ ଚିତ୍ର ଦେଇ, ଚିତ୍ର ବିଷୟରେ ଗୋଟିଏ ଲେଖାଏଁ ବାକ୍ୟ କହିବାକୁ କହିବେ ଓ ବାକ୍ୟଟିକୁ କଳାପଟାରେ ଲେଖିବେ ।
- ସେହି ବାକ୍ୟରେ ଥିବା ମୁଖ୍ୟ ଶବ୍ଦ ଗୁଡ଼ିକରେ ଶିକ୍ଷକ ଗାର ଟାଣିବେ । ପିଲା ତାହାକୁ ଲେଖି ନେବେ ।

ସଂକ୍ଷେପଣ – ପିଲାମାନେ ଚାଷକାମ ବିଷୟରେ କହିବେ ଓ ଲେଖିବେ ।

ଆବଶ୍ୟକ ସାମଗ୍ରୀ – ଚିତ୍ରକାର୍ଡ଼

## ତୃତୀୟ ମାସ

**ସପ୍ତାହ - ୨ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଶୁଣ ଓ କୁହ"**

**ଶିକ୍ଷଣ ଫଳାଫଳ : ECL1 3.8 (a):** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- କାର୍ଡ଼ବୋର୍ଡ଼ରେ ଲେଖାଥିବା ଅନୁଚ୍ଛେଦଟିକୁ କାନ୍ଥରେ ଟାଙ୍ଗିବେ ଓ ଦୁଇ / ତିନି ଥର ପଢ଼ିବେ ।
- ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବେ ।

ଅନୁଚ୍ଛେଦ :

ଜଟ ବୋଲି ଗୋଟିଏ ପିଲା ଥିଲା । ସେ ଭଲ ବାଟ ଥିଲା । ସେ ଦିନେ ବିଲରେ ଖଟ ପକାଇ ଶୋଇଥିଲା । ନଦୀଘାଟରୁ ପାଣି ଆଣି ବିଲରେ ମଡ଼ାଇଲା । ଚପଲ ପିନ୍ଧି ଫଟଫଟ ହୋଇ ଘରକୁ ଗଲା ।

- ଏହାପରେ ଶିକ୍ଷକ ଯେଉଁ ଶବ୍ଦର ଶେଷରେ 'ଟ' ଅକ୍ଷର ଅଛି ତାକୁ ବାଛି ଲେଖିବା ପାଇଁ କହିବେ ।

- ପରିଶେଷରେ ଶିକ୍ଷକ ସଂକ୍ଷେପଣ କରି ଠିକ୍ କରି କଳାପଟାରେ ଲେଖିବେ ।

**ସଂକ୍ଷେପଣ** – ପିଲାମାନେ 'ଟ' ଅକ୍ଷର ଥିବା ଶବ୍ଦ କହିବେ ଓ ଲେଖିବେ ।

**ଆବଶ୍ୟକ ସାମଗ୍ରୀ** – କାର୍ଡ ବୋର୍ଡ, କାର୍ଯ୍ୟ ଫର୍ଦ୍ଦ

## ତୃତୀୟ ମାସ

**ସପ୍ତାହ - ୨ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ତୁମେ ଜାଣିଛ କି"**

**ଶିକ୍ଷଣ ଫଳାଫଳ : ECL1 3.8(a):** ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।

**ECL1 3.2 :** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

**ଦଳଗତ କାର୍ଯ୍ୟ:** **ସମୟ – ୪୦ ମିନିଟ**

**କାର୍ଯ୍ୟ ପ୍ରଣାଳୀ:**

- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରିବେ ଓ ପଠନ କୋଣରେ ଥିବା ଚାଷ ସମ୍ବନ୍ଧୀୟ ପୁସ୍ତକ ଆଣିବା ପାଇଁ କହିବେ ।

- ଶିକ୍ଷକ ବହିକୁ ଦେଖି ତା' ଭିତରେ ଥିବା ଚିତ୍ରର ନାମ ଲେଖିବାକୁ କହିବେ ।

- ପରେ ଶିକ୍ଷକ ପ୍ରତ୍ୟେକ ଦଳର ବିଭିନ୍ନ ଶବ୍ଦକୁ ନେଇ ଦୁଇରୁ ତିନୋଟି ବାକ୍ୟ କହିବେ ।

  (ଆବଶ୍ୟକସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।)

**ସଂକ୍ଷେପଣ** – ପିଲାମାନେ ଶବ୍ଦ ସହ ଅକ୍ଷର ଯୋଡ଼ି କହିବେ ଓ ଲେଖିବେ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ର ଥିବା ଗପ, କାର୍ଯ୍ୟଫର୍ଦ୍ଦ







## ତୃତୀୟ ମାସ

**ସପ୍ତାହ - ୨ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "କାମ କୁହ"**

**ଶିକ୍ଷଣ ଫଳାଫଳ : ECL1 3.9: ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବ ।**

ସାମୂହିକ କାର୍ଯ୍ୟ : ସମୟ - ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇ ଏକ ଖେଳ ଖେଳାଇବେ ।

  ସୂଚନା : ଗୋଟିଏ ପିଲା ତା' ସାଙ୍ଗର ନାମ କହି ତାହା ସହିତ ଗୋଟିଏ ଚାଷକାମକୁ ଯୋଡ଼ି ବାକ୍ୟଟିଏ କହିବ । ଯେପରିକି : ବାଦଲ ଧାନ କାଟିବ ।
- ପ୍ରତ୍ୟେକ ପିଲାଙ୍କୁ ବାକ୍ୟଟିଏ କହିବା ପାଇଁ ଉତ୍ସାହିତ କରିବେ ।

ସଂକ୍ଷେପଣ - ପିଲାମାନେ ଚାଷ କାମ ବିଷୟରେ କହିବେ ।

## ତୃତୀୟ ମାସ

**ସପ୍ତାହ - ୩ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଆସ ଗୀତ ଶୁଣି କହିବା"**

**ଶିକ୍ଷଣ ଫଳାଫଳ : ECL1 3.8(a) : ଗଳ୍ପ, କବିତା ଓ ଗୀତ ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବ ।**

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ଶ୍ରେଣୀ ପିଲାଙ୍କୁ 'U' ଆକୃତିରେ ଠିଆ କରାଇବେ ଓ ଗୀତଟିଏ ଗାଇବେ ।
- ଗୀତ ଶେଷରେ ଶିକ୍ଷକ ପିଲାମାନଙ୍କୁ ବାରମ୍ବାର ବ୍ୟବହାର ହୋଇଥିବା ଶବ୍ଦକୁ କହିବା ପାଇଁ କହିବେ ।

ଘଣ୍ଟା ଚାଲେ ଟିକ୍‌ଟିକ୍
ସମୟ କହେ ଠିକ୍‌ଠିକ୍ ।
ଘଣ୍ଟି ବାଜେ ଠନ୍‌ଠନ୍
ପୂଜି କରନ୍ତି ଝନ୍‌ଝନ୍ ।
ନୂପୁର ବାଜେ ଝମ୍‌ଝମ୍
ଚାଲନି ହୋଇ ବମ୍‌ବମ୍ ।

**ସଂକ୍ଷେପଣ** - ପିଲାମାନେ ଗୀତ ଗାଇବେ ଓ ସମାନ ଶବ୍ଦକୁ ଚିହ୍ନଟ କରି ଲେଖିବେ ଓ କହିବେ ।

ଆବଶ୍ୟକ ସାମଗ୍ରୀ - କାର୍ଯ୍ୟଫର୍ଦ୍ଦ

## ତୃତୀୟ ମାସ

**ସପ୍ତାହ - ୩ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "କଥା ଏକ କାମ ଅନେକ"**

**ଶିକ୍ଷଣ ଫଳାଫଳ : ECL1 3.7 :** ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଅନୁଚ୍ଛେଦଟିକୁ ପଢ଼ି ପିଲାଙ୍କୁ ଶୁଣାଇବେ ।
- ଅନୁଚ୍ଛେଦରେ ଲେଖାଥିବା କାର୍ଡ଼ ପ୍ରତ୍ୟେକ ପିଲାଙ୍କୁ ଦେବେ ।
- ଅନୁଚ୍ଛେଦରେ ପ୍ରଥମ ଅକ୍ଷର 'ଘ' ଥିବା ଶବ୍ଦକୁ ଗୋଲ ବୁଲାଇବେ ଓ କହିବେ ।

ଅନୁଚ୍ଛେଦ:

ତୁମେମାନେ ଘରେ ଘଣ୍ଟା ଦେଖିଥିବ । ଘଣ୍ଟା ଆଉ ମନ୍ଦିରର ଘଣ୍ଟି ଦୁଇଟିଯାକ ଜିନିଷ ଆମକୁ ସମୟର ସୂଚନା ଦିଅନ୍ତି । ଘଣ୍ଟା ଦିନର ସମୟ କହୁଥିବା ବେଳେ ଘଣ୍ଟି ପୂଜାର ସମୟ କହେ । କିନ୍ତୁ ଘଣ୍ଟି ଅନେକଥର ବାଜୁଥିବାରୁ ସେ ଦିନର କୌଣସି ଗୋଟିଏ ସମୟ କଥା କହେନାହିଁ ।

**ସଂକ୍ଷେପଣ** – ପିଲାମାନେ 'ଘ' ଅକ୍ଷର ଥିବା ଶବ୍ଦକୁ ଚିହ୍ନିବେ ଓ କହିବେ ।

ଆବଶ୍ୟକ ସାମଗ୍ରୀ – କାର୍ଯ୍ୟଫର୍ଦ୍ଦ

## ତୃତୀୟ ମାସ

**ସପ୍ତାହ - ୩ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ମୋ ସାଙ୍ଗରେ ଚାଲ"**

**ଶିକ୍ଷଣ ଫଳାଫଳ : ECL1 3.4 (B) :** ନିଜ ଭାଷାର ପରିଚିତ କବିତାକୁ ଉପଯୁକ୍ତ ସ୍ୱରରେ ଉତ୍‌ଥାନ ପତନ ସହ ଅବିରତ ଭାବେ ଆବୃତ୍ତି କରିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ**

କାର୍ଯ୍ୟ ପ୍ରଣାଳୀ

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ଗୀତଟିକୁ କାର୍ଡ଼ବୋର୍ଡ଼ରେ ଲେଖି କାନ୍ଥରେ ଟାଙ୍ଗିବେ ।
- ଗୀତଟିକୁ (ଚିତ୍ର ଦେଖାଇ) ଅଭିନୟ ସହ ଗାଇବେ ।
- ପିଲାମାନେ ଅନୁସରଣ କରି ଅଭିନୟ ସହ ଗାଇବେ ।

ଗୀତ :

ନାଁ ଟି ମୋର ଘଣ୍ଟା
ତିନିଟି ମୋର କଣ୍ଟା ।
ଚାଲେ ମୁହିଁ ଟିକଟିକ୍
ସମୟ କହେ ଠିକଠିକ୍ ।
କାନ୍ଥରେ ମୁଁ ଥାଏ
ବେଳ ଜଣାଇ ଦିଏ ।

**ସାମଗ୍ରୀ** – କାର୍ଯ୍ୟଫର୍ଦ୍ଦ, କାର୍ଡ଼ ବୋର୍ଡ

**ସଂକ୍ଷେପଣ** – ପିଲାମାନେ ସ୍ୱରରେ ଗୀତ ଗାଇବେ । ଏଭଳି ଭାବେ ଶୁଣୁଥିବା ଶବ୍ଦକୁ ଚିହ୍ନି କହିବେ ।

## ତୃତୀୟ ମାସ

**ସପ୍ତାହ - ୩ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ମୁଁ ମୋବାଇଲ"**

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ**

**ଶିକ୍ଷଣ ଫଳାଫଳ : ECL1 3.1 :** ବିଦ୍ୟାଳୟ ଓ ଘରେ ଅପରିଚିତ **ଶିକ୍ଷକ**, **ନୂତନ ସାଙ୍ଗସାଥୀ**, **ବିଦ୍ୟାଳୟ କର୍ମଚାରୀ**, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

**ECL1 3.4 (b) :** ନିଜ ଭାଷାର ପରିଚିତ କବିତାକୁ ଉପଯୁକ୍ତ ସ୍ୱରରେ ଉତ୍‌ଥାନ ପତନ ସହ ଅବିରତ ଭାବେ ଆବୃତ୍ତି କରିବେ ।

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ଗୀତଟିକୁ କାର୍ଡ଼ବୋର୍ଡ଼ରେ ଲେଖି କାନ୍ଥରେ ଟାଙ୍ଗିବେ ।
- ଗୀତଟିକୁ (ଚିତ୍ର ଦେଖାଇ) ଅଭିନୟ ସହ ଗାଇବେ ।
- ପିଲାମାନେ ଅନୁସରଣ କରି ଅଭିନୟ ସହ ଗାଇବେ ।

ଗୀତ:

ମୋବାଇଲ୍ ଅଟେ ନାଁଟି ମୋର
ଡାଏଲ୍ କର ଚିପି ନମ୍ବର ।
ଟ୍ରିଙ୍ଗ୍‌ଟ୍ରିଙ୍ଗ୍ ବାଜୁଥାଏ
ଖବର ଆସିଲେ ଜଣାଇ ଦିଏ ।
ଝକଝକିଆ ମୋର ରଙ୍ଗ
ପକେଟ୍ ବ୍ୟାଗ୍ ମୋର ସାଙ୍ଗ ।

- ଏହାପରେ ଶିକ୍ଷକ ପ୍ରତ୍ୟେକ ପିଲାଙ୍କୁ ମୋବାଇଲ୍ ବିଷୟରେ ପ୍ରଶ୍ନ ପଚାରି ଖୋଲା ଆଲୋଚନା କରିବେ ।

ପ୍ରଶ୍ନ :

- ମୋବାଇଲ୍‌ରେ ତୁମେ କ'ଣ କର ?
- ମୋବାଇଲ୍ ଉଠାଇଲେ କ'ଣ କୁହ ?
- ତୁମକୁ କିଏ ଫୋନ୍ କରନ୍ତି ?
- ମୋବାଇଲ୍‌ରେ ଆଉ କ'ଣ ସବୁ ଦେଖ ?

(ଏହିଭଳି ପ୍ରଶ୍ନ ପଚାରିବେ)

**ସଂକ୍ଷେପଣ** – ପିଲାମାନେ ସ୍ୱରରେ ଗୀତ ଗାଇବେ ଓ ଖୋଲା ଆଲୋଚନା କରିବେ ।

**ଆବଶ୍ୟକ ସାମଗ୍ରୀ** – କାର୍ଡ଼ବୋର୍ଡ଼

## ତୃତୀୟ ମାସ

**ସପ୍ତାହ - ୩ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଶବ୍ଦ ଗଢ଼"**

**ଶିକ୍ଷଣ ଫଳାଫଳ : ECL1 3.S (B) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ଶ୍ରେଣୀରେ ପିଲାଙ୍କୁ U ଆକୃତିରେ ବସାଇବେ ।
- ନାମ ଲେଖାଥିବା ଚିତ୍ରକାର୍ଡ ଦେଖାଇ ଚିତ୍ରର ନାମ କହିବାକୁ ସୂଚନା ଦେବେ ।

ସଂକ୍ଷେପଣ – ପିଲାମାନେ ଅକ୍ଷର ଯୋଡ଼ି ଶବ୍ଦ ଗଠନ କରିବେ ।

ଆବଶ୍ୟକ ସାମଗ୍ରୀ – ନାମ ଲେଖାଥିବା ଚିତ୍ର କାର୍ଡ



ମୋବାଇଲ



ଘଣ୍ଟା



ଚଷମା



ଚପଲ



ଘଣ୍ଟି



ଘର

**ସପ୍ତାହ ୪ / ଦିବସ-୧**

**ଶିକ୍ଷଣ କାର୍ଯ୍ୟ : "ଜ୍ୟୋତି ଗଲା ବିଦ୍ୟାଳୟ"**

**ଶିକ୍ଷଣ ଫଳାଫଳ :** ECL1 3.8 (b) : ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ECL1 3.6 (a) : ଛାପା ଲେଖାକୁ ବୁଝିକରି ପଢ଼ିବେ ।

ECL1 3.5 (b) : ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନଯୋଗ ସହ ଦେଖିବେ ଏବଂ ସେମାନଙ୍କ ବିଷୟରେ କହିବ, ସେମାନଙ୍କ ନାମ କାଳ୍ପନିକ ଭାବେ ଲେଖିବେ ।

**ସାମୂହିକ କାର୍ଯ୍ୟ :** **ସମୟ : ୪୦ ମିନିଟ**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- (ପଠନ ପୂର୍ବ କାର୍ଯ୍ୟ) ଶିକ୍ଷକ ପ୍ରଥମେ ଗଳ୍ପରେ ଦିଆଯାଇଥିବା ଚିତ୍ର ପିଲାମାନଙ୍କୁ ଦେଖାଇ ଚିତ୍ର ଚିହ୍ନିବାକୁ ଓ ଗପ ବିଷୟରେ ଅନୁମାନ କରିବାକୁ କହିବେ ।
- (ପଠନ ସମୟରେ କାର୍ଯ୍ୟ) ଶିକ୍ଷକ ଭାବଭଙ୍ଗୀ ସହ ଚିତ୍ର ପିଲାଙ୍କ ଆଡ଼କୁ ଦେଖାଇ ଗପଟିକୁ ପଢ଼ିବେ ଓ ମଝିରେ ମଝିରେ କିଛି ଅନୁମାନ ଆଧାରିତ ପ୍ରଶ୍ନ ପଚାରିବେ । ଯେପରି - ପିଲାମାନେ କହିଲ, ଗପରେ ଆଗକୁ କ'ଣ ହେବ ? - ଏହାଦ୍ୱାରା ପିଲାମାନେ ଗପ ଧ୍ୟାନ ଦେଇ ଶୁଣିଛନ୍ତି ନା ନାହିଁ ଜାଣିହେବ ।
- (ପଠନ ପର କାର୍ଯ୍ୟ) : ପିଲାଙ୍କ ସହ କିଛି ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ଓ ମୁକ୍ତ ପ୍ରଶ୍ନ ପଚାରି ଆଲୋଚନା କରିବେ ।

ପ୍ରଶ୍ନ :-

- ଜ୍ୟୋତି କେଉଁଠିକୁ ଯାଉଥିଲା ?
- ଜ୍ୟୋତି ଆଡ଼କୁ ଦେଖି କିଏ ହସିଲେ ?
- ଜ୍ୟୋତି କାହିଁକି ବୋଉକୁ ଜାବୁଡ଼ି ଧରିଲା ?

## ଜ୍ୟୋତିର ବିଦ୍ୟାଳୟର ପ୍ରଥମ ଦିନ



ଆଜି ମୋର ବିଦ୍ୟାଳୟରେ ପ୍ରଥମ ଦିନ । ବୋଉ ମୋର ହାତ ଧରି ମୋତେ ବିଦ୍ୟାଳୟ ନେଉଛନ୍ତି । ମୁଁ କହିଲି, "ମୁଁ ବଡ଼ ହେଲ ହେଇଗଲିଣି" । "ଜଲଦି ଚାଲେ, ଜଲଦି ଚାଲେ !" ବୋଉ ମୋର ହାତକୁ ଜାବୁଡ଼ି ଧରି କହିଲା ।











ବିଦ୍ୟାଳୟ ସାମନାରେ ବହୁତ ପିଲା ଥିଲେ । କିଛି ପିଲା ସାଇକେଲରେ ଆସିଲେ । କିଛି ପିଲା ସ୍କୁଟରରେ ବସି ଆସିଲେ । କିଛି ପିଲା ଅଟୋରେ ଆସିଲେ । କିଛି ପିଲା ମୋ ଭଳି ଚାଲିକି ଆସିଲେ ।

ଆମେ ବିଦ୍ୟାଳୟର ଗେଟ୍ ପର୍ଯ୍ୟନ୍ତ ପହଞ୍ଚିଲୁ । ବୋଉ ମୋର ହାତ ଛାଡ଼ିଦେଲେ । ସେ ଗେଟ୍ ବାହାରେ ଛିଡ଼ା ହୋଇଥିଲେ । ମୋତେ ବିଦ୍ୟାଳୟ ଭିତରକୁ ଏକା ଯିବାର ଥିଲା । ମୋର ଚାରିପଟେ ବହୁତ ନୂଆ ଲୋକମାନେ ଛିଡ଼ା ହୋଇଥିଲେ ।

ମୁଁ ଗୋଟେ ପାଦ ଚାଲିଲି । ତାପରେ ଆଉ ଗୋଟେ ପାଦ ଚାଲିଲି । ମୁଁ ଯେତେ ଦୂର ଚାଲୁଥିଲି, ବୋଉ ସେତେ ଛୋଟ ହୋଇହୋଇ ଯାଉଥିଲା । ଆଉ କ'ଣ ବୋଉ ଦେଖାଯାଉ ନାହିଁ ? ମୁଁ ଦୌଡ଼ିକରି ତାଙ୍କ ପାଖକୁ ଗଲି । ମୋତେ ଏବେ ଆଦୌ ଲାଗୁନାହିଁ କି ମୁଁ ବଡ଼ ହୋଇଯାଇଛି । ମୁଁ ବୋଉକୁ ଯାଇ ଜାବୁଡ଼ି ଧରିଲି ।

ସବୁପିଲା ଭିତରେ ଥିଲେ । କେବଳ ମୁଁ ବାହାରେ ଥିଲି । ଶିକ୍ଷୟିତ୍ରୀ ବାହାରକୁ ଆସିଲେ । ମୋ ଆଡ଼କୁ ଦେଖି ହସିଲେ । ମୁଁ ମଧ୍ୟ ହସିଲି । ବୋଉ କହିଲା, "ଜ୍ୟୋତି, ତୁ ଯେତେବେଳେ ବାହାରକୁ ଆସିବୁ, ସେତେବେଳେ ମୁଁ ଏଇଠି ଛିଡ଼ା ହୋଇଥିବି ।"

ମୁଁ ଦୌଡ଼ିକରି ଭିତରକୁ ଗଲି । ବୋଉ ଗେଟ୍ ବାହାରେ ଛିଡ଼ା ହୋଇଥିଲା ।

**ସଂକ୍ଷେପଣ** – ପିଲାମାନେ ଗପ ବୁଝିବେ ଓ ଗପ ସମ୍ବନ୍ଧରେ ନିଜ ବିଚାରକୁ କହିବେ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ର

**ସପ୍ତାହ ୪ / ଦିବସ : ୨**

**ଶିକ୍ଷଣ କାର୍ଯ୍ୟ : "କହିଲ ଟିକେ ଏଇଟା କ'ଣ ?"**

**ଶିକ୍ଷଣ ଫଳାଫଳ : ECL 13.1 :** ବିଦ୍ୟାଳୟ ଓ ଘରେ ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବ ।

ସାମୂହିକ କାର୍ଯ୍ୟ : ସମୟ :- ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ସବୁ ପିଲାଙ୍କୁ ଗୋଲାକାରରେ ଛିଡ଼ା ହେବା ପାଇଁ କହିବେ ।
- ଶିକ୍ଷକ ଗୋଲ ଭିତରେ ବୁଲିବୁଲି ତାଳି ମାରି କହିବେ - "କହିଲ ଟିକେ କାହାର ରଙ୍ଗ ଅଟଇ ନାଲି" ? ପିଲା ମଧ୍ୟ ଶିକ୍ଷକଙ୍କ ପଛରେ ଗାଇବେ - "କହିଲ ଟିକେ କାହାର ରଙ୍ଗ ଅଟଇ ନାଲି" ?
- ଶିକ୍ଷକ କୌଣସି ଗୋଟିଏ ପିଲାର ମୁଣ୍ଡ ଉପରେ ହାତ ରଖି ପଚାରନ୍ତୁ - ପିଲାମାନେ କହିଲ ଟିକେ କ'ଣ ସବୁ ଅଟଇ ନାଲି ?
- ଯେଉଁ ପିଲା ମୁଣ୍ଡ ଉପରେ ଶିକ୍ଷକ ହାତ ରଖି ପଚାରିବେ, ସେ କୌଣସି ଗୋଟିଏ ନାଲି ଜିନିଷ ବିଷୟରେ କହିବ - 'ଟମାଟୋ' - ପିଲାଙ୍କୁ ଟମାଟୋ ବିଷୟରେ ଗୋଟିଏ ବାକ୍ୟ କହିବାକୁ କୁହନ୍ତୁ ।
- ଏହିଭଳି ଶିକ୍ଷକ ପଚାରି ପାରନ୍ତି ଯେ - କହିଲ ଟିକେ କ'ଣ ଲାଗେ ଖାଇବାକୁ ମିଠା ମିଠା - କହିଲ ଟିକେ କ'ଣ ଅଟଇ ଖାଇବାକୁ ଖଟା-ଖଟା - କହିଲ ଟିକେ କ'ଣ ଅଟଇ ଲମ୍ବା-ଲମ୍ବା - କହିଲ ଟିକେ କ'ଣ ଅଟଇ ଗୋଲ-ଗୋଲ ଇତ୍ୟାଦି ।

**ସଂକ୍ଷେପଣ** - ପିଲାମାନେ ନିଜ ଅନୁଭୂତିରୁ କହିବେ ।

ତୃତୀୟ ମାସ

**ସପ୍ତାହ ୪ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆମ ବିଦ୍ୟାଳୟ କାର୍ଯ୍ୟ"**

ଶିକ୍ଷଣ ଫଳାଫଳ :**ECL 13.6(b) :** ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ବୁଝିକରି ପଢ଼ିବ ।

ଦଳଗତ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ଶ୍ରେଣୀରେ ପିଲାଙ୍କୁ ୪/୫ଟି ଦଳରେ ଭାଗ କରିବେ ।
- ଏହାପରେ ଶିକ୍ଷକ ପିଲାମାନଙ୍କୁ ଦଳରେ ବିଦ୍ୟାଳୟ କାର୍ଯ୍ୟ ସମ୍ପର୍କିତ ଚିତ୍ର ଦେବେ ।
- ସେହି ଚିତ୍ରଗୁଡ଼ିକୁ ବିଦ୍ୟାଳୟ କାର୍ଯ୍ୟ ଅନୁସାରେ କ୍ରମରେ ସଜାଡ଼ି, କାମଗୁଡ଼ିକ ବିଷୟରେ କହିବା ପାଇଁ ସୂଚନା ଦେବେ ।

ସଂକ୍ଷେପଣ - ପିଲାମାନେ ନିଜ ଅନୁଭୂତିରୁ ବିଦ୍ୟାଳୟ କାର୍ଯ୍ୟଗୁଡ଼ିକୁ କ୍ରମ ଅନୁସାରେ ସଜାଡ଼ି କହିବେ ।

ଆବଶ୍ୟକ ସାମଗ୍ରୀ - ଚିତ୍ର



## ତୃତୀୟ ମାସ

**ସପ୍ତାହ ୪ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "କହିକହି ଆଗେଇ ଚାଲ"**

ଶିକ୍ଷଣ ଫଳାଫଳ :**ECL 1 3.8 (b) :** ଚିତ୍ର, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ :

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଗପଟିଏ କହିବେ ଓ ଆଗକୁ ଗପଟିକୁ ଆଗେଇ ନେବା ପାଇଁ ସୂଚନା ଦେବେ ।

ଗପ: "ବର୍ଷା ହେଉଥାଏ । ପିଲାମାନେ ବିଦ୍ୟାଳୟକୁ ଯାଉଥିଲେ । ଗୋଟିଏ ପିଲା କାଦୁଅରେ ପଡ଼ିଗଲା ।" ଏହାପରେ କ'ଣ ହୋଇଥିବ, ପିଲାମାନେ ଗୋଟିଏ ପରେ ଗୋଟିଏ ବାକ୍ୟ କହିବେ ଓ ଗପଟିକୁ ଆଗେଇ ନେବେ ।

(ପ୍ରତ୍ୟେକ ପିଲା ଯେପରି ଅଂଶଗ୍ରହଣ କରନ୍ତି ସେଥିପ୍ରତି ଶିକ୍ଷକ ଦୃଷ୍ଟି ଦେବେ ।)

## ତୃତୀୟ ମାସ

**ସପ୍ତାହ ୪ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ମୋ ବିଦ୍ୟାଳୟ"**

ଶିକ୍ଷଣ ଫଳାଫଳ : **ECL 1 3.2:** ପଠନ କୋଣ / ପଠନ ସ୍ଥାନରୁ ନିଜେ ବହି ଚୟନ କରିବ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବ ଏବଂ ଲିଖିତ ଅକ୍ଷରକୁ ଅନୁମାନ କରିବ ।

**ECL 1 3.3 :** ନିଜ ଭାଷାରେ ପଠିତ କବିତା/ଗପଗୁଡ଼ିକରୁ ପାଇଥିବା ଅନୁଭୂତିକୁ ପରିପ୍ରକାଶ କରିବେ ଏବଂ ନିଜ ସାଙ୍ଗସାଥୀଙ୍କୁ କହିବେ ।

ସାମୂହିକ କାର୍ଯ୍ୟ : ସମୟ : ୪୦ ମିନିଟ

କାର୍ଯ୍ୟ ପ୍ରଣାଳୀ:

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।
- ଏକ ବଡ଼ କାର୍ଡବୋର୍ଡରେ ବିଦ୍ୟାଳୟର ପୂର୍ଣ୍ଣାଙ୍ଗ ଚିତ୍ର ଦେଖାଇବେ ।
- ଏହାପରେ ଶିକ୍ଷକ ପିଲାମାନଙ୍କୁ ବିଦ୍ୟାଳୟର ପ୍ରତ୍ୟେକ ସ୍ଥାନ ଓ ସେଠାର କାର୍ଯ୍ୟକୁ ଦର୍ଶାଇବେ ।
- ଶିକ୍ଷକ ପିଲାମାନଙ୍କୁ ୪/୫ଟି ଦଳରେ ଭାଗ କରିବେ ।
- ପ୍ରତି ଦଳରେ ଏକ ବଡ଼ ଖାଲି ଥିବା କାର୍ଡବୋର୍ଡ ଦିଆଯିବ ଓ ବିଦ୍ୟାଳୟର ବିଭିନ୍ନ ସ୍ଥାନର ଚିତ୍ରକାର୍ଡଗୁଡ଼ିକୁ ସଜାଇ ବିଦ୍ୟାଳୟକୁ ସଂପୂର୍ଣ୍ଣ କରିବାକୁ କୁହାଯିବ ।

ସଂକ୍ଷେପଣ - ପିଲାମାନେ ବିଦ୍ୟାଳୟର ବିଭିନ୍ନ ସ୍ଥାନକୁ ଦର୍ଶାଇବେ ।

ଆବଶ୍ୟକ ସାମଗ୍ରୀ - ଚିତ୍ରକାର୍ଡ, କାର୍ଡବୋର୍ଡ

# ବିକାଶାତ୍ମକ ଲକ୍ଷ୍ୟ - ୩

## ପ୍ରଥମ ମାସ

**ପ୍ରଥମ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ମୋ ଘର"**

**ଶିକ୍ଷଣ ଫଳାଫଳ : IL 3.2 :** ନିକଟ ପରିବେଶରେ ଉପଲବ୍ଧ ସାଧାରଣ ବସ୍ତୁ, ଶବ୍ଦ, ବ୍ୟକ୍ତି ବିଶେଷ, ଚିତ୍ର, ପଶୁ, ପକ୍ଷୀ ମାନଙ୍କର ସୂକ୍ଷ୍ମ ବିବରଣୀକୁ ଲକ୍ଷ୍ୟ କରିବ ଓ ବର୍ଣ୍ଣନା କରିବେ ।

**କାର୍ଯ୍ୟର ସୂଚନା:**

**ବ୍ୟକ୍ତିଗତ କାର୍ଯ୍ୟ :**

- ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜ ଘରେ ଦେଖୁଥିବା ବିଭିନ୍ନ ଜିନିଷର ନାମ ମନେପକାଇ କହିବାକୁ ସୂଚନା ଦେବେ ।

**ଦଳଗତ କାର୍ଯ୍ୟ :**

- ପ୍ରତି ଦଳକୁ ଗୋଟିଏ ଲେଖାଏଁ ଘରର ଚିତ୍ର ଦିଆଯିବ
- ଯେଉଁଥିରେ ବିଭିନ୍ନ କୋଠରିରେ ଥିବା ଆସବାବପତ୍ର ଗୁଡ଼ିକ ସ୍ପଷ୍ଟ ଦେଖା ଯାଉଥିବ ।
- ଶିକ୍ଷାର୍ଥୀମାନେ ଦଳରେ ଚିତ୍ର ପର୍ଯ୍ୟବେକ୍ଷଣ କରିବେ ଓ ବ୍ୟକ୍ତିଗତ ଭାବରେ କହିବେ ।

ପ୍ରଶ୍ନ :

- ଘରେ କ'ଣ ସବୁ ଜିନିଷ ଥିବାର ଦେଖୁଛ ?
- କେଉଁ ଜିନିଷ ତୁମ ଘରେ ଅଛି ?
- ତୁମ ଘରେ କେଉଁ କେଉଁ ଜିନିଷ ନାହିଁ ?

ଇତ୍ୟାଦି...

**ସଂକ୍ଷେପଣ** – ଆମ ଚାରିପାଖରେ ବିଭିନ୍ନ ଜିନିଷ ଅଛି ଓ ପ୍ରତ୍ୟେକର ନାମ ଅଛି ।

**ଆବଶ୍ୟକ ସାମଗ୍ରୀ** – ଘର ଆସବାବପତ୍ର ଥିବା ଘରର ଚିତ୍ରକାର୍ଡ

ସୂଚନା : ଶିକ୍ଷଣ କାର୍ଯ୍ୟ ପରେ ଶିକ୍ଷାର୍ଥୀମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।













## ପ୍ରଥମ ମାସ

**ପ୍ରଥମ ସପ୍ତାହ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ :- "ଘର ଓ ବାହାର"**

**ଶିକ୍ଷଣ ଫଳାଫଳ : IL 3.1 :** ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

**ଦଳଗତ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟର ସୂଚନା:**

- ପ୍ରତି ଦଳକୁ ଗୋଟିଏ ଲେଖାଏଁ ଘରର ଚିତ୍ର ଓ କିଛି ଜିନିଷର ଚିତ୍ରକାର୍ଡ଼ ଦିଆଯିବ । ଶିକ୍ଷାର୍ଥୀମାନେ ଘରେ ରଖା ଯାଉଥିବା ଜିନିଷକୁ ଘରେ ଓ ବାହାରେ ଥିବା ଜିନିଷକୁ ଘର ବାହାରେ ରଖିବେ ।
- ପ୍ରତି ଦଳକୁ ସେହି କାମ କିପରି କଲେ, ବର୍ଣ୍ଣନା କରିବାକୁ କୁହାଯିବ ।

ପ୍ରଶ୍ନ:

- ଘରେ ଆଉ କ'ଣସବୁ ଜିନିଷ ଥାଏ ?
- ବାହାରେ ଆଉ କ'ଣସବୁ ଜିନିଷ ଥାଏ ?

ଇତ୍ୟାଦି...

**ସଂକ୍ଷେପଣ** – ଆମ ଚାରିପାଖରେ ବିଭିନ୍ନ ବସ୍ତୁ ଅଛି, କିଛି ଆମ ଘରେ ଥାଏ ଓ କିଛି ଆମ ଘର ବାହାରେ ଥାଏ ।

**ଆବଶ୍ୟକ ସାମଗ୍ରୀ :** ଘରର ଚିତ୍ରକାର୍ଡ଼, ଟେବୁଲ, ଚୌକି, ମାଠିଆ, ବହି, ଆଲମିରା, ଟ୍ରକ, ବରଗଛ, ଟ୍ରେନ୍, ଉଡ଼ାଜାହାଜ, ଡଙ୍ଗାର ଚିତ୍ର କାର୍ଡ଼ (ପ୍ରତି ଦଳ ପାଇଁ ପ୍ରତ୍ୟେକରୁ ଗୋଟିଏ ଲେଖାଏଁ)

## ପ୍ରଥମ ମାସ

**ପ୍ରଥମ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ପଡ଼ିଶା ଘର"**

**ଶିକ୍ଷଣ ଫଳାଫଳ : IL 3.1 :** ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ମିନିଟ୍

**କାର୍ଯ୍ୟର ସୂଚନା:**

ଶିକ୍ଷକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଜଣେ ପରିଚିତ ବ୍ୟକ୍ତିଙ୍କ ଘରକୁ ବୁଲାଇ ନେବେ । ସୂଚନା ରହିବ ଯେ, ବାଟରେ ଗଲାବେଳେ ଯାହାସବୁ ଦେଖିବ ମନେରଖିବ ଓ ଠିକ୍ ସେହିପରି ଆମେ ଦେଖିବାକୁ ଯାଉଥିବା ବ୍ୟକ୍ତିଙ୍କ ଘରେ ଯାହା ସବୁ ଦେଖିବ ମନେରଖିବ । ବୁଲିସାରି ଆସିବା ପରେ, ଶିକ୍ଷକ ଶ୍ରେଣୀରେ କେତେକ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ :

- ରାସ୍ତାରେ କ'ଣ ସବୁ ଜିନିଷ ଦେଖିଲ ?
- କେଉଁକେଉଁ ପଶୁ ପକ୍ଷୀ ଦେଖିଲ ?
- ସେମାନେ କ'ଣ କରୁଥିଲେ ?
- ପଡ଼ିଶା ଘରେ କ'ଣ ସବୁ ଦେଖିଲ ?
- ପଡ଼ିଶା ଘରେ କେଉଁ ଜିନିଷ ତୁମକୁ ଭଲ ଲାଗିଲା, କାହିଁକି ?

ଇତ୍ୟାଦି....

**ସଂକ୍ଷେପଣ -** ଆମ ଚାରିପାଖରେ ବିଭିନ୍ନ ବସ୍ତୁ ଅଛି, କିଛି ଘରେ ଦେଖିବାକୁ ପାଉ ଓ କିଛି ଘର ବାହାରେ ଥାଏ ।

## ପ୍ରଥମ ମାସ

**ପ୍ରଥମ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "କିଏ କେଉଁଠି"**


**ଶିକ୍ଷଣ ଫଳାଫଳ : IL 3.2 :** ନିକଟ ପରିବେଶରେ ଉପଲବ୍ଧ ସାଧାରଣ ବସ୍ତୁ, ଶବ୍ଦ, ବ୍ୟକ୍ତି ବିଶେଷ, ଚିତ୍ର, ପଶୁ, ପକ୍ଷୀ ମାନଙ୍କର ସୂକ୍ଷ୍ମ ବିବରଣୀକୁ ଲକ୍ଷ୍ୟ କରିବ ଓ ବର୍ଣ୍ଣନା କରିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା:

ପ୍ରତି ଦଳରେ ଗୋଟିଏ ଚିତ୍ରକାର୍ଡ଼ ଦେଇ କିଛି ସମୟ ପିଲାମାନଙ୍କୁ ସେହି ଚିତ୍ରଟିକୁ ଅନୁଧ୍ୟାନ କରିବାକୁ କହିବେ ତାପରେ ଶିକ୍ଷକ କେତେକ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ:



- ଚିତ୍ରରେ କ'ଣ ସବୁ ଦେଖୁଛ ?
- କେଉଁ କେଉଁ ପଶୁପକ୍ଷୀ ଦେଖୁଛ ?
- ମାଙ୍କଡ଼ କ'ଣ କରୁଛି ?
- ପୋଖରୀ ଭିତରେ କିଏ ଅଛି ?
- ପୋଖରୀ ବାହାରେ କିଏ ଅଛି ?
- ହାତୀ କୋଉଠି ଲୁଚିଛି ?
- ଏମାନଙ୍କ ମଧ୍ୟରୁ କାହାକୁ ଘରେ ରଖିହେବ କି ?

ଇତ୍ୟାଦି...

**ସଂକ୍ଷେପଣ** – ପ୍ରତି ଚିତ୍ର ବା ବସ୍ତୁରେ ଭିନ୍ନତା ଥାଏ

**ଆବଶ୍ୟକ ସାମଗ୍ରୀ** – ଏହି ଚିତ୍ର ବ୍ୟତୀତ ଅନ୍ୟ ଚିତ୍ର ଦିଆଯାଇ ଆଲୋଚନା କରାଯାଇପାରେ ।

**ସୂଚନା :** ଶିକ୍ଷଣ କାର୍ଯ୍ୟ ପରେ ଶିକ୍ଷାର୍ଥୀମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

# ପ୍ରଥମ ମାସ

## ପ୍ରଥମ ସପ୍ତାହ / ଦିବସ - ୫

## ଶିକ୍ଷଣ କାର୍ଯ୍ୟ : "କିଏ କିପରି ଶବ୍ଦ କରେ"

**ଶିକ୍ଷଣ ଫଳାଫଳ : IL 3.2 :** ନିକଟ ପରିବେଶରେ ଉପଲବ୍ଧ ସାଧାରଣ ବସ୍ତୁ, ଶବ୍ଦ, ବ୍ୟକ୍ତି ବିଶେଷ, ଚିତ୍ର, ପଶୁ, ପକ୍ଷୀ ମାନଙ୍କର ସୂକ୍ଷ୍ମ ବିବରଣୀକୁ ଲକ୍ଷ୍ୟ କରିବ ଓ ବର୍ଣ୍ଣନା କରିବେ ।

**ବ୍ୟକ୍ତିଗତ କାର୍ଯ୍ୟ :** ସମୟ - ୪୦ମିନିଟ୍

କାର୍ଯ୍ୟର ସୂଚନା:

- ଶିକ୍ଷାର୍ଥୀମାନେ ଆଖି ବନ୍ଦ କରି ବସିବେ । ଶିକ୍ଷକ ପ୍ରଥମେ ନିଜ ହାତରେ ତାଳି ମାରି ପଚାରିବେ, ଏହା କାହାର ଶବ୍ଦ -
- ତା' ପରେ ନିଜ ବାମ ହାତ ପାପୁଲିରେ ପ୍ରଥମେ ଡାହାଣ ହାତର ଗୋଟିଏ ଆଙ୍ଗୁଠି ବାରମ୍ବାର ବଜାଇବେ, ତା' ପରେ ଦୁଇଟି ଆଙ୍ଗୁଠି, ତା' ପରେ ତିନୋଟି ଆଙ୍ଗୁଠି... ଏହିପରି ବଜାଇ ଶବ୍ଦ ସୃଷ୍ଟି କରିବେ - ପିଲାମାନେ ଆଖି ବନ୍ଦ ଥାଇ, ତାହା କେଉଁପ୍ରକାର ଶବ୍ଦ କହିବେ ।
- ଶିକ୍ଷକ ଶବ୍ଦ ସୃଷ୍ଟି କରୁଥିବା କେତେକ ଜିନିଷ ନେବେ - ଘଣ୍ଟି, ଗିନି, ଆଲାରାମ ଘଣ୍ଟା, ମୋବାଇଲ ଫୋନ, ଗିନା-ଚାମଚ, ଶଙ୍ଖ, ଇତ୍ୟାଦି ଓ ପ୍ରତ୍ୟେକରୁ ଗୋଟିଏ ବ୍ୟବହାର କରି ଶବ୍ଦ ତିଆରି କରି ପିଲାଙ୍କୁ ପଚାରିବେ । ପିଲାମାନେ ଆଖି ବନ୍ଦ ରଖି କହିବେ, ଏହା କେଉଁଠୁ ଆସୁଛି, ତା ପରେ ଆଖି ଖୋଲି ଦେଖିବେ ।
- ଏହି ସବୁ ଶବ୍ଦ ପ୍ରାୟତଃ ଆମେ କେଉଁଠି ଶୁଣିଥାଉ ?
- ଏ ସବୁ ଶବ୍ଦ ଆମେ ଆମ ଘରେ ଶୁଣିଥାଉ, ସେହିପରି ଆଉ କେତେକ ଶବ୍ଦ ଆମେ ବାହାରେ ଶୁଣିଥାଉ ।
- ଶ୍ରବଣ ଯନ୍ତ୍ର (Audio Device) ବ୍ୟବହାର କରି ଟ୍ରେନ, ବସ୍, ସ୍କୁଟର, ଇତ୍ୟାଦିର ଶବ୍ଦ ଶୁଣାଇ ପ୍ରଶ୍ନ ପଚରା ଯାଇପାରେ ।

**OR / କିମ୍ବା**

**ଦଳଗତ କାର୍ଯ୍ୟ :** ସମୟ - ୪୦ମିନିଟ୍

କାର୍ଯ୍ୟର ସୂଚନା:-

୧. ଶିକ୍ଷାର୍ଥୀମାନଙ୍କୁ ଗୋଲାକୃତିରେ ଠିଆ କରାଇ ଶିକ୍ଷକ ଅଭିନୟ ସହ ଆବୃତ୍ତି କରିବେ, ଶିକ୍ଷାର୍ଥୀମାନେ ଅନୁକରଣ କରିବେ ।

କାଉ ଡାକଇ କା କା
କୁକୁର ଭୋ ଭୋ
କୋଇଲି ଗାଏ କୁହୁ କୁହୁ
ବିଲୁଆ ହୁକେ ହୋ

ତାପରେ ଶିକ୍ଷକ କେତେକ ପ୍ରଶ୍ନ ପଚାରି ଶ୍ରେଣୀରେ ଖୋଲା ଆଲୋଚନା କରିବେ ।

ପ୍ରଶ୍ନ

- କାଉ କିପରି ବୋବାଏ ?
- କେଉଁ ପକ୍ଷୀର ସ୍ୱର ମଧୁର ?
- ଭୋ ଭୋ କିଏ କରେ ?
- ରାତି ପାହିଲେ କିଏ ଆମକୁ ନିଦରୁ ଉଠାଏ ? ଇତ୍ୟାଦି

୨. ଗୋଟିଏ ଦଳ ଯେକୌଣସି ପଶୁ ବା ପକ୍ଷୀର ଶବ୍ଦ କଲେ ଅନ୍ୟ ଦଳ ସେହି ପଶୁ ବା ପକ୍ଷୀର ନାମ କହିବେ । ଶିକ୍ଷକ କଳାପଟାରେ ଗାର ଟାଣି ନମ୍ବର ଦେବେ, ଯେଉଁ ଦଳ ଜିତିବ ତାଳି ଦେଇ ଉତ୍ସାହିତ କରିବେ ।

**ସଂକ୍ଷେପଣ** - ଆମ ଚାରିପଟେରେ କେତେକ ବସ୍ତୁର ଶବ୍ଦ ସୃଷ୍ଟି ହୁଏ ।

**ଆବଶ୍ୟକ ସାମଗ୍ରୀ** - ଘଣ୍ଟି, ଗିନି, ଆଲାରାମ ଘଣ୍ଟା, ମୋବାଇଲ୍ ଫୋନ, ଗିନା-ଚାମଚ, ଶଙ୍ଖ

## ପ୍ରଥମ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ :- "ଅସମ୍ପୂର୍ଣ୍ଣକୁ ସମ୍ପୂର୍ଣ୍ଣ କରିବା"**

**ଶିକ୍ଷଣ ଫଳାଫଳ : IL 3.3(b) : ପରିଚିତ ବସ୍ତୁର ଚିତ୍ରର ୩-୪ଟି ନିଖୋଜ ଅଂଶକୁ ଚିହ୍ନଟ କରିବେ ।**

**ଦଳଗତ କାର୍ଯ୍ୟ:** ସମୟ – ୪୦ମିନିଟ୍

**କାର୍ଯ୍ୟର ସୂଚନା:**


- ପିଲାମାନଙ୍କୁ ଛୋଟ ଛୋଟ ଦଳରେ ବସାଇବେ ।
- ଶିକ୍ଷକ GKA kit ରେ ଥିବା ବର୍ଗାକୃତି ଟାଇଲଗୁଡ଼ିକୁ (ସ୍କୋୟାର କାଉଣ୍ଟର) ନେଇ ଗୋଟିଏ ପଟି / ପଟା ଉପରେ (ଚିତ୍ରରେ ଦେଖାହେଲା ଭଳି) ସଜେଇବେ (ପ୍ରତିଦଳରେ) ।
- ଆଉ ଗୋଟିଏ ପଟିରେ ଠିକ୍ ସେହିପରି ସଜାଇ ତା' ମଧ୍ୟରୁ ୩/୪ଟି କାଉଣ୍ଟରକୁ ବାହାର କରି ଦେବେ (ପ୍ରତିଦଳରେ) ।
- ପ୍ରତି ଦଳରେ ପିଲାମାନେ କେଉଁ ରଙ୍ଗର ଟାଇଲଗୁଡ଼ିକ ନାହିଁ ଖୋଜିବେ ଓ ସେହି ସ୍ଥାନରେ ନିର୍ଦ୍ଦିଷ୍ଟ ରଙ୍ଗର ଟାଇଲ ଲଗାଇ ଚିତ୍ରଟିକୁ ସଂପୂର୍ଣ୍ଣ କରିବେ ।

- ଏହିପରି ଖେଳ ପ୍ରତି ଦଳରେ ଖେଳାଇବେ, ଟାଇଲଗୁଡ଼ିକ ପିଲାମାନେ ରଖି ଚିତ୍ରଟିକୁ ସଂପୂର୍ଣ୍ଣ କରାଇବେ ।
- ଶିକ୍ଷକ ବିଭିନ୍ନ ଦଳ ପାଇଁ ଚିତ୍ରରେ ଟାଇଲଗୁଡ଼ିକୁ ଭିନ୍ନଭିନ୍ନ ପ୍ରକାର ସଜାଇବେ ।
- ପ୍ରତି ଦଳରେ ବିଭିନ୍ନ ରଙ୍ଗର ସ୍କୋୟାର କାଉଣ୍ଟର ଦିଆଯିବ ।
- ପିଲାମାନେ ସ୍କୋୟାର କାଉଣ୍ଟର ରଖି ଚିତ୍ରକୁ ସଂପୂର୍ଣ୍ଣ କରିବେ ।


**ସଂକ୍ଷେପଣ** – ପିଲାମାନେ ପରିଚିତ ଚିତ୍ରରେ ଅଦୃଶ୍ୟ ଥିବା ବସ୍ତୁଗୁଡ଼ିକୁ ଚିହ୍ନଟ କରିବେ ଓ ସେଗୁଡ଼ିକୁ ଲଗାଇ ଚିତ୍ରକୁ ସଂପୂର୍ଣ୍ଣ କରିବେ ।

ଆବଶ୍ୟକ ସମାଗ୍ରୀ – GKA Kit

ଟାଇଲଗୁଡ଼ିକୁ ନିମ୍ନମତେ ସଜାଇବେ ।



ସଂପୂର୍ଣ୍ଣ ଚିତ୍ର



ଅସଂପୂର୍ଣ୍ଣ ଚିତ୍ର

ଏହି କାର୍ଯ୍ୟପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

## ପ୍ରଥମ ମାସ

## ଦ୍ୱିତୀୟ ସପ୍ତାହ / ଦିବସ - ୨

**ଶିକ୍ଷଣ କାର୍ଯ୍ୟ : "ରଙ୍ଗରଙ୍ଗିଲା ଖେଳ ଖେଳିବା"**

**ଶିକ୍ଷଣ ଫଳାଫଳ : IL 3.5 :** ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ମିନିଟ୍

**କାର୍ଯ୍ୟର ସୂଚନା:**

- ୬/୭ଜଣ ପିଲାଙ୍କୁ ଧାଡ଼ିରେ ଠିଆ କରାଇବେ ।
- ପ୍ରତ୍ୟେକ ପିଲାଙ୍କ ହାତରେ ବିଭିନ୍ନ ରଙ୍ଗର କାର୍ଡ଼ ଦେବେ (ଚିତ୍ରରେ ଦେଖା ଯାଇଥିବା କାର୍ଡ଼)
- ସମସ୍ତଙ୍କୁ ଦେଖା ହେଲା ଭଳି ସେମାନେ କାର୍ଡ଼ଗୁଡ଼ିକୁ ଧରିବେ ।
- ଅନ୍ୟ ପିଲାମାନେ କାର୍ଡ଼ ଧରିଥିବା ପିଲାଙ୍କ ଚାରିପଟେ ଗୋଲ ହୋଇ ଠିଆ ହେବେ ।
- ଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରଙ୍ଗଗୁଡ଼ିକ କେଉଁ କ୍ରମରେ ଅଛି ପିଲାମାନେ କ୍ରମରେ କହିବେ ।
- ଶିକ୍ଷକ ମଝିରେ ମଝିରେ ରଙ୍ଗକାର୍ଡ଼ ଧରିଥିବା ପିଲାଙ୍କ କ୍ରମ ବଦଳାଇବେ ଆବଶ୍ୟକ ସ୍ଥଳେ ଅନ୍ୟ ପିଲାଙ୍କୁ ସୁଯୋଗ ଦେବେ ।
- ଶିକ୍ଷକ ନିମ୍ନ ପ୍ରଶ୍ନଗୁଡ଼ିକୁ ପଚାରି ଉତ୍ତର ଆଦାୟ କରିବେ ।

ପ୍ରଶ୍ନ :


- କେଉଁ ରଙ୍ଗକାର୍ଡ଼ ଆଗରେ ଅଛି ?
- କେଉଁ ରଙ୍ଗକାର୍ଡ଼ ପଛରେ ଅଛି ?
- ଲାଲ ଆଗରେ କେଉଁ ରଙ୍ଗକାର୍ଡ଼ ଅଛି ?
- ହଳଦିଆ ରଙ୍ଗକାର୍ଡ଼ ପଛରେ କେଉଁ ରଙ୍ଗକାର୍ଡ଼ ଅଛି ?
- ଶିକ୍ଷକ ଏହିଭଳି ଅଧିକରୁ ଅଧିକ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବେ । ଏହି କାର୍ଯ୍ୟ ଶେଷରେ ଶିକ୍ଷକ ପ୍ରଶ୍ନ କରିବେ ।

ପ୍ରଶ୍ନ :

- ତୁମ ଘରେ କେଉଁ ସବୁ ରଙ୍ଗର କ'ଣ କ'ଣ ଜିନିଷ ଅଛି, ସେଗୁଡ଼ିକର ନାମ ସହିତ ରଙ୍ଗର ନାମ କୁହ ।

**ସଂକ୍ଷେପଣ** – ପିଲାମାନେ ବିଭିନ୍ନ ରଙ୍ଗଗୁଡ଼ିକର ନାମ କହିବେ । ଆଗରେ ଓ ପଛରେ ଥିବା ଜିନିଷଗୁଡ଼ିକର ନାମ କହିବେ ।

**ଆବଶ୍ୟକ ସାମଗ୍ରୀ** – ବିଭିନ୍ନ ରଙ୍ଗର କାର୍ଡ



- ଏହିପରି ବିଭିନ୍ନ ରଙ୍ଗର କାର୍ଡ ପ୍ରସ୍ତୁତ କରିବେ ।
- କାର୍ଡଗୁଡ଼ିକ ପିଲାମାନେ ଧରି କାର୍ଯ୍ୟ କରିପାରିବା ଭଳି ପ୍ରସ୍ତୁତ କରିବେ ।

ଏହି କାର୍ଯ୍ୟ ପରେ ପିଲାମାନେ କାର୍ଯ୍ୟପତ୍ର ସମ୍ପାଦନ କରିବେ ।

## ପ୍ରଥମ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୩/୪**

**ଶିକ୍ଷଣ କାର୍ଯ୍ୟ : "ଭିତର ବାହାର ଖେଳ ଖେଳିବା"**

**ଶିକ୍ଷଣ ଫଳାଫଳ : IL 3.5 :** ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

ସାମୂହିକ କାର୍ଯ୍ୟ : ସମୟ - ୪୦ମିନିଟ୍

କାର୍ଯ୍ୟର ସୂଚନା:-

- ଶିକ୍ଷକ ପିଲାମାନଙ୍କୁ ଗୋଲାକୃତିରେ ଠିଆ କରାଇବେ ।
- ପିଲାମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରି ବ୍ୟକ୍ତିଗତ ଉତ୍ତର ଆଦାୟ କରିବେ ।

ପ୍ରଶ୍ନ :

- ତୁମ ଘରେ କିଏସବୁ ଅଛନ୍ତି ଗୋଟିଏ ଲୋକଙ୍କର ନାମ କୁହ (ପ୍ରତ୍ୟେକ) ।
- ତୁମ ଘରେ କେଉଁ ପଶୁପକ୍ଷୀ ରଖିଛ ସେମାନଙ୍କର ନାମ କୁହ ।
- କେଉଁମାନେ ଘର ଭିତରେ କାମ କରନ୍ତି ?
- କେଉଁମାନେ ଘର ବାହାର କାମସବୁ କରନ୍ତି ?

କାମଗୁଡ଼ିକର ନାମ ଶିକ୍ଷକ କହି ପିଲାଙ୍କ ପାଖକୁ ବଲ୍ ପକାଇବେ ପିଲାମାନେ ବାହାର ଓ ଭିତର କହି ଉତ୍ତର ଦେବେ । କାର୍ଯ୍ୟନାମ- ରୋଷେଇ କାମ, ଠାକୁର ପୂଜା, ହଳ କରିବା, ଆମ୍ବ ତୋଳିବା, ଖାଇବା, ଟ୍ରେନରେ ଯିବା, ସାଇକେଲରେ ଯିବା, ଗାଈ ଚରାଇବା, ଲୁଗା ସଫାକରିବା, ପାଠ ପଢ଼ିବା, ଖେଳିବା, ହାଟକୁ ଯିବା, ବଗିଚା କାମ କରିବା, T.V. ଦେଖିବା, ବାଇଗଣ ତୋଳିବା, ସିନେମା ଦେଖିବା, ନନ୍ଦନକାନନ ବୁଲିବା, ଯାତ୍ରା ଦେଖିବା, ରଥଯାତ୍ରା ଦେଖିବା, ସଜେଇ ହେବା । ଶିକ୍ଷକ ଏହିଭଳି ଅଧିକରୁ ଅଧିକ ପ୍ରଶ୍ନ ପଚାରି ପିଲାମାନଙ୍କଠାରୁ ଉତ୍ତର ଆଦାୟ କରିବେ ।

**ସଂକ୍ଷେପଣ :** ପିଲାମାନେ ବିଭିନ୍ନ ପରିସ୍ଥିତିରେ ବାହାର ଓ ଭିତର କାମଗୁଡ଼ିକ କହିବେ ।

**ଆବଶ୍ୟକ ସାମଗ୍ରୀ :** ଛୋଟ ବଲ୍



ଏହିପରି "ଆଗ ପଛ" ଓ "ଉପର ତଳ" ପରିସ୍ଥିତି ପିଲାମାନଙ୍କୁ ବୁଝାଇବା ପାଇଁ ଶିକ୍ଷଣ କାର୍ଯ୍ୟ କରାଯିବ ଏବଂ କାର୍ଯ୍ୟପତ୍ର ସମ୍ପାଦନ କରିବାକୁ ଦିଆଯିବ ।

## ପ୍ରଥମ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଆମ ପାଖରେ କିଏ କୁହ"**

**ଶିକ୍ଷଣ ଫଳାଫଳ:** IL 3.5 : ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା:-

- ଶିକ୍ଷକ ପିଲାମାନଙ୍କୁ ଗୋଲାକୃତିରେ ଠିଆ କରାଇବେ ।
- ପ୍ରତ୍ୟେକ ପିଲାଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବେ ।
- ପ୍ରତ୍ୟେକ ପିଲା ପାଖ ଓ ଦୂର କହି ଉତ୍ତର ଦେବେ ।
- ମଝିରେ ମଝିରେ 'କେଉଁଠାରେ' ବୋଲି ପ୍ରଶ୍ନ କରିବେ, କାରଣ ସେହି ସ୍ଥାନ ପାଖରେ କିମ୍ବା ଦୂରରେ ଶିକ୍ଷକ ନିଶ୍ଚିତ ହେବେ ।
    - ତୁମ ମାମୁଘର
    - ତୁମ ବିଦ୍ୟାଳୟ
    - ହାଟ
    - ଦୋକାନ
    - ଡାକ୍ତରଖାନା
    - ଔଷଧ ଦୋକାନ
    - ମନ୍ଦିର
    - ବୈଠକଘର
    - ବଗିଚା
    - ଗୁହାଳ
    - ପୋଖରୀ
    - ପାହାଡ଼
    - ବଡ଼ବଡ଼ ଗଛ
    - ଖେଳ ପଡ଼ିଆ
    - ସାଙ୍ଗଘର
    - ଅଜାଘର
    - ବାପା କେଉଁଠି ଚାକିରି କରିଛନ୍ତି ?
    - ମା ଅଧିକ କେଉଁଠି କାମ କରନ୍ତି ?
    - ତୁମେ ବେଶି ସମୟ କେଉଁଠି ରୁହ ?

(ଏହିପରି ପାଖ ଦୂର ଉତ୍ତର ଆସିବା ପାଇଁ ଶିକ୍ଷକ ଅଧିକରୁ ଅଧିକ ପ୍ରଶ୍ନ ପଚାରି ପିଲାମାନଙ୍କ ଠାରୁ ଉତ୍ତର ଆଦାୟ କରିବେ ।)

(ନିଜ ଘରଠାରୁ ପାଖରେ ଓ ଦୂରରେ କ'ଣ ସବୁ ଅଛି ପିଲାମାନେ କହିବେ ।)

**ସଂକ୍ଷେପଣ** – ପିଲାମାନେ ପାଖରେ ଓ ଦୂରରେ କ'ଣ ସବୁ ଅଛି ଜାଣି କହିବେ ।

# ପ୍ରଥମ ମାସ

## ତୃତୀୟ ସପ୍ତାହ / ଦିବସ - ୧

**ଶିକ୍ଷଣ କାର୍ଯ୍ୟ :** "ଆସ ସଜାଇବା"

**ଶିକ୍ଷଣ ଫଳାଫଳ: IL-3.6:** ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ / ସଜେଇବେ ।

ଦଳଗତ କାର୍ଯ୍ୟ : ସମୟ-୪୦ମିନିଟ୍

କାର୍ଯ୍ୟ ପ୍ରଣାଳୀ:

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ । ପିଲାମାନେ ଗୋଲ ଆକୃତିରେ ବସିବେ ।
- ପ୍ରତ୍ୟେକ ଦଳକୁ ନିମ୍ନରେ ଦିଆଯାଇଥିବା ଶିକ୍ଷଣ ସାମଗ୍ରୀ ଦିଆଯିବ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ ଦଳରେ କାର୍ଯ୍ୟ କରିବେ ।

- ସମାନ ପ୍ରକାର ଜିନିଷକୁ ପ୍ରତ୍ୟେକ ଦଳରେ ପିଲାମାନେ ଏକାଠି ସଜାଇ ରଖିବେ ।
- ଯେଉଁ ଦଳ ପ୍ରଥମେ ଠିକ ଭାବେ ସଜାଇ ରଖିଥିବ, ସେ ଦଳ ବିଜୟୀ ହେବ ଓ ତାଳି ଦେଇ ସେହି ଦଳକୁ ଉତ୍ସାହିତ କରାଯିବ ।
- ସମାନ ଆକାର ଥିବା ଜିନିଷକୁ ପ୍ରତ୍ୟେକ ଦଳରେ ପିଲାମାନେ ଏକାଠି ସଜାଇ ରଖିବେ ।
- ପ୍ରତ୍ୟେକ ଦଳ କିପରି ଜିନିଷଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।

- ସମସ୍ତ ଦଳ କାର୍ଯ୍ୟଟିକୁ ଠିକ୍ ରୂପେ ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷକ ପର୍ଯ୍ୟାପ୍ତ ସମୟ ଓ ସହାୟତା ପ୍ରଦାନ କରିବେ ।

**ସଂକ୍ଷେପଣ** – ଆମେ ଜିନିଷଗୁଡ଼ିକୁ ଆକାର ଆଧାରରେ ସଜାଇ ପାରିବା ।

**ଆବଶ୍ୟକ ସାମଗ୍ରୀ** –କଟାଯାଇନଥିବା ଏକପ୍ରକାରର ବଡ଼ ପେନସିଲ୍ - ୪ଟି, କଟାଯାଇଥିବା ଏକପ୍ରକାର ଛୋଟ ପେନସିଲ୍ - ୪ଟି, ବଡ଼ ବଲ୍ - ୩ଟି, ଛୋଟ ବଲ୍ - ୨ଟି, ଏକପ୍ରକାର ବୋତଲ ଠିପି - ୫ଟି, ବୋତାମ - ୫ଟି, ସ୍କେଚ ପେନ୍-୫ଟି, କଲମ - ୪ଟି

(ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଜିନିଷ ନିଆଯାଇପାରିବ, ଯେଉଁଥିରୁ ପିଲା ବର୍ଗୀକରଣ କରିପାରୁଥିବ)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟଫର୍ଦ୍ଦ ସମ୍ପାଦନ କରିବାକୁ କୁହାଯିବ ।

## ପ୍ରଥମ ମାସ

**ତୃତୀୟ ସପ୍ତାହ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଆସ ସଜାଇବା"**

**ଶିକ୍ଷଣ ଫଳାଫଳ: IL-3.6:** ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ / ସଜେଇବେ ।

ଦଳଗତ କାର୍ଯ୍ୟ : ସମୟ-୪୦ମିନିଟ୍

କାର୍ଯ୍ୟ ପ୍ରଣାଳୀ:

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ । ପିଲାମାନେ ଗୋଲ ଆକୃତିରେ ବସିବେ ।
- ପ୍ରତ୍ୟେକ ଦଳକୁ ନିମ୍ନରେ ଦିଆଯାଇଥିବା ଶିକ୍ଷଣ ସାମଗ୍ରୀ ଦିଆଯିବ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ ଦଳରେ କାର୍ଯ୍ୟ କରିବେ ।

- ସମାନ ପ୍ରକାର ଜିନିଷକୁ ପ୍ରତ୍ୟେକ ଦଳରେ ପିଲାମାନେ ଏକାଠି ସଜାଇ ରଖିବେ ।
- ଯେଉଁ ଦଳ ପ୍ରଥମେ ଠିକ ଭାବେ ସଜାଇ ରଖିଥିବ, ସେ ଦଳ ବିଜୟୀ ହେବ ଓ ତାଳି ଦେଇ ସେହି ଦଳକୁ ଉତ୍ସାହିତ କରାଯିବ ।
- ସମାନ ଆକାର ଥିବା ଜିନିଷକୁ ପ୍ରତ୍ୟେକ ଦଳରେ ପିଲାମାନେ ଏକାଠି ସଜାଇ ରଖିବେ ।
- ପ୍ରତ୍ୟେକ ଦଳ କିପରି ଜିନିଷଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।

- ସମସ୍ତ ଦଳ କାର୍ଯ୍ୟଟିକୁ ଠିକ୍ ରୂପେ ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷକ ପର୍ଯ୍ୟାପ୍ତ ସମୟ ଓ ସହାୟତା ପ୍ରଦାନ କରିବେ ।

**ସଂକ୍ଷେପଣ** – ଆମେ ଜିନିଷଗୁଡ଼ିକୁ ଆକାର ଆଧାରରେ ସଜାଇ ପାରିବା ।

**ଆବଶ୍ୟକ ସାମଗ୍ରୀ** -କଟାଯାଇନଥିବା ଏକପ୍ରକାରର ବଡ଼ ପେନସିଲ୍ - ୪ଟି, କଟାଯାଇଥିବା ଏକପ୍ରକାର ଛୋଟ ପେନସିଲ୍ - ୪ଟି, ବଡ଼ ବଲ୍ - ୩ଟି, ଛୋଟ ବଲ୍ - ୨ଟି, ଏକପ୍ରକାର ବୋତଲ ଠିପି - ୫ଟି, ବୋତାମ - ୫ଟି, ସ୍କେଚ ପେନ୍-୫ଟି, କଲମ - ୪ଟି

(ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଜିନିଷ ନିଆଯାଇପାରିବ, ଯେଉଁଥିରୁ ପିଲା ବର୍ଗୀକରଣ କରିପାରୁଥିବ)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମ୍ପାଦନ କରିବାକୁ କୁହାଯିବ ।

## ପ୍ରଥମ ମାସ

**ତୃତୀୟ ସପ୍ତାହ - ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ ସଜାଇବା"**

**ଶିକ୍ଷଣ ଫଳାଫଳ: IL-3.6:** ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ / ସଜାଇବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ମିନିଟ୍

କାର୍ଯ୍ୟ ପ୍ରଣାଳୀ:-

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ କାର୍ଯ୍ୟ କରିବେ ।
  - ପ୍ରତ୍ୟେକ ପିଲା ନିଜ ପରିବେଶରେ ଦେଖୁଥିବା ଏହି ଆକୃତିର ○ , ▭ , △ ଜିନିଷର ନାମ କହିବେ । ଜିନିଷର ନାମ ପୁନରାବୃତ୍ତି ହେବନାହିଁ । ପ୍ରତ୍ୟେକ ଆକୃତିକୁ ଗୋଟିକ ପରେ ଗୋଟିଏ ଆଲୋଚନା କରାଯିବ ।
- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ ।
- ପିଲାମାନେ ଦଳରେ ଗୋଲ ଆକୃତିରେ ବସିବେ ।
- ଦଳ ମଝିରେ ○ , ▭ , △ ଏହି ପ୍ରକାର ଚିତ୍ର ଚଟାଣରେ କରାଯିବ ।
- ପ୍ରତ୍ୟେକ ଦଳକୁ ନିମ୍ନରେ ଲେଖାଥିବା ଶିକ୍ଷଣ ସାମଗ୍ରୀ ଦିଆଯିବ ।
- ନିର୍ଦ୍ଦିଷ୍ଟ ଚାଳି ମଧ୍ୟରେ ପ୍ରତ୍ୟେକ ଦଳ ଦିଆଯାଇଥିବା ସାମଗ୍ରୀଗୁଡ଼ିକର ଆକୃତି ଅନୁସାରେ ଚଟାଣରେ ଥିବା ଉପଯୁକ୍ତ ଚିତ୍ର ମଧ୍ୟରେ ରଖିବେ ।
  - ପ୍ରତ୍ୟେକ ଦଳ କିପରି ଜିନିଷଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।

- ସମସ୍ତ ଦଳ କାର୍ଯ୍ୟଟିକୁ ଠିକ୍ ରୂପେ ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷକ ସମୟ ଓ ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବେ ।

**ସଂକ୍ଷେପଣ** - ଆମେ ଜିନିଷଗୁଡ଼ିକୁ ଆକୃତି ଆଧାରରେ ବର୍ଗୀକରଣ କରିପାରିବା ।

**ଆବଶ୍ୟକ ସାମଗ୍ରୀ** - NCERT KIT ରେ ଥିବା ○ , ▭ , △ ଆକୃତିର ଥରମୋକୋଲ, ଯଦି ବିଦ୍ୟାଳୟରେ ଏହି kit ନଥାଏ ତେବେ ଶିକ୍ଷକ ଉପରୋକ୍ତ ଆକୃତିକୁ ଡ୍ରଇଂସିଟ୍‌ରେ ପ୍ରସ୍ତୁତ କରିବେ । (ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଜିନିଷ ନିଆଯାଇପାରିବ, ଯେଉଁଥିରୁ ପିଲା ବର୍ଗୀକରଣ କରିପାରୁଥିବ)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମାଧାନ କରିବାକୁ କୁହାଯିବ ।

## ପ୍ରଥମ ମାସ

**ତୃତୀୟ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଆସ ଖେଳି ଖେଳି ଜାଣିବା"**

**ଶିକ୍ଷଣ ଫଳାଫଳ:IL-3.28:** ପିଲାଭ ଚତୁଃପାର୍ଶ୍ୱର ପରିସ୍ଥିତି / ଘଟଣାବଳୀରୁ ସିଦ୍ଧାନ୍ତ ନିର୍ଣ୍ଣୟ କରିବ, ଯେପରି – ମୋ ପାଖରେ ନୀଳରଙ୍ଗର ପେନସିଲ ଠାରୁ ନାଲିରଙ୍ଗର ପେନସିଲ ଅଧିକ ଅଛି ।

**ବ୍ୟକ୍ତିଗତ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟ ପ୍ରଣାଳୀ :-**

- ଟେବୁଲ୍ ଉପରେ ରଖା ଯାଇଥିବା ବିଭିନ୍ନ ଆକାରର ରଙ୍ଗୀନ କାଗଜଖଣ୍ଡରୁ ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ ନେବେ ଓ ବଡାଣରେ କରାଯାଇଥିବା ସେହି ଆକୃତିର ଚିତ୍ର ମଧ୍ୟରେ ଠିଆ ହେବେ ।
- ଦୁଇ ସ୍ଥାନ ମଧ୍ୟରେ କେଉଁଠାରେ ଅଧିକ ପିଲା ଅଛନ୍ତି ପିଲାମାନେ କହିବେ । କେଉଁ ଆଧାରରେ କମ୍, ବେଶି କହୁଛନ୍ତି ପିଲାମାନେ ଆଲୋଚନା କରିବେ ।
- କମ୍, ବେଶି ସତ୍ୟତା ଜାଣିବା ପାଇଁ ଏକ-ଏକ ମେଳକ ଉପାୟ ଅବଲମ୍ବନ କରାଯିବ ଓ ସିଦ୍ଧାନ୍ତ ଗ୍ରହଣ କରାଯିବ ।
- ପୁନର୍ବାର ପିଲାମାନେ ନେଇଥିବା ରଙ୍ଗୀନ କାଗଜ ଅନୁସାରେ ଏକାଠି ହୋଇ ଠିଆ ହେବେ ଓ କେଉଁ ରଙ୍ଗ ପାଇଥିବା ପିଲା ସଂଖ୍ୟା ଅଧିକ ଅଛନ୍ତି କହିବେ ।
- ପୂର୍ବପରି କେଉଁ ଆଧାରରେ କମ୍, ବେଶି କହୁଛନ୍ତି ପିଲାମାନେ ଆଲୋଚନା କରିବେ । ଏକ-ଏକ ମେଳକ ଉପାୟ ପ୍ରଣାଳୀ କରି ସିଦ୍ଧାନ୍ତ ଗ୍ରହଣ କରାଯିବ ।

**ସଂକ୍ଷେପଣ** – ଆମେ ଘଟଣାଗୁଡ଼ିକୁ ଦେଖି ଓ ପରୀକ୍ଷା କରି ସିଦ୍ଧାନ୍ତ ନେବା ।

**ଆବଶ୍ୟକ ଶିକ୍ଷଣ ସାମଗ୍ରୀ** –  ଆକୃତି (ନାଲି ରଙ୍ଗ ଡ୍ରଇଂସିଟ୍‌ରେ ପ୍ରସ୍ତୁତ) 30 ଖଣ୍ଡ

 ଆକୃତି (ହଳଦିଆ ରଙ୍ଗ ଡ୍ରଇଂସିଟ୍‌ରେ ପ୍ରସ୍ତୁତ) 20 ଖଣ୍ଡ

ଶିକ୍ଷକ ପିଲା ସଂଖ୍ୟା ଅନୁସାରେ TLM ପ୍ରସ୍ତୁତ କରିବେ ।

## ପ୍ରଥମ ମାସ

**ତୃତୀୟ ସପ୍ତାହ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଆସ ଖେଳି ଖେଳି ଜାଣିବା"**

**ଶିକ୍ଷଣ ଫଳାଫଳ:IL-3.28:** ପିଲାର ଚତୁଃପାର୍ଶ୍ୱର ପରିସ୍ଥିତି / ଘଟଣାବଳୀରୁ ସିଦ୍ଧାନ୍ତ ନିର୍ଣ୍ଣୟ କରିବ, ଯେପରି – ମୋ ପାଖରେ ନୀଳରଙ୍ଗର ପେନସିଲ ଠାରୁ ନାଲିରଙ୍ଗର ପେନସିଲ ଅଧିକ ଅଛି ।

**ବ୍ୟକ୍ତିଗତ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟ ପ୍ରଣାଳୀ / ସୂଚନା:**

- ପିଲାମାନେ ବାହାରକୁ ବୁଲିବାକୁ ଯିବେ । ପ୍ରତ୍ୟେକ ପିଲା କିଛି ଗୋଡ଼ି, କିଛି ପତ୍ର, କିଛି ଫୁଲ ସଂଗ୍ରହ କରି ଆଣିବେ ।
- ଶ୍ରେଣୀରେ ଯୋଡ଼ିଯୋଡ଼ି ହୋଇ ବସିବେ ।
- ଯୋଡ଼ିରେ ପ୍ରତ୍ୟେକ ପିଲା ଆଣିଥିବା ଜିନିଷଗୁଡ଼ିକୁ ଦେଖିବେ । ଏକ-ଏକ ମେଳକ କରି କିଏ କେଉଁ ଜିନିଷ ଅଧିକ / କମ୍ ଆଣିଛି କହିବେ ।
- ପ୍ରତ୍ୟେକ ଯୋଡି ଶ୍ରେଣୀରେ କିଏ କେଉଁ ଜିନିଷ ଅଧିକ / କମ୍ ଆଣିଛି କହିବେ ଓ କିପରି କମ୍ ବେଶୀ ଜାଣିଲେ କହିବେ ।

**ସଂକ୍ଷେପଣ** – ଆମେ ଘଟଣାଗୁଡ଼ିକୁ ଦେଖି ଓ ପରୀକ୍ଷା କରି ସିଦ୍ଧାନ୍ତ ନେବା ।

**ଆବଶ୍ୟକ ସାମଗ୍ରୀ** – ନିଜ ପରିବେଶରୁ ମିଳୁଥିବା ବିଭିନ୍ନ ଜିନିଷ ଯଥା : ଗୋଡ଼ି, ଫୁଲ, ଫଳ, ପତ୍ର ।

**ଚତୁର୍ଥ ସପ୍ତାହ - ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଚାଲ ବୁଲିଯିବା ଗାଁକୁ"**

**ଶିକ୍ଷଣ ଫଳାଫଳ: IL- 3.3(a) :** ଏକ ସମୟରେ ଦେଖିଥିବା ୪/୫ଟି ବସ୍ତୁକୁ ମନେରଖିବେ ଓ ମନେ ପକାଇବେ ।

**କାର୍ଯ୍ୟର ସୂଚନା:** ସମୟ – ୪୦ମିନିଟ୍

**ସାମୂହିକ କାର୍ଯ୍ୟ :**

ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ଗାଁ ବୁଲେଇ ନେବେ । ବୁଲିବା ସମୟରେ ଗାଁର ବିଭିନ୍ନ ଘଟଣା / ବସ୍ତୁକୁ ନିରୀକ୍ଷଣ କରିବାକୁ ସୂଚନା ଦେବେ ।

ଶ୍ରେଣୀକୁ ଆସିବାପରେ ଶିକ୍ଷକ ପ୍ରଶ୍ନ କରିବେ ।

୧. ତୁମ ଗାଁରେ କଣ କଣ ସବୁ ଦେଖିଲ ମନେ ପକାଇ କୁହ ।

୨. ତୁମେ ଦେଖିଥିବା ୪ଟି ଫୁଲର ନାମ କୁହ ।

୩. ଗାଁର ୪ଟି ସ୍ଥାନର ନାମ କୁହ ।

୪. ଗାଁରେ ଦେଖିଥିବା ୪ଟି ପଶୁଙ୍କର ନାମ କୁହ ।

ଏହିପରି ଆଉ ଅଧିକ ପ୍ରଶ୍ନ ପଚରାଯାଇପାରେ ।

**ସଂକ୍ଷେପଣ** – ଜିନିଷ / ଘଟଣାଗୁଡ଼ିକୁ ଭଲଭାବରେ ଲକ୍ଷ୍ୟକଲେ ଆମେ ସେଗୁଡ଼ିକୁ ମନେରଖିପାରିବା ।

**ଚତୁର୍ଥ ସପ୍ତାହ - ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଆସ ଗପ ଶୁଣିବା"**

**ଶିକ୍ଷଣ ଫଳାଫଳ: IL- 3.7 :** ଗୋଟିଏ ଗପ କୁହାଯାଉଥିବା ବେଳେ, ସେଥିରେ ଥିବା ସମୟ ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ବୁଝିପାରିବ, ଯେପରି-ପ୍ରଥମେ କ'ଣ ହେଲା, କିଏ ରାତିରେ ଆସିଲା ଇତ୍ୟାଦି ।

**ସାମୂହିକ କାର୍ଯ୍ୟ :** ସମୟ = ୪୦ମିନିଟ୍

**କାର୍ଯ୍ୟର ସୂଚନା:**

- ଶିକ୍ଷାର୍ଥୀମାନଙ୍କୁ 'U' ଆକୃତିରେ ବସାଇବେ ଓ ଶିକ୍ଷକ ସେମାନଙ୍କ ଆଗରେ ସେମାନଙ୍କୁ ସାମ୍ନା କରିବା ଭଳି ବସିବେ ।
- ଶିକ୍ଷକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ତଳେ ଦିଆଯାଇଥିବା ଗଳ୍ପଟି କହିବେ ଓ ଗଳ୍ପ ସମ୍ପର୍କିତ ପ୍ରଶ୍ନ ପଚାରିବେ ।

ଗଳ୍ପ - ମୋ ଗାଁ

ମାମାଲିର ଗାଁର ନାମ ଗୋପୀନାଥପୁର । ମାମାଲି ବାପାମାଆଙ୍କର ଏକମାତ୍ର ଗେହ୍ଲି ଝିଅ । ଆଜି ତା'ର ଜନ୍ମଦିନ । ସକାଳୁ ଉଠି ନିତ୍ୟକର୍ମ ସାରି ମାମାଲି ନୂଆ ସାର୍ଟପ୍ୟାଣ୍ଟ ପିନ୍ଧି ସଜ ହେଲା । ଜେଜେ, ଜେଜେମା, ବାପା, ମା, ଦାଦା ଓ ଖୁଡ଼ୀଙ୍କୁ ପ୍ରଣାମ କଲା । ତାପରେ ଜେଜେଙ୍କ ସହିତ ମନ୍ଦିର ଗଲା । ମନ୍ଦିରରୁ ଫେରି ମାମାଲି ସାଙ୍ଗମାନଙ୍କୁ ଡାକି ଆଣିଲା । ଖରାବେଳେ ଅଜା ଓ ଆଈ ମାମାଲି ପାଇଁ ନୂଆ ସାର୍ଟପ୍ୟାଣ୍ଟ ଓ ମିଠା ଆଣି ଆସିଲେ । ସମସ୍ତେ ମିଶି ଖାଇବା ପରେ ସେ ସାଙ୍ଗମାନଙ୍କ ସହିତ ବହୁତ ଖେଳିଲା । ରାତିରେ ମାମାଲିର ମଉସା ଓ ମାଉସୀ ଆସିଲେ । ସେମାନେ ମାମାଲି ପାଇଁ ଗୋଟିଏ ସୁନ୍ଦର ଘଣ୍ଟା ଉପହାର ଆଣିଥିଲେ । ସାଙ୍ଗେସାଙ୍ଗେ ମାମାଲି ସେଇ ଘଣ୍ଟାକୁ ହାତରେ ପିନ୍ଧି ସମସ୍ତଙ୍କୁ ଦେଖେଇ କହିଲା, କାଲିଠାରୁ ମୁଁ ଏଇ ଘଣ୍ଟାରୁ ସମୟ ଦେଖି ଠିକ୍ ସମୟରେ ସବୁ କାମ କରିବି । ତା' କଥା ଶୁଣି ସମସ୍ତେ ବହୁତ ଖୁସି ହେଲେ ।

୧. ମାମାଲି ସକାଳେ କ'ଣ କଲା ?

୨. ସନ୍ଧ୍ୟାରେ କିଏ ଘରକୁ ଆସିଲେ ?


୩. ଆମେ ସମୟ କେଉଁସବୁ ଉପାୟରେ ଜାଣୁ ?

ଏହିପରି ଗଳ୍ପ ସମ୍ପର୍କିତ ଅନ୍ୟାନ୍ୟ ପ୍ରଶ୍ନ ପଚରାଯିବ ।

**ସଂକ୍ଷେପଣ:** କୌଣସି ଘଟଣା (ସବୁ) ଭଲଭାବରେ ଶୁଣି ଆମେ ସେଗୁଡ଼ିକୁ ମନେ ରଖିପାରିବା ।







### ପ୍ରଥମ ମାସ

**ଚତୁର୍ଥ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ ଖେଳ ଖେଳିବା" (ଚିତ୍ରଟିଏ ବାକ୍ୟଟିଏ)**

**ଶିକ୍ଷଣ ଫଳାଫଳ: LO - IL- 3.7 :** ଗୋଟିଏ ଗପ କୁହାଯାଉଥିବା ବେଳେ, ସେଥିରେ ଥିବା ସମୟ ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ବୁଝିପାରିବ, ଯେପରି-ପ୍ରଥମେ କ'ଣ ହେଲା, କିଏ ରାତିରେ ଆସିଲା ଇତ୍ୟାଦି ।

ଦଳଗତ କାର୍ଯ୍ୟ :

କାର୍ଯ୍ୟର ସୂଚନା:

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ଗୋଟିଏ ଲେଖାଏଁ ଗଳ୍ପର ଚିତ୍ରକାର୍ଡ଼ ଦେବେ ।
- ସେମାନେ ଚିତ୍ରଗୁଡ଼ିକୁ କ୍ରମରେ ସଜାଡ଼ିବେ ଓ ଗୋଟିଏ ଚିତ୍ର ପାଇଁ ଗୋଟିଏ ବାକ୍ୟ କହିବେ ।
- ପରେ ପ୍ରତ୍ୟେକ ଦଳ ପାଇଥିବା ଚିତ୍ରଗୁଡ଼ିକୁ ଜଣକ ପରେ ଜଣେ କ୍ରମରେ କହିବେ ଓ ଶିକ୍ଷକ ସେଗୁଡ଼ିକୁ ସଂକ୍ଷେପଣ କରିବେ ।

ଆବଶ୍ୟକ ସାମଗ୍ରୀ – ଚତୁର କୁଆ ଓ ଚତୁର ଠେକୁଆ ଗପର ଚିତ୍ରକାର୍ଡ଼ ।

ସଂକ୍ଷେପଣ – କୌଣସି ଘଟଣା (ଗପ) ଭଲଭାବରେ ଶୁଣି ଆମେ ସେଗୁଡ଼ିକୁ ମନେ ରଖିପାରିବା ।

### ପ୍ରଥମ ମାସ

**ଚତୁର୍ଥ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "କିଏ ଅଧା କିଏ ପୂରା"**

**ଶିକ୍ଷଣ ଫଳାଫଳ: IL- 3.26:** ଦୈନନ୍ଦିନ ପରିସ୍ଥିତିରେ ଅଧା ରୁଟି / ଅଧା ଗ୍ଲାସ ପାଣି ଭଳି ଶବ୍ଦକୁ ବ୍ୟବହାର କରିବ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା:

ଶିକ୍ଷକ ଦୁଇଟି ଦଳ କରି ଗୋଟିଏ ଦଳକୁ ପୂରା ଜିନିଷ ଯଥା – ଗୋଟିଏ ଲେମ୍ବୁ, ଗୋଟିଏ କମଳା, ଗୋଟିଏ କଦଳୀ, ଆଳୁ, ସେଓ ଦେବେ । ଅନ୍ୟ ଦଳକୁ ସେଇ ଜିନିଷର ଅଧା ଦେବେ ।

- ଯୋଡ଼ି କାର୍ଯ୍ୟ

  ପ୍ରତି ଯୋଡ଼ିରେ ଦିଆଯାଇଥିବା ୨ ଖଣ୍ଡକୁ ଯୋଡ଼ି ପୂରାଚିତ୍ର କରିବେ ।

ସଂକ୍ଷେପଣ – ଗୋଟିଏ ଜିନିଷକୁ ସମାନ ଦୁଇଭାଗ କଲେ, ପ୍ରତ୍ୟେକ ଅଂଶ / ଖଣ୍ଡ ମୂଳ ଜିନିଷର ଅଧା ହୁଏ ।

## ପ୍ରଥମ ମାସ

**ଚତୁର୍ଥ ସପ୍ତାହ - ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଅଧା ପୂରା କହିବା"**

**ଶିକ୍ଷଣ ଫଳାଫଳ: IL- 3.26:** ଦୈନନ୍ଦିନ ପରିସ୍ଥିତିରେ ଅଧା ରୁଟି / ଅଧା ଗ୍ଲାସ ପାଣି ଭଳି ଶବ୍ଦକୁ ବ୍ୟବହାର କରିବ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା:

- ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଗୋଲେଇରେ ଠିଆ କରାଇ ନିଜେ ମଝିରେ ରହି ଗୀତ ବୋଲାଇବେ ।
- ପିଲାମାନେ ଶିକ୍ଷକଙ୍କ ସହ ଅଙ୍ଗଭଙ୍ଗୀ କରି ଗୀତ ଗାଇବେ ।

ଆସ ଆମେ ଖେଳିବା,

ଅଧା ଅଧା ଖେଳିବା,

ଆସ ଆମେ ଆଙ୍କିବା,

ଅଧା ଗୋଲ ଆଙ୍କିବା ।

ଆସ ହାତ ଟେକିବା,

ଅଧା ହାତ ଟେକିବା,

ଆସ ଆମେ ବସିବା,

ଅଧା ଅଧା ବସିବା ।

ଏହାପରେ ଶିକ୍ଷକ କହିବେ ଆସ ଆମେ ଅଧା ଗୋଲ ଆଙ୍କିବା, ସମସ୍ତେ ଆଙ୍ଗୁଠିରେ ଅଧା ଗୋଲ କରିବେ ଓ ପୂରା ଗୋଲ କହିଲେ ସମସ୍ତେ ଆଙ୍ଗୁଠିରେ ଗୋଲ କରିବେ । ଏହାପରେ ଶିକ୍ଷକ ଅଧା ରୁଟି, ଅଧା ପୁରି, ଅଧା ବୋତଲ ପାଣି ଇତ୍ୟାଦି କହିବେ ଯାହାକୁ ଶୁଣିବା ମାତ୍ରେ ପିଲାମାନେ ଅଧା ଗୋଲ କରିବେ ଓ ସେହିପରି ପୂରା ଥିବା କଥା ଶୁଣିଲେ ପୂରା ଗୋଲ କରିବେ ।

**ସଂକ୍ଷେପଣ-** ଗୋଟିଏ ଜିନିଷକୁ ସମାନ ଦୁଇଭାଗ କଲେ, ତାହା ସେହି ଜିନିଷର ଅଧା ହୁଏ ।

ଏହାପରେ ପିଲାଙ୍କୁ କାର୍ଯ୍ୟପତ୍ର ସମ୍ପାଦନ କରିବାକୁ କୁହାଯିବ ।

# ଦ୍ୱିତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଚିନି ମିଠା, ଗୁଡ଼ ମିଠା"**

**ଶିକ୍ଷଣ ଫଳାଫଳ:** **IL-3.1:** ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ମିନିଟ୍

**କାର୍ଯ୍ୟର ସୂଚନା:**

- ଶିକ୍ଷାର୍ଥୀମାନଙ୍କୁ ଗୋଲାକୃତିରେ ଠିଆ କରାଇ ଶିକ୍ଷକ ଅଭିନୟ ସହ ଆବୃତ୍ତି କରିବେ, ଶିକ୍ଷାର୍ଥୀମାନେ ଅନୁକରଣ କରିବେ ।

ଚିନି ମିଠା, ଗୁଡ଼ ମିଠା ମିଠା ଲାଗେ ମହୁ,
ଜିଭରେ ଥରେ ଲାଗିଲେ ମହୁ ସଭିଏଁ ଖୁସି ହେଉ ।
ଲେମ୍ବୁ ଖଟା, କଇଆଁ ଖଟା ଲାଗଇ ଖଟା ଓଉ,
ଦେଖିଲେ ଝରେ ପାଟିରୁ ଲାଳ ଟାକରା ମାରି ଖାଉ ।
କଲରା ପିତା, ନଳିତା ପିତା ଲାଗଇ ନିମ ପିତା,
ଦେହ ପାଇଁ ତ ବହୁତ ହିତ ପାଟିକୁ ସିନା ପିତା ।
ଲାଗଇ ରାଗ ଗୋଲମରିଚ ଆହୁରି ରାଗ ଲଙ୍କା
ବାଜିବ ଯେବେ ପାଟିରେ ଥରେ ରାଗରେ ମୁହିଁ ବଙ୍କା ।

- ତା'ପରେ ଶିକ୍ଷକ କେତେକ ପ୍ରଶ୍ନ ପଚାରିବେ ।
  - ଏବେ କହିଲ ଦେଖି, କେଉଁ ଜିନିଷସବୁ ମିଠା ଲାଗେ ?
  - କଲରା କେମିତି ଲାଗେ ?

**ଦଳଗତ କାର୍ଯ୍ୟ :**

ପ୍ରତି ଦଳରେ କିଛି ଖାଦ୍ୟ ଦ୍ରବ୍ୟ ଦିଆଯିବ । ପ୍ରତ୍ୟେକ ଖାଦ୍ୟକୁ ଚାଖି ପିଲାମାନେ ତାହାର ସ୍ୱାଦ କିପରି କହିବେ ।

**ସଂକ୍ଷେପଣ-** ଆମ ଚାରିପାଖରେ ବିଭିନ୍ନ ଖାଦ୍ୟ ଜିନିଷ ଅଛି ଓ ପ୍ରତ୍ୟେକର ସ୍ୱାଦ ଅଛି ।

**ଆବଶ୍ୟକ ସାମଗ୍ରୀ** - ପ୍ରତି ଦଳ ପାଇଁ ଚିନି, ଲୁଣ, ତେନ୍ତୁଳି, ଲେମ୍ବୁ, ମହୁ, କଲରା, ହରିଡ଼ା ଇତ୍ୟାଦି ଦିଆଯିବ ।

## ଦ୍ୱିତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୨/୩**

**ଶିକ୍ଷଣ କାର୍ଯ୍ୟ : "କଣ ନାହିଁ ଖୋଜିବା, ଖୋଜିଲେ ଆମେ ପାଇବା"**

**ଶିକ୍ଷଣ ଫଳାଫଳ:** IL- 3.3 (b): ପରିଚିତ ବସ୍ତୁର ଚିତ୍ରର ୩-୫ଟି ନିଖୋଜ ଅଂଶକୁ ଚିହ୍ନଟ କରିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ


କାର୍ଯ୍ୟର ସୂଚନା:


- ୩/୪ ପିଲାମାନଙ୍କୁ ନେଇ ଗୋଟିଏ ଦଳ ଗଠନ କରିବେ ।
- ପ୍ରତି ଦଳରେ ବ୍ୟକ୍ତିଗତ ଭାବେ ପ୍ରତ୍ୟେକଙ୍କୁ ଦୁଇଟି ସମାନ ଚିତ୍ର ଦେବେ । (ଦିଆଯାଇଥିବା ଚିତ୍ର)
- ଗୋଟିଏ ସଂପୂର୍ଣ୍ଣ ଚିତ୍ରକୁ ଦେଖି ଅନ୍ୟ ଚିତ୍ରଟିରେ କ'ଣ ନାହିଁ ପିଲା ଚିହ୍ନଟ କରିବେ ।
- ଦଳରେ ପରସ୍ପର ମଧ୍ୟରେ ଆଲୋଚନା କରି କେଉଁ ବସ୍ତୁଟି ଚିତ୍ରରେ ନାହିଁ, ବ୍ୟକ୍ତିଗତ ଭାବେ ପିଲା କହିବ, ଓ ସେହି ଚିତ୍ରକୁ ତିଆରି କରିବ ।
- ଯେଉଁ ପିଲା ଭୁଲ କରି କହିବ ଅନ୍ୟ ପିଲାଙ୍କ ଦ୍ୱାରା ସଂଶୋଧନ କରାଯିବ ।
- ଆବଶ୍ୟକସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।

(ଆବଶ୍ୟକସ୍ଥଳେ ଶିକ୍ଷକ ଏହିଭଳି କାର୍ଯ୍ୟ ପାଇଁ ଯେକୌଣସି ୨ଟି ଚିତ୍ର ଦେଇ ପାରିବେ ।)

**ସଂକ୍ଷେପଣ** – ପିଲାମାନେ କୌଣସି ଚିତ୍ରରେ ନଥିବା ଜିନିଷଗୁଡ଼ିକୁ ନୋଟ କରିବେ । ଉପଯୁକ୍ତ ପର୍ଯ୍ୟବେକ୍ଷଣ ଦ୍ୱାରା ଏହା ହୋଇ ପାରିବ ।


**ଆବଶ୍ୟକ ସାମଗ୍ରୀ** – ପ୍ରତ୍ୟେକ ଚିତ୍ରକୁ ପିଲାମାନଙ୍କୁ ଦିଆଯିବ, ପିଲାମାନେ ଚିତ୍ରରେ କେଉଁ ଅଂଶଟି ନାହିଁ କହିବେ ଓ ତିଆରି କରିବେ ।






କ'ଣ ଅଛି


କ'ଣ ନାହିଁ














## ଦ୍ୱିତୀୟ ମାସ

**ପ୍ରଥମ ସପ୍ତାହ - ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଭାଗଭାଗ କର"**

**ଶିକ୍ଷଣ ଫଳାଫଳ: IL-3.4 :** ଦୁଇ ପ୍ରକାରର ୫-୬ଟି ବସ୍ତୁକୁ ଏକ-ଏକ ମେଳକ କରି ସଜେଇବେ ।

**ସାମୂହିକ କାର୍ଯ୍ୟ :** ସମୟ - ୪୦ମିନିଟ୍

**କାର୍ଯ୍ୟର ସୂଚନା:**

- ସମସ୍ତ ଶିକ୍ଷାର୍ଥୀଙ୍କୁ ସମାନ ଦୁଇଭାଗ କରି ଦୁଇ ଧାଡ଼ିରେ ମୁହାଁମୁହିଁ ଠିଆ କରାଇବେ ।
- ଧାଡ଼ି-୧ର ପ୍ରଥମ ଶିକ୍ଷାର୍ଥୀ, ଧାଡ଼ି-୨ର ପ୍ରଥମ ଶିକ୍ଷାର୍ଥୀ ସହ ହାତ ମିଳାଇବେ ।
- ଧାଡ଼ି-୧ର ଦ୍ୱିତୀୟ ଶିକ୍ଷାର୍ଥୀ ଧାଡ଼ି-୨ର ଦ୍ୱିତୀୟ ଶିକ୍ଷାର୍ଥୀ ସହ ହାତ ମିଳାଇବେ ।
- ଏହିପରି ଧାଡ଼ି-୧ର ତୃତୀୟ ଶିକ୍ଷାର୍ଥୀ, ଧାଡ଼ି-୨ର ତୃତୀୟ ଶିକ୍ଷାର୍ଥୀ ସହ ହାତ ମିଳାଇବେ ।
- ଏହିପରି କାର୍ଯ୍ୟ ଚାଲୁ ରହିବ - ଏହି କାର୍ଯ୍ୟ ସରିବା ପରେ, ଶିକ୍ଷକ କେତୋଟି ପ୍ରଶ୍ନ ପଚାରିବେ ।

ପ୍ରଶ୍ନ:

- ତୁମେ ଏହି କାମରୁ କ'ଣ ଶିଖିଲ ?
- ଆମ ଭିତରୁ କେହି ହାତ ନମିଳାଇ ବଳି ପଡ଼ିଲେ କି ? କାହିଁକି ବଳି ପଡ଼ିଲେ ?

  ପିଲାମାନଙ୍କ ସ୍ଥାନ ବଦଳାଇ ଏହି ଖେଳକୁ ଆଉ ଥରେ କଲେ, ଏହା ଆନନ୍ଦଦାୟକ ହୋଇପାରିବ ।

**ଦଳଗତ କାର୍ଯ୍ୟ :**

ପ୍ରତି ଦଳରେ ସମାନ ସଂଖ୍ୟକ ବସ୍ତୁ ଦେଇ, ଗୋଟିଏ ବସ୍ତୁକୁ ସମାନ ବସ୍ତୁ ସହ ଏକ-ଏକ ମେଳକ କରିବାକୁ କହିବେ । ଧ୍ୟାନ ଦେବେ ଯେପରି ପ୍ରତି ପିଲା ଅଂଶଗ୍ରହଣ କରିବେ ।

**ସଂକ୍ଷେପଣ** - ସମଜାତୀୟ ବସ୍ତୁମାନଙ୍କୁ ଏକ-ଏକ ମେଳକ କରିହୁଏ । ସମାନ ସଂଖ୍ୟକ ବସ୍ତୁମାନଙ୍କୁ ମେଳକ କଲେ ଆଉ କିଛି ବଳି ପଡ଼େ ନାହିଁ ।

**ଆବଶ୍ୟକ ସାମଗ୍ରୀ** - ପ୍ରତି ଦଳ ପାଇଁ ୨ଟି ଲେଖାଏଁ ବଲ, କଲମ, ପେନସିଲ, ରବର ।

## ଦ୍ୱିତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଏକ ଏକ ମେଳକ"**

**ଶିକ୍ଷଣ ଫଳାଫଳ: IL- 3.4 : ଦୁଇ ପ୍ରକାରର ୫-୬ଟି ବସ୍ତୁକୁ ଏକ-ଏକ ମେଳକ କରି ସଜେଇବେ ।**

**ଦଳଗତ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟପ୍ରଣାଳୀ :-**

କାର୍ଯ୍ୟ – ୧

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇବେ, ପ୍ରତି ଦଳରେ ୪-୫ ଜଣ ଲେଖାଏଁ ପିଲା ରହିବେ ।
- ସମସ୍ତ ଶିକ୍ଷାର୍ଥୀ ନିଜନିଜ କଲମରୁ କ୍ୟାପ୍ କାଢ଼ି, କଲମ ଓ କ୍ୟାପ୍ ଦଳ ମଧ୍ୟରେ ଚଟାଣରେ ରଖିବେ
- ଧ୍ୟାନଦେବେ, ଭିନ୍ନଭିନ୍ନ ରଙ୍ଗର ୪-୫ଟି କଲମ ଓ କ୍ୟାପ୍ ରହିବ ।
- କଲମଗୁଡ଼ିକର ସ୍ଥାନ ଏପଟସେପଟ କରିଦିଆଯିବ ।
- ଶିକ୍ଷକ ୧-୨-୩ ଗଣି ଖେଳ ଆରମ୍ଭ କରିବେ । ସମସ୍ତଙ୍କୁ ନିଜନିଜ କଲମରେ କ୍ୟାପ୍ ଲଗାଇବାକୁ କୁହାଯିବ ।
- ଯେଉଁ ଦଳର ସମସ୍ତ ଶିକ୍ଷାର୍ଥୀ ଠିକ୍ ଭାବରେ ଓ କମ୍ ସମୟରେ ସମସ୍ତ କଲମରେ କ୍ୟାପ୍ ଲଗାଇଥିବେ, ସେମାନଙ୍କୁ ତାଳି ଦେଇ ଉତ୍ସାହିତ କରିବେ ।

କାର୍ଯ୍ୟ-୨

- ଉପରୋକ୍ତ କାର୍ଯ୍ୟ ପରି ହେବ । ଶିକ୍ଷକ ୧-୨-୩ ଗଣି ଖେଳ ଆରମ୍ଭ କରିବେ ।
- ପ୍ରତି ଦଳରେ ଶିକ୍ଷକ ଯେଉଁ ଜଣକୁ କହିବେ, ସେ ସବୁଠକ କଲମର କ୍ୟାପ୍ ଠିକ୍ ଭାବରେ ଲଗାଇ ଦେଖାଇବ ।
- ଯେଉଁ ଦଳର ଶିକ୍ଷାର୍ଥୀ ପ୍ରଥମେ କରି ଦେଖାଇବ, ସେହି ଦଳକୁ ତାଳି ଦେଇ ଉତ୍ସାହିତ କରିବେ ।
- ପ୍ରତ୍ୟେକ ଶିକ୍ଷାର୍ଥୀ ନିଜେ କରିବାକୁ ସମର୍ଥ ହେବା ନିଶ୍ଚିତ କରିବେ ।

**ସଂକ୍ଷେପଣ** – ସମଜାତୀୟ ବସ୍ତୁମାନଙ୍କୁ ଏକ-ଏକ ମେଳକ କରିହୁଏ । ସମାନ ସଂଖ୍ୟକ ବସ୍ତୁମାନଙ୍କୁ ମେଳକ କଲେ ଆଉ କିଛି ବଳି ପଡ଼େନାହିଁ ।

**ଆବଶ୍ୟକ ସାମଗ୍ରୀ** – ଶିକ୍ଷାର୍ଥୀମାନେ ନିଜର କଲମ ଆଣି ନଥିଲେ, ଶିକ୍ଷକ ପ୍ରତି ଦଳରେ ୪-୫ଟି ଅଲଗାଅଲଗା ରଙ୍ଗର କଲମ ଦେବେ ।

## ଦ୍ୱିତୀୟ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୧/୨**

**ଶିକ୍ଷଣ କାର୍ଯ୍ୟ : "ପାଖ ଦୂର ଖେଳ ଖେଳିବା"**

**ଶିକ୍ଷଣ ଫଳାଫଳ:** **IL-3.5 :** ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟପ୍ରଣାଳୀ :-**

- ପିଲାମାନଙ୍କୁ ଗୋଲାକୃତିରେ ○ ଠିଆ କରାଇବେ ।
- ଶିକ୍ଷକ ପିଲାମାନଙ୍କ ମଝିରେ ରହି ଗୀତ ବୋଲିବେ ।
- ଶିକ୍ଷକଙ୍କ ସହିତ ପିଲାମାନେ ଗୀତ ବୋଲିବେ ।
- ୨/୩ଥର ବୋଲିବା ସମୟରେ ଶିକ୍ଷକ ମଝିରେ ମଝିରେ କହିବେ:-

  ପାଖ – କହିଲେ ପିଲାମାନେ ଶିକ୍ଷକଙ୍କ ପାଖକୁ ଆସିବେ ।

  ଦୂର – କହିଲେ ପିଲାମାନେ ପୂର୍ବ ସ୍ଥାନକୁ ଫେରିଯିବେ ।

  (ଶିକ୍ଷକଙ୍କଠାରୁ ଦୂରେଇ ଯିବେ)

ଗୀତ:

ଡାକିବି ଯେବେ ତୁମକୁ ମୁହିଁ<br>
ମୋ ପାଖକୁ ଯିବ ଆସି<br>
କହିଦେଲେ ମୁହିଁ ଯାଅରେ ଏବେ<br>
ମୋ ଠୁଁ ଦୂରକୁ ଯିବ ଖସି ।

**ସଂକ୍ଷେପଣ** – ପିଲାମାନେ ପାଖଦୂର ଜାଣି କାର୍ଯ୍ୟ କରିବେ ।

(ଏହି କାର୍ଯ୍ୟ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ)

(ଏହିପରି ଭିତର ଓ ବାହାର ବୁଝାଇବା ପାଇଁ ଶିକ୍ଷଣ କାର୍ଯ୍ୟ କରିବେ ।)

(ଦ୍ୱିତୀୟ ଦିବସରେ ଏହି କାର୍ଯ୍ୟ କରି ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦିବସ - ୩

**ଶିକ୍ଷଣ କାର୍ଯ୍ୟ : "ବଡ଼ରୁ ସାନ ଓ ସାନରୁ ବଡ଼ କ୍ରମ"**

**ଶିକ୍ଷଣ ଫଳାଫଳ: IL- 3.6 :** ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡ଼ଗୁଡ଼ିକୁ କ୍ରମରେ ରଖିବେ / ସଜେଇବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଦଳ ଗଠନ କରାଯିବ ।
- ପ୍ରତ୍ୟେକ ଦଳକୁ ନିମ୍ନରେ ଲେଖାଥିବା ଶିକ୍ଷଣ ସାମଗ୍ରୀ ଦିଆଯିବ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ ଦଳରେ କାର୍ଯ୍ୟ କରିବେ ।
  - ସମାନ ପ୍ରକାର ଜିନିଷକୁ ପ୍ରତ୍ୟେକ ଦଳରେ ପିଲାମାନେ ଏକାଠି ସଜାଇ ରଖିବେ ।
  - ସେହି ସମାନ ପ୍ରକାର ଜିନିଷକୁ ପ୍ରତ୍ୟେକ ଦଳ ବଡ଼ରୁ ସାନ କ୍ରମରେ ସଜାଇ ରଖିବେ ।
  - ପ୍ରତ୍ୟେକ ଦଳ କିପରି ଜିନିଷଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।
  - ସେହି ସମାନ ପ୍ରକାର ଜିନିଷକୁ ପ୍ରତ୍ୟେକ ଦଳ ସାନରୁ ବଡ଼ କ୍ରମରେ ସଜାଇ ରଖିବେ ।
  - ପ୍ରତ୍ୟେକ ଦଳ କିପରି ଜିନିଷଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।
  - ଜିନିଷଗୁଡ଼ିକୁ ବଡ଼ରୁ ସାନ ଓ ସାନରୁ ବଡ଼ କ୍ରମରେ ସଜାଇ ସାରିବା ପରେ ବିଭିନ୍ନ ଆକାରର ସମାନ ଚିତ୍ର ଥିବା କାର୍ଡ଼କୁ ଚିତ୍ରର ଆକାର ଅନୁସାରେ ବଡ଼ରୁ ସାନ ଓ ସାନରୁ ବଡ଼ କ୍ରମରେ ସଜାଇ ରଖିବେ ।
- ସମସ୍ତ ଦଳ କାର୍ଯ୍ୟଟିକୁ ଠିକ ରୂପେ ସମ୍ପୂର୍ଣ୍ଣ କରିବା ପାଇଁ ଶିକ୍ଷକ ସମୟ ଓ ସହାୟତା ପ୍ରଦାନ କରିବେ ।

**ସଂକ୍ଷେପଣ** – ପିଲାମାନେ ବିଭିନ୍ନ ଜିନିଷକୁ ବଡ଼ରୁ ସାନ ଓ ସାନରୁ ବଡ଼ କ୍ରମରେ ସଜାଇବାର କୌଶଳ ହାସଲ କରିବେ ।

**ଆବଶ୍ୟକ ସାମଗ୍ରୀ** – ବିଭିନ୍ନ ଆକାରର ପେନସିଲ୍ - ୪ଟି, ବିଭିନ୍ନ ଆକାରର ବଲ୍-୪ଟି, ଏକପ୍ରକାର ଓ ବିଭିନ୍ନ ଆକାରର ବୋତାମ-୫ଟି, ବିଭିନ୍ନ ଆକାରର କାଠି, ବିଭିନ୍ନ ଆକାରର ଚକ୍ ଖଡ଼ି, ବିଭିନ୍ନ ଆକାରର ସମାନ ଚିତ୍ର ଥିବା କାର୍ଡ଼ (ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଜିନିଷ ନିଆଯାଇପାରିବ, ଯେଉଁଥିରୁ ପିଲା ବର୍ଗୀକରଣ କରିପାରୁଥିବ)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମାଧନ କରିବାକୁ କୁହାଯିବ ।

## ଦ୍ୱିତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦିବସ - ୪

**ଶିକ୍ଷଣ କାର୍ଯ୍ୟ : "ଆସ ସମାଧାନ କରିବା"**

**ଶିକ୍ଷଣ ଫଳାଫଳ: IL- 3.8 (a) : ଉପଯୁକ୍ତ କାରଣ ସହିତ ସରଳ ସମସ୍ୟାର ସମାଧାନ କରିବେ ।**

ସାମୂହିକ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକ ଗପ ମାଧ୍ୟମରେ ସମସ୍ୟାକୁ ଉପସ୍ଥାପନ କରିବେ । ସେହି ଅନୁସାରେ ପିଲାମାନେ ସମସ୍ୟାର ସମାଧାନ କରିବେ ଓ କାରଣ କହିବେ ।

ସକାଳୁ ଆଜି କୁନା ଅଝଟ ହୋଇଛି । ତା'ର ଏକା ଜିଦ, ହାଟରୁ ତା' ପାଇଁ ବିସ୍କୁଟ୍ ଓ ମିଠାଇ ଆସିବ । ନଚେତ ସେ ଆଜି ବିଦ୍ୟାଳୟକୁ ଯିବନି । ତେଣୁ ତା'ର ବାପା କୁନା ପାଇଁ ହାଟରୁ ବିସ୍କୁଟ୍ ଓ ମିଠାଇ ସହିତ ବିଭିନ୍ନ ପରିବା, ଡାଲି ଓ ଚିନି ଆଣିଛନ୍ତି । କୁନା କହିଲା, ମୁଁ ଜିନିଷଗୁଡ଼ିକ ରଖିବି । ସେ, କେଉଁ ଜିନିଷ କେଉଁଥିରେ ରଖିଥିବ କୁହ । ଶିକ୍ଷକ ପ୍ରତ୍ୟେକ ପିଲାଙ୍କର ଉତ୍ତର ଶୁଣିବେ । ତା'ପରେ କହିବେ – ଆଜି ମୁଁ ମଧ୍ୟ ତୁମମାନଙ୍କ ପାଇଁ କୁନାର ବାପା ଆଣିଥିବା ଜିନିଷ ଓ ଏଗୁଡ଼ିକ ରଖିବା ପାଇଁ ପରିବା ଝୁଡ଼ି ଓ ଡବା ଆଣିଛି । ତୁମେମାନେ କେଉଁ ଜିନିଷ କେଉଁଥିରେ ରଖିବ ରଖ ।

- ପିଲାମାନେ ଜିନିଷଗୁଡ଼ିକୁ ରଖିବା ସମୟରେ ଶିକ୍ଷକ ସହାୟତା କରିବେ ।

**ସଂକ୍ଷେପଣ** – ପିଲାମାନେ ବିଭିନ୍ନ ସମସ୍ୟା ସମାଧାନର କୌଶଳ ହାସଲ କରି କାର୍ଯ୍ୟ କରିବେ ।

**ଆବଶ୍ୟକ ସାମଗ୍ରୀ** – ଡାଲି ୫୦୦ ଗ୍ରାମ, ଚିନି - ୫୦୦ ଗ୍ରାମ, ବିଭିନ୍ନ ପନିପରିବା, ପରିବା ଝୁଡ଼ି, ଛୋଟବଡ଼ ଡବା (ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଜିନିଷ ନିଆଯାଇପାରିବ, ଯେଉଁଥିରୁ ପିଲା ବର୍ଗୀକରଣ କରିପାରୁଥିବ)

# ଦ୍ୱିତୀୟ ମାସ

## ଦ୍ୱିତୀୟ ସପ୍ତାହ - ଦିବସ - ୫

**ଶିକ୍ଷଣ କାର୍ଯ୍ୟ : "ଆସ ସମାଧାନ କରିବା"**

**ଶିକ୍ଷଣ ଫଳାଫଳ: IL- 3.8 (a) :** ଉପଯୁକ୍ତ କାରଣ ସହିତ ସରଳ ସମସ୍ୟାର ସମାଧାନ କରିବେ ।

ଦଳଗତ କାର୍ଯ୍ୟ : ସମୟ - ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ ।
- ଶିକ୍ଷକଙ୍କ ସୂଚନା ଅନୁସାରେ ପିଲାମାନେ ଦଳରେ କାର୍ଯ୍ୟ କରିବେ ।





- ଶିକ୍ଷକ ଉପର ଚିତ୍ରକୁ ପିଲାଙ୍କୁ ଦେଖାଇବେ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ । ପିଲାମାନେ ଦଳରେ ଆଲୋଚନା କରି ଉତ୍ତର ଦେବେ ।

୧. ମିତାର ବାପା ଘରୁ ଚାଲିକରି ହାଟକୁ ଯିବେ । ସେ କେଉଁ ବାଟରେ ଗଲେ ଶୀଘ୍ର ପହଞ୍ଚିବେ ?

୨. ମିତାର ଭଉଣୀ ବାହାଘର ପାଇଁ ମିତାର ବାପା ହାଟରୁ ସଉଦାପତ୍ର ଓ ପନିପରିବା ଡାଲାଏବୋଝେ ମିତାର ଘରକୁ ଆଣିବେ । ତେବେ ହାଟରୁ କେଉଁ ରାସ୍ତାରେ ଆସିବେ ?

- କେଉଁ ବୋତଲରେ ତେଲ ଭର୍ତ୍ତି କରିବା ସହଜ ହେବ ? ଶିକ୍ଷକ ନିମ୍ନ ଚିତ୍ର ଭଳି ବୋତଲ କାହାଳୀ ନେଇ ପିଲାମାନଙ୍କୁ ଦେବେ ଓ ପିଲାମାନେ ନିଜେ ଦଳରେ ଆଲୋଚନା କରି କହିବେ ।



**ସଂକ୍ଷେପଣ** - ପିଲାମାନେ ବିଭିନ୍ନ ସମସ୍ୟା ସମାଧାନର କୌଶଳ ହାସଲ କରି କାର୍ଯ୍ୟ କରିବେ ।

**ଆବଶ୍ୟକ ସାମଗ୍ରୀ** - ଚିତ୍ରରେ ଦିଆଯାଇଥିବା ବୋତଲ ଓ କାହାଳୀ

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମାଦନ କରିବାକୁ କୁହାଯିବ ।

## ତୃତୀୟ ସପ୍ତାହ / ଦିବସ - ୧

**ଶିକ୍ଷଣ କାର୍ଯ୍ୟ : "ଦେଖିବା ଓ ପ୍ରଶ୍ନ ପଚାରିବା"**

**ଶିକ୍ଷଣ ଫଳାଫଳ:** IL- 3.8 (b) : ପରିବେଶରେ ଥିବା ବସ୍ତୁର ଅନ୍ୱେଷଣ କରିବେ ଏବଂ ତାକୁ ନେଇ କାର୍ଯ୍ୟ କରିବାରେ ଜଡ଼ିତ ହେବେ, ପ୍ରଶ୍ନ ପଚାରିବେ, ଅନୁସନ୍ଧାନ କରିବେ, ଆବିଷ୍କାର କରିବେ ଏବଂ ତା' ସମ୍ପର୍କରେ ନିଜସ୍ୱ ଧାରଣା ସୃଷ୍ଟି କରିବେ ଓ ଅନୁମାନ କରିବେ ।

ସାମୂହିକ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକ ଗୋଟିଏ ଛତା ଦେଖାଇ ପିଲାମାନଙ୍କ ସହିତ ନିମ୍ନ ପ୍ରଶ୍ନଗୁଡ଼ିକ ଆଲୋଚନା କରିବେ ।
  - ଏଇଟି କ'ଣ ?
  - ଏହା କେଉଁ ସମୟରେ ତୁମେ ବ୍ୟବହାର କର ?
  - ଏହାର ରଙ୍ଗ କ'ଣ ?



ଦଳଗତ କାର୍ଯ୍ୟ :

- ଏହିପରି ଆଲୋଚନା ପରେ ଶିକ୍ଷକ ୪/୫ଟି ପିଲାମାନଙ୍କୁ ନେଇ ଦଳ ଗଠନ କରିବେ ।
- ପ୍ରତ୍ୟେକ ଦଳ ଛତା ପ୍ରସଙ୍ଗରେ ପ୍ରଶ୍ନ ଅନ୍ୟ ଦଳକୁ ପଚାରିବେ ।
- ସେହିପରି ଶିକ୍ଷକ ଗୋଟିଏ ଲେଖାଏଁ ଇଟା, ବୋତଲ, ଗାମୁଛା ପ୍ରତ୍ୟେକ ଦଳକୁ ଦେବେ ଓ ସେଗୁଡ଼ିକ ବିଷୟରେ ପ୍ରଶ୍ନ କହିବାକୁ କହିବେ ।

**ସଂକ୍ଷେପଣ** – ପିଲାମାନେ ବିଭିନ୍ନ ବସ୍ତୁ ଦେଖି ପ୍ରଶ୍ନ କରିବାର କୌଶଳ ହାସଲ କରିବେ ।

**ଆବଶ୍ୟକ ସାମଗ୍ରୀ** – ଛତା, ଇଟା (ନିଜ ପରିବେଶରୁ ମିଳୁଥିବା ଆନ୍ୟାନ୍ୟ ଜିନିଷ ନିଆଯାଇପାରିବ ଯେଉଁଥିରୁ ପିଲା ପ୍ରଶ୍ନ କରିବ)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମ୍ପାଦନ କରିବାକୁ କୁହାଯିବ । ଶିକ୍ଷକ କାର୍ଯ୍ୟପତ୍ର ପୂରଣ କରିବାରେ ପିଲାମାନଙ୍କୁ ସହାୟତା କରିବେ ।

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ - ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଦେଖିବା ଓ ପ୍ରଶ୍ନ ପଚାରିବା"**

**ଶିକ୍ଷଣ ଫଳାଫଳ:** **IL- 3.8 (b) :** ପରିବେଶରେ ଥିବା ବସ୍ତୁର ଅନ୍ୱେଷଣ କରିବେ ଏବଂ ତାକୁ ନେଇ କାର୍ଯ୍ୟ କରିବାରେ ଜଡ଼ିତ ହେବେ, ପ୍ରଶ୍ନ ପଚାରିବେ, ଅନୁସନ୍ଧାନ କରିବେ, ଆବିଷ୍କାର କରିବେ ଏବଂ ତା' ସମ୍ପର୍କରେ ନିଜସ୍ୱ ଧାରଣା ସୃଷ୍ଟି କରିବେ ଓ ଅନୁମାନ କରିବେ ।

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟପ୍ରଣାଳୀ:-**

- ପିଲାମାନେ 'U' ଆକୃତିରେ ବସିବେ ।
- ଶିକ୍ଷକ ଚିତ୍ରଟି ଦେଖାଇ ପିଲାମାନଙ୍କ ସହିତ ନିମ୍ନ ପ୍ରଶ୍ନଗୁଡ଼ିକ ଆଲୋଚନା କରିବେ ।
  - ଏହି ଚିତ୍ରଟିରେ କ'ଣ ସବୁ ଦେଖୁଛ ?
  - ତମେ ବର୍ଷାଋତୁରେ କ'ଣ ସବୁ କର ?



**ଦଳଗତ କାର୍ଯ୍ୟ:**

- ଏହିପରି ଆଲୋଚନା ପରେ ଶିକ୍ଷକ ୪/୫ଟି ଲୋଖାଏଁ ପିଲାମାନଙ୍କୁ ନେଇ ଦଳ ଗଠନ କରିବେ ।
- ପ୍ରତ୍ୟେକ ଦଳ ଚିତ୍ର ପ୍ରସଙ୍ଗରେ ପ୍ରଶ୍ନ ଅନ୍ୟ ଦଳକୁ ପଚାରିବେ ।

**ସଂକ୍ଷେପଣ** – ପିଲାମାନେ ବିଭିନ୍ନ ଦୃଶ୍ୟ ଦେଖି ପ୍ରଶ୍ନ କରିବାର କୌଶଳ ହାସଲ କରିବେ ।

**ଆବଶ୍ୟକ ସାମଗ୍ରୀ** – ବର୍ଷାଋତୁ ଦୃଶ୍ୟର ଚିତ୍ର (ନିଜ ପରିବେଶରୁ ମିଳୁଥିବା ଅନ୍ୟାନ୍ୟ ଦୃଶ୍ୟର ଚିତ୍ର ନିଆଯାଇପାରିବ, ଯାହାକୁ ଦେଖି ପିଲା ବିଭିନ୍ନ ପ୍ରଶ୍ନ କରିବ)

## ଦ୍ୱିତୀୟ ମାସ

### ତୃତୀୟ ସପ୍ତାହ - ଦିବସ - ୩

**ଶିକ୍ଷଣ କାର୍ଯ୍ୟ : "ଦେଖିବା ଓ ପ୍ରଶ୍ନ ପଚାରିବା"**

**ଶିକ୍ଷଣ ଫଳାଫଳ:** **IL- 3.8 (b) :** ପରିବେଶରେ ଥିବା ବସ୍ତୁର ଅନ୍ୱେଷଣ କରିବେ ଏବଂ ତାକୁ ନେଇ କାର୍ଯ୍ୟ କରିବାରେ ଜଡ଼ିତ ହେବେ, ପ୍ରଶ୍ନ ପଚାରିବେ, ଅନୁସନ୍ଧାନ କରିବେ, ଆବିଷ୍କାର କରିବେ ଏବଂ ତା' ସମ୍ପର୍କରେ ନିଜସ୍ୱ ଧାରଣା ସୃଷ୍ଟି କରିବେ ଓ ଅନୁମାନ କରିବେ ।

ସାମୂହିକ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ପିଲାମାନଙ୍କୁ ବିଦ୍ୟାଳୟ ବାହାରକୁ (ପାର୍କ, ବାଗଜମିର ପରିବେଶ ଇତ୍ୟାଦି) ବୁଲିବାକୁ ନିଆଯିବ ।
- ବାହ୍ୟ ପରିବେଶରେ ଥିବା ଗଛ, ପରିବେଶର ଦୃଶ୍ୟ ସମ୍ପର୍କରେ ଶିକ୍ଷକ ଗୋଟିଏ / ଦୁଇଟି ପ୍ରଶ୍ନ ପଚାରିବେ ।
  - ଏଠାରେ କ'ଣ ସବୁ ଦେଖୁଛ ?
  - ଏହା କେଉଁ ଗଛ ?
  - ତୁମେ ଏ ଗଛ ଆଗରୁ କେଉଁଠି ଦେଖିଛ କି ?
- ପିଲାମାନେ ସେହିପରି ନିଜ ନିଜ ମଧ୍ୟରେ ପ୍ରଶ୍ନ ପଚରାପଚରି ହେବେ ଓ ସେଗୁଡ଼ିକର ଉତ୍ତର ଆଲୋଚନା କରିବେ ।

ସଂକ୍ଷେପଣ – ପିଲାମାନେ ବିଭିନ୍ନ ଦୃଶ୍ୟ ଦେଖି ପ୍ରଶ୍ନ କରିବାର କୌଶଳ ହାସଲ କରିବେ ।

## ଦ୍ୱିତୀୟ ମାସ

### ତୃତୀୟ ସପ୍ତାହ - ଦିବସ - ୪

**ଶିକ୍ଷଣ କାର୍ଯ୍ୟ : "ଆସ, ବଡ଼ ସାନ ବାଛିବା"**

**ଶିକ୍ଷଣ ଫଳାଫଳ:** **IL- 3.21 :** ସବୁଠାରୁ ଅଧିକ ଲମ୍ବା / ଛୋଟ, ସବୁଠାରୁ ଅଧିକ ଡେଙ୍ଗା / ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ:-

- ୩/୪ଜଣ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ ।
- ପ୍ରତ୍ୟେକ ଦଳରେ ପିଲା ସଂଖ୍ୟାକୁ ଦେଖି ନିର୍ଦ୍ଦିଷ୍ଟ ସଂଖ୍ୟକ ବଡ଼ ବାଡ଼ି, ସାନ ବାଡ଼ି ଦିଆଯିବ ।
- ପ୍ରତି ଦଳରେ ପୃଥକ ପୃଥକ ସାମଗ୍ରୀ ଦିଆଯିବ ।

  (ପ୍ରତ୍ୟେକ ବାଡ଼ି ଦୈର୍ଘ୍ୟ ମାପ ଅନୁସାରେ ସାନ ଓ ବଡ଼ ହୋଇଥିବ ।)

* ପ୍ରତ୍ୟେକ ଦଳର ୨ଟି ପିଲା ଦିଆଯାଇଥିବା ସାମଗ୍ରୀ ମଧ୍ୟରୁ ଗୋଟିଏ ଗୋଟିଏ ଧରିବେ ।
* ଜଣେ ଜଣେ ଠିଆ ହୋଇ କେଉଁଟି ବଡ଼, କେଉଁଟି ସାନ ଦେଖାଇ କହିବେ ।
* ଏହିପରି ଖେଳ ଚାଲିବ ।
* ଯେଉଁ ପିଲା ଭୁଲ କରିବ ଅନ୍ୟ ପିଲାଙ୍କ ଦ୍ୱାରା ସଂଶୋଧନ କରାଯିବ ।
* ଆବଶ୍ୟକସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।

**ଦଳଗତ କାର୍ଯ୍ୟ :**

**ଶିକ୍ଷଣ କାର୍ଯ୍ୟ:- ୨**

**ସୂଚନା** - ଶିକ୍ଷକ ୩/୪ଜଣ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରିବେ ।

* ପ୍ରତି ଦଳରେ ପିଲା ସଂଖ୍ୟାକୁ ଦେଖି ୨ଟି ଲେଖାଏଁ ଅଲଗାଅଲଗା ଆକାରର ବସ୍ତୁ ଦେବେ ।
* ଏକାପ୍ରକାର ଦୁଇଟି ବସ୍ତୁ ମଧ୍ୟରେ କେଉଁଟି ବଡ଼, କେଉଁଟି ସାନ ପିଲାମାନେ ଦେଖାଇ କହିବେ ।
* ପିଲାମାନଙ୍କ ମଧ୍ୟରେ ସଂଶୋଧନ କାର୍ଯ୍ୟ କରାଯିବ ।
* ଆବଶ୍ୟକସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।

(ଏହିପରି ଅଧିକରୁ ଅଧିକ ଶିକ୍ଷଣ କାର୍ଯ୍ୟ ପିଲାମାନଙ୍କ ପାଇଁ ଶିକ୍ଷକ କରିପାରିବେ ।)

**ସଂକ୍ଷେପଣ** - ପିଲାମାନେ ଦୈର୍ଘ୍ୟ ମାପ ତୁଳନା କ୍ରମରେ ସାନବଡ଼ ଚିହ୍ନଟ କହିବେ ।

| | | |
|---|---|---|
| **ଆବଶ୍ୟକ ସାମଗ୍ରୀ** - | ସାନବାଡ଼ି - ୫ଟି | ବଡ଼ ସ୍କେଲ - ୫ଟି |
| | ବଡ଼ ବାଡ଼ି - ୫ଟି | ସାନ ସ୍କେଲ - ୫ଟି |
| | ସାନ ପେନ୍‌ସିଲ୍ - ୫ଟି | ଲମ୍ବା ତାର - ୫ ଖଣ୍ଡ |
| | ବଡ଼ ପେନ୍‌ସିଲ୍ - ୫ଟି | ଛୋଟ ତାର - ୫ ଖଣ୍ଡ |
| | ଲମ୍ବ ସୁତୁଲି - ୫ ଖଣ୍ଡ | ସାନ ରିବନ - ୫ ଖଣ୍ଡ |
| | କମ୍‌ଲମ୍ବ ସୁତୁଲି - ୫ ଖଣ୍ଡ | ବଡ଼ ରିବନ - ୫ ଖଣ୍ଡ |
| | ବଡ଼ ସ୍କେଚ ପେନ୍ - ୫ଟି | ଲମ୍ବା ଖାତା - ୫ଟି |
| | ସାନ ସ୍କେଚ ପେନ୍ - ୫ଟି | ସାନ ଖାତା - ୫ଟି |

ଏହି କାର୍ଯ୍ୟ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

## ଦ୍ୱିତୀୟ ମାସ

**ତୃତୀୟ ସପ୍ତାହ - ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଓଜନିଆ ଓ ହାଲୁକା"**

**ଶିକ୍ଷଣ ଫଳାଫଳ:** **IL- 3.22 :** ଦୁଇଟି ବସ୍ତୁର ଓଜନକୁ ତୁଳନା କରିବେ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବ ।

ଦଳଗତ କାର୍ଯ୍ୟ : ସମୟ - ୪୦ମିନିଟ୍

କାର୍ଯ୍ୟର ସୂଚନା :-

- ପିଲାମାନଙ୍କୁ ଛୋଟଛୋଟ ଦଳରେ ଭାଗ କରି ଗୋଲଆକୃତିରେ ବସାଇବେ ।
- ପ୍ରତି ଦଳକୁ ଦୁଇଟି ଲେଖାଏଁ ସମାନ ଆକାରର ବସ୍ତୁ ଦେଇ, ସେ ଦୁଇଟି ମଧ୍ୟରେ କେଉଁଟି ଓଜନିଆ ବା ହାଲୁକା ତୁଳନା କରିବାକୁ କହିବେ ।
- ଶିକ୍ଷାର୍ଥୀମାନେ ନିଜ ହାତରେ ଧରି ତୁଳନା କରିବେ ଓ କହିବେ ।
- ୫-୬ଟି ଯୋଡ଼ା ବସ୍ତୁ ଦେଇ ପ୍ରତି କ୍ଷେତ୍ରରେ କେଉଁଟି ଓଜନିଆ ବା ହାଲୁକା ତୁଳନା କରିବାକୁ କହିବେ । ପ୍ରତି ଦଳରେ ପିଲାଙ୍କ ବ୍ୟକ୍ତିଗତ ଅଂଶଗ୍ରହଣକୁ ନିଶ୍ଚିତ କରିବେ ।

**ସଂକ୍ଷେପଣ** – ସମଜାତୀୟ ବସ୍ତୁମାନଙ୍କୁ ଏକ-ଏକ ମେଳକ କରିହୁଏ । ସମାନ ସଂଖ୍ୟକ ବସ୍ତୁମାନଙ୍କୁ ମେଳକ କଲେ ଆଉ କିଛି ବଳି ପଡେନାହିଁ ।

**ଆବଶ୍ୟକ ସାମଗ୍ରୀ** – ପ୍ରତି ଦଳ ପାଇଁ ସମାନ ଆକାରର କାଚ ବାଟି ଓ ବଢ଼ ମାଟି, କଲମ ଓ ସ୍କେଚ ପେନ୍, ରବର ବଲ୍ ଓ ପ୍ଲାଷ୍ଟିକ ବଲ୍, ଜ୍ୟାମିତି ବାକ୍ସ ଓ ପେନ୍ସିଲ୍ ବାକ୍ସ, କାଚ ବୋତଲ ଓ ପ୍ଲାଷ୍ଟିକ ବୋତଲ, ଷ୍ଟିଲ ଗ୍ଲାସ୍ ଓ ପ୍ଲାଷ୍ଟିକ ଗ୍ଲାସ୍, ଷ୍ଟିଲ୍ ଥାଳିଆ ଓ ପ୍ଲାଷ୍ଟିକ ଥାଳିଆ ।

## ଦ୍ୱିତୀୟ ମାସ

**ଚତୁର୍ଥ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଆସ ଗାଇବା - ଘୋ ଘୋ ରାଣୀ"**

**ଶିକ୍ଷଣ ଫଳାଫଳ:** **IL-3.23 :** ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବେ ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟର ସୂଚନା :-**

କାର୍ଯ୍ୟ- ୧ ଶିକ୍ଷକ ପ୍ରଥମେ ସମସ୍ତ ପିଲାମାନଙ୍କୁ ଗୋଲରେ ଠିଆ କରାଇ "ଘୋ ଘୋ ରାଣୀ ଏତେ ଏତେ ପାଣି" ଗୀତଟିକୁ ଅଭିନୟ ସହିତ ଗାଇବେ ।

- ପିଲାମାନେ ମଧ୍ୟ ଗୀତଟିକୁ ଅଭିନୟ ସହ ଆବୃତ୍ତି କରିବେ ।
- ଦଳଗତ କାର୍ଯ୍ୟ

କାର୍ଯ୍ୟ ୨- ଶିକ୍ଷକ ପ୍ରତି ଦଳରେ ଦୁଇଟି କରି ବୋତଲ, (ଗୋଟିଏ ବଡ଼ ଓ ଗୋଟିଏ ସାନ) ଗୋଟିଏ ବାଲଟିରେ ପାଣି ଓ ଗୋଟିଏ ଗ୍ଲାସ୍ ଦେବେ । ସୂଚନା ରହିତ ଯେ ଗ୍ଲାସ୍‌ରେ ବାଲଟିରୁ ପାଣି ନେଇ ବୋତଲରେ ପୂରାଇବେ । କେଉଁ ବୋତଲରେ ଅଧିକ ପାଣି ଧରିଲା ଓ କେଉଁଥିରେ କମ୍ ପାଣି ଧରିଲା, ଶିକ୍ଷକଙ୍କୁ କହିବେ ।

**ସଂକ୍ଷେପଣ** – ଛୋଟ ବୋତଲରେ କମ୍ ପାଣି ଓ ବଡ଼ ବୋତଲରେ ଅଧିକ ପାଣି ଧରେ ।

**ଆବଶ୍ୟକ ସାମଗ୍ରୀ** – ବୋତଲ (ଛୋଟ ଓ ବଡ଼), ବାଲଟି, ଗ୍ଲାସ୍

# ଦ୍ୱିତୀୟ ମାସ

## ଚତୁର୍ଥ ସପ୍ତାହ / ଦିବସ - ୨

## ଶିକ୍ଷଣ କାର୍ଯ୍ୟ : "କମ୍-ବେଶୀ ଖେଳ"

**ଶିକ୍ଷଣ ଫଳାଫଳ: IL- 3.23 :** ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବେ ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି

ସାମୂହିକ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା :-

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗୋଲରେ ଠିଆ କରାଇ ନିଜେ ମଝିରେ ରହିବେ । ଛୋଟ ମାଠିଆ ଓ ବଡ଼ ମାଠିଆ କହିବେ । ସୂଚନା ରହିବ ଯେ ଛୋଟ ମାଠିଆ କହିଲେ ପିଲାମାନେ ହାତ ଅଧିକ ଖୋଲି ଦେଖେଇ ଅଭିନୟ କରିବେ ଓ ବଡ଼ ମାଠିଆ କହିଲେ ହାତ ସାନ କରି ଦେଖାଇବା ଅଭିନୟ କରିବେ । ଯିଏ ଭୁଲ କରିବ, ସେ ଖେଳରୁ ବାହାରିଯିବ ।

ଏହାପରେ କାର୍ଯ୍ୟଫର୍ଦ୍ଦ ପୂରଣ କରିବାକୁ ଦେବେ ।

ଦଳଗତ କାର୍ଯ୍ୟ –

- ପ୍ରତି ଦଳକୁ କପ, ଗ୍ଲାସ୍, ମଗ୍ (ଗୋଟିଏ ଲେଖାଏଁ) ଦିଆଯିବ ।
- ପିଲାମାନେ କପ, ଗ୍ଲାସ୍ ଓ ମଗରେ ପାଣି ଭର୍ତ୍ତି କରିବେ ।
- କେଉଁ ପାତ୍ରରେ ଅଧିକ ପାଣି ରହୁଛି ପିଲାମାନେ କହିବେ ଓ ଯୁକ୍ତି ଦ୍ୱାରା ବର୍ଣ୍ଣନା କରିବେ ।

ଆବଶ୍ୟକ ସାମଗ୍ରୀ – କପ, ଗ୍ଲାସ୍, ମଗ, ପାଣି (ପ୍ରତି ଦଳ ପାଇଁ)

## ଦ୍ୱିତୀୟ ମାସ

### ଚତୁର୍ଥ ସପ୍ତାହ / ଦିବସ - ୩

**ଶିକ୍ଷଣ କାର୍ଯ୍ୟ : "ଆସ କରିବା ଫୁଲ"**

**ଶିକ୍ଷଣ ଫଳାଫଳ:** **LO - IL - 3.25 :** ସମତଳ ପୃଷ୍ଠ ଉପରେ ତ୍ରି-ମାତ୍ରିକ ବସ୍ତୁର ପାର୍ଶ୍ୱକୁ ଥୋଇ ଦ୍ୱି-ମାତ୍ରିକ ଅକୃତି ଅଙ୍କନ କରି ଚିହ୍ନଟ କରିବ ।

**ଦଳଗତ କାର୍ଯ୍ୟ:** ସମୟ - ୪୦ମିନିଟ୍

କାର୍ଯ୍ୟର ସୂଚନା :-

- ପିଲାମାନଙ୍କୁ ଛୋଟଛୋଟ ଦଳରେ ଭାଗ କରି ବସାଇବେ ।
- ପ୍ରତି ଦଳକୁ ଗୋଟିଏ କୋଖାଏଁ (୧/୪) ଟ୍ରାନ୍ସିଟ୍, ପ୍ଲାଷ୍ଟିକ କପ୍‌ରେ ହଳଦୀପାଣି / ଅଳତା ପାଣି, ଟଗର ଫୁଲ / ଭେଣ୍ଡିର କଟା ଅଂଶ ଦେବେ ।
- ହଳଦୀ / ଅଳତା / ନୀଳ ପାଣିରେ ଫୁଲ / ଭେଣ୍ଡିର ଅଂଶ ବୁଡ଼ାଇ ଡ୍ରଇଂସିଟ୍‌ରେ ବିଭିନ୍ନ ଫୁଲର ଛାପ କରିବାକୁ ସୂଚନା ଦେବେ ।
- ପ୍ରତି ଦଳର ଡ୍ରଇଂସିଟ୍ ସମସ୍ତଙ୍କୁ ଦେଖାଇବେ ଓ କାନ୍ଥରେ ଟଙ୍ଗାଇବେ ।

ଏହାପରେ କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ କରିବାକୁ କହିବେ ।

## ଦ୍ୱିତୀୟ ମାସ

### ଚତୁର୍ଥ ସପ୍ତାହ / ଦିବସ - ୪

**ଶିକ୍ଷଣ କାର୍ଯ୍ୟ : "ଜିନିଷ ଥୋଇ ଚିତ୍ର ଆଙ୍କିବା"**

**ଶିକ୍ଷଣ ଫଳାଫଳ:** **LO - IL - 3.25 :** ସମତଳ ପୃଷ୍ଠ ଉପରେ ତ୍ରି-ମାତ୍ରିକ ବସ୍ତୁର ପାର୍ଶ୍ୱକୁ ଥୋଇ ଦ୍ୱି-ମାତ୍ରିକ ଅକୃତି ଅଙ୍କନ କରି ଚିହ୍ନଟ କରିବ ।

**ଦଳଗତ କାର୍ଯ୍ୟ :** ସମୟ - ୪୦ ମିନିଟ୍

କାର୍ଯ୍ୟର ସୂଚନା :-

- ପିଲାମାନଙ୍କୁ ଦଳରେ ଭାଗ କରି ଗୋଲାକାରରେ ବସାଇବେ ।
- ପ୍ରତି ଦଳରେ ବୋତଲ ଠିପି, ଦିଆସିଲି ଖୋଳ, ଚୁଡ଼ି, ସ୍କେଲ, ରବର ଓ ଡ୍ରଇଂସିଟ୍‌ର ୧/୪ ଅଂଶ ଦେବେ ।
- ଡ୍ରଇଂସିଟ୍ ଉପରେ ଉକ୍ତ ଜିନିଷଗୁଡ଼ିକୁ ରଖି ତା' ଚାରିପାଖକୁ ପେନ୍‌ସିଲ ସାହାଯ୍ୟରେ ଆଙ୍କିବାକୁ ସୂଚନା ଦେବେ ।
- ଯେଉଁ ଚିତ୍ର ପାଇବେ ସେହି ଆକୃତି ବିଷୟରେ ଆଲୋଚନା କରିବେ ।

ଏହାପରେ କାର୍ଯ୍ୟପୁସ୍ତିକାର କାର୍ଯ୍ୟ କରିବାକୁ କହିବେ ।

**ସଂକ୍ଷେପଣ** - ତ୍ରିମାତ୍ରିକ ବସ୍ତୁର କୌଣସି ଏକପାର୍ଶ୍ୱର ଛାପ ଦ୍ୱିମାତ୍ରିକ ଆକୃତି ହୋଇଥାଏ ।

ଏହାପରେ କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ କରିବାକୁ କହିବେ ।

# ଦ୍ୱିତୀୟ ମାସ

## ଚତୁର୍ଥ ସପ୍ତାହ / ଦିବସ - ୫

**ଶିକ୍ଷଣ କାର୍ଯ୍ୟ : "ଆସ ଯନ୍ତ୍ରଗୁଡ଼ିକୁ ଜାଣିବା"**

**ଶିକ୍ଷଣ ଫଳାଫଳ:** **LO - IL- 3.30 :** ତାଙ୍କ ଚାରିପାଖରେ ଉପଲବ୍ଧ ବୈଷୟିକ ଉପକରଣ ଗୁଡ଼ିକର ବ୍ୟବହାରକୁ ବର୍ଣ୍ଣନା କରିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା :-

କାର୍ଯ୍ୟ - ୧

ସାମୂହିକ କାର୍ଯ୍ୟ :-

- ପିଲାଙ୍କୁ ଗୋଲ ଆକୃତିରେ ଠିଆ କରାଇ 'ଚକଇ ଘାଇଁ' ଗୀତଟିକୁ ଅଭିନୟ ସହ ଶିକ୍ଷକ ଆବୃତ୍ତି କରାଇବେ (୨/୩ ଥର) ।
- ଗୀତ ସମ୍ପର୍କିତ ପ୍ରଶ୍ନ ପଚାରିବେ । ଯଥା -
  - କୁନା ଓ ମୁନା କୁଆଡ଼େ ବାହାରିଲେ ?
  - ଦୂର ସହରକୁ କେଉଁଥିରେ ଯିବା ?
  - ଶଗଡ଼ କେମିତି ଚାଲେ ?

ସାମୂହିକ କାର୍ଯ୍ୟ :-

କାର୍ଯ୍ୟ - ୨

ଶିକ୍ଷକ ପ୍ରଥମେ କିଛି ଜିନିଷ ଯଥା: ମୋବାଇଲ, ଘଣ୍ଟା, ରେଡ଼ିଓ ଇତ୍ୟାଦିକୁ ଗୋଟିଏ ପରେ ଗୋଟିଏ ଦେଖାଇ ତାହା ଆମର କି କାମରେ ଆସେ, ଆଲୋଚନା କରିବେ ।

ଦଳଗତ କାର୍ଯ୍ୟ :-

କାର୍ଯ୍ୟ - ୩

- ପିଲାମାନଙ୍କୁ ଛୋଟଛୋଟ ଦଳରେ ଗୋଲ ଆକୃତିରେ ବସାଇବେ ।

ପ୍ରତି ଦଳରେ ଜିନିଷର ଚିତ୍ରକାର୍ଡ଼ ଦିଆଯିବ । ଚିତ୍ର ଦେଖି ସେ ଜିନିଷର ନାମ, ତାହା ତାଙ୍କ ଘରେ ଅଛି କି ନାହିଁ, ତାହା କେଉଁ କାର୍ଯ୍ୟରେ ଆସେ ଜଣେଜଣେ କହିବେ । ଶେଷରେ ଶିକ୍ଷକ ପ୍ରଶ୍ନ କରିବେ, ଏସବୁ ଜିନିଷ ଛଡ଼ା ଆଉ କେଉଁ ଯନ୍ତ୍ରପାତିର ନାମ ଜାଣିଛ, ତା'ର ନାମ ଓ କାମ କୁହ ।

**ସଂକ୍ଷେପଣ** – ଯନ୍ତ୍ରପାତିଗୁଡ଼ିକ ଆମ କାର୍ଯ୍ୟରେ ଆସେ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ରକାର୍ଡ଼ – ପଙ୍ଖା, ଇସ୍ତ୍ରୀ ସିଲେଇ ମେସିନ୍ ଓ ଅନ୍ୟାନ୍ୟ ବିଦ୍ୟୁତଚାଳିତ ଘରର ବ୍ୟବହୃତ ଜିନିଷର ଚିତ୍ର ଇତ୍ୟାଦି ।

- ଅଭିନୟ ସଙ୍ଗୀତ 'ଟକଲ ଘାଇଁ'

ଟକଲ ଘାଇଁ ଟକଲ ଘାଇଁ
କୁନାମୁନା ଯିବେ ବୁଲିବା ପାଇଁ,
କିଏକିଏ ଯିବ ସଅଳ ଆସ,
ସଜବାଜ ହୋଇ ଶଗଡ଼େ ବସ,
ଶଗଡ଼ ଚାଲିବ କେଁ କଟର, ଗାଁ ସାରା ବୁଲି ଫେରିବେ ଘର
ଟକଲ ଘାଇଁ ଟକଲ ଘାଇଁ ।
ଏଥର ସହରେ ବୁଲିବେ ଯାଇ

ସହର ବାଟ ତ ବହୁତ ଦୂର,
ମଟରଗାଡ଼ିଟି ଲୋଡ଼ା ଏଥର,
ମଟର ନହେଲେ ରେଳରେ ଯିବା,
ଦୂର ସହରରେ ବୁଲି ଆସିବେ
ଟକଲ ଘାଇଁ ... ଟକଲ ଘାଇଁ ।
କୁନାମୁନା ଯିବେ ବିଦେଶେ ଧାଇଁ ।

ଉଡ଼ାଜାହାଜରେ ଉଡ଼ିଉଡ଼ିକା,
ପାଣିଜାହାଜରେ ଭାସିଭାସିକା,
ଦେଶବିଦେଶର ଖବର ନେଇ,
ସାଙ୍ଗସାଥୀ ମେଳେ କହିବେ ଯାଇ ।
ଟକଲ ଘାଇଁ ...... ଟକଲ ଘାଇଁ ।

ଟକଲ ଘାଇଁ ଟକଲ ଘାଇଁ,
ଜହ୍ନମାମୁ ଦେଶ ବୁଲିବା ପାଇଁ,
ଜାହାଜ ନାହିଁକି ମଟର ନାହିଁ,
ଉଡ଼ିବ ରକେଟ୍ ସାଇଁକି ସାଇଁ ।
ଟକଲ ଘାଇଁ..... ଟକଲ ଘାଇଁ ।

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "କିଏ ଚିକ୍କଣ କିଏ ଖଦଡ଼"**

**ଶିକ୍ଷଣ ଫଳାଫଳ:** **IL- 3.1 :** ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ :-

କାର୍ଯ୍ୟ – ୧

- ପିଲାମାନଙ୍କୁ ଛୋଟଛୋଟ ଦଳରେ ବିଭକ୍ତ କରି ଗୋଲାକାରରେ ବସାଇବେ ।
- ପ୍ରତି ଦଳରେ ଚିକ୍କଣ ଓ ଖଦଡ଼ ଜିନିଷ ଦିଆଯିବ ।
- ଶିକ୍ଷାର୍ଥୀମାନେ ସେସବୁକୁ ନିଜ ହାତରେ ଛୁଇଁ, କହିବେ ତାହା ହାତକୁ କିପରି ଲାଗୁଛି ।
- ତା'ପରେ ଶିକ୍ଷକ କେତେକ ପ୍ରଶ୍ନ ପଚାରିବେ ।
- ଆଉ କେଉଁ କେଉଁ ଜିନିଷ ଆମ ହାତକୁ ଖଦଡ଼ ଲାଗେ ?

ତୁମ ଘରେ ବ୍ୟବହାର କରୁଥିବା, ଖଦଡ଼ ଜିନିଷଗୁଡ଼ିକର ନାମ କୁହ ।

ଅଟା ଓ ମଇଦା ମଧ୍ୟରୁ କେଉଁଟି ଅଧିକ ଚିକ୍କଣ ? ତୁମେ ଏହା ଜାଣିଲ କିପରି ?

କାର୍ଯ୍ୟ – ୨

ପ୍ରତି ଦଳରେ ଚିକ୍କଣ ଓ ଖଦଡ଼ ଜିନିଷର ଚିତ୍ର କାର୍ଡ଼ ଦିଆଯିବ ।

ଚିତ୍ର ଦେଖି ସେଗୁଡ଼ିକୁ ପୃଥକପୃଥକ କରିବାକୁ ସୂଚନା ଦିଆଯିବ ।

ପୃଥକ କରିଥିବା ଖଦଡ଼ ଓ ଚିକ୍କଣ ଜିନିଷର ନାମ କହିବେ ।

କେଉଁ ଆଧାରରେ ସେ ସବୁକୁ ପୃଥକ କଲେ କହିବେ ।

**ସଂକ୍ଷେପଣ** – ଚିକ୍କଣ ଓ ଖଦଡ଼ ବସ୍ତୁର ଗୋଟିଏ ଗୁଣ, ବସ୍ତୁଗୁଡ଼ିକୁ ଚିକ୍କଣ ଓ ଖଦଡ଼ ଆଧାରରେ ପୃଥକ କରିହେବ ।

**ଆବଶ୍ୟକ ସାମଗ୍ରୀ** – ପ୍ରତି ଦଳ ପାଇଁ

- ଚିନି, ଲୁଣ, ସୁଜି, ମଇଦା, ଅଟା, କଦଳୀ, ଟମାଟୋ, ପିଜୁଳି, କଲରା, ଇତ୍ୟାଦି ଦିଆଯିବ ।
- ଚିକ୍କଣ ଓ ଖଦଡ଼ ବସ୍ତୁର ଚିତ୍ରକାର୍ଡ଼ ।

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ମହକିଲା ଶ୍ରେଣୀଗୃହ"**

**ଶିକ୍ଷଣ ଫଳାଫଳ: IL- 3.1 :** ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ ।

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ :-

ଶିକ୍ଷାର୍ଥୀମାନେ ଶ୍ରେଣୀକୁ ଆସିବା ପୂର୍ବରୁ ଶିକ୍ଷକ ଶ୍ରେଣୀକୋଠରିରେ ଧୂପକାଠି ଲଗାଇଥିବେ । ଶିକ୍ଷାର୍ଥୀମାନଙ୍କୁ ଅନୁମାନ କରିବାକୁ କୁହାଯିବ । ଶ୍ରେଣୀକୋଠରିଟି କିପରି ବାସୁଛି ତା' ପରେ ଧୂପକାଠି ଲଗାଇଥିବା କଥା କୁହାଯିବ ।

- ପ୍ରତ୍ୟେକ ନିଜନିଜ ଘରେ ବାସ୍ନା ହେଉଥିବା କିଛି ଜିନିଷର ନାମ କହିବେ ।

କାର୍ଯ୍ୟ – ୨

- ଦଳଗତ କାର୍ଯ୍ୟ

- ପିଲାମାନଙ୍କୁ ଛୋଟଛୋଟ ଦଳରେ ବିଭକ୍ତ କରି ଗୋଲାକାରରେ ବସାଯିବ ।
- କିଛି ବାସ୍ନା ହେଉଥିବା ଓ କିଛି ବାସ୍ନା ହେଉ ନଥିବା ଜିନିଷରୁ ମୋଟ ୧୦ଟି ନେବେ ।
- ପ୍ରତି ଦଳରୁ ଜଣକୁ ଡାକିବେ, ଆଖି ବନ୍ଦ ରଖି ଯେକୌଣସି ୩ଟି ଜିନିଷ ଶୁଙ୍ଘିବେ ଓ ତାହା କେଉଁ ଜିନିଷ କହିବେ ।
- ଯେଉଁ ଦଳର ସମସ୍ତ ଶିକ୍ଷାର୍ଥୀ ଠିକ୍ କହିପାରିବେ, ସେହି ଦଳକୁ ତାଳି ମାରି ଉତ୍ସାହିତ କରାଯିବ ।

**ସଂକ୍ଷେପଣ** – ବାସନା ହେବା ବସ୍ତୁର ଗୋଟିଏ ଗୁଣ, ପରିବେଶର କେତେକ ବସ୍ତୁର ବାସ୍ନା ଅଛି ।

**ଆବଶ୍ୟକ ସାମଗ୍ରୀ** – ମୁହଁଲଗା ପାଉଡର, ସେଣ୍ଟ, ଦହି, ଘିଅ, ପାଣି, ସୋରିଷତେଲ, ଗୋଲାପଜଳ, କିରୋସିନ, ଡଷ୍ଟର, କାଗଜ, ସାବୁନ, ସାମ୍ପୋ, ତୁଳସୀପତ୍ର, ଧନିଆପତ୍ର, ଲେମ୍ବୁପତ୍ର, ପୋଦିନାପତ୍ର, ଆଞ୍ଚଳିକ ଫୁଲ ।

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ ଦେଖି କହିବା"**

**ଶିକ୍ଷଣ ଫଳାଫଳ: IL- 3.3 (b) :** ପରିଚିତ ବସ୍ତୁର ଚିତ୍ରର ୩-୫ଟି ନିଖୋଜ ଅଂଶକୁ ଚିହ୍ନଟ କରିବେ ।

**ଯୋଡ଼ି କାର୍ଯ୍ୟ :** ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ :

- ପିଲାଙ୍କୁ ଶ୍ରେଣୀରେ ଯୋଡ଼ିଯୋଡ଼ି କରି ବସାଇବେ ।
- ଶିକ୍ଷକ ପ୍ରତି ଯୋଡ଼ିରେ ନିମ୍ନ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରଶ୍ନ ଦେବେ ।
- ପିଲା ଦୁଇଜଣ ସୂଚନାକୁ ଶୁଣି କାର୍ଯ୍ୟ କରିବେ ।

- ପ୍ରତ୍ୟେକ ଯୋଡ଼ିମାନଙ୍କର କାର୍ଯ୍ୟକୁ ସମସ୍ତ ପିଲା ଦେଖିବେ ।

- ଆବଶ୍ୟକସ୍ଥଳେ ମତାମତ ଦେବେ । ଭୁଲ ଥିଲେ ସଂଶୋଧନ କରିବେ ।

- ଆବଶ୍ୟକସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।

- ପିଲାମାନେ ଶିକ୍ଷକଙ୍କ ସୂଚନାକୁ ବୁଝି ନପାରିଲେ, ଶିକ୍ଷକ ସୂଚନା ପରିବର୍ତ୍ତନ କରିପାରିବେ ।

- ପିଲାମାନଙ୍କର କାର୍ଯ୍ୟକୁ ଶିକ୍ଷକ ତଦାରଖ କରିବେ ।

ପ୍ରଶ୍ନ:

ଦୁଇଜଣଙ୍କର ପାଖରେ ଥିବା ଏକାଭଳି ଜିନିଷ ମଧ୍ୟରେ କ'ଣ ଅଛି, କ'ଣ ନାହିଁ ଆସ ଦେଖି କହିବା ।

୧. ଦୁଇଟି ସାର୍ଟ ମଧ୍ୟରେ

୨. ଦୁଇଟି ଫ୍ରକ୍ ମଧ୍ୟରେ

୩. ଦୁଇଟି ସ୍କୁଲ ବ୍ୟାଗ

୪. ଦୁଇଟି ଯନ୍ତବାକ୍ସ

୫. ଦୁଇଟି ପେନସିଲ ବାକ୍ସ

୬. ଦୁଇଜଣଙ୍କ ମୁଖ ମଣ୍ଡଳ ମଧ୍ୟରେ

୭. ଦୁଇଜଣ ବସିଥିବା ଆସନ ମଧ୍ୟରେ

୮. ଦୁଇଟା କଲମ

୯. ଦୁଇଟା ପାଣି ବୋତଲ

୧୦. ଦୁଇଟା ଖାତା

(ଆବଶ୍ୟକସ୍ଥଳେ ଶିକ୍ଷକ ଏହିଭଳି ସମାନସମାନ ଦୁଇଟି ଯେକୌଣସି ଜିନିଷ ନେଇ କାର୍ଯ୍ୟ କରିପାରିବେ ।)

ସଂକ୍ଷେପଣ : ପିଲାମାନେ ପରିଚିତ ୨ଟି ବସ୍ତୁ ମଧ୍ୟରୁ କ'ଣ ନାହିଁ, କ'ଣ ଅଛି ଚିହ୍ନଟ କରିବେ ଓ କହିବେ ।

**ଆବଶ୍ୟକ ସାମଗ୍ରୀ** – ପ୍ରଶ୍ନଗୁଡ଼ିକୁ ଶିକ୍ଷକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବେ କାର୍ଡ଼ରେ ଲେଖିପାରିବେ ।

- ଗୋଟିଏ ଯୋଡ଼ି ଗୋଟିଏ ପ୍ରଶ୍ନକାର୍ଡ଼ ନେବେ

- ଯାହାର ଯେଉଁ ପ୍ରଶ୍ନକାର୍ଡ଼ ପଡ଼ିବ, ସେହି ଯୋଡ଼ି ସେହି କାର୍ଯ୍ୟ କରିବେ ।

- ପ୍ରଶ୍ନ ଦେଖି ୨ଜଣ ଯୋଡ଼ିରେ ପ୍ରସ୍ତୁତ ହେବେ ।

ଏହି କାର୍ଯ୍ୟ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ପାଖ ଦୂର ଖେଳ ଖେଳିବା"**

**ଶିକ୍ଷଣ ଫଳାଫଳ:** **IL-3.5 :** ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି-ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିତ ଶବ୍ଦଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ ।

ସାମୂହିକ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ :-

- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀକୋଠରି ବା ପଡ଼ିଆରେ 'U' ଆକାରରେ ଠିଆ କରାଇବେ ।
- ସବୁପିଲା ଗୋଟିଏ ଦିଗକୁ ଚାହିଁ ଠିଆ ହେବେ ।
- ଶିକ୍ଷକ ଯେକୌଣସି ତିନିଜଣ ପିଲାଙ୍କୁ ଡାକିବେ ।
- ତିନି ଜଣ ପିଲା ଶିକ୍ଷକଙ୍କ ପାଖକୁ ଆସିବେ । ଗୋଟିଏ ସ୍ଥାନରେ ଗୋଲ ମଧ୍ୟରେ ଠିଆ ହେବେ ।
- ସେମାନଙ୍କୁ ବଲ୍ ଦିଆଯିବ ।
- ସମସ୍ତେ ନିର୍ଦ୍ଦିଷ୍ଟ ଗୋଲେଇ ମଧ୍ୟରେ ଠିଆ ହୋଇ ଆଗକୁ (ଖୋଲା ସ୍ଥାନ) ବଲ୍ ପକାଇବେ ।
- ଯାହାର ଯେତେ ଦୂରରେ ବଲ୍ ପଡ଼ିଲା ସେଠାରେ ଗାର ପକାଇ ଚିହ୍ନ ଦେବେ ।
- ଏହିପରି ତିନି ଜଣ ପିଲା ବଲ୍ ପକାଇବା ପରେ ଶିକ୍ଷକ ପ୍ରଶ୍ନ କରିବେ ।
- କାହାର ବଲ୍ ସବୁଠାରୁ ଦୂରରେ ପଡ଼ିଲା ?
- କାହାର ବଲ୍ ସବୁଠାରୁ ପାଖରେ ପଡ଼ିଲା ?
- ପିଲାମାନଙ୍କଠାରୁ ଉତ୍ତର ପାଇଲା ପରେ ଅନ୍ୟ ତିନିଜଣ ପିଲାଙ୍କୁ ଡାକି ଖେଳ କରାଇବେ ଓ ପ୍ରଶ୍ନ ପଚାରିବେ ।
- ଏହିପରି ପ୍ରତ୍ୟେକ ଥର ୩ ଜଣ ପିଲାଙ୍କୁ ଖେଳିବାକୁ ସୁଯୋଗ ଦିଆଯିବ ଓ ସମସ୍ତ ପିଲା ଖେଳରେ ଯେପରି ଭାଗନେବେ ଶିକ୍ଷକ ଦୃଷ୍ଟି ଦେବେ । ନିଜନିଜ ବଲ୍ ପକାଇଥିବା ଗାର ପାଖରେ ପିଲାମାନେ ଠିଆ ହେବେ ।
- ଶେଷରେ କେଉଁ ପିଲା ସବୁଠାରୁ ଅଧିକ ଦୂର ବଲ୍ ପକାଇଛି ଓ କେଉଁ ପିଲା ସବୁଠାରୁ କମ୍ ଦୂର ବଲ୍ ପକାଇଛି ଆଲୋଚନା କରିବେ ।

(ଏହିପରି ଶିକ୍ଷକ କ୍ରିକେଟ ବଲ୍ ଓ ବ୍ୟାଟ୍ ନେଇ ପ୍ରତ୍ୟେକ ପିଲାଙ୍କୁ ଖେଳିବାର ସୁଯୋଗ ଦେବେ, ପିଲାମାନେ କ୍ରିକେଟ୍ ଖେଳ ଖେଳିବେ । କେଉଁ ପିଲା ବଲ୍ ଅଧିକ ଦୂର ପକାଇଛି ଓ କେଉଁ ପିଲା ସବୁଠାରୁ କମ୍ ଦୂର ପକାଇଛି ଆଲୋଚନା କରିବେ ।)

**ସଂକ୍ଷେପଣ-** ପିଲାମାନେ ଦୈର୍ଘ୍ୟ ମାପ ଆଧାରରେ ସବୁଠାରୁ ଦୂର ସବୁଠାରୁ ପାଖ ସମ୍ବନ୍ଧରେ ବୁଝିବେ ଓ କହିବେ ।

ଆବଶ୍ୟକ ସାମଗ୍ରୀ -

୧. ଛୋଟ ରବର ବଲ୍

୨. କ୍ରିକେଟ ବ୍ୟାଟ୍ ଓ ବଲ୍

୩. ଚକ୍

ଏହି କାର୍ଯ୍ୟପରେ ପିଲାମାନେ କାର୍ଯ୍ୟପତ୍ର ପୂରଣ କରିବେ ।

## ତୃତୀୟ ମାସ

**ପ୍ରଥମ ସପ୍ତାହ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଆସ ସଜାଇ ରଖିବା"**

**ଶିକ୍ଷଣ ଫଳାଫଳ:** **IL- 3.6 :** ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ / ସଜେଇବେ ।

ଦଳଗତ କାର୍ଯ୍ୟ : ସମୟ - ୪୦ମିନିଟ୍

କାର୍ଯ୍ୟପ୍ରଣାଳୀ :-

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ । ପିଲାମାନେ ଗୋଲ ଆକାରରେ ବସିବେ ।
- ପ୍ରତ୍ୟେକ ଦଳ ସେମାନେ ଖେଳୁଥିବା ଖେଳର ନାମ କହିବେ ଓ ଗୋଟିଏ ଖେଳର ଖେଳିବା ପ୍ରଣାଳୀକୁ କହିବେ ।
- ପ୍ରତ୍ୟେକ ଦଳକୁ ନିମ୍ନରେ ଲେଖାଥିବା ଶିକ୍ଷଣ ସାମଗ୍ରୀ ଦିଆଯିବ ।

  ପ୍ରତ୍ୟେକ ଦଳକୁ ଦିଆଯାଇଥିବା ଖେଳର ଚିତ୍ରକାର୍ଡକୁ ସେମାନେ କ୍ରମରେ ସଜାଡ଼ିବେ ଓ କହିବେ ।

  ପ୍ରତ୍ୟେକ ଦଳ କିପରି ଚିତ୍ରକାର୍ଡଗୁଡ଼ିକୁ ସଜାଇଲେ ତାହା ଅନ୍ୟମାନଙ୍କୁ କହିବେ ।

ସମସ୍ତ ଦଳ କାର୍ଯ୍ୟଟିକୁ ଠିକ୍ ରୂପେ ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷକ ସମୟ ଓ ସହାୟତା ପ୍ରଦାନ କରିବେ ।

**ସଂକ୍ଷେପଣ** - ପିଲାମାନେ କୌଣସି ଘଟଣାକୁ କ୍ରମରେ ସଜାଇବେ ।

**ଆବଶ୍ୟକ ସାମଗ୍ରୀ** - କ୍ରିକେଟ ଖେଳର ଚିତ୍ରକାର୍ଡ

୧) କ୍ରିକେଟ ଖେଳପଡ଼ିଆରେ ବୋଲର୍ ବଲ୍ ପକାଉଥିବାର ଚିତ୍ର, (୨) କ୍ରିକେଟ ଖେଳପଡ଼ିଆରେ ବ୍ୟାଟ୍‌ସମ୍ୟାନ୍ ବଲ୍ ମାରୁଥିବାର ଚିତ୍ର (୩) ଫିଲ୍ଡରମାନେ ବଲକୁ ଦଉଡ଼ି ଧରିବାର ଚିତ୍ର (୪) ଫିଲ୍ଡରମାନେ ବଲକୁ ଉିକେଟ୍ କିପର ଅଡ଼କୁ ପକାଉଥିବାର ଚିତ୍ର ।



## ତୃତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦିବସ - ୧

**ଶିକ୍ଷଣ କାର୍ଯ୍ୟ : "ଗୀତଗାଇ ଗାଇ ଗଣି ଶିଖିବା"**

**ଶିକ୍ଷଣ ଫଳାଫଳ: IL- 3.9 : ୧୦ଟି ପର୍ଯ୍ୟନ୍ତ ବସ୍ତୁକୁ ଗଣିବେ ।**

କାର୍ଯ୍ୟପ୍ରଣାଳୀ :-

- ଶିକ୍ଷକ ପିଲାମାନଙ୍କୁ ଗୋଲାକୃତିରେ ଠିଆ କରାଇବେ । ଶିକ୍ଷକ ଗୋଲ ମଝିରେ ରହିବେ ।
- ସବୁପିଲା ଶିକ୍ଷକଙ୍କ ଆଡ଼କୁ ଚାହିଁବେ ।
- ଶିକ୍ଷକ ଗୀତଟିକୁ ପ୍ରଥମେ ଅଭିନୟ କରି ବୋଲିବେ ।
- ପିଲାମାନେ ଦେଖୁଥିବେ ।
- ପରବର୍ତ୍ତୀ ସମୟରେ ଶିକ୍ଷକ ବୋଲିବେ ।
- ଶିକ୍ଷକ ଅଭିନୟ କରି ଗାଇବେ (ଗୋଟିଏ ପଦ)
- ପିଲାମାନେ ଶିକ୍ଷକଙ୍କ ସହିତ ଅଭିନୟ ସହ ବୋଲିବେ ।
- ଶିକ୍ଷକ ଗାଇବା ସମୟରେ ଏକ କହିଲେ ଗୋଟିଏ ଆଙ୍ଗୁଠି ଦେଖାଇବେ ।
- ଦୁଇ, ତିନି, ଚାରି, ପାଞ୍ଚ ପର୍ଯ୍ୟନ୍ତ ଗୀତ ବୋଲି କ୍ରମରେ ଆଙ୍ଗୁଠି ଦେଖାଉଥିବେ ।
- ୧ରୁ ୫ ପର୍ଯ୍ୟନ୍ତ ପିଲାମାନେ ଗୀତ ମାଧ୍ୟମରେ ଗଣନ ଶିଖିବେ ସେଥିପାଇଁ ଶିକ୍ଷକ ୮ରୁ ୧୦ ଥର ଗୀତକୁ ଅଙ୍ଗଭଙ୍ଗୀ ସହିତ ବୋଲିବେ ।

ଗୀତ : (ଆଙ୍ଗୁଠି ଦେଖାଇ ଏକ, ଦୁଇଠାରୁ ୫ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକୁ ଶିଖିବା ପାଇଁ ଗୀତ ବୋଲିବେ ।)

ଏକ - ଜହ୍ନମାମୁ ଦେଖ
ଦୁଇ - ଧାନରୁ ହୁଏ ଖଇ
ତିନି - ଢାକ ଧିନା ଧିନି
ଚାରି - ଡଙ୍ଗାରେ ହେବା ପାରି
ପାଞ୍ଚ - ଘୁଙ୍ଗୁର ପିନ୍ଧି ନାଚ
ଛଅ - ପଢ଼ାରେ ମନ ଦିଅ
ସାତ - ଆମର ଦୁଇ ହାତ
ଆଠ - ପଢ଼ିବା ଭଲ ପାଠ
ନଅ - ସବୁବେଳେ ସତ କୁହ
ଦଶ - ଭାରତ ଆମ ଦେଶ

ଏହି ଗୀତକୁ ୮ରୁ ୧୦ ଥର ଅଭ୍ୟାସ କରାଇବେ ।

**ସଂକ୍ଷେପଣ** - ପିଲାମାନେ ୧ରୁ ୫ ପର୍ଯ୍ୟନ୍ତ ସଂଖ୍ୟାକୁ କ୍ରମରେ କହିବେ ଓ ସଂଖ୍ୟାକୁ ବୁଝିବେ

ଆବଶ୍ୟକ ସାମଗ୍ରୀ:-

**ସୂଚନା** - ଶିକ୍ଷକ ପ୍ରଥମେ ୧ ରୁ ୫ ପର୍ଯ୍ୟନ୍ତ ସଂଖ୍ୟା ପରିଚୟ ପରେ ୬ ରୁ ୧୦ ସଂଖ୍ୟା ପରିଚୟ ପାଇଁ ଗୀତକୁ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରଦର୍ଶନ କରିବେ । ପରବର୍ତ୍ତୀ ଶ୍ରେଣୀରେ ଏହି କାର୍ଯ୍ୟ କରାଯିବ ।

ଏହାପରେ କାର୍ଯ୍ୟପତ୍ର ପିଲାମାନେ ପୂରଣ କରିବେ ।

## ତୃତୀୟ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଆସ ଆମେ ଖେଳିବା - ଏକ ଦୁଇ ଗଣିବା"**

**ଶିକ୍ଷଣ ଫଳାଫଳ: IL- 3.9 : ୧୦ଟି ପର୍ଯ୍ୟନ୍ତ ବସ୍ତୁକୁ ଗଣିବେ ।**

**ସାମୂହିକ କାର୍ଯ୍ୟ :** ସମୟ – ୪୦ମିନିଟ୍

**କାର୍ଯ୍ୟପ୍ରଣାଳୀ :-**

- ପିଲାମାନେ ପରସ୍ପରକୁ ମୁହଁ କରି ଦୁଇଟି ଧାଡ଼ିରେ ଠିଆ ହେବେ ।
- ସେମାନଙ୍କ ମଝିରେ ଶିକ୍ଷକ ରହିବେ ।
- ଗୋଟିଏ ପାତ୍ରରେ ଦେଖା ହେଲା ଭଳି ୧୦୦ଟି ମାଳି ମଝିରେ ରଖିବେ ।
- ପିଲାମାନଙ୍କୁ ତାଙ୍କ ସୂଚନା ଶୁଣି କାର୍ଯ୍ୟ କରିବାକୁ ଶିକ୍ଷକ କହିବେ ।
- ଶିକ୍ଷକଙ୍କ ସୂଚନା ଶୁଣି ପିଲାମାନେ କାର୍ଯ୍ୟ ଠିକ୍ ଭାବେ କରୁଛନ୍ତି କି ନାହିଁ ଶିକ୍ଷକ ତଦାରଖ କରିବେ ।

ସୂଚନା

- ଶିକ୍ଷକ ଗୋଟିଏ ମାଳି ଦେଖାଇ କହିବେ – ଏହିଭଳି ସମସ୍ତେ ଗୋଟିଏ ଗୋଟିଏ ମାଳି ଧରି ଦେଖାଅ ଓ ଏକ' କହିବାକୁ କହିବେ ।
- ପିଲାମାନେ ଗୋଟିଏ ମାଳି ଧରି ଦେଖାଇବେ ଓ 'ଏକ' ବୋଲି କହିବେ । (ସବୁପିଲାଙ୍କୁ କହିବା ପାଇଁ ସୁଯୋଗ ଦିଆଯିବ)
- ଆଉ ଗୋଟିଏ ମାଳି ଶିକ୍ଷକ ନେବେ । ଦୁଇଟି ମାଳିକୁ ଦେଖାଇ କହିବେ (ଏକ ଆଉ ଏକ ଦୁଇ)
- ପିଲାମାନେ ସେହିପରି ଆଉ ଗୋଟିଏ ମାଳି ନେବେ ଓ ସମସ୍ତେ ବ୍ୟକ୍ତିଗତ ଭାବେ ଦେଖାଇ କହିବେ (ଏକ ଆଉ ଏକ, ଦୁଇ)
- ସେହିପରି ଶିକ୍ଷକ ଆଉ ଗୋଟିଏ ମାଳି ନେଇ କହିବେ । (ଦୁଇ-ଆଉ ଏକ – ତିନି)
- ପିଲାମାନଙ୍କୁ ଆଉ ଗୋଟିଏ ଲେଖାଏଁ ମାଳି ନେଇ ସେହିପରି କହିବାକୁ ସୂଚନା ଦେବେ ।
- ପିଲାମାନେ ସେହିପରି କହିବେ ଦୁଇ-ଆଉ ଏକ ତିନି

  (ପ୍ରତ୍ୟେକ ସ୍ତରରେ ଗଣନ କରିବେ (ସମସ୍ତ ପିଲାଙ୍କୁ ସୁଯୋଗ ଦେବେ)
  - ଏକ
  - ଏକ, ଦୁଇ
  - ଏକ, ଦୁଇ, ତିନି
- ଏହିପରି କ୍ରମରେ ୧ରୁ ୫ ଓ ୧ରୁ ୧୦ ପର୍ଯ୍ୟନ୍ତ ପିଲାମାନେ ଗଣନ କରିବା କାର୍ଯ୍ୟ କରାଯିବ ।
- ଆବଶ୍ୟକସ୍ଥଳେ ଶିକ୍ଷକ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ବାରମ୍ବାର (୮ ରୁ ୧୦ ଥର) ଏହି କାର୍ଯ୍ୟ କରାଇବେ ।
- ପିଲାମାନଙ୍କୁ ଅଧିକରୁ ଅଧିକ ଅଭ୍ୟାସ କରାଇବାକୁ ଶିକ୍ଷକ ସୁଯୋଗ ସୃଷ୍ଟି କରାଇବେ ।

**ସଂକ୍ଷେପଣ** – ପିଲାମାନେ ୧ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟାକୁ ଗଣିବେ ଓ କହିବେ ।

**ଆବଶ୍ୟକ ସାମଗ୍ରୀ** – (୧) ମାଳି (୨) ଷ୍ଟୋୟାର କାଉଣ୍ଟର (୩) ଦଳଦିଆ ଘର (୪) ଗୋଲି (୫) ମଂଜି (୬) ଗୋଡ଼ି

ଏହି କାର୍ଯ୍ୟପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ ।

## ତୃତୀୟ ମାସ

### ଦ୍ୱିତୀୟ ସପ୍ତାହ / ଦିବସ - ୨

**ଶିକ୍ଷଣ କାର୍ଯ୍ୟ : "ଆଗକୁ ଆଗ ପଛକୁ ପଛ ଗଣି ଶିଖିବା"**

**ଶିକ୍ଷଣ ଫଳାଫଳ:** **IL- 3.10 :** ୯ଟି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ପର୍ଯ୍ୟନ୍ତ ଅଧଃକ୍ରମ ଓ ଊର୍ଦ୍ଧ୍ୱକ୍ରମ ଗଣନ କରିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା-

- ଶିକ୍ଷକ ପିଲାମାନଙ୍କୁ ଦୁଇଟି ଦଳରେ ଭାଗ କରି ମୁହାଁମୁହିଁ ବସାଇବେ । (ଦୁଇଟି ଦଳରେ ପିଲାଙ୍କୁ କ୍ରମାଙ୍କ କରାଯିବ)
- ପ୍ରତ୍ୟେକ ଦଳରେ ୫/୬ ପ୍ରକାରର ୧୦ଟି ଲେଖାଏ ଶିକ୍ଷଣ ସାମଗ୍ରୀ ପୃଥକପୃଥକ ଭାବେ ରଖିଦେବେ ।
- ଗୋଟିଏ ଦଳ ପିଲା ଅନ୍ୟ ଦଳକୁ ୧ରୁ ୯ ମଧ୍ୟରେ ଗୋଟିଏ ସଂଖ୍ୟା କହିବେ । (କ୍ରମିକ ନଂ ୧ରୁ ଆରମ୍ଭ ହେବ ।)
- ଅନ୍ୟ ଦଳର ଜଣେ ପିଲା ଦିଆଯାଇଥିବା ଶିକ୍ଷଣ ସାମଗ୍ରୀକୁ ଗଣିବେ ଓ ହାତରେ ଧରି ଦେଖାଇବେ ।
- ଯେଉଁ ପିଲା ଭୁଲ କରିବ, ଅନ୍ୟ ପିଲାଙ୍କ ଦ୍ୱାରା ସଂଶୋଧନ କରାଯିବ । ପ୍ରଶ୍ନ କରୁଥିବା ପିଲା ମଧ୍ୟ କହିବେ ।
- ଆବଶ୍ୟକ ସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।
- ଗୋଟିଏ ଦଳ ୧ ରୁ ୯ ଓ ୯ ରୁ ୧ କ୍ରମରେ ସଂଖ୍ୟା କହିଲା ପର୍ଯ୍ୟନ୍ତ ଖେଳ ଚାଲିବ ।

ଏହାପରେ ଯେଉଁ ଦଳ ପ୍ରଶ୍ନ ପଚାରୁଥିଲେ ସେମାନଙ୍କ କାର୍ଯ୍ୟରେ ପରିବର୍ତ୍ତନ କରାଯିବ ।

- ଅନ୍ୟ ଦଳ ପ୍ରଶ୍ନ ପଚାରିବେ । ପ୍ରଶ୍ନ କରୁଥିବା ଦଳ ସେହି ସଂଖ୍ୟକ ଜିନିଷ ଦେଖାଇବେ ।
- ଏହିପରି ଖେଳ ଚାଲୁ ରହିବ ।
- ଦୁଇ ଦଳର ପ୍ରତ୍ୟେକ ପିଲା ଯେପରି ଅଂଶ ଗ୍ରହଣ କରିବେ ସେଥିପ୍ରତି ଶିକ୍ଷକ ଦୃଷ୍ଟିଦେବେ ।
- ସଂଖ୍ୟାର ଅଧଃକ୍ରମରେ ଅଧିକ ପ୍ରଶ୍ନ କରିବାକୁ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ ।

**ସଂକ୍ଷେପଣ** – ପିଲାମାନେ ୧ ରୁ ୯ ଓ ୯ ରୁ ୧ କ୍ରମରେ ସଂଖ୍ୟାଗୁଡ଼ିକ କହିବେ ଓ ସେହି ସଂଖ୍ୟକ ବସ୍ତୁ ଦେଖାଇବେ ।

**ଆବଶ୍ୟକ ସାମଗ୍ରୀ** – ପ୍ରତ୍ୟେକରୁ ୧୦ଟି ଲେଖାଏଁ ଗୋଟିଏ ଦଳକୁ ଦିଆଯିବ

| | | |
|---|---|---|
| ସ୍କୋୟାର କାଉଣ୍ଟର | - | ୨୦ |
| ମାଳି | - | ୨୦ |
| ମଞ୍ଜି | - | ୨୦ |
| ଗୋଲି | - | ୨୦ |
| ହଳଦିଆ ଘନ | - | ୨୦ |
| କାଠି | - | ୨୦ |
| ବୋତଲ ଠିପି | - | ୨୦ |

ଏହାପରେ ପିଲାମାନେ କାର୍ଯ୍ୟପତ୍ର ପୂରଣ କରିବେ ।

ସୂଚନା :-

କାର୍ଯ୍ୟପତ୍ର ପୂରଣ ସମୟରେ ପିଲାମାନେ ଦଳରେ ବସି କାର୍ଯ୍ୟ କରିବେ ।

- ୪/୫ ଜଣ ପିଲାଙ୍କୁ ନେଇ ଗୋଟିଏ ଦଳ କରାଯିବ ।
- ଦଳରେ ବ୍ୟକ୍ତିଗତ ଭାବେ ଗୋଲଗୁଡ଼ିକୁ ଗଣି କହିବେ ।
- ପ୍ରତ୍ୟେକ ପିଲା କହିବା ପାଇଁ ଶିକ୍ଷକ ସୁଯୋଗ ଦେବେ ।

**ଶିକ୍ଷଣ କାର୍ଯ୍ୟ – ୨**

**ଶିକ୍ଷଣ ଫଳାଫଳ : IL 3.10 : ୯ ମଧ୍ୟରେ ସଂଖ୍ୟାକୁ ବଡ଼ରୁ ସାନ କ୍ରମରେ ଓ ସାନରୁ ବଡ଼ କ୍ରମରେ କହିବେ ।**

**ସାମୂହିକ କାର୍ଯ୍ୟ :** **ସମୟ – ୪୦ମିନିଟ୍**


**କାର୍ଯ୍ୟର ସୂଚନା**

- ପିଲାମାନଙ୍କୁ ଗୋଲଆକୃତିରେ ଠିଆ କରାଇବେ । ସେମାନେ ବଡ଼ ଗୋଲ ମଝିକୁ ଆସି ଗୋଲାକାରରେ ଠିଆ ହେବେ ।
- ୯ ଜଣ ପିଲାଙ୍କୁ ପ୍ରତ୍ୟେକ ପିଲାଙ୍କୁ ସଂଖ୍ୟା ତାଳି କାର୍ଡ଼ ଦିଆଯିବ ।
- ଶିକ୍ଷକ ତାଳି ମାରିଲେ ସେମାନେ ଗୋଲ ହୋଇ ବୁଲିବେ ।
- ଯେତେବେଳେ ତାଳି ବନ୍ଦ କରିବେ ସେମାନେ ଶିକ୍ଷକଙ୍କ ଆଡ଼କୁ ମୁହଁ କରି ଗୋଟିଏ ଧାଡ଼ିରେ ୧ ରୁ ୯ କ୍ରମରେ ଠିଆ ହେବେ ।
- ଶ୍ରେଣୀର ଅନ୍ୟ ପିଲାମାନେ କାର୍ଯ୍ୟକୁ ଦେଖୁଥିବେ ।
- ଯେଉଁ ପିଲା ଭୁଲ କରିବ ଅନ୍ୟ ପିଲାମାନଙ୍କ ଦ୍ୱାରା ସଂଶୋଧନ କରାଯିବ ।
- ଆବଶ୍ୟକସ୍ଥଳେ ଶିକ୍ଷକ ସଂଶୋଧନ କରିବେ ।
- ଏହିପରି ଖେଳ ଚାଲିବ ଓ ତାଳି ବନ୍ଦ ହେବା ପରେ ପିଲାମାନଙ୍କୁ ୯ ରୁ ୧ କ୍ରମରେ ଶିକ୍ଷକଙ୍କ ଆଡ଼କୁ ମୁହଁ କରି ଠିଆ ହେବାକୁ କହିବେ ।
- ଏହିପରି ଭାବେ ଶିକ୍ଷକ ସବୁପିଲାଙ୍କୁ ଖେଳିବା ପାଇଁ ସୁଯୋଗ ଦେବେ ।
- ପିଲାମାନେ ୧ ରୁ ୯ ଓ ୯ ରୁ ୧ କ୍ରମରେ ରହି କାର୍ଯ୍ୟ କରିବେ ଓ ଶିକ୍ଷକ ଦୃଷ୍ଟି ଦେବେ ।

**ସଂକ୍ଷେପଣ** – ୧,୨,୩,୪,୫,୬,୭,୮,୯ ଭଳି ସଂଖ୍ୟାଗୁଡ଼ିକ ଥିଲେ ତାହାକୁ ଊର୍ଦ୍ଧ୍ୱକ୍ରମରେ ରହିଛି ବୋଲି କୁହାଯାଏ ।

ସେହିପରି – ୯,୮,୭,୬,୫,୪,୩,୨,୧ ଭଳି ସଂଖ୍ୟାଗୁଡ଼ିକ ଥିଲେ ତାହାକୁ ଅଧଃକ୍ରମରେ ଅଛି ବୋଲି କୁହାଯାଏ ।

**ଆବଶ୍ୟକ ସାମଗ୍ରୀ** – ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଲେଖାଥିବା କାର୍ଡ଼ ।



## ତୃତୀୟ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ ଜାଣିବା ଓ ଗଣିବା"**

**ଶିକ୍ଷଣ ଫଳାଫଳ:** IL- 3.11 :ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡ଼ିକୁ ଚିହ୍ନଟ କରିବେ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା-

- ପିଲାମାନଙ୍କୁ ଛୋଟଛୋଟ ଦଳରେ ବସାଇବେ ।
- ଶିକ୍ଷକ ପ୍ରତି ଦଳରେ ୫ଟି ଲେଖାଏଁ ପେନ୍‌ସିଲ୍ ଦେବେ । ନିଜ ପାଖରେ ବି ୫ଟି ପେନ୍‌ସିଲ୍ ରଖିବେ । ଶିକ୍ଷକ ଗୋଟିଏ ପେନ୍‌ସିଲ୍ ଦେଖାଇ ୧ ବୋଲି କହିଲେ, ପ୍ରତି ପିଲା ୧ଟି ପେନ୍‌ସିଲ୍ ଦେଖାଇବେ ଓ ୧ କହିବେ । ସେହିପରି, ଶିକ୍ଷକ ଦୁଇଟି ପେନ୍‌ସିଲ୍ ଦେଖାଇ ୨ ବୋଲି କହିଲେ, ପ୍ରତି ପିଲା ୨ଟି ପେନ୍‌ସିଲ୍ ଦେଖାଇବେ ଓ ୨ କହିବେ । ଶିକ୍ଷକ ତିନୋଟି ପେନ୍‌ସିଲ୍ ଦେଖାଇ ୩ ବୋଲି କହିଲେ, ପ୍ରତି ପିଲା ୩ଟି ପେନ୍‌ସିଲ୍ ଦେଖାଇବେ ଓ ୩ କହିବେ । ଏହିପରି ୫ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ।
- ଶିକ୍ଷକ ଗୋଟିଏ ପେନ୍‌ସିଲ୍ ଦେଖାଇ 'ଏକ' ବୋଲି କହିବେ ଓ କଳାପଟାରେ ୧ ଲେଖିବେ । ଶିକ୍ଷାର୍ଥୀମାନେ ଶିକ୍ଷକଙ୍କୁ ଅନୁସରଣ କରିବେ ଓ କାର୍ଯ୍ୟପର୍ଦ୍ଦ ଅଭ୍ୟାସ କରିବେ ।
- ପ୍ରତି ଦଳରେ ୪ଟି ଗିନା ଦିଆଯିବ ।
- ପ୍ରଥମ ଗିନାରେ ୨ଟି, ଦ୍ୱିତୀୟ ଗିନାରେ ୩ଟି, ତୃତୀୟ ଗିନାରେ ୪ଟି, ଚତୁର୍ଥ ଗିନାରେ ୫ଟି ବାଟି ରଖିବେ ଏହା ସହିତ, ପ୍ରତି ଦଳରେ ୧ ରୁ ୫ ଲେଖାଥିବା ସଂଖ୍ୟାକାର୍ଡ଼ ଦିଆଯିବ । ଗୋଟିଏ ଦଳ ଗୋଟିଏ ସଂଖ୍ୟା କାର୍ଡ଼ ଦେଖାଇଲେ, ଅନ୍ୟ ଦଳ ବାଟି ଥିବା ଗିନା ଦେଖାଇବେ ।

ପ୍ରତ୍ୟେକ ପିଲାର ଅଂଶଗ୍ରହଣକୁ ନିଶ୍ଚିତ କରିବେ ଓ କାର୍ଯ୍ୟପର୍ଦ୍ଦ ଅଭ୍ୟାସ କରିବେ ।

ବି.ଦ୍ର: ଶିକ୍ଷାର୍ଥୀମାନଙ୍କର ଶିଖିବାର ଅଗ୍ରଗତି ଅନୁସାରେ, ୧ ରୁ ୯ ଯାଏ କାର୍ଯ୍ୟ କରାଯାଇପାରେ ।

**ଆବଶ୍ୟକ ସାମଗ୍ରୀ** – ପେନ୍‌ସିଲ୍ ନିଜ ପାଇ ୫ଟି ଓ ଦଳ ପାଇଁ ଆବଶ୍ୟକ ଅନୁସାରେ, ଗିନା-୪ଟି, ବାଟି-୧୪ଟି ଲେଖାଏ ପ୍ରତି ଦଳ ପାଇବେ ।

**ସଂକ୍ଷେପଣ** – ବସ୍ତୁଗୁଡ଼ିକୁ ଗଣି ମୋଟ ବସ୍ତୁ ସଂଖ୍ୟାକୁ ସଂଖ୍ୟାସୂଚକରେ ପ୍ରକାଶ କରାଯିବ ।

## ତୃତୀୟ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "କିଏ କମ୍, କିଏ ବେଶି"**

**ଶିକ୍ଷଣ ଫଳାଫଳ:** **IL- 3.11 :** ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡ଼ିକୁ ଚିହ୍ନଟ କରିବେ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବେ ।

ଦଳଗତ କାର୍ଯ୍ୟ : ସମୟ – ୪୦ମିନିଟ୍

କାର୍ଯ୍ୟର ସୂଚନା–

କାର୍ଯ୍ୟ - ୧ ପ୍ରତି ଦଳରେ ଦୁଇଟି ଲେଖାଏଁ ପ୍ଲେଟ୍ ଦିଆଯିବ । ପ୍ରତି ପ୍ଲେଟ୍‌ରେ ୫ ରୁ ୧୦ ସଂଖ୍ୟକ ଲେମ୍ବୁ / ବାଟି ରଖାଯିବ ପ୍ରତି ଦଳ ପ୍ଲେଟ୍‌ରେ ଥିବା ଲେମ୍ବୁ / ବାଟି ସଂଖ୍ୟା ଗଣି କରି କହିବେ ।

କେଉଁ ପ୍ଲେଟ୍‌ରେ କେତେ ଅଧିକ ବା କେତେ କମ୍ ଅଛି କହିବେ ।

କାର୍ଯ୍ୟ - ୨ ପ୍ରତି ଦଳରେ ଗୋଟିଏ ଲେଖାଏଁ ପେନ୍‌ସିଲ୍ ବାକ୍ସ ଦିଆଯିବ, ଯେଉଁଥିରେ ୫ ରୁ ୮ ସଂଖ୍ୟକ ପେନ୍, ପେନ୍‌ସିଲ୍, ରବର, ସ୍କେଲ୍, ସ୍କେଚପେନ୍, ଆଦି ଥିବ ।

ପ୍ରତି ଦଳ ପେନସିଲ୍ ବାକ୍ସରେ ଥିବା ବସ୍ତୁ ସଂଖ୍ୟା ଗଣି କରି କହିବେ ।

କେଉଁ ଦଳରେ ଅଧିକ ବସ୍ତୁ ଅଛି ? କେତେ ଅଧିକ ଅଛି ? ଆଲୋଚନା ହେବ ।

ସଂକ୍ଷେପଣ – ଦୁଇଟି ସଂଖ୍ୟାକୁ ତୁଳନା କରି କେଉଁଟି ବଡ଼ କେଉଁଟି ସାନ କୁହାଯାଇପାରେ, ଠିକ୍ ସେହିପରି ବସ୍ତୁର ସମୂହକୁ ତୁଳନା କରି କେଉଁଟି ବେଶି ଓ କେଉଁଟି କମ୍ କୁହାଯାଇଥାଏ ।

ଆବଶ୍ୟକ ସାମଗ୍ରୀ– ପ୍ଲେଟ୍ – ୨ଟି ଲେଖାଏଁ (ପ୍ରତି ଦଳ ପାଇଁ,) ଲେମ୍ବୁ / ବାଟି – ୨୦ଟି, ଜ୍ୟାମିତି ବାକ୍ସ, ୫ ରୁ ୮ ସଂଖ୍ୟାକ କଲମ, ପେନ୍‌ସିଲ୍, ରବର, ସ୍କେଲ୍, ସ୍କେଚପେନ୍ (ପ୍ରତି ଦଳ ପାଇଁ) ।

## ତୃତୀୟ ମାସ

**ଦ୍ୱିତୀୟ ସପ୍ତାହ / ଦିବସ - ୫**

**ଶିକ୍ଷଣ କାର୍ଯ୍ୟ : "ଅନୁମାନ କରି କହିବା"**

**ଶିକ୍ଷଣ ଫଳାଫଳ: IL-3.11 :** ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡ଼ିକୁ ଚିହ୍ନଟ କରିବେ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବେ ।

ଦଳଗତ କାର୍ଯ୍ୟ : ସମୟ - ୪୦ ମିନିଟ୍

କାର୍ଯ୍ୟର ସୂଚନା-

କାର୍ଯ୍ୟ - ୧
- ପ୍ରତି ଦଳରେ ଦୁଇଟି ଡବା ଦିଆଯିବ, ସେଥିରେ କିଛି ବସ୍ତୁ ଥିବ, ବସ୍ତୁଗୁଡ଼ିକର ଆକାର ସମାନ ନଥିବ । ବସ୍ତୁ ସଂଖ୍ୟା ୧୦ ମଧ୍ୟରେ ରହିବ ।
- ପ୍ରଥମେ ବସ୍ତୁଗୁଡ଼ିକୁ ନ ଗଣି, କେତୋଟି ଅଛି ଅନୁମାନ କରି କହିବେ ।
- ତା' ପରେ, ଗଣି କରି କହିବେ, କେଉଁ ଡବାରେ କେତୋଟି ଅଛି ।

ନିମ୍ନ ପ୍ରଶ୍ନଗୁଡ଼ିକ ସହାୟତାରେ ଶ୍ରେଣୀରେ ଆଲୋଚନା କରାଯିବ ।

- ପ୍ରଥମ ଡବାରେ କେତୋଟି ବସ୍ତୁ ଅଛି ?
- ଦ୍ୱିତୀୟ ଡବାରେ କେତୋଟି ବସ୍ତୁ ଅଛି ?
- ଅନୁମାନ ଠିକ ହେଲା କି ? କାହିଁକି ହେଲା ନାହିଁ ?
- କେଉଁ ଡବାରେ ବେଶି ଅଛି ? କେଉଁ ଡବାରେ କମ୍ ଅଛି ?
- କେତେ ବେଶି ବା କେତେ କମ୍ ଅଛି ?

**ସଂକ୍ଷେପଣ-** ଦୁଇଟି ସଂଖ୍ୟାକୁ ତୁଳନା କରି କେଉଁଟି ବଡ଼ କେଉଁଟି ସାନ କୁହାଯାଇପାରେ, ଠିକ୍ ସେହିପରି ବସ୍ତୁର ସମୂହକୁ ତୁଳନା କରି କେଉଁଟି ବେଶି ଓ କେଉଁଟି କମ୍ କୁହାଯାଇପାରିବ ।

**ଆବଶ୍ୟକ ସାମଗ୍ରୀ-** ପ୍ରତି ଦଳ ପାଇଁ ଡବା - ୨ଟି ଫୁଲ, ପତ୍ର, କାଠି, ଗୋଡ଼ି, ମାଚି, ଆବଶ୍ୟକ ଅନୁସାରେ

## ତୃତୀୟ ମାସ

**ତୃତୀୟ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଆସ ଖେଳିବା"**

**ଶିକ୍ଷଣ ଫଳାଫଳ: IL- 3.27 :** ଆଙ୍ଗୁଠି ଛାପାଦେଇ ବା ପତ୍ରରେ ରଙ୍ଗ ଦେଇ ନୂତନ ଢାଞ୍ଚା / ସଂରଚନା ତିଆରି କରିବ ।

ଦଳଗତ କାର୍ଯ୍ୟ :

କାର୍ଯ୍ୟର ପ୍ରଣାଳୀ:-

- ୪/୫ଟି ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରାଯିବ । ପିଲାମାନେ ଗୋଲ ଆକୃତିରେ ବସିବେ ।
- ପିଲାମାନେ ଦଳରେ ବସି ବ୍ୟକ୍ତିଗତ ଭାବେ କାର୍ଯ୍ୟକୁ କରିବେ ।
- ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଲେଖାଏଁ କାଗଜ ଫର୍ଦ୍ଦ ଦିଆଯିବ ।
- ଗୋଟିଏ ପାତ୍ରରେ ନାଲି ରଙ୍ଗର ଅଳତା ଓ ଅନ୍ୟ ପାତ୍ରରେ ନୀଳ ରଙ୍ଗର ପାଣି ପ୍ରତ୍ୟେକ ଦଳକୁ ଦିଆଯିବ ।
- ପ୍ରତ୍ୟେକ ପିଲା ନିଜ ନିଜର ହାତର ସବୁ ଆଙ୍ଗୁଠି ଟିପର ଛାପକୁ ପ୍ରଥମେ ନାଲି ରଙ୍ଗରେ ଓ ପରେ ନୀଳ ରଙ୍ଗରେ ବୁଡ଼ାଇ ଦିଆଯାଇଥିବା କାଗଜ ଉପରେ ଛାପିବେ ।
- ଏହି କାମଟି ସାରିବା ପରେ ଶିକ୍ଷକ ପ୍ରତ୍ୟେକ ଦଳରେ ଗୋଟିଏ ଲେଖାଏଁ ଡ୍ରଇଁସିଟ୍ ଦେବେ । ଡ୍ରଇଁ ସିଟ୍‌ରେ ବଡ଼ ଚିତ୍ରଟିଏ କରାଯାଇଥିବ ଏବଂ ଦୁଇଟି ଲେଖାଏଁ ଟଗର ଫୁଲ ଦିଆଯିବ ।
- ଦଳରେ ଗୋଟିଏ ପିଲା ଟଗର ଫୁଲକୁ ନାଲି ରଙ୍ଗରେ ବୁଡ଼ାଇ ଚିତ୍ରର ଧାରରେ ଛାପ ଦେବ । ତାପରେ ଆଉ ଗୋଟିଏ ପିଲା ଆଉ ଗୋଟିଏ ଟଗର ଫୁଲକୁ ନୀଳ ରଙ୍ଗରେ ବୁଡ଼ାଇ ନାଲିଛାପ ପାଖାପାଖି ଛାପିବ । ଏହିପରି ଜଣକ ପରେ ଜଣେ କ୍ରମାନ୍ୱୟରେ ଟଗରଫୁଲ ଛାପ ଦେବେ ।
- ପ୍ରତ୍ୟେକ ଦଳରେ ନାଲି ଛାପ ଓ ନୀଳ ଛାପକୁ ଗଣି କେଉଁଟି ଅଧିକ ଓ କେଉଁଟି କମ୍ କହିବେ ।

**ସଂକ୍ଷେପଣ** – ଫୁଲ, ଫଳ, ପରିବାର ଅଂଶ, ଆଙ୍ଗୁଳି ଛାପ ବ୍ୟବହାର କରି ଭିନ୍ନ ଭିନ୍ନ ନକ୍ସା (ଡିଜାଇନ) ପ୍ରସ୍ତୁତ କରିବେ ।

**ଆବଶ୍ୟକ ସାମଗ୍ରୀ** – ଡ୍ରଇଂସିଟ୍, କାଗଜ, ପାତ୍ରରେ ନାଲି ଅଳତା, ପାତ୍ରରେ ନୀଳ ରଙ୍ଗ ପାଣି, ଟଗରଫୁଲ

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟଫର୍ଦ୍ଦ ସମାଧାନ କରିବାକୁ କୁହାଯିବ ।

# ତୃତୀୟମାସ

## ତୃତୀୟ ସପ୍ତାହ / ଦିବସ - ୨

## ଶିକ୍ଷଣ କାର୍ଯ୍ୟ : "ଆସ ନକ୍ସା କରିବା" (ରଙ୍ଗ ଦେବା)

**ଶିକ୍ଷଣ ଫଳାଫଳ:** **IL- 3.27 :** ଆଙ୍ଗୁଠି ଛାପାଦେଇ ବା ପତ୍ରରେ ରଙ୍ଗ ଦେଇ ନୂତନ ଢ଼ାଞ୍ଚା / ସଂରଚନା ତିଆରି କରିବ ।

ଦଳଗତ କାର୍ଯ୍ୟ :- ୧ ସମୟ = ୪୦ମିନିଟ୍

- ପିଲାମାନଙ୍କୁ ଛୋଟଛୋଟ ଦଳରେ ବସାଇବେ ।
- ପ୍ରତ୍ୟେକ ଦଳରେ ଗୋଟିଏ ଡ୍ରଇଂସିଟ୍ର ଏକ-ଚତୁର୍ଥାଂଶ ଓ ବିଭିନ୍ନ ରଙ୍ଗର ପେନସିଲ୍ ଦିଆଯିବ ।
- ଶିକ୍ଷକ କଳାପଟାରେ ନିମ୍ନରେ ଦିଆଯାଇଥିବା ନକ୍ସା କଳାପଟାରେ ଆଙ୍କିବେ ।
- ପ୍ରତ୍ୟେକ ଦଳର ପିଲାମାନେ ଡ୍ରଇଂସିଟ୍‌ରେ ସେହିଭଳି ନକ୍ସା ତିଆରି କରିବେ ଓ ରଙ୍ଗ ଦେବେ ।

ବ୍ୟକ୍ତିଗତ କାର୍ଯ୍ୟ :- ୨

କାର୍ଯ୍ୟର ପ୍ରଣାଳୀ:-

- ପ୍ରତ୍ୟେକ ପିଲାଙ୍କୁ ଏହି କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟ ବ୍ୟକ୍ତିଗତ ଭାବେ ସମ୍ପାଦନ କରିବାକୁ ଦିଆଯିବ ।
- ଶିକ୍ଷକ କାର୍ଯ୍ୟ କରିବାର ସୂଚନା ପ୍ରଦାନ କରିବେ ।
- ପିଲାମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିବେ ।
- ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିବା ପରେ ନିଜ ନିକଟରେ ଥିବା ଜଣେ ସହପାଠୀଙ୍କ ସହ ଆଲୋଚନା କରିବେ ।
- କେତେକ ପିଲାଙ୍କୁ ଶ୍ରେଣୀ ସମ୍ମୁଖକୁ ଆସି କାର୍ଯ୍ୟ ଉପସ୍ଥାପନା କରିବାକୁ କୁହାଯିବ ।

**ସଂକ୍ଷେପଣ** – ପିଲାମାନେ ନୂତନ ପ୍ରକାରର ସଂରଚନା / ଢାଞ୍ଚା ତିଆରି କରିବେ ।

ଆବଶ୍ୟକ ସାମଗ୍ରୀ – ଡ୍ରଇଂସିଟ୍, ରଙ୍ଗ ପେନ୍‌ସିଲ୍

## ତୃତୀୟ ମାସ

**ତୃତୀୟ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ ଖେଳି ଖେଳି ଜାଣିବା"**

**ଶିକ୍ଷଣ ଫଳାଫଳ:** **IL- 3.28 :** ପିଲାର ଚତୁଃପାର୍ଶ୍ବର ପରିସ୍ଥିତି / ଘଟଣାବଳୀରୁ ସିଦ୍ଧାନ୍ତ ନିର୍ଣ୍ଣୟ କରିବ, ଯେପରି - ମୋ ପାଖରେ ନୀଳରଙ୍ଗର ପେନସିଲ ଠାରୁ ନାଲିରଙ୍ଗର ପେନସିଲ ଅଧିକ ଅଛି ।

ଯୋଡ଼ିକାର୍ଯ୍ୟ - ସମୟ - ୪୦ ମିନିଟ୍

କାର୍ଯ୍ୟର ପ୍ରଣାଳୀ:-

- ପିଲାମାନେ ଯୋଡ଼ିରେ ବସିବେ ।
- ଶିକ୍ଷକ ଡବାରେ ଥିବା ବିଭିନ୍ନ ରଙ୍ଗର ମାଳି ପ୍ରତ୍ୟେକ ଯୋଡ଼ିଙ୍କୁ ଦେବେ ।
- ପିଲାମାନେ ସେଗୁଡ଼ିକୁ ଦେଖିବେ ।
- କେଉଁଥିରୁ କେତୋଟି ଅଛି ଗଣିବେ ।
- କେଉଁ ମାଳିରୁ କେତୋଟି ଅଛି ଓ କେଉଁ ମାଳି ଅଧିକ / କମ୍ ଅଛି, ପରସ୍ପର ମଧ୍ୟରେ ଆଲୋଚନା କରିବେ ।
- ପ୍ରତ୍ୟେକ ଯୋଡ଼ି ଶ୍ରେଣୀ ସମ୍ମୁଖରେ ଆସି କେଉଁ ଜିନିଷ ସବୁଠାରୁ ଅଧିକ / କମ୍ ଅଛି କହିବେ ଓ କିପରି କମ୍ - ବେଶି ଜାଣିଲେ କହିବେ ।

**ସଂକ୍ଷେପଣ** – ଆମେ ଘଟଣାଗୁଡ଼ିକୁ ଦେଖି ଓ ପରୀକ୍ଷା କରି ସିଦ୍ଧାନ୍ତ ନେଇଥାଉ ।

**ଆବଶ୍ୟକ ସାମଗ୍ରୀ** – ପ୍ରତ୍ୟେକ ଦଳ ପାଇଁ (ଗୋଟିଏ ଡବାରେ ଧଳା ମାଳି - ୫ଟି, ନାଲି ମାଳି ୭ଟି, ନୀଳ ମାଳି - ୮ଟି)

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟପତ୍ର ସମ୍ପାଦନ କରିବାକୁ କୁହାଯିବ ।

## ତୃତୀୟ ମାସ

### ତୃତୀୟ ସପ୍ତାହ / ଦିବସ - ୪

### ଶିକ୍ଷଣ କାର୍ଯ୍ୟ : "କରିବା - କରିବା ନାହିଁ" (ଆସ ସଚେତନ ହେବା)

**ଶିକ୍ଷଣ ଫଳାଫଳ:** **IL- 3.SC :** ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ସଚେତନତା ଓ ସମ୍ବେଦନଶୀଳତା ପ୍ରଦର୍ଶନ କରିବେ (ଯେପରି- ପାଣି ନଷ୍ଟ ନ କରିବା, ଆବଶ୍ୟକ ନଥିବା ବେଳେ ଲାଇଟ ଜଳାଇବା ନାହିଁ ଇତ୍ୟାଦି)

କାର୍ଯ୍ୟର ପ୍ରଣାଳୀ:-

- ପିଲାମାନେ U ଆକୃତିରେ ବସିବେ ।
- ଶିକ୍ଷକ ଦୁଇଟି ଚିତ୍ର ଶ୍ରେଣୀ ସମ୍ମୁଖରେ ଟାଙ୍ଗିବେ ।
- (ଗୋଟିଏ ଚିତ୍ରରେ ପାଣି ଟ୍ୟାପ୍ ଖୋଲା ଥାଇ ପାଣି ନଷ୍ଟ ହେଉଥିବାର ଦୃଶ୍ୟ, ପାଣି ପାଇପ କଣା ହୋଇ ପାଣି ବାହାରୁଥିବା ଦୃଶ୍ୟ, କୋଠରିରେ କେହି ନଥିବା ସମୟରେ ବିଜୁଳିବତୀ ଜଳୁଥିବାର ଦୃଶ୍ୟ ଓ ପରେ ବିଜୁଳିବତୀକୁ ବନ୍ଦ କରୁଥିବାର ଦୃଶ୍ୟ)
- (ଅନ୍ୟ ଗୋଟିଏ ଚିତ୍ରରେ ପାଣି ଟ୍ୟାପ୍ ଖୋଲା ଥାଇ ପାଣିର ବ୍ୟବହାର ହେଉଛି ଓ ପରେ ଟ୍ୟାପକୁ ଜଣେ ବନ୍ଦ କରୁଥିବାର ଦୃଶ୍ୟ, କୋଠରିରେ ଥିବା ସମୟରେ ବିଜୁଳିବତୀ ଜଳୁଥିବାର ଦୃଶ୍ୟ ଓ ପରେ ବିଜୁଳିବତୀକୁ ବନ୍ଦ କରୁଥିବାର ଦୃଶ୍ୟ)
- ଚିତ୍ର ଦେଖି ପିଲାମାନେ କେଉଁ ଚିତ୍ରରେ କ'ଣ ହେଉଛି କହିବେ ।
- ଦୁଇଚିତ୍ରରେ ଥିବା କାର୍ଯ୍ୟରୁ କେଉଁଟି କରିବା ଉଚିତ / ଉଚିତ ନୁହେଁ ଆଲୋଚନା କରାଯିବ ।
- ଏହିପରି କିଛି ଉଦାହରଣ ଶିକ୍ଷକ ଆଲୋଚନା କରିବେ ।
  (ଗଛ ଲଗାଇବା - ଗଛ ଉପାଡ଼ିବା, ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାଇବା, ଏଣେତେଣେ ପକାଇବା)
- ପିଲାମାନେ ଏହିପରି କେତେଗୁଡ଼ିଏ କଥା କହିବେ ।

**ସଂକ୍ଷେପଣ-** ଆମେ ପରିବେଶକୁ ନଷ୍ଟ ନକରିବା ପାଇଁ ସଚେତନ ହେବା ।

**ଆବଶ୍ୟକ ସାମଗ୍ରୀ -** ଚିତ୍ରକାର୍ଡ

- (ଗୋଟିଏ ଚିତ୍ରରେ ପାଣି ଟ୍ୟାପ୍ ଖୋଲା ଥାଇ ପାଣି ନଷ୍ଟ ହେଉଥିବାର ଦୃଶ୍ୟ, ପାଣି ପାଇପ୍ କଣା ହୋଇ ପାଣି ବାହାରୁଥିବା ଦୃଶ୍ୟ, କୋଠରିରେ କେହି ନଥିବା ସମୟରେ ବିଜୁଳିବତୀ ଜଳୁଥିବାର ଦୃଶ୍ୟ ଓ ପରେ ବିଜୁଳିବତୀକୁ ବନ୍ଦ କରୁଥିବାର ଦୃଶ୍ୟ)
- (ଅନ୍ୟ ଗୋଟିଏ ଚିତ୍ରରେ ପାଣି ଟ୍ୟାପ୍ ଖୋଲା ଥାଇ ପାଣିର ବ୍ୟବହାର ହେଉଛି ଓ ପରେ ଟ୍ୟାପକୁ ଜଣେ ବନ୍ଦ କରୁଥିବାର ଦୃଶ୍ୟ, କୋଠରିରେ ଥିବା ସମୟରେ ବିଜୁଳିବତୀ ଜଳୁଥିବାର ଦୃଶ୍ୟ ଓ ପରେ ବିଜୁଳିବତୀକୁ ବନ୍ଦ କରୁଥିବାର ଦୃଶ୍ୟ)

## ତୃତୀୟ ମାସ

### ତୃତୀୟ ସପ୍ତାହ - ଦିବସ - ୫

### ଶିକ୍ଷଣ କାର୍ଯ୍ୟ : "ଆସ ଖେଳିବା"

**ଶିକ୍ଷଣ ଫଳାଫଳ:** IL- 3.12 : ବସ୍ତୁଗୁଡ଼ିକ ସଂଖ୍ୟାରେ ହ୍ରାସ ହୋଇ ତାହା ଶୂନ ହୋଇଯାଏ - ଏ ସମ୍ପର୍କୀୟ ସଚେତନତା ପ୍ରଦର୍ଶନ କରିବେ । (ଯେପରି - ଗଛ ଡାଳରେ ତିନୋଟି ଚଢ଼େଇ ବସିଥିଲେ, ଗୋଟିକ ପରେ ଗୋଟିଏ ଉଡ଼ିଯିବା ପରେ ସେହି ଡାଳରେ କୌଣସି ଚଢ଼େଇ ରହିଲେ ନାହିଁ)

**ସାମୂହିକ କାର୍ଯ୍ୟ :-** ସମୟ : ୪୦ମିନିଟ୍


**କାର୍ଯ୍ୟର ପ୍ରଣାଳୀ:-**

- ପିଲାମାନେ U ଆକୃତିରେ ବସିବେ ।
- ପିଲାସଂଖ୍ୟା ଅନୁଯାୟୀ ଶିକ୍ଷକ ସେତିକି ସଂଖ୍ୟକ ବାଟି / ଗୋଡ଼ି ଟେବୁଲ ଉପରେ ରଖିବେ ।
- ଗୋଟିଏ ପିଲା ବାଟି / ଗୋଡ଼ିକୁ ଗଣିବ ।
- ବାଟି ସଂଖ୍ୟା ଅନୁସାରେ କଳାପଟାରେ ସେତିକିଟି ଗାର ପକାଯିବ ।
- ପିଲାମାନେ ଧାଡ଼ିରେ ଆସି ଗୋଟିଏ ଗୋଟିଏ ବାଟି / ଗୋଡ଼ି ଟେବୁଲ ଉପରୁ ନେବେ ।
- ଗୋଟିଏ ପିଲା ଗୋଟିଏ ବାଟି ନେବା ପରେ କଳାପଟାରେ ପଡ଼ିଥିବା ଗାରରୁ ଗୋଟିଏ ଲିଭାଇ ଦେବ ଓ କେତୋଟି ଗାର କଳାପଟାରେ ରହିଲା କହିବ ।
- ଏହିପରି ଖେଳଟି ଚାଲିବ ।
- ଶେଷରେ ସବୁ ପିଲା ବାଟି ନେବା ପରେ ଟେବୁଲ ଉପରେ କେତୋଟି ବାଟି / ଗୋଡ଼ି ରହିଲା ଏବଂ କଳାପଟାରେ କେତୋଟି ଗାର ରହିଲା ଆଲୋଚନା କରାଯିବ ।
- କିଛି ନାହିଁ ଅର୍ଥ 'ଶୂନ' ବୋଲି ଶିକ୍ଷକ ସୂଚନା ଦେବେ ଓ ଶୂନର ସଂଖ୍ୟା ସୂଚକକୁ କଳାପଟାରେ ଲେଖିବେ ଓ ସଂଖ୍ୟାକାର୍ଡ ମଧ୍ୟ ଦେଖାଇବେ ।
- ଏହାପରେ ନିମ୍ନ ଚିତ୍ରକୁ ଶ୍ରେଣୀ ସମ୍ମୁଖରେ ଟାଙ୍ଗି ପିଲାମାନଙ୍କ ସହିତ ଆଲୋଚନା କରିବେ ।



- ଶେଷରେ ପଞ୍ଜୁରୀରେ କେତୋଟି ଚଢ଼େଇ ରହିଲା ? ଆଲୋଚନା କରାଯିବ ।
- ସେହିପରି ନିମ୍ନ ଚିତ୍ରରୁ ଶୂନ ସମ୍ପର୍କରେ ଧାରଣା ଦିଆଯିବ ।

(ଗଛରେ ଥିବା ଫଳରେ 'X' ଚିହ୍ନ ଦେଇ ଶୂନ ଧାରଣା ଦେବା ।



**ସଂକ୍ଷେପଣ** – କିଛି ନାହିଁ ଅର୍ଥ 'ଶୂନ' ବୋଲି ଜାଣିବା । ଏହିପରି ଅନ୍ୟ ଉଦାହରଣ ନେଇ ଶୂନର ଧାରଣା ପାଇବା ।

**ଆବଶ୍ୟକ ସାମଗ୍ରୀ**- ବାଟି / ଗୋଡ଼ି, ଚିତ୍ରକାର୍ଡ, ଶୂନ ସଂଖ୍ୟାସୂଚକ ଲେଖାଥିବା ଫ୍ଲାଂସିଟ୍ ।

ଏହି କାର୍ଯ୍ୟ ସମାପ୍ତି ପରେ ପିଲାଙ୍କୁ କାର୍ଯ୍ୟଫର୍ଦ୍ଦ ପୂରଣ କରିବାକୁ କୁହାଯିବ ।

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ଦିବସ - ୧**

**ଶିକ୍ଷଣ କାର୍ଯ୍ୟ : "ଆସ ଆମେ ଯୋଡ଼ିବା"**

**ଶିକ୍ଷଣ ଫଳାଫଳ:** **IL- 3.14 : ଦୁଇଟି ସମୂହର ବସ୍ତୁକୁ ମିଶାଇବେ (୯ ପର୍ଯ୍ୟନ୍ତ) ଓ ପୁନଃଗଣନ କରିବ ।**

ସାମୂହିକ କାର୍ଯ୍ୟ :- ସମୟ : ୪୦ମିନିଟ୍

ଶିକ୍ଷଣ କାର୍ଯ୍ୟ - ୧

କାର୍ଯ୍ୟପ୍ରଣାଳୀ:-

- ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇବେ ।
- ଶିକ୍ଷକ ଆଙ୍ଗୁଳି ଦେଖାଇ ମିଶାଣ ଗୀତଟିକୁ ଗାଇବେ । ପିଲାମାନେ ଶିକ୍ଷକଙ୍କୁ ଅନୁକରଣ କରି ସେହିପରି ଆଙ୍ଗୁଳି ଦେଖାଇ ଗାଇବେ ।
- ୩/୪ ଥର ପିଲାମାନେ ଅଭ୍ୟାସ କରିବେ ।

ମିଶାଣ ଗୀତ

ଏକ ଏକ ଦୁଇ - ଆମେ ଭଉଣୀ ଭାଇ
ଦୁଇ ଏକ ତିନି - ବଜାଅ ଭାଇ ଗିନି
ତିନି ଏକ ଚାରି - ନାଆରେ ହେବା ପାରି
ଚାରି ଏକ ପାଞ୍ଚ - ତା ଥେଇ ତା ଥେଇ ନାଚ
ପାଞ୍ଚ ଏକ ଛଅ - ଛତା ବାଡ଼ି ଧଅ
ଛ ଏକ ସାତ - ଖାଇବା ଆମେ ଭାତ
ସାତ ଏକ ଆଠ - ପଢ଼ିବା ବସି ପାଠ
ଆଠ ଏକ ନଅ = ସତ କଥା କହ

ଶିକ୍ଷଣ କାର୍ଯ୍ୟ - ୨

ସାମୂହିକ କାର୍ଯ୍ୟ

କାର୍ଯ୍ୟର ସୂଚନା -

ଶିକ୍ଷକ ପ୍ରଥମେ ଗୋଟିଏ ଆଙ୍ଗୁଳି ଦେଖାଇବେ । ସୂଚନା ରହିବ ଯେ, ପିଲାମାନେ ସେଥିରେ ଆଉ ଏକ ମିଶାଇ ଆଙ୍ଗୁଳି ଦେଖେଇବେ । ଏହିପରି ୨ଟି, ୩ଟି, ୪ଟି, ୫ଟି, ୬ଟି, ୭ଟି ଓ ୮ଟି ଆଙ୍ଗୁଳି ଶିକ୍ଷକ ଦେଖେଇବେ । ପରେ କ୍ରମରେ ନଦେଖାଇ ୨ଟି, ୫ଟି, ୩ଟି, ଏହିପରି ଆଙ୍ଗୁଳି ଦେଖାଇବେ ଓ ପ୍ରତିପିଲା ସେଥିରେ ଏକ ମିଶାଇ ଆଙ୍ଗୁଳି ଦେଖାଇବେ । ସବୁପିଲା ଯେପରି ଠିକ୍ ସଂଖ୍ୟକ ଆଙ୍ଗୁଳି ଦେଖାନ୍ତି, ସେଥିପ୍ରତି ଶିକ୍ଷକ ଧ୍ୟାନ ଦେବେ ।

ଶିକ୍ଷଣ କାର୍ଯ୍ୟ - ୩

ଦଳଗତ କାର୍ଯ୍ୟ :-

କାର୍ଯ୍ୟର ସୂଚନା -

ପିଲାମାନଙ୍କୁ ଦୁଇ ଦଳରେ ବସାଇବେ । ଦଳର ନାମକରଣ କରିବେ । ଗୋଟିଏ ଦଳରୁ ୨ ଜଣ ଓ ଅନ୍ୟ ଦଳରୁ ୩ ଜଣ ପିଲାଙ୍କୁ ଆଗକୁ ଡାକିବେ । ଉଭୟ ଦଳରୁ ଜଣଜଣଙ୍କୁ ପଚାରିବେ । ଆଗରେ କେତେ ଜଣ ପିଲା ଠିଆ ହୋଇଛନ୍ତି ଗଣିକି କହିବ । ଏହିପରି ଥରଥର କରି ଉଭୟ ଦଳର ପିଲାଙ୍କୁ ଡାକି ଆଗରେ ଠିଆ କରାଇବେ । ଯେପରି ସମୁଦାୟ ପିଲା ସଂଖ୍ୟା ୫ ଭିତରେ ରହିବ । ଏବଂ ପ୍ରତ୍ୟେକଥର ଉଭୟ ଦଳର ପିଲାଙ୍କୁ ଗଣି କହିବାକୁ କହିବେ । ଯେପରି ସମସ୍ତ ପିଲା ଗଣିକି କହିବାର ସୁଯୋଗ ପାଇବେ, ସେଥିପ୍ରତି ଶିକ୍ଷକ ଧ୍ୟାନ ଦେବେ ।

ଶିକ୍ଷଣ କାର୍ଯ୍ୟ - ୪

ଦଳଗତ କାର୍ଯ୍ୟ :-

କାର୍ଯ୍ୟର ସୂଚନା -

ଶିକ୍ଷକ ପ୍ରତି ଦଳରେ ୯ଟି ଲେଖାଁ ପେନ୍‌ସିଲ୍ କାଠି, ଗୁଲି ବା ମାଳି ଦେବେ । ସୂଚନା ରହିବ ଯେ ପ୍ରତିଦଳରୁ ୨ ଜଣ ସେଥିରୁ କିଛିକିଛି ନେଇ ଦେଖାଇବେ । ଦଳର ଅନ୍ୟମାନେ ସେଗୁଡ଼ିକୁ ଏକାଠି ଗଣି କେତେ ହେଲା କହିବେ । ପ୍ରତ୍ୟେକ ପିଲା ଜିନିଷଗୁଡ଼ିକୁ ଧରି ଦେଖାଇବା ସହ ଉଭୟ ଜିନିଷକୁ ସଠିକ୍ ଗଣି କହିବା ପ୍ରତି ଶିକ୍ଷକ ଧ୍ୟାନ ଦେବେ ।

ସଂକ୍ଷେପଣ - ଦୁଇଟି ଭିନ୍ନ ସମୂହର ସମାନ ବସ୍ତୁକୁ ଏକାଠି ଗଣନ କରାଯାଏ ।

ଆବଶ୍ୟକ ସାମଗ୍ରୀ - ପେନ୍‌ସିଲ୍ / କାଠି / ମାଳି

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ଦିବସ - ୨**

**ଶିକ୍ଷଣ କାର୍ଯ୍ୟ : "ଥିଲା-ଗଲା-ରହିଲା"**

**ଶିକ୍ଷଣ ଫଳାଫଳ: IL- 3.15 : ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃଗଣନ କରିବେ ।**

ସାମୂହିକ କାର୍ଯ୍ୟ :- ସମୟ : ୪୦ମିନିଟ୍

କାର୍ଯ୍ୟର ସୂଚନା -

- ଶିକ୍ଷକ ପିଲାଙ୍କୁ ଗୋଲରେ ଠିଆ କରାଇ ୬ଟି ଥିଲେ ମୁଣ୍ଡା ଛୁଆ ଗୀତକୁ ଅଭିନୟ ସହିତ ଆବୃତ୍ତି କରାଇବେ । ଏହିପରି ୨/୩ ଥର ଶିକ୍ଷକଙ୍କ ସହ ଶିକ୍ଷାର୍ଥୀମାନେ ଅଭିନୟ ସହ ଆବୃତ୍ତି କରିବେ ।

୬ଟି ଥିଲେ ମୂଷାଛୁଆ କରୁଥିଲେ ନାଚ

ନାଚ କରୁକରୁ ଗୋଟିଏ ଗଲା ଆଉ ରହିଲେ ପଞ୍ଚ ।

ପାଞ୍ଚୋଟି ଥିଲେ ମୂଷାଛୁଆ ଖାଉଥିଲେ ବିରି

ବିରି ଖାଉଖାଉ ଗୋଟିଏ ଗଲା ଆଉ ରହିଲେ ଚାରି ।

ଚାରୋଟି ଥିଲେ ମୂଷାଛୁଆ ବଜାଉଥିଲେ ଗିନି

ଗିନି ବଜାଇ ଗୋଟିଏ ଗଲା ଆଉ ରହିଲେ ତିନି ।

ତିନୋଟି ଥିଲେ ମୂଷାଛୁଆ ଖାଉଥିଲେ ଖଇ

ଖଇ ଖାଉଖାଉ ଗୋଟିଏ ଗଲା ଆଉ ରହିଲେ ଦୁଇ ।

ଦୁଇଟି ମୂଷା ଛୁଆ ଦିନେ ଟେକିଥିଲେ ବେକ

ବେକ ଟେକି ଟେକି ଗୋଟିଏ ଗଲା ଆଉ ରହିଲେ ଏକ ।

ଗୋଟିଏ ଥିଲା ମୂଷାଛୁଆ ଦିନେ ଖାଉଥିଲା ଧାନ

ଧାନ ଖାଉଖାଉ ଗୋଟିକ ଗଲା ଆଉ ରହିଲା ଶୂନ ।

ଏହା ପରେ ପ୍ରଶ୍ନ ରହିବ ।

**କାର୍ଯ୍ୟ ୨ –** ୯ଟି ପିଲାଙ୍କୁ ଠିଆ କରାଇ ସେଥିରୁ ଜଣେ ତା' ପରେ ଆଉ ଜଣେ ଏହିପରି ସେମାନଙ୍କ ସ୍ଥାନକୁ ପଠାଇ ଆଉ କେତେଜଣ ରହିଲେ ବୋଲି ପ୍ରଶ୍ନ କରିବେ ଓ ନିଜେ ମଧ୍ୟ ସେଇ ସଂଖ୍ୟାକୁ କହିବେ । ଏହିପରି ସବୁ ପିଲାଙ୍କୁ ନିଜ ନିଜ ବସିବା ସ୍ଥାନକୁ ପଠାଇବେ । ପ୍ରତିଥର ଆଉ କେତେଜଣ ରହିଲେ ବୋଲି ପ୍ରଶ୍ନ କରିବେ ।

**କାର୍ଯ୍ୟର ସୂଚନା –** ପ୍ରତିଦଳରେ ୯ଟି ଲେଖାଏଁ ଜିନିଷ ଯଥା ଗୋଡ଼ି, ମଞ୍ଜି, ଫୁଲ, ଦିଆଯିବ । ସେଥିରୁ କିଛି ଜିନିଷ କାଢ଼ି ଆଉ କେତେ ରହିଲା କହିବେ ।

ଶିକ୍ଷକ ପ୍ରଶ୍ନ କରିବେ ।

୧) ୭ଟି ରୁ ୨ଟି ଗଲା ଆଉ କେତୋଟି ରହିଲା ?

୨) ୫ଟି ରୁ ୩ଟି ଗଲା ଆଉ କେତୋଟି ରହିଲା ?

୩) ୮ଟି ରୁ ୪ଟି ଗଲା ଆଉ କେତୋଟି ରହିଲା ?

ଏହିପରି ଅଧିକ ପ୍ରଶ୍ନ କରିବେ ।

ପରେ କାର୍ଯ୍ୟଫର୍ଦ୍ଦ କରିବାକୁ ଦେବେ ।

**ସଂକ୍ଷେପଣ –** ସମୁଦାୟରୁ କିଛି କାଢ଼ିନେଲେ ଆଉ କିଛି ରହିଥାଏ ।

**ଆବଶ୍ୟକ ସାମଗ୍ରୀ –** ଗୋଡ଼ି, ମଞ୍ଜି, ଫୁଲ

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ଦିବସ - ୩**

**ଶିକ୍ଷଣ କାର୍ଯ୍ୟ : "ଆସ କିଣିବା ଜିନିଷ"**

**ଶିକ୍ଷଣ ଫଳାଫଳ: IL- 3.20 :** ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବେ ।

**ସାମୂହିକ କାର୍ଯ୍ୟ :-** **ସମୟ : ୪୦ମିନିଟ୍**

କାର୍ଯ୍ୟର ସୂଚନା -

- ପିଲାମାନଙ୍କୁ 'U' ଆକୃତିରେ ବସାଇବେ ।

**କାର୍ଯ୍ୟ - ୧** ଶିକ୍ଷକ ପିଲାମାନଙ୍କୁ ୫୦ ପଇସା, ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା ୧୦ ଟଙ୍କା ଓ ୨୦ ଟଙ୍କା ମୁଦ୍ରା / ନୋଟ ଦେଖାଇ ଚିହ୍ନାଇବେ ।

ଦଳଗତ କାର୍ଯ୍ୟ :-

- ପିଲାମାନଙ୍କୁ ଛୋଟଛୋଟ ଦଳରେ ଭାଗ କରିବେ ଓ ପ୍ରତ୍ୟେକ ୨ଟି ଦଳକୁ ମୁହାଁମୁହିଁ ବସାଇବେ ।

**କାର୍ଯ୍ୟ - ୨** ପ୍ରତି ଦଳରେ ଖେଳନା ନୋଟ୍ / ମୁଦ୍ରା ଦେଇ କାର୍ଯ୍ୟ କରାଇବେ । ଗୋଟିଏ ଦଳ ଗୋଟିଏ ନୋଟ୍ ବା ମୁଦ୍ରା ଦେଖେଇଲେ ଅନ୍ୟ ତା'ର ପରିମାଣ କହିବେ ।

ଯୋଡ଼ିକାର୍ଯ୍ୟ :-

**କାର୍ଯ୍ୟ - ୩** ଯୋଡ଼ିରେ ଜଣେ ମୁଦ୍ରା ଓ ଅନ୍ୟଜଣଙ୍କୁ ନୋଟ୍ ଦିଆଯିବ । ସମ ପରିମାଣ ମୁଦ୍ରାକୁ ଓ ନୋଟ୍ ସହିତ ମିଶାଇବେ । କାର୍ଯ୍ୟପର୍ଦ୍ଦ କରିବାକୁ ଦିଆଯିବ ।

**ସଂକ୍ଷେପଣ** - ସମାନ ମୂଲ୍ୟର ମୁଦ୍ରା ଓ ନୋଟ୍‌ର ପରିମାଣ ସମାନ ।

ଆବଶ୍ୟକ ସାମଗ୍ରୀ - ୨୦ ଟଙ୍କା ମଧ୍ୟରେ ନୋଟ୍ ଓ ମୁଦ୍ରା । ଖେଳନା ମୁଦ୍ରା ଓ ନୋଟ୍

## ତୃତୀୟ ମାସ

**ଚତୁର୍ଥ ସପ୍ତାହ / ଦିବସ - ୪**

**ଶିକ୍ଷଣ କାର୍ଯ୍ୟ : "ଆସ କିଣିବା ଜିନିଷ"**

**ଶିକ୍ଷଣ ଫଳାଫଳ: IL- 3.20 :** ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବେ ।

**ଦଳଗତ କାର୍ଯ୍ୟ :-** **ସମୟ : ୪୦ମିନିଟ୍**

କାର୍ଯ୍ୟର ସୂଚନା -

- ପିଲାମାନଙ୍କୁ ଦଳକରି ମୁହାଁମୁହିଁ ବସାଇବେ ।
- ଶିକ୍ଷକ ପ୍ରତି ଦଳରେ କିଛି ଜିନିଷ ଯଥା କଲମ, ପେନସିଲ୍, ରବର, ରଙ୍ଗପେନ୍‌ସିଲ ଓ କିଛି ଖେଳନା ମୁଦ୍ରା ଓ ଟଙ୍କା ଦେବେ । ମୂଲ୍ୟ ଲେଖାଥିବା ଚିଟ୍ ବି ଦେବେ । ଗୋଟିଏ ଦଳ ଜିନିଷ ବିକିବେ ଓ ଅନ୍ୟ ଦଳର ଜଣେ ଜଣେ ଗୋଟିଏ ଗୋଟିଏ ଜିନିଷ କିଣିବେ ।

ଶିକ୍ଷକ ପ୍ରଶ୍ନ କରିବେ

- କଲମଟିର ମୂଲ୍ୟ କେତେ ?

- ତୁମେ କେତେ ଟଙ୍କା ଦେଲ ?

- ମୁଦ୍ରା ଦେଲ ନା ନୋଟ୍ ଦେଲ ?

- କିଏ ଅଧିକ ମୂଲ୍ୟର ଜନିଷ କିଣିଲା ?

ଏହି କାର୍ଯ୍ୟ ପରେ କାର୍ଯ୍ୟପର୍ଦ୍ଦ ପୂରଣ କରିବାକୁ ଦେବେ ।

## ତୃତୀୟ ମାସ

## ଚତୁର୍ଥ ସପ୍ତାହ / ଦିବସ - ୫

## ଶିକ୍ଷଣ କାର୍ଯ୍ୟ : "ପବନ ବନେ ଥିରିଥିରି"

**ଶିକ୍ଷଣ ଫଳାଫଳ:** **IL- 3.29 :** ଗୋଟିଏ ସପ୍ତାହର ଦିନଗୁଡ଼ିକର ନାମ ଓ ଗୋଟିଏ ବର୍ଷର ମାସ ଗୁଡ଼ିକର ନାମକୁ ଆବୃତ୍ତି କରିବେ ।

ସାମୂହିକ କାର୍ଯ୍ୟ :- ସମୟ : ୪୦ମିନିଟ୍

କାର୍ଯ୍ୟର ସୂଚନା -

**କାର୍ଯ୍ୟ - ୧ (ସାତ ଦିନ)**

- ଶିକ୍ଷକ ଗୋଟିଏ ଚିତ୍ରକୁ କାନ୍ଥରେ ଟଙ୍ଗାଇବେ ।
- ଅନ୍ୟ ଏକ ଚ୍ରାଂସିଟ୍‌ରେ ସାପ୍ତାହିକ ଗୀତଟି ଲେଖା ଯାଇଥିବ ।
- ଶିକ୍ଷକ ଅଭିନୟ ସହ ଆବୃତ୍ତି କରିବେ, ଶିକ୍ଷାର୍ଥୀମାନେ ଅନୁକରଣ କରିବେ ।

**ନିମ୍ନ ପ୍ରଶ୍ନଗୁଡ଼ିକ ସହାୟତାରେ ଆଲୋଚନା କରାଯିବ ।**

- ରବିବାର ପରେ କେଉଁ ବାର ଆସେ ?
- ମଙ୍ଗଳବାର ପରେ କେଉଁ ବାର ଆସେ ?
- ଶନିବାର ପୂର୍ବରୁ କେଉଁ ବାର ପଡ଼େ ? ଇତ୍ୟାଦି

**କାର୍ଯ୍ୟ-୨ (ବାରମାସ)**

- ଚ୍ରାଁସିଟ୍‌ରେ ବାରମାସ ଗୀତଟି ଲେଖା ଯାଇଥିବ ।
- ଶିକ୍ଷକ ଅଭିନୟ ସହ ଆବୃତ୍ତି କରିବେ, ଶିକ୍ଷାର୍ଥୀମାନେ ଅନୁକରଣ କରିବେ ।

ପ୍ରଶ୍ନ

କେଉଁଟି ବର୍ଷର ଶେଷ ମାସ ?

କେଉଁଟି ବର୍ଷର ଆରମ୍ଭ ମାସ ?

ମାସଗୁଡ଼ିକର ନାମ କ୍ରମ ଅନୁଯାୟୀ କୁହ ।

**ସଂକ୍ଷେପଣ** – ସପ୍ତାହର ସାତ ଦିନ ନାମ ଓ ବର୍ଷକର ବାରମାସର ନାମ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁ ।

**ଆବଶ୍ୟକ ସାମଗ୍ରୀ** – ଚିତ୍ର ଚ୍ରାଁସିଟ୍ ଓ ଗୀତ ଲେଖାଯାଇଥିବା ଚ୍ରାଂ ସିଟ ।

## 'ସପ୍ତାହ' ଗୀତ

ରବିବାରେ ମାଙ୍କଡ଼ ଏକ – ଗାଁରେ ଗଲା ପଶି ।
ସୋମବାରେ କୁନି ଘର – ଚାଳେ ବସିଲା ଆସି ।
ମଙ୍ଗଳବାରେ ମାଙ୍କଡ଼ର – ସାହସ ଗଲା ବଢ଼ି ।
ବୁଧବାରେ ଦାନ୍ତ ଦେଖାଇ – ପିଲାଙ୍କୁ ଦେଲା ତଡ଼ି ।
ଗୁରୁବାରେ ମାଙ୍କଡ଼ ଯେ – କଲା ଉତ୍ପାତ
ଶୁକ୍ରବାରେ କୁନି ଘରେ – ବସି ଖାଇଲା ଭାତ
ଶନିବାରେ ଲୋକମାନେ – ମାଙ୍କଡ଼କୁ ଧରି,
ବଣ ଭିତରେ ନେଇ ଛାଡ଼ିଲେ ତାକୁ ବାନ୍ଧି କରି ।

## ବାରମାସ ଗୀତ

## ଅଭିନୟ ସଂଗୀତ 'ପବନ ବହେ ଥିରି ଥିରି'

ପବନ ବହେ ଥିରି ଥିରି – ପ୍ରଥମ ମାସ ଜାନୁଆରୀ
ଝରଣା ବହେ ଝରି ଝରି – ଦ୍ୱିତୀୟ ମାସ ଫେବ୍ରୁଆରୀ
କର ନାହିଁ ତୁମେ ବାଜେ ଖର୍ଚ୍ଚ – ତୃତୀୟ ମାସଟି ଅଟେ ମାର୍ଚ୍ଚ
ପୂଜାରେ ସହର ଝିଲିମିଲି – ଚତୁର୍ଥମାସ ଅଟେ ଏପ୍ରିଲ
ମେଣ୍ଢା ବୋବାଏ ମେଁ ମେଁ – ପଞ୍ଚମ ମାସ ଅଟେ ଯେ ମେ
ପାଠରେ ଦିଅ ତୁମେ ମନ – ଷଷ୍ଠ ମାସଟି ଜୁନ୍
ପାଠ ପଢ଼ ମନ ଲଗାଇ – ସପ୍ତମ ମାସ ଯେ ଜୁଲାଇ
କାହା ମନରେ ନ ଦିଅ କଷ୍ଟ – ଅଷ୍ଟମ ମାସଟି ଅଟେ ଅଗଷ୍ଟ
କାମରେ ନହୁଅ ତରତର – ନବମମାସ ଯେ ସେପ୍ଟେମ୍ବର
ବୁଢ଼ାଟି ଥରେ ଥରଥର – ଦଶମ ମାସଟି ଅକ୍ଟୋବର
ବଗପକ୍ଷୀ ଧୋବ ଫରଫର – ଏକାଦଶ ମାସ ନଭେମ୍ବର
ସୁନା ହଳଦୀ ଗରଗର – ଦ୍ୱାଦଶ ମାସଟି ଡିସେମ୍ବର

# ଓଡ଼ିଆ ମାସ

## ଅଭିନୟ ସଂଗୀତ 'ବଇଶାଖ ଟାଣ ଖରା'

ବଇଶାଖ ଟାଣ ଖରା – ଲାଗେ ପିନ୍‌ପିନ୍

ଆଇସକ୍ରିମ ଡାକ ଦିଏ – ମୋତେ କିଣ୍‌କିଣ୍

ଜ୍ୟେଷ୍ଠରେ ଝିଙ୍କାରି ଡାକେ – ଚାଷୀ ଶୁଣ୍‌ଶୁଣ୍

ଯୋଗ ଦେଖି ପାଗ ଦେଖି – ଧାନ ବୁଣ୍‌ବୁଣ୍

ଆଷାଢ଼ରେ ନୂଆ ପାଣି – ପଡେ ଝର୍‌ଝର୍

ଶ୍ରାବଣରେ ଚାଷ କାମ – ଲାଗେ ତର୍‌ତର୍

ଭାଦ୍ରବରେ ଗାଁ ଦାଣ୍ଡ – କାଦୁଅରେ ପଚପଚ

ଆଶ୍ୱିନରେ ଆକାଶଟା – ନେଳି ମଟମଟ

କାର୍ତ୍ତିକରେ ହୁଏ ପୂଜା – ବାଣ ଠୋଠୋ

ମାର୍ଗଶିରେ ଚାଷୀ ଆଣେ – ଧାନ ଗଦାଗଦା

ପୌଷରେ ଭାରି ଶୀତ – ଦାନ୍ତ ଠକ୍‌ଠକ୍

ମାଘ ମାସେ ଅଗିଜଳା – ନିଆଁ ଧପ୍‌ଧପ୍

ଫାଲଗୁନରେ ଆମ୍ବ କଷି – ବାସେ ମହମହ

ଚୈତ୍ରରେ ମଲ୍ଲିଫୁଲ – ଧୋବ ଫର୍‌ଫର୍

ବେଙ୍ଗ କହେ ବେଙ୍ଗୁଲୀଲୋ – ଡେଇଁ ଫକ୍‌ଫକ୍

ବାର ମାସେ ବାରନାମ – ମନେ ରଖରଖ ।

# ପରିଶିଷ୍ଟ

# ମାସ ଅନୁଯାୟୀ ମାନ ନିର୍ଦ୍ଧାରଣ ଫର୍ଦ୍ଦ

(ପ୍ରତ୍ୟେକ ପିଲାର ବିଦ୍ୟାଳୟ ପ୍ରସ୍ତୁତିକୁ ମୂଲ୍ୟାୟନ କରିବା)

ପ୍ରଥମ ମାସ

ଉଦ୍ଦେଶ୍ୟ :ପିଲାଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତି ରୁଚି ଉତ୍ପନ୍ନ କରିବା ଓ ସେମାନଙ୍କୁ ବିଦ୍ୟାଳୟ ପରିବେଶ ସହ ପରିଚିତ କରାଇବା । ଯଦ୍ୱାରା ପିଲାଙ୍କ ଶିଖିବା ପ୍ରକ୍ରିୟା ଆନନ୍ଦମୟ ଓ ସହଜ ହୋଇପାରିବ ।

ନାମ : ____________________ ଲିଙ୍ଗ : ____________

ଓଜନ : ____________________ ଉଚ୍ଚତା : ____________

**ପିଲାଙ୍କ ପରିଷ୍କାର ଓ ପରିଚ୍ଛନ୍ନତା** (ପରିଷ୍କାର ପରିଚ୍ଛନ୍ନତା ବା ପରିଷ୍କାର ପରିଚ୍ଛନ୍ନତା ଅଭାବ)

ପିନ୍ଧା ପୋଷାକ: ________ ନଖ: ________ ଦାନ୍ତ: ________

ଆଖି: ________ କାନ: ________ ନାକ: ________ ଚୁଟି: ________

| | | | |
|---|---|---|---|
| • ବିଦ୍ୟାଳୟର ନୀତିନିୟମକୁ ମାନିବା ଓ ଦୈନିକ ରୁଟିନର ଅନୁସରଣ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
| • ବିଦ୍ୟାଳୟକୁ ଖୁସିରେ ଆସିବା | | | |
| • ଶିକ୍ଷକ ଓ ସାଙ୍ଗମାନଙ୍କୁ ଅଭିନନ୍ଦନ ଜଣାଇବା | | | |
| • ନିଜର ଓ ସାଙ୍ଗମାନଙ୍କର ଜିନିଷର ଯତ୍ନ ନେବା | | | |
| • ଅନ୍ୟ ପିଲାମାନଙ୍କ ସହ ନିଜ ଜିନିଷ ବାଣ୍ଟିବା | | | |
| • ଅନ୍ୟକୁ ସହାୟତା କରିବା | | | |
| • ପରିବେଶ ଓ ଅନ୍ୟମାନଙ୍କ ଯତ୍ନ ନେବା | | | |
| • ନିଜର ପାଳି ପାଇଁ ଅପେକ୍ଷା କରିବା | | | |
| • ସକ୍ରିୟ ହୋଇ ଦଳଗତ କାମରେ ଭାଗ ନେବା | | | |
| • ନିଜର ଭାବକୁ ପ୍ରକାଶ କରିବା | | | |

| | | | |
|---|---|---|---|
| • ଶିକ୍ଷଣ କାର୍ଯ୍ୟ ସମୟରେ ନିଜ ତରଫରୁ ଆଗ୍ରହର ସହକାରେ ପଦକ୍ଷେପ ନେବା | | | |
| • ନିଜେ ନାଚରେ ଭାଗ ନେବା | | | |
| • ଖେଳର ନିୟମଗୁଡ଼ିକୁ ମାନିବା ଓ ସମୟ ସାରଣୀକୁ ମାନିବା | | | |
| • ସାଧାରଣ ନିୟମଗୁଡ଼ିକୁ ଅନୁସରଣ କରିବା | | | |
| ବାହାର ଖେଳରେ ଭାଗ ନେବା | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • ନିଜକୁ ବାଲି ଓ ପାଣି ଖେଳରେ ଯୋଡ଼ିବା | | | |
| • ଶରୀରର ସନ୍ତୁଳନ ରଖିବା (ବଙ୍କ କିମ୍ବା ଜିଗ୍-ଜାଗ୍ ଲାଇନ୍, ଉପରେ ଆଗକୁ ଏବଂ ପଛୁଆ ଚାଲିବା) | | | |
| • ଆବଶ୍ୟକତା ଅନୁଯାୟୀ ଧୀର ଏବଂ ଦ୍ରୁତ ଗତିରେ ଚାଲିବା | | | |
| • ଦୁଇ ହାତରେ ବଲ ଫୋପାଡ଼ିବା ଓ ଧରିବା | | | |
| • କୌଣସି ବାଧା ବା ପ୍ରତିବନ୍ଧକକୁ ଡେଇଁ ସହଜରେ ଅତିକ୍ରମ କରିବା | | | |

| କଳା, ସୃଜନ, ଆବେଗିକ ସୂକ୍ଷ୍ମ, ମାଂସପେଶୀର ବିକାଶ | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
|---|---|---|---|
| • ବାଲିରେ ଅଙ୍କାବଙ୍କା ଗାର ଟାଣିବା | | | |
| • ଆଙ୍ଗୁଠିରେ ସହାୟତାରେ ସହଜରେ ଛାପ ଦେବା | | | |
| • ପ୍ଲାଷ୍ଟିକର ମୋଟିଗୁଡ଼ିକ ରଙ୍ଗ ଓ କ୍ରମ ଅନୁସାରେ ସଜାଇବା | | | |
| • ସହଜରେ ଚିତ୍ର ଆଙ୍କିବା | | | |
| • କାଗଜ ଚିରିବା ଓ ଲଗାଇବା | | | |
| • ୩ଟି ଠୁ ୫ଟି ପ୍ରତିକୃତି ତିଆରି କରିବା | | | |
| ସଂଖ୍ୟାଜ୍ଞାନ ଓ ପରିବେଶ ଜ୍ଞାନ ସମ୍ବନ୍ଧୀୟ ସଚେତନତା | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • ପରିବେଶରେ ଜିନିଷଗୁଡ଼ିକ ଅନୁସନ୍ଧାନ କରିବାର କୌତୂହଳ ଦେଖାଇବା | | | |
| • ବସ୍ତୁଗୁଡ଼ିକୁ ନିଜର ଇନ୍ଦ୍ରିୟ ସହାୟତାରେ ଚିହ୍ନିବା (ବାସ୍ନା, ସ୍ପର୍ଶ, ଶ୍ରବଣ, ସ୍ୱାଦ ଓ ଦୃଷ୍ଟି) | | | |
| • ଜିନିଷଗୁଡ଼ିକୁ କୌଣସି ଏକ ଗୁଣ ଆଧାରରେ (ଆକାର, ରଙ୍ଗ ଓ ଆକୃତି ଅନୁସାରେ ସଜେଇବା) | | | |
| • ଦୁଇଟି ଚିତ୍ର ଭିତରେ ଥିବା ପ୍ରଭେଦକୁ ଜାଣିବା | | | |

| | | | |
|---|---|---|---|
| • ସାଧାରଣ ରଙ୍ଗଗୁଡ଼ିକୁ ଚିହ୍ନିବା, ସମାନ ରଙ୍ଗକୁ ମେଳ କରିବା, ନାମ କହିବା ଓ ସଜେଇବା | | | |
| • ଅଂଶ ଓ ସଂପୂର୍ଣ୍ଣ ଅଂଶର ଧାରଣାକୁ | | | |
| • ଶୂନର ଧାରଣାକୁ ବୁଝିପାରିବା | | | |
| ମୌଖିକ ଅଭିବ୍ୟକ୍ତି | କ୍ୱଚିତ | ବେଳେ ବେଳେ | ସବୁବେଳେ |
| • ପିଲା ଓ ବଡ଼ମାନଙ୍କ ସହ ଭଲଭାବରେ / ମୁକ୍ତ ଭାବେ କଥାବାର୍ତ୍ତା ହେବା | | | |
| • କଥାବାର୍ତ୍ତା ଅଥବା ଠାର ଦ୍ୱାରା ନିଜର ଭାବନା, ଆବଶ୍ୟକତା ଓ ଆଗ୍ରହକୁ ଦର୍ଶାଇବା | | | |
| • ପୂରା ବାକ୍ୟରେ ନିଜର କଥାକୁ ସ୍ପଷ୍ଟ ଭାବେ କହି ପାରିବା | | | |
| • ଗଳ୍ପ ଓ କବିତାକୁ ମନ ଦେଇ ଶୁଣିବା | | | |
| • ଗୀତ ଗାଇବା ଉପଭୋଗ କରିବା | | | |
| ପ୍ରାକ-ପଠନ ଦକ୍ଷତାକୁ ପ୍ରଦର୍ଶନ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
| • ଚିତ୍ର, ବହି ଓ ଅନ୍ୟାନ୍ୟ ଛାପାଲେଖା ସାମଗ୍ରୀ ସହ ଯୋଡ଼ି ହେବା ଓ ସେଗୁଡ଼ିକୁ ନେଇ କାମ କରିବା | | | |
| • ମନଧ୍ୟାନ ଦେଇ ଗଳ୍ପ ଓ କବିତା ଶୁଣିବା | | | |

| | | | |
|---|---|---|---|
| • ଚିତ୍ର ଦେଖି ସେଥିରେ ଥିବା ଜିନିଷର ନାମ କହିପାରିବା | | | |
| • ବାକ୍ୟରେ ଶବ୍ଦକୁ ଚିହ୍ନି ପାରିବା | | | |
| • ସମତାନ ଶବ୍ଦକୁ ଚିହ୍ନିପାରିବା | | | |
| ପ୍ରାକ୍-ଲିଖନ ଦକ୍ଷତାକୁ ପ୍ରଦର୍ଶନ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
| • ପେନ୍‌ସିଲକୁ ଠିକ୍ ଭାବେ ଧରିବା | | | |
| • ବାଲି ଓ ଶୂନ୍ୟରେ ଲେଖିବା / ଟ୍ରେସିଂ କରିବା | | | |
| • ପରିସ୍ଥିତି, ଘଟଣା, ଭାବନା ଆଦିକୁ ଆଙ୍କିକି ଜଣାଇବା | | | |

କଥନରେ ଯଦି କୌଣସି ଅସୁବିଧା ଅଛି ହଁ / ନାହିଁ

ପିଲାର ଅନନ୍ୟତା / ଅସାଧାରଣତା :

ବିଶେଷ ଆଗ୍ରହ :

ଶିଶୁର ପ୍ରତିଭା :

ଉପସ୍ଥାନ (ନିୟମିତ) ହଁ / ନା ସମୟାନୁବର୍ତ୍ତୀ / ହଁ : ନା

ସାଧାରଣ ଟିପ୍ପଣୀ :

ଶିକ୍ଷକଙ୍କ ସ୍ୱାକ୍ଷର ଓ ଦିନାଙ୍କ :

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ :

## ଦ୍ୱିତୀୟ ମାସ

ଉଦ୍ଦେଶ୍ୟ : ପିଲାଙ୍କ ମଧ୍ୟରେ ମୌଳିକ ଶିକ୍ଷଣର କୌଶଳ ବିକାଶ କରିବା ।

ନାମ : ______________________ ଲିଙ୍ଗ : ______________

ଓଜନ : ______________________ ଉଚ୍ଚତା : ______________

**ପିଲାଙ୍କ ପରିଷ୍କାର ଓ ପରିଚ୍ଛନ୍ନତା** (ପରିଷ୍କାର ପରିଚ୍ଛନ୍ନତା ବା ପରିଷ୍କାର ପରିଚ୍ଛନ୍ନତା ଅଭାବ)

ପିନ୍ଧା ପୋଷାକ ________ ନଖ: ________ ଦାନ୍ତ: ________

ଆଖି: ________ କାନ: ________ ନାକ: ________ କେଶ: ________

| ବିଦ୍ୟାଳୟର ନୀତିନିୟମକୁ ମାନିବା ଓ ଦୈନିକ ରୁଟିନର ଅନୁସରଣ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
|---|---|---|---|
| • ଠିକ୍ ଭାବରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ରକ୍ଷା କରିବା | | | |
| • ଭଲ ଖାଇବା ଅଭ୍ୟାସ ବଜାୟ ରଖିବା | | | |
| • ସୁସ୍ଥ ଓ ସ୍ୱଚ୍ଛତାର ଅଭ୍ୟାସକୁ ଅନୁସରଣ କରିବା | | | |
| • ଦଳଗତ କାର୍ଯ୍ୟରେ ସକ୍ରିୟ ଭାବରେ ଭାଗ ନେବା | | | |
| • ଶିକ୍ଷଣ କାର୍ଯ୍ୟ ସମୟରେ ନିଜ ଆଡୁ ଆଗ୍ରହ ଦେଖାଇବା | | | |
| • ପରିସ୍ଥିତି ଅନୁଯାୟୀ ନିଜର ଭାବନାକୁ ପରିପ୍ରକାଶ କରିବା | | | |
| • ଅନ୍ୟର ଭାବନାକୁ ବୁଝିବା ଏହା ସହିତ ଗଳ୍ପ ଓ କବିତାରେ ଥିବା ଭାବନାକୁ ବୁଝିବା | | | |
| • ଅନ୍ୟ ସହ ଥିବା ସାମାଜିକ ସମ୍ପର୍କକୁ ବୁଝିବା | | | |
| • ଖେଳର ନିୟମକୁ ଅନୁସରଣ କରିବା | | | |
| • ଶ୍ରେଣୀଗୃହର ନିୟମକୁ ଅନୁସରଣ କରିବା ଓ ସମୟ ସାରଣୀକୁ ପାଳନ କରିବା | | | |
| • ଏକାସାଙ୍ଗରେ ବହୁ ନିର୍ଦ୍ଦେଶକୁ ପାଳନ କରିବା | | | |
| • ଶ୍ରେଣୀ ଗୃହ ଦାୟିତ୍ୱ ଏବଂ ଶିକ୍ଷଣ କାର୍ଯ୍ୟ କରିବାରେ ସ୍ୱାଧୀନତା ପ୍ରଦର୍ଶନ କରିବା | | | |
| • କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଧ୍ୟାନ ଓ ସ୍ଥିରତା ଦେଖାଏ ନୃତ୍ୟ ଏବଂ ଅଭିନୟରେ ନିଜକୁ ଅନ୍ତର୍ଭୁକ୍ତ କରିବା | | | |

| ବାହାରର ଖେଳରେ ଭାଗନେବା | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
|---|---|---|---|
| • ଗୋଟେ ନିର୍ଦ୍ଦିଷ୍ଟ ଦିଗକୁ ବଲ୍ ପକାଇବା | | | |
| • ଅଳ୍ପ ଦୂରରୁ ବଲକୁ ଧରିବା | | | |
| • ବାଲି ଓ ପାଣିରେ ଖେଳିବାକୁ ଆଗ୍ରହ ଦେଖାଇବା | | | |
| • ନିର୍ଦ୍ଦିଷ୍ଟ ଦିଗକୁ ବା ଲକ୍ଷ୍ୟ ଆଡ଼କୁ ବଲ୍ ପକାଇବା | | | |
| • ଯୋଗ ଓ ନାଚରେ ନିଜର ଆଗ୍ରହ ଦେଖାଇବା | | | |
| • ଆଗକୁ ପଛକୁ ଡେଇଁବା | | | |
| • ସହଜରେ ଗୁରୁଣ୍ଡିବା | | | |
| ସୃଜନଶୀଳ / ସୌନ୍ଦର୍ଯ୍ୟ ପାଇଁ କଳା କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ସୂକ୍ଷ୍ମ ମାଂସପେଶୀର ବିକାଶ | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • କାଗଜ ଭାଙ୍ଗିବା ଓ କାଗଜରେ କାମ କରିବା (ଅରିଗାମୀ ଭଳି କାମ କରିବା) | | | |
| • କାଗଜ ଖଣ୍ଡ କରିବା ଓ ଲଗାଇବା | | | |
| • ସୂକ୍ଷ୍ମ ବିବରଣୀ ସହିତ ଚିତ୍ର ଆଙ୍କିଥାଏ | | | |
| • ଅଳ୍ପ ଜାଗାରେ ବା ଚିତ୍ରର ଛୋଟ ଛୋଟ ସ୍ଥାନରେ ରଙ୍ଗ ଦେବା | | | |
| • ମୋଟା ତୁଳୀ ବ୍ୟବହାର କରି ରଙ୍ଗ ଦେବା | | | |
| • ବ୍ଲକ ଓ ଆଙ୍ଗୁଠି ବ୍ୟବହାର କରି ଛାପା କାମ କରିବା | | | |
| • ବିଭିନ୍ନ ବସ୍ତୁକୁ ନେଇ ଛାପା କାମ କରିବା | | | |
| • ଓଦା ମାଟି ଓ ଅଟାକୁ ଆକାର ଦେବା | | | |
| ସଂଖ୍ୟାଜ୍ଞାନ ଓ ପରିବେଶ ସଚେତନତା ଉପରେ ପ୍ରଦର୍ଶନ | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • ବିଭିନ୍ନ ବସ୍ତୁର ଲମ୍ବକୁ ତୁଳନା କରିବା | | | |
| • ମାର୍ଗଦର୍ଶନ ସହିତ ସରଳ ପ୍ରାକୃତିକ ଘଟଣାକୁ ନିରୀକ୍ଷଣ / ଅନୁସନ୍ଧାନ କରେ | | | |

| | | | |
|---|---|---|---|
| • ଏକରୁ ଅଧିକ ବସ୍ତୁଗୁଡ଼ିକ ଆକୃତି, ଆଧାର, ରଙ୍ଗ ଓ ଆକାର ଅନୁସାରେ ସଜାଡ଼ିବା | | | |
| • ବସ୍ତୁକୁ ଆକାର, ଲମ୍ବ ଓ ଉଚ୍ଚତା ଆକାରରେ ସଜେଇବା | | | |
| • ପାର୍ଟନକୁ ଜାଣିବା ଓ ସଜାଡ଼ିବା | | | |
| • ୨-୪ ପ୍ରତିବନ୍ଧକ ବା ବାଧା ଥିବା ମେଜ୍ କାର୍ଯ୍ୟକୁ କରିବା | | | |
| • ନାମ ଓ ଆକୃତି ଚିହ୍ନଟ (ବୃତ୍ତ, ବର୍ଗ, ତ୍ରିକୋଣ ଓ ଆୟତକ୍ଷେତ୍ର) କରିବା | | | |
| • ୨ ରୁ ୪ ପ୍ରତିବନ୍ଧକ ସହିତ ଜଟିଳ ମେଜ୍ ସମାଧାନ କରିବା | | | |
| • ଭୁଲ୍ କିମ୍ବା ହଜିଯାଇଥିବା ଅଂଶଗୁଡ଼ିକ ଚିହ୍ନଟ କରିବା | | | |
| • ଦୈର୍ଘ୍ୟ ଏବଂ ଉଚ୍ଚତା ଆଧାର କରି ବସ୍ତୁଗୁଡ଼ିକ ସଜାଡ଼ିବା | | | |
| • ସ୍ୱାଧୀନ ଭାବରେ ସରଳ ଅଣ-ମାନକ ପରିମାପ କାମ କରିପାରିବା | | | |
| • ଛୋଟ, ଲମ୍ବା, ବଡ଼, ଭାରି ଏବଂ ହାଲୁକା ପରି ଶବ୍ଦ ବ୍ୟବହାର କରିପାରିବା । | | | |
| • ଅନ୍ୟ ସହ ଥିବା ସାମାଜିକ ସମ୍ପର୍କକୁ ଜାଣିବା | | | |
| • ପରିସ୍ଥିତି ଅନୁଯାୟୀ ନିଜ ଭାବ ପରିପ୍ରକାଶ କରିବା | | | |
| • ନିଜର ସାଙ୍ଗ, ଘଟଣା ଓ ପର୍ବପର୍ବାଣି ଉପରେ କହି ପାରିବା | | | |
| • ସ୍ପର୍ଶ କରି ବସ୍ତୁକୁ ଓ ତାହାର ଗଠନ ଜାଣି ପାରିବା ସମସ୍ୟାକୁ ଜାଣିବା ଓ ସମାଧାନ କରିପାରିବା | | | |
| ମୌଖିକ ଅଭିବ୍ୟକ୍ତିର ପ୍ରଦର୍ଶନ | କ୍ୱଚିତ | ବେଳେବେଳେ | ସବୁବେଳେ |
| • ଶୁଣିକି ଛୋଟଛୋଟ ବାକ୍ୟ ବା ଅନୁଚ୍ଛେଦ ବୁଝିବା ଶୁଣିଥିବା କଥା କିମ୍ବା ଚିତ୍ରକୁ ଛୋଟ ବାକ୍ୟରେ କହି ପାରିବା | | | |
| • ଶବ୍ଦାଂଶ ଚିହ୍ନିବା, ଭାଙ୍ଗିବା ଓ ଯୋଡ଼ିବା | | | |
| • ପରିଚିତ ଶବ୍ଦର ପ୍ରଥମ ଓ ଅନ୍ତିମ ଧ୍ୱନିକୁ ଜାଣିବା | | | |
| • ନିଜକୁ ସର୍ଜନାତ୍ମକ ଭାବେ ପରିପ୍ରକାଶ କରିବା | | | |
| ପ୍ରାକ୍ ପଠନ କୌଶଳର ପ୍ରଦର୍ଶନ | କ୍ୱଚିତ | ବେଳେବେଳେ | ସବୁବେଳେ |
| • ସମତାନ ଶବ୍ଦକୁ ଚିହ୍ନି ପାରିବା | | | |
| • ଧ୍ୱନି ଓ ଅକ୍ଷରର ସମ୍ବନ୍ଧକୁ ବୁଝିବା | | | |
| • ଶବ୍ଦ ପଢ଼ିବା ପାଇଁ ଚେଷ୍ଟା କରିବା | | | |

| | | | |
|---|---|---|---|
| • ଛାପାଲେଖା ସାମଗ୍ରୀର ଗୁଣ ବୁଝିବା (ଲିଖିତ ସାମଗ୍ରୀକୁ ବାମରୁ ଡାହାଣ, ଉପର ତଳକୁ ପଢ଼ିବାର ପ୍ରୟାସ କରିବା) | | | |
| ପ୍ରାକ୍ ଲିଖନ କୌଶଳର ପ୍ରଦର୍ଶନ | କ୍ୱଚିତ | ବେଳେବେଳେ | ସବୁବେଳେ |
| • ଲେଖିବା ଓ ରଙ୍ଗ ଦେବା, ଉପକରଣକୁ ଠିକ ଭାବରେ ଧରି ରଙ୍ଗ ଦେଇ ପାରିବା | | | |
| • ଲିଖନର ଉପକରଣ ବା ସରଞ୍ଜାମକୁ ଉପଯୁକ୍ତ ଭାବେ ବ୍ୟବହାର କରିବା | | | |
| • ଅନ୍ୟ ଜଣେ ଆଙ୍କିଥିବା ଚିତ୍ରକୁ ବୁଝିବା ଓ ସରଳ ଶବ୍ଦରେ ବର୍ଣ୍ଣନା କରିବା | | | |

କଥନରେ ଯଦି କୌଣସି ଅସୁବିଧା ଅଛି : ହଁ / ନା

ପିଲାର ଅନନ୍ୟତା / ଅସାଧରଣତା :

ବିଶେଷ ଆଗ୍ରହ :

ଶିଶୁର ପ୍ରତିଭା :

ଉପସ୍ଥାନ : (ନିୟମିତ) ହଁ / ନା          ସମୟାନୁବର୍ତ୍ତୀ : ହଁ / ନା

ସାଧାରଣ ଟିପ୍ପଣୀ :

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ :

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ :

## ତୃତୀୟ ମାସ

ଉଦ୍ଦେଶ୍ୟ : ପିଲାଙ୍କ ମଧ୍ୟରେ ମୌଳିକ ଶିକ୍ଷଣର କୌଶଳ ବିକାଶ କରିବା ।

ନାମ : ______________________ ଲିଙ୍ଗ : ______________

ଓଜନ : ______________________ ଉଚ୍ଚତା : ______________

**ପିଲାଙ୍କ ପରିଷ୍କାର ଓ ପରିଚ୍ଛନ୍ନତା** (ପରିଷ୍କାର ପରିଚ୍ଛନ୍ନତା ବା ପରିଷ୍କାର ପରିଚ୍ଛନ୍ନତା ଅଭାବ)

ପିନ୍ଧା ପୋଷାକ: __________ ନଖ: __________ ଦାନ୍ତ: __________

ଆଖି: __________ କାନ: __________ ନାକ: __________ ଚୁଟି: __________

| ବିଦ୍ୟାଳୟର ନୀତିନିୟମକୁ ମାନିବା ଓ ଦୈନିକ ରୁଟିନକୁ ଅନୁସରଣ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
|---|---|---|---|
| • ଭଲ ଓ ଖରାପ ସ୍ପର୍ଶକୁ ବୁଝିବା | | | |
| • ଅନ୍ୟମାନଙ୍କ ସହ ସାମାଜିକ ସମ୍ବନ୍ଧ ତିଆରି କରିବାକୁ ପ୍ରୟାସ କରିବା | | | |
| • ଶିକ୍ଷଣକାର୍ଯ୍ୟ ସହ ଯୋଡ଼ି ହେବା | | | |
| • ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଓ ନିଜକୁ ସବୁ ଜାଗାରେ ସହଜ କରିପାରିବା | | | |
| • ଭଲ ଓ ମନ୍ଦ ଭିତରେ ଥିବା ପ୍ରଭେଦକୁ ଜାଣି ପାରିବା | | | |
| • ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା | | | |
| • ଘରେ ବଡ଼, ସ୍କୁଲରେ ଶିକ୍ଷକ ଓ ସାଙ୍ଗ ପିଲାମାନଙ୍କୁ ସହାୟତା କରିବା | | | |
| • ଅନ୍ୟର ଭାବନା ଓ ଆବଶ୍ୟକତା ପ୍ରତି ସମ୍ବେଦନଶୀଳତା ଦେଖାଇବା ଓ ବିଶେଷ କରି ଭିନ୍ନକ୍ଷମ ପିଲାଙ୍କ ପ୍ରତି ଶ୍ରଦ୍ଧା ରଖିବା | | | |

| | | | |
|---|---|---|---|
| • ପରସ୍ପର ମଧ୍ୟରେ ନିଜର ଜିନିଷକୁ ବାଣ୍ଟିବା ଯାହା ଫଳରେ ପରସ୍ପର ମଧ୍ୟରେ ଭ୍ରାତୃତ୍ୱ ଏବଂ ଦଳ ପ୍ରତିବଦ୍ଧତା ବିକାଶ ହେବ । | | | |
| • ଭିନ୍ନଭିନ୍ନ ନିର୍ଦ୍ଦେଶକୁ ଅନୁସରଣ କରିବା | | | |
| • ସାମଗ୍ରୀକୁ ଠିକ ଜାଗାରେ ସଜାଇ ରଖିବା | | | |
| • ଗଛ ଓ ପଶୁମାନଙ୍କ ପ୍ରତି ଯତ୍ନବାନ ହେବା | | | |
| ବାହାରର ଖେଳରେ ଭାଗ ନେବା | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • ବଲ୍ ପକାଇ ଲକ୍ଷ୍ୟ ଭେଦ କରିବା | | | |
| • ବଲ୍ ଧରିବା | | | |
| • ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ଡେଇଁପାରିବା ଓ ଡେଇଁବା ପ୍ରତିଯୋଗିତାରେ ଭାଗ ନେବା | | | |
| • ଆତ୍ମବିଶ୍ୱାସର ସହ ପାହାଚ ଓ ଦଉଡ଼ିକୁ ଧରି ଚଢ଼ିବା | | | |
| • ଖେଳ, ନାଚ, ବ୍ୟାୟାମରେ ଭାଗ ନେବା | | | |
| • ଠିକ୍ ଜାଗାକୁ ବା ଲକ୍ଷ୍ୟ ଆଡ଼କୁ ବଲ୍ ମାରିବା | | | |
| • ଟାୟାର ଓ ଡ୍ରମ୍‌କୁ ଟାଣିବା | | | |
| • ସହଜରେ ବଲକୁ ଚଟାଣରେ ପିଟି ଉଠାଇ ପାରିବା | | | |
| • ଯୋଗ, ବ୍ୟାୟାମ ଓ ନାଚ ପ୍ରତି ଆଗ୍ରହ ଦେଖାଇବା | | | |

| ସୃଜନଶୀଳ / ସୌନ୍ଦର୍ଯ୍ୟ ପାଇଁ କଳା କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ସୂକ୍ଷ୍ମ ମାଂସପେଶୀର ବିକାଶ ଦରକାର | ସମ୍ପୂର୍ଣ୍ଣ ସହାୟତା ମଧ୍ୟ କାର୍ଯ୍ୟ କରିପାରିବା | କିଛି ସମସ୍ୟା ସମ୍ମୁଖୀନ ହେଲେ କରିପାରିବା | ନିଜେ ସ୍ୱାଧୀନ ଭାବେ |
|---|---|---|---|
| • ସରଳ ଚିତ୍ର ଅଙ୍କନ କରିବା | | | |
| • ଧାଡ଼ିରେ ଥିବା ଚିତ୍ରକୁ ରଙ୍ଗ ଦେବା | | | |
| • ବସ୍ତୁଗୁଡ଼ିକ ଠିକ୍ ଭାବରେ ଚିହ୍ନି ପାରିବା | | | |
| • ଚିତ୍ରକୁ କଇଁଚି ବ୍ୟବହାର କରି କାଟିବା ଓ ସେସବୁକୁ ଲଗାଇବା | | | |
| • ଆଙ୍ଗୁଳି ଦ୍ୱାରା ଛାପା କାର୍ଯ୍ୟ କରିବା | | | |
| • ବିନ୍ଦୁ ଯୋଡ଼ିବା ଓ ରଙ୍ଗ ଦେବା | | | |
| • କୋଲାଜ କାମ କରିବା | | | |
| • ସୂତା ଓ ଲେସ ବ୍ୟବହାର କରି ଅଲଗା ଅଲଗା ପ୍ୟାଟର୍ନ ତିଆରି କରିବା | | | |
| ସଂଖ୍ୟା ଓ ପରିବେଶ ସମ୍ବନ୍ଧୀୟ ଦକ୍ଷତା ଉପରେ ଆଗ୍ରହ ଦେଖାଇବା | ସମ୍ପୂର୍ଣ୍ଣ ସହାୟତା ଦରକାର | କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା | ନିଜେ ସ୍ୱାଧୀନ ଭାବେ କରିପାରିବା |
| • ନିରୀକ୍ଷଣ କରିବା, ଖୋଜିବା, ଓ ପ୍ରାକୃତିକ ଘଟଣାଗୁଡ଼ିକ ବର୍ଣ୍ଣନା କରିବା | | | |
| • ୧ ଠାରୁ ୧୦ ଯାଏ କ୍ରମ ଅନୁସାରେ ଗଣିବା | | | |
| • ୧ରୁ ୧୦ ଯାଏ ବଢୁଥିବା କ୍ରମକୁ ବୁଝିବା | | | |
| • ୧ ଠାରୁ ୧୦ ଯାଏ ସଂଖ୍ୟା ଆଗକୁ ଆଗକୁ ଗଣିବା | | | |
| • ଏକାଠି ରଖା ହୋଇଥିବା ସାମଗ୍ରୀରେ ଅଳ୍ପ ଓ ବହୁତକୁ ଜାଣିପାରିବା | | | |
| • ବୋତାମ ଓ ଅନ୍ୟ ସାମଗ୍ରୀ ବ୍ୟବହାର କରି ସଂଖ୍ୟାର ଆକାର ତିଆରି କରିବା | | | |
| • ୧ ରୁ ୧୦ ଯାଏ ଲେଖିବା | | | |
| • ଗୋଟିଏ ପ୍ୟାଟର୍ନକୁ ଆଗକୁ ବଢ଼ାଇବା ଓ ନୂଆ ପ୍ୟାଟର୍ନକୁ ସୃଷ୍ଟି କରିବା | | | |
| • ଜଟିଳ ପ୍ରହେଳି ବା ମେଜକୁ ସମାଧାନ କରିବା | | | |

| | | | |
|---|---|---|---|
| • ବସ୍ତୁ ଓ ଘଟଣାକୁ ଠିକ ଭାବରେ ସଜାଇବା ଓ ତାହାକୁ ଠିକ ଭାବରେ କହିପାରିବା | | | |
| • କୌଣସି ପରୀକ୍ଷଣରେ ଆଗ୍ରହର ସହ ଭାଗ ନେବା | | | |
| • ମାର୍ଗଦର୍ଶନ ସହ କୌଣସି ଘଟଣାକୁ ଖୋଜିବା କିମ୍ବା ସେସବୁକୁ ନିରୀକ୍ଷଣ କରିବା | | | |
| • ପର୍ବପର୍ବାଣିରେ ଆଗ୍ରହର ସହ ଭାଗ ନେବା | | | |
| • ଗଛର ବିଭିନ୍ନ ଅଂଶ ସହ ଗଛ ବଢ଼ିବା ପାଇଁ କଣ ସବୁ ଦରକାର ହେଉଛି ତାହାକୁ ବୁଝିପାରିବା | | | |
| • ଫଳ ଓ ପନିପରିବା ରଙ୍ଗ, ଆକାର, ଓ ସ୍ୱାଦ ଚିହ୍ନି ପାରିବା | | | |
| • ଗୃହପାଳିତ ବନ୍ୟଜନ୍ତୁକୁ ଅଲଗା କରିପାରିବା ଓ ସେମାନଙ୍କ ମଧ୍ୟରେ ଥିବା ପ୍ରଭେଦକୁ କହିପାରିବା | | | |
| • ଦିନ ଓ ରାତି ଭିତରେ ଥିବା ଅନ୍ତରକୁ ଜାଣି ପାରିବା | | | |
| **ମୌଖିକ ଅଭିବ୍ୟକ୍ତିର ପରିପ୍ରକାଶ** | **କ୍ୱଚିତ** | **ବେଳେ ବେଳେ** | **ସବୁବେଳେ** |
| • ଶୁଣିକରି ବୁଝିବା ଓ ପ୍ରଶ୍ନର ଉତ୍ତର ଦେବା | | | |
| • ଶୁଣିଥିବା କଥା ବା କାହାଣୀକୁ ବାକ୍ୟରେ ଭଲ ଭାବେ ବର୍ଣ୍ଣନା କରି କହିବା | | | |
| • ଅର୍ଥପୂର୍ଣ୍ଣ ଆଲୋଚନାରେ ଭାଗ ନେବା | | | |
| • ଶବ୍ଦର ଆରମ୍ଭ, ମଝି ଓ ଶେଷ ଧ୍ୱନିକୁ ଜାଣି ପାରିବା | | | |
| • ପ୍ରଶ୍ନର ଉତ୍ତର ଦେବା ଓ ପ୍ରଶ୍ନ ପଚାରିବା | | | |
| **ପ୍ରାକ ପଠନର ପ୍ରଦର୍ଶନ** | **କ୍ୱଚିତ୍** | **ବେଳେ ବେଳେ** | **ସବୁବେଳେ** |
| • ପାଠରେ ଥିବା ପୂର୍ଣ୍ଣଚ୍ଛେଦ ଓ କମାକୁ ଜାଣି ପାରିବା | | | |
| • ସରଳ ପୂର୍ଣ୍ଣବାକ୍ୟକୁ ସ୍ୱାଧୀନ ଭାବେ ପଢ଼ି ପାରିବା | | | |

| | | | |
|---|---|---|---|
| • ଏକ ପରିଚିତ କାହାଣୀକୁ ଆରମ୍ଭ, ମଝି ଓ ଶେଷ ଅଂଶକୁ ଘଟଣା କ୍ରମରେ ଠିକରେ କହିପାରିବା | | | |
| • ପଠନ କୋଣରୁ ବହି ଚୟନ କରିବା | | | |
| • ଅର୍ଥପୂର୍ଣ୍ଣ ଶବ୍ଦ ଓ ଚିତ୍ରକୁ ବୁଝି ପାରିବା | | | |
| ପ୍ରାକ ଲିଖନର ପରିପ୍ରକାଶ | କ୍ୱଚିତ୍ | ବେଳେବେଳେ | ସବୁବେଳେ |
| • ନିଜର ଭାବକୁ ଶବ୍ଦ ଓ ଚିତ୍ର ମାଧ୍ୟମରେ ପ୍ରକାଶ କରିବା | | | |
| • ଅକ୍ଷର ଓ ସଂଖ୍ୟା ଲେଖିବା ପାଇଁ ଚେଷ୍ଟା କରିବା | | | |
| • ଚିତ୍ର ମାଧ୍ୟମରେ ଅର୍ଥ ଜଣାଇବା ପାଇଁ ସହଜରେ ବିଭିନ୍ନ ଉପକରଣ ବ୍ୟବହାର କରିବା | | | |

କଥନରେ ଯଦି କୌଣସି ଅସୁବିଧା ଅଛି : ହଁ / ନା

ପିଲାର ଅନନ୍ୟତା / ଅସାଧରଣତା :

ବିଶେଷ ଆଗ୍ରହ :

ଶିଶୁର ପ୍ରତିଭା :

ଉପସ୍ଥାନ : (ନିୟମିତ) ହଁ / ନା ସମୟାନୁବର୍ତ୍ତୀ : ହଁ / ନାଁ

ସାଧାରଣ ଟିପ୍ପଣୀ :

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ :

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ :